ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଜୁନ୍ ୨୩/୨୦୧୯ (୨୦ ପୃଷ୍ଠା) | Bhubaneswar, Sunday, June 23/2019 | (ଛୁଟିଦିନ ସହ) | ★★★★★★

୪୫ଶ ଭାଗ ୨୦୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-

ଗୁରଜିତ୍‌ଙ୍କ ଡବଲ ଗୋଲ୍

ଗୁରଜିତ୍ କୌର୍‌ଙ୍କ ଡବଲ ଗୋଲ ସହାୟତାରେ ଚିଲିକୁ ପରାସ୍ତ କରି ଭାରତ ମହିଳା ହକି ଅଲିମ୍ପିକ କ୍ୱାଲିଫାୟର୍ସ ଫାଇନାଲ ରାଉଣ୍ଡକୁ ଉନ୍ନୀତ ହୋଇଛି।

୧୯

୧୪

'କବିର ସିଂ'ରେ ଶାହିଦଙ୍କୁ ବଡ଼ ସଫଳତା

'କବିର ସିଂ' ରିଲିଜର ପ୍ରଥମ ଦିନରେ ହିଁ ୨୦କୋଟି ଅର୍ଜନ କରିଛି। ଏହାର ଅଭିନେତା ଶାହିଦ କପୁର ନିଜ କ୍ୟାରିୟରରେ ସବୁଠୁ ବଡ଼ ସଫଳତା ଅର୍ଜନ କରିପାରିଛନ୍ତି।

- ୯.୫ ଓଭର
- ୪୦ ରନ୍
- ୪ ଉଇକେଟ

ସାମିଙ୍କୁ ହ୍ୟାଟ୍ରିକ୍ ଉଇକେଟ୍

ଭାରତ ବିଜୟୀ

ସାଉଥାମ୍ପଟନ,୨୨।୬(ପି.ଟି.)

ଆଇସିସି ବିଶ୍ୱକପ୍‌ରେ ଶନିବାର ଖେଳାଯାଇଥିବା ଆଫଗାନିସ୍ତାନ ବିପକ୍ଷ ଲୋ ସ୍କୋରିଂ ମ୍ୟାଚ୍‌ରେ ଭାରତ ସଂଘର୍ଷ କରି ୧୧ ରନରେ ବିଜୟୀ ହୋଇଛି। ଭାରତୀୟ ଦ୍ରୁତ ବୋଲର ମହମ୍ମଦ ସାମି ଆଫଗାନିସ୍ତାନର ଅନ୍ତିମ ୩ଟି ଉଇକେଟ କ୍ରମାଗତ ୩ଟି ବଲ୍‌ରେ ଅକ୍ତିଆର କରି ହ୍ୟାଟ୍ରିକ ଅର୍ଜନ କରିବା ସହ ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି। ଏହି ବିଜୟ ସହ ଭାରତ ୫ଟି ମ୍ୟାଚ୍ ଖେଳି ୪ଟି ବିଜୟ ଓ ଗୋଟିଏ ବିନା ଫଳାଫଳ ସହ ୯ ପଏଣ୍ଟ ପାଇ ତାଲିକାର ତୃତୀୟ ସ୍ଥାନକୁ ଉଠିଛି। ତେବେ ତାରକା ଦ୍ରୁତ ବୋଲର ଯଶପ୍ରୀତ ବୁମ୍‌ରା ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ଦୁର୍ବଳ ବ୍ୟାଟିଂ କରି ଭାରତ ୫୦ ଓଭରରେ ୮ ଉଇକେଟ ହରାଇ ୨୨୪ ରନରେ ସୀମିତ ରହିଥିଲା। ଜବାବରେ ଆଫଗାନିସ୍ତାନ ୪୯.୫ ଓଭରରେ ୨୧୩ ରନ କରି ଅଲଆଉଟ ହୋଇଯାଇଥିଲା। ଭାରତ ଅଧିନାୟକ କୋହଲି ଦମ୍‌ଦାର ବ୍ୟାଟିଂ କରି ୬୩ ବଲରୁ ୫ ଚୌକା ସହ ୬୭ ରନ କରିଥିଲେ। ଏହି କ୍ରମରେ କୋହଲି ଏକ ରେକର୍ଡର ସମକକ୍ଷ ହୋଇଛନ୍ତି। ବିଶ୍ୱକପ୍‌ରେ ସେ ଦ୍ୱିତୀୟ ଭାରତୀୟ ଅଧିନାୟକ ଭାବେ କ୍ରମାଗତ ୩ଟି ଅର୍ଦ୍ଧଶତକ ହାସଲ କରି ପୂର୍ବତନ ଅଧିନାୟକ ମହମ୍ମଦ ଆଜାରୁଦ୍ଦିନଙ୍କ ରେକର୍ଡର ସମକକ୍ଷ ହୋଇଛନ୍ତି। କୋହଲି ଏଥିସହିତ କ୍ୟାରିୟରର ୫୨ତମ ଦିନିକିଆ ଅର୍ଦ୍ଧଶତକ ଅର୍ଜନ କରିଛନ୍ତି। ବିଶ୍ୱକପ୍‌ର ପ୍ରଥମ ମ୍ୟାଚରେ କୋହଲି ଦକ୍ଷିଣ ଆଫ୍ରିକା ବିପକ୍ଷରେ ୧୮ ରନ କରିଥିଲେ। ପରେ ସେ ଅଷ୍ଟ୍ରେଲିଆ ବିପକ୍ଷରେ ୮୨, ପାକିସ୍ତାନ ବିପକ୍ଷରେ ୭୭ ରନ କରିଥିଲେ। (ଅଧିକ ରିପୋର୍ଟ ଖେଳ ପୃଷ୍ଠାରେ)

- ଓଡ଼ିଶାରୁ ଅଶ୍ୱିନୀ ବୈଷ୍ଣବଙ୍କ ପ୍ରାର୍ଥିତ୍ୱ

ଅସମାହିତ ପ୍ରଶ୍ନର ସମାହାର

ଭୁବନେଶ୍ୱର,୨୨।୬(ବ୍ୟୁରୋ)

ରାଜନୀତିରେ ସବୁକିଛି ସମ୍ଭବ। ଏଠି କେହି କାହାର ଚିର ଶତ୍ରୁ କିମ୍ବା ମିତ୍ର ନୁହନ୍ତି। ରାଜ୍ୟରେ ଖାଲିଥିବା ୩ଟି ରାଜ୍ୟ ସଭା ଆସନ ପ୍ରାର୍ଥୀ ଘୋଷଣା ପରେ ଏହା ପ୍ରମାଣିତ ହୋଇଥିବା କୁହାଗଲାଣି । ସଂଖ୍ୟାଗରିଷ୍ଠ ଥାଇ ବିଜେଡି ଯେଉଁଭଳି ଭାବେ ଭାଜପା ରାଜ୍ୟ ସଭା ପ୍ରାର୍ଥୀଙ୍କୁ ସମର୍ଥନ କଲା, ତାହା ରାଜ୍ୟ ରାଜନୈତିକ ମହଲରେ ଚର୍ଚ୍ଚାର କାରଣ ହୋଇଛି। ସଦ୍ୟ ସମାପ୍ତ ନିର୍ବାଚନରେ ପରସ୍ପର ବିରୋଧରେ ସର୍ବାଧିକ ରାଜନୈତିକ ଆକ୍ରମଣ କରିଥିବା ଦୁଇ ଦଳ ନିର୍ଦ୍ଦିଷ୍ଟ ପ୍ରଶାସନିକ ଅଧିକାରୀଙ୍କୁ ରାଜ୍ୟ ସଭା ପଠାଇବା ପାଇଁ ସହମତ ହେଲେ। ଏହା ଶାସକ ବିଜେଡି ମଧ୍ୟରେ ଥିବା ନେତା, କର୍ମୀ ଓ ରାଜ୍ୟ ସଭା ଆଶାୟୀଙ୍କୁ ହତୋତ୍ସାହିତ କରିଛି। ଅନୁରୂପ ଭାବେ ଏବେ ମଧ୍ୟ ମିଶନ୍-୧୨୦ ଆସନର ଲକ୍ଷ୍ୟ ରଖୁଥିବା ଭାଜପାର ତୃଣମୂଳ କର୍ମୀଙ୍କୁ ଅଶ୍ୱିନୀଙ୍କ ପ୍ରାର୍ଥୀତ୍ୱ ଅଡୁଆରେ ପକାଇଛି। ବିଜେଡିର ୧୯ ବର୍ଷର ଶାସନକୁ ସମାଲୋଚନା କରିଆସୁଥିବା ଭାଜପା ଶେଷରେ ସେହି ଦଳର ସାହାଯ୍ୟ ନେଇ ରାଜ୍ୟ ସଭା ସିଟ୍ ହାତକୁ ନେବାକୁ ଯାଉଛି। ପ୍ରଧାନମନ୍ତ୍ରୀ ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ଗୋଟିଏ ଫୋନ୍ କଲ୍‌ରେ ଯଦି ଜଣେ ପୂର୍ବ ପ୍ରଶାସକକୁ ରାଜ୍ୟ ସଭା ପଠାଯାଇପାରୁଛି। ତେବେ ଦୀର୍ଘଦିନ ଧରି ବିତର୍କରେ ରହିଥିବା ସ୍ୱତନ୍ତ୍ର ରାଜ୍ୟପାହ୍ୟା, କୋଇଲା ରୟାଲ୍‌ଟି ସଂଶୋଧନ, ମହାନଦୀ ଏବଂ ପୋଲାଭରମ୍ ପ୍ରସଙ୍ଗ ସମାଧାନ ରାସ୍ତା କାହିଁକି ବାହାରି ପାରୁନାହିଁ ବୋଲି ସାଧାରଣରେ ପ୍ରଶ୍ନ ଉଠିଲାଣି। ଏଭଳି ସ୍ଥଳେ ପାଟକୁରା ଓ ବିଜେପୁର ବିଧାନସଭା ରାଜନୈତିକ ଗୁରୁତ୍ୱ ହରାଇଥିବା ରାଜନୈତିକ ବିଶ୍ଳେଷକମାନେ ମତ ଦେଲେଣି, ଏସବୁ ପରେ ରାଜ୍ୟ ସଭା ପାଇଁ ମନୋନୀତ କରାଯାଇଥିବା ପ୍ରାର୍ଥୀ ଅଶ୍ୱିନୀ ବୈଷ୍ଣବଙ୍କ ପ୍ରାର୍ଥିତ୍ୱ ପଛରେ କର୍ପୋରେଟ ଲବି ଥିବା କୁହାଯାଉଛି।

ଅଶ୍ୱିନୀ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ବ୍ୟକ୍ତିଗତ ସଚିବ ରହିଥିଲେ। ହେଲେ ସେହି ପରିଚୟ ଯେ କେବଳ ତାଙ୍କୁ ରାଜ୍ୟ ସଭା ପର୍ଯ୍ୟନ୍ତ ପହଞ୍ଚାଇଦେଲା, ଏ କଥା ସାଧାରଣ ବୁଦ୍ଧିରେ ହଜମ ହେଉନାହିଁ। ପ୍ରଶାସନିକ ଅଧିକାରୀ ଭାବେ ପରିଚୟକୁ ବାଦ୍ ଦେଲା ପରେ ଅଶ୍ୱିନୀ ବୃହତ୍ କମ୍ପାନୀ ସହ ଜଡ଼ିତ ଥିବା ଆଲୋଚନା ହେଉଛି। ଏହି କମ୍ପାନୀ ଓଡ଼ିଶାରେ ଖଣି କାରବାର କରି ସର୍ବୋଚ୍ଚ ମୁନାଫା ଅର୍ଜନ କରୁଛି। ରାଜ୍ୟର ଖଣି ନୀତି କ'ଣ ହେବ, ତାହା ନିର୍ଦ୍ଧାରଣ କରୁଛି। ସେହିପରି ଚଳିତ ନିର୍ବାଚନରେ ଏହି କମ୍ପାନୀ ରାଜ୍ୟର ସବୁ ପ୍ରମୁଖ ରାଜନୈତିକ ଦଳକୁ ବୃହତ୍ ଆକାରର ଚାନ୍ଦା ପ୍ରଦାନ କରିଛି। ସାଧାରଣତଃ କୌଣସି ସରକାର କ୍ଷମତାକୁ ଆସିଲେ ଜନମଙ୍ଗଳକାରୀ ଯୋଜନା ଘୋଷଣା କରିଥାନ୍ତି, ଅଥବା ଦେଇଥିବା ନିର୍ବାଚନୀ ପ୍ରତିଶ୍ରୁତି ☞ ପୃଷ୍ଠା-୪

ବନ୍ଦ ହେବ ୯୬୬ ପ୍ରାଥମିକ ବିଦ୍ୟାଳୟ

୪

ଆପଣଙ୍କ ଏହି କପି ସହିତ ପାଇବେ ଛୁଟିଦିନ

ହକର ଭାଇଙ୍କଠାରୁ ମାଗି ନିଅନ୍ତୁ

୬ ଖଣି ସଂସ୍ଥାର ସମ୍ପତ୍ତି ବାଜ୍ୟାପ୍ତି ନିର୍ଦ୍ଦେଶ

ସାର୍ଟିଫିକେଟ ମାମଲାରେ ୱାରେଣ୍ଟ ଜାରି

କେନ୍ଦୁଝର, ୨୨।୬ (ସ୍ୱ.ପ୍ର.)

କେନ୍ଦୁଝର ଜିଲାରେ ବିପୁଳ ଖଣିଜ ସମ୍ପଦ ଲୁଟ କରିଥିବା ୩୧ ଖଣିର ୨୩ ଲିଜଧାରୀଙ୍କଠାରୁ ୬୩୫୦ କୋଟି ଟଙ୍କା ଜରିମାନା ଆଦାୟ ଲାଗି ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏହାମଧ୍ୟରେ ବର୍ଷାଧିକ ସମୟ ବିତିଲାଣି। କିନ୍ତୁ ସମ୍ପୃକ୍ତ ସବୁ ଖଣି ସଂସ୍ଥାଠାରୁ ମାତ୍ର ୫୨୦ କୋଟି ଟଙ୍କା ଆଦାୟ ହୋଇଛି। ଅବଶିଷ୍ଟ ଜରିମାନା ଅର୍ଥ ପୈଠ କରି ନ ଥିବା ୩୧ ଖଣି ସଂସ୍ଥା ବିରୋଧରେ କେନ୍ଦୁଝର ଜିଲାପାଳଙ୍କ କୋର୍ଟରେ ୨୦୧୮ ମେ ୨୪ ତାରିଖରୁ ସାର୍ଟିଫିକେଟ ମାମଲା ଚାଲିଛି। ଶନିବାର ଏହି ମାମଲାର ଶୁଣାଣି ବେଳେ ଜରିମାନା ଦାଖଲ କରି ନ ଥିବା ୬ ଖଣି ସଂସ୍ଥାର ସମ୍ପତ୍ତି ବାଜ୍ୟାପ୍ତି ଲାଗି ୱାରେଣ୍ଟ ଜାରି କରାଯାଇଛି। ଏସବୁ ଖଣି ସଂସ୍ଥା ହେଲେ ଏସଡି ଶର୍ମା, ବିପିଏମଇ, ବାସୁଦେବ ଅଗ୍ରୱାଲ, ବି.କେ.ମହାନ୍ତି, ବି.ଡି.ପଟ୍ଟନାୟକ ଓ ନାରାୟଣୀ ଆଣ୍ଡ ସନ୍ସ। ଅନ୍ୟ ଖଣି ସଂସ୍ଥାଗୁଡ଼ିକ ଆଗାମୀ ୭ ଦିନ ମଧ୍ୟରେ ଜରିମାନା ପୈଠ ନ କଲେ ସେମାନଙ୍କ ସମ୍ପତ୍ତି ବାଜ୍ୟାପ୍ତି ହେବ ବୋଲି କୋର୍ଟ ପକ୍ଷରୁ ଆଦେଶ ହୋଇଛି।

କେନ୍ଦୁଝର ଜିଲାରେ ମହା ଖଣି ଦୁର୍ନୀତି ପଦାକୁ ଆସିବା ପରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଶାହ କମିଶନ ଏହାର ତଦନ୍ତ କରି ରିପୋର୍ଟ ଦେଇଥିଲେ। ଏହି ରିପୋର୍ଟ ଭିତ୍ତିରେ ୩୧ ଖଣି ସଂସ୍ଥାରେ ବେଆଇନ କାର୍ଯ୍ୟ ହୋଇଥିବା ଜଣାପଡ଼ିବାରୁ ସୁପ୍ରିମକୋର୍ଟ ଜରିମାନା ଆଦାୟ ଲାଗି ନିର୍ଦ୍ଦେଶ ☞ ପୃଷ୍ଠା-୪

ଆଜିର ସମ୍ପାଦକୀୟ

ଆମେରିକା- ଇରାନ ସମ୍ପର୍କ

ଆଜିର ମନ୍ତବ୍ୟ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲୋକପ୍ରିୟତାର ସୁନାମିରେ କଂଗ୍ରେସ ଛଡ଼ା କେହି ନିଜ ଅସ୍ତିତ୍ୱ ବଞ୍ଚାଇପାରିନାହାନ୍ତି।

–ସଲମାନ୍ ଖୁର୍ସିଦ୍, ବରିଷ୍ଠ କଂଗ୍ରେସ ନେତା

- ୪ର୍ଥ ଶନିବାର ସରକାରୀ ଅଫିସ ଛୁଟି

କାର୍ଯ୍ୟ ସମୟ ଅଧଘଣ୍ଟା ବଢ଼ିଲା

ଭୁବନେଶ୍ୱର,୨୨।୬(ବ୍ୟୁରୋ)

ରାଜ୍ୟ ସରକାରୀ କର୍ମଚାରୀଙ୍କ କାର୍ଯ୍ୟ କରିବା ସମୟସୀମା ବୃଦ୍ଧି କରାଯାଇଛି। ଏଣିକି ସମସ୍ତ କର୍ମଚାରୀ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୫ଟା ୩୦ ମିନିଟ୍ ଯାଏ ଅଫିସରେ ରହିବାକୁ ବାଧ୍ୟ। ମଧ୍ୟାହ୍ନଭୋଜନ ପାଇଁ ଅଧଘଣ୍ଟା ସମୟ ମିଳିବ। ଏଥିସହିତ ପ୍ରତ୍ୟେକ ମାସର ୪ର୍ଥ ଶନିବାରକୁ ସରକାରୀ ଛୁଟି ଘୋଷଣା କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ଏହାକୁ ତୁରନ୍ତ ଲାଗୁ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଶନିବାର ଏ ନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି।

ବିଜ୍ଞପ୍ତି ଅନୁଯାୟୀ ସରକାରୀ କର୍ମଚାରୀଙ୍କ ପାଇଁ ପ୍ରତ୍ୟେକ ମାସର ଚତୁର୍ଥ ଶନିବାର ଛୁଟି ରହିବ। ଏହି ଦିବସ ଛୁଟି ରହୁଥିଲେ ମଧ୍ୟ ପ୍ରତ୍ୟେକ ବିଭାଗୀୟ ଦପ୍ତର ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୧ଟା ୩୦ ମିନିଟ୍ ଯାଏ ଖୋଲା ରହିବ। ଏହି ସମୟରେ ପ୍ରଶାସନିକ କାର୍ଯ୍ୟରେ ୫-ଟି (ଟେକ୍ନୋଲୋଜି, ଟିମ୍‌ୱାର୍କ, ଟ୍ରାନ୍ସପାରେନ୍ସି, ଟାଇମ୍ ଓ ଟ୍ରାନ୍ସଫରମେଶନ)କୁ କର୍ମଚାରୀମାନେ କିଭଳି ପାଳନ କରୁଛନ୍ତି ସେ ନେଇ ପ୍ରଶିକ୍ଷଣ ଶିବିର ଓ କର୍ମଶାଳା ଆୟୋଜନ କରାଯିବ। ରାଜ୍ୟର ବିକାଶ କ୍ଷେତ୍ରରେ କର୍ମଚାରୀମାନେ ଏହି କର୍ମଶାଳାରେ ନିଜର ସୁଚିନ୍ତିତ ମତାମତ ଦେଇ ପାରିବେ। ପ୍ରଶାସନିକ କାର୍ଯ୍ୟକୁ ଚଳଚଞ୍ଚଳ କରିବାକୁ ଏଭଳି କରାଯାଇଛି।

ସୂଚନାଯୋଗ୍ୟ ଯେ, ପୂର୍ବରୁ ସରକାରୀ କର୍ମଚାରୀଙ୍କ କାର୍ଯ୍ୟ କରିବା ସମୟ ସକାଳ ୧୦ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଧାର୍ଯ୍ୟ କରାଯାଇଥିଲା। ମଧ୍ୟାହ୍ନଭୋଜନ ଛୁଟି ଅଧ ଘଣ୍ଟାଏ ☞ ପୃଷ୍ଠା-୪

NCCC NATIONAL EGG CO-ORDINATION COMMITTEE 22.06.2019 Venco66 CHICKEN

Dist	Farm Gate/Kg	With Skin/Kg	Skinless /Kg
BBSR	109	170	180
CTC	109	170	180
DKL	107	167	177
BDK	106	166	176
BLS	107	167	177
ANG	105	165	175

*Conditions Apply

Eggs Retail Price- 52/-Dozen
Issued in the Interest of Consumers

କଶ୍ମୀର ଉପତ୍ୟକାରେ ପରିସ୍ଥିତି ସୁଧୁରିଲାଣି। ହୁରିୟାତ୍ କନ୍‌ଫରେନ୍ସ ନେତା ଏବେ ସରକାରଙ୍କ ସହ ଆଲୋଚନା ଲାଗି ରାଜି ଅଛନ୍ତି।

-ସତ୍ୟପାଳ ମଲିକ
ଜମ୍ମୁ-କଶ୍ମୀର ରାଜ୍ୟପାଳ

ଆମେରିକାକୁ ଇରାନର ଧମକ

ଆକ୍ରମଣ କଲେ ଭୟାବହ ପରିଣତି

ତେହେରାନ,୨୨।୬



ଆମେରିକାର ଗୋଇନ୍ଦା ଡ୍ରୋନ୍‌କୁ ଗୁରୁବାର ଇରାନ ସେନା ଖସାଇଦେବା ପରେ ଦୁଇ ଦେଶ ମଧ୍ୟରେ ଉତ୍ତେଜନା ଚରମ ସୀମାରେ ପହଞ୍ଚିଛି। ଉଭୟ ଦେଶ ଏବେ ଯୁଦ୍ଧମୁହାଁ ହୋଇଥିବା କୁହାଯାଉଛି। ଇରାନ ଉପରେ ଆକ୍ରମଣ ଲାଗି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିର୍ଦ୍ଦେଶ ଦେଇସାରିଥିବାବେଳେ ଶେଷ ମୁହୂର୍ତ୍ତରେ ନିଷ୍ପତ୍ତି ବଦଳାଇଥିଲେ। ପ୍ରତିଶୋଧ ସ୍ୱରୂପ ଇରାନର ତିନୋଟି ସ୍ଥାନରେ ଆକ୍ରମଣ ଲାଗି ଆମେରିକା ପ୍ରସ୍ତୁତ ଥିଲା। ତେବେ ଏହି ଆକ୍ରମଣରେ ଅନେକ ନିରୀହ ଲୋକଙ୍କ ଜୀବନ ଯିବ ବୋଲି ଜାଣିବା ପରେ ଆକ୍ରମଣ ଯୋଜନାକୁ ପ୍ରତ୍ୟାହାର କରିନିଆଗଲା ବୋଲି ଟ୍ରମ୍ପ ଟୁଇଟ୍ କରିଥିଲେ।

ଅନ୍ୟପକ୍ଷରେ ଇସ୍‌ଲାମୀୟ ସାଧାରଣତନ୍ତ୍ର ଇରାନ ଉପରେ କୌଣସିପ୍ରକାର ଆକ୍ରମଣର ପରିଣତି ମଧ୍ୟପ୍ରାଚ୍ୟରେ ଆମେରିକାର ସ୍ୱାର୍ଥ ପାଇଁ ଗୁରୁତର ହେବ ବୋଲି ତେହେରାନ ଚେତାବନୀ ଦେଇଛି। ଇରାନ ଉପରକୁ ଗୋଟିଏ ଗୁଳି ମାରିଲେ ଆମେରିକା ଓ ଏହାର ମିତ୍ର ରାଷ୍ଟ୍ରର ସ୍ୱାର୍ଥରେ ନିଆଁ ଲଗାଇଦେବୁ ବୋଲି ଇରାନ ସୈନ୍ୟବାହିନୀ ମୁଖପାତ୍ର ବ୍ରିଗେଡିୟର ଜେନେରାଲ ଅବୋଲଫାଜଲ୍ ଶେକାର୍ଚି କହିଛନ୍ତି। ତେବେ ଯୁଦ୍ଧ କରିବାକୁ ଚାହାନ୍ତି ନାହିଁ ବୋଲି ଟ୍ରମ୍ପ କହିଛନ୍ତି। ଯଦି ଯୁଦ୍ଧ ହୁଏ ଇରାନ ସମ୍ପୂର୍ଣ୍ଣ ବିଲୋପ ହୋଇଯିବ ବୋଲି ସେ ଚେତାବନୀ ଦେଇଛନ୍ତି। ଆଲୋଚନା ପାଇଁ ଆମେରିକା ଦ୍ୱାର ଉନ୍ମୁକ୍ତ ରଖିଛି। କୌଣସି ପରିସ୍ଥିତିରେ ମଧ୍ୟ ଇରାନକୁ ଅଣୁଅସ୍ତ୍ର ପ୍ରସ୍ତୁତ କରିବାକୁ ଦିଆଯିବ ନାହିଁ ବୋଲି ଟ୍ରମ୍ପ ଏକ ଗଣମାଧ୍ୟମକୁ କହିଛନ୍ତି।

ଆମେରିକା ଇରାନକୁ ଉତ୍ତେଜିତ କରୁଛି। ଏହାକୁ ନେଇ ଭୁଲ୍ ଆକଳନ ହେବାର ବିପଦ ରହିଛି ଯାହା ବିଶ୍ୱଯୁଦ୍ଧ ସୃଷ୍ଟି କରିପାରେ ବୋଲି ମାଲେସିଆ ପ୍ରଧାନମନ୍ତ୍ରୀ ମହାଥିର ମହମ୍ମଦ କହିଛନ୍ତି। ଭୁଲ୍ ଆକଳନ ପାଇଁ କାହାକୁ ଦାୟୀ କରାଯିବ ବୋଲି ପ୍ରଶ୍ନ କରାଯିବାରୁ ମହମ୍ମଦ କହିଥିଲେ, ସେ ଯାହା ଦେଖିପାରୁଛନ୍ତି, ଏପର୍ଯ୍ୟନ୍ତ ସବୁ ଉତ୍ତେଜନା ଆମେରିକା ସୃଷ୍ଟି କରିଛି। ପ୍ରଥମେ ଆଣବିକ ସନ୍ଧିରୁ ଆମେରିକା ଓହରିଗଲା। ଏବେ ଉପସାଗରୀୟ ଅଞ୍ଚଳକୁ ଯୁଦ୍ଧଜାହାଜ ପଠାଉଛି ଏବଂ ଇରାନକୁ ଉତ୍ତେଜିତ କରୁଛି ବୋଲି ମହାଥିର୍ ଏକ ଅନ୍ତର୍ଜାତୀୟ ଗଣମାଧ୍ୟମକୁ କହିଛନ୍ତି।

ତେହେରାନର ଆଣବିକ କାର୍ଯ୍ୟକ୍ରମ ରୋକିବା ଲାଗି ବହୁପାକ୍ଷିକ ଚୁକ୍ତିନାମାରୁ ଗତବର୍ଷ ଟ୍ରମ୍ପ ଓହରିଯିବା ପରେ ଦୁଇଦେଶ ମଧ୍ୟରେ ଉତ୍ତେଜନା ଲାଗିରହିଛି। ଗତ ସପ୍ତାହରେ ଉପସାଗରୀୟ ଅଞ୍ଚଳରେ ୬ଟି ବ୍ୟବସାୟିକ ତୈଳବାହୀ ଜାହାଜ ଉପରେ ଆକ୍ରମଣକୁ ନେଇ ଆମେରିକା ଇରାନକୁ ଦାୟୀ କରିବା ଏବଂ ଗୁରୁବାର ଇରାନ ସେନା ଆମେରିକା ଡ୍ରୋନ୍‌କୁ ଖସାଇବା ପରେ ଏହି ଉତ୍ତେଜନା ଚରମ ସୀମାରେ ପହଞ୍ଚିଛି। ଡ୍ରୋନ୍ ଇରାନ ବାୟୁସୀମା ଅତିକ୍ରମ କରିଥିବା ତେହେରାନ ଅଭିଯୋଗ କରୁଥିବାବେଳେ ଏହା ଅନ୍ତର୍ଜାତୀୟ ଜଳରାଶି ଉପରେ ଉଡୁଥିଲା ବୋଲି ଆମେରିକା ଦାବି କରିଛି।

> ଇରାନ ଆଣବିକ ନିରସ୍ତ୍ରୀକରଣ ଘୋଷଣା କଲେ ଆମେରିକା ଏହାର ସବୁଠୁ ଭଲ ବନ୍ଧୁ ପାଲଟିବ।
>
> -ଡୋନାଲ୍ଡ ଟ୍ରମ୍ପ,
> ଆମେରିକା ରାଷ୍ଟ୍ରପତି

ଇରାନ ଆକାଶରେ ଉଡ଼ିବନି ଭାରତୀୟ ବିମାନ

ନୂଆଦିଲ୍ଲୀ,୨୨।୬(ପି.ଟି.): ଆମେରିକା-ଇରାନ ଉତ୍ତେଜନା ଚରମ ସୀମାରେ ପହଞ୍ଚିଛି। ଏପରି କି ଯେକୌଣସି ମୁହୂର୍ତ୍ତରେ ଆମେରିକା ଇରାନ ଉପରେ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସମ୍ଭାବନା ରହିଛି। ଏହି ପରିପ୍ରେକ୍ଷୀରେ ସୁରକ୍ଷା ଦୃଷ୍ଟିରୁ ଭାରତୀୟ ଏୟାରଲାଇନ୍ସଗୁଡ଼ିକୁ ଇରାନ ଆକାଶ ମାର୍ଗ ପରିବର୍ତ୍ତେ ଅନ୍ୟ ରୁଟ୍‌ରେ ଯାତ୍ରା କରିବା ଲାଗି ବିମାନ ଚଳାଚଳ ନିୟନ୍ତ୍ରକ ଡିଜିସିଏ ଶନିବାର ପରାମର୍ଶ ଦେଇଛି। ଯାତ୍ରୀଙ୍କ ନିରାପତ୍ତା ପାଇଁ ଇରାନ ବାୟୁସୀମାର ପ୍ରଭାବିତ ଅଞ୍ଚଳରେ ବିମାନ ଚଳାଚଳ ନ କରିବାକୁ ଭାରତୀୟ ଏୟାରଲାଇନ୍ସ ନିଷ୍ପତ୍ତି ନେଇଛି। ଦୁଇଦେଶ ମଧ୍ୟରେ ଯୁଦ୍ଧ ହେଲେ ଇରାନରୁ ହୋର୍ମୁଜ୍ ପ୍ରଣାଳୀ ଦେଇ ଭାରତକୁ ତୈଳ ଆମଦାନୀ ପ୍ରଭାବିତ ହେବ। ସେହିପରି ଆରବୀୟ ଉପଦ୍ୱୀପ ଏହି ବିବାଦ ମଧ୍ୟକୁ ଟାଣି ହୋଇଯିବ। ଫଳରେ ଉପଦ୍ୱୀପରେ ବସବାସ କରୁଥିବା ୭୦ ଲକ୍ଷ ଭାରତୀୟଙ୍କ ଉପରେ ଏହାର ପ୍ରଭାବ ପଡ଼ିବ।

ଅମରନାଥ ଯାତ୍ରା ପୂର୍ବରୁ ଶନିବାର ଜମ୍ମୁ-କଶ୍ମୀର ଜାତୀୟ ରାଜପଥରେ ପଟ୍ରୋଲିଂ କରୁଛନ୍ତି ସିଆରପିଏଫ୍ ଯବାନ।

ଟ୍ରମ୍ପଙ୍କ ବିରୋଧରେ ବଳାତ୍କାର ଅଭିଯୋଗ

ୱାଶିଂଟନ,୨୨।୬

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବିରୋଧରେ ନ୍ୟୁୟର୍କର ଜଣେ ଲେଖିକା ତଥା ସ୍ତମ୍ଭକାର ବଳାତ୍କାର ଅଭିଯୋଗ ଆଣିଛନ୍ତି। ଦୁଇ ଦଶନ୍ଧି ତଳେ ଟ୍ରମ୍ପ ମାନ୍‌ହାଟାନର ଏକ ଡିପାର୍ଟମେଣ୍ଟ ଷ୍ଟୋର ଡ୍ରେସିଂ ରୁମ୍‌ରେ ତାଙ୍କୁ ବଳାତ୍କାର କରିଥିଲେ ବୋଲି ଇ. ଜିନ୍ କାରୋଲ କହିଛନ୍ତି। ଅନ୍ୟପକ୍ଷରେ ଏହାକୁ ମିଥ୍ୟା ଖବର କହି ଟ୍ରମ୍ପ ଅଭିଯୋଗକୁ ଖଣ୍ଡନ କରିଛନ୍ତି। ୧୯୯୫ ଶେଷ ଭାଗ କିମ୍ବା ୧୯୯୬ ପ୍ରଥମ ଭାଗରେ ଏହି ଘଟଣା ଘଟିଥିଲା। ସେତେବେଳେ ଟ୍ରମ୍ପ ରିଅଲ ଇଷ୍ଟେଟ୍ ଡେଭେଲପର ଥିଲେ। ସେ ବର୍ଗଡର୍ଫ ଗୁଡ୍‌ମ୍ୟାନ ଷ୍ଟୋରର କାନ୍ଥରେ ଲେଖିକାଙ୍କ ମୁଣ୍ଡକୁ ବାଡେଇ ଦେବା ସହ ପୋଷାକ ଖୋଲିଥିଲେ ବୋଲି କାରୋଲ ଅଭିଯୋଗ କରିଛନ୍ତି। ସେତେବେଳେ ସେ ନୀରବ ରହିଥିବାରୁ ନିଜକୁ ଦୋଷୀ ମଣୁଥିବା କହିଛନ୍ତି।

ଇ. ଜିନ୍ କାରୋଲ

ଅଙ୍ଗନୱାଡ଼ି କେନ୍ଦ୍ର ସ୍ଥାନାନ୍ତର କରିପାରିବ ରାଜ୍ୟ

ନୂଆଦିଲ୍ଲୀ,୨୨।୬(ପି.ଟି.)

ଗର୍ଭବତୀ ମହିଳା ଓ ଶିଶୁମାନଙ୍କ ସୁବିଧା ପାଇଁ ରାଜ୍ୟ ସରକାର ଚାହିଁଲେ ଅଙ୍ଗନୱାଡ଼ି କେନ୍ଦ୍ର ସ୍ଥାନାନ୍ତର କରିପାରିବେ। କେନ୍ଦ୍ର ସରକାର ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ଏହି କ୍ଷମତା ପ୍ରଦାନ କରିଛନ୍ତି। ଅଙ୍ଗନୱାଡ଼ି ସେବା ଯୋଜନାରେ ମୋଟ ୧୪ ଲକ୍ଷ କେନ୍ଦ୍ର ମଞ୍ଜୁର କରାଯାଇଛି। ଅଧିକ ଆବଶ୍ୟକ ଥିଲେ ଜଣାଇବାକୁ ରାଜ୍ୟଗୁଡ଼ିକୁ ପରାମର୍ଶ ଦିଆଯାଇଛି। ଅଙ୍ଗନୱାଡ଼ି କେନ୍ଦ୍ର ସ୍ଥାନାନ୍ତର କଲାବେଳେ ପର୍ଯ୍ୟାପ୍ତ ଜମି, ବିଲ୍ଡିଂ ଏବଂ ସେଠାକୁ ଗର୍ଭବତୀ ମହିଳା ଓ ଶିଶୁମାନେ ପହଞ୍ଚିବାର ସୁବିଧା ଥିବା ଦିଗ ପ୍ରତି ଦୃଷ୍ଟି ଦେବାକୁ କୁହାଯାଇଛି। ସହରାଞ୍ଚଳରେ ଅଙ୍ଗନୱାଡ଼ି କେନ୍ଦ୍ର ୫ କିଲୋମିଟରରୁ ଅଧିକ ଦୂର ହେବ ନାହିଁ। ସେହିପରି ଗ୍ରାମାଞ୍ଚଳରେ ୩ କିମି ଓ ଆଦିବାସୀ ଅଞ୍ଚଳରେ ଯେପରି ୧.୫ କିଲୋମିଟରରୁ ଅଧିକ ଦୂର ନ ହୁଏ ସେଥିପ୍ରତି ଧ୍ୟାନ ଦେବାକୁ କୁହାଯାଇଛି।

ଗୁପ୍ତଚରଙ୍କୁ ମୃତ୍ୟୁଦଣ୍ଡ ଦେଲା ଇରାନ

ତେହେରାନ୍,୨୨।୬(ଏ.ଏଫ୍.ପି.)

ଆମେରିକାର କେନ୍ଦ୍ରୀୟ ଗୋଇନ୍ଦା ସଂସ୍ଥା (ସିଆଇଏ) ପାଇଁ ଗୁପ୍ତଚରଗିରି କରୁଥିବା ଅଭିଯୋଗରେ ଇରାନ ପ୍ରତିରକ୍ଷା ମନ୍ତ୍ରଣାଳୟର ଜଣେ କଣ୍ଟ୍ରାକ୍ଟରଙ୍କୁ ତେହେରାନ୍ ମୃତ୍ୟୁଦଣ୍ଡ ଦେଇଛି। ଜଲାଲ ହାଜି ଜାଭର ଇରାନ ପ୍ରତିରକ୍ଷା ମନ୍ତ୍ରଣାଳୟର ମହାକାଶ ଗବେଷଣା ସଙ୍ଗଠନରେ କାର୍ଯ୍ୟରତ ଥିବାବେଳେ ଆମେରିକା ସରକାର ଏବଂ ସିଆଇଏ ପାଇଁ ଗୁପ୍ତଚରଗିରି କରୁଥିଲେ। ସେ ଇରାନ ସେନା କୋର୍ଟରେ ଦୋଷୀ ସାବ୍ୟସ୍ତ ହେବା ପରେ ତେହେରାନର କରାଜସ୍ଥିତ ରଜାୟୀ ଶାହର ଜେଲରେ ମୃତ୍ୟୁଦଣ୍ଡ ଦିଆଯାଇଛି ବୋଲି ଇରାନ ସେନା ପକ୍ଷରୁ ଶନିବାର କୁହାଯାଇଛି। ଜାଭରଙ୍କ ପୂର୍ବତନ ସ୍ତ୍ରୀ ମଧ୍ୟ ଗୁପ୍ତଚରଗିରି ଅଭିଯୋଗରେ ୧୫ ବର୍ଷ ଜେଲ ଦଣ୍ଡାଦେଶ ଭୋଗୁଛନ୍ତି।

ସ୍ତ୍ରୀ, ୩ ପିଲାଙ୍କୁ ହତ୍ୟା କଲେ ଶିକ୍ଷକ

ନୂଆଦିଲ୍ଲୀ,୨୨।୬: ଦକ୍ଷିଣ ଦିଲ୍ଲୀର ମେହରୋଲୀରେ ଜଣେ ଘରୋଇ ଶିକ୍ଷକ ତାଙ୍କ ସ୍ତ୍ରୀ ଓ ୩ ପିଲାଙ୍କୁ ହତ୍ୟା କରିଛନ୍ତି। ଅଭିଯୁକ୍ତ ଶିକ୍ଷକ ଉପେନ୍ଦ୍ର ଶୁକ୍ଲାଙ୍କୁ ପୋଲିସ ଗିରଫ କରିଛି। ଅବସାଦରେ ରହି ସ୍ତ୍ରୀ ଅର୍ଚ୍ଚନା, ୨ ଝିଅ ଓ ଗୋଟିଏ ପୁଅଙ୍କୁ ତଣ୍ଟି କାଟି ମାରିଥିବା ଡିସିପି ବିଜୟ କୁମାର କହିଛନ୍ତି। ଘରୁ ମିଳିଥିବା ଲେଖାରୁ ଉପେନ୍ଦ୍ର ହତ୍ୟାକାରୀ ବୋଲି ଜଣାପଡ଼ିଛି। ପୋଲିସ ମାମଲା ରୁଜୁ ପରେ ଏକ ଧାରୁଆ ଛୁରୀ ଜବତ କରି ହତ୍ୟାର କାରଣ ଖୋଜୁଛି।

Ranjita Institute of Hotel Management & Catering Technology
(Affiliated to NCHMCT, Noida, Ministry of Tourism, Govt. of India)
Bidyanagar, Mahura, Janla, Bhubaneswar, Odisha. Pin - 752054
NCHMCT

Career in ***Hotel Management***

Ranjita Institute of Hotel Management & Catering Technology under the affiliation of **"National Council for Hotel Management & Catering Technology, Noida"**, calls for application, from the eligible candidates to get admission into 1st year of **3years B.Sc. (HHA) program** (NCHMCT & IGNOU collaborative regular classroom program) under the permissible direct recruitment quota of the institute with the following eligibility criteria.

1. Candidate must have passed 12th Exam with minimum 50% marks in aggregate, in 10+2 system from a recognised board, in any stream (Science/Arts/Commerce/Vocational)
2. English should be one of the compulsory subjects in 12th level.
3. Age should not be more than 25years as on 1st July 2019.

Interested candidates must apply to the institute by attaching the copies of testimonials latest by ***31st July, 2019***. A merit list will be drawn by the institute on the basis of marks obtained by the candidate in 12th exam, and the admission will be offered strictly on the basis of merit list only.

PG Diploma in Accommodation Operation & Management
Duration: 1 ½ year; Eligibility : Graduate (Any Stream); Age : 18 to 25 year

Diploma course in :
Food Production, Food & Beverage Service
Front Office Operation, Housekeeping Operation
Duration: 1 ½ year; Eligibility : 12 th pass(Any Stream)

Web: www.rihmct.edu.in E-mail : admission@rihmct.edu.in YouTube : www.rihmct.tv
For Admission Information, Contact : 0674-6636555; Mob.: -91-9040 021 100/101/102/103

C. V. Raman College of Engineering
(CAMPUS : Bidyanagar, Mahura, Janla, Bhubaneswar, Odisha. Pin - 752054)
Declared Autonomous Engineering College by UGC u/s 2(f) of UGC Act, 1956
Ranked among *Top 100* Engineering Institutions in India by NIRF, MHRD, Govt. of India (Consecutively for last **FOUR** years)

Career in ***Marine Engineering***

DG Shipping Approved STCW courses
BASIC STCW & MODULAR COURSES
01) Personal Safety and Social Responsibilities (PSSR)
02) Elementary First Aid (EFA)
03) Personal Survival Techniques (PST)
04) Fire Fighting and Fire Preservation (FPFF)
05 Basic Safety Training (PSSR+EFA+PST+FPFF)
06) Security Training for Seafarers with Designated Security Duties
07) Refresher Training for Proficiency in FPFF
08) Refresher Training for Proficiency in PST
09) Basic Training for OIL & Chemical Tanker Cargo Operation (OCTO)
ADVANCED STCW & MODULAR COURSES
10) Ship Security Officer (SSO)
11) Medical First Aid (MFA)
12) Advance Fire Fighting (AFF)
13) Proficiency in Survival Craft and Rescue Boat (PSCRB)
14) Refresher Training for Proficiency in MFA
15) Refresher Training for Proficiency in AFF
16) Refresher Training for Proficiency in PSCRB

Marine Engineering Pre-sea courses
1 Yr. Graduate Marine Engg.
B.E./B.Tech (Mech/Naval Architecture) with 50% marks and must have 50% marks in English at 10th/12th standard
4 Yrs. Degree in Marine Engg.
10+2 OR equivalent with a PCM average of 60% and must have 50% marks in English at 10th/12th standard (Rank in ***AIEEE/OJEE*** required)
LATERAL ENTRY ADMISSION IN MARINE ENGG
QUALIFICATION : 3Yrs. Diploma in Mech./ Marine Engg with at least 60% marks and must have 50% marks in English at 10th/12th standard (5% relaxation for SC/ST candidates)
Age : 18Yrs. to 25Yrs. (5Yrs. relaxation for SC/ST candidates)

*Admission for all the courses from Sl. No. **01 to 16** shall be done online. Interested candidates are advised to do online payment and registration through our portal : **http://marine.cvrce.edu.in** for all STCW & Modular courses.*
Have a digital tour with : www.cvrgi.tv
For Admission Information, Contact : E-mail : admissionmarine@cvrce.edu.in
Ph.: 0674-6636555 +91-9040 021 100/101/102/103

ଇତିହାସର ଆଇନାରେ
ଜୁନ୍ ୨୩ର ପ୍ରମୁଖ ଘଟଣା

୧୯୮୫ ଜୁନ୍ ୨୩ରେ ଟୋକିଓ ନିକଟବର୍ତ୍ତୀ ନାରିଟା ଅନ୍ତର୍ଜାତୀୟ ବିମାନବନ୍ଦରରେ ଆତଙ୍କବାଦୀ ବିସ୍ଫୋରଣ ଯୋଗୁ ୨ଜଣଙ୍କ ମୃତ୍ୟୁ ଘଟିବା ସହ ୪ ଆହତ ହୋଇଥିଲେ।

୨୦୧୩ ଜୁନ୍ ୨୩ରେ ନିକ୍ ୱାଲେଣ୍ଡା ପ୍ରଥମକରି ଗ୍ରାଣ୍ଡ କେନିୟନ୍ ଉପରେ ସୁଦୃଢ଼ ଭାବେ ବନ୍ଧାଯାଇଥିବା ଏକ ରଶି ଉପରେ ସଫଳତାର ସହ ଚାଲିଥିଲେ। ୧୯୭୯ ଜାନୁୟାରୀ ୨୪ରେ ଆମେରିକାରେ ଜନ୍ମିତ ୱାଲେଣ୍ଡା ଜଣେ ଆକ୍ରୋବାଟ୍, ଏରିୟଲିଷ୍ଟ, ଡେୟାରଡେଭିଲ, ଉଚ୍ଚରେ କଳାକୌଶଳ ପ୍ରଦର୍ଶନକାରୀ ଏବଂ ଲେଖକ।

ମୁଜାଫରପୁର: ପିଛା ଛାଡୁନି ବିବାଦ

ହସ୍ପିଟାଲ ନିକଟରେ ମାନବ କଙ୍କାଳ

ମୁଜାଫରପୁର,୨୨।୬

ବିହାରର ମୁଜାଫରପୁରସ୍ଥିତ ଶ୍ରୀକ୍ରିଷ୍ଣ ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲ ନିକଟରୁ ଏକାଧିକ ମାନବ କଙ୍କାଳ ଉଦ୍ଧାର କରାଯାଇଛି। ଏଗୁଡ଼ିକ ନିକଟସ୍ଥ ଏକ ଜଙ୍ଗଲରେ ପଡ଼ିଥିଲା। ଏନ୍‌ସେଫାଲିଟିସ୍‌ରେ ଦେଢ଼ଶହରୁ ଊର୍ଦ୍ଧ୍ୱ ଶିଶୁ ଏଠାରେ ମୃତ୍ୟୁବରଣ କରି ଚର୍ଚ୍ଚାକୁ ଆସିଥିବାବେଳେ ଏବେ ମାନବ କଙ୍କାଳ ମିଳିବା ମୁଜାଫରପୁରକୁ ପୁଣି ବିବାଦ ଘେରକୁ ନେଇଯାଇଛି। ପୋଲିସ ଓ ହସ୍ପିଟାଲ କର୍ମକର୍ତ୍ତାଙ୍କ ସହ ତଦନ୍ତକାରୀ ଟିମ୍ ଜଙ୍ଗଲରେ ପହଞ୍ଚି କେତେକ ମରଶରୀର ଅଧାପୋଡ଼ା ଅବସ୍ଥାରେ ଉଦ୍ଧାର କରିଛନ୍ତି। ଆଉ କେତେକ କଙ୍କାଳ ବିକ୍ଷିପ୍ତ ହୋଇ ପଡ଼ିଥିଲା। ସାଧାରଣତଃ ହସ୍ପିଟାଲ ମୃତଦେହ ପାଇଲେ ନିକଟସ୍ଥ ପୋଲିସ ଷ୍ଟେଶନକୁ ଖବର ଦିଆଯାଇଥାଏ ଓ ଏହାପରେ ରିପୋର୍ଟ ଫାଇଲ୍ କରାଯାଇଥାଏ। ପୋଷ୍ଟମର୍ଟମ ପରେ ଶବଗୁଡ଼ିକୁ ହସ୍ପିଟାଲ ନିକଟରେ ଫୋପାଡ଼ିଦେବା ଘଟଣା ଆଶ୍ଚର୍ଯ୍ୟର ବିଷୟ। ଏହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟିହୋଇଛି। ମୃତ ବ୍ୟକ୍ତିଙ୍କ ସମ୍ପର୍କୀୟ ୭୨ ଘଣ୍ଟା ମଧ୍ୟରେ ଶବ ନ ନେଲେ ପୋଷ୍ଟମର୍ଟମ ବିଭାଗ ଏହାକୁ ପୋଡ଼ିବା କଥା। ହେଲେ ଏଥିରେ ବ୍ୟାପକ ଅବହେଳା କରାଯାଇଥିବା କୁହାଯାଉଛି। ଏ ନେଇ ତଦନ୍ତ କରାଯିବ ବୋଲି ହସ୍ପିଟାଲ ସୁପରିଣ୍ଟେଣ୍ଡେଣ୍ଟ ଏସ.କେ ଶଶୀ କହିଛନ୍ତି।

ପିଲାଟସ୍ ବିମାନ କିଣାରେ ୩୩୯ କୋଟି ଦୁର୍ନୀତି

ପ୍ରତିରକ୍ଷା ଅଧିକାରୀଙ୍କ ବିରୋଧରେ ମାମଲା

ନୂଆଦିଲ୍ଲୀ,୨୨।୬



ଅସ୍ତ୍ର ବ୍ୟବସାୟୀ ସଞ୍ଜୟ ଭଣ୍ଡାରୀଙ୍କ ଘରେ ସିବିଆଇ ଚଢ଼ାଉ

ପ୍ରତିରକ୍ଷା ମନ୍ତ୍ରଣାଳୟ ୨୦୦୯ରେ ୭୫ଟି ପିଲାଟସ୍ ପ୍ରଶିକ୍ଷଣ ବିମାନ କିଣିଥିଲା, ଯେଉଁଥିରେ ଦୁର୍ନୀତି ଅଭିଯୋଗ ହୋଇଛି। ଏହି ଘଟଣାରେ ସିବିଆଇ ଭାରତୀୟ ବାୟୁସେନା ଏବଂ ପ୍ରତିରକ୍ଷା ମନ୍ତ୍ରଣାଳୟର କେତେଜଣ ଅଧିକାରୀଙ୍କ ସମେତ ବିବାଦୀୟ ଅସ୍ତ୍ର ବ୍ୟବସାୟୀ ସଞ୍ଜୟ ଭଣ୍ଡାରୀଙ୍କ ବିରୋଧରେ ମାମଲା ରୁଜୁ କରିଛି। ଏଥିସହିତ ସିବିଆଇ ଭଣ୍ଡାରୀଙ୍କ ଘର ଓ କାର୍ଯ୍ୟାଳୟ ଉପରେ ଶନିବାର ଚଢ଼ାଉ କରିଛି। ସ୍ୱିଜରଲାଣ୍ଡର ପିଲାଟସ୍ ଏୟାରକ୍ରାଫ୍ଟ ଲିଃକୁ ମଧ୍ୟ ଅଭିଯୁକ୍ତ କରାଯାଇଛି। ଏହି ବିମାନ କିଣାରେ ୩୩୯ କୋଟି ଟଙ୍କା ଲାଞ୍ଚ କାରବାର ଅଭିଯୋଗ ହୋଇଛି।

ବାୟୁସେନା ପାଇଁ ୨୮୯୫ କୋଟି ଟଙ୍କାରେ ୭୫ଟି ପିଲାଟସ୍ ବେସିକ୍ ଟ୍ରେନର୍ ବିମାନ କିଣିବା ଲାଗି ୨୦୦୯ରେ ସ୍ୱିଜରଲାଣ୍ଡ କମ୍ପାନୀ ସହ ଚୁକ୍ତିନାମା ସ୍ୱାକ୍ଷର ହୋଇଥିଲା। ସିବିଆଇ ତିନିବର୍ଷ ଧରି ତଦନ୍ତ ଚଳାଇବା ପରେ ଦୁର୍ନୀତି ଅଭିଯୋଗର ସତ୍ୟତା ଥିବା ଜାଣିବାକୁ ପାଇଛି। ଅଫସେଟ ଇଣ୍ଡିଆ ସଲ୍ୟୁଶନ୍ସ ପ୍ରାଇଭେଟ ଲିମିଟେଡର ନିର୍ଦ୍ଦେଶକ ଭଣ୍ଡାରୀ ଏବଂ ବିମଳ ସରିନ୍‌ଙ୍କ ସହ ସୁଇସ୍ କମ୍ପାନୀ ଅପରାଧ ଷଡଯନ୍ତ୍ରରେ ସାମିଲ ଥିବା ସିବିଆଇ ଅଭିଯୋଗ କରିଛି। ଉକ୍ତ କମ୍ପାନୀ ୨୦୧୦ ଜୁନ୍‌ରେ ଭଣ୍ଡାରୀଙ୍କ ସହ ଅସାଧୁ ଭାବେ ସେବା ପ୍ରଦାନକାରୀ ରାଜିନାମା ସ୍ୱାକ୍ଷର କରିଥିଲା, ଯାହା ପ୍ରତିରକ୍ଷା ସାମଗ୍ରୀ କିଣା ପ୍ରକ୍ରିୟା,୨୦୦୮ର ଉଲ୍ଲଂଘନ। ପ୍ରଶିକ୍ଷଣ ବିମାନ ଯୋଗାଣ ଠିକା ପାଇବା ପାଇଁ ସୁଇସ୍ କମ୍ପାନୀ ଏଭଳି କରିଥିବା ଅଭିଯୋଗ ହୋଇଛି। କମ୍ପାନୀ ୨୦୧୦ ଅଗଷ୍ଟ ଓ ଅକ୍ଟୋବରରେ ଦୁଇଟି କିସ୍ତିରେ ନୂଆଦିଲ୍ଲୀର ଷ୍ଟାଣ୍ଡାର୍ଡ ଚାର୍ଟାର୍ଡ ବ୍ୟାଙ୍କ ଜରିଆରେ ଅଫସେଟ୍ ଇଣ୍ଡିଆ ସଲ୍ୟୁଶନ ପ୍ରାଇଭେଟ ଲିମିଟେଡର ଆକାଉଣ୍ଟକୁ ୧୦ ଲକ୍ଷ ସୁଇସ୍ ଫ୍ରାଙ୍କ୍ ପଠାଇଥିଲା। ଏହା ବ୍ୟତୀତ ୨୦୧୧ରୁ ୨୦୧୫ ମଧ୍ୟରେ ଭଣ୍ଡାରୀଙ୍କର ଦୁବାଇସ୍ଥିତ ଅଫସେଟ୍ ଇଣ୍ଡିଆ ସଲ୍ୟୁଶନ୍ସ ଏଫ୍‌ଜେଡସିକୁ ୩୫୦ କୋଟି ଟଙ୍କା ପଠାଯାଇଥିଲା। ଜାଣିଶୁଣି ଭଣ୍ଡାରୀଙ୍କ ସହ ସେବା ପ୍ରଦାନକାରୀ ଚୁକ୍ତିନାମାକୁ ଲୁଚାଇବା ଲାଗି ପିଲାଟସ୍ ଅସାଧୁ ତଥା ଜାଲିଆତି କରି ୨୦୧୦ ନଭେମ୍ବର ୧୨ରେ ପ୍ରତିରକ୍ଷା ମନ୍ତ୍ରଣାଳୟ ସହ ପ୍ରାକ୍ ଠିକା ଚୁକ୍ତିନାମା ସ୍ୱାକ୍ଷର କରିଥିଲା ବୋଲି ସିବିଆଇ କହିଛି। ଭାରତ ଓ ଦୁବାଇରେ ଥିବା ଭଣ୍ଡାରୀଙ୍କ କମ୍ପାନୀକୁ ପିଲାଟସ୍ ଟଙ୍କା ପୈଠ କରିଥିଲେ ହେଁ ଏହାକୁ ଲୁଚାଇଥିବା ତଦନ୍ତରୁ ଜଣାପଡିଥିଲା। ତେଣୁ ବିମାନ କିଣା କାରବାରରେ ସମ୍ପୃକ୍ତ ପ୍ରତିରକ୍ଷା ମନ୍ତ୍ରଣାଳୟ ଓ ବାୟୁସେନା ଅଧିକାରୀଙ୍କୁ ପ୍ରଭାବିତ କରିବା ଲାଗି ଏହି ଅର୍ଥ କମିଶନି ଦିଆଯାଇଥିବା ସନ୍ଦେହ କରାଯାଉଛି। ପିଲାଟସ୍ ୨୦୧୨ ମେ ୨୪ରେ ୨୮୨୯.୬୩ କୋଟି ଟଙ୍କାର ଉକ୍ତ ଠିକା ପାଇଥିଲା। ଭଣ୍ଡାରୀ ଓ ତାଙ୍କ ସ୍ତ୍ରୀ ସୋନିଆ ଭଣ୍ଡାରୀଙ୍କ ନାଁରେ ଥିବା କମ୍ପାନୀ ୨୦୧୨ ଜୁନରୁ ୨୦୧୫ ମାର୍ଚ୍ଚ ମଧ୍ୟରେ ୨୫.୫ କୋଟି ଟଙ୍କା ଦୀପକ ଅଗ୍ରୱାଲଙ୍କ ବିଭିନ୍ନ କମ୍ପାନୀ ମାଧ୍ୟମରେ ପାଇଥିଲେ। ଏହି କାରବାରରେ ଅଗ୍ରୱାଲଙ୍କ ସହ ହିମାଂଶୁ ବର୍ମାଙ୍କ କମ୍ପାନୀ ମଧ୍ୟ ସାମିଲ ଥିବା ଅଭିଯୋଗ ହୋଇଛି।

ସଂକ୍ଷେପରେ

ସଡ଼କ ଦୁର୍ଘଟଣାରେ ମା, ନବଜାତ ଶିଶୁକନ୍ୟା ମୃତ

କେନ୍ଦ୍ରାପଡ଼ା ଅଫିସ, ୨୨।୬: ଦିନକ ପୂର୍ବେ ଜନ୍ମ ହୋଇଥିବା ଶିଶୁ କନ୍ୟାଙ୍କୁ ଡାକ୍ତରଖାନାରୁ ଘରକୁ ନେବା ବାଟରେ ଏକ ସଡ଼କ ଦୁର୍ଘଟଣାରେ ଉଭୟ ମା ଓ ଶିଶୁକନ୍ୟାର ମୃତ୍ୟୁ ଘଟିଛି। ଏଥିସହ ଏହି ଦୁର୍ଘଟଣାରେ ଅନ୍ୟ ୪ ଜଣ ଗୁରୁତର ହୋଇଛନ୍ତି। ଏଭଳି ଏକ ଦୁଃଖଦ ଘଟଣା କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ୫ ନମ୍ବର (କ) ଜାତୀୟ ରାଜପଥର ଖମାରପଡା ଛକଠାରେ ଶନିବାର ଘଟିଯାଇଛି। କେନ୍ଦ୍ରାପଡ଼ା ମୁଖ୍ୟ ଚିକିତ୍ସାଳୟରେ ମହାକାଳପଡା ବ୍ଲକ ଅନ୍ତର୍ଗତ ତେରଗାଁର ମଦନ ମଲ୍ଲିକଙ୍କ ସ୍ତ୍ରୀ ମାନିନୀଙ୍କ ଶୁକ୍ରବାର ଏକ ଶିଶୁ କନ୍ୟାଜାତ ହୋଇଥିଲା। ଉଭୟ ମା'ବାପା ଶନିବାର ଉକ୍ତ ଶିଶୁ କନ୍ୟାକୁ ନେଇ ଏକ ଅଟୋରେ ଘରକୁ ଫେରୁଥିଲେ। ଖମାରପଡ଼ା ଛକଠାରେ ଉକ୍ତ ଅଟୋକୁ ପଛ ପଟୁ ଆସୁଥିବା ଏକ ଟ୍ରକ୍ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ଉଭୟ ମା'ଓ ଶିଶୁ କନ୍ୟାଙ୍କ ମୃତ୍ୟୁ ଘଟିଥିଲା। ଏହାଛଡ଼ା ଏହି ଅଟୋରେ ବସିଥିବା ମଦନଙ୍କ ସମେତ ଜଣେ ଆଶାକର୍ମୀ ଓ ଅନ୍ୟ ଦୁଇ ଆରୋହୀ ଗୁରୁତର ହୋଇଛନ୍ତି। ଖବରପାଇ ସଦର ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ଦୁର୍ଘଟଣାଗ୍ରସ୍ତ ଗାଡି ଦୁଇଟିକୁ ଜବତ କରିଛି। ଏହି ଘଟଣା ପରେ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

ମୃତ୍ୟୁଫାଶରୁ ମୁକୁଳିଥିଲେ ୧୨ ଫୁଟ୍‌ବଲ ଖେଳାଳି

ଥାଇ ଗୁମ୍ଫାର କରୁଣ ସ୍ମୃତିକୁ ବର୍ଷେ

ବ୍ୟାଙ୍କକ୍,୨୨।୬(ଆଇଏଏନ୍‌ଏସ୍)

ଠିକ୍ ବର୍ଷକ ତଳେ ଉତ୍ତର ଥାଇଲାଣ୍ଡର ଏକ ଗୁମ୍ଫାରେ ଫସି ରହିଥିଲେ ୧୨ଜଣ କିଶୋର ଫୁଟବଲ୍ ଖେଳାଳି। ଦୀର୍ଘ ୧୫ ଦିନ ପରେ ସେମାନଙ୍କୁ ଯେଉଁ କଷ୍ଟସାଧ୍ୟ ଉଦ୍ୟମ କରି ଉଦ୍ଧାର କରାଯାଇଥିଲା ତାହା ଉପରେ ବିଶ୍ୱବାସୀଙ୍କ ଧ୍ୟାନ କେନ୍ଦ୍ରୀଭୂତ ହୋଇଥିଲା।

ବର୍ତ୍ତମାନ ଏହି ପିଲାମାନେ ସ୍ୱାଭାବିକ ଅବସ୍ଥାକୁ ଫେରି ପାଠପଢ଼ା ଜାରି ରଖିଛନ୍ତି। ଫୁଟବଲ୍ କୋଚ୍ ଏକାପୋଲ୍ ଚାନ୍ଥାଓଙ୍ଗ ମଧ୍ୟ ନିଜର ଏକ ଏକାଡେମୀ ଖୋଲି ଅତୀତର ଅଙ୍ଗେଲିଭା ସ୍ମୃତିକୁ ଭୁଲିଯିବାକୁ ବସିଛନ୍ତି। ସେମାନଙ୍କ ସୋସିଆଲ ମିଡିଆ ଆକାଉଣ୍ଟକୁ ଲକ୍ଷଲକ୍ଷ ଲୋକ ଫଲୋ କରିଥିବା 'ଏଫି ନ୍ୟୁଜ୍'ରେ ରିପୋର୍ଟ ପ୍ରକାଶ ପାଇଛି।

କାଳଗୁମ୍ଫାରୁ ଉଦ୍ଧାର ପାଇବା ପରେ ଆମନ୍ତ୍ରଣ କ୍ରମେ ବିଭିନ୍ନ ଦେଶ ଗସ୍ତ କରିଥିଲା ଏହି ଟିମ୍। ଏହି ଘଟଣା ଉପରେ ଏକ ଫିଲ୍ମ ନିର୍ମାଣ ପାଇଁ ମଧ୍ୟ ନେଟଫ୍ଲିକ୍ସ ସହ ଚୁକ୍ତି ହୋଇଛି। ଫୁଟବଲ୍ ଖେଳାଳିଙ୍କ ବୟସ ଥିଲା ୧୧ରୁ ୧୬ବର୍ଷ। ସେମାନେ ଫୁଟବଲ୍ ଖେଳି କୋଚ୍‌ଙ୍କ ସହ ଘରକୁ ଫେରୁଥିବାବେଳେ ମଜାରେ ମଜାରେ ସୁଡଙ୍ଗ ପଥ ଦେଇ ଏକ

ଗୁମ୍ଫା ଭିତରେ ପ୍ରବେଶ କରିଥିଲେ। ଦୁର୍ଯୋଗକୁ ମୌସୁମୀ ବାୟୁଜନିତ ପ୍ରବଳ ବର୍ଷା ହେବାରୁ ସେମାନଙ୍କ ଫେରିବା ପଥ ବୁଡ଼ିଯାଇଥିଲା ଏବଂ ସେମାନେ ସେଇ ଗୁମ୍ଫାରେ ହିଁ ଫସି ରହିଥିଲେ। ସେଇ କାଳଗୁମ୍ଫାରୁ ନ ଫେରିବାରୁ ପରିବାର ସଦସ୍ୟଙ୍କ ସମେତ ଜନସାଧାରଣ ଭୟଭୀତ ହୋଇପଡିଥିଲେ। ଏହି ଘଟଣା ବିଭିନ୍ନ ଗଣମାଧ୍ୟମରେ ସେତେବେଳେ ଖୁବ୍ ଚର୍ଚ୍ଚା ହୋଇଥିଲା। ବୁଡାଳି ଏବଂ ଗୁମ୍ଫା ବିଶେଷଜ୍ଞଙ୍କୁ ନେଇ ଏକ ଅନ୍ତର୍ଜାତୀୟ ଟିମ୍ ଉକ୍ତ ଫୁଟବଲ୍ ଖେଳାଳିଙ୍କୁ ଉଦ୍ଧାର କରିଥିଲେ।

ଟିମ୍‌ର କୋଚ୍ ଏକାପୋଲ୍ ଚାନ୍ଥାଓଙ୍ଗ୍ ଥାମ୍ ଲୁଆଙ୍ଗ କେଭ୍ ନିକଟରେ ନିଜର ଏକ ଫୁଟବଲ୍ ଏକାଡେମୀ ଗଢ଼ିଛନ୍ତି। ତାଙ୍କ ଫେସବୁକ୍ ପେଜ୍‌ରେ ୧,୮୩,୦୦୦ ଅନୁସରଣକାରୀ ଅଛନ୍ତି। ଏ ପର୍ଯ୍ୟନ୍ତ ଏହି ଉଦ୍ଧାର ଅଭିଯାନକୁ ନେଇ ଦୁଇଟି ପୁସ୍ତକ ପ୍ରକାଶିତ ହେଲାଣି।

ଶେଷରେ ଜୁଲାଇ ୨ରେ ଦୁଇଜଣ ବ୍ରିଟିଶ ବୁଡାଳି କିଶୋର ଖେଳାଳିମାନଙ୍କୁ ପାଇବାରେ ସମର୍ଥ ହୋଇଥିଲେ। ବିନା ଖାଦ୍ୟରେ ଅନ୍ଧାର ଭିତରେ କେବଳ ଗୁମ୍ଫାକାନ୍ଥରୁ ଝରୁଥିବା ପାଣି ପିଇ ସେମାନେ ଜୀବନ ବଞ୍ଚାଇଥିଲେ। ଜୁଲାଇ ୮ରୁ ୧୦ ମଧ୍ୟରେ ପିଲାଙ୍କୁ ପହଁରା ତାଲିମ ଦିଆଯାଇଥିଲା। ସ୍ୱତନ୍ତ୍ର ବୁଡାଳି ଟିମ୍ ଦ୍ୱାରା ଦୀର୍ଘ ୪କିଲୋମିଟର ବ୍ୟାପୀ ଜଳଭରା ବିପଜ୍ଜନକ ପଥଦେଇ ସେମାନଙ୍କୁ ଉଦ୍ଧାର କରାଯାଇଥିଲା। ସେମାନଙ୍କର ଦୁଃସାହସିକ ରହଣି, ଧୈର୍ଯ୍ୟ ଏବଂ ନିରାପଦ ପ୍ରତ୍ୟାବର୍ତ୍ତନ ପାଇଁ ଅକ୍ଟୋବରରେ ମାଞ୍ଚେଷ୍ଟର ୟୁନାଇଟେଡ ମ୍ୟାଚ୍‌ରେ ଯୋଗ ଦେବାଲାଗି ସେମାନଙ୍କୁ ବ୍ରିଟେନ ନିମନ୍ତ୍ରଣ କରାଯାଇଥିଲା। ସେମାନେ ମଧ୍ୟ ସମର ୟୁଥ୍ ଅଲିମ୍ପିକ୍ସ ଦେଖିବା ଲାଗି ବୁଏନ୍ସ ଏରିସ୍ ଗସ୍ତ କରିଥିଲେ। ଆମେରିକାର ସୁପରିଚିତ ଟିଭି ହୋଷ୍ଟ ଏଲେନ୍ ଡିଜେନେରେସ୍ ସେମାନଙ୍କର ସାକ୍ଷାତକାର ନେଇଥିଲେ।

ବର୍ଷକ ତଳର ସେଇ ଦୁଃଖଦ ସ୍ମୃତି ଚାରଣ କରି ରବିବାର ଥାଇଲାଣ୍ଡରେ ଏକ ଗଣଦୌଡ ଅନୁଷ୍ଠିତ ହେଉଛି। ଏହି ଚର୍ଚ୍ଚିତ ଗୁମ୍ଫାକୁ ମ୍ୟୁଜିୟମରେ ପରିଣତ କରାଯିବା ସହିତ ଉଦ୍ଧାର କାର୍ଯ୍ୟ ବେଳେ ପ୍ରାଣ ହରାଇଥିବା ଥାଇ ଡାଇଭର ସମନ କୁନାନଙ୍କ ଏକ ବ୍ରୋଞ୍ଜ ପ୍ରତିମୂର୍ତ୍ତି ମଧ୍ୟ ନିର୍ମାଣ ହୋଇଛି। ଗୁମ୍ଫାର ପ୍ରବେଶପଥ ନିକଟରେ ସୋମବାର ଅନୁଷ୍ଠିତ ହେଉଥିବା ବୌଦ୍ଧ ଧର୍ମାବଲମ୍ବୀଙ୍କ ଏକ କାର୍ଯ୍ୟକ୍ରମରେ ଫୁଟବଲ ଖେଳାଳି ଏବଂ କୋଚ ଅଂଶଗ୍ରହଣ କରିବେ।

ଓଡ଼ିଶାର ବନ୍ୟା ବିପତ୍ତି ଆଟ୍‌ଲାସ ଉନ୍ମୋଚିତ

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବନ୍ୟା ବିପତ୍ତି ଆଟ୍‌ଲାସକୁ ଉନ୍ମୋଚନ କରୁଛନ୍ତି।

ବାତ୍ୟା ଅଞ୍ଚଳକୁ ସ୍ୱତନ୍ତ୍ର ଧ୍ୟାନ

- ରାଜ୍ୟରେ ବର୍ଷକୁ ୧୪ ଲକ୍ଷ ହେକ୍ଟର ଜମି କ୍ଷତିଗ୍ରସ୍ତ ହେଉଛି
- ମିଳିତ ଉଦ୍ୟମ କରିବାକୁ ସମସ୍ତ ବିଭାଗକୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ

ଭୁବନେଶ୍ୱର,୨୨।୬(ବ୍ୟୁରୋ)

ଏଣିକି ବନ୍ୟା କ୍ଷତିଗ୍ରସ୍ତ ଅଞ୍ଚଳକୁ ରାଜ୍ୟ ସରକାର ସ୍ୱତନ୍ତ୍ର ଧ୍ୟାନ ଦେବେ। ୨୦୦୦ରୁ ୨୦୧୮ ପର୍ଯ୍ୟନ୍ତ ଓଡ଼ିଶାରେ ହୋଇଥିବା ବନ୍ୟା ସମ୍ପର୍କିତ ବିଭିନ୍ନ ତଥ୍ୟକୁ ସଂଗ୍ରହ କରାଯାଇ ଏକ ରାଜ୍ୟ ବନ୍ୟା ବିପତ୍ତି ମାନଚିତ୍ର(ଫ୍ଲଡ୍ ହାଜାର୍ଡ ଆଟ୍‌ଲାସ ଅଫ୍ ଓଡ଼ିଶା)ପ୍ରସ୍ତୁତ କରାଯାଇଛି। ଏହାକୁ ଶନିବାର ସଚିବାଳୟଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉନ୍ମୋଚନ କରିଛନ୍ତି। ରାଜ୍ୟରେ ବର୍ଷକୁ ପ୍ରାୟ ୧୪ ଲକ୍ଷ ହେକ୍ଟର ଚାଷଜମି ବନ୍ୟା ଦ୍ୱାରା କ୍ଷତିଗ୍ରସ୍ତ ହେଉଛି। ଉକ୍ତ ଆଟ୍‌ଲାସ ସହାୟତାରେ ଅଧିକ କ୍ଷତିଗ୍ରସ୍ତ ଅଞ୍ଚଳ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦିଆଯାଇପାରିବ। ଇସ୍ରୋ ଅଧୀନରେ ଥିବା ନ୍ୟାଶନାଲ ରିମୋଟ ସେନସିଂ ସେଣ୍ଟର (ଏନ୍‌ଆରଏସ୍‌ସି) ଏବଂ ଓଡ଼ିଶା ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ କର୍ତ୍ତୃପକ୍ଷଙ୍କ ଦ୍ୱାରା ମିଳିତ ପ୍ରୟାସରେ ଏହି ଆଟ୍‌ଲାସ ପ୍ରସ୍ତୁତ କରାଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଓଡ଼ିଶାରେ ବନ୍ୟା ନିୟମିତ ପ୍ରାକୃତିକ ବିପର୍ଯ୍ୟୟ ଭାବେ ଦେଖାଦେଉଛି। ଏହାଦ୍ୱାରା ପ୍ରତିବର୍ଷ ଅନେକ ଧନଜୀବନ ଓ ଜୀବିକା ନଷ୍ଟ ହେଉଛି। ଏହି ବନ୍ୟା ବିପତ୍ତି ମାନଚିତ୍ର ଦ୍ୱାରା ରାଜ୍ୟର ସ୍ୱତନ୍ତ୍ର ବିପତ୍ତି ଅଞ୍ଚଳଗୁଡ଼ିକୁ ଚିହ୍ନଟ କରାଯାଇ ଏହାର ମୁକାବିଲା କରିବା ପାଇଁ ଉପଯୁକ୍ତ ଯୋଜନା ପ୍ରସ୍ତୁତ କରାଯାଇପାରିବ। ବନ୍ୟା ପରିଚାଳନାରେ ଏହି ଆଟ୍‌ଲାସ ବିଶେଷ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଓଡ଼ିଶା ବହୁମୁଖୀ ପ୍ରାକୃତିକ ବିପର୍ଯ୍ୟୟକୁ ସମ୍ମୁଖୀନ ହେଉଛି। ସାମୁଦ୍ରିକ ଝଡ଼ ଫାଇଲିନ୍, ତିତ୍‌ଲି, ହୁଡ୍‌ହୁଡ୍, ଫନୀ ଭଳି ପ୍ରାକୃତିକ ବିପର୍ଯ୍ୟୟକୁ ରାଜ୍ୟ ସରକାର ଉଚିତ ଢଙ୍ଗରେ ମୁକାବିଲା କରିବାକୁ ପ୍ରସ୍ତୁତି କରିଥିଲେ। ବିଶ୍ୱସ୍ତରୀୟ ବିପର୍ଯ୍ୟୟ ପରିଚାଳନା କରିବାରେ ଓଡ଼ିଶା ସଫଳ ହୋଇପାରିଛି। ମୌସୁମୀ ଆଗମନ ହୋଇଥିବାରୁ ଆଗାମୀ ଦିନରେ ରାଜ୍ୟରେ ବନ୍ୟା ଭଳି ପ୍ରାକୃତିକ ବିପତ୍ତି ହେବାର ସମ୍ଭାବନା ରହିଛି। ଏହି ବିପତ୍ତିକୁ ମୁକାବିଲା କରିବାକୁ ପ୍ରତ୍ୟେକ ସ୍ତରରେ ଉଦ୍ୟମ ହେବା ଦରକାର। ମରୁଡ଼ି ଭଳି ପ୍ରାକୃତିକ ବିପତ୍ତିକୁ ମୁକାବିଲା କରିବାକୁ ପ୍ରସ୍ତୁତ ରହିବାକୁ ହେବ। ଜଳସମ୍ପଦ ବିଭାଗ ନଦୀବନ୍ଧଗୁଡ଼ିକର ସୁରକ୍ଷାକୁ ନିଶ୍ଚିତ କରିବା ଆବଶ୍ୟକ। ଓଡ଼ିଶା ଡିଜାଷ୍ଟର ରାପିଡ୍ ଆକ୍ସନ ଫୋର୍ସ ଏବଂ ଅଗ୍ନିଶମ ବିଭାଗ ଡଙ୍ଗା ଓ ଅନ୍ୟାନ୍ୟ ଉପକରଣ ସହିତ ପ୍ରସ୍ତୁତ ରହିବା ଦରକାର। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଖାଦ୍ୟସାମଗ୍ରୀ କିପରି ସମସ୍ତ ଅଞ୍ଚଳରେ ପହଞ୍ଚିପାରିବ ସେ ନେଇ ସଜାଗ ରହିବାକୁ ସଚିବାଳୟଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକରେ ପରାମର୍ଶ ଦିଆଯାଇଛି। ସେହିପରି ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ସହରାଞ୍ଚଳକୁ ନିରାପଦ ପାନୀୟ ଜଳ ଯୋଗାଣ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ବନ୍ୟା ସମୟରେ ପ୍ରଭାବିତ ଅଞ୍ଚଳରେ କିପରି ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଇପାରିବ ସେ ନେଇ ଯତ୍ନବାନ ହେବାକୁ କୁହାଯାଇଛି। ପ୍ରାକୃତିକ ବିପର୍ଯ୍ୟୟକୁ କିପରି ମୁକାବିଲା କରାଯାଇପାରିବ ସେ ନେଇ ପରାମର୍ଶ ଦେବାକୁ କମିଟିର ସଦସ୍ୟମାନଙ୍କଠାରୁ ମତାମତ ମଗାଯାଇଛି।

ଏହି କାର୍ଯ୍ୟକ୍ରମରେ କୃଷିମନ୍ତ୍ରୀ ଅରୁଣ ସାହୁ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁଦାମ ମାରାଣ୍ଡି, ସୂଚନା ଓ ଲୋକସମ୍ପର୍କ ଏବଂ ଜଳସେଚନ ମନ୍ତ୍ରୀ ରଘୁନନ୍ଦନ ଦାଶ, ଏନ୍‌ଆର୍‌ଏସ୍‌ସିର ନିର୍ଦ୍ଦେଶକ ଡ. ଦିବାକର, ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ, ଉନ୍ନୟନ କମିଶନର ଅସୀତ୍ ତ୍ରିପାଠୀ, ସ୍ୱତନ୍ତ୍ର ରିଲିଫ କମିଶନର ବିଷ୍ଣୁପଦ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

ଗୁଳିକାଣ୍ଡ: ମାମୁଘରେ ଭଣଜା ମୃତ

ବରଗଡ଼ ଅଫିସ/ ଅମ୍ବାଭୋନା, ୨୨।୬ (ଡି.ଏନ.ଏ.)

ବରଗଡ଼ ଜିଲ ଅମ୍ବାଭୋନା ଥାନା ଅନ୍ତର୍ଗତ କଲମୀ ଗ୍ରାମରେ ଶୁକ୍ରବାର ରାତି ପ୍ରାୟ ସାଢ଼େ ୯ଟାରେ ଏକ ଗୁଳିକାଣ୍ଡ ଘଟିଛି । ଗୁଳିକାଣ୍ଡରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି । ମୃତ ଯୁବକ ହେଲେ ଅମ୍ବାଭୋନା ବସ୍‌ଷ୍ଟାଣ୍ଡ ପଡ଼ାର ରାକେଶ ବେହେରା(୨୪) । ଶନିବାର ପୋଲିସ ମୃତଦେହ ଜବତ କରି ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇଛି । ତେବେ କେଉଁ ପରିସ୍ଥିତିରେ ଗୁଳିକାଣ୍ଡ ଘଟିଲା ଏବଂ ଯୁବକଙ୍କ ମୃତ୍ୟୁ ହେଲା, ତାହା ବର୍ତ୍ତମାନ ସୁଦ୍ଧା ସ୍ପଷ୍ଟ ହୋଇନାହିଁ। ସେହିପରି ଯୁବକ ଜଣକ ନିଜକୁ ଗୁଳି କରି ଆତ୍ମହତ୍ୟା କରିଛନ୍ତି ନା ତାଙ୍କୁ କେହି ଗୁଳିମାଡ଼ କରି ହତ୍ୟା କରିଛନ୍ତି, ତାହା ଜଣାପଡିନାହିଁ । ମୃତ ଯୁବକଙ୍କ ମୁଣ୍ଡରେ ଗୁଳି ମାଡ଼ ହୋଇଥିବାବେଳେ ପୋଲିସ ଏକ ଖୋକାକୁ ଜବତ କରିଛି । ଏହି ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ(ରାତ୍ରି ୭ଟା) ବନ୍ଧୁକ ମିଳି ନ ଥିବାରୁ ଘଟଣାଟି ରହସ୍ୟଜନକ ହୋଇ ପଡ଼ିଛି। ଅନ୍ୟପକ୍ଷେ ଏହି ଗୁଳିକାଣ୍ଡକୁ ନେଇ ନାନା କଳ୍ପନାଜଳ୍ପନା ଚାଲିଛି । ସୂଚନାଯୋଗ୍ୟ, ମୃତ ଯୁବକ ପୂର୍ବରୁ ବିଭିନ୍ନ ଆପରାଧିକ ମାମଲାରେ ସମ୍ପୃକ୍ତ ଥିଲେ । ସେ ଅବିବାହିତ ଏବଂ ଗାଡ଼ି ଡ୍ରାଇଭର ଭାବେ କାମ କରୁଥିଲେ । ସେ ଶୁକ୍ରବାର ସନ୍ଧ୍ୟାରେ ଘରକୁ ଆସିଥିଲେ । ରାତ୍ରି ପ୍ରାୟ ସାଢ଼େ ୯ଟାରେ ଏପରି ଘଟିଥିବା ତାଙ୍କ ମାମୁ ଶ୍ୟାମଲାଲ ଜାମୁଡ଼ାଲିଆ କହିଛନ୍ତି । ତେବେ କେଉଁ ପରିସ୍ଥିତିରେ ଗୁଳିକାଣ୍ଡ ଘଟିଲା, ସମସ୍ତେ ଶୋଇଥିବା ଯୋଗୁ ତାହା ଜାଣି ପାରି ନାହାନ୍ତି ବୋଲି ଜାମୁଡ଼ାଲିଆ ପ୍ରକାଶ କରିଛନ୍ତି ।



- ବିବାହ ଉତ୍ସବ ପାଲଟିଲା ଶୋକାକୁଳ ପରିବେଶ

ପୋଖରୀରେ ବୁଡ଼ି ୨ ନାବାଳିକା ମୃତ

ରୂପସା/ବସ୍ତା, ୨୨।୬(ଡି.ଏନ.ଏ./ସ୍ୱ.ପ୍ର.)

ବାଲେଶ୍ୱର ଜିଲା ସଦର ବ୍ଲକ ଛାନୁଆ ପଞ୍ଚାୟତ ଅନ୍ତର୍ଗତ ସୋଲପଟା ବଗଚରା ଗ୍ରାମରେ ଶନିବାର ଏକ ବିବାହ ଭୋଜି ଧୁମ୍‌ଧାମ୍‌ରେ ଚାଲିଥିବା ବେଳେ ଘଟିଛି ଏକ ଦୁଃଖଦ ଘଟଣା। ଭୋଜିରେ ଯୋଗ ଦେବାକୁ ଆସିଥିବା ୨ ନାବାଳିକା ଘରପାଖ ପୋଖରୀରେ ବୁଡିଯିବାରୁ ସେମାନଙ୍କ ମୃତ୍ୟୁ ଘଟିଛି। ଏହି ଖବର ପ୍ରଚାରିତ ହେବା ପରେ ଖୁସିର ମାହୋଲ ପାଲଟିଯାଇଥିଲା ଶୋକାକୁଳ ପରିବେଶ। ୨ ଝିଅଙ୍କୁ ହରାଇ ପରିବାର ଲୋକଙ୍କ ସହ ବନ୍ଧୁବାନ୍ଧବ ଦୁଃଖରେ ଭାଙ୍ଗିପଡିଛନ୍ତି।

ବଗଚରା ଗ୍ରାମର ମୃତ୍ୟୁଞ୍ଜୟ ପ୍ରମାଣିକଙ୍କ ପୁଅ ଦେବୀଶଙ୍କରଙ୍କ ଶୁକ୍ରବାର ବିବାହ ଅନୁଷ୍ଠିତ ହୋଇଥିଲା। ଶନିବାର ଥିଲା ଭୋଜି। ବନ୍ଧୁବାନ୍ଧବ, ଦୂରସମ୍ପର୍କୀୟ ଓ ପରିବାରବର୍ଗ ସମସ୍ତେ ଏକାଠି ହୋଇଥିଲେ। ଅପରାହ୍ନ ପ୍ରାୟ ସାଢେ ଗୋଟାଏ ବେଳେ ବର୍ଷା ଛାଡ଼ି ଯିବା ପରେ ମୃତ୍ୟୁଞ୍ଜୟଙ୍କ ସମ୍ପର୍କୀୟ ୨ ନାତୁଣୀ ବର୍ଷା(୭) ଓ ଇତିଶ୍ରୀ(୬) ଘର ପାଖ ପୋଖରୀହୁଡ଼ାରେ ବୁଲୁଥିଲେ। ଅସାବଧାନତାବଶତଃ ସେମାନେ ପୋଖରୀ ପାଣିରେ ପଡ଼ିଯାଇଥିଲେ। ପରିବାର ଲୋକେ ସେମାନଙ୍କୁ ଉଦ୍ଧାର କରି ତୁରନ୍ତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇ ଯାଇଥିଲେ। ହେଲେ ସେତେବେଳକୁ ଉଭୟଙ୍କର ପ୍ରାଣବାୟୁ ଉଡିଯାଇଥିଲା। ଡାକ୍ତର ନାବାଳିକାଦ୍ୱୟଙ୍କୁ ମୃତ ଘୋଷଣା କରିଥିଲେ। ବର୍ଷା ମୃତ୍ୟୁଞ୍ଜୟଙ୍କ ପୁତୁରା ଅନୁକୂଳ ପ୍ରମାଣିକଙ୍କ ଝିଅ ହୋଇଥିବା ବେଳେ ଇତିଶ୍ରୀ ମୃତ୍ୟୁଞ୍ଜୟଙ୍କ ଝିଆରୀଙ୍କ ଝିଅ ଅଟନ୍ତି। ଇତିଶ୍ରୀଙ୍କ ଘର ସିଂଲା ଥାନା ଆଲୁମେଦା ଗ୍ରାମରେ। ବସ୍ତା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି।

- ଗସ୍‌ମା ମାଓବାଦୀ-ପୋଲିସ ଗୁଳି ବିନିମୟ ମାମଲା

ସବ୍ୟସାଚୀଙ୍କ ବିରୋଧରେ ପୋଲିସ ଦେଲା ସାକ୍ଷ୍ୟ

ଭଞ୍ଜନଗର,୨୨।୬(ଡି.ଏନ.ଏ.)

ଗଞ୍ଜାମ ଜିଲା ଗାଲେରୀ ଫାଣ୍ଡି ପୋଡ଼ି ମାମଲା ଓ ଏହାପରେ ଗସ୍‌ମା ଜଙ୍ଗଲରେ ପୋଲିସ ଓ ମାଓବାଦୀଙ୍କ ମଧ୍ୟରେ ହୋଇଥିବା ଗୁଳି ବିନିମୟ ମାମଲାରେ ଶୁକ୍ରବାର ଓ ଶନିବାର ସାକ୍ଷୀମାନଙ୍କ ବୟାନ ରେକର୍ଡ ଭଞ୍ଜନଗର ଏଡିଜେଙ୍କ କୋର୍ଟରେ ହୋଇଥିଲା। ୬ଜଣ ପୋଲିସ ବା ସ୍ୱତନ୍ତ୍ର ଅପରେଶନ ଗ୍ରୁପ୍ କର୍ମଚାରୀ ଉକ୍ତ ଗୁଳି ବିନିମୟ ଏବଂ ଫାଣ୍ଡି ପୋଡ଼ି ମାମଲାରେ ସାକ୍ଷ୍ୟ ଦେଇଛନ୍ତି। ସେଥିମଧ୍ୟରୁ କେତେଜଣ ଯବାନ ସବ୍ୟସାଚୀଙ୍କ ବିରୋଧରେ ସାକ୍ଷୀ ଦେଇଛନ୍ତି ବୋଲି ସରକାରୀ ଓକିଲ ଡ. ସୁଶାନ୍ତ କୁମାର ତ୍ରିପାଠୀ କହିଛନ୍ତି। ଏହାପରେ ସବ୍ୟସାଚୀଙ୍କୁ କଡ଼ା ସୁରକ୍ଷା ମଧ୍ୟରେ ବ୍ରହ୍ମପୁର ଜେଲକୁ ପଠାଇ ଦିଆଯାଇଛି। ସରକାରଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଏମ୍.ତାଜ୍ ଆଦେନୀ, ସୁଶାନ୍ତ ତ୍ରିପାଠୀ,ବିମ୍ବାଧର ଷଡଙ୍ଗୀ ଓ ମୁଦାଲାଙ୍କ ପକ୍ଷରୁ ଦଣ୍ଡପାଣି ସ୍ୱାଇଁ, ସମୀର ନାୟକ ମକଦ୍ଦମା ପରିଚାଳନା କରୁଛନ୍ତି। ଗସମା ଗୁଳି ବିନିମୟ ମାମଲାରେ ୯୨ଜଣ ସାକ୍ଷ୍ୟ ଥିବାବେଳେ ଶନିବାର ସୁଦ୍ଧା ୨୨ଜଣ ସାକ୍ଷ୍ୟ ଦେଇଛନ୍ତି। ସେହିଭଳି ଗାଲେରୀ ଫାଣ୍ଡି ପୋଡ଼ି ମାମଲାରେ ୫୭ ଜଣ ସାକ୍ଷ୍ୟ ଥିବାବେଳେ ୧୧ ସାକ୍ଷ୍ୟ ଦେଇଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ୨୦୦୮ ଫେବୃୟାରୀ ୧୫ ତାରିଖ ରାତିରେ ମାଓବାଦୀମାନେ ନୟାଗଡ଼ ଅସ୍ତ୍ରାଗାର ଲୁଟିବା ପରେ ଗଞ୍ଜାମ ଜିଲା ଗାଲେରୀ ଫାଣ୍ଡି ଅଭିମୁଖେ ଆସିଥିଲେ। ୧୬ ତାରିଖ ପ୍ରତ୍ୟୁଷରେ ପୋଲିସର ଲକ୍ଷ୍ୟଭ୍ରଷ୍ଟ କରିବା ପାଇଁ ଗାଲେରୀ ଫାଣ୍ଡିକୁ ବୋମା ପକାଇ ଉଡ଼ାଇ ଦେଇଥିଲେ। ପରେ ମାଓବାଦୀମାନେ ଗଞ୍ଜାମ-କନ୍ଧମାଳ ଜିଲା ସୀମାବର୍ତ୍ତୀ ଗସମା ଜଙ୍ଗଲକୁ ଚାଲିଯାଇଥିଲେ। ଏହାପରେ ପୋଲିସ ପକ୍ଷରୁ କୋମ୍ବିଂ ଅପରେଶନ କରାଯାଇଥିଲା। ଏଥିରେ ୩ ଜଣ ଯବାନ ଶହୀଦ ହୋଇଥିଲେ। ଏଥିସହ ୨୦ ମାଓବାଦୀଙ୍କ ମୃତ୍ୟୁ ଘଟିଥିବା ପୋଲିସ ପକ୍ଷରୁ ସେ ସମୟରେ ଦାବି କରାଯାଇଥିଲା। କିନ୍ତୁ ପୋଲିସ ମାଓବାଦୀଙ୍କ ଗୋଟିଏ ବି ମୃତଦେହ ଠାବ କରି ପାରି ନ ଥିଲା। ଏହାପରେ ଗଜପତି ଜିଲାରେ ୨ଜଣ ମାଓବାଦୀ ଏହି ଗୁଳି ବିନିମୟରେ ପ୍ରାଣ ହରାଇଥିବା ଘୋଷଣା କରାଯାଇଥିଲା।

ଜନ୍ମଦିନର ଶୁଭେଚ୍ଛା

ନାମ: ....
ବୟସ:....................................
ଜନ୍ମ ତାରିଖ: ....

ଦେବାଂଶୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

୫-ଟି ପାଳନ ଉପରେ ନଜର ରଖିବ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ

'ଭଲ କାମର ହଲ୍‌ମାର୍କ ହେଉଛି ଲୋକଙ୍କ ସନ୍ତୋଷ'

ଭୁବନେଶ୍ୱର,୨୨।୬(ବ୍ୟୁରୋ)

ଗୋଟିଏ ସରକାର ଭଲ କାମ ପାଇଁ ଲୋକଙ୍କ ବିଶ୍ୱାସଭାଜନ ହୋଇଯାଏ। ବର୍ତ୍ତମାନ ଆମେ ବିକାଶ ଓ ପ୍ରଶାସନରେ ଏକ ନିର୍ଦ୍ଦିଷ୍ଟ ସ୍ତରରେ ପହଞ୍ଚିସାରିଛୁ। ପରବର୍ତ୍ତୀ ପର୍ଯ୍ୟାୟକୁ ଯିବାକୁ ଆମକୁ ଆହୁରି କାମ କରିବାକୁ ପଡ଼ିବ। ଲୋକମାନଙ୍କ ଆଶା ଓ ଆକାଂକ୍ଷାକୁ ପୂରଣ କରିବାକୁ ଆହୁରି ସେବା ଯୋଗାଇବାକୁ ପଡ଼ିବ। ବିଭିନ୍ନ ବିଭାଗର ସଚିବ, ପ୍ରମୁଖ ଶାସନ ସଚିବ ଓ ବରିଷ୍ଠ ଅଧିକାରୀମାନଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏଭଳି ବାଣୀ ଶୁଣାଇଛନ୍ତି।

ଶନିବାର ସଚିବାଳୟଠାରେ ସଚିବସ୍ତରୀୟ ବୈଠକରେ ଯୋଗଦେଇ ନବୀନ କହିଛନ୍ତି ଯେ, ଭଲ କାମର ହଲ୍‌ମାର୍କ ହେଉଛି ଲୋକଙ୍କ ସନ୍ତୋଷ। କାର୍ଯ୍ୟ କରିବାକୁ ଏକ ବଡ଼ ସୁଯୋଗ ରହିଛି। ଡାକ୍ତରଖାନାକୁ ଆସୁଥିବା ଲୋକମାନେ ସନ୍ତୁଷ୍ଟ କି ନୁହେଁ। ସେମାନଙ୍କ ମତାମତ ସ୍ୱାସ୍ଥ୍ୟ ବିଭାଗ ନେଉଛି କି? ପରିବହନ ବିଭାଗରୁ ଲାଇସେନ୍ସ ନେଉଥିବା ଲୋକମାନଙ୍କ ପ୍ରତିକ୍ରିୟା ପ୍ରତି ବିଭାଗ ସଚେତନ କି? ହଜାର ହଜାର ଲୋକ ତହସିଲ ଯାଉଛନ୍ତି, ସେମାନଙ୍କ ଅନୁଭୂତି ବିଷୟରେ ଆପଣ ଜାଣନ୍ତି କି? ଏ ସବୁ ଅଫିସ ଲୋକଙ୍କ ସେବା ପାଇଁ ରହିଛି। ସେମାନଙ୍କ ଟଙ୍କାରେ ଚାଲିଛି। ଏ ସବୁ ଅଫିସ କାର୍ଯ୍ୟରେ ଲୋକମାନେ କେତେ ସନ୍ତୁଷ୍ଟ ସେ ବିଷୟରେ ମୁଁ ଜାଣିବାକୁ ଚାହୁଁଛି ବୋଲି ମୁଖ୍ୟମନ୍ତ୍ରୀ ବିଭାଗୀୟ ଅଧିକାରୀମାନଙ୍କୁ କହିଛନ୍ତି। ମୁଁ ଆପଣଙ୍କ ଦକ୍ଷତା ମାପୁଛି। ଲୋକମାନେ ମୋ ଦକ୍ଷତା ମାପୁଛନ୍ତି। ଏ ଦୁଇଟି ଭିତରେ ସମ୍ପର୍କ ରହିବା ଦରକାର। ସମସ୍ତେ ଏଥିପାଇଁ ଉତ୍ତରଦାୟୀ ରହିବାକୁ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ପଞ୍ଚମ ପାଳି ଶାସନରେ ନିଯୁକ୍ତି ଉପରେ ଗୁରୁତ୍ୱ ଦେଉଛି। ଶିଳ୍ପାୟନ ଓ ଭିତ୍ତିଭୂମି, ଏମ୍‌ଏସ୍‌ଏମ୍‌ଇ କ୍ଲଷ୍ଟର ଓ ଷ୍ଟାର୍ଟ ଅପ୍ ହବ୍ କ୍ଷେତ୍ରରେ ଅଷ୍ଟ୍ରେଲିଆ, କୋରିଆ ଓ ସିଙ୍ଗାପୁର ଭଳି ଦେଶଗୁଡ଼ିକ ସହ ଓଡ଼ିଶାକୁ ସମକକ୍ଷ କରିବାକୁ ଚାହୁଁଛି ବୋଲି ନବୀନ କହିଛନ୍ତି। ବିଭିନ୍ନ କ୍ଷେତ୍ରରେ ଆମର ନୀତିକୁ ଦେଶର ଶ୍ରେଷ୍ଠ ନୀତି କରିବା । ଏ ଦିଗରେ ଆମର ବିପୁଳ ସାମର୍ଥ୍ୟ ରହିଛି। ଯଦି ଦେଶର ଶ୍ରେଷ୍ଠ ରାଜ୍ୟ ସୁବିଧା ରହିଛି, ତାହାଠାରୁ ଅଧିକ ସୁବିଧା ଦେବା। ସରକାରୀ ସେବା ଯୋଗାଇବା କ୍ଷେତ୍ରରେ ଆମେ ଏକ ବଡ଼ ପରିବର୍ତ୍ତନ ଆଣିବା। ଲୋକମାନଙ୍କ ଉପରେ ଅଧିକ ବିଶ୍ୱାସ ରଖିବା। ୫-ଟିକୁ ଅକ୍ଷରେ ଅକ୍ଷରେ ପାଳନ କରିବା । ସରକାରଙ୍କ ଦ୍ୱାରା ଯୋଗାଇ ଦିଆଯାଉଥିବା ବିଭିନ୍ନ ସେବା ଓ ପ୍ରକ୍ରିୟାକୁ ଚିହ୍ନଟ କରିବା, ଯେଉଁଥିରେ ୫-ଟିକୁ କାର୍ଯ୍ୟକାରୀ କରିପାରିବା। ଏହାକୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ସିଧାସଳଖ ତଦାରଖ କରିବ।

ବନ୍ଦ ହେବ ୯୬୬ ପ୍ରାଥମିକ ବିଦ୍ୟାଳୟ

ଭୁବନେଶ୍ୱର, ୨୨।୬(ବ୍ୟୁରୋ)

- ଛାତ୍ରୀଛାତ୍ରଙ୍କୁ ନିକଟ ବିଦ୍ୟାଳୟକୁ ସ୍ଥାନାନ୍ତର କରାଯିବ
- ୧ କି.ମି.ରୁ ଅଧିକ ଦୂର ହୋଇଥିଲେ ମିଳିବ ଯାତାୟାତ ଖର୍ଚ୍ଚ

ସ୍କୁଲକୁ ପାଠପଢ଼ି ଯିବା ପାଇଁ ରାଜ୍ୟ ସରକାର ପିଲାମାନଙ୍କୁ ଅନେକ ସୁବିଧା ଓ ସୁଯୋଗ ଦେଉଛନ୍ତି। କିନ୍ତୁ କେତେକ ସରକାରୀ ବିଦ୍ୟାଳୟରେ ପିଲାଙ୍କ ସଂଖ୍ୟା ଅତି ନଗଣ୍ୟ ରହିଛି। ତେଣୁ ୧୦ରୁ କମ୍ ଛାତ୍ରୀଛାତ୍ର ଥିବା ୯୬୬ଟି ପ୍ରାଥମିକ ବିଦ୍ୟାଳୟ ଚିହ୍ନଟ କରାଯାଇଛି। ଏସବୁ ବିଦ୍ୟାଳୟକୁ ସବୁଦିନ ପାଇଁ ବନ୍ଦ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ତେବେ ସେହି ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନିକଟସ୍ଥ ବିଦ୍ୟାଳୟକୁ ସ୍ଥାନାନ୍ତର କରାଯିବ। ଯଦି ଉକ୍ତ ବିଦ୍ୟାଳୟର ଦୂରତା ୧ କି.ମି.ରୁ ଅଧିକ ହୋଇଥିବ, ତେବେ ସରକାର ପିଲାଙ୍କୁ ବାଟଖର୍ଚ୍ଚ ଦେବେ। ଏ ବାବଦ ଟଙ୍କା ସମ୍ପୃକ୍ତ ପିଲାଙ୍କ ଅଭିଭାବକଙ୍କ ଆକାଉଣ୍ଟକୁ ସିଧା ପଠାଯିବ ବୋଲି ଶନିବାର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ଦାସ କହିଛନ୍ତି। ମନ୍ତ୍ରୀଙ୍କ ସୂଚନାନୁସାରେ, ଉପସ୍ଥାନ ଅନୁସାରେ ହିଁ ଛାତ୍ରୀଛାତ୍ରଙ୍କୁ ବାଟଖର୍ଚ୍ଚ ମିଳିବ। ଯେଉଁ ଛାତ୍ରୀଛାତ୍ରମାନଙ୍କର ବିଦ୍ୟାଳୟରେ ୭୫%ରୁ ଅଧିକ ଉପସ୍ଥାନ ଥିବ, ସେମାନଙ୍କୁ ମାସିକ ୬୦୦ ଟଙ୍କା ହିସାବରେ ଦଶ ମାସକୁ ମୋଟ ୬ ହଜାର ଟଙ୍କା ଦିଆଯିବ। ସେହିଭଳି ଯେଉଁ ଛାତ୍ରୀଛାତ୍ରମାନଙ୍କର ୫୦ରୁ ୭୪% ମଧ୍ୟରେ ଉପସ୍ଥାନ ଥିବ ସେମାନଙ୍କୁ ୪୦୦ ଟଙ୍କା ଓ ୩୦ରୁ ୪୯% ହୋଇଥିଲେ ମାସିକ ୩୦୦ ଟଙ୍କା ମିଳିବ। କିନ୍ତୁ ୩୦ ପ୍ରତିଶତରୁ କମ୍ ଉପସ୍ଥାନ ଥିବା ଛାତ୍ରୀଛାତ୍ରଙ୍କୁ କୌଣସି ଯାତାୟାତ ଖର୍ଚ୍ଚ ମିଳିବ ନାହିଁ। ସେହିଭଳି ବନ୍ଦ ହେବାକୁ ଯାଉଥିବା ସ୍କୁଲର ଶିକ୍ଷୟିତ୍ରୀଶିକ୍ଷକଙ୍କୁ ମଧ୍ୟ ଅନ୍ୟ ବିଦ୍ୟାଳୟଗୁଡ଼ିକୁ ବଦଳି କରାଯିବ। ଶିକ୍ଷକ ଅଭାବ ଥିବା ବିଦ୍ୟାଳୟଗୁଡ଼ିକୁ ସେମାନଙ୍କୁ ବଦଳି କରାଯିବ ବୋଲି ମନ୍ତ୍ରୀ କହିଛନ୍ତି। ସେହିଭଳି ଏସବୁ ବିଦ୍ୟାଳୟଗୁଡ଼ିକରେ କାମ କରୁଥିବା ପାଚିକାମାନଙ୍କ ସମ୍ପର୍କରେ ପରବର୍ତ୍ତୀ ସମୟରେ ନିଷ୍ପତ୍ତି ନିଆଯିବ ବୋଲି ମନ୍ତ୍ରୀ ଦାସ କହିଛନ୍ତି।

ରାଜ୍ୟ ସଭା ପ୍ରାର୍ଥୀ ଚୟନ

ପାଟଶାଣୀ ନିରାଶ, ଦାମ କହିଲେ ଡବଲ ଇଞ୍ଜିନ୍

ଭୁବନେଶ୍ୱର,୨୨।୬(ବ୍ୟୁରୋ)

- ଏବେ ବି ଆଶାରେ ରମେଶ
- କଂଗ୍ରେସର ସମାଲୋଚନା
- ଭଲ ପ୍ରାର୍ଥୀଙ୍କୁ ବିଜେଡି ଦେଇଛି ସମର୍ଥନ : ଅରୁଣ

ବିଧାନସଭାରେ ବିଜେଡିର ସଂଖ୍ୟାଗରିଷ୍ଠତା ଥାଇ ମଧ୍ୟ ଦଳ ୩ଟି ରାଜ୍ୟ ସଭା ଆସନ ହାତେଇଲା ନାହିଁ। କିଛିବର୍ଷ ହେବ ନିଜର ମୁଖ୍ୟ ରାଜନୈତିକ ପ୍ରତିଦ୍ୱନ୍ଦ୍ୱୀ ଭାବେ ଉଭା ହୋଇଥିବା ଭାଜପା ପ୍ରାର୍ଥୀଙ୍କୁ ସମର୍ଥନ କଲା। ଏହି ନିଷ୍ପତ୍ତି ଦ୍ୱାରା ଏକାଧିକ ଆଶାୟୀ ନିରାଶ ହୋଇଛନ୍ତି। ସର୍ବୋପରି ନିର୍ବାଚନ ସମୟରେ ଟିକେଟ୍ ନ ପାଇ ରାଜ୍ୟ ସଭା ଯିବାର ପ୍ରତିଶ୍ରୁତି ପାଇଥିବା ଏକାଧିକ ନେତା ନିରାଶ ହୋଇଛନ୍ତି। ତନ୍ମଧ୍ୟରୁ ପ୍ରସନ୍ନ ପାଟଶାଣୀ ମନସ୍ତାପ କରିଥିବା ବେଳେ ରମେଶଚନ୍ଦ୍ର ଚ୍ୟାଉପଟ୍ଟନାୟକ ଏବେ ବି ଆଶା ରଖିଛନ୍ତି।

ଭୁବନେଶ୍ୱରର ପୂର୍ବତନ ଏମ୍‌ପି ପ୍ରସନ୍ନ ପାଟଶାଣୀ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ରାଜ୍ୟ ସଭା ପ୍ରାର୍ଥୀ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ତେଣୁ ସ୍ୱାଭାବିକ ଭାବେ ଆଶା ରହିଥିଲା। ସେ ଆଶାର ଏବେ କୌଣସି ମୂଲ୍ୟ ରହିଲା ନାହିଁ। ତେଣୁ ମନଦୁଃଖ ହେବା ସ୍ୱାଭାବିକ। ଅପରପକ୍ଷରେ ରମେଶଚନ୍ଦ୍ର ଚ୍ୟାଉପଟ୍ଟନାୟକ ଭିନ୍ନ ମତ ରଖିଛନ୍ତି। ସେ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ବର୍ତ୍ତମାନ ନ ହେଲେ ବି ସେ ନିଶ୍ଚୟ ତାହାକୁ ପୂରଣ କରିବେ ବୋଲି ଆଶା। ଚଳିତ ରାଜ୍ୟ ସଭା ନିର୍ବାଚନ ପାଇଁ ପ୍ରାର୍ଥୀ ସମ୍ପର୍କରେ ଦଳ ପକ୍ଷରୁ ନିଆଯାଇଥିବା ନିଷ୍ପତ୍ତି ସ୍ୱାଗତଯୋଗ୍ୟ ବୋଲି ରମେଶ କହିଛନ୍ତି। ତେବେ କେଉଁ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟକୁ ନଜର ରଖି ବିଜେଡି ଏପରି ନିଷ୍ପତ୍ତି ନେଇଛି, ତାହା କୌଣସି ବିଜେଡି ନେତା ସ୍ପଷ୍ଟ ଭାବେ କହିପାରିନାହାନ୍ତି। ବିଜେଡି ସିବିଆଇ ଭୟରେ ଭାଜପାକୁ ସମର୍ଥନ କରିଥିବା କଥା କୁହାଯାଉଛି। ହେଲେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ଏହାକୁ ଖଣ୍ଡନ କରିଛନ୍ତି। ପ୍ରଫୁଲ୍ଲ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ଦଳର ସର୍ବୋଚ୍ଚ କର୍ତ୍ତା। ସେ ଭାବିଚିନ୍ତି ନିଷ୍ପତ୍ତି ନେଇଥିବେ। ରାଜ୍ୟ ସଭା ପ୍ରାର୍ଥୀ ଚୟନ ଏକ ସ୍ୱତନ୍ତ୍ର ପ୍ରସଙ୍ଗ, ଏହାକୁ ଅନ୍ୟ ଘଟଣା ସହ ଯୋଡ଼ା ନ ଯାଉ। ଭାଜପା ଅଥବା ପ୍ରଧାନମନ୍ତ୍ରୀଙ୍କ ପକ୍ଷରୁ କୁହାଯାଉଥିବା ସବୁକଥା ମାନିବାକୁ ବିଜେଡି ବାଧ୍ୟ ନୁହେଁ ବୋଲି ସାମଲ କହିଛନ୍ତି।

ଅପରପକ୍ଷରେ କଂଗ୍ରେସ ପକ୍ଷରୁ ବିଜେଡି-ଭାଜପା ଉଭୟଙ୍କୁ ସମାଲୋଚନା କରାଯାଇଛି। ପିସିସି ଗଣମାଧ୍ୟମ ପ୍ରମୁଖ ସତ୍ୟପ୍ରକାଶ ନାୟକ କହିଛନ୍ତି ଯେ, ବିଜେଡି ଚିଟ୍‌ଫଣ୍ଡ ଦୁର୍ନୀତି, ବ୍ଲାକରୋଜ୍ ଘଟଣା ଭଳି ପ୍ରସଙ୍ଗରେ ସିବିଆଇ ନଜରରେ ରହିଛି। ତେଣୁ ସିବିଆଇ ଭୟ ବିଜେଡିକୁ ଭାଜପା ସମ୍ମୁଖରେ ରାଜନୈତିକ ଭାବେ ଦୁର୍ବଳ କରିଛି। ଯାହା ଏହି ରାଜ୍ୟ ସଭା ଡିଲ୍‌ରୁ ସ୍ପଷ୍ଟ ହୋଇଛି। ଅପରପକ୍ଷରେ ଭାଜପା ପ୍ରଭାରୀ ଅରୁଣ ସିଂ କହିଛନ୍ତି ଯେ, ବିଜେଡି-ଭାଜପା ମଧ୍ୟରେ କୌଣସି ବୁଝାମଣା ନାହିଁ। ଅଶ୍ୱିନୀ ବୈଷ୍ଣବ ଜଣେ ଉତ୍ତମ ପ୍ରାର୍ଥୀ, ତେଣୁ ତାଙ୍କୁ ବିଜେଡି ସମର୍ଥନ ଦେଇଛି। କଂଗ୍ରେସ ବର୍ତ୍ତମାନ ରାଜନୈତିକ ଗୁରୁତ୍ୱ ହରାଇଛି, ତେଣୁ ତାଙ୍କ ଅଭିଯୋଗର କୌଣସି ଗୁରୁତ୍ୱ ନାହିଁ। ହେଲେ ନିର୍ବାଚନ ପୂର୍ବରୁ ବିଜେଡିରୁ ବହିଷ୍କୃତ ହୋଇ ଭାଜପା ଯାଇଥିବା ବରିଷ୍ଠ ନେତା ଦାମୋଦର ରାଉତଙ୍କ ମତ ଚର୍ଚ୍ଚାର କାରଣ ହୋଇଛି। ଦାମୋଦର କହିଛନ୍ତି ଯେ, ନିର୍ବାଚନ ପୂର୍ବରୁ ଭାଜପା ପକ୍ଷରୁ ଡବଲ ଇଞ୍ଜିନ ସ୍ଲୋଗାନ ଦିଆଯାଇଥିଲା। ତାହା ହେଲା ନାହିଁ। ରାଜ୍ୟରେ ବିଜେଡି ଓ କେନ୍ଦ୍ରରେ ଭାଜପା ସରକାର ହେଲା। ନିକଟରେ ରାଜ୍ୟ ସଭା ପ୍ରାର୍ଥୀ ଚୟନ ନେଇ ସଂଖ୍ୟା ଥାଇ ବିଜେଡି ପ୍ରାର୍ଥୀ ଦେଲା ନାହିଁ। ଓଲଟି ଭାଜପା କରିଥିବା ପ୍ରାର୍ଥୀଙ୍କୁ ସମର୍ଥନ ଦେଲା। ତେଣୁ ପରୋକ୍ଷରେ ଡବଲ ଇଞ୍ଜିନ ସ୍ଲୋଗାନ କାର୍ଯ୍ୟକାରୀ ହୋଇଥିବା ଦାମ କହିଛନ୍ତି। ସାରା ଭାରତରେ ପ୍ରଶାସକମାନେ ରାଜନୀତିକୁ ଆସିବା ଧାରା ବୃଦ୍ଧି ପାଉଛି। ବିଜେଡି-ଭାଜପା ପରସ୍ପରର ଆବଶ୍ୟକତା ପାଳଟିଛନ୍ତି। ତେଣୁ ରାଜ୍ୟ ସଭା ସମର୍ଥନରେ ଆଶ୍ଚର୍ଯ୍ୟ ହେବାର ନାହିଁ ବୋଲି ଦାମ କହିଛନ୍ତି।

ସବୁ ଜିଲାକୁ ଛୁଇଁଲା ମୌସୁମୀ

- ଆଭ୍ୟନ୍ତରୀଣ ଓଡ଼ିଶାରେ ବର୍ଷା ସମ୍ଭାବନା
- ୨୭ ଯାଏ କାଁ ଭାଁ ବର୍ଷା

ଭୁବନେଶ୍ୱର,୨୨।୬(ବ୍ୟୁରୋ)

ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଶନିବାର ରାଜ୍ୟର ସମସ୍ତ ଜିଲାକୁ ଛୁଇଁଛି। ଉତ୍ତର-ପୂର୍ବ ବଙ୍ଗୋପସାଗର, ପଶ୍ଚିମବଙ୍ଗ ଓ ବାଂଲାଦେଶ ଉପକୂଳରେ ସୃଷ୍ଟି ହୋଇଥିବା ଲଘୁଚାପ ଆଭ୍ୟନ୍ତରୀଣ ଓଡ଼ିଶା ଉପରେ ରହିଛି। ଏହାଛଡ଼ା ଓଡ଼ିଶା ଉପରେ ଏକ ଘୂର୍ଣ୍ଣିବଳୟ କ୍ଷେତ୍ର ସୃଷ୍ଟି ହୋଇଛି। ଏଥିଯୋଗୁ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଉପକୂଳ ଏବଂ ଆଭ୍ୟନ୍ତରୀଣ ଓଡ଼ିଶାର ଅଳ୍ପ କେତେକ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମଧରଣର ବର୍ଷା ହେବ । ନବରଙ୍ଗପୁର, ନୂଆପଡ଼ା, ବଲାଙ୍ଗୀର, କୋରାପୁଟ, ମାଲକାନଗିରି, ଗଜପତି, ରାୟଗଡ଼ା ଏବଂ ବୌଦ୍ଧ ଜିଲାର ଅଳ୍ପ କେତେକ ସ୍ଥାନରେ ପ୍ରବଳ ବର୍ଷା ହେବ ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଶୁକ୍ରବାର ମୌସୁମୀ ଉପକୂଳବର୍ତ୍ତୀ ଜିଲା ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, କଟକ, ଗଜପତି, ଗଞ୍ଜାମ, ପୁରୀ, ଖୋର୍ଦ୍ଧା, ନୟାଗଡ଼, ମାଲକାନଗିରି, ଢେଙ୍କାନାଳ, ମୟୂରଭଞ୍ଜ, କୋରାପୁଟ ଜିଲା ସମେତ ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ବୌଦ୍ଧ, ଅନୁଗୋଳ ଏବଂ କେନ୍ଦୁଝର ଜିଲାକୁ ପ୍ରବେଶ କରିଥିଲା। ଶନିବାର ସମଗ୍ର ରାଜ୍ୟକୁ ଘେରିଯାଇଛି ।

ମୌସୁମୀ ପ୍ରଭାବରେ ଗତ ୪୮ ଘଣ୍ଟା ମଧ୍ୟରେ ଅନେକ ସ୍ଥାନରେ ବର୍ଷା ହୋଇଛି। ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ବାଲେଶ୍ୱରରେ ୨୩ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ଚାନ୍ଦବାଲି ୫.୪, କଟକ ୮, ପାରାଦୀପ ୨୮.୨, ଗୋପାଳପୁର ୪.୬, ପୁରୀ ୨୨.୫, ବାରିପଦା ୨୨, ଝାରସୁଗୁଡ଼ା ୪୭.୨, ସମ୍ବଲପୁର ୬.୮, ସୁନ୍ଦରଗଡ଼ ୧୧, ହୀରାକୁଦ ୧୨.୭, ଭବାନୀପାଟଣା ୪, ବଲାଙ୍ଗୀର ୪.୬, କୋରାପୁଟ ୧୮, ଟିଟିଲାଗଡ଼ ୩୩, ମାଲକାନଗିରି ୪୨, ସୋନପୁର ୪.୨ ଏବଂ ଦାରିଙ୍ଗିବାଡ଼ିରେ ୧୯ ମିଲିମିଟର ବର୍ଷା ରେକର୍ଡ କରାଯାଇଛି । ତେବେ ମୌସୁମୀ ଦୁର୍ବଳ ଅବସ୍ଥାକୁ ଚାଲି ଯାଇଥିବାରୁ ଆସନ୍ତା ୨୭ ତାରିଖ ଯାଏ ରାଜ୍ୟରେ ବର୍ଷା ହେବାର କୌଣସି ସୂଚନା ନ ଥିବା ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି।


ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

କେମିତି ରହିବ ଆଜିର ପାଗ

ରାଜ୍ୟ-ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ମେଘୁଆ ରହିବ।

ସ୍ଥାନୀୟ ଅଞ୍ଚଳ- ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ମେଘାଚ୍ଛନ୍ନ ରହିବା ସଙ୍ଗକୁ ଅପରାହ୍ଣରେ ଘଡଘଡି ସହ ବର୍ଷା ହେବାର ସମ୍ଭାବନା ଅଛି। ରବିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୨ ଡିଗ୍ରୀ ଏବଂ ସର୍ବନିମ୍ନ ୨୪ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଶନିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

ସ୍ଥାନ	ସର୍ବୋଚ୍ଚ ତାପମାତ୍ରା	ସର୍ବ ନିମ୍ନ ତାପମାତ୍ରା
ବାଲେଶ୍ୱର	୩୨.୨	୨୩.୧
ଚାନ୍ଦବାଲି	୩୩.୦	୨୫.୬
କଟକ	୩୩.୦	୨୧.୦
ପାରାଦ୍ୱୀପ	୩୧.୬	୨୫.୫
ଭୁବନେଶ୍ୱର	୩୧.୪	୨୩.୯
ଗୋପାଳପୁର	୩୪.୧	୨୫.୮
ପୁରୀ	୩୧.୮	୨୫.୦
ଅନୁଗୋଳ	୩୩.୧	୨୨.୦
ବାରିପଦା	୩୨.୪	୨୫.୫
ଝାରସୁଗୁଡ଼ା	୩୧.୮	୨୩.୭
କେନ୍ଦୁଝର	୩୧.୦	୨୩.୯
ସମ୍ବଲପୁର	୩୩.୦	୨୩.୮
ସୁନ୍ଦରଗଡ଼	୩୦.୦	୧୯.୦
ହୀରାକୁଦ	୩୦.୬	୨୪.୪
ତାଳଚେର	୩୫.୧	୨୬.୩
ଭବାନୀପାଟଣା	୩୨.୫	୨୫.୫
ବଲାଙ୍ଗୀର	୩୨.୦	୨୪.୦
କୋରାପୁଟ	୨୫.୦	୧୯.୬
ଫୁଲବାଣୀ	୩୧.୫	---
ଟିଟିଲାଗଡ଼	୩୨.୫	୨୦.୦
ମାଲକାନଗିରି	୩୧.୦	୧୯.୦
ସୋନପୁର	୩୨.୪	୨୧.୮
ଦାରିଙ୍ଗିବାଡ଼ି	୨୮.୦	୧୯.୦

ଡିଗ୍ରୀ ସେଲ୍‌ସିୟସ୍

ପ୍ରଥମ ପୃଷ୍ଠାରୁ...

ଅସମାହିତ...

ପାଳନ କରିଥାଆନ୍ତି। ହେଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସରକାର ଶପଥ ନେବାର ଦିନ କେଇଟା ପରେ ୪୦ଟି ଖଣି ନିଲାମ ନେଇ ତତ୍ପରତା ପ୍ରକାଶ କରିଥିଲେ। ତନ୍ମଧ୍ୟରୁ ୪ଟିର ନିଲାମ ପ୍ରକ୍ରିୟା ଆରମ୍ଭ ହୋଇ ସାରିଥିବା ଉଲ୍ଲେଖ କରିଥିଲେ। ଏପରିକି ପୂର୍ବରୁ ବେଆଇନ ଭାବେ ଖଣି ଉତ୍ତୋଳନ କରି ଜରିମାନା ଦେଇଥିବା କମ୍ପାନୀଙ୍କୁ ନିଲାମରୁ ଦୂରେଇ ରଖାଯାଉ ବୋଲି କଥା ଉଠିଥିଲା। ସର୍ବୋପରି ଓଡ଼ିଶା ଖଣି ନିଗମ(ଓଏମ୍‌ସି)କୁ ସମସ୍ତ ଖଣିର ପରିଚାଳନା ଦିଆଯାଉ ବୋଲି କେତେକ ବ୍ୟକ୍ତିବିଶେଷ ମତ ରଖିଥିଲେ। ହେଲେ ତାହାକୁ ଅଣଦେଖା କରାଯାଇଥିଲା। ଏହି ଘଟଣାକୁ ରାଜ୍ୟ ସଭା ନିର୍ବାଚନ ସହ ଯୋଡ଼ିଲେ ସବୁ କିଛି ପୂର୍ବ ରଣନୀତି ଥିଲା ବୋଲି ସ୍ପଷ୍ଟ ହେଉଛି।

ସେହିପରି ରାଜ୍ୟକୁ ସର୍ବାଧିକ ସୁବିଧା ଦେବାକୁ ପ୍ରତିଶ୍ରୁତି ଦେବା ଦଳକୁ କେନ୍ଦ୍ରରେ ସମର୍ଥନ କରାଯିବ ବୋଲି ବିଜେଡି ସଭାପତି ଏକାଧିକ ରାଜନୈତିକ ସାକ୍ଷାତ୍କାରରେ ମତ ରଖିଥିଲେ। ତେବେ କେନ୍ଦ୍ର-ରାଜ୍ୟ ମଧ୍ୟରେ ସେମିତି କିଛି ହେଲା କି ବୋଲି ପ୍ରଶ୍ନ ଉଠୁଛି। କେନ୍ଦ୍ରୀୟ ଅବହେଳା, ସ୍ୱତନ୍ତ୍ର ରାଜ୍ୟପାହ୍ୟା, କୋଇଲା ରୟାଲ୍‌ଟି ବୃଦ୍ଧି ଏବଂ ସ୍ୱତନ୍ତ୍ର ଧାନକେନ୍ଦ୍ରିକ ରାଜ୍ୟ(ସ୍ପେଶାଲ ଫୋକସ୍ ଷ୍ଟେଟ୍) ମାନ୍ୟତା ନେଇ କେନ୍ଦ୍ର ନିଜ ଆଭିମୁଖ୍ୟ କିଛି ସ୍ପଷ୍ଟ କରିନାହିଁ। ତେବେ କେଉଁ ରାଜନୈତିକ ଡିଲ୍ ବିଜେଡି-ଭାଜପାକୁ ସହମତି ସ୍ତରକୁ ନେଇଆସିଲା ବୋଲି ଆଲୋଚନା ହେଉଛି। ରାଜ୍ୟର କେତେଜଣ ରାଜନୈତିକ ସମୀକ୍ଷକଙ୍କ କହିବାନୁଯାୟୀ, ବିଜେଡିରେ ବହୁତ ନେତା ଟିକେଟ୍ ଆଶାୟୀ ରହିଥିଲେ। ସମସ୍ତଙ୍କୁ ଟିକେଟ୍ ମିଳିନାହିଁ, ଅନେକେ ନିର୍ବାଚନ ଲଢ଼ିବାର ସୁଯୋଗ ପାଇ ମଧ୍ୟ ପରାସ୍ତ ହୋଇଛନ୍ତି। କେତେକ ଛାମୁଆ କର୍ମୀ ଦଳ ପ୍ରତି ବିମୁଖ ହେଲେଣି। ତେଣୁ ସେମାନଙ୍କୁ ବିଧାନ ପରିଷଦରେ ଥଇଥାନ କରାଯିବ। ଓଡ଼ିଶା ବିଧାନସଭାରେ ଏନେଇ ସଂକଳ୍ପ ଗୃହୀତ ହୋଇଥିଲେ ମଧ୍ୟ କେନ୍ଦ୍ରର ମଞ୍ଜୁରୀ ଆବଶ୍ୟକତା ରହିଛି। ତେଣୁ ଏହିସବୁ କାରଣରୁ ବିଜେଡି ପକ୍ଷରୁ ଭାଜପା ରାଜ୍ୟ ସଭା ପ୍ରାର୍ଥୀଙ୍କୁ ସମର୍ଥନ ଦେଇଥିବା କଥା କୁହାଯାଉଛି। ଅପରପକ୍ଷରେ ବିଜେଡିର ଅଧଡଜନରୁ ଅଧିକ ନେତା ଚିଟ୍‌ଫଣ୍ଡ ମାମଲା ନେଇ ସିବିଆଇ ନଜରରେ ରହିଛନ୍ତି ।ଏମାନେ ସମସ୍ତେ ବିଜେଡି ଶୀର୍ଷ ନେତୃତ୍ୱଙ୍କ ନିକଟତର ବ୍ୟକ୍ତିବିଶେଷ। ୩ ଦିନ ତଳେ ଆନ୍ଧ୍ରପ୍ରଦେଶର ଟିଡିପିର ୪ ରାଜ୍ୟ ସଭା ସଦସ୍ୟଙ୍କୁ ଭାଜପା ନିଜ ସପକ୍ଷକୁ ନେଇସାରିଛି। ସେମାନଙ୍କ ମଧ୍ୟରେ ୨ ଜଣ ଏପରି ବ୍ୟକ୍ତିବିଶେଷ ଅଛନ୍ତି, ଯେଉଁମାନଙ୍କୁ ଭାଜପା ପୂର୍ବରୁ ଆନ୍ଧ୍ରପ୍ରଦେଶର ବିଜୟ ମାଲ୍ୟା ବୋଲି ଅଭିହିତ କରିଥିଲା। ହେଲେ ସେମାନେ ଏବେ ଭାଜପାରେ । ତେଣୁ ସାମ, ଦାନ, ଦଣ୍ଡ, ଭେଦ ରଣନୀତି ଆପଣାଇଥିବା ଭାଜପାର ଆଭିମୁଖ୍ୟକୁ ଅପେକ୍ଷାକୃତ ରକ୍ଷଣାତ୍ମକ କରିବା ପାଇଁ ବିଜେଡି ଏହି ରଣନୀତି ଆପଣାଇଥିବା କୁହାଯାଉଛି। ଅପରପକ୍ଷରେ ଭାଜପା ରାଜ୍ୟରେ ପୂର୍ବାପେକ୍ଷା ଭଲ ପ୍ରଦର୍ଶନ କରିଛି। ସଂସଦୀୟ ଜନମତରେ ବିଜେଡିଠାରୁ ମାତ୍ର ୪ ପ୍ରତିଶତ ଭୋଟ କମ୍ ପାଇଛି। ସେହିପରି ଯେ ପର୍ଯ୍ୟନ୍ତ କେରଳ, ପଶ୍ଚିମବଙ୍ଗ ଏବଂ ଓଡ଼ିଶାରେ ଭାଜପା ଶାସନ କରିନାହିଁ, ସେ ଯାଏ ଦଳର ସ୍ୱର୍ଣ୍ଣିମ ସମୟ ଆସି ନ ଥିବା ରାଷ୍ଟ୍ରୀୟ ଅଧକ୍ଷ ଅମିତ ଶାହ କହି ଆସୁଛନ୍ତି। ତେଣୁ ବିଜେଡି ରଣନୀତି ଦଳକୁ କେତେ ଫାଇଦାରେ ରଖିବ, ତାହା ଉପରେ ସମସ୍ତଙ୍କ ନଜର ରହିଛି।

୬ ଖଣି...

ଦେଇଥିଲେ। ଜରିମାନା ପୈଠ ନ କଲେ ଓଡ଼ିଶା ପବ୍ଲିକ ଡିମାଣ୍ଡ ରିକଭରି (ଓପିଡିଆର) ଆକ୍ଟ-୧୯୬୨ ଅନୁଯାୟୀ ସେମାନଙ୍କ ସମ୍ପତ୍ତି ବାଜ୍ୟାପ୍ତି କରିବାକୁ କୁହାଯାଇଥିଲା। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ କେତେକ ଖଣି ସଂସ୍ଥା ଆଂଶିକ ଜରିମାନା ପୈଠ କରିଥିବାବେଳେ ଅନ୍ୟ କେତେକ ଆଦୌ ଦେଇ ନ ଥିଲେ। ଏହି ଖିଲାପୀ ଖଣି ସଂସ୍ଥାଙ୍କ ସମ୍ପତ୍ତି ବାଜ୍ୟାପ୍ତି ଲାଗି କେନ୍ଦୁଝର ଜିଲାପାଳଙ୍କ କୋର୍ଟରେ ସାର୍ଟିଫିକେଟ ମାମଲା ରୁଜ୍ଜୁ କରାଯାଇ ଏହାର ବିଚାର କରାଯାଉଥିଲା। ଉକ୍ତ ମାମଲାରେ ପକ୍ଷ ରଖିବା ସକାଶେ ସମ୍ପୃକ୍ତ ଖଣି ସଂସ୍ଥାକୁ ସୁଯୋଗ ଦିଆଯାଇଥିଲା। ଶନିବାର ସାର୍ଟିଫିକେଟ ମାମଲାର ବିଚାର ପାଇଁ ତାରିଖ ଧାର୍ଯ୍ୟ ହୋଇଥିବାରୁ ମୋଟ ୧୧ ଖଣି ସଂସ୍ଥାକୁ ହାଜର ହେବା ଲାଗି ନୋଟିସ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୩ ଖଣି ସଂସ୍ଥାକୁ ବାଦ୍ ଦେଇ ୮ ଖଣି ସଂସ୍ଥା ଜବାବ ଦାଖଲ କରିଥିଲେ। ଅନ୍ୟପକ୍ଷେ ଶାରଦା ଓ ଓଏମଡିସି ଖଣିର ମାମଲା କୋର୍ଟରେ ପେଣ୍ଡିଂ ଥିବାରୁ ଉଭୟଙ୍କୁ ଦେଢ ମାସ ପାଇଁ ସମୟ ଦିଆଯାଇଛି। ଜିଲାପାଳ ଆଶିଷ ଠାକରେ ଏହି ମାମଲାର ଶୁଣାଣି କରି ଆଗାମୀ ଏକମାସ ମଧ୍ୟରେ ଉପରୋକ୍ତ ୬ ଖଣି ସଂସ୍ଥାଙ୍କ ସମ୍ପତ୍ତି ବାଜ୍ୟାପ୍ତି କରିବାକୁ ପୋଲିସ ଓ ସମ୍ପୃକ୍ତ ଅଞ୍ଚଳର ତହସିଲଦାରଙ୍କୁ ଆଦେଶ ଦେଇଛନ୍ତି।

କାର୍ଯ୍ୟ ସମୟ...

ରଖାଯାଇଥିଲା। ଏଥିସହିତ ପ୍ରତ୍ୟେକ ମାସର ଦ୍ୱିତୀୟ ଶନିବାର ଛୁଟି ଘୋଷଣା କରାଯାଇଥିଲା। ତେବେ ପୂର୍ବରୁ ପ୍ରଚଳିତ ମାସର ଦ୍ୱିତୀୟ ଶନିବାର ଛୁଟି ବ୍ୟବସ୍ଥାକୁ ଉଚ୍ଛେଦ କରାଯାଇଛି। ଏହି ବିଜ୍ଞପ୍ତି ପରେ ସଚିବାଳୟର ଜଣେ କର୍ମଚାରୀ ନିଜ ନାମ ଗୋପନ ରଖି କହିଛନ୍ତି ଯେ, ଚତୁର୍ଥ ଶନିବାର ଯେଉଁ କର୍ମଶାଳା ଓ ଦକ୍ଷତା ଶିବିର କରିବାକୁ ନିଷ୍ପତ୍ତି ହୋଇଛି, ତାହା କେବଳ କାଗଜ କଲମରେ ସୀମିତ ରହିବା ଛଡ଼ା କିଛି ନୁହେଁ। କିଛିମାସ ସରକାରୀ ନିୟମ ପାଳନ କରାଯିବ । ପରେ କେବଳ କର୍ମଚାରୀମାନେ ଛୁଟିରେ ରହିବା ଛଡ଼ା ପ୍ରକୃତ ଉଦ୍ଦେଶ୍ୟ ସାଧିତ ହେବ ନାହିଁ।

କିଛି ତଥ୍ୟ

ଟିକେଟ ବିକ୍ରିରୁ ରେଲୱେ ପ୍ରତିବର୍ଷ ୫୦ ହଜାର କୋଟି ଟଙ୍କା ଆୟ କରୁଛି।
-ରେଲୱେ ମନ୍ତ୍ରଣାଳୟ

ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

ମେଷ
ଏକାଦଶ ଚନ୍ଦ୍ର ଯୋଗୁ କାର୍ଯ୍ୟସିଦ୍ଧି ସାଙ୍ଗକୁ ବୈଷୟିକ ଅଭିବୃଦ୍ଧି ହୋଇପାରିବ। ପୂର୍ବ ସ୍ଥିରୀକୃତ ଦୂରଯାତ୍ରା, ବାଣିଜ୍ୟ, ବ୍ୟବସାୟ, ପରିବହନ, ବନ୍ଧୁ ବାନ୍ଧବ କ୍ଷେତ୍ରରେ ସୁଫଳ ପାଇବେ। ରାହୁ ଯୁକ୍ତ ରବି ହେତୁ କୃତ୍ତିକା ନକ୍ଷତ୍ର ସବୁକଥାକୁ ଭଲରୂପେ ବିଚାର କରି କାମ ନ କଲେ ଅସୁବିଧାର ସମ୍ମୁଖୀନ ହେବେ।

ବୃଷ
ଆଗକୁ ଆସୁଥିବା ଆନୁଷ୍ଠାନିକ କାମ ସକାଶେ ବିଶେଷ ଭାବେ ଧାଁ ଧଉଡ କରିବାକୁ ପଡିପାରେ। ବନ୍ଧୁଙ୍କ ଫେରିବା ବାଟକୁ ଚାହିଁ ଚାହିଁ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ। ଶିଳ୍ପ, ବ୍ୟବସାୟ, ପରିବହନ, ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ଦୂରେଇବାରେ ବନ୍ଧୁ ସାହାଯ୍ୟ କରିବେ। ଭଲ ସମ୍ପର୍କ ରଖି ନ ଥିବା ବ୍ୟକ୍ତିମାନଙ୍କଠାରୁ ଦୂରେଇ ରହିବା ଭଲ ହେବ।

ମିଥୁନ
ପାରିବାରିକ କ୍ଷେତ୍ରରେ ପରିସ୍ଥିତିବଶତଃ ଯେତିକି ପାଇବେ ତାହାର ଦୁଇଗୁଣା ଖର୍ଚ୍ଚ କରିବାକୁ ବାଧ୍ୟ ହେବେ। ଇଚ୍ଛା ନ ଥିଲେ ମଧ୍ୟ ହଠାତ୍ ଦୂରକୁ ଯିବାକୁ ପଡିପାରେ। ଅବଶ୍ୟ କର୍ମକ୍ଷେତ୍ରର ଅସମ୍ପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରିପାରିବେ। କହିବାକୁ ଇଚ୍ଛା ଥିଲେ ମଧ୍ୟ ସଂକୋଚବଶତଃ ବନ୍ଧୁଙ୍କ ନିକଟରେ ମନକଥା ପ୍ରକାଶ କରିପାରିବେ ନାହିଁ।

କର୍କଟ
ଆଜି ଅଷ୍ଟମସ୍ଥ ଚନ୍ଦ୍ର ଯୋଗୁ ମନ ଚାହୁଁ ନ ଥିବା କେତେକ ପରିସ୍ଥିତିରେ ସମ୍ମୁଖୀନ ହେବାକୁ ପଡିବାର ସୂଚନା ରହିଛି। କାର୍ଯ୍ୟହାନି ଜନିତ ଧୈର୍ଯ୍ୟଚ୍ୟୁତି ସାଙ୍ଗକୁ ମାନସିକ ଅସ୍ଥିରତା ସୃଷ୍ଟି ହୋଇପାରେ। ବିବାଦୀୟ ପରିସ୍ଥିତି କିମ୍ବା ମାଲିମକଦ୍ଦମାରେ ସ୍ଥିତି ଅବଶ୍ୟ ଅନୁକୂଳ ରହିବ। ବାଣିଜ୍ୟ, ବ୍ୟବସାୟ, ନିର୍ମାଣ ଓ ପରିବହନରେ କିଛି ସମସ୍ୟା ଦେଖାଦେବ।

ସିଂହ
କେତେକ କ୍ଷେତ୍ରରେ ସଂଘର୍ଷମୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବାକୁ ପଡ଼ିପାରେ। ଆଗାମୀ ସମୟର ଆବଶ୍ୟକତା ପୂରଣ ସକାଶେ ଟଙ୍କା ପଇସା ଯୋଗାଡ଼ କରିବା ପାଇଁ ବିଭିନ୍ନ ଫନ୍ଦିଫିକର କରିପାରନ୍ତି। ଖୋଜୁଥିବା ଜିନିଷର ସନ୍ଧାନ ନ ମିଳିବାରୁ ବ୍ୟଗ୍ରତା ବଢ଼ି ଯାଇପାରେ। ସମସ୍ୟା ସୁଧାରିବା ସକାଶେ ବନ୍ଧୁଙ୍କ ସାହାଯ୍ୟ ଭିକ୍ଷା କରିବାକୁ ପଡିବ।

କନ୍ୟା
କର୍ମକ୍ଷେତ୍ରରେ ସନ୍ଦେହାତ୍ମକ ବାତାବରଣ ମଧ୍ୟରେ ଅଣନିଃଶ୍ୱାସୀ ହେବାକୁ ପଡିପାରେ। ଶିକ୍ଷା କ୍ଷେତ୍ରରେ ଅପୂରଣୀୟ ଆଶା ଓ ସନ୍ତାନମାନଙ୍କ ବିଶୃଙ୍ଖଳିତ ଆଚରଣ ମାନସିକ ସ୍ଥିତିକୁ ଦୁର୍ବଳ କରିଦେବ। ପାରିବାରିକ ସମସ୍ୟା ଲାଗି ରହି ପାରେ। ତଥାପି ତରବର ନ ହୋଇ ଧୀରସ୍ଥିର ମନ ନେଇ କାମକଲେ ସମସ୍ୟାର ସରଳ ସମାଧାନ ହେବ।

ତୁଳା
ପ୍ରତ୍ୟେକ କ୍ଷେତ୍ରରେ ଦୋଦୁଲ୍ୟମାନ ଅବସ୍ଥାରେ ରହିବାକୁ ବାଧ୍ୟ ହେବେ। ଏହିଭଳି କେତେକ ପରିସ୍ଥିତି ସୃଷ୍ଟିହେବ, ଯାହାକି ପଣା ବୋଲି ପିଇପାରିବେ ନାହିଁ କିମ୍ବା ପାଣି ବୋଲି ମଧ୍ୟ ଫିଙ୍ଗି ପାରୁ ନ ଥିବେ। ବିଭିନ୍ନ ପ୍ରକାରର ଅସୁବିଧା ଭିତରେ ଗତି କରୁଥିବାରୁ ଧୀରେ ଧୀରେ ମାନସିକ ଅବସ୍ଥା ଖରାପ ଦିଗକୁ ଗତି କରିବ।

ବିଛା
ନୂତନକର୍ମାରମ୍ଭ, ଆନୁଷ୍ଠାନିକ କାମ, ସଭାସମିତି ଓ ଭ୍ରମଣ ଜନିତ କାମରେ ସମୟ ବିନିଯୋଗ କରିବେ। ପରିବାରରେ ଭୁଲ୍ ବୁଝାମଣା ଓ ନିଜର କେତେକ ବ୍ୟତିକ୍ରମକୁ ସଜାଡିବାକୁ ଯାଇ ଅସ୍ଥିରତା ଲାଗି ରହିବ। ଅଭାବ ନ ଥିଲେ ମଧ୍ୟ ସ୍ଥଗିତ କାର୍ଯ୍ୟ ସକାଶେ ବିଚଳିତ ରହିପାରନ୍ତି। ଭଲ ସମ୍ପର୍କ ଥିବା ବ୍ୟକ୍ତି ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ କଥା କହି ନ ପାରେ।

ଧନୁ
ବିଶେଷ କୌଣସି ଅସୁବିଧା ନ ଥିଲେ ମଧ୍ୟ ଅଯଥାରେ ଏଣୁତେଣୁ ଗୁଡାଏ ଚିନ୍ତା କରି ମନ ବିବ୍ରତ ରହିବ। ବିବାଦୀୟ ପରିସ୍ଥିତି କିମ୍ବା ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ସାମୟିକ ଖୁସି ହୋଇଯାଇପାରେ। ବାଧ ବାଧକତାରେ ଦୂରଯାତ୍ରା କରିବାକୁ ପଡ଼ିପାରେ। ବ୍ୟବସାୟ, ପରିବହନ, ଅର୍ଥ ସମ୍ପର୍କକୁ ନେଇ ଆଲୋଚନାରେ ବ୍ୟସ୍ତ ରହିପାରନ୍ତି।

ମକର
ସକାଳୁ ସକାଳୁ ଜଣେ ବନ୍ଧୁଙ୍କ ସାହାଯ୍ୟରେ ଆଜିର କାମଗୁଡିକ ସୁବିଧାରେ ସମ୍ପନ୍ନ ହୋଇଯିବାର ଆଶା ରହିଛି। କ୍ରୀଡ଼ା, ଚଳଚ୍ଚିତ୍ର, କଳା, ସାହିତ୍ୟ, ସଙ୍ଗୀତ କ୍ଷେତ୍ରରେ ଉନ୍ନତି କରିବେ। ଟିକିଏ ଟିକିଏ କଥାରେ ରାଗିଯାଇ ଯାହା ପଡିଲା ତାହା କହି ପକାଇବା ଦ୍ୱାରା କିଛି ସମସ୍ୟା ଆସିପାରେ। ଆତ୍ମୀୟମାନେ ସହଯୋଗ କରି ଆପଣଙ୍କ କାମକୁ ସୁଗମ କରିପାରନ୍ତି।

କୁମ୍ଭ
ପ୍ରତ୍ୟେକ କ୍ଷେତ୍ରରେ ଦୁଃସାହସିକ ପଦକ୍ଷେପ ନେଇ କୃତକାର୍ଯ୍ୟ ହେବେ। ନିଜର ଲୋକମାନେ ଯେତେ ପ୍ରକାରର ସମସ୍ୟା ସୃଷ୍ଟି କଲେ କିଛି କ୍ଷତି କରିପାରିବେ ନାହିଁ। ବ୍ୟବସାୟ ବାଣିଜ୍ୟ କ୍ଷେତ୍ରରେ ଉଚ୍ଚଫଳ ପ୍ରାପ୍ତି ହୋଇପାରେ। ସାଧାରଣ କଥାରୁ ଭାଙ୍ଗି ପଡିଥିବା ସମ୍ପର୍କ ପୁଣି ଯୋଡି ହୋଇଯିବ।

ମୀନ
କର୍ମକ୍ଷେତ୍ରରେ ସମସ୍ୟାକୁ ପ୍ରତିହତ କରି ଆଗକୁ ବଢିବା ସକାଶେ ପଦକ୍ଷେପ ନେବେ। ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣ ମଧ୍ୟରେ ରହିଲେ ମଧ୍ୟ କିଛିଟା ଅଭାବ ଓ ଅସୁବିଧା ମନକୁ ଭାରାକ୍ରାନ୍ତ କରିପାରେ। ସତର୍କରେ ଚଳିଲେ ସୁଦ୍ଧା ବିବାଦ ଭିତରକୁ ଟାଣି ହୋଇଯିବାର ଆଶଙ୍କା ରହିଛି। ଚେଷ୍ଟା କରୁଥିବା କାମରେ ଓ ସଫଳତାରେ ଆନନ୍ଦ ଅନୁଭବ କରିବେ।

ଆଜି ଆଷାଢ଼ କୃଷ୍ଣ ଷଷ୍ଠୀ ରବିବାର, ଜୁନ୍ ୨୩ ତାରିଖ, ରାଶି ନକ୍ଷତ୍ର-ଶତଭିଷା/କୁମ୍ଭ, ମେଷ ରାଶିର ଘାତବାର, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ, ଅଦ୍ୟ ବିଦ୍ୟାରମ୍ଭ, ବ୍ରତୋପନୟନ ଓ ବାଣିଜ୍ୟକରଣ ପାଇଁ ଶୁଭଦିନ, ଶରଣଂ, ଦିବା ଘ୧୧ ।୪୫ମି. ଗତେ ଘ୧ ।୨୭ମି. ମଧ୍ୟେ, ଘ୨ ।୫୮ମି. ଗତେ ଘ୪ ।୩୫ମି. ମଧ୍ୟେ ଅମୃତବେଳା। ସକାଳ ଘ୬ ।୫୦ମି. ମଧ୍ୟେ ଘ୪ ।୫୪ମି. ଗତେ ଘ୬ ।୧୫ମି. ମଧ୍ୟେ ଅମୃତବେଳା। ଦିବା ଘ୮ ।୨୭ମି. ଗତେ ଘ୧୦ ।୦୪ମି. ମଧ୍ୟେ ମାହେନ୍ଦ୍ର ବେଳା।

ଜମ୍ମୁ-କଶ୍ମୀରର ବାରାମୁଲାରେ ଶନିବାର ଏନ୍‌କାଉଣ୍ଟରରେ ଜଣେ ଆତଙ୍କବାଦୀ ପ୍ରାଣ ହରାଇଛନ୍ତି। ଖବର ପାଇ ସୁରକ୍ଷା କର୍ମୀମାନେ ବୋନିୟାର ଅଞ୍ଚଳରେ କର୍ଡନ କରିବା ସହ ସର୍ଚ୍ଚ ଅପରେଶନ କଲାବେଳେ ଲୁଚିଥିବା ଆତଙ୍କବାଦୀ ଗୁଳିମାଡ଼ କରିଥିଲେ। ପରେ ସୁରକ୍ଷାକର୍ମୀଙ୍କ ପକ୍ଷରୁ ପାଲଟା ଗୁଳିମାଡ଼ କରାଯାଇଥିଲା। ଏଥିରେ ଆତଙ୍କବାଦୀ ନିହତ ହୋଇଥିବା ପୋଲିସ ସୂତ୍ରରୁ ପ୍ରକାଶ।

ସଂକ୍ଷେପରେ

ବିଷାକ୍ତ ଛତୁ ଖାଇ ୬ ଅସୁସ୍ଥ

ଉମରକୋଟ, ୨୨।୬ (ଡି.ଏନ.ଏ.): ନବରଙ୍ଗପୁର ଜିଲା ରାଇଘର ବ୍ଲକ ଦାସପୁର ଗ୍ରାମରେ ଶନିବାର ବିଷାକ୍ତ ଛତୁ ଖାଇ ଗୋଟିଏ ପରିବାରର ୬ ଜଣ ଅସୁସ୍ଥ ହୋଇଛନ୍ତି। ଅସୁସ୍ଥଙ୍କ ମଧ୍ୟରେ ୩ ଶିଶୁ ଓ ୩ ମହିଳା ଅଛନ୍ତି। ସେମାନଙ୍କୁ ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଦାସପୁର ଗ୍ରାମର ସରଦାର ପରିବାର ଶନିବାର ସକାଳୁ ବାଡିରେ ହୋଇଥିବା ଛତୁ ଆଣି ତରକାରୀ କରି ଖାଇଥିଲେ। ଏହା ପରେ ଜାନକୀ ସରଦାର, ଜୟନ୍ତୀ ସରଦାର, ବିମଳା ସରଦାର, ରାହୁଳ ସରଦାର (୧୦), ଦିପା ସରଦାର(୧୧), ଖୁସି ସରଦାର (୧୩)ଙ୍କ ମୁଣ୍ଡ ବୁଲାଇବା ସହ ବାନ୍ତି ହୋଇଥିଲା। ପରିବାର ଲୋକ ସେମାନଙ୍କୁ ରାଇଘର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେମାନଙ୍କ ଅବସ୍ଥା ଗୁରୁତର ଥିବାରୁ ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିଲା। ସେମାନେ ବର୍ତ୍ତମାନ ବିପଦମୁକ୍ତ ଥିବା ଡାକ୍ତର ସୁମନ୍ତ ରାଉଳ କହିଛନ୍ତି।

ରାଜ୍ୟ ସଭା ନିର୍ବାଚନ

ସୋମବାର ପ୍ରାର୍ଥିପତ୍ର ଦାଖଲ କରିବେ ସସ୍ମିତ୍, ଅମର, ଅଶ୍ୱିନୀ

ଭୁବନେଶ୍ୱର, ୨୨।୬(ବ୍ୟୁରୋ): ବିଜେଡି ପକ୍ଷରୁ ରାଜ୍ୟ ସଭା ପ୍ରାର୍ଥୀ ହୋଇଥିବା ଦଳର ଆଇଟି ସେଲ୍ ମୁଖ୍ୟ ଅମର ପଟ୍ଟନାୟକ ଏବଂ ମୁଖପାତ୍ର ସସ୍ମିତ୍ ପାତ୍ର ସୋମବାର ପ୍ରାର୍ଥିପତ୍ର ଦାଖଲ କରିବେ। ସେହିପରି ଭାଜପାରୁ ପ୍ରାର୍ଥୀ ହୋଇ ବିଜେଡି ସମର୍ଥନ ପାଇଥିବା ଅଶ୍ୱିନୀ ବୈଷ୍ଣବ ମଧ ସେହିଦିନ ପ୍ରାର୍ଥିପତ୍ର ଦାଖଲ କରିବେ ବୋଲି ଜଣାପଡିଛି। ଦୁଇଦିନ ପୂର୍ବେ ବିଜେଡି ସାଧାରଣ ସମ୍ପାଦକ ତଥା ଉଚ୍ଚସଦନ ପାଇଁ ପ୍ରାର୍ଥୀ ହୋଇଥିବା ସସ୍ମିତ୍ ୧୨ ସେଟ୍ ନାମାଙ୍କନ ପତ୍ର କିଣିଥିଲେ। ଆସନ୍ତା ୨୫ରୁ ବିଧାନସଭା ଅଧିବେଶନ ଆରମ୍ଭ ହେଉଥିବାରୁ ସୋମବାର ନାମାଙ୍କନ ପ୍ରକ୍ରିୟା ସମାପ୍ତ ହେବ। ଏହି ଦିନ ଉଭୟ ବିଜେଡି-ଭାଜପାର ବିଧାୟକ ଏବଂ ନେତା ଉପସ୍ଥିତ ରହିବେ ବୋଲି ଜଣାପଡିଛି।

■ ପୌରାଞ୍ଚଳ ଭିତ୍ତିଭୂମିକୁ ଗୁରୁତ୍ୱ

୨୯୫ କୋଟି ବ୍ୟୟରେ ୧୨୭ ପ୍ରକଳ୍ପକୁ ମଞ୍ଜୁରୀ

ଭୁବନେଶ୍ୱର, ୨୨।୬(ବ୍ୟୁରୋ): ରାଜ୍ୟର ବିଭିନ୍ନ ପୌରାଞ୍ଚଳ ଭିତ୍ତିଭୂମିର ଉନ୍ନତୀକରଣ ପାଇଁ ସରକାର ୨୯୫ କୋଟି ଟଙ୍କାର ପ୍ରକଳ୍ପ ଘୋଷଣା କରିଛନ୍ତି। ସଚିବାଳୟରେ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ଅଧକ୍ଷତାରେ ଶନିବାର ହୋଇଥିବା ବୈଠକରେ ୧୨୭ଟି ପ୍ରକଳ୍ପକୁ ମଞ୍ଜୁରୀ ଦିଆଯାଇଛି। ଓଡ଼ିଶା ନଗର ଭିତ୍ତିଭୂମି ଉନ୍ନୟନ ପାଣ୍ଠି(ଓୟୁଆଇଡିଏଫ୍)ରୁ ଏହି ଅର୍ଥ ମଞ୍ଜୁର କରାଯାଇଛି। ରାଜ୍ୟ ନଗର ଉନ୍ନୟନ ସଂସ୍ଥା(ଏସ୍‌ୟୁଡିଏ) ଦ୍ୱାରା ମନୋନୀତ ଏକ ନୋଡାଲ ଏଜେନ୍ସି ଏହି କାର୍ଯ୍ୟ ତଦାରଖ କରିବ। ରାଜ୍ୟର ସମସ୍ତ ପୌରାଞ୍ଚଳରେ ଏହି ପ୍ରକଳ୍ପଗୁଡିକ କାର୍ଯ୍ୟକାରୀ ହେବ। ୧୧୩ ପୌରାଞ୍ଚଳରେ ପ୍ରାୟ ୨୬୫ କୋଟି ଟଙ୍କା ବ୍ୟୟରେ ଏଲ୍‌ଇଡି ପ୍ରକଳ୍ପ କାର୍ଯ୍ୟକାରୀ ହେବ। ସେହିପରି ବୈଠକରେ ଗୋଲାପୁର, ବ୍ରହ୍ମପୁରକୁ ଜଳ ଯୋଗାଣ ଓ ନାଇଜର ଏବଂ ଆଇଆଇଟିକୁ ବ୍ଲକ ୱାଟର ଯୋଗାଣ କାର୍ଯ୍ୟର ଅଗ୍ରଗତି ଉପରେ ଗୁରୁତ୍ୱ ଦିଆଯାଇଛି। ୫ଟି ମହାନଗର ନିଗମରେ ଉଚ୍ଚ କ୍ଷମତାସମ୍ପନ୍ନ ଷ୍ଟ୍ରିଟ୍ ଲାଇଟ୍ ଲଗାଯିବ। ସମ୍ବଲପୁରରେ ମାର୍କେଟ କମ୍ପ୍ଲେକ୍ସ ଓ ଡ୍ରେନେଜ୍ , କଟକ ଓ ଭୁବନେଶ୍ୱରରେ ବର୍ଜ୍ୟବସ୍ତୁ ପରିଚାଳନା ଏବଂ ରାଉରକେଲାରେ ସ୍ୱେରେଜ୍ ପ୍ରକଳ୍ପ କରାଯିବ। ୧୧ ପୌରସଂସ୍ଥାର ଜଳଉତ୍ସ ବିକାଶ କରାଯିବ ବୋଲି ମଧ ଜଣାପଡିଛି।

୧୦ କୁଇଣ୍ଟାଲ ଗଞ୍ଜେଇ ଜବତ, ୪ ଗିରଫ

ମାଲକାନଗିରି,୨୨।୬(ଡି.ଏନ.ଏ.): ଗିରଫ ଅଭିଯୁକ୍ତଙ୍କ ମଧ୍ୟରୁ ୩ ଉତ୍ତର ପ୍ରଦେଶର ମାଲକାନଗିରି ଜିଲା ଅବକାରୀ ବିଭାଗ ଶନିବାର ପୃଥକ୍ ପୃଥକ୍ ସ୍ଥାନରେ ଚଢାଉ କରି ୧୦ କୁଇଣ୍ଟାଲ ୬୧ କେଜି ଗଞ୍ଜେଇ ଜବତ କରିଛି। ଏଥିରେ ବ୍ୟବହୃତ ଗୋଟିଏ ଟ୍ରକ ଓ କାର ଜବତ କରିଛି। ଗଞ୍ଜେଇ ଚାଲାଣରେ ସମ୍ପୃକ୍ତ ୪ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ମାଲକାନଗିରି ଜିଲା ଏମ୍.ଭି.-୮୩ ଗ୍ରାମର ଉତ୍ତମ ଦାସ, ଉତ୍ତର ପ୍ରଦେଶର ଫରମାନ, ମମତାଜ ଏବଂ ସଫିକ।

ଫୁଲୁରି ତେଲ ଲାଗିହେଲେ ମହାପ୍ରଭୁ

ପୁରୀ ଅଫିସ, ୨୨।୬

ଫୁଲୁରି ତେଲ ନେଇ ଶନିବାର ଶ୍ରୀମନ୍ଦିରକୁ ଯାଉଛନ୍ତି ବଡ ଓଡ଼ିଆ ମଠର ସଦସ୍ୟ।

ଦେବସ୍ନାନ ପୂର୍ଣ୍ଣିମାରେ ୧୦୮ ଗଡ଼ୁ ଜଳରେ ସ୍ନାନ ପରେ ଜ୍ୱରରେ ପଡ଼ିଛନ୍ତି ମହାପ୍ରଭୁ। ଅଣସର ଘରେ ଏବେ ଚତୁର୍ଦ୍ଧାବିଗ୍ରହ। ଶ୍ରୀଅଙ୍ଗ ଲାଗି ସେବକ ଦଇତାପତିମାନେ ଶ୍ରୀବିଗ୍ରହଙ୍କ ସେବାରେ ଲାଗିପଡ଼ିଛନ୍ତି। ଅଣସର ଗୃହରେ ଦାରୁଦିଅଁଙ୍କ ଶ୍ରୀଅଙ୍ଗରେ ଶନିବାର ଫୁଲୁରି ତେଲ ଲାଗି କରାଯାଇଛି। ଦଇତାପତି ସେବକମାନେ ଏହି ଫୁଲୁରି ତେଲ ଲାଗି କରିଛନ୍ତି।

ମହାପ୍ରଭୁଙ୍କ ଗୁପ୍ତନୀତି ମଧ୍ୟରେ ଫୁଲୁରି ତେଲ ଲାଗି ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ବଡ ଓଡ଼ିଆ ମଠ ପକ୍ଷରୁ ମହାପ୍ରଭୁଙ୍କ ଲାଗି ଫୁଲୁରି ତେଲ ଯୋଗାଇ ଦିଆଯାଇଛି। ପ୍ରତିବର୍ଷ ଅଣସରରେ ୬ ସେର ଫୁଲୁରି ତେଲ ଯୋଗାଯାଇଥାଏ। କେବଳ ନବକଳେବର ବର୍ଷରେ ୯ ସେର ଫୁଲୁରି ତେଲ ଦିଆଯାଇଥାଏ। ଏହି ତେଲ ପ୍ରସ୍ତୁତି ସମ୍ପର୍କରେ ବଡ଼ ଓଡ଼ିଆ ମଠ ମହନ୍ତ ଅଧିକାରୀ ବଂଶୀଧର ଦାସ ଗୋସ୍ୱାମୀ କହିଛନ୍ତି ଯେ, ହେରାପଞ୍ଚମୀ ଦିନ ଘଣାପେଡ଼ା ରାଶିତେଲରେ ୧୪ ପ୍ରକାର ଫୁଲ, ୭ ପ୍ରକାର ଔଷଧୀୟ ଚେରମୂଳ ଏବଂ ସୁବାସିତ ଦ୍ରବ୍ୟ ପକାଇ ଏକ ପାତ୍ରରେ ରଖି ମାଟିତଳେ ପୋତାଯାଇଥାଏ। ଦେବସ୍ନାନ ପୂର୍ଣ୍ଣିମା ପୂର୍ବଦିନ ମାଟିତଳୁ ତେଲକୁ ବାହାର କରାଯାଇ ରଖାଯାଇଥାଏ। ପଞ୍ଚମୀ ଦିନ ତେଲକୁ ଛଣାଯାଇ ଅମୁଣିଆ ପ୍ରସ୍ତୁତ କରି ମହାପ୍ରଭୁଙ୍କୁ ଲାଗି ପାଇଁ ପଠାଯାଏ। ଶନିବାର ଅପରାହ୍ନରେ ମଠର ୨ଜଣ ସଦସ୍ୟ ହାଣ୍ଡିରେ ୬ ସେର ଫୁଲୁରି ତେଲ ନେଇ ଶ୍ରୀମନ୍ଦିରକୁ ଯାଇଥିଲେ। ମଧ୍ୟାହ୍ନ ଧୂପ ଏବଂ ଦକ୍ଷିଣୀ ଘର ଭୋଗ ସମ୍ପନ୍ନ ହେବା ପରେ ଜୟବିଜୟ ଦ୍ୱାର ବନ୍ଦ ହୋଇଥିଲା। ଏହାପରେ ଅଣସର ଘର ଦ୍ୱାର ଖୋଲାଯାଇ ଅଣସର ନୀତି ଆରମ୍ଭ ହୋଇଥିଲା। ପତି ମହାପାତ୍ର ସେବକ ୩ଟି ରୁପା ପିଙ୍ଗଣରେ ଫୁଲୁରି ତେଲ ନେଇ ସଂସ୍କାର କରିବା ପରେ ଦଇତାପତିମାନେ ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ଲାଗି କରାଇଥିଲେ ।

ଭାଜପାରେ ଯୋଗଦେଲେ ଅଶ୍ୱିନୀ ବୈଷ୍ଣବ

ଭୁବନେଶ୍ୱର,୨୨।୬(ବ୍ୟୁରୋ)



ଅଶ୍ୱିନୀ ବୈଷ୍ଣବଙ୍କୁ ଭାଜପା ରାଜ୍ୟ ସଭାପତି ବସନ୍ତ ପଣ୍ଡା ଫୁଲତୋଡ଼ା ଦେଇ ସ୍ୱାଗତ କରୁଛନ୍ତି।

ରାଜ୍ୟ ସଭା ପ୍ରାର୍ଥୀ ତଥା ବରିଷ୍ଠ ପ୍ରଶାସନିକ ଅଧିକାରୀ ଅଶ୍ୱିନୀ ବୈଷ୍ଣବ ଶନିବାର ଭାଜପାରେ ସାମିଲ ହୋଇଛନ୍ତି। ଭାଜପା ରାଜ୍ୟ ସଭାପତି ବସନ୍ତ ପଣ୍ଡାଙ୍କ ଉପସ୍ଥିତିରେ ସେ ଦଳରେ ବିଧିବଦ୍ଧ ଭାବେ ଯୋଗ ଦେଇଛନ୍ତି। ପଣ୍ଡା ବୈଷ୍ଣବଙ୍କୁ ଦଳୀୟ ଉତ୍ତରୀୟ ଓ ଟୋପି ପିନ୍ଧାଇ ସ୍ୱାଗତ କରିଥିଲେ । ସେହିପରି ବୈଷ୍ଣବଙ୍କୁ ରାଜ୍ୟ ଉପସଭାପତି ସମୀର ମହାନ୍ତି ଦଳୀୟ ବ୍ୟାଜ ପିନ୍ଧାଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ସେ ଭାଜପାରେ ଯୋଗ ଦେଇଥିବା କହିଛନ୍ତି। ଓଡ଼ିଶାବାସୀଙ୍କ ସେବା କରିବା ପାଇଁ ସୁଯୋଗ ଦେଇଥିବାରୁ ବୈଷ୍ଣବ ଭାରତୀୟ ଜନତା ପାର୍ଟିକୁ ଧନ୍ୟବାଦ ଦେବା ସହ ଓଡ଼ିଶାର ବିକାଶ ଏବଂ ପ୍ରଗତି ପାଇଁ ମନପ୍ରାଣ ଦେଇ କାମ କରିବେ ବୋଲି କହିଛନ୍ତି।

ପୂର୍ବରୁ ବୈଷ୍ଣବ ସୁନ୍ଦରଗଡ଼ ଏବଂ ବଣାଇ ଉପ ଜିଲାପାଳ ଏବଂ କଟକ ଜିଲାପାଳ ଭାବେ ଦାୟିତ୍ୱ ତୁଲାଇଛନ୍ତି। ସେ ୧୯୯୯ ମହାବାତ୍ୟା ପରବର୍ତ୍ତୀ ସମୟରେ ପରିସ୍ଥିତିକୁ ସୁଧାର ଆଣିବାରେ ଅନେକ ପ୍ରୟାସ କରିଥିଲେ। ସେ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ବ୍ୟକ୍ତିଗତ ସଚିବ ଥିଲେ।

ବୈଷ୍ଣବଙ୍କୁ ରାଜ୍ୟ ସଭା ପ୍ରାର୍ଥୀ କରିଥିବାରୁ ରାଜ୍ୟ ଭାଜପା ପକ୍ଷରୁ ପ୍ରଧାନମନ୍ତ୍ରୀ ମୋଦି ଏବଂ ଶାହଙ୍କୁ କୃତଜ୍ଞତା ଜଣାଯାଇଛି। ଗତ ନିର୍ବାଚନରେ ଓଡିଶାର ୧ କୋଟି ଜନସାଧାରଣ ଭାଜପା ପ୍ରତି ଆସ୍ଥା ପ୍ରକଟ କରିଛନ୍ତି । ଆଗମୀ ଦିନରେ ରାଜ୍ୟର ବିକାଶକୁ ପ୍ରାଧାନ୍ୟ ଦେଇ ଦଳ କାର୍ଯ୍ୟ କରିବ ବୋଲି ପଣ୍ଡା କହିଛନ୍ତି। ଏହି ମିଶ୍ରଣରେ ରାଜ୍ୟ ସାଧାରଣ ସମ୍ପାଦକ ଅନନ୍ତ ନାୟକ, ଶାରଦା ପ୍ରସନ୍ନ ଶତପଥୀ ଓ ସୁବାସ ଗନ୍ତାୟତ ପ୍ରମୁଖ ଉପସ୍ଥିତ ଥିଲେ।

ଆଜି ବିଜେଡି ବିଧାୟକ ଦଳ ବୈଠକ

ଭୁବନେଶ୍ୱର, ୨୨।୬(ବ୍ୟୁରୋ)

■ ବିଧାନସଭା ମୌସୁମୀ ଅଧିବେଶନ

■ ଭାଜପା ବାଛିବ ବିରୋଧୀ ଦଳ ନେତା

ଚଳିତ ମାସ ୨୫ ତାରିଖରେ ବିଧାନସଭାର ମୌସୁମୀ ଅଧିବେଶନ ଆରମ୍ଭ ହେବ। ବିଜେଡି ରାଜ୍ୟରେ ୫ମ ଥର ପାଇଁ ସରକାର କରିଛି। ୫ମ ପାଳିର ଏହା ପ୍ରଥମ ଅଧିବେଶନ। ଏହି ଅଧିବେଶନ ଆରମ୍ଭ ପୂର୍ବରୁ ଶାସକ ଦଳ ନିଜ ରଣନୀତି ପ୍ରସ୍ତୁତ କରିବ। ରବିବାର ବିଜେଡି ବିଧାୟକ ଦଳର ବୈଠକ ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହେବ। ଏ ନେଇ ଶାସକ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ପୂର୍ବରୁ ସୂଚନା ଦେଇଥିଲେ। ପୂର୍ବରୁ ବିଧାୟକ ଦଳ ବୈଠକ ଆସନ୍ତା ୨୪ରେ ଅର୍ଥାତ୍ ଅଧିବେଶନ ଆରମ୍ଭର ପୂର୍ବଦିନ ହେବାକୁ ନିଷ୍ପତ୍ତି ହୋଇଥିଲା। ପରେ ପରିବର୍ତ୍ତନ କରାଯାଇ ୨୩ ତାରିଖ ଅପରାହ୍ନ ୫ଟା୩୦ରେ ବିଧାନସଭାର ୫୪ ନମ୍ବର ପ୍ରକୋଷ୍ଠରେ ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ହୋଇଥିଲା। । ପ୍ରଥମ ଥର ଲାଗି ଭାଜପା ମୁଖ୍ୟ ବିରୋଧୀ ଦଳ ଭୂମିକା ତୁଲାଇବ। ଭାଜପା ସଂଖ୍ୟା ମଧ ବିଧାନସଭାରେ ଏଥର ୨୩ରେ ପହଞ୍ଚିଛି। ଚଳିତ ଅଧିବେଶନ ସମୟରେ ବଜେଟ୍ ଆଗତ କରାଯିବ। ସେହିପରି ଆସନ୍ତା ୨୪ରେ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ସର୍ବଦଳୀୟ ବୈଠକ ଡକାଇଛନ୍ତି। ଏହାକୁ ଦୃଷ୍ଟିରେ ରଖି ବିଜେଡି ବିଧାୟକ ଦଳ ବୈଠକ ଗୋଟିଏ ଦିନ ଆଗରୁ କରିବାକୁ ନିଷ୍ପତ୍ତି ନେଇଥିବା କୁହାଯାଉଛି। ସେହିପରି ଭାଜପା ବିଧାୟକ ଦଳର ଏକ ବୈଠକ ମଧ ଅନୁଷ୍ଠିତ ହେବାକୁ ଯାଉଛି। ଏହି ବୈଠକରେ କେନ୍ଦ୍ରୀୟ ଟିମ୍ ଜଣଙ୍କୁ ନେତା ଭାବେ ମନୋନୀତ କରିବେ। ଭାଜପା ବିଧାନସଭାରେ ଦ୍ୱିତୀୟ ସଂଖ୍ୟାଗରିଷ୍ଠ ଦଳ ହୋଇଥିବାରୁ ଏହାର ନେତା ସ୍ୱାଭାବିକ ଭାବେ ବିରୋଧୀ ଦଳ ନେତା ହେବେ। ସେହିପରି ଭାଜପାରୁ ଅନ୍ୟ ଜଣେ ଉପନେତା ଏବଂ ବିରୋଧୀ ମୁଖ୍ୟ ସଚେତକ ଭାବେ ମଧ ମନୋନୀତ ହେବେ। କଂଗ୍ରେସର କିଏ ବିଧାୟକ ଦଳ ନେତା ହେବେ, ସେ ନେଇ କୌଣସି ସୂଚନା ମିଳିନାହିଁ।

ଭିସା ଷ୍ଟିଲ କାରଖାନାରେ ଆୟକର ବିଭାଗର ଚଢ଼ାଉ

ଯାଜପୁର ଅଫିସ,୨୨।୬

କଳିଙ୍ଗନଗର ଶିଳ୍ପାଞ୍ଚଳ ଭିସା ଷ୍ଟିଲ କାରଖାନାରେ ଶୁକ୍ରବାରଠାରୁ ଆୟକର ବିଭାଗ ପକ୍ଷରୁ ଚଢାଉ ଜାରି ରହିଥିବା ସୂଚନା ମିଳିଛି। ଚଢାଉ ସମୟରେ ବିଭିନ୍ନ କାଗଜପତ୍ର ଜବତ କରାଯାଇଛି। ଶନିବାର ଖବର ଲେଖାହେବା ପର୍ଯ୍ୟନ୍ତ କାରଖାନା ପ୍ରାୟ ୮୨କୋଟି ଟଙ୍କାର ସିଜିଏସଟି ଫାଙ୍କିଥିବା ଜଣାପଡିଛି। ଚଢ଼ାଉ ଶେଷରେ ଏହାର ପରିମାଣ ଆହୁରି ବଢ଼ିପାରେ ବୋଲି କୁହାଯାଉଛି। ଏଥିପାଇଁ କାରଖାନା ମୁଖ୍ୟଙ୍କୁ ଆୟକର ବିଭାଗ ପକ୍ଷରୁ ସମନ ଜାରି ହୋଇଛି। ସୂଚନାଯୋଗ୍ୟ ଯେ, ଭିସାର ଅଧିକ ମାଲ୍ ଓଏମ୍‌ସି, କାଳିଆପାଣିରୁ କିଣାଯାଉଥିଲା। ଅଷ୍ଟ୍ରେଲିଆ ଓ ତାଳଚେରରୁ କୋଇଲା ଏବଂ ଲାଇନଷ୍ଟୋନ ଆମଦାନୀ କରାଯାଉଥିଲା। ତେବେ ଗତ ୬ମାସ ହେଲା ଭିସା ଜିଏସ୍‌ଟି ଠକି ଚାଲିଥିବା ଜଣାପଡ଼ିଛି। ପୂର୍ବରୁ ୬୩କୋଟି ଟଙ୍କାର ଜିଏସଟି ଫାଙ୍କିଥିବା ଅଧିକାରୀମାନେ କାରଖାନା କର୍ତ୍ତୃପକ୍ଷଙ୍କୁ ସୂଚନା ଦେଇଥିଲେ। ତେବେ ଏହି ସୂଚନା ଉପରେ କାରଖାନା କର୍ତ୍ତୃପକ୍ଷ କୌଣସି ଗୁରୁତ୍ୱ ଦେଇ ନ ଥିଲେ। ଫଳରେ ରାଜ୍ୟ ଓ କେନ୍ଦ୍ରରୁ ଆୟକର ବିଭାଗର ରାଉରକେଲା ଏବଂ ଭୁବନେଶ୍ୱର ଜିଏସ୍‌ଟି ସେକ୍ସନ ଅଧିକାରୀ ଟିମ୍ ଚଢାଉ କରିଛନ୍ତି। ଏହି ଚଢ଼ାଉ ରବିବାର ମଧ ଜାରି ରହିବ ବୋଲି ସୂଚନା ମିଳିଛି। ଅନ୍ୟପକ୍ଷେ କାରଖାନା କର୍ତ୍ତୃପକ୍ଷ କହିଛନ୍ତି ଯେ, ଯେଉଁ ମାଲ କିଣାଯାଇଛି ତାହାର ଜିଏସ୍‌ଟି ଦିଆଯାଇଛି, ଯାହା ବିକ୍ରି ହୋଇଛି ତାହାର ଜିଏସ୍‌ଟି ଦିଆଯାଇ ନାହିଁ। ଉଭୟ ପକ୍ଷରୁ ହିସାବକିତାବ କରାଯିବା ପରେ ଜିଏସ୍‌ଟି ପରିମାଣ ହ୍ରାସ ପାଇବ। ତଦନୁସାରେ କାରଖାନା ପକ୍ଷରୁ ଉପଯୁକ୍ତ ପଦକ୍ଷେପ ନିଆଯାଇ ଜିଏସଟି ସମ୍ପାଦନ କରାଯିବ। ଉଲ୍ଲେଖଯୋଗ୍ୟ ଯେ, ଗତ ୧୮ ତାରିଖରେ କଳିଙ୍ଗନଗର ମେସ୍କୋ ଷ୍ଟିଲ ଓ ମଇଥାନ କାରଖାନା ଉପରେ ଆୟକର ବିଭାଗର ଚଢାଉ ହୋଇଥିଲା। ମେସ୍କୋ ଓ ମଇଥାନ କମ୍ପାନୀ ସମୁଦାୟ ୬୨ କୋଟି ଟଙ୍କା ଜିଏସଟି ଫାଙ୍କିଥିବା ତଦନ୍ତରେ ଜଣାପଡିଥିଲା।

■ କଲରାପତରିଆ ବାଘ ଚମଡ଼ା ଜବତ ଘଟଣା

ଅଭିଯୁକ୍ତଙ୍କୁ ୫ଦିନ ରିମାଣ୍ଡରେ ନେଲା କ୍ରାଇମବ୍ରାଞ୍ଚ

ଭୁବନେଶ୍ୱର, ୨୨।୬(ବ୍ୟୁରୋ)

■ ଘଟଣା ପରେ ବନ ବିଭାଗର ତତ୍ପରତା

■ ଏନ୍‌ଟିସିଏର କ୍ଷୋଭ, ଜାରି ହେବ ଆଡଭାଇଜରି

ଦେବଗଡ଼ ଜିଲା ବାରକୋଟରୁ କଲରାପତରିଆ ବାଘ ଚମଡ଼ା ର୍ୟାକେଟ୍ ଧରାପଡ଼ିବା ଘଟଣାରେ କ୍ରାଇମବ୍ରାଞ୍ଚ ୩ ଅଭିଯୁକ୍ତଙ୍କୁ ୫ଦିନ ରିମାଣ୍ଡରେ ନେଇଛି। ପରେ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ସବ୍ ଇନ୍ସପେକ୍ଟର ନଳିନୀକାନ୍ତ ଦାସ ଅଭିଯୁକ୍ତମାନଙ୍କୁ ଧରି ବିଭିନ୍ନ ସ୍ଥାନରେ ଚଢ଼ାଉ କରିଛନ୍ତି। ଶିକାରୀମାନଙ୍କୁ ଧରିବାକୁ ଚେଷ୍ଟା ଚାଲିଥିବା କ୍ରାଇମବ୍ରାଞ୍ଚ ଏସିପି ପି. ରାହୁଲ କହିଛନ୍ତି। ସେପଟେ ଏହି ଘଟଣା ପରେ ପଦକ୍ଷେପ ପାଇଁ ତତ୍ପର ହୋଇଉଠିଛି ବନ ବିଭାଗ। ରାଜ୍ୟ ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ତଥା ପିସିସିଏଫ୍ ଅଜୟ ମହାପାତ୍ର କହିଛନ୍ତି, ଆମର ଇଣ୍ଟେଲିଜେନ୍ସ ବଢ଼ାଇବାକୁ ପଡ଼ିବ। ଏ ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ଡିଏଫ୍‌ଓମାନଙ୍କୁ ନିର୍ଦ୍ଦେଶ ଦିଆଯିବ। ଦେବଗଡ଼ ଡିଏଫ୍‌ଓ କ୍ଷମା ଷଡ଼ଙ୍ଗୀ କହିଛନ୍ତି, ଶିକାର ହୋଇଥିବା କଲରାପତରିଆ ବାଘଟି ଦେବଗଡ଼ ଡିଭିଜନର କି ନୁହେଁ ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଆମେ ତଦନ୍ତ ଜାରି ରଖିଛୁ। ଆଗକୁ ଏପରି ଘଟିଲେ ସ୍ଥାନୀୟ ରେଞ୍ଜ ଅଫିସ୍ ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବ।

ଅନ୍ୟପକ୍ଷରେ ଓଡ଼ିଶାରେ ବାରମ୍ବାର ଏଭଳି ଘଟଣା ସାମ୍ନାକୁ ଆସିବା ପରେ ଜାତୀୟ ବ୍ୟାଘ୍ର ସଂରକ୍ଷଣ ପ୍ରାଧିକରଣ(ଏନ୍‌ଟିସିଏ) କ୍ଷୋଭ ପ୍ରକାଶ କରିବା ସହିତ ବନ ବିଭାଗର କାର୍ଯ୍ୟକଳାପ ଉପରେ ପ୍ରଶ୍ନ ଉଠାଇଛନ୍ତି। ଏନେଇ ଏନ୍‌ଟିସିଏ ମୁଖ୍ୟ ଅନୁପ ନାୟକ କହିଛନ୍ତି. ଓଡ଼ିଶାରେ ଏତେ ସଂଖ୍ୟାରେ କଲରାପତରିଆ ବାଘ ଚମଡ଼ା କ୍ରାଇମବ୍ରାଞ୍ଚ ଦ୍ୱାରା ଜବତ ହେବା ଅତ୍ୟନ୍ତ ଉଦବେଗର ବିଷୟ। ବାଘ ଶିକାର ରୋକିବା ପାଇଁ କ'ଣ ପଦକ୍ଷେପ ନେଇଛନ୍ତି ସେ ସଂକ୍ରାନ୍ତରେ ଓଡ଼ିଶା ସରକାରଙ୍କୁ ରିପୋର୍ଟ ମାଗିବୁ। ଏଥିସହ ଓଡ଼ିଶା ପାଇଁ ଏକ ଆଡ଼ଭାଇଜରି ମଧ ଜାରି କରିବୁ ବୋଲି ଏନ୍‌ଟିସିଏ ମୁଖ୍ୟ କହିଛନ୍ତି।

ଖୋର୍ଦ୍ଧା ଜିଲା ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୁଭେନ୍ଦୁ ମଲ୍ଲିକ କୁହନ୍ତି, ପୂର୍ବରୁ କ୍ରାଇମବ୍ରାଞ୍ଚ କୁଚିଣ୍ଡାରେ ଜବତ କରିଥିବା ୪ଟି ବାଘ ଚମଡ଼ାରେ ଗୁଳି ଚିହ୍ନ ଥିଲା। ଦେବଗଡ଼ରୁ ଜବତ ଚମଡ଼ାରେ ସମାନ ପ୍ରକାରର ଚିହ୍ନ ରହିଥିବାରୁ ବାଘକୁ ଗୁଳି କରି ଶିକାର କରାଯାଇଥିବା ଜଣାପଡୁଛି। ହେଲେ ବନ୍ଧୁକ ଓ ଶିକାରୀଙ୍କୁ ଧରିବାକୁ ବନ ବିଭାଗ ଆଦୌ ପ୍ରାଥମିକତା ଦେଉନାହିଁ। ଶିମିଳିପାଳର କୋର୍ ଏରିଆରେ ବନ୍ଧୁକ ଚାଳନା ଭିଡିଓ ଗଣମାଧ୍ୟମରେ ପ୍ରକାଶିତ ହେଲା। ତଦନ୍ତରୁ ସତ୍ୟତା ପ୍ରମାଣିତ ହେଲା, ହେଲେ ସମ୍ପୃକ୍ତ ଦୋଷୀମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଲାନାହିଁ। ସେହିଭଳି ବନ୍ଧୁକରେ ଯେ ଶିକାର ହେଉ ନ ଥିବ ସେକଥା କିଏ କହିବ ବୋଲି ଶୁଭେନ୍ଦୁ ପ୍ରଶ୍ନ କରିଛନ୍ତି।

ସୂଚନାଯୋଗ୍ୟ, ଶୁକ୍ରବାର କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ଦେବଗଡ଼ ଜିଲାରୁ ୭ ଫୁଟର ଏକ କଲରାପତରିଆ ବାଘ ଛାଲ ଜବତ କରିବା ସହ ୩ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତଙ୍କ ମଧ୍ୟରେ ୨ଜଣ ଜେଲ୍ ବିଭାଗ କର୍ମଚାରୀଙ୍କ ପୁଅ ଅଛନ୍ତି ବୋଲି ସୂଚନା ମିଳିଛି। ଗିରଫ ଅଭିଯୁକ୍ତମାନେ ହେଲେ ରମଣୀସେନ ବେହେରା, ଯଜ୍ଞଦତ୍ତ ବେହେରା ଓ ସଚ୍ଚିକାନ୍ତ ନାୟକ। ରମଣୀସେନ ଏହି ମାମଲାର ମାଷ୍ଟର ମାଇଣ୍ଡ ବୋଲି ଜଣାପଡ଼ିଛି। ରାଉରକେଲାରେ ବାଘ ଛାଲ ବିକ୍ରି କରିବା ପାଇଁ ଗିରଫ ଅଭିଯୁକ୍ତମାନେ ଯୋଜନା କରୁଥିଲେ ବୋଲି କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ଡିଆଇଜି ଆଶିଷ ସିଂ ସୂଚନା ଦେଇଛନ୍ତି। ପୂର୍ବରୁ କୁଚିଣ୍ଡାରେ ୪ଟି ବାଘ ଛାଲ ଜବତ ସହ ୭ ଜଣଙ୍କୁ ଗିରଫ କରାଯାଇଥିଲା।

ଜିଲା ଚିଠି
ରାଉରକେଲା

ପ୍ରତିଶ୍ରୁତିରେ ସ୍ମାର୍ଟ ସିଟିର ବିକାଶ

ଦିନେ ମ୍ୟୁନିସିପାଲିଟି ଓ ଷ୍ଟିଲ ଟାଉନଶିପ୍ ଅନ୍ତର୍ଗତ ବିଜ୍ଞାପିତ ଅଞ୍ଚଳ ପରିଷଦକୁ ନେଇ ରାଉରକେଲା ସହର ଗଢି ଉଠିଥିଲା। ପର୍ଯ୍ୟାୟ କ୍ରମେ ସେହି ସହର ମହାନଗର ଓ ସ୍ମାର୍ଟସିଟିର ମାନ୍ୟତା ଲାଭ କରିଛି। ୨୦୧୪ ନଭେମ୍ବର ୧୪ରେ ରାଜ୍ୟ ସରକାର ଏହି ସହରକୁ ମହାନଗର ନିଗମ ମାନ୍ୟତା ପ୍ରଦାନ କରିଥିଲେ। ଏହାର ୨ବର୍ଷ ପରେ ଅର୍ଥାତ୍ ୨୦୧୬ ସେପ୍ଟେମ୍ବର ୨୦ରେ କେନ୍ଦ୍ର ସରକାର ରାଉରକେଲାକୁ ସ୍ମାର୍ଟ ସିଟି ଭାବେ ଘୋଷଣା କରି ସମସ୍ତଙ୍କୁ ଚମକାଇ ଦେଇଥିଲେ। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଏଭଳି ଘୋଷଣାକୁ ସହରବାସୀ ସେତେବେଳେ ଜୋରଦାର ସ୍ୱାଗତ କରିଥିଲେ। ଭାବିଥିଲେ ସହରର ଚିତ୍ର ବଦଳିବ। ସବୁଠି ସ୍ମାର୍ଟନେସର ଝଲକ ଦେଖିବାକୁ ମିଳିବ। ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, ଆଲୋକୀକରଣ, ଗମନାଗମନ ଭଳି ମୌଳିକ ଆବଶ୍ୟକତାରେ ଉନ୍ନତି ଆସିବ। ଇତିମଧ୍ୟରେ ମହାନଗର ଘୋଷଣାକୁ ୫ ବର୍ଷ ଓ ସ୍ମାର୍ଟସିଟି ଘୋଷଣାକୁ ୩ବର୍ଷରୁ ଉର୍ଦ୍ଧ୍ୱ ସମୟ ପୂରିଲାଣି । ତଥାପି ସହରବାସୀଙ୍କ ଆଶା ପୂରଣ ହୋଇପାରିନି । ଆଜି ପର୍ଯ୍ୟନ୍ତ ମହାନଗର ନିଗମ ପାଇଁ ନିର୍ବାଚନ ହୋଇପାରୁନି। ବିକାଶର ଲଗାମ ରହିଛି ସରକାରୀ ଅଧିକାରୀଙ୍କ ହାତରେ। ଆଇନ ଜାଲରେ ଛନ୍ଦି ହୋଇ ରହିଛି ମହାନଗର ନିଗମ ନିର୍ବାଚନ ଘୋଷଣା। ବାରମ୍ବାର ଦାବି ସତ୍ତ୍ୱେ କମିଶନରେଟ ପୋଲିସ ବ୍ୟବସ୍ଥା ପ୍ରଚଳନ ସମ୍ଭବ ହୋଇନି। ବିପର୍ଯ୍ୟସ୍ତ ଟ୍ରାଫିକ ବ୍ୟବସ୍ଥାରେ ସୁଧାର ଆସିନି। ଭୂତଳ ପାର୍କିଂ ସ୍ୱପ୍ନ ଦେଖାଇଥିବା ସ୍ମାର୍ଟସିଟି କର୍ତ୍ତୃପକ୍ଷ ରାସ୍ତା ପାର୍ଶ୍ୱ ପାର୍କିଂକୁ ବ୍ୟବସ୍ଥିତ କରିପାରୁ ନାହାଁନ୍ତି। ପାର୍କ, ଜଳାଶୟ, ଷ୍ଟାଡିୟମ, ସଭାଘର ଭଳି ଅନେକ ଆବଶ୍ୟକତା ଦୂରହୋଇ ପାରିନି। ଏସବୁ କେବଳ ବୈଠକ, ଆଲୋଚନା ଓ ପ୍ରତିଶ୍ରୁତିରେ ଅଟକିଛି। ଏହା ବ୍ୟତୀତ ସ୍ମାର୍ଟ ରୋଡ, ଗ୍ରୀନ୍ ବେଲ୍ଟ, ସିଟିଜେନ୍ ପାର୍କ, ପବ୍ଲିକ ଇନଫର୍ମେଶନ ସିଷ୍ଟମ, ଟେଲି ମେଡିସିନ ସେଣ୍ଟର୍ସ, ସ୍ମାର୍ଟ କ୍ଲାସରୁମ ଭଳି ଯେଉଁ ଚିତ୍ର ସହରବାସୀଙ୍କ ସମ୍ମୁଖରେ ରଖାଯାଇଥିଲା ତାହା ଆଜି ବି ସ୍ୱପ୍ନ ହୋଇ ରହିଛି। ସହରର ପ୍ରମୁଖ ଜନଗହଳିପୂର୍ଣ୍ଣ ବଜାର ଡେଲି ମାର୍କେଟ, ହୋଲସେଲ ମାର୍କେଟ ଓ ପାନପୋଷ ମାର୍କେଟ ଆଦିର ଉନ୍ନତୀକରଣ ଓ ଆବଶ୍ୟକ ସ୍ଥଳେ ଏହାର ସ୍ଥାନାନ୍ତର ନେଇ ପ୍ରତିଶ୍ରୁତି ରଖିଥିଲେ କର୍ତ୍ତୃପକ୍ଷ। କେବଳ ଏତିକି ନୁହେଁ ଭେଇକିଲ ଫ୍ରି ଜୋନ, ଟ୍ରାଡିଶନାଲ ଭେଣ୍ଡିଂ ଜୋନ, ସ୍କିଲ ଡେଭଲପମେଣ୍ଟ ସେଣ୍ଟର, ଟ୍ରେନିଂ ସେଣ୍ଟର, ଟ୍ରାଇବାଲ ଆର୍ଟ ସେଣ୍ଟର ଭଳି ଅନେକ ପ୍ରସ୍ତାବିତ ପ୍ରକଳ୍ପ କାଗଜକଲମରେ ଅଟକିଛି। ଏହାବ୍ୟତୀତ ସବୁଠୁ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ହେଉଛି ଦ୍ୱିତୀୟ ବ୍ରାହ୍ମଣୀ ସେତୁ । ଯାହାର ନିର୍ମାଣ ନେଇ ଆଜି ବି ସନ୍ଦେହ ଦୂର ହୋଇ ପାରୁନି। ୨୦୧୪ରୁ ବିଭିନ୍ନ ସମୟରେ ଏହାର ନିର୍ମାଣ ନେଇ ଏକାଧିକ ନିର୍ମାଣକାରୀ ସଂସ୍ଥାକୁ ଦାୟିତ୍ୱ ପ୍ରଦାନ କରାଯାଇଛି। ତଥାପି ସେହି ପ୍ରକଳ୍ପ କେବେ ଶେଷ ହେବ ସେନେଇ କେହି ଆକଳନ କରି ଉତ୍ତର ଦେଇପାରୁ ନାହାନ୍ତି। ସମାନ ଅବସ୍ଥାରେ ଆଇଜିଏଚ୍‌କୁ ସୁପର ସ୍ପେଶିଆଲିଟି ହସ୍ପିଟାଲରେ ପରିଣତ ନ କରିବା ଘଟଣା ସହରବାସୀଙ୍କ ମନରେ ଦୁଃଖ ଭରି ଦେଇଛି। ରାଉରକେଲା ସରକାରୀ ଡାକ୍ତରଖାନା କେବଳ ଏ ସହର ପାଇଁ ନୁହେଁ ବରଂ ପଡୋଶୀ ଝାଡ଼ଖଣ୍ଡ ଓ ଛତିଶଗଡ଼ ରାଜ୍ୟ ପାଇଁ ବଡ ଆବଶ୍ୟକତା । ଏହାର ଉନ୍ନତୀକରଣ କିମ୍ବା ସମ୍ପ୍ରସାରଣ ନେଇ ସନ୍ତୋଷଜନକ ପଦକ୍ଷେପ ନିଆଯାଇ ପାରିନି। ଉଚ୍ଚ ଶିକ୍ଷା ହେଉ କି ଦୂରାରୋଗ୍ୟ ବ୍ୟାଧି ସବୁ କଥାରେ କଟକ, ଭୁବନେଶ୍ୱର ଭଳି ବଡ ସହର ଉପରେ ନିର୍ଭରଶୀଳ ହେଉଛନ୍ତି ରାଉରକେଲାବାସୀ। କେବେ ସୁଦ୍ଧା ମହାନଗର ଓ ସ୍ମାର୍ଟ ସିଟିର ରୂପରେଖ ବଦଳିବ ସେ ନେଇ ସବୁଠି ପ୍ରଶ୍ନବାଚୀ। ସ୍ମାର୍ଟସିଟି ରୂପକାର ସାଜି ମୋଟା ଅଙ୍କର ଦରମା ଉଠାଉଥିବା ଅଧିକାରୀ ବା କର୍ମଚାରୀଙ୍କ ଦକ୍ଷତା ନେଇ ଏବେ ପ୍ରଶ୍ନ ଉଠିଛି।

– ବସନ୍ତ ଧଳ

■ ଆମେରିକା ବହିର୍ବ୍ୟାପାର ବିଭାଗର ରିପୋର୍ଟ

ଭାରତରେ ଆକ୍ରମଣର ଶିକାର ସଂଖ୍ୟାଲଘୁ

ୱାଶିଂଟନ,୨୨।୬: ଭାରତରେ ସଂଖ୍ୟାଲଘୁ ବିଶେଷ କରି ମୁସଲମାନମାନେ କଠୋରପନ୍ଥୀ ହିନ୍ଦୁ ସଂଗଠନ ଦ୍ୱାରା ଆକ୍ରମଣର ଶିକାର ହେଉଛନ୍ତି। ୨୦୧୮ରେ ଗୋମାଂସ ଲାଗି ଗୋରୁ ବିକ୍ରି କିମ୍ବା ହତ୍ୟା କରିବା ଗୁଜବକୁ ନେଇ ମୁସଲମାନଙ୍କ ଉପରେ ଆକ୍ରମଣ ଜାରି ରହିଥିଲା ବୋଲି ଆମେରିକା ବହିର୍ବ୍ୟାପାର ବିଭାଗର ବାର୍ଷିକ ଧର୍ମୀୟ ସ୍ୱାଧୀନତା ରିପୋର୍ଟରେ ପ୍ରକାଶ ପାଇଛି। ସଂଖ୍ୟାଲଘୁ ସମ୍ପ୍ରଦାୟ ବିରୋଧରେ ଶାସକ ଭାଜପାର କେତେକ ବରିଷ୍ଠ କାର୍ଯ୍ୟକର୍ତ୍ତା ଉତ୍ତେଜନାପୂର୍ଣ୍ଣ ଭାଷଣ ଦେଇଥାନ୍ତି ବୋଲି ଉକ୍ତ ରିପୋର୍ଟରେ କୁହାଯାଇଛି।

ଯଦିଓ ଭାରତର ସମ୍ବିଧାନ ଧର୍ମୀୟ ସ୍ୱାଧୀନତା ଅଧିକାର ପ୍ରଦାନ କରିଛି, ତେବେ ଇତିହାସକୁ ଦେଖିଲେ ନିକଟ ଅତୀତରେ କଠୋରପନ୍ଥୀ ଚିନ୍ତାଧାରା ବଢ଼ିବା ସହ ସଂଖ୍ୟାଲଘୁମାନେ ଆକ୍ରମଣର ସମ୍ମୁଖୀନ ହୋଇଆସୁଥିବା ଦେଖାଯାଇଛି। ତେବେ ଭାରତର ନିରପେକ୍ଷ ନ୍ୟାୟପାଳିକା ସଂଖ୍ୟାଲଘୁ ସମ୍ପ୍ରଦାୟଙ୍କୁ ନ୍ୟାୟ ପ୍ରଦାନ ମାଧ୍ୟମରେ ଆବଶ୍ୟକ ସୁରକ୍ଷା ଯୋଗାଇ ଦେଇଥିବାରୁ ରିପୋର୍ଟରେ ଏହାର ପ୍ରଶଂସା କରାଯାଇଛି। ଧର୍ମୀୟ ସଂଖ୍ୟାଲଘୁଙ୍କ ବିରୋଧରେ ଭିଡ଼ ହିଂସାକୁ ସରକାର ପ୍ରୋତ୍ସାହନ ଦେଉଛନ୍ତି। ଅଣହିନ୍ଦୁ ଓ ଦଳିତମାନଙ୍କୁ ଧମକ ଦେବା ସହ ନିର୍ଯାତନା ଦିଆଯାଉଥିବା ରିପୋର୍ଟରେ କୁହାଯାଇଛି। ଗତବର୍ଷ ନଭେମ୍ବରରେ ଏଭଳି ୧୮ଟି ଆକ୍ରମଣ ଘଟିଥିଲା ଏବଂ ବର୍ଷକ ମଧ୍ୟରେ ୮ ଜଣ ନିହତ ହୋଇଥିଲେ। ଗତବର୍ଷ ଜୁନ୍ ୨୨ରେ ଉତ୍ତରପ୍ରଦେଶ ପୋଲିସ ହାଜତରେ ଜେରା ବେଳେ ଜଣେ ମୁସଲମାନ ଗୋରୁ ବ୍ୟବସାୟୀଙ୍କର ମୃତ୍ୟୁ ହୋଇଥିଲା। ଏନେଇ ୨ ପୋଲିସ ଅଫିସରଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ ହୋଇଥିଲା ବୋଲି ରିପୋର୍ଟରେ ଉଲ୍ଲେଖ ଅଛି। ଅନ୍ୟ ପକ୍ଷରେ ଆମେରିକାର ୨୦୧୮ ଅନ୍ତର୍ଜାତୀୟ ଧର୍ମୀୟ ସ୍ୱାଧୀନତା ରିପୋର୍ଟରେ ନରେନ୍ଦ୍ର ମୋଦି ସରକାର ଓ ଭାଜପା ପ୍ରତି ପକ୍ଷପାତ ହୋଇଥିବା ସ୍ପଷ୍ଟ ବୋଲି ଗୈରିକ ଦଳ ପକ୍ଷରୁ କୁହାଯାଇଛି। ସଂଖ୍ୟାଲଘୁ ଓ ସମାଜର ଦୁର୍ବଳ ଶ୍ରେଣୀ ବିରୋଧରେ ହିଂସାକୁ ଭାଜପା ନେତା ଦୃଢ଼ ନିନ୍ଦା କରିଆସିଛନ୍ତି ବୋଲି ଦଳ କହିଛି।

ପ୍ରସୂତିଙ୍କୁ ରକ୍ତ ଦେଇ ଜୀବନ ବଞ୍ଚାଇଲେ ସରପଞ୍ଚ

ମାଲକାନଗିରି,୨୨।୬(ଡି.ଏନ.ଏ.): ମାଲକାନଗିରି ଜିଲାର ଜଣେ ଯୁବ ସରପଞ୍ଚ ନନ୍ଦ କୁମାର ଆଜମେରା । ଜଣେ ପ୍ରସୂତି ମହିଳାଙ୍କୁ ଶନିବାର ରକ୍ତଦାନ କରି ସେ ମୃତ୍ୟୁମୁଖରୁ ବଞ୍ଚାଇ ଦେଇଛନ୍ତି। ମାଲକାନଗିରି ସଦର ବ୍ଲକ ଅନ୍ତର୍ଗତ ତଣ୍ଡାପାଲ୍ଲୀ ପଞ୍ଚାୟତର ନନ୍ଦ ବସ୍ତିର କୃଷ୍ଣ ଭୂକିଆଙ୍କ ସ୍ତ୍ରୀ ମେନକାଙ୍କ ଶୁକ୍ରବାର ରାତିରେ ପ୍ରସବ ଯନ୍ତ୍ରଣା ହୋଇଥିଲା । ଫଳରେ ପରିବାର ଲୋକେ ତାଙ୍କୁ ମାଲକାନଗିରି ଜିଲା ସଦର ମହକୁମା ଚିକିତ୍ସାଳୟକୁ ନେଇଥିଲେ। ଡାକ୍ତର ତାଙ୍କୁ ପରୀକ୍ଷା କରିବା ପରେ ପ୍ରସବ ପାଇଁ ଅସ୍ତ୍ରୋପଚାର କରିବା ଜରୁରୀ ବୋଲି କହିଥିଲେ। ମେନକାଙ୍କ ଅସ୍ତ୍ରୋପଚାର କରିବା ପରେ ସେ ଶିଶୁପୁତ୍ରଟିଏ ଜନ୍ମ ଦେଇଥିଲେ। ପରେ ମେନକାଙ୍କୁ ରକ୍ତ ଦେବା ଆବଶ୍ୟକ ପଡିଥିଲା। ମାଲକାନଗିରି ରକ୍ତଭଣ୍ଡାରରେ ରକ୍ତର ଅଭାବ ହେତୁ ମେନକାଙ୍କ ପରିବାର ଲୋକେ ଚିନ୍ତାରେ ପଡ଼ିଥିଲେ। ଏହି ସମୟରେ ତଣ୍ଡାପାଲି ସରପଞ୍ଚ ନନ୍ଦ କୁମାର ଆଜମେରା ଖବର ପାଇ ତୁରନ୍ତ ଚିକିତ୍ସାଳୟରେ ପହଞ୍ଚି ମେନକାଙ୍କୁ ରକ୍ତଦାନ କରିଥିଲେ । ଫଳରେ ମେନକା ମୃତ୍ୟୁମୁଖରୁ ରକ୍ଷା ପାଇଯାଇଥିଲେ। ଉଚ୍ଚ ଶିକ୍ଷିତ ସରପଞ୍ଚ ଆଜମେରାଙ୍କ ଏଭଳି ମହନୀୟ କାର୍ଯ୍ୟ ପାଇଁ ସାଧାରଣରେ ପ୍ରଶଂସା କରାଯାଉଛି ।

ଯଦି ତୁମେ ନିଜର ଦୋଷତ୍ରୁଟିକୁ ନିଜେ ଦେଖିପାରୁ ନାହଁ- ତା'ହେଲେ ଏହାକୁ ନିଜ ଭିତରେ କୋଉଠି ନା କୋଉଠି ନିଷ୍ଠାର ଅଭାବ ଥିବାର ସଂକେତ ବୋଲି ଜାଣିବ।...ଭୟ କର ନାହିଁ। ଅକପଟ ସରଳତା ହିଁ ତୁମର ରକ୍ଷା କବଚ ଅଟେ। -ଶ୍ରୀମା

ଆମେରିକା-ଇରାନ ସମ୍ପର୍କ

ଆକାର ପଟେଲ

ଚଳିତ ସପ୍ତାହରେ ଆମେରିକା ଇରାନ ବିରୋଧରେ ଯୁଦ୍ଧଘୋଷଣା କରିବା ପରେ ପୁଣି ପଛଘୁଞ୍ଚା ଦେଇଛି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଲେ ଯେ ଆକ୍ରମଣରେ ୧୫୦ ଇରାନୀ ମରିବେ ବୋଲି କୁହାଯିବାରୁ ସେ ଆକ୍ରମଣକୁ ବାତିଲ କରିଦେଇଛନ୍ତି। ଇରାନ ତା' ସୀମାରେ ଆମେରିକାର ଏକ ସାମରିକ ଡ୍ରୋନ୍‌କୁ ଗୁଳିକରି ଖସାଇ ଦେଇଥିବାରୁ ଏହାର ଜବାବରେ ଟ୍ରମ୍ପ ଆକ୍ରମଣ ପାଇଁ ନିଷ୍ପତ୍ତି ନେଇଥିଲେ ବୋଲି କହିଛନ୍ତି। ଇରାନ ଉପରେ ଆମେରିକାର କଟକଣା ଯୋଗୁ ତୈଳ ଦର ଚଳିତ ସପ୍ତାହରେ ୧୦ ପ୍ରତିଶତ ବୃଦ୍ଧିପାଇଛି, ଯାହାଫଳରେ ଭାରତ ପରି ତୈଳ ଆମଦାନି ଉପରେ ନିର୍ଭରଶୀଳ ଦେଶ କ୍ଷତିଗ୍ରସ୍ତ ହେଉଛନ୍ତି।

ପ୍ରଶ୍ନ ହେଉଛି ଆମେରିକା କାହିଁକି ଇରାନ ସହ ଯୁଦ୍ଧ କରିବାକୁ ଚାହୁଁଛି। ଏହାର ଉତ୍ତର ଏତେ ସହଜ ନୁହେଁ। ଇରାନ ହେଉଛି ପାଶ୍ଚାତ୍ୟ ଦେଶଗୁଡ଼ିକର ପୁରୁଣା ଶତ୍ରୁ। ୨୪୦୦ ବର୍ଷ ତଳେ ଡେରାୟସ୍ ଓ ପରେ ଜର୍‌କ୍ସିଜ୍‌ଙ୍କ ନେତୃତ୍ୱରେ ଇରାନୀ ସେନା ଗ୍ରୀସ୍ ଉପରେ ଆକ୍ରମଣ କରି ଏଥେନ୍ସକୁ ଧ୍ୱଂସ କରି ଦେଇଥିଲା। ସେତେବେଳେ ଇରାନୀ ସେନାରେ ବହୁସଂଖ୍ୟକ ଭଡ଼ାଟିଆ ଭାରତୀୟ ସୈନିକ ଥିଲେ ବୋଲି ଗ୍ରୀକ୍ ଇତିହାସକାର ହେରୋଡଟସ ଲେଖିଛନ୍ତି। ମାସିଡୋନିଆର ସମ୍ରାଟ୍ ଆଲେକ୍‌ଜାଣ୍ଡର ଇଜିପ୍ଟ, ଇରାନ, ଆଫ୍‌ଗାନିସ୍ତାନ ଓ ପଞ୍ଜାବ ପ୍ରଭୃତି ଦେଶ ଜୟ କରିଥିଲେ। ୩୩ ବର୍ଷ ବୟସରେ ଆଲେକ୍‌ଜାଣ୍ଡରଙ୍କ ମୃତ୍ୟୁ ହେବା ପରେ ତାଙ୍କ ସାମ୍ରାଜ୍ୟ ଭାଗ ଭାଗ ହୋଇ ତାଙ୍କ ସେନାପତିମାନଙ୍କ ଦ୍ୱାରା ଶାସିତ ହୋଇଥିଲା। ପଞ୍ଜାବଠାରୁ ତୁର୍କୀ ପର୍ଯ୍ୟନ୍ତ ସବୁଠାରୁ ବଡ଼ଭାଗର ଶାସକ ଥିଲେ ସେଲ୍ୟୁକସ ନିକେଟର। ପାର୍ଥିଆନ୍ ଶାସକ ଆର୍ସାସେସ୍‌ଙ୍କ ସମୟରେ ଇରାନୀମାନେ ତାଙ୍କ ଦେଶକୁ ନିଜ ଅଧୀନକୁ ନେଇପାରିଥିଲେ। ସେମାନେ ଥିଲେ ଜୋରାଷ୍ଟ୍ରିଆନ। ପାର୍ଥିଆନ୍‌ମାନେ ଦ୍ୱିତୀୟ ବୃହତ୍ ପାଶ୍ଚାତ୍ୟ ଶକ୍ତି ରୋମ୍ ସହ ତିନି ଶତାବ୍ଦୀ ଧରି ଯୁଦ୍ଧ କରିଥିଲେ। ପରବର୍ତ୍ତୀ ଇରାନୀ ବିଜେତା ଥିଲେ ସାସାନିଆମାନେ ଯେଉଁମାନେ ସପ୍ତମ ଶତାବ୍ଦୀରେ ଆରବୀୟମାନଙ୍କ ଦ୍ୱାରା ପରାଜିତ ହେବା ପର୍ଯ୍ୟନ୍ତ ଇରାନକୁ ଶାସନ କରିଥିଲେ। ୪୦୦ ବର୍ଷ ତଳେ ଇରାନ ସାଫାଭିଡମାନଙ୍କ ଅଧୀନରେ ଶିଆରାଷ୍ଟ୍ର ହେଲା, ଯଦିଚ ଭାରତର ମୋଗଲ ସାମ୍ରାଜ୍ୟକୁ ଧ୍ୱଂସ କରିଥିବା ପ୍ରସିଦ୍ଧ ଶାସକ ନାଦିର ଶାହ ସୁନ୍ନି ଥିଲେ।

ଆଧୁନିକ ଯୁଗରେ ଆମେରିକା ଇରାନୀ ରାଜନୀତିରେ ହସ୍ତକ୍ଷେପ କରିଆସୁଛି। ୧୯୫୩ ମସିହାରେ ଇରାନର ନିର୍ବାଚିତ ପ୍ରଧାନମନ୍ତ୍ରୀ ମୋସାଦେଘ ତୈଳଶିଳ୍ପର ଜାତୀୟକରଣ କରିବା ଯୋଗୁ ସିଆଇଏର କୂଟନୀତି ବଳରେ ଗାଦିଚ୍ୟୁତ ହେଲେ। ଆମେରିକା ଇରାକର ଶାସକ ସଦ୍ଦାମ ହୁସେନଙ୍କୁ ସମର୍ଥନ କରି ଇରାକ-ଇରାନ ଯୁଦ୍ଧକୁ ଇନ୍ଧନ ଯୋଗାଇଥିଲା। ୧୯୭୯ରେ ଜିମି କାର୍ଟର ଆମେରିକାର ରାଷ୍ଟ୍ରପତି ଥିବା ସମୟରେ ତେହେରାନସ୍ଥିତ ଆମେରିକୀୟ ଦୂତାବାସକୁ ଇରାନୀ ବିପ୍ଳବୀମାନେ କବ୍ଜା କରିନେଇଥିଲେ ଏବଂ ଦୂତାବାସର କର୍ମଚାରୀମାନଙ୍କୁ ଅନେକ ସପ୍ତାହ ଧରି ପଣବନ୍ଦୀ କରି ରଖିଥିଲେ। ସେବେଠାରୁ ଇରାନ ସହ ଆମେରିକାର ତିକ୍ତତା ରହିଆସିଛି।

ଆମେରିକାରେ ରହୁଥିବା ଇରାନୀମାନେ ପାକିସ୍ତାନୀ ଦୂତାବାସଠାରୁ ସେବା ପାଇ ଆସୁଥିଲେ। ଆଣବିକ କାର୍ଯ୍ୟକ୍ରମକୁ ନେଇ ଇରାନ ଆମେରିକାର ଓବାମା ପ୍ରଶାସନ ସହ ଏକ ରାଜିନାମା କରାଇନେଇ ପାରିଥିଲା। ଆଶା କରାଯାଉଥିଲା ଶେଷରେ ଏହି ଦୁଇ ଦେଶ ବନ୍ଧୁ ହୋଇଯିବେ। କିନ୍ତୁ ଟ୍ରମ୍ପଙ୍କ ଶାସନରେ ଏହି ଆଶା ଧୂଳିସାତ୍ ହୋଇଯାଇଛି। ଇରାନର ଜାତୀୟ ଧର୍ମ ହେଉଛି ଶିଆ ଇସ୍‌ଲାମ। ଶିଆ ଧର୍ମ ସ୍ୱଭାବତଃ ଶାନ୍ତିବାଦୀ। ସେମାନଙ୍କ ବିଶ୍ୱାସ ଅନୁସାରେ ୮୬୯ ଖ୍ରୀଷ୍ଟାବ୍ଦରେ ଜନ୍ମଗ୍ରହଣ କରିଥିବା ଦ୍ୱାଦଶ ଇମାମ ମହମ୍ମଦ ଅଲ ମହଦି ମରିନାହାନ୍ତି। ଆଲ୍ଲାଙ୍କ ଦ୍ୱାରା ସେ ଲୁକ୍କାୟିତ ହୋଇ ରହିଛନ୍ତି ଏବଂ ଯେକୌଣସି ସମୟରେ ପ୍ରତ୍ୟାବର୍ତ୍ତନ କରିପାରନ୍ତି। ତାଙ୍କ ଫେରିବା ବାଟକୁ ଶିଆ ମୁସଲମାନମାନେ ଚାହିଁବସିଛନ୍ତି। ସେ ପର୍ଯ୍ୟନ୍ତ ସେମାନେ ବାହ୍ୟ ଦୁନିଆ ସହ ଯୁଦ୍ଧବିଗ୍ରହରେ ବ୍ୟାପୃତ ନ ହେବା ଏବଂ ନିଜ ଧର୍ମ ପାଳନ କରି ଶାନ୍ତିରେ ରହିବାକୁ ଚାହାନ୍ତି। ପାଠକମାନେ ଜାଣି ଆଶ୍ଚର୍ଯ୍ୟ ହେବେ ଯେ ଭାରତରେ ଆତଙ୍କବାଦୀ କାର୍ଯ୍ୟକଳାପରେ ଜଡ଼ିତ ରହୁଥିବା କୌଣସି ପାକିସ୍ତାନୀ ବା କଶ୍ମୀରୀ ମୁସଲମାନ ଶିଆ ନୁହନ୍ତି। ଜୈଶ୍, ଲଶ୍କର, ହିଜ୍‌ବୁଲ ମୁଜାହିଦ୍ଦିନ, ଅଲ୍ ଉମର, ଅଲ୍ କାଏଦା, ଆଇଏସ୍ ପ୍ରଭୃତି ସମସ୍ତ ଆତଙ୍କବାଦୀ ଗୋଷ୍ଠୀ ହେଉଛନ୍ତି ସୁନ୍ନି ସମ୍ପ୍ରଦାୟର। ଜିହାଦୀ ଆତଙ୍କବାଦ ସହ ଶିଆମାନଙ୍କର କୌଣସି ସମ୍ପର୍କ ନାହିଁ। ତେବେ ଇସ୍ରାଏଲକୁ ବିରୋଧ କରୁଥିବା ସୁନ୍ନି ଗୋଷ୍ଠୀ ସହ ପାଲେଷ୍ଟିନୀୟମାନଙ୍କୁ ଇରାନ ସମର୍ଥନ କରିଆସୁଛି। ଏହି କାରଣରୁ ଆମେରିକା ଇରାନକୁ ଘୃଣା କରୁଛି। ଆମେରିକା ସହ ଇରାନର କୌଣସି ବିବାଦ ନାହିଁ। ଆମେରିକାର ମଧ୍ୟ ଇରାନକୁ ଘୃଣା କରିବାର କୌଣସି କାରଣ ନାହିଁ। କିନ୍ତୁ ଇରାନ ପ୍ରତି କଠୋର ଆଭିମୁଖ୍ୟ ଗ୍ରହଣ କରିବାକୁ ଇସ୍ରାଏଲ ଆମେରିକାକୁ ଉସ୍‌କେଇ ଆସୁଛି କାରଣ ଇରାନ ପାଲେଷ୍ଟାଇନର ମୁକ୍ତି ଆନ୍ଦୋଳନକୁ ସମର୍ଥନ କରୁଛି।

ଭାରତର ଶିଆମାନେ ପୁଣି ବିଭିନ୍ନ ଭାଗରେ ବିଭକ୍ତ କିନ୍ତୁ ସେମାନଙ୍କ ମଧ୍ୟରେ ସବୁଠାରୁ ବଡ଼ ଗୋଷ୍ଠୀ ହେଉଛି ଟ୍ୱେଲ୍‌ଭର ଶିଆ। ସେମାନଙ୍କର ଇମାମମାନେ ଇରାକ ଓ ଇରାନରେ ରହୁଛନ୍ତି। ଭାରତର ଇରାନ ସହ ସଭ୍ୟତାର ସମ୍ପର୍କ ରହିଛି। ଆରବୀୟମାନେ ଉର୍ଦ୍ଦୁ ବୁଝନ୍ତି ନାହିଁ କିନ୍ତୁ ଇରାନୀମାନେ ବୁଝନ୍ତି। ଇରାନ ଭାରତର ବନ୍ଧୁରାଷ୍ଟ୍ର ହୋଇ ରହିଆସିଛି, ଏପରି କି ଭାଜପା ନେତୃତ୍ୱାଧୀନ ଶାସନରେ ମଧ୍ୟ। ଭାରତ ସେହି ସମ୍ପର୍କକୁ ଭାଙ୍ଗିବା ଭଳି କୌଣସି କାର୍ଯ୍ୟକରିବା ଉଚିତ ନୁହେଁ। କାରଣ ଏହାଦ୍ୱାରା କାହାରି ମଙ୍ଗଳ ହେବ ନାହିଁ।

Email: aakar.patel@gmail.com

ରାଜ୍ୟ ସଭା ରେସ୍ ଓ ନବୀନ ପଲିଟିକ୍ସ

ସବ୍ୟସାଚୀ ଅମିତାଭ

କୁହାଯାଏ ପ୍ରେମ ଓ ଯୁଦ୍ଧରେ ସବୁ କିଛି ସମ୍ଭବ। ପୁରୁଣାକାଳିଆ ଏହି ରୂଢ଼ି ବାକ୍ୟ ସହ ଆଧୁନିକ ସମୟର ଆଉ ଗୋଟିଏ ଶବ୍ଦ ମଧ୍ୟ ଯୋଡ଼ି ହୋଇଯାଇଛି। ତାହା ହେଲା ବର୍ତ୍ତମାନ ରାଜନୀତିରେ ଅସମ୍ଭବ ବୋଲି କିଛି ନାହିଁ। ଆମେ ଏଠି ରାଜ୍ୟର ବିଜୁ ଜନତା ଦଳକୁ ଏକ ବଡ଼ ଉଦାହରଣ ଭାବେ ନେଇପାରିବା। ଖାଲିଥିବା ୩ଟି ରାଜ୍ୟ ସଭା ଆସନରେ ବିଜୁ ଜନତା ଦଳ ପ୍ରାର୍ଥୀ ଘୋଷଣା କରିବା ଓ ଏହା ପରର ଘଟଣାକ୍ରମ ଏବେ ଅନେକ ଦିଗ ପ୍ରତି ସମ୍ଭାବନା ସୃଷ୍ଟି କରିଛି। ୩ଟି ରାଜ୍ୟ ସଭା ଆସନରେ ହେବାକୁ ଥିବା ଉପନିର୍ବାଚନ ପାଇଁ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ନିବାସରେ ୩ ଜଣ ପ୍ରାର୍ଥୀଙ୍କ ନାଁ ଘୋଷଣା କରିଥିଲେ। ସେମାନେ ହେଲେ- ଅମର ପଟ୍ଟନାୟକ, ଡ. ସସ୍ମିତ ପାତ୍ର ଓ ଅଶ୍ୱିନୀ ବୈଷ୍ଣବ। ଅମର ପଟ୍ଟନାୟକ ପୂର୍ବତନ ଓଡ଼ିଶା ଏଜି ଥିଲେ, ବିଜେଡିର ଆଇଟି ସେଲ୍‌ର ମୁଖିଆ ତଥା ଦଳର ଅନ୍ୟତମ ମୁଖପାତ୍ର। ତାଙ୍କ ନାଁ ଚର୍ଚ୍ଚା ହେଉଥିଲା। ତେଣୁ ଘୋଷଣା ହେବାରେ ବିଶେଷ କିଛି ନୂତନତା ନାହିଁ। ଠିକ୍ ସମାନ ଭାବେ ଡ. ସସ୍ମିତ ପାତ୍ର ବିଜେଡିର ଅନ୍ୟତମ ମୁଖପାତ୍ର ତଥା ଜଣାଶୁଣା ଟିଭି ପ୍ରବକ୍ତା ଥିଲେ, ସଂଖ୍ୟାଲଘୁ ଭୋଟ ବ୍ୟାଙ୍କ୍ ତୁଷ୍ଟୀକରଣ ହେଉ ଅବା ନିର୍ବାଚନ ସମୟରେ ବୈଦ୍ୟୁତିକ ଗଣମାଧ୍ୟମରେ ଦଳର ଆଭିମୁଖ୍ୟକୁ ଠିକ୍ ଭାବେ ପରିଚାଳନା କରିଥିବାରୁ ତାଙ୍କୁ ମଧ୍ୟ ପୁରସ୍କାର ମିଳିଥାଇପାରେ। ହେଲେ ତୃତୀୟ ନାଁଟି କିନ୍ତୁ ରାଜନୀତି ପାଇଁ ଚର୍ଚ୍ଚାର ଖୋରାକ ଯୋଗାଇଛି। ଅବସରପ୍ରାପ୍ତ ଆଇଏଏସ୍ ଅଫିସରବାବୁ ଅଶ୍ୱିନୀ କୁମାର ବୈଷ୍ଣବ। ଯିଏ ଭାଜପାର ପ୍ରାର୍ଥୀ, ହେଲେ ବିଜେଡି ନାଟକୀୟ ଭାବେ ତାଙ୍କୁ ସମର୍ଥନ ଘୋଷଣା କରିଛି। ବିଜେଡି ସୁପ୍ରିମୋ ଯେ ଗୋଟିଏ ରାଜ୍ୟ ସଭା ଆସନ ଭାଜପା ହାତରେ ଟେକି ଦେଇଛନ୍ତି ତାହା କହିଲେ ଭୁଲ୍ ହେବନି। ଅତୀତରେ ନିଜର ଅନେକ ନିଷ୍ପତ୍ତିରେ ଜନତା, ନେତା ତଥା ବିରୋଧୀ ଦଳଙ୍କୁ ଚମକାଇଦେଇଥିବା ନବୀନଙ୍କ ଏହା ଆଉ ଏକ ମାଷ୍ଟରଷ୍ଟ୍ରୋକ୍ ବୋଲି କେହି କେହି କହୁଛନ୍ତି। ହେଲେ ପ୍ରଶ୍ନ ଉଠୁଛି, ବିଧାନସଭା ସଂଖ୍ୟା ଆଧାରରେ ୩ଟି ଆସନରେ ବିଜେଡି ନିଶ୍ଚିତ ଥିବାବେଳେ ହଠାତ୍ ଦଳର ସୁପ୍ରିମୋ କାହିଁକି ଏପରି ନିଷ୍ପତ୍ତି ନେଲେ। କାରଣ ନିର୍ବାଚନ ବେଳର ବିଜେଡି ଭାଜପା ଟକରାଟକରିକୁ ଯିଏ ପାଖରୁ ଦେଖିଥିବ ତା' ପାଇଁ ଏପରି ନିଷ୍ପତ୍ତି କେବଳ ଅପ୍ରତ୍ୟାଶିତ ନୁହେଁ ବରଂ ଆଚମ୍ବିତ କରିଦେଲା ପରି ଘଟଣା। ଯଦିଓ ବିଜେଡି ସଭାପତି ଖୋଦ୍ ଏହି ଦ୍ୱନ୍ଦ୍ୱକୁ ଦୂର କରିବା ପାଇଁ ସଫେଇ ଦେଇ କହିଛନ୍ତି, ପ୍ରଧାନମନ୍ତ୍ରୀ ଓ ସ୍ୱରାଷ୍ଟ୍ରମନ୍ତ୍ରୀଙ୍କ ଅନୁରୋଧକୁ ଗ୍ରହଣ କରି ଭାଜପା ପ୍ରାର୍ଥୀ ଅଶ୍ୱିନୀ ବୈଷ୍ଣବଙ୍କ ପ୍ରାର୍ଥିତ୍ୱକୁ ସମର୍ଥନ ଦିଆଯାଇଛି। ହେଲେ ଏହା ପଛର ପ୍ରକୃତ କାରଣକୁ ନେଇ ଏବେ ଅନେକ ପ୍ରଶ୍ନ ଉଙ୍କି ମାରିଲାଣି। ପୂର୍ବରୁ ବିଜେଡିର ସମଦୂରତା ଫର୍ମୁଲା ଏବେ ଭିତିରିଆ ସୁସମ୍ପର୍କର ରୂପ ନେଉଛି ବୋଲି କେହି କେହି ମତ ଦେଉଛନ୍ତି।

ରାଜ୍ୟ ସଭା ଆସନ ପାଇଁ ଅନେକ ବ୍ୟକ୍ତିଙ୍କ ନାଁ ଚର୍ଚ୍ଚା ହେଉଥିଲା। ଅନେକ ନେତା ସେଥିପାଇଁ ଲବି ବି ଆରମ୍ଭ କରିଦେଇଥିଲେ। ହେଲେ ଅମର ପଟ୍ଟନାୟକ ଓ ସସ୍ମିତ ପାତ୍ର ସେ ବାଜିରେ ଆଗରେ ରହିଲେ ବା ଦଳ ସୁପ୍ରିମୋଙ୍କର ଆସ୍ଥା ଜିଣିଲେ ତାହା ଏକ ଭିନ୍ନ ପ୍ରସଙ୍ଗ। ହେଲେ କେଁ ବାହାରିଛି ଅଶ୍ୱିନୀ ବୈଷ୍ଣବଙ୍କ ଚୟନକୁ ନେଇ। ଅମର ଓ ସସ୍ମିତ ରାଜନୈତିକ ବ୍ୟକ୍ତି, ବିଜେଡିର କର୍ମକର୍ତ୍ତା। ଦଳ ଚାହିଁଲା ସେମାନଙ୍କୁ ଟିକେଟ୍ ଦେଲା। ହେଲେ ଅଶ୍ୱିନୀ ବୈଷ୍ଣବ ଭାଜପାର ନା ବିଜେଡିର ନା ଉଭୟଙ୍କର ତାକୁ ନେଇ ଏବେ ଦ୍ୱନ୍ଦ୍ୱ। ୨୦୧୭ ମେ'ରେ ବି ରାଜ୍ୟ ସଭା ନିର୍ବାଚନ ବେଳେ ଅଶ୍ୱିନୀଙ୍କ ନାଁ ବେଶ୍ ଚର୍ଚ୍ଚା ହେଉଥିଲା। ଏପରିକି ସେତେବେଳେ ତାଙ୍କର ରାଜ୍ୟ ସଭା ଟିକେଟ୍ ଏକ ପ୍ରକାର ଫାଇନାଲ୍ ଥିବାବେଳେ କୌଣସି କାରଣ ପାଇଁ ସେ ଶେଷ ମୁହୂର୍ତ୍ତରେ ବାଦ୍ ପଡିଥିଲେ। ଅଶ୍ୱିନୀଙ୍କ ପାଇଁ କାହିଁକି ସମସ୍ତଙ୍କ ଦରଦ ସେ ବାବଦରେ ମଧ୍ୟ ଆଲୋଚନା କରିବାର ଆବଶ୍ୟକତା ରହିଛି।

୧୯୯୪ ବ୍ୟାଚ୍‌ର ଓଡ଼ିଶା କ୍ୟାଡରର ଆଇଏଏସ୍ ଅଫିସର ବୈଷ୍ଣବ, ଏନ୍‌ଡିଏ ସରକାରଙ୍କ ଅମଳରେ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ବ୍ୟକ୍ତିଗତ ସଚିବ ଭାବେ ନିଯୁକ୍ତି ପାଇଥିଲେ। ତାଙ୍କ ପିତା ସଂଘ ପରିବାରର ଜଣେ ଆଗଧାଡିର କର୍ମକର୍ତ୍ତା ଥିଲେ। ରାଜସ୍ଥାନ ଭାଜପା ସହ ତାଙ୍କର ଅତି ଘନିଷ୍ଠ ସମ୍ପର୍କ ଥିଲା। ୧୫ ବର୍ଷ ଆଇଏଏସ୍ ଚାକିରି କରିବା ପରେ ଏମ୍‌ବିଏ କରିବାକୁ ଇଚ୍ଛା ପ୍ରକାଶ କରିଥିଲେ ସେ। ହ୍ୱାର୍ଟନରୁ ସଫଳତାର ସହ ଏମ୍‌ବିଏ ଡିଗ୍ରୀ ହାସଲ କରିବା ପରେ ସେ ଆଇଏଏସ୍ ଚାକିରି ଛାଡି ମୁମ୍ବାଇରେ ଏକ କମ୍ପାନୀ ତିଆରି କରିଥିଲେ। ବାଜପେୟୀଙ୍କ ପିଏମ୍‌ଓରେ ଥିବାବେଳେ ପବ୍ଲିକ୍ ପ୍ରାଇଭେଟ୍ ପାର୍ଟନରଶିପ୍ (ପିପିପି) ଥିଲା ତାଙ୍କର କଳ୍ପନାପ୍ରସୂତ। ଏହା ତାଙ୍କୁ ଘରୋଇ କମ୍ପାନୀଗୁଡିକ ସହ ସମ୍ପର୍କ ସୃଷ୍ଟି କରିବାରେ ସହାୟକ ହୋଇଥିଲା। ପରବର୍ତ୍ତୀ କାଳରେ ସେ ତ୍ରିବେଣୀ କମ୍ପାନୀ ସହ ସଂପୃକ୍ତ ହୋଇପଡିଥିଲେ। ତ୍ରିବେଣୀ କମ୍ପାନୀ ସହ ରାଜ୍ୟ ସରକାରଙ୍କ ସମ୍ପର୍କ କିପରି ତାହା ମଧ୍ୟ କାହାକୁ ଅଛପା ନାହିଁ। ଗୋଟିଏ ପଟେ ମୋଦିଙ୍କ ସମେତ ବହୁ ତୁଙ୍ଗ ଭାଜପା ନେତାଙ୍କ ସହ ଅଶ୍ୱିନୀଙ୍କ ଘନିଷ୍ଠ ସମ୍ପର୍କ, ଅନ୍ୟପଟେ ନବୀନଙ୍କ ସହ ମଧ୍ୟ ଏକାନ୍ତ ଘନିଷ୍ଠତା। କେହି କେହି କହନ୍ତି, ଭାଜପାର ତୁଙ୍ଗ ନେତୃତ୍ୱଙ୍କ ସହ ନବୀନ ବାବୁଙ୍କ ସମ୍ପର୍କ ବୃଦ୍ଧି ପଛରେ ଅଶ୍ୱିନୀ ବୈଷ୍ଣବଙ୍କ ପ୍ରମୁଖ ଯୋଗଦାନ ରହିଛି। ଏହାର ଫଳସ୍ୱରୂପ ତାଙ୍କୁ ଅତୀତରେ ରାଜ୍ୟ ସଭା ପଠାଇବାକୁ ଉଦ୍ୟମ କରାଯାଇଥିଲା।

ଦିଲ୍ଲୀ ପାୱାର କରିଡରରେ ବେଶ୍ ଜଣାଥିବା ଅଶ୍ୱିନୀ ବୈଷ୍ଣବଙ୍କୁ ରାଜ୍ୟ ସଭା ପାଇଁ ସମର୍ଥନ କରି ବିଜେଡି ମୁଖ୍ୟ ଗୋଟିଏ ଗୁଳିରେ ଦୁଇଟି ଶିକାର କରିଛନ୍ତି। ୧. ଅତୀତରେ ଯେଉଁ ଉଦ୍ୟମ ସଫଳ ହୋଇ ନ ଥିଲା ତାହା ଏବେ ସାକାର ହୋଇଛି। ମୋଦି କ୍ୟାମ୍ପ ସହ ସୁସମ୍ପର୍କ ପାଇଁ ବୈଷ୍ଣବ ହିଁ ଏକମାତ୍ର ଭଲ ମାଧ୍ୟମ ହେବେ। ୨. ରାଜ୍ୟ ଭାଜପା ନେତୃବୃନ୍ଦଙ୍କୁ ଏକପ୍ରକାର ଦ୍ୱନ୍ଦ୍ୱ ଓ ଦ୍ୱିଧାରେ ରଖି ମାନସିକ ଚାପ ସୃଷ୍ଟି କରିବା। ଆଗକୁ ପାଟକୁରା ଓ ବିଜେପୁର ଉପନିର୍ବାଚନ ହେବାକୁ ଯାଉଛି। ଯେଉଁଠି ବିଜେଡିର ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ହେଉଛି ଭାଜପା। ବିଧାନସଭାରେ କଂଗ୍ରେସକୁ ଠେଲି ଏବେ ବିରୋଧୀ ଦଳ ଭୂମିକାରେ ଭାଜପା। ଏପରିସ୍ଥିତିରେ ନବୀନଙ୍କ ଏହି ଗେମ୍ ପ୍ଲାନ ସବୁ ଦିଗକୁ ଭାବିଚିନ୍ତି ନିଆଯାଇଛି ବୋଲି ଅନୁମାନ କରାଯାଉଛି। ନବୀନଙ୍କ ଏହି ନିଷ୍ପତ୍ତି କେବଳ ଯେ ରାଜ୍ୟ ଭାଜପା ନେତୃବୃନ୍ଦଙ୍କୁ ଅଡୁଆରେ ପକାଇବ ତା' ନୁହେଁ ବରଂ ସେମାନଙ୍କୁ ଦୁର୍ବଳ ପ୍ରତୀତ କରାଇବାରେ ସହାୟକ ହେବ। ଏହା ହିଁ ରାଜ୍ୟ ସଭା ଗୋଟି ଚାଳନାର ଏକ ବାସ୍ତବ ନିର୍ଯାସ। ନିର୍ବାଚନ ପରେ କେନ୍ଦ୍ରର ମୋଦି ସରକାର ସହ ନବୀନ ବାବୁଙ୍କ ସମ୍ପର୍କ ଯେପରି ବଦଳିବାରେ ଲାଗିଛି ତାହା ଏକ ନୂଆ ସମୀକରଣ ଆଗକୁ ଇସାରା ବି କଲାଣି। ଆଗକୁ ଆହୁରି ଅନେକ ଚମକାଇବା ପରି ଘଟଣା ଘଟିବ ବୋଲି ବର୍ତ୍ତମାନରୁ ସମ୍ଭାବନା ସୃଷ୍ଟି ହେଲାଣି।

ଭୁବନେଶ୍ୱର, ମୋ-୯୪୩୮୨୯୬୫୧୯

ଲୋକ ସଭାର ଅଧିଷ୍ଠାତା

ବ୍ୟକ୍ତିତ୍ୱ

ଓମ୍ ବିର୍ଲା

ଲୋକ ସଭାର ମୁଖ୍ୟ ହେଉଛନ୍ତି ବାଚସ୍ପତି। ସେ ଗୃହ ସଦସ୍ୟଙ୍କ କ୍ଷମତା ଓ ସ୍ୱାଧିକାର ରକ୍ଷକ ଭାବେ ଜଣାଶୁଣା। ସଂସଦୀୟ ଶିଷ୍ଟାଚାର ବଜାୟ ରଖିବାରେ ତାଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ନିମ୍ନ ସଦନର ଅଧିଷ୍ଠାତା ହୋଇଥିବାରୁ ଭାରତୀୟ ସମ୍ବିଧାନ ଓ ସଂସଦୀୟ ଲୋକାଚାରକୁ ଗଭୀର ଅନୁଶୀଳନ କରି ବାଚସ୍ପତି ଗୃହକାର୍ଯ୍ୟ ଚଳାଇଥାଆନ୍ତି। ୨୦୧୯ ସାଧାରଣ ନିର୍ବାଚନ ପରେ କେନ୍ଦ୍ରରେ ଭାଜପା ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) କ୍ଷମତାସୀନ ହେବା ପରେ ରାଜସ୍ଥାନର କୋଟା ଏମ୍‌ପି ଓମ୍ ବିର୍ଲା ଲୋକ ସଭାର ବାଚସ୍ପତି ହୋଇଛନ୍ତି। ରାଜସ୍ଥାନ ଭାଜପାର ବୈଶ୍ୟମାନଙ୍କ ଚେହେରା କୁହାଯାଉଥିବା ଏହି ବ୍ୟକ୍ତିଙ୍କ ମୁଣ୍ଡରେ ବାଚସ୍ପତି ଭଳି ମୁକୁଟ ମିଳିବା ପରେ ତାଙ୍କ ବ୍ୟକ୍ତିତ୍ୱ ଚର୍ଚ୍ଚାକୁ ଆସିଛି।

କେବଳ ଦୁଇ ଥର ଲୋକ ସଭାକୁ ନିର୍ବାଚିତ ହୋଇଥିବା ଓମ୍‌ଙ୍କ ନାମ ବାଚସ୍ପତି ଲାଗି ଯେବେ ଘୋଷଣା ହେଲା ସେତେବେଳେ ରାଜନୈତିକ ମହଲରେ ଚହଳ ପଡ଼ିଯାଇଥିଲା। ବରିଷ୍ଠମାନଙ୍କୁ ପଛରେ ପକାଇ ଏହି ୫୬ ବର୍ଷୀୟ ନେତାଙ୍କ ଉପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କ ସମର୍ଥନ ରହିଥିବା ପରେ ଜଣାପଡ଼ିଥିଲା।

ଓମ୍ ରାଜସ୍ଥାନର କୋଟାରେ ୨୩ ନଭେମ୍ବର ୧୯୬୨ରେ ଜନ୍ମଗ୍ରହଣ କରିଥିଲେ। ଶ୍ରୀକୃଷ୍ଣ ବିର୍ଲା ଓ ଶକୁନ୍ତଳା ଦେବୀଙ୍କ ଏହି ସନ୍ତାନ ପିଲାଟି ବେଳୁ ନିଜକୁ ସାମାଜିକ କାର୍ଯ୍ୟରେ ନିୟୋଜିତ କରିଥିଲେ। କୋଟାସ୍ଥିତ ଗଭର୍ନମେଣ୍ଟ କମର୍ସ କଲେଜରୁ ବାଣିଜ୍ୟରେ ସେ ସ୍ନାତକୋତ୍ତର ଡିଗ୍ରୀ ଅର୍ଜନ କରିଥିଲେ। ଛାତ୍ର ରାଜନୀତିରେ ସକ୍ରିୟ ରହି ସେ ୧୯୭୯ରେ କଲେଜ ଛାତ୍ର ସଂସଦର ସଭାପତି ହୋଇଥିଲେ। ପରେ ୨୦୦୩ରେ ସେ ଦକ୍ଷିଣ କୋଟାରୁ ରାଜସ୍ଥାନ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ପରବର୍ତ୍ତୀ ସମୟରେ ୨୦୦୮ ଓ ୨୦୧୩ରେ ସେ ତୃତୀୟ ଥର ପାଇଁ ବିଧାୟକ ହୋଇଥିଲେ। ୨୦୦୩ରୁ ୨୦୦୮ ମଧ୍ୟରେ ସେ ବସୁନ୍ଧରା ରାଜେ ସରକାରରେ ପାର୍ଲାମେଣ୍ଟାରୀ ସେକ୍ରେଟାରି (ରାଷ୍ଟ୍ରପାହ୍ୟ ର୍‍ୟାଙ୍କ୍) ହୋଇଥିଲେ। ସାଙ୍ଗଠନିକ ଦକ୍ଷତା ସହ ବିଭିନ୍ନ ଜନମଙ୍ଗଳ କାର୍ଯ୍ୟରେ ସମ୍ପୃକ୍ତି ତାଙ୍କୁ ଜାତୀୟ ନେତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ଫଳରେ ୨୦୧୪ରେ ତାଙ୍କୁ କୋଟା ଲୋକ ସଭା ଆସନରୁ ପ୍ରାର୍ଥୀ କରାଯାଇଥିଲା। ସେଠାରୁ ସେ ସଫଳ ହେବା ପରେ ଦ୍ୱିତୀୟ ଥର ଲାଗି ୨୦୧୯ରେ ପୁନଶ୍ଚ ତାଙ୍କ ଉପରେ ପାର୍ଟି ଭରସା କରିଥିଲା। ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ (ଆର୍‌ଏସ୍‌ଏସ୍) ଆଦର୍ଶରେ ଅନୁପ୍ରାଣିତ ଓମ୍ ସାଧାରଣ ନିର୍ବାଚନ ବେଳେ ତାଙ୍କ ବିଜୟ ମୋଦିଙ୍କୁ ଦ୍ୱିତୀୟ ଥର ପ୍ରଧାନମନ୍ତ୍ରୀ ହେବା ଲାଗି ସୁଯୋଗ ଦେବ ବୋଲି ସ୍ଲୋଗାନ ଦେଇ ଚର୍ଚ୍ଚାକୁ ଆସିଥିଲେ। ତାଙ୍କ ବାଚସ୍ପତି ହେବା ପଛରେ ଦକ୍ଷତାର ସହ ରାଜସ୍ଥାନ ଓ ଗୁଜରାଟରେ ସମବାୟ ସମିତି ପରିଚାଳନାକୁ ଶ୍ରେୟ ଦିଆଯାଉଛି। କୁହାଯାଉଛି ଗୁଜରାଟ ମୁଖ୍ୟମନ୍ତ୍ରୀ ହେବା ପୂର୍ବରୁ ମୋଦିଙ୍କ ସହ ତାଙ୍କ ସମ୍ପର୍କ ନିବିଡ଼ ଥିଲା। ୨୦୧୯ ସାଧାରଣ ନିର୍ବାଚନରେ ବୁଥ୍ ପରିଚାଳନା କ୍ଷେତ୍ରରେ ଓମ୍‌ଙ୍କ ରଣକୌଶଳ ଓ ଦକ୍ଷତାକୁ ଶାହ ମଧ୍ୟ ପ୍ରଶଂସା କରିଛନ୍ତି।

ବାଚସ୍ପତି ଭାବେ ଲୋକ ସଭା ପରିଚାଳନା କରିବା ନିଶ୍ଚିତ କାଠିକର ବ୍ୟାପାର। ନିମ୍ନ ସଦନର ପ୍ରଥମ ବାଚସ୍ପତି ଗଣେଶ ବାସୁଦେବ ମାଭାଲାଙ୍କଠାରୁ ଅଦ୍ୟାବଧି ୧୬ ଜଣ ବ୍ୟକ୍ତି ଏହି ମର୍ଯ୍ୟାଦାଜନକ ପଦବୀରେ ରହିଆସିଛନ୍ତି। ଶାସକ ଓ ବିରୋଧୀ ବିଭିନ୍ନ ପ୍ରସଙ୍ଗରେ ଗୃହରେ ହଟ୍ଟଗୋଳ, ଯୁକ୍ତିତର୍କ ଓ ବିଶୃଙ୍ଖଳା ସୃଷ୍ଟି କରିବାର ନଜୀର ରହିଛି। ୧୭ତମ ବାଚସ୍ପତି ହୋଇଥିବା ଓମ୍ ଧୈର୍ଯ୍ୟର ସହ ବିଚକ୍ଷଣତା ପ୍ରଦର୍ଶନ କରି ଉତ୍ତମ ଭାବେ ଗୃହ ଚଳାଇବେ ବୋଲି ଆଶା ରହିବା ସ୍ୱାଭାବିକ।

-ଜିତେନ୍ଦ୍ର କୁମାର ନାୟକ

ଏଇ ଭାରତରେ

ଆମ ଦେଶରେ ଆଇନକାନୁନ ଯେମିତି ଉଦାର, ନ୍ୟାୟ ପ୍ରଦାନ ପ୍ରକ୍ରିୟା ମଧ୍ୟ ସେପରି ବିଳମ୍ବ ହୋଇଥାଏ। ଏଥିପାଇଁ ଜଣେ ଅଭିଯୁକ୍ତ ନିଜ ଜୀବଦ୍ଦଶାରେ ମଧ୍ୟ ନ୍ୟାୟ ପାଇ ନ ପାରେ। ମୃତ୍ୟୁର ୫ ବର୍ଷ ପରେ ଦେଶଦ୍ରୋହ ଅଭିଯୋଗରୁ ମୁକ୍ତ ହୋଇଛନ୍ତି ଜଣେ ଅଭିଯୁକ୍ତ। ଏପରି ଏକ ଘଟଣା ଘଟିଛି ପଶ୍ଚିମବଙ୍ଗରେ। ଏହି ନ୍ୟାୟର ମୂଲ୍ୟ ତାଙ୍କ ପାଇଁ କିଛି ନୁହେଁ। କାରଣ ବିଳମ୍ବରେ ମିଳୁଥିବା ନ୍ୟାୟ ପ୍ରକୃତ ନ୍ୟାୟ ନୁହେଁ ବୋଲି କୁହାଯାଏ। ପଶ୍ଚିମବଙ୍ଗରେ ଦେଶଦ୍ରୋହ ଅପରାଧରେ କାରାଦଣ୍ଡ ଭୋଗୁଥିବା ୩ ଜଣ ଅଭିଯୁକ୍ତଙ୍କୁ କୋଲକତା ହାଇକୋର୍ଟ ମୁକ୍ତ କରିଛନ୍ତି। କିନ୍ତୁ ଏଥିପାଇଁ ନ୍ୟାୟ ପ୍ରଦାନ ପ୍ରକ୍ରିୟା ବିଳମ୍ବ ହୋଇଯାଇଛି। ସେମାନଙ୍କୁ ୨୦୦୫ରେ ଏକ ନିମ୍ନ ଅଦାଲତ ଦେଶଦ୍ରୋହ ଅପରାଧରେ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିଲେ। ନିମ୍ନ ଅଦାଲତଙ୍କ ରାୟକୁ ୨୦୦୬ରେ କୋଲକାତା ହାଇକୋର୍ଟରେ ଚ୍ୟାଲେଞ୍ଜ୍ କରାଯାଇଥିଲା। ଇତିମଧ୍ୟରେ ଜଣେ ଅଭିଯୁକ୍ତ ସୁଶୀଲ ରାୟଙ୍କର ଗତ ୫ ବର୍ଷ ତଳେ ୨୦୧୪ରେ ମୃତ୍ୟୁ ହୋଇସାରିଛି। ତେଣୁ ବର୍ତ୍ତମାନ ମିଳିଥିବା ନ୍ୟାୟର ମୂଲ୍ୟ ତାଙ୍କ ପାଇଁ କିଛି ନୁହେଁ। ଅନ୍ୟ ଦୁଇ ଅଭିଯୁକ୍ତଙ୍କୁ ବିଚାରପତି ମୁକ୍ତ କରିଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

ଚିରନ୍ତନୀ

ପାସୋରି ଦିଏ ନିଜକୁ ଶଶି
ନିଜକୁ ଭୁଲେ ଏ ବିଲ ଗ୍ରାମ
ନିଜକୁ ଭୁଲି ସଜଳ ନଦୀ
ଚଳେ ଅଜ୍ଞାତେ ନାହିଁ ବିଶ୍ରାମ।
ନିଜକୁ ଭୁଲି ଏ ନଦୀ ତଟେ
ସୁଦୂର ଗ୍ରାମେ ରହେ ମୁଁ ଚାହିଁ,
ଲୁପତ ଧରା ଲୁପତ ବିଶ୍ୱ
ବିଜନ ଏଥି କେହି କି ନାହିଁ।
କେବଳ ଏଥି ନାଚଇ ଶୂନ୍ୟ
ପରାଣ ତହିଁ ରହଇ ଲାଖି,
ଯେତେ ମୁଁ ଚାହେଁ ଜୋଛନା ପଥେ
ତୃପତି ମୋର ନ ମାନେ ଆଖି।
(ନିଜ ଭୁଲା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

su|do|ku ସୁ-ଡୋ-କୁ

					B		0	4		C	A		D	2
					3		1					6	E	B
E				1		B			5	D			0	
	8	2		7				9	6			4		
4								2			0			9
	4	B			2	8		C			5			E
C			8											3
3		D	4			E					2	8	5	
			E			5			4		7	9	B	
5							6				1			A
6		4												D
D		0	7				8					C		6
	C	5			E		A		0			3	1	4
			9		4	6	2			B				
				D		7		1			3			

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

E	4	3	B	A	0	1	5	6	9	8	C	D	2	7
1	9	C	8	3	2	7	0	D	5	6	4	B	A	E
A	5	2	6	4	D	3	9	B	7	E	1	0	C	8
6	D	0	1	7	E	8	2	C	B	3	A	9	5	4
8	7	B	5	C	9	E	A	4	D	0	2	1	3	6
5	3	A	7	1	C	0	8	9	4	B	6	E	D	2
0	2	7	D	9	6	5	4	3	8	A	E	C	1	B
9	B	1	E	5	4	C	6	2	3	D	0	8	7	A
4	E	6	0	8	A	D	B	1	2	C	7	3	9	5
D	C	8	2	B	3	A	E	7	1	9	5	6	4	0
B	8	4	9	2	1	6	C	5	0	7	3	A	E	D
C	A	E	4	D	7	9	1	0	6	2	B	5	8	3
3	6	D	C	0	5	2	7	E	A	1	8	4	B	9
2	1	5	3	6	8	B	D	A	E	4	9	7	0	C
7	0	9	A	E	B	4	3	8	C	5	D	2	6	1

ଗତକାଲିର ଉତ୍ତର

ପାଠକ ଶ୍ରେଷ୍ଠ ବିଚାରକ

ଗଞ୍ଜେଇ ଚାଷରେ ବେପାର

ମହାଶୟ,

ଧରିତ୍ରୀରେ ଯାଜପୁର ପାଣିକୋଇଲି ଅନ୍ତର୍ଗତ ସୋଲପଟା ଗ୍ରାମରେ ଅବକାରୀ ଚଢାଉ ହୋଇ ୮୮ କେଜି ଗଞ୍ଜେଇ ଜବତ ଖବର ପ୍ରକାଶ ପାଇଛି। ଫୁଲବାଣୀ, କୋରାପୁଟ, ସମ୍ବଲପୁର ଆଦି କେତେକ ଜିଲାରେ ପ୍ରତିବର୍ଷ ଗଞ୍ଜେଇ ଚାଷ ହୋଇ ଚୋରା ଚାଲାଣ କରାଯାଉଛି। ସ୍ଥାନୀୟ ପ୍ରଶାସନର ସଂପୃକ୍ତ ବିଭାଗ, ରାଜନେତା, କୁଜିନେତା ଏଥିରେ ମାଲାମାଲ ହେଉଛନ୍ତି। ବହୁ ପ୍ରକାର ହସ୍ତକ୍ଷେପ ଯୋଗୁ ଚୋରା ବେପାରୀଙ୍କୁ ଗିରଫ କରାଯାଇପାରୁନାହିଁ। ଫଳରେ ବର୍ଷର ନିର୍ଦ୍ଦିଷ୍ଟ ଋତୁରେ ଅଗମ୍ୟ ଅଞ୍ଚଳରେ ଏହା ବିନା ବାଧାରେ ବର୍ଷ ବର୍ଷ ଧରି ଚାଲିଛି। ସବୁ ଚେକ୍‌ଗେଟ୍‌ରେ ବଟି ଦେଇ ଚୋରା ବେପାରୀମାନେ ଖସିଯାଇ ବ୍ୟବସାୟ ଚାଲୁ ରଖୁଛନ୍ତି। ସ୍ଥାନୀୟ ପ୍ରଶାସନ ନିକଟରେ ଖବର ଥିଲେ ମଧ୍ୟ ମୋଟା ଅଙ୍କର ବଟି ନେଇ ନ ଜାଣିଲା ପରି ଅଭିନୟ କରନ୍ତି। ଏତେଦୂର ଜୀବନ ମରଣ ସମସ୍ୟାରେ ଘାଣ୍ଟି ହେବେ କାହିଁକି, ଯାହା ମିଳିଲା ସେତିକିରେ ସନ୍ତୁଷ୍ଟ ହେଲେ ହେଲା।

ହରମୋହନ ମହାନ୍ତି, ଦଉତୋଟା, ପୁରୀ

ବିପଦପୂର୍ଣ୍ଣ ନୌପରିବହନ

ଜାନୁୟାରୀ ପ୍ରଥମ ସପ୍ତାହରେ କେନ୍ଦ୍ରାପଡାର ହୁକିଟୋଲାରୁ ଫେରୁଥିବା ଏକ ଡଙ୍ଗା ଓଲଟି ୭ ଜଣ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟିଥିଲେ ମଧ୍ୟ ଜିଲା ପ୍ରଶାସନର ଚେତା ପଶୁନି। ଏବେ ବି ଏଠାକାର ପର୍ଯ୍ୟଟନସ୍ଥଳୀ ଭିତରକନିକା, ହୁକିଟୋଲା, ବଡିଘର ଓ ବରୁଣେଇ ଆଦି ସ୍ଥାନକୁ ନୌକାରେ ବିପଜ୍ଜନକ ଅବସ୍ଥାରେ ପର୍ଯ୍ୟଟକମାନେ ଯାତାୟାତ କରୁଛନ୍ତି। ନଦୀକୂଳରେ ବସବାସ କରୁଥିବା ବହୁ ପରିବାର ପ୍ରତିଦିନ ଡଙ୍ଗାରେ ବସି ଯାଆସ କରୁଥିଲେ ମଧ୍ୟ ସୁରକ୍ଷା ବ୍ୟବସ୍ଥା ଦୃଷ୍ଟିରୁ ଜିଲା ପ୍ରଶାସନ ପକ୍ଷରୁ କୌଣସି ତଦାରଖ ହେଉନାହିଁ। ବିନା ଲାଇଫ୍ ଜ୍ୟାକେଟ୍‌ରେ ବୋଟ୍‌ରେ ଚଢୁଛନ୍ତି ପର୍ଯ୍ୟଟକ। ଅନେକ ବୋଟ୍‌ର ଫିଟ୍‌ନେସ୍ ନାହିଁ। ଦେଶୀ ଡଙ୍ଗାରେ କ୍ଷମତାଠାରୁ ଅଧିକ ଯାତ୍ରୀଙ୍କୁ ପଇସା ଲୋଭରେ ନିଆଯାଉଛି। ଅଧିକାଂଶ ଡଙ୍ଗାଚାଳକ ଅନଭିଜ୍ଞ ଓ ନାବାଳକ। ରାଜ୍ୟ ସରକାରଙ୍କ ୨୦୦୪ ବୋଟ୍ ରୁଲ୍ ଏଠାରେ କାର୍ଯ୍ୟକାରୀ ହେଉନାହିଁ। ତେଣୁ ରାଜ୍ୟ ସରକାର ଓ ଜିଲା ପ୍ରଶାସକଙ୍କ ତରଫରୁ ନିୟମିତ ତଦାରଖ କରାଯାଇ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଗଲେ ବୋଟ୍ କିମ୍ବା ଡଙ୍ଗାବୁଡି ଅଘଟଣକୁ ରୋକାଯାଇପାରନ୍ତା।

ଭଗବାନ ଦାସ, ହରିନିବାସ, ନାରାୟଣପୁର, କେନ୍ଦ୍ରାପଡ଼ା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

୨୫ ବର୍ଷ ତଳର ଧରିତ୍ରୀ

୨୩ ଜୁନ୍ ୧୯୯୪

- ଏରନେଷ୍ଟୋ ସାମ୍ପେର କଲମ୍ବିଆର ନୂତନ ରାଷ୍ଟ୍ରପତି ରୂପେ ନିର୍ବାଚିତ।
- ଭାରତୀୟ ଚଳଚ୍ଚିତ୍ରର ପିତାମହ ଭାବେ ପରିଚିତ ପ୍ରଯୋଜକ-ନିର୍ଦ୍ଦେଶକ ଏଲ୍.ଭି. ପ୍ରସାଦଙ୍କ ୮୬ ବର୍ଷ ବୟସରେ ପରଲୋକ।
- ରୁଆଣ୍ଡାରେ ଚାଲିଥିବା ଗୃହଯୁଦ୍ଧକୁ ବନ୍ଦ କରିବା ପାଇଁ ସେଠାକୁ ୨ ହଜାର ଫରାସୀ ସୈନ୍ୟ ପଠାଯିବା ସଂକ୍ରାନ୍ତ ଫ୍ରାନ୍ସର ଏକ ପ୍ରସ୍ତାବକୁ ଜାତିସଂଘ ନିରାପତ୍ତା ପରିଷଦ ଅଗ୍ରାହ୍ୟ କରିଦେଇଛି।

ଦକ୍ଷିଣ-ପଶ୍ଚିମ କାମ୍ବୋଡିଆର ସିହାନୌକ୍‌ଭିଲେରେ ଶନିବାର ସକାଳେ ଚାଇନା କମ୍ପାନୀର ଏକ ନିର୍ମାଣାଧୀନ ବିଲ୍ଡିଂ ଭୁଶୁଡ଼ି ପଡ଼ିବାରୁ ୭ ଜଣ ଲୋକଙ୍କ ମୃତ୍ୟୁ ଘଟିଥିବାବେଳେ ୨୨ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି । ବିଲ୍ଡିଂ ମାଲିକ, କନ୍‌ଷ୍ଟ୍ରକ୍ସନ ମୁଖ୍ୟ ଓ ଠିକାଦାରଙ୍କୁ ମିଶାଇ ୪ ଜଣଙ୍କୁ ଗିରଫ କରାଯାଇଛି। ୭ ମହଲା ବିଲ୍ଡିଂର ୮୦% କାମ ଶେଷ ହୋଇସାରିଥିଲା।

ଥମୁନି ଲଜ୍ଜା, ବର୍ବରତା

ଉନ୍ନାଓରେ ନାବାଳିକାଙ୍କୁ ବଳାତ୍କାର ପରେ ଇଟାରେ ଛେଚି ହତ୍ୟା

ଲକ୍ଷ୍ନୌ,୨୨।୬(ପି.ଟି./ ଆଇଏଏନ୍‌ଏସ୍)

ଉତ୍ତରପ୍ରଦେଶ(ୟୁପି)ରେ ମହିଳା ବିରୋଧୀ ହିଂସା ବଢ଼ିବାରେ ଲାଗିଛି। ଉନ୍ନାଓ ଜିଲାରେ ଜଣେ ନାବାଳିକାଙ୍କୁ ବଳାତ୍କାର ପରେ ଇଟାରେ ଛେଚି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ସାଫିପୁର ଥାନା ଅଞ୍ଚଳରେ ଶୁକ୍ରବାର ଘଟିଥିବା ଏହି ଘଟଣାକୁ ନେଇ ଉନ୍ନାଓ ପୁଣିଥରେ ବଦନାମ ମୁଣ୍ଡାଇଛି। ୧୧ ବର୍ଷୀୟା ଝିଅ ଶୁକ୍ରବାର ରାତିରେ ତାଙ୍କ ଘର ବାହାରେ ଶୋଇଥିଲେ। ତାଙ୍କ ବାପା ମଧ୍ୟରାତ୍ରିରେ ଉଠି ଦେଖିଲା ବେଳକୁ ଖଟରେ ଝିଅ ନ ଥିଲେ। ସେ ପାଖ ପଡ଼ିଆକୁ ଝାଡ଼ା ଯାଇଥିବେ ଭାବି ବାପା ଅପେକ୍ଷା କରିଥିଲେ। ହେଲେ ଦୀର୍ଘସମୟ ପରେ ବି ନ ଫେରିବାରୁ ବାପାଙ୍କ ମନରେ ସନ୍ଦେହ ହେଲା। ପରିବାର ସଦସ୍ୟ ଓ ପଡ଼ୋଶୀଙ୍କୁ ଜଣାଇବା ପରେ ଝିଅଙ୍କୁ ସମସ୍ତେ ଖୋଜାଖୋଜି କରିଥିଲେ। ଶେଷରେ ଏକ ବଗିଚାରେ ଝିଅଙ୍କ ଅନାବୃତ ମୃତଦେହ ପଡ଼ିଥିବା ସେମାନେ ଦେଖିବାକୁ ପାଇଲେ।

ତାଙ୍କୁ ଇଟାରେ ଛେଚି ଅତି ନିର୍ମମ ଭାବେ ହତ୍ୟା କରାଯାଇଥିଲା। କେବଳ ଏତିକି ନୁହେଁ, ତାଙ୍କ ଗୁପ୍ତାଙ୍ଗ ଓ ବେକରେ ଅନେକ କ୍ଷତଚିହ୍ନ ମଧ୍ୟ ଥିଲା। ଶିଶୁଙ୍କୁ ଯୌନ ଅପରାଧରୁ ସୁରକ୍ଷା ଦେବା ପାଇଁ ଉଦ୍ଦିଷ୍ଟ ପୋକ୍ସୋ ଆଇନ ବଳରେ ପୋଲିସ ଏକ ବଳାତ୍କାର ମାମଲା ରୁଜୁ କରିଛି। ପୀଡ଼ିତାଙ୍କ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇ ତନାଘନା ଚଳାଇଛି ବୋଲି ଉନ୍ନାଓ ଏସ୍‌ପି ପି.ଏମ୍. ବର୍ମା ସୂଚନା ଦେଇଛନ୍ତି। ପ୍ରକାଶ ଯେ, ୟୁପିରେ ଦିନକୁ ଦିନ ବଳାତ୍କାର ଘଟଣା ବଢ଼ିବାରେ ଲାଗିଛି। ୨୦୧୭ ଜୁନ୍ ୪ରେ ଉନ୍ନାଓର ଜଣେ ୧୭ ବର୍ଷୀୟା ଝିଅଙ୍କୁ ଗଣବଳାତ୍କାର କରାଯାଇଥିଲା। ଭାଜପା ବିଧାୟକ କୁଳଦୀପ ସିଂ ସେନ୍‌ଗାର, ତାଙ୍କ ଭାଇ, ୩ ପୋଲିସ କର୍ମୀ ଓ ଅନ୍ୟ ୫ ଜଣଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା। ୨୦୧୮ ଏପ୍ରିଲ ୮ରେ ନାବାଳିକା ଜଣକ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ବାସଭବନ ଆଗରେ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ପୋଲିସ ନାବାଳିକାଙ୍କ ବାପାଙ୍କୁ ହାଜତକୁ ନେଇଥିବାବେଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣା ଜାତୀୟ ସ୍ତରରେ ଆଲୋଡ଼ନ ସୃଷ୍ଟି କରିଥିଲା।

ଇ-ବର୍ଜ୍ୟ ଆକଳନ ଲାଗି ବ୍ୟବସ୍ଥା ନାହିଁ

ଭର୍ତ୍ତୃହରିଙ୍କ ପ୍ରଶ୍ନରେ ପରିବେଶ ମନ୍ତ୍ରୀଙ୍କ ଉତ୍ତର

ନୂଆଦିଲ୍ଲୀ,୨୨।୬

ଦେଶରେ ଇ-ବର୍ଜ୍ୟ ବିପଜ୍ଜନକ ଭାବେ ବୃଦ୍ଧି ପାଉଥିବା ଜାତିସଂଘ ରିପୋର୍ଟରେ ସତର୍କ କରାଇଦିଆଯିବା ସତ୍ତ୍ୱେ ଏହାର ଆକଳନ ପାଇଁ କେନ୍ଦ୍ର ସରକାର ଏପର୍ଯ୍ୟନ୍ତ କୌଣସି ବ୍ୟବସ୍ଥା ଗ୍ରହଣ କରିନାହାନ୍ତି। ଲୋକ ସଭାରେ ଶନିବାର ବିଜେଡି ଏମ୍‌ପି ଭର୍ତ୍ତୃହରି ମହତାବ ଦେଶରେ ବର୍ଷକୁ କେତେ ପରିମାଣର ଇ-ବର୍ଜ୍ୟ ସୃଷ୍ଟି ହେଉଛି ଏବଂ ତାହାର ପୁନଃଚକ୍ରଣ (ରିସାଇକ୍ଲିଂ) ସମ୍ପର୍କରେ ପ୍ରଶ୍ନ କରିଥିଲେ। ଏହାର ଉତ୍ତରରେ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ କହିଥିଲେ, ଇ-ବର୍ଜ୍ୟ କେତେ ସୃଷ୍ଟି ହେଉଛି ତାହା ଆକଳନ କରିବା ଲାଗି ସରକାର ଏପର୍ଯ୍ୟନ୍ତ କୌଣସି ବ୍ୟବସ୍ଥା ଗ୍ରହଣ କରିନାହାନ୍ତି। ତେବେ ଦେଶରେ ୧.୪୭ ଲକ୍ଷ ଟନ୍ ଇ-ବର୍ଜ୍ୟ ସୃଷ୍ଟି ହେଉଥିବା ୨୦୦୫ରେ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ସିପିସିବି) ଆକଳନ କରିଥିଲେ ବୋଲି ମନ୍ତ୍ରୀ କହିଥିଲେ। ୨୦୧୦ରେ ୮ ଲକ୍ଷ ଟନ୍ ଇ-ୱେଷ୍ଟ ସୃଷ୍ଟି ହେବ ବୋଲି ସେତେବେଳେ ସିପିସିବି ପୂର୍ବାନୁମାନ କରିଥିଲା। ଜାତିସଂଘ ବିଶ୍ୱବିଦ୍ୟାଳୟର ଅନ୍ତର୍ଜାତୀୟ ଇ-ବର୍ଜ୍ୟ ତଦାରଖ ୨୦୧୭ ରିପୋର୍ଟ ଅନୁଯାୟୀ ୨୦୧୬ରେ ଭାରତରେ ୨୦ ଲକ୍ଷ ଟନ୍ ଇ-ବର୍ଜ୍ୟ ସୃଷ୍ଟି ହୋଇଥିଲା। ସେହିବର୍ଷ ଓଡ଼ିଶା ୧୨୩୬.୫୦ ଟନ୍ ଇ-ବର୍ଜ୍ୟ ଫିଙ୍ଗିଥିବା ଏମ୍‌ଏଆଇଟି ପକ୍ଷରୁ କୁହାଯାଇଛି। ଦେଶରେ ମୋଟ ୩୦୪ଟି ବିଘଟନକାରୀ ଓ ପୁନଃଚକ୍ରଣ ସଂସ୍ଥାକୁ ସ୍ୱୀକୃତି ପ୍ରଦାନ କରାଯାଇଛି। ଓଡ଼ିଶାରେ ବର୍ଷକୁ ୩୬୮୦ ଟନ୍ ବର୍ଜ୍ୟ ପୁନଃଚକ୍ରଣ କ୍ଷମତା ଥିବା ଏଭଳି ୩ଟି ସଂସ୍ଥାକୁ ସ୍ୱୀକୃତି ପ୍ରଦାନ କରାଯାଇଥିବା ମନ୍ତ୍ରୀ କହିଥିଲେ।

ପ୍ରେମୀ ଯୁଗଳଙ୍କୁ ଖୁଣ୍ଟରେ ବାନ୍ଧି ପିଟିଲେ

ଭୋପାଳ,୨୨।୬

ଯୁବତୀ ଧନୀ ପରିବାରର ଓ ଯୁବକ ଜଣକ ଗରିବ। ଦୁହେଁ ପରସ୍ପରକୁ ଭଲପାଇ ବାହାହେବାକୁ ଚାହାନ୍ତି। ଭିଲାଲା ଜାତିର ଏହି ପ୍ରେମୀ ଯୁଗଳଙ୍କ ସମ୍ପର୍କ ସାମ୍ନାକୁ ଆସିବା ପରେ ଉଭୟଙ୍କୁ ନିର୍ଯାତନାର ଶିକାର ହେବାକୁ ପଡ଼ିଛି। ୨୦ ବର୍ଷୀୟା ଯୁବତୀଙ୍କ ପରିବାର ଲୋକେ ତାଙ୍କ ସହ ୨୨ ବର୍ଷୀୟ ଯୁବକଙ୍କୁ ଗୋରୁଙ୍କୁ ବନ୍ଧାଯାଉଥିବା ଦୁଇଟି ଖୁଣ୍ଟରେ ବାନ୍ଧି ମାଡ଼ ମାରି ଲହୁଲୁହାଣ କରିଦେଇଛନ୍ତି। ମଧ୍ୟପ୍ରଦେଶର ଅଲିରାଜପୁର ଜିଲା ଅମ୍ବୁଆ ଥାନା ଅଧୀନ କୁଣ୍ଡ ଗ୍ରାମରେ ଗତ ୧୬ ତାରିଖରେ ଘଟିଥିବା ଏହି କାଣ୍ଡର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ପୋଲିସ ନିଜଆଡ଼ୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଗ୍ରାମବାସୀ ସେମାନଙ୍କ ପ୍ରେମ ସମ୍ପର୍କ ଓ ପରେ ନିର୍ଯାତନା ନେଇ ଜାଣିବା ପରେ ବିବାଦ ସମାଧାନ କରିବାକୁ ଯୁବକଙ୍କ ବାପାଙ୍କୁ ୯୦ ହଜାର ଟଙ୍କା ମାଗିଥିଲେ। ସେ ପଞ୍ଚାୟତକୁ ୪୦ ହଜାର ଟଙ୍କା ଜରିମାନା ଦେଇଛନ୍ତି। ଏହି ଘଟଣାରେ ୪ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି।

ଭଉଣୀଙ୍କୁ ଗୁଳିକଲେ ସାନଭାଇ

ଇନ୍ଦୋର,୨୨।୬(ପି.ଟି.)

ଇନ୍ଦୋରରେ ଅନର୍‌କିଲିଂ

ମଧ୍ୟପ୍ରଦେଶର ଇନ୍ଦୋରରେ ଶନିବାର ଏକ ଅନରକିଲିଂ ଘଟଣା ସାମ୍ନାକୁ ଆସିଛି। ଅନ୍ୟ ଜାତିରେ ବିବାହ କରିଥିବା ଜଣେ ୨୧ ବର୍ଷୀୟା ଯୁବତୀଙ୍କୁ ତାଙ୍କ ସାନଭାଇ ଗୁଳିକରି ହତ୍ୟା କରିଛନ୍ତି। ବୁଲ୍‌ବୁଲ୍ ନାମ୍ନୀ ଯୁବତୀ ଜଣକ ପରିବାରର ବିରୋଧ ସତ୍ତ୍ୱେ ୬ ମାସ ତଳେ ରାଓ୍ୱଡ୍ ଗ୍ରାମର କୁଳଦୀପଙ୍କୁ ବିବାହ କରିଥିଲେ। ବିବାହ ପରେ ସେମାନେ ବୁଲ୍‌ବୁଲଙ୍କ ଗାଁକୁ ପ୍ରଥମଥର ପାଇଁ ଆସିଥିଲେ। ବୁଲ୍‌ବୁଲ୍‌ଙ୍କ ନାବାଳକ ଭାଇ ତାଙ୍କୁ ଗୁଳିକରି ହତ୍ୟା କରିବା ପରେ ବେଟ୍‌ମା ଥାନାରେ ଆତ୍ମସମର୍ପଣ କରିଛନ୍ତି।

ବାଥ୍‌ରୁମ୍‌ରୁ ମିଳିଲା ଛାତ୍ରୀଙ୍କ ମୃତଦେହ

କୋଲକାତା,୨୨।୬: କୋଲକାତାର ଏକ ଅଗ୍ରଣୀ ଶିକ୍ଷାନୁଷ୍ଠାନରୁ ଜଣେ ଛାତ୍ରୀଙ୍କ ମୃତଦେହ ମିଳିବା ପରେ ପଶ୍ଚିମବଙ୍ଗରେ ଚାଞ୍ଚଲ୍ୟ ଖେଳିଯାଇଛି। ରାଣୀକୁଠି ଅଞ୍ଚଳରେ ଥିବା ସ୍କୁଲର ଦଶମ ଶ୍ରେଣୀ ଛାତ୍ରୀ ଜଣକ ଶୁକ୍ରବାର ଅପରାହ୍ନ ୧ଟା ୩୦ରେ ଶ୍ରେଣୀଗୃହରୁ ୱାଶ୍‌ରୁମ୍‌କୁ ଯାଇଥିଲେ। ଘଣ୍ଟାଏ ପରେ ସେ ନ ଫେରିବାରୁ ସ୍କୁଲର ଜଣେ ଶିକ୍ଷକ ୱାଶରୁମ୍‌ରେ ତାଙ୍କର ମୃତଦେହ ଦେଖିଥିଲେ। ଛାତ୍ରୀଙ୍କ ହାତ କଟାଯାଇଥିବାବେଳେ ମୁଣ୍ଡରେ ପ୍ଲାଷ୍ଟିକ୍ ଗୁଡ଼ାହୋଇଥିଲା। ମୁହଁରେ ପ୍ଲାଷ୍ଟିକ୍ ଗୁଡ଼ାଯାଇଥିବାରୁ ଅଣନିଃଶ୍ୱାସୀ ହୋଇ ତାଙ୍କର ମୃତ୍ୟୁ ଘଟିଥିବା ପୋଲିସ କହିଛି। ଏହାକୁ ଏକ ଆତ୍ମହତ୍ୟା ବୋଲି ସନ୍ଦେହ କରାଯାଉଥିଲେ ହେଁ ପୋଲିସ ବିଭିନ୍ନ ଦିଗକୁ ନେଇ ମୃତ୍ୟୁର କାରଣ ଖୋଜୁଛି।

ବଳାତ୍କାର ଅଭିଯୁକ୍ତ ଏମ୍‌ପିଙ୍କ ଆତ୍ମସମର୍ପଣ

ବାରାଣସୀ,୨୨।୬(ପି.ଟି.): ବଳାତ୍କାର ଅଭିଯୁକ୍ତ ବିଏସ୍‌ପିର ନବନିର୍ବାଚିତ ଏମ୍‌ପି ଅତୁଲ ରାଏ ଶନିବାର ଉତ୍ତରପ୍ରଦେଶର ବାରାଣସୀସ୍ଥିତ ଏକ କୋର୍ଟରେ ଆତ୍ମସମର୍ପଣ କରିଛନ୍ତି। ଜୁଡିସିଆଲ୍ ମାଜିଷ୍ଟ୍ରେଟ୍ ତାଙ୍କୁ ୧୪ ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଇଦେଇଛନ୍ତି। ଘୋସି ଏମ୍‌ପି ଅତୁଲ ଜଣେ କଲେଜ ଛାତ୍ରୀଙ୍କ ତାଙ୍କ ସ୍ତ୍ରୀଙ୍କ ସହ ଭେଟ କରାଇବା ବାହାନାରେ ଘରକୁ ନେଇ ବଳାତ୍କାର କରିଥିଲେ।

ଏନେଇ ପୀଡ଼ିତା ଛାତ୍ରୀ ମେ ୧ରେ ଅଭିଯୋଗ ଆଣିଥିଲେ। ଏହାକୁ ଅସ୍ୱୀକାର କରୁଥିବା ଅତୁଲ ମାମଲା ରୁଜୁହେବା ପରଠୁ ଫେରାର ହୋଇଯିବା ପରେ କୋର୍ଟ ତାଙ୍କୁ ପଳାତକ ଘୋଷଣା କରିଥିଲେ। ମେ ୨୭ରେ ସୁପ୍ରିମକୋର୍ଟ ତାଙ୍କୁ ଗିରଫଦାରିରୁ ସୁରକ୍ଷା ଦେବାକୁ ମନାକରିଦେଇଥିଲେ। ଅତୁଲଙ୍କ ବିରୋଧରେ ଅନ୍ୟ ୧୬ଟି ଆପରାଧିକ ମାମଲା ରହିଛି।

ଖସିପଡିଲା ବିମାନ: ୯ ମୃତ

ହୋନୋଲୁଲୁ,୨୨।୬

ହାୱାଇ ନିକଟରେ ଏକ ଛୋଟ ବିମାନ ଦୁର୍ଘଟଣାଗ୍ରସ୍ତ ହେବାରୁ ୯ ଜଣଙ୍କ ମୃତ୍ୟୁ ଘଟିଛି। ସ୍କାଏ ଡାଇଭିଂ ଅପରେଶନ ବେଳେ ଏହି ଦୁର୍ଘଟଣା ହୋଇଥିଲା। ଡିଲିଙ୍ଗହାମ୍ ଏୟାରଫିଲ୍ଡ ନିକଟରେ ଦୁଇ ଇଞ୍ଜିନ ବିଶିଷ୍ଟ କିଙ୍ଗ୍ ଏୟାର ବିମାନଟି ଖସିପଡି ଜଳିଯାଇଥିଲା। ସଂଘୀୟ ବିମାନ ଚଳାଚଳ ପ୍ରଶାସନ ଦୁର୍ଘଟଣାର ତଦନ୍ତ କରୁଛି।

Fakir Mohan Autonomous College, Balasore

Admission Notification-2019

Applications are invited from candidates desirous of taking admission to integrated B.A, B.Ed. for the session 2019-20. Details of form, prospectus, fees & eligibility criteria are available in the college website www.fmcollege.nic.in. Forms will be received from 22.06.2019 between 11.00 A.M and 2.00 P.M on every working day. Last date of submission of application is 08.07.2019 by 4.00 P.M.

Principal
F.M. (Auto) College, Balasore

GANGADHAR MEHER UNIVERSITY
AMRUTA VIHAR, SAMBALPUR

NO................./GMU Date..............

UG ADMISSION NOTIFICATION-2019-20

Applications are invited for admission in to different UG Programs of Gangadhar Meher University, Sambalpur for the session 2019-20.

Interested candidates are required to visit the university website www.gmuniversity.ac.in for eligiblity, application form, information brochure & other details.

For UG Admission-2019-20, application form will be available on the university website from **24.06.2019** and the last date of submission of online application form is **08.07.2019** (mid-night). For any clarification one may contact the following helpline numbers.

Admission helpline number : (Time **10.00 A.M to 05.00 P.M)**

Dr. T.N.P. Pati : 9777367198
Dr. P. Panda : 7978123683
Shri S.K. Sahoo : 7978534523

Sd./- REGISTRAR
G.M. UNIVERSITY
Amruta Vihar, Sambalpur

ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ

କାର୍ଯ୍ୟ ଠିକା ପାଇଁ ଟେଣ୍ଡର ବିଜ୍ଞପ୍ତି

ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ଡବ୍ଲୁଆର୍‌ଏସ୍-୧୦-୨୦୧୯-୨୦, ତାରିଖ: ୧୯।୦୬।୨୦୧୯ କାର୍ଯ୍ୟର ନାମ: ୦୧ (ଏକ) ବର୍ଷ ଅବଧି ପାଇଁ ଖୋଲା ଟେଣ୍ଡର ମାଧ୍ୟମରେ ଡବ୍ଲ୍ୟୁଆର୍‌ଏସ୍/ରାୟପୁର ପରିସର ମଧ୍ୟରେ ବିଓଏକ୍ସଏନ୍‌ଏଲ୍‌ଡବ୍ଲ୍ୟୁ ୱାଗନ୍ (ପରିମାଣ ୨୪୦)ର ଷ୍ଟ୍ରିପିଂ, ଫିଟିଂ ଓ ୱେଲ୍ଡିଂ ନିମନ୍ତେ କାର୍ଯ୍ୟ ଠିକା। ଆନୁମାନିକ ଟେଣ୍ଡର ମୂଲ୍ୟ: ₹୪୧,୩୧,୭୯୭.୧୪ (₹ ଏକଚାଳିଶ ଲକ୍ଷ ଏକତିରିଶ ହଜାର ସାତଶହ ସତାନବେ ଏବଂ ଚଉଦ ପଇସା ମାତ୍ର) ଜିଏସ୍‌ଟି ସମେତ। ପରିମାଣ ଓ ଠିକା ଅବଧି: ସଂଲଗ୍ନ ଆନେକ୍ସର ଅନୁଯାୟୀ, ୦୧ (ଏକ) ବର୍ଷ ଅବଧି ପାଇଁ। ଅମାନତ ରାଶି: ₹୮୨,୬୦୦.୦୦ (₹ ବୟାଅଶୀ ହଜାର ଛଅ ଶହ ମାତ୍ର)। ଟେଣ୍ଡର ଫର୍ମ ମୂଲ୍ୟ: ₹୩,୦୦୦/- (₹ ତିନି ହଜାର ମାତ୍ର)।

ଟେଣ୍ଡର ସମାପ୍ତି ତାରିଖ ଓ ସମୟ: ତା୨୨।୦୭।୨୦୧୯ରିଖ ୧୨.୦୦ ଘଟିକା। ବିଡିଂ ଆରମ୍ଭ ତାରିଖ: ତା୦୮।୦୭।୨୦୧୯ରିଖ। ଯୋଗ୍ୟତା ମାନଦଣ୍ଡ: ୱେବ୍‌ସାଇଟ୍‌ରେ ଦେଖାଯାଇପାରିବ।

ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ। ଟେଣ୍ଡରର ବିବରଣୀ ଆମ ୱେବ୍‌ସାଇଟ୍ : www.ireps.gov.inରେ ଉପଲବ୍ଧ।

ଡେପୁଟି ସିଏମ୍ ଇ(ପିଓଏଚ)/ଡବ୍ଲୁଆର୍‌ଏସ୍/ ରାୟପୁର।
PR/R/Dy.CME(POH)/IP/46

ସ୍ୱଚ୍ଛ ଭାରତ ଅଭିଯାନ

CITY HEALTH SOCIETY
National Urban Health Mission,Rourkela
National Health Mission, Odisha
Deptt. of Health & Family Welfare, Govt. Of Odisha

ADVERTISEMENT FOR THE POST OF MEDICAL OFFICER (CONTRACTUAL) & PART TIME SPECIALIST (On weekly Basis)

Adv No.2168 **Date: 20.6.2019**

Applications are invited from the eligible candidates for filling up the following posts under National Urban Health Mission, City Health Society, Rourkela on contractual basis for different Urban Primary Health Centre,Rourkela with monthly remuneration as noted against each and subject to renewal as per OSH & FW Society terms and conditions.

Sl. no.	Name of the posts	Remuneration
01	Medical Officer(MBBS)	Base – Rs. 50,400- + PI @ 25% on base salary subject to performance as per ToR.
02	Part time Specialist on Weekly Basis (Once in a week) a. O & G b. Medicine c. ENT d. Ophthalmologist e. Skin & VD	Rs. 1500/- per session (Two sessions per day)

The above positions are purely temporary and co-terminus with the scheme. Interested candidates can send their application on or before 05.07.2019 by 5 p.m. through speed/ Regd. Post/ Courier to Sub-divisional Hospital, Panposh,Rourkela. You can log on to www.sundergarh.nic.in for details of vacancy, eligibility criteria, age, application form etc.. No application will be received after closing date & time. The authority reserves the right to cancel any or all application without assigning any reason thereof. The post may increase or decrease as per the requirement.

Additional District Urban NUHM,Rourkela **Sd./- Public Health Officer**

SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ
ଷ୍ଟ୍ରେସଡ୍ ଆସେଟ୍‌ସ୍ ରିକଭରି ଶାଖା(SARB), କଟକ
ମଧୁପାଟଣା , କଟକ- ୭୫୩୦୧୦(ଓଡିଶା)

ଦଖଲ ନୋଟିସ୍ (ସ୍ଥାବର ସମ୍ପତ୍ତି ନିମନ୍ତେ)

ସରଫେଶୀ ଆକ୍ଟ ୨୦୦୨ ଧାରା ୧୩(୪) ଅନୁଯାୟୀ ଦଖଲ ନିଆଯାଇଥିବା ସମ୍ପତ୍ତିର ଦଖଲ ସମ୍ବନ୍ଧୀୟ ବିଜ୍ଞପ୍ତି ପ୍ରକାଶନ

ଏତଦ୍‌ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ (୨୦୦୨ ର ୩) ଏବଂ ଧାରା ୧୩(୧୨)ର ରୁଲ ୩ ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ)ରୁଲ୍ସ ୨୦୦୨ ଅନୁଯାୟୀ ନିମ୍ନଲିଖିତ ଆକାଉଣ୍ଟକୁ ନିମ୍ନଲିଖିତ ତାରିଖରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା ।

ଯେହେତୁ ଋଣଗ୍ରହୀତା ତାଙ୍କର ଦେୟ ପଇଠ କରିବାରେ ବିଫଳ ହେଲେ ସେହେତୁ ଋଣଗ୍ରହୀତାମାନେ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଉପର କଥିତ ଆଇନର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ ୮ ଅନୁସାରେ ନିମ୍ନସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିଗୁଡ଼ିକୁ ନିମ୍ନଦର୍ଶିତ ତାରିଖରେ **ଦଖଲ** ନେଇଛନ୍ତି । ତେଣୁ ବିଶେଷତଃ ଋଣଗ୍ରହୀତା, ଜାମିନ୍‌ଦାର ଏବଂ ସର୍ବସାଧାରଣଙ୍କୁ ଏତଦ୍ ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତି ଉପରେ କୌଣସି କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ଏବଂ ସେବାବଦ ସୁଧ ଓ ଖର୍ଚ୍ଚ ପାଇଁ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ ।

ଋଣଗ୍ରହୀତାମାନଙ୍କୁ ଅବଗତ କରାଇ ଦିଆଯାଉଛି ଯେ, ଧାରା ୧୩, ଉପଧାରା (୮)ରେ ଦିଆଯାଇଥିବା ସମୟ ମଧ୍ୟରେ ସୁରକ୍ଷିତ ସମ୍ପତ୍ତି ଉପରେ ଥିବା ପ୍ରାପ୍ୟ ଜମା କରି ସୁରକ୍ଷିତ ସମ୍ପତ୍ତିକୁ ବନ୍ଧକ ମୁକ୍ତ କରନ୍ତୁ ।

ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା / ଆକାଉଣ୍ଟ ନଂ.	ଜାମିନ୍‌ଦାର/ ସମ୍ପତ୍ତି ମାଲିକମାନଙ୍କ ନାମ	ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ	ଡିମାଣ୍ଡ ନୋଟିସ୍ ତାରିଖ	ଦଖଲ ନୋଟିସ୍ ତାରିଖ	ବକେୟା ପରିମାଣ
ଋଣଗ୍ରହୀତା : ଶ୍ରୀ ମନୋରଞ୍ଜନ ମହାପାତ୍ର, ପିତା: ଶ୍ରୀ ନିତ୍ୟାନନ୍ଦ ମହାପାତ୍ର, ସା : ବଡଭୁଇଁଦଲ, ପୋ: ବଡଭୁଇଁ, ଥାନା: ଆଠଗଡ, ଜିଲ୍ଲା: କଟକ / ଆକାଉଣ୍ଟ ନଂ.: ୩୨୮୩୮୭୦୦୪୫୭ / ୩୨୧୨୨୯୨୯୭୦୮	ସମ୍ପତ୍ତି ମାଲିକ: ଶ୍ରୀ ମନୋରଞ୍ଜନ ମହାପାତ୍ର	ଶ୍ରୀ ମନୋରଞ୍ଜନ ମହାପାତ୍ରଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶ ବିଶେଷ ଯାହାର ମୌଜା : ବଡଭୁଇଁ ଦଳ, ଥାନା/ତହସିଲ୍ : ଆଠଗଡ, ଖାତା ନଂ.: ୨୯୦/୩୪୫, ପ୍ଲଟ ନଂ.: ୧୮୩୩, କ୍ଷେତ୍ର : ଏକର୦.୨୭ଡିସିମିଲ, କିସମ :ଘରବାଡି ।	୦୧.୦୩.୨୦୧୯	୧୭.୦୬.୨୦୧୯	୧୬.୧୦.୨୦୧୮ ସୁଦ୍ଧା ଟ.୩୪, ୭୧, ୫୫୧.୫୭ ଏବଂ ତତ୍‌ପରବର୍ତ୍ତୀ ସୁଧ ତା.୧୭.୧୦.୨୦୧୮ଠାରୁ
ଋଣଗ୍ରହୀତା : ମେସର୍ସ ଲକ୍ଷ୍ମୀ ରାଇସ୍ ମିଲ, ସ୍ୱତ୍ତ୍ୱାଧିକାରୀ: ଶ୍ରୀମତୀ ଚିରଞ୍ଜୀତା ଜେନା, ସ୍ୱାମୀ: ଶ୍ରୀ ଜଗନ୍ନାଥ ନାୟକ, ସା: ମଲ୍ଲିପୁର, ପୋ: ମହିମାଦେଇପୁର, ଜଗତସିଂହପୁର - ୭୫୪ ୧୪୦/ ଆ।କା।ଉଣ୍ଟ ନଂ. ୩୦୬୪୬୭୯୩୩୮୮୧/ ୩୦୬୪୬୫୩୮୬୦	ଜାମିନଦାରମାନେ: ଶ୍ରୀ ଜଗନ୍ନାଥ ନାୟକ, ଶ୍ରୀ କେଲୁ ଚରଣ ନାୟକ, ଶ୍ରୀ ସୁଧାକର ନାୟକ, ଶ୍ରୀ ଭାସ୍କର ନାୟକ ଏବଂ ଶ୍ରୀ ସୁରେନ୍ଦ୍ର ନାୟକ ସମସ୍ତଙ୍କ ଠିକଣା- ସା: ମଲ୍ଲିପୁର, ପୋ: ମହିମାଦେଇପୁର, ଜଗତସିଂହପୁର - ୭୫୪ ୧୪୦। ମାଲିକମାନେ: ଶ୍ରୀ ଜଗନ୍ନାଥ ନାୟକ, ଶ୍ରୀ କେଲୁ ଚରଣ ନାୟକ, ଶ୍ରୀ ସୁଧାକର ନାୟକ, ଶ୍ରୀ ଭାସ୍କର ନାୟକ ଏବଂ ଶ୍ରୀ ସୁରେନ୍ଦ୍ର ନାୟକ।	(୧) ଶ୍ରୀ ଜଗନ୍ନାଥ ନାୟକଙ୍କ ନାମରେ ଥିବା ସମ୍ପତ୍ତି ଜମି ଏବଂ ଗୃହର ସମସ୍ତ ଅଂଶ ବିଶେଷ ଯାହାର ମୌଜା : ମଲ୍ଲିପୁର, ଥାନା/ତହସିଲ୍ : ଏରସମା, ଜିଲ୍ଲା: ଜଗତସିଂହପୁର, ଖାତା ନଂ.: ୭୯, ପ୍ଲଟ ନଂ.: ୮୪, କ୍ଷେତ୍ର : ଏକର୦.୪୭ଡିସିମିଲ, କିସମ : ଘରବାଡି (୨) ଶ୍ରୀ କେଲୁ ଚରଣ ନାୟକ, ଶ୍ରୀ ସୁଧାକର ନାୟକ, ଶ୍ରୀ ଭାସ୍କର ନାୟକ ଏବଂ ଶ୍ରୀ ସୁରେନ୍ଦ୍ର ନାୟକଙ୍କ ନାମରେ ଥିବା ସମ୍ପତ୍ତି ଜମି ଏବଂ ଗୃହର ସମସ୍ତ ଅଂଶ ବିଶେଷ ଯାହାର ମୌଜା : ମଲ୍ଲିପୁର, ଥାନା/ତହସିଲ୍ : ଏରସମା, ଜିଲ୍ଲା: ଜଗତସିଂହପୁର, ଖାତା ନଂ.: ୩୭, ପ୍ଲଟ ନଂ.: ୯୪, କ୍ଷେତ୍ର : ଏକର୦.୦୭ଡିସିମିଲ, କିସମ :ଘରବାଡି ।	୧୮.୦୧.୨୦୧୯	୧୮.୦୬.୨୦୧୯	୩୧.୦୧.୨୦୧୮ ସୁଦ୍ଧା ଟ.୬୨, ୩୨, ୨୨୭/- ଏବଂ ତତ୍‌ପରବର୍ତ୍ତୀ ସୁଧ ତା.୦୧.୦୨.୨୦୧୮ଠାରୁ
ଋଣଗ୍ରହୀତା : ମେସର୍ସ ମେଘମାଳା ମେଡିସିନ୍ ଷ୍ଟୋର, ସ୍ୱତ୍ତ୍ୱାଧିକାରୀ: ଶ୍ରୀମତୀ ରଶ୍ମିତା ସେଠୀ, ସ୍ୱାମୀ: ରମେଶ ଚନ୍ଦ୍ର ସେଠୀ, ସା: ଦରଘାବଜାର, ବାଙ୍କିଗଳି, କଟକ / ଆକାଉଣ୍ଟ ନଂ. ୧୦୫୪୬୫୫୧୭୮୩୧	ଜାମିନଦାରମାନେ: (୧) ଶ୍ରୀ ରେହମାନ୍ ଖାନ୍, ପିତା:ସ୍ୱ ଅବଦୁଲ ସମଦ୍ ଖାନ୍ (୨) ସକିନା ବିବି, ସ୍ୱାମୀ: ସ୍ୱ ଅବଦୁଲ୍ ସମଦ୍ ଖାନ୍, ଉଭୟଙ୍କ ଠିକଣା ସା: ସମଙ୍ଗ, ଜିଲ୍ଲା: ଜଗତସିଂପୁର ସମ୍ପତ୍ତି ମାଲିକମାନେ: ଶ୍ରୀ ରେହମାନ୍ ଖାନ୍ ଓ ସକିନା ବିବି ।	ଶ୍ରୀ ରେହମାନ୍ ଖାନ୍ ଏବଂ ସକିନା ବିବିଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶ ବିଶେଷ ଯାହାର ମୌଜା : ସମଙ୍ଗ, ଥାନା/ତହସିଲ/ଜିଲ୍ଲା : ଜଗତସିଂହପୁର, ଖାତା ନଂ.: ୧୧୭୪, (୧) ପ୍ଲଟ ନଂ.:୨୨୧, କ୍ଷେତ୍ର: ଏକର୦.୨୯୦ ଡିସିମିଲ, (୨) ପ୍ଲଟ ନଂ.:୬୨, କ୍ଷେତ୍ର: ଏକର୦.୦୯୦ଡିସିମିଲ, (୩) ପ୍ଲଟ ନଂ.: ୬୩୮ ,କ୍ଷେତ୍ର: ଏକର୦.୦୨୦ ଡିସିମିଲ ।	୧୮.୦୧.୨୦୧୯	୧୮.୦୬.୨୦୧୯	୧୭.୦୧.୨୦୧୯ ସୁଦ୍ଧା ଟ.୨୫, ୪୮, ୦୪୩/- ଏବଂ ତତ୍‌ପରବର୍ତ୍ତୀ ସୁଧ ତା.୧୮.୦୧.୨୦୧୯ଠାରୁ

ସ୍ଥାନ : କଟକ
ତାରିଖ : ୨୨.୦୬.୨୦୧୯

ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ
ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

ଏସ୍.ଇ. ରେଳପଥ ଟେଣ୍ଡର

ଇ-ଟେଣ୍ଡର(ଇ-ଟେଣ୍ଡର ବିଜ୍ଞପ୍ତି ନଂ.:ଟି୪୦୦ଏମ୍-ଏଡ୍‌ଭି-ଏଆର୍‌ଏମ୍‌କେଏସ୍‌କି୧୯, ତାରିଖ: ୨୦।୦୬।୨୦୧୯) ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡିଭିଜନାଲ ଅପରେଶନ୍ସ ମ୍ୟାନେଜର, ଦକ୍ଷିଣ ପୂର୍ବ ରେଳପଥ, ଚକ୍ରଧରପୁରଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଆହ୍ୱାନ କରାଯାଉଛି। କାର୍ଯ୍ୟର ନାମ: "ଦକ୍ଷିଣ ପୂର୍ବ ରେଳପଥର ଚକ୍ରଧରପୁର ଡିଭିଜନର ଏରିଆ ମ୍ୟାନେଜର, ଝାରସୁଗୁଡ଼ା (କେଏସ୍‌ଜି)ଙ୍କ ପାଇଁ ୩୬ (ଛତିଶ) ମାସ ଅବଧି ଲାଗି ଇନ୍ଧନ ଓ ଚବିଶ ଘଣ୍ଟା ଉପଲବ୍ଧ ଡ୍ରାଇଭର ସହିତ ଏକ (୦୧) ଅଣ-ଏସି ଚାରି ଚକିଆ ଗାଡ଼ି (ଯେପରି ସୁମୋ, ବୋଲେରୋ, ସ୍କର୍ପିଓ, କ୍ୱାଲିସ୍, ଇନୋଭା କିମ୍ବା ସମାନ ଧରଣର) ଭଡ଼ାସୂତ୍ରରେ"। ବିଜ୍ଞାପିତ ମୂଲ୍ୟ: ଟ.୧୧,୧୬,୨୦୦.୧୬। ଅମାନତ ରାଶି: ଟ.୨୨,୩୦୦/-। ଇ-ଟେଣ୍ଡର ସମାପ୍ତିର ତାରିଖ ଓ ସମୟ: ତା୧୫।୦୭।୨୦୧୯ରିଖ ୧୫.୦୦ ଘଟିକାରେ। ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିପାରନ୍ତି। ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ଠିକାଦାରମାନେ www.ireps.gov.inରେ ଅନ୍‌ଲାଇନ୍ ଟେଣ୍ଡର ଦାଖଲ କରିବେ। (PR-347)

ଇ-ଟେଣ୍ଡର(ଇ-ଟେଣ୍ଡର ବିଜ୍ଞପ୍ତି ନଂ.:ସିଓଏମ୍‌ଏମ୍‌ଏଲ୍.୭୫-ସିଏସ୍-କେଏସ୍‌ଜି-୨ୟ ଏଣ୍ଟ୍ରି, ତାରିଖ: ୧୮।୦୬।୨୦୧୯) ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡିଭିଜନାଲ କମର୍ସିଆଲ ମ୍ୟାନେଜର (ଟିସି ଓ ପିଏ), ଏସ୍.ଇ. ରେଳପଥ, ଚକ୍ରଧରପୁରଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଆହ୍ୱାନ କରାଯାଉଛି। କାର୍ଯ୍ୟର ନାମ: ତିନିବର୍ଷ ଅବଧି ପାଇଁ ଝାରସୁଗୁଡ଼ା ରେଳ ଷ୍ଟେଶନର ୨ୟ ପ୍ରବେଶପଥରେ ସ୍କୁଟର/ମୋଟର ସାଇକେଲ/ସାଇକେଲ/ଅଟୋ/ଟ୍ୟାକ୍ସି/କାର୍ ପାର୍କିଂ ଷ୍ଟାଣ୍ଡର ପରିଚାଳନା। ବିଭାଗୀୟ ମୂଲ୍ୟ: ଟ.୩,୭୬,୬୪୮.୯୨। ଅମାନତ ରାଶି: ଟ.୬,୪୦୦/-। ଟେଣ୍ଡର ଫର୍ମ ମୂଲ୍ୟ: ଟ.୧,୧୮୦/-। ଇ-ଟେଣ୍ଡର ସମାପ୍ତିର ତାରିଖ ଓ ସମୟ: ତା୧୦।୦୭।୨୦୧୯ରିଖ ୧୫.୩୦ ଘଟିକାରେ। ୱେବ୍‌ସାଇଟ୍ ବିବରଣୀ: www.ireps.gov.in ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ। ଠିକାଦାରମାନେ www.ireps.gov.inରେ ଅନ୍‌ଲାଇନ୍ ଟେଣ୍ଡର ଦାଖଲ କରିବେ। (PR-337)

Government of Odisha
Sports & Youth Services Department

No.549 **Dt. 06.06.2019**

Dateline for B.P.Ed e-Admission in Govt. College of Physical Education for the Session-2019-21

No.03-TT:- Dateline for B.P.Ed e-Admission in Govt. College of Physical Education, Bhubaneswar/ Sambalpur of the State under project Student Academic Management System (SAMS). For details, please contact to Govt. College of Physical Education (GCPE) Bhubaneswar/ Sambalpur OR Call Sanjog Helpline Toll Free No.- 155335/ 18003456770. The dates for M.P.Ed. course will be notified after publication of B.P.Ed result-2019.

Sl#	Activities	Date Lines
01	Availability of Online Common Application Form (CAF) in the Sports and Youth Services Department website www.samsodisha.gov.in&www.sportsodisha.gov.in	25-June-2019
02	Last date of applying online CAF through www.samsodisha.gov.in & www.sportsodisha.gov.in	10-July-2019 **(11:59 PM)**
03	Date for submitting CAF along with supporting documents and validation of CAF at GCPE(B) / GCPE(S)	Starts from 15-July-2019 Ends on 17-July-2019 **(05:00 PM)**
04	Availability for downloading of Index Card for Physical Fitness Test for B.P.Ed course	20-July-2019 **(10:00 AM)**
05	Physical fitness test for GCPE(B) and GCPE(S) will be held at Kalinga Stadium, Bhubaneswar	25-07-2019 to 27.07.2019 **(7:30 AM to 5:30 PM)**
06	Publication of selection merit list of B.P.Ed. course	05-August-2019 **(11:00 AM)**
07	Admission of selected applicants & data updation by colleges in their e-Space for B.P.Ed course	13 to 14 August-2019 **(05:00 PM)**
08	Publication of the waiting list	16-August-2019 **(11:00 AM)**
09	Admission of the waiting selected applicants & data updation by colleges in their e-space	20-August-2019 **(05:00 PM)**
10	Classes start for BPED 1st Semester students	From the next day of Admission

For more details please contant

B.P.Ed e-Admission Helpline (Toll Free) Number- 155335/ 18003456770
OR B.P.Ed e-Admission Helpdesk @ Govt. College of Physical Education (GCPE), Bhubaneswar/ Sambalpur – 0674-2420394/ 06681-284658.

03014/11/0001/1920 Principal, GCPE, BBSR

ସଂକ୍ଷେପରେ

ବୁଲେଟ୍ ଟ୍ରେନ ପ୍ରକଳ୍ପ ଲାଗି ମିଳୁନି ଜମି

ନୂଆଦିଲ୍ଲୀ,୨୨।୬: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମହତ୍ତ୍ୱାକାଂକ୍ଷୀ ମୁମ୍ବାଇ-ଅହମଦାବାଦ୍ ବୁଲେଟ୍ ଟ୍ରେନ ପ୍ରକଳ୍ପ ଆଗେଇ ପାରୁନାହିଁ। ଏହି ପ୍ରକଳ୍ପ ପାଇଁ ଭୂମି ଅଧିଗ୍ରହଣ ଏକ ବଡ଼ ସମସ୍ୟା ହୋଇଛି। ଅଦ୍ୟାବଧି ଆବଶ୍ୟକ ଜମି ମଧ୍ୟରୁ ମିଳିଛି ମାତ୍ର ୩୯% ବୋଲି ରାଷ୍ଟ୍ରୀୟ ହାଇସ୍ପିଡ୍ ରେଳ କର୍ପୋରେଶନ ଲିମିଟେଡର ଜଣେ ବରିଷ୍ଠ ଅଧିକାରୀ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି। ସେ କହିଛନ୍ତି ଯେ, ମହାରାଷ୍ଟ୍ର ଓ ଗୁଜରାଟରେ ଆବଶ୍ୟକ ୧୩୮୭ ହେକ୍ଟର ଜମି ମଧ୍ୟରୁ ୫୩୭ ହେକ୍ଟର ଅଧିଗ୍ରହଣ କରାଯାଇଛି। ଗୁଜରାଟରେ ୯୪୦ ହେକ୍ଟର ମଧ୍ୟରୁ ମିଳିଛି ମାତ୍ର ୪୭୧ ହେକ୍ଟର ଜମି ଏବଂ ମହାରାଷ୍ଟ୍ରରେ ୪୩୧ ହେକ୍ଟର ମଧ୍ୟରୁ ଅଧିଗ୍ରହଣ କରାଯାଇଛି ୬୬ ହେକ୍ଟର। ଦାଦ୍ରା ଏବଂ ନଗର ହାବେଲିରେ ଆବଶ୍ୟକ ୯ ହେକ୍ଟର ମଧ୍ୟରୁ ସରକାର ଇଞ୍ଚେ ମଧ ହେଲେ ଜମି ଅଧିଗ୍ରହଣ କରିପାରିନାହାନ୍ତି। ସୂଚନାଥାଉ କି, କେନ୍ଦ୍ର ସରକାର ଜମି ଅଧିଗ୍ରହଣ ଅବରୋଧକୁ ଶେଷ କରିବା ଲାଗି ଗତବର୍ଷ ଡିସେମ୍ବର ପର୍ଯ୍ୟନ୍ତ ଏକ ସମୟସୀମା ଧାର୍ଯ୍ୟ କରିଥିଲେ। ପ୍ରଧାନମନ୍ତ୍ରୀ ମୋଦି ଏବଂ ତାଙ୍କର ଜାପାନୀ ସମକକ୍ଷ ଶିଞ୍ଜୋ ଆବେ ୨୦୧୭ ସେପ୍ଟେମ୍ବର ୧୪ରେ ୧.୦୮ ଲକ୍ଷ କୋଟି ଟଙ୍କାର ୫୦୮କିମି ଦୀର୍ଘତା ବିଶିଷ୍ଟ ଅହମଦାବାଦ୍-ମୁମ୍ବାଇ ହାଇସ୍ପିଡ୍ ରେଲ ପ୍ରକଳ୍ପ ଲାଗି ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ୨୦୨୨ ସୁଦ୍ଧା ଏହି ପ୍ରକଳ୍ପ ଶେଷ କରିବା ଲାଗି ସମୟସୀମା ଧାର୍ଯ୍ୟ କରାଯାଇଛି। ଏଥିଲାଗି ଜାପାନ ଅନ୍ତଃରାଷ୍ଟ୍ରୀୟ ସହଯୋଗ ଏଜେନ୍ସି(ଜାଇକା) ଏବଂ ରେଳ ମନ୍ତ୍ରଣାଳୟ ମଧ୍ୟରେ ଏକ ଏମ୍ଓୟୁ ସ୍ୱାକ୍ଷର ହୋଇଥିଲା।

■ ପିଏନ୍‌ବି ମାମଲାରେ ଇଡିର ସତ୍ୟପାଠ ଦାଖଲ

ଚୋକ୍‌ସିଙ୍କୁ ମିଳିବ ଏୟାର ଆମ୍ବୁଲାନ୍ସ ସହାୟତା

ନୂଆଦିଲ୍ଲୀ,୨୨।୬

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି) ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ପକ୍ଷରୁ ଶନିବାର ଅନ୍ୟତମ ମୁଖ୍ୟ ଅଭିଯୁକ୍ତ ହୀରା ବ୍ୟବସାୟୀ ମେହୁଲ ଚୋକ୍‌ସିଙ୍କ ବିରୋଧରେ ଏକ ସତ୍ୟପାଠ ଦାଖଲ କରାଯାଇଛି। ଚୋକ୍‌ସିଙ୍କ ପକ୍ଷରୁ ଦିଆଯାଇଥିବା ସତ୍ୟପାଠର ଜବାବ ଦେଇଛି ଇଡି। ଏଥିରେ ଦର୍ଶାଯାଇଛି ଯେ, ହୀରା ବ୍ୟବସାୟୀଙ୍କୁ ଆଣ୍ଟିଗୁଆରୁ ଭାରତ ଆଣିବା ଲାଗି ଇଡି ପକ୍ଷରୁ ଏକ ଏୟାର ଆମ୍ବୁଲାନ୍ସର ବ୍ୟବସ୍ଥା କରାଯିବ। ଏଥିସହ ବିଶେଷଜ୍ଞ ଡାକ୍ତରଙ୍କୁ ନେଇ ଗଠିତ ଏକ ଦଳ ଏହି ଆମ୍ବୁଲାନ୍ସରେ ଯିବା ଆସିବା କରିବେ। ଭାରତରେ ଚୋକ୍‌ସିଙ୍କୁ ଆବଶ୍ୟକୀୟ ଚିକିତ୍ସା ସୁବିଧା ଯୋଗାଇ ଦିଆଯିବ ବୋଲି ଇଡି ପକ୍ଷରୁ ସତ୍ୟପାଠରେ ଦର୍ଶାଯାଇଛି। ଏଥିରେ କୁହାଯାଇଛି ଯେ, ନିଜର ସ୍ୱାସ୍ଥ୍ୟାବସ୍ଥାକୁ ନେଇ ହୀରା ବ୍ୟବସାୟୀ ଅଦାଲତକୁ ବାଟବଣା କରିବାକୁ ଚେଷ୍ଟା କରୁଛନ୍ତି। ସେ ଆଇନ ପ୍ରକ୍ରିୟାକୁ ବିଳମ୍ବିତ କରିବାକୁ ଚାହୁଁଥିବା ଏଥିରୁ ସ୍ପଷ୍ଟ ହୋଇଛି। ଇଡି କହିଛି ଯେ, ମେହୁଲଙ୍କୁ ଯାଞ୍ଚ ପ୍ରକ୍ରିୟାରେ ସାମିଲ ହେବାକୁ ଅନେକଥର ସୁଯୋଗ ଦିଆଯାଇଥିଲା, କିନ୍ତୁ ସେ ସହଯୋଗ କରି ନ ଥିଲେ। ତାଙ୍କର ୬୧୨୯ କୋଟି ଟଙ୍କାର ସମ୍ପତ୍ତି ବାଜ୍ୟାପ୍ତ କରାଯାଇଛି ବୋଲି ଚୋକ୍‌ସି ଦାବି କରିଥିବା ବେଳେ ଇଡି ଏହାକୁ ଖଣ୍ଡନ କରିଛି। ଯାଞ୍ଚ ବେଳେ ୨୧୦୦ କୋଟି ଟଙ୍କାର ସମ୍ପତ୍ତି କେବଳ ଜବତ ହୋଇଛି ବୋଲି ଇଡି ସତ୍ୟପାଠରେ ଦର୍ଶାଇଛି। ଭାରତରୁ ପଳାୟନ ପୂର୍ବରୁ ସେ ସମସ୍ତ ସମ୍ପତ୍ତି ବିକ୍ରି କରିବାକୁ ଉଦ୍ୟମ କରିଥିଲେ ବୋଲି କୁହାଯାଇଛି। ଉଲ୍ଲେଖଥାଉ କି, ପିଏନ୍‌ବି ମାମଲାରେ ଅସୁସ୍ଥତା କାରଣରୁ ସେ ଭାରତ ଫେରିପାରିବେ ନାହିଁ ବୋଲି ଚୋକ୍‌ସି ସତ୍ୟପାଠରେ ଦର୍ଶାଇଥିଲେ।

ମେହୁଲ ଚୋକ୍‌ସି

ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

ଅଣପୁରୁଷା
ନିତି ଘିଅଭାତ ନିଇତି ରୁଷା ।

ଅପଦାର୍ଥ ଲୋକକୁ ଯେତେ ସନ୍ତୋଷ ମିଳିଲେ ସୁଦ୍ଧା ସେ ଆହୁରି ପାଇବା ପାଇଁ ଅଭିମାନ କରିଥାଏ। କାମଦାମ ନ କରି ସବୁଦିନେ ଆରାମରେ ଖାଇପିଇ ଘୂରିବୁଲୁଥିବା ବ୍ୟକ୍ତି ସାମାନ୍ୟ ତ୍ରୁଟିବିଚ୍ୟୁତ ବା ଅସୁବିଧା ଦେଖି ମୁହଁ ଫୁଲେଇ ରୁଷି ବସୁଥିବା ନେଇ ଏଭଳି କଟୂକ୍ତି ପ୍ରକାଶ କରାଯାଇଛି।

ଅଖାଇ ନାନୀର ବାର ବରତ ।
ସକାଳୁ ଖାଇଲା କଂସାଏ ଭାତ ।

ଓଷା ବ୍ରତ କଲେ ଉପାସ ରହି କିଛି କଷ୍ଟ ସହିବାକୁ ପଡ଼େ। ଖାଇବା ପିଇବା କମ୍ କରାଯାଏ, କିନ୍ତୁ ଏହାକୁ ତ୍ୟାଗ ଓ କଷ୍ଟର ସମୟ ବୋଲି ନ ଧରି ଆନନ୍ଦରେ ଅଧିକ ଖାଇପିଇ ଭଲ ପିନ୍ଧି ମଉଜ କରିବାର ମାନେ ଓଷାବ୍ରତ ନୁହେଁ, ଏହା ଏକ ଭଣ୍ଡାମି ହୋଇଥାଏ। ଧର୍ମକୁ ଆଖିଠାର ମାରିବା ସଦୃଶ ହୋଇଥାଏ। ଓଷାବ୍ରତ କରିବା ନାଁରେ ପେଟ ପୂରାଇ ଖାଉଥିବା ଟାଉକିମାନଙ୍କ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

ବିଶ୍ୱ ଦରବାରରେ ଓଡ଼ିଆ ସଂସ୍କୃତିର ପ୍ରଚାର ଉପରେ ଗୁରୁତ୍ୱ

ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ରଥଯାତ୍ରା ପ୍ରସ୍ତୁତି ବୈଠକ

ଭୁବନେଶ୍ୱର,୨୨।୬(ବ୍ୟୁରୋ)

ବିଶ୍ୱପ୍ରସିଦ୍ଧ ରଥଯାତ୍ରାରେ ପୁରୀଠାରେ ସୂଚନା ଓ ଲୋକସମ୍ପର୍କ ବିଭାଗର ଅଂଶଗ୍ରହଣ ଅଧିକ ତାତ୍ପର୍ଯ୍ୟପୂର୍ଣ୍ଣ ହେବ। ଓଡ଼ିଆ ସଂସ୍କୃତିକୁ ବିଶ୍ୱ ଦରବାରରେ ବ୍ୟାପକ ଭାବେ ପ୍ରଚାର କରାଯିବ। ଏ ସମ୍ପର୍କିତ ଏକ ପ୍ରସ୍ତୁତି ବୈଠକରେ ଅଧ୍ୟକ୍ଷତା କରି ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ ବିଭାଗୀୟ ଅଧିକାରୀଙ୍କୁ ଏହି ପରାମର୍ଶ ଦେଇଛନ୍ତି। ଶନିବାର ଅପରାହ୍ନରେ ସ୍ଥାନୀୟ ଗୀତଗୋବିନ୍ଦ ସଦନଠାରେ ରଥଯାତ୍ରାରେ ବିଭାଗର କାର୍ଯ୍ୟକ୍ରମ ସମ୍ପର୍କିତ ପ୍ରସ୍ତୁତି ବୈଠକରେ ମନ୍ତ୍ରୀ ଏହି ପରାମର୍ଶ ଦେଇଛନ୍ତି।

ସେହିଭଳି କୌଣସି ପ୍ରକାର ତ୍ରୁଟି ବିଚ୍ୟୁତି ନ ରଖି ଦଳଗତ ମାନସିକତାରେ ବିଭାଗର କର୍ମଚାରୀ ଓ ଅଧିକାରୀମାନେ କାର୍ଯ୍ୟ କରିବା ଉପରେ ବିଭାଗୀୟ ସଚିବ ସଞ୍ଜୟ ସିଂ ବୈଠକରେ ଗୁରୁତ୍ୱାରୋପ କରିଛନ୍ତି। ବିଭାଗୀୟ ନିର୍ଦ୍ଦେଶକ ଲକ୍ଷ୍ମୀଧର ମହାନ୍ତି ରଥଯାତ୍ରା ସମ୍ପର୍କିତ ବିବିଧ କାର୍ଯ୍ୟକ୍ରମ ଉପରେ ବିବରଣୀ ଉପସ୍ଥାପନ କରିଥିଲେ। ଚଳିତ ବର୍ଷ ରଥଯାତ୍ରା ପାଇଁ ସିଂହଦ୍ୱାର, ବଳଗଣ୍ଡି, ବଡ଼ଶଙ୍ଖ, ଜଗନ୍ନାଥ ବଲ୍ଲଭ ମଠ, ଦିଗବାରେଣୀ, ଗୁଣ୍ଡିଚାବାଡ଼ି, ମାଳତୀ ପାଟପୁର, ସୁଭାଷ ବୋଷ ଛକ, ପାନ୍ଥ ଭବନ, ତାଳବଣିଆ ଓ ରେଳ ଷ୍ଟେଶନ୍‌ଠାରେ ୧୧ଟି ସୂଚନା କେନ୍ଦ୍ର କାର୍ଯ୍ୟ କରିବ। ଏଠାରେ ଯାତ୍ରୀ ଓ ଶ୍ରଦ୍ଧାଳୁମାନଙ୍କ ନିମନ୍ତେ ସୂଚନା ସରବରାହ ସମେତ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସୁବିଧା ଉପଲବ୍ଧ ହେବ। ବିଭାଗ ପକ୍ଷରୁ ତିନୋଟି ଫଟୋଚିତ୍ର ପ୍ରଦର୍ଶନ ଆୟୋଜିତ ହେବ। ଏଥିରେ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ଏବଂ ଓଡ଼ିଶାର ବିକାଶଯାତ୍ରାର ରୂପରେଖ ସମ୍ବଳିତ ଫଟୋଚିତ୍ରମାନ ସ୍ଥାନିତ ହେବ।

ରଥଯାତ୍ରା ଅବସରରେ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଓଡ଼ିଆରେ 'ଉତ୍କଳ ପ୍ରସଙ୍ଗ' ଓ ଇଂଲିଶରେ 'ଓଡ଼ିଶା ରିଭ୍ୟୁ' ପତ୍ରିକା ସମେତ ଶ୍ରୀଜଗନ୍ନାଥଙ୍କ ଜଣାଣ ଏବଂ ରଥଯାତ୍ରା ସୂଚନା ପୁସ୍ତିକା ଉନ୍ମୋଚିତ ହେବା ସହିତ ସୂଚନା କେନ୍ଦ୍ରଗୁଡ଼ିକରେ ବିକ୍ରୟ ନିମନ୍ତେ ଆବଶ୍ୟକ ବ୍ୟବସ୍ଥା କରାଯିବ। ବିଭିନ୍ନ ସରକାରୀ ବିକାଶମୂଳକ ଯୋଜନା ସମ୍ପର୍କିତ କାର୍ଯ୍ୟକ୍ରମ ଇଲେକ୍ଟ୍ରୋନିକ୍ ମିଡିଆରେ ପ୍ରସାରଣ କରାଯିବ ବୋଲି ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ନିଆଯାଇଛି।

ଭଡ଼ାରେ ଦିଆଯିବ ବିଏସ୍ଏନ୍ଏଲ୍‌ର ଫାଇବର ନେଟ୍‌ୱର୍କ

ନୂଆଦିଲ୍ଲୀ,୨୨।୬

ଭାରତ ସଞ୍ଚାର ନିଗମ ଲିମିଟେଡ(ବିଏସ୍ଏନ୍ଏଲ୍)ର ଫାଇବର ନେଟ୍‌ୱର୍କକୁ ଭଡ଼ାରେ ଦେବା ଲାଗି ଟେଲିକମ୍ ବିଭାଗ(ଡିଓଟି) ଖୁବଶୀଘ୍ର ଏକ ପ୍ରସ୍ତାବ ଆଗତ କରିବ। ଏହାଦ୍ୱାରା କମ୍ପାନୀର ନଗଦ ସମସ୍ୟା ଅନେକାଂଶରେ ସମାଧାନ ହୋଇଯିବ ବୋଲି ଅନୁମାନ କରାଯାଉଛି। ମିଡିଆ ରିପୋର୍ଟ ଅନୁଯାୟୀ, ବିଏସ୍ଏଲ୍ଏଲ୍ ନିକଟରେ ମୋଟ ୮ ଲକ୍ଷ ରୁଟ୍ କିଲୋମିଟର ଫାଇବର ଆଧାରିତ ନେଟ୍‌ୱର୍କ ରହିଛି। ଏହାକୁ ଅନ୍ୟ ଟେଲିକମ୍ କମ୍ପାନୀଗୁଡ଼ିକୁ ବ୍ୟବହାର ଲାଗି ଅନୁମତି ଦିଆଯିବ। ଏବାବଦରେ ରାଷ୍ଟ୍ରାୟତ୍ତ କମ୍ପାନୀ ଭଡ଼ା ପାଇବ। ବର୍ତ୍ତମାନ କମ୍ପାନୀ ନିକଟରେ ନଗଦ ସଙ୍କଟ ଏକ ସମସ୍ୟା ହୋଇ ଦେଖାଦେଇଛି। ଏହା ନିଜର ଆବଶ୍ୟକତା ପୂରଣ କରିପାରୁ ନାହିଁ।

ଫୋନ୍‌ରେ ଚାଟିଂରୁ ବ୍ଲାକ୍‌ମେଲିଂ, ହତ୍ୟା

କେନାଲରୁ ଝିଅର ମୃତଦେହ ମିଳିବା ପରେ ଏଭଳି ଅଭିଯୋଗ ଆଣିଲେ ମା'

ଜୟପୁର,୨୨।୬(ନି.ପ୍ର./ଡି.ଏନ୍.ଏ.)

କୋରାପୁଟ ଜିଲା ଜୟପୁର ସହର ସ୍ଥିତ କେନାଲରୁ ଶନିବାର ଜଣେ ୧୫ ବର୍ଷୀୟ ନାବାଳିକାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଜଣେ ଯୁବକ ପ୍ରଥମେ ଫୋନ୍‌ରେ ଚାଟିଂ, ପରେ ବ୍ଲାକମେଲିଂ କରି ଟଙ୍କା ଆଦାୟ କରିବା ସହ ଶେଷରେ ଝିଅକୁ ହତ୍ୟା କରିଥିବା ନାବାଳିକାଙ୍କ ମା' ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ, ଜୟପୁର ପ୍ରସାଦରାଓ ପେଟା ଦ୍ୱିତୀୟ ଲାଇନର ଜଣେ ୧୫ ବର୍ଷୀୟ ନାବାଳିକାଙ୍କ ମୃତଦେହ ଶନିବାର ସହରର ମୁଖ୍ୟ କେନାଲର କୁନ୍ଦାରିଗୁଡ଼ା ନିକଟରେ ଭାସୁଥିଲା। ଶୁକ୍ରବାର ରାତିରେ ସେ ଘର ଛାଡ଼ିଥିଲେ। ଶନିବାର ସକାଳୁ ବହୁ ଖୋଜାଖୋଜି ପରେ ମଧ୍ୟ ନାବାଳିକାଙ୍କ ପତ୍ତା ନ ମିଳିବାରୁ ଜୟପୁର ଟାଉନ ଥାନାରେ ନିଖୋଜ ଏତଲା ଦିଆଯାଇଥିଲା। ଏହି ସମୟରେ ଖବର ମିଳିଥିଲା ଝିଅର ମୃତଦେହ କେନାଲରେ ଭାସୁଛି। ବ୍ଲାକମେଲିଂ କରୁଥିବା ସ୍ଥାନୀୟ ଯୁବକ ଜଣକ ତାଙ୍କ ଝିଅକୁ କେନାଲକୁ ଠେଲି ହତ୍ୟା କରିଥିବା ମୃତ ନାବାଳିକାଙ୍କ ମା' ଥାନାରେ ଏତଲା ଦେଇଛନ୍ତି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

CLASSIFIED DISPLAY

ALL EDITION - B/W (Everyday)

for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

TARIFF — MORE SPACE • SAME PRICE — GST 5%

For Single Day		For 7 Days		For 15 Days		For 30 days	
6 x 4	12 x 4	6 x 4	12 x 4	6 x 4	12 x 4	6 x 4	12 x 4
1,500.00	2,000.00	6,000.00	12,000.00	12,000.00	25,000.00	20,000.00	40,000.00

FINANCE

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD.
(Registration No. - U6519TN198PLC008555)
ମାର୍କେଟିଂ, ପର୍ସନାଲ, ପ୍ରପର୍ଟି ଏବଂ ସମସ୍ତ ଋଣ ୩ରୁ ୪ ଦିନରେ ଘରେ ବସି ପାଆନ୍ତୁ ୨% ସୁଧ, ୪୦% ରିହାତି (ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ)।
- Helpline Number -
8859690149
PETUMALI, JHARMUNDA, PETUPALI, BARGARH, ODISHA- 768034

ଭାରତର ନଂ.1 କମ୍ପାନୀ
1988 ଠାରୁ ଆପଣଙ୍କ ସେବାରେ
MAHALAXMI FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କେଟିଂ, ପର୍ସନାଲ, ପ୍ରପର୍ଟି, BPL, ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ଛାଡ଼
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
7894704743
B-36/7, A-Block Vijay Enclave Burari, New Delhi-74

ASHIRWAD FINANCE
ଆର୍ଶୀବାଦ ଫାଇନାସ(Regd.) ଦ୍ୱାରା ଅନ୍‌ଲାଇନରେ ମାର୍କେଟିଂ, ଆଧାରକାର୍ଡ, ରାସନକାର୍ଡ, କୃଷି, ସମ୍ପତ୍ତି, ଗୃହ, ବ୍ୟବସାୟ ଓ ବ୍ୟକ୍ତିଗତ ଋଣ ମାତ୍ର ୧ ଦିନରେ ଘରେବସି ପାଆନ୍ତୁ।
ବାର୍ଷିକ 1% ସୁଧ 40% ଛାଡ
4th floor, 540, 100 Feet Rd, Krishna Reddy Layout, Amarjyoti Layout, Domlur, Bengaluru, Karnataka 560071
7669001525

ଲୋନ! ଲୋନ! ଲୋନ
BFC FINANCE
୧ ରୁ ୫୦ ଲକ୍ଷ୍ୟ ଲୋନ
ଗୃହଋଣ, ମାର୍କେଟିଂ, ପର୍ସନାଲ, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତ୍ତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

All INDIA FINANCIAL SERVICES
ଏବେ କରିବ
ଗ୍ରାମ/ସହର ପାଇଁ ସବୁ ବଡ଼ ଋଣ
50,000-95 ଲକ୍ଷ ପର୍ଯ୍ୟନ୍ତ
ମାର୍କେଟିଂ, ପ୍ରପର୍ଟି, ପର୍ସନାଲ, ଆଧାର କାର୍ଡ ଏବଂ ସବୁ ପ୍ରକାର ଋଣ ବ୍ୟାଙ୍କ ଦ୍ୱାରା ।
1% ସୁଧ, 40% ରିହାତି
(ମହିଳା ଗ୍ରୁପ୍ ଋଣ ପାଇଁ ଯୋଗାଯୋଗ କରନ୍ତୁ)
Helpline
09499108259
PETUMALI, JHARMUNDA, PETUPALI, BARGARH, ODISHA - 968034

ପାଠକଙ୍କ ପାଇଁ ସୂଚନା:
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଲକ୍ଷାଧିକ ଲୋକଙ୍କ ଭରସା
ଅମରାବତୀ କ୍ୟାପିଟାଲ
ଦୀର୍ଘ ବର୍ଷ ହେବ ଜନସାଧାରଣଙ୍କ ସୁବିଧା ପାଇଁ ହୋମ, ଏଜ୍ୟୁକେସନ୍, ଗ୍ରୁପ, ପର୍ସନାଲ ଋଣ ବର୍ଷକୁ ୩ % ସୁଧରେ ଯୋଗାଇ ଦିଆଯାଉଛି ।
9319560899
S/C Block B, Green Park, Extn. Delhi-16

BUSINESS

GOLD CASH
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

BUSINESS
JDT DIGITAL GROUP LTD.
ସରକାରୀ ପଞ୍ଜୀକୃତ କମ୍ପାନୀ ଦ୍ୱାରା ଡିଜିଟାଲ ଉପକରଣ ନିଜ ଖାଲି ପଡ଼ିଥିବା ଜମି, ଛାତ, ପ୍ଲଟ୍‌ରେ ସାରା ଭାରତର ଯେକୌଣସି ସ୍ଥାନରେ ଲଗାନ୍ତୁ ଏବଂ ପାଆନ୍ତୁ ଅଗ୍ରିମ ୯୦ ଲକ୍ଷ , ଭଡ଼ା ୭୦ ହଜାର + ମାସିକ ୩୦,୦୦୦/-ର ଅନ୍ୟାନ୍ୟ ସୁବିଧା ।
(କୌଣସି ପଞ୍ଜୀକରଣ ଶୁଳ୍କ ନାହିଁ)
Helpline Numbers
09027220980
09027945420
Building No.-86, Room No.-05, C.R. Patil Estate, Near C.R. Patil Road, Dindoli, Surat City, Surat, Gujarat-394210

REGISTRATION FREE | GOVT. APPROVED
BHARTIYA TELECOM GROUP
ଦ୍ୱାରା ନିଜର ଖାଲି ପଡ଼ିଥିବା ଜମି, ଛାତ, ପ୍ଲଟ୍ ଉପରେ ଉପକରଣ ଲଗାନ୍ତୁ ଏବଂ ପାଆନ୍ତୁ ଅଗ୍ରିମ 60 ଲକ୍ଷ, ଭଡ଼ା 45000 + ଅନ୍ୟାନ୍ୟ ସୁବିଧା ସୁଯୋଗ
କାମ ଆମର ବିଶ୍ୱାସ ଆପଣଙ୍କର
(ଠକମାନଙ୍କ ପ୍ରତି ସାବଧାନ)
08417868634
08417868647
VILLAGE-MATORDA, BHADSON, PATIALA, NABHA, PUNJAB 147202

BUSINESS
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରିମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ ।
ଆଜି ହିଁ ସଂପର୍କ କରନ୍ତୁ
Plot No - 452, Necklace Road Near Hussain Sagar Lake, Hyderabad 500003 India.
Call / SMS Now
7895985440

GTL Telecom Network Company
ଖାଲି ଜମି, କୃଷି ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ କରନ୍ତୁ । ଅଗ୍ରିମ - 90 ଲକ୍ଷ, ଭଡ଼ା - 50 ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ୍ ନେଟ୍‌ୱର୍କ ସ୍ଥାପନ + ମାଗଣା ମୋବାଇଲ + ବାଇକ୍। ମାସିକ 30,000ର ଅନ୍ୟାନ୍ୟ ସୁବିଧା । ମହିଳାଙ୍କ ପାଇଁ ବିଶେଷ ରିହାତି ।
Address:- Head Office G-79 Aadrsh Nagar Karol Bagh
Contact :- 8676907143, 9348274623

DHARITRI Career appointment Every Wednesday and Saturday

REAL ESTATE SALE
FARM HOUSE FOR SALE
(AREA - 3.0AC)
At Badamba, Cuttack
Near Maniabandha Petrol Pump
Wire ବାଉଣ୍ଡରୀ ଅଛି / 1.0Ac ବଡ ପୋଖରୀ ଅଛି / Farm ର ସବୁ ଜାଗାକୁ ପାଣି ପାଇପ୍ Connection ହୋଇଛି / Electric Connection ସହିତ ରହିବା ପାଇଁ ଛାତ ଘର (3 Room) ଏବଂ ଗୋରୁ ଗୁହାଳ ଅଛି / 100 ଆମ୍ବ ଫଳନ୍ତି ଗଛ ଅଛି
ଏହି ବଗିଚାର ଚାରିକଡକୁ ଲାଗି ୫୦୦ ରୁ ୭୦୦ ଆକାଶିଆ ଗଛ ଅଛି
7008812379, 9937764514

ASTROLOGY

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ୍
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରନ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନ ପାଇଁ ମୋତେ ସମ୍ପର୍କ କରନ୍ତୁ ।
ବାବା ଆଲାମ ଖାନ
(ମ୍ୟାଷ୍ଟର କ୍ୟାଣ୍ଟିନ, ରାମ ମନ୍ଦିର ପାଖ, ଭୁବନେଶ୍ୱର)
9773820765
8512004851

ମାତାଙ୍କ ଅସୀମ କୃପା
ସର୍ବ ମନୋକାମନାପୂର୍ଣ୍ଣ ଚମତ୍କାରୀ ସିଦ୍ଧ ମୁଦ୍ରିକା
ଏହି ମୁଦିକୁ ପିନ୍ଧିଲେ ସ୍ତ୍ରୀ-ପୁରୁଷ ଯେତେ କଠୋରମନା ହୋଇଥାଆନ୍ତୁ ନା କାହିଁକି, ଆପଣଙ୍କ ଇଚ୍ଛା ଅନୁସାରେ କାମ କରିବେ । ପରୀକ୍ଷାରେ ପ୍ରଥମ ଶ୍ରେଣୀ, ମକଦ୍ଦମାରେ ବିଜୟ, ବିଦେଶ ଯାତ୍ରା, ପ୍ରେମ ବିବାହ, ଜୁଆ-ଲଟେରି, ଶେୟାର୍‌ରେ ସଫଳତା, ବ୍ୟବସାୟରେ ଅଭୂତପୂର୍ବ ଅଭିବୃଦ୍ଧି, ମାଟିରେ କେଉଁଠି ପୋତା ଧନ ଅଛି ତାହା ସ୍ୱପ୍ନରେ ଦେଖାଯିବ, ଘରେ ସୁଖ ଶାନ୍ତି, ରୋଗରୁ ମୁକ୍ତି, ଋଣରୁ ମୁକ୍ତି, ଚାରିଆଡ଼େ ଖୁସି ହିଁ ଖୁସି, ଯେଉଁ କାମରେ ହାତ ମାରିବେ ଆପଣଙ୍କୁ ସଫଳତା ହିଁ ସଫଳତା ପ୍ରାପ୍ତ ହେବ।
ସର୍ବ ମନୋକାମନାପୂର୍ଣ୍ଣ ଚମତ୍କାରୀ ସିଦ୍ଧ ମୁଦି ସହିତ ନଜରଦୋଷ କବଚ ମାଗଣା।
ସାଧାରଣ ମୁଦି - 1100/-
ସ୍ପେଶାଲ ମୁଦି - 1575/-
କାମ ନ ହେଲେ ପଇସା ଫେରନ୍ତ
ଇଚ୍ଛୁକ ବ୍ୟକ୍ତି ଆଶ୍ରମ ସହ ଯୋଗାଯୋଗ କରନ୍ତୁ
7564962303
9354145347

See Color Display Classified on every Tuesday & Friday

ଭଗବାନ ଚାହିଁଲେ ଲହୁର ଲୁହ ବୁହାଇବାକୁ ଦେବି ନାହିଁ
କେବଳ 2 ଘଣ୍ଟାରେ ଘରେ ବସି 100% ଗ୍ୟାରେଣ୍ଟିଯୁକ୍ତ ସମାଧାନ
ମୁଁ କରିଥିବା କାମକୁ କାଟିଥିବା ବ୍ୟକ୍ତିଙ୍କୁ ଦାବି ମୁତାବକ ପୁରସ୍କାର
ସ୍ୱେ. ପ୍ରେମବିବାହ, ସନ୍ତାନ ସମସ୍ୟା, ବିଦେଶ ଯାତ୍ରା, ରୋଗରେ ଔଷଧ କାମ ନ କରିବା, ଚାକିରିରେ ପଦୋନ୍ନତି, ପ୍ରପର୍ଟି, ସଉତୁଣୀ ଓ ଶତ୍ରୁ ମୁକ୍ତି, ଭୂତ-ପ୍ରେତ, ଗୁଣିଗାରେଡ଼ି, ମୁଠକରଣୀ, ତନ୍ତ୍ର-ମନ୍ତ୍ର ବଶୀକରଣ, କଳା ଯାଦୁ ଇତ୍ୟାଦି।
ମିଆଁ ମଲଖାନ ଜୀ
8860596444
8860599820

EDUCATION

ADMISSION OPEN FOR 2019-21
B.Ed
Acharya Nagarjuna University
UGC & NCTE Approved
Equivalent to Utkal University
FREE Practical & Form fill up Fees, Weekend Class & Study Material
NIDT Since 2001
Exclusive B.Ed Academy
B.J.B. Nagar, Lewis Road, Bhubaneswar
9338229373, 7978204082
9438286091

ଶିମିଳିପାଳ ସୁରକ୍ଷା ଚିନ୍ତା

- ଜଙ୍ଗଲ ଉପରୁ ନିର୍ଭରଶୀଳତା କମାଇବାକୁ ପରୀକ୍ଷାମୂଳକ ଯୋଜନା
- ବନ ଓ ପ୍ରାଣୀସମ୍ପଦ ବିଭାଗର ମିଳିତ ଉଦ୍ୟମ
- ୧୭୫ ହିତାଧିକାରୀ ଚିହ୍ନଟ

ବାରିପଦା ଅଫିସ,୨୨।୬

ମୟୂରଭଞ୍ଜ ଜିଲାରେ ପ୍ରସ୍ତାବିତ ଜାତୀୟ ଉଦ୍ୟାନ ଶିମିଳିପାଳ ଅଭୟାରଣ୍ୟର ସୁରକ୍ଷା ଲାଗି ବନ ଓ ପ୍ରାଣୀସମ୍ପଦ ବିଭାଗ ପକ୍ଷରୁ ମିଳିତ ପ୍ରୟାସ ଆରମ୍ଭ ହୋଇଛି। ଶିମିଳିପାଳ ଅଭୟାରଣ୍ୟ ଓ ଏହାର ପାଦଦେଶରେ ବସବାସ କରୁଥିବା ବନବାସୀଙ୍କୁ ଆତ୍ମନିର୍ଭରଶୀଳ କରାଇ ଜଙ୍ଗଲ ଉପରୁ ସେମାନଙ୍କ ନିର୍ଭରଶୀଳତା କମାଇବା ସକାଶେ ଯୋଜନା କରାଯାଇଛି। ତଦନୁଯାୟୀ ସେମାନଙ୍କୁ ଉନ୍ନତ କିସମର ଦେଶୀଗାଈ ଓ ବନରାଜ କୁକୁଡା ପାଳନ କରିବାକୁ ଉତ୍ସାହିତ କରାଯିବ। ଏଥିଲାଗି ପ୍ରଥମ ପର୍ଯ୍ୟାୟରେ ଚିହ୍ନଟ ହୋଇଥିବା ୧୭୫ ହିତାଧିକାରୀଙ୍କୁ ତାଲିମ ପ୍ରଦାନ କାର୍ଯ୍ୟ ଆରମ୍ଭ ହୋଇଛି। ଏହି ପରୀକ୍ଷାମୂଳକ କାର୍ଯ୍ୟ ସଫଳ ହେଲେ ଏହାକୁ ଜିଲାର ଅନ୍ୟ ବନ ଖଣ୍ଡରେ କାର୍ଯ୍ୟକାରୀ କରାଯିବ।

ଉଲ୍ଲେଖନୀୟ ଯେ, ଅଭୟାରଣ୍ୟର ସୁରକ୍ଷା ଲାଗି ପୂର୍ବରୁ ବନ ବିଭାଗ ପକ୍ଷରୁ ଧରପଗଡ଼ ଭଳି ବିଭିନ୍ନ ସମୟରେ ପଦକ୍ଷେପ ନିଆଯାଉଥିଲେ ମଧ୍ୟ ଏହାର କିଛି ପ୍ରଭାବ ପଡୁ ନ ଥିଲା। ଜଙ୍ଗଲ ଉପରେ ନିର୍ଭର କରି ଚଳୁଥିବା ଲୋକେ ଜାଳକାଠ ଓ ବନଜାତ ଦ୍ରବ୍ୟ ସଂଗ୍ରହ କାର୍ଯ୍ୟ ଛାଡିପାରୁ ନ ଥିଲେ। ଏହି ସୁଯୋଗରେ ଅସାଧୁ ଲୋକେ ଜଙ୍ଗଲରୁ ଗଛ କାଟି ନେବା ସହ ବନ୍ୟପ୍ରାଣୀ ଶିକାର କରୁଥିଲେ। ଏହାକୁ ନିୟନ୍ତ୍ରଣ କରିବା ବନ ବିଭାଗ ପକ୍ଷେ କାଠିକର ପାଠ ହୋଇଥିଲା। ଏହି ପରିପ୍ରେକ୍ଷୀରେ ବନବାସୀଙ୍କୁ ଆତ୍ମନିର୍ଭରଶୀଳ କରାଇବା ଲକ୍ଷ୍ୟ ରଖାଯାଇ ଅଭୟାରଣ୍ୟ ଓ ଏହା ପାଦଦେଶରେ ରହୁଥିବା ରାଇରଙ୍ଗପୁର ବନଖଣ୍ଡ ଅଧୀନ ଅଧିବାସୀଙ୍କୁ ପ୍ରାଥମିକ ପର୍ଯ୍ୟାୟରେ ଚିହ୍ନଟ କରାଯାଇଛି। ତଦନୁଯାୟୀ ଉକ୍ତ ବନଖଣ୍ଡ ଅଧୀନ ୧୧ ଟି ଗାଁରେ ଏହି ଯୋଜନା ଆରମ୍ଭ କରାଯାଇଛି ବୋଲି ଜିଲା ପ୍ରାଣୀଧନ ଚିକିତ୍ସା ଅଧିକାରୀ ଶଶାଙ୍କ ପାଣିଗ୍ରାହୀ କହିଛନ୍ତି।

ତାଙ୍କ କହିବା ମୁତାବକ ଚିହ୍ନଟ ଅଧିବାସୀଙ୍କୁ ଉନ୍ନତମାନର ଦେଶୀ ଗାଈ ଏବଂ ବନରାଜ କୁକୁଡା ମାଗଣାରେ ପ୍ରଦାନ କରାଯିବ। ଚିହ୍ନଟ ହିତାଧିକାରୀଙ୍କ ମଧ୍ୟରୁ ୧୬୦ ଜଣଙ୍କୁ ୨୦ ଟି ଲେଖାଏଁ ବନରାଜ କୁକୁଡା ପ୍ରଦାନ କରାଯିବ। ସେହିପରି ୧୫ ଜଣଙ୍କୁ ଗୋଟିଏ ଲେଖାଏଁ ଉନ୍ନତମାନର ଦେଶୀଗାଈ ଦିଆଯିବ। ଏଗୁଡିକୁ କିଭଳି ଭାବେ ସେମାନେ ପାଳନ କରିବେ ସେଥିଲାଗି ସମସ୍ତଙ୍କୁ ତାଲିମ ପ୍ରଦାନ କରାଯାଇଛି। ଗାଈଗୁହାଳ ନିର୍ମାଣ ପାଇଁ ପ୍ରତ୍ୟେକଙ୍କୁ ୫ ହଜାର ଟଙ୍କା ଏବଂ କୁକୁଡା ଘର ନିର୍ମାଣ ଲାଗି ୫ ଶହ ଟଙ୍କା ଲେଖାଏଁ ପ୍ରଦାନ କରାଯିବ। ବନ ବିଭାଗ ଏଥିଲାଗି ଅନୁଦାନ ପ୍ରଦାନ କରିବ । ଲୋକଙ୍କୁ ଆତ୍ମନିର୍ଭରଶୀଳ କରାଇବା ଯୋଜନାକୁ ଅଞ୍ଚଳବାସୀ ସ୍ୱାଗତ କରିଛନ୍ତି। ସେମାନେ ଆତ୍ମନିର୍ଭରଶୀଳ ହେଲେ ଆଉ ଜଙ୍ଗଲ ଉପରେ ନିର୍ଭର କରିବେ ନାହିଁ। ଏହି କାର୍ଯ୍ୟକ୍ରମକୁ ସଫଳ କରି ବନ୍ୟପ୍ରାଣୀ ଓ ବୃକ୍ଷଲତାଙ୍କ ସୁରକ୍ଷା ଦେବା ଲାଗି ପ୍ରଶାସନ ଏହି ଯୋଜନା ହାତକୁ ନେଇଛି।

ଗୋପାଳନ ନିମନ୍ତେ ଅଧିକାରୀମାନେ ଚିହ୍ନଟ ହିତାଧିକାରୀଙ୍କୁ ତାଲିମ ଦେଉଛନ୍ତି।

ସଂକ୍ଷେପରେ

ନାବାଳିକାଙ୍କୁ ସିନ୍ଦୂର ପିନ୍ଧାଇ ୪ ଗିରଫ

କୁଳିଅଣା, ୨୨।୬ (ଡି.ଏନ.ଏ.): ମୟୂରଭଞ୍ଜ ଜିଲା ଚାନ୍ଦୁଆ ଥାନା ଅନ୍ତର୍ଗତ କେଉଟୁଣୀମାରି ପଞ୍ଚାୟତ ଅଞ୍ଚଳରେ ଜଣେ ନାବାଳିକାଙ୍କୁ ବଳ ପୂର୍ବକ ବିବାହ କରିବା ଲାଗି ତାଙ୍କ ମଥାରେ ସିନ୍ଦୂର ଲଗାଇବା ଘଟଣାରେ ପୋଲିସ ମୁଖ୍ୟ ଅଭିଯୁକ୍ତ ଓ ତାଙ୍କର ୩ ସହଯୋଗୀଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ୩ ବାଇକ ଜବତ ହୋଇଛି। ଗିରଫ ଅଭିଯୁକ୍ତଙ୍କୁ ଡାକ୍ତରୀ ମାଇନା କରାଯାଇ ଶନିବାର କୋର୍ଟଚାଲାଣ କରାଯାଇଛି। ବାରିପଦା ମାଜିଷ୍ଟ୍ରେଟଙ୍କ ନିକଟରେ ୧୬୪ ଧାରାରେ ସମ୍ପୃକ୍ତ ନାବାଳିକାଙ୍କ ବୟାନ ରେକର୍ଡ ହୋଇଛି। ଗିରଫ ଅଭିଯୁକ୍ତମାନେ ହେଲେ ହିନ୍ଦୁ ମାରାଣ୍ଡି (୨୦), ଚନ୍ଦନ ମାରାଣ୍ଡି (୩୨), ଶିବୁ ହେମ୍ବ୍ରମ୍ (୩୦) ଓ ଘନଶ୍ୟାମ ହେମ୍ବ୍ରମ୍ (୩୦)। ପୋଲିସ ସୂଚନା ଅନୁଯାୟୀ ନାବାଳିକାଙ୍କ ମଥାରେ ସିନ୍ଦୂର ପିନ୍ଧାଇଥିବା ମୁଖ୍ୟ ଅଭିଯୁକ୍ତ ହିନ୍ଦୁ ମାରାଣ୍ଡିଙ୍କ ଘର କପ୍ତିପଦା ଥାନା ନୋଦାମ ଗ୍ରାମରେ। ୨୧ ତାରିଖ ରାତିରେ ହିନ୍ଦୁ ତାଙ୍କ ବଡଭାଇ ଚନ୍ଦନ ଓ ଅନ୍ୟ ୨ ସହଯୋଗୀଙ୍କୁ ସାଥୀରେ ଧରି ୩ଟି ବାଇକ୍ ଯୋଗେ ଏହି ନାବାଳିକାଙ୍କ ଗାଁକୁ ଯାଇଥିଲେ। ସେଠାରେ ହିନ୍ଦୁ ନାବାଳିକାଙ୍କ ମଥାରେ ସିନ୍ଦୂର ପିନ୍ଧାଇବା ବେଳେ ଅନ୍ୟ ୩ ଜଣ ତାଙ୍କୁ ସହଯୋଗ କରି ସେଠାରୁ ନାବାଳିକାଙ୍କୁ ନେଇ ଯିବାକୁ ଉଦ୍ୟମ କରିଥିଲେ। ନାବାଳିକାଙ୍କ ମା' ପାଟି କରିବାରୁ ଅନ୍ୟ ଗ୍ରାମବାସୀ ଆସି ଏହି ୪ ଯୁବକଙ୍କୁ କାବୁ କରି ନେଇଥିଲେ। ଖବର ପାଇ ପୋଲିସ ଗାଁରେ ପହଞ୍ଚି ୪ ଯୁବକଙ୍କୁ ଥାନାକୁ ଆଣିବା ସହିତ ୩ ବାଇକ୍‌କୁ ଜବତ କରିଥିଲା। ଏ ନେଇ ଅଧିକ ତଦନ୍ତ କରାଯିବା ପରେ ଥାନାରେ ଏକ ମାମଲା (ନଂ.୨୮/୧୯) ରୁଜୁ କରି ୪ ଯୁବକଙ୍କୁ ପୋଲିସ ଗିରଫ କରିଛି।

ଦୋଳି ଖେଳ କାଳ ହେଲା

- ନାବାଳିକା ମୃତ

ହିଞ୍ଜିଳିକାଟୁ,୨୨।୬ (ଡି.ଏନ୍.ଏ.): ଗଞ୍ଜାମ ଜିଲା ହିଞ୍ଜିଳିକାଟୁ ମୋହନ କଲୋନୀ ଅଞ୍ଚଳରେ ଶନିବାର ଏକ ଅଭାବନୀୟ ଘଟଣା ଘଟିଛି। ଦୋଳି ଖେଳୁଥିବା ସମୟରେ ଦଉଡ଼ି ଛିଣ୍ଡି ନାବାଳିକାଙ୍କ ବେକରେ ଗୁଡ଼ାଇ ହୋଇଯିବାରୁ ତାଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ଅରୁଣ ମହାନ୍ତିଙ୍କ ଝିଅ ଅର୍ପିତା (୧୧)। ପରିବାର ଲୋକେ ତାଙ୍କୁ ତୁରନ୍ତ ହିଞ୍ଜିଳିକାଟୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ । ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ହିଞ୍ଜିଳି ପୋଲିସ ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା(ନଂ.୧୩/୧୯) ରୁଜୁ କରିଛି । ମୃତଦେହକୁ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଯାଇଛି।

ଅଭିନବ ଉପାୟରେ ୫ଲକ୍ଷ ଟଙ୍କାର ସୁନା ଗହଣା ଲୁଟ୍

କୁଳିଅଣା,୨୨।୬ (ଡି.ଏନ୍.ଏ.): ମୟୂରଭଞ୍ଜ ଜିଲା କୁଳିଅଣା ବଜାରରେ ଥିବା ମା' ତାରିଣୀ ଜୁଏଲର୍ସ ଦୋକାନରୁ ୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସୁନା ଅଳଙ୍କାର ଲୁଟ୍ ହୋଇଛି। ଶନିବାର ଅପରାହ୍ନରେ ୨ ଜଣ ଲୁଟେରା ଗ୍ରାହକ ବେଶରେ ଆସି ଦୋକାନୀଙ୍କୁ ଡେଉଁରିଆ ମାଗିଥିଲେ। ସେମାନେ ଡେଉଁରିଆ ନେଇ ଏକ ଶହେ ଟଙ୍କିଆ ନୋଟ୍ ଦେଇଥିଲେ। ଦୋକାନୀ ଅମ୍ବୁନାଥ ରଣା ଏହି ଟଙ୍କାକୁ ଆଖି ପାଖକୁ ନେଇ ପରଖିବା ବେଳେ ତାଙ୍କୁ ଆଉ କିଛି ଦେଖାଯାଇ ନ ଥିଲା। ସେଥିରେ ଲଗାଯାଇଥିବା କେମିକାଲ ପ୍ରଭାବରେ ଏଭଳି ଘଟିଥିବା କୁହାଯାଉଛି। ଏହି ସମୟ ମଧ୍ୟରେ ଲୁଟେରା ଦ୍ୱୟ ଦୋକାନ ଶୋ କେସ୍ ଭିତରେ ରଖାଯାଇଥିବା ୬ଟି ସୁନାହାର ସହ ଅନ୍ୟ ଗହଣାକୁ କାଢି ନେଇ ଚମ୍ପଟ ମାରିଥିଲେ। କିଛି ସମୟ ପରେ କେମିକାଲ ପ୍ରଭାବ କମିଯିବାରୁ ଦୋକାନୀଙ୍କ ଆଖିକୁ ଦେଖାଯାଇଥିଲା। ସେତେବେଳକୁ ଗ୍ରାହକ ଦ୍ୱୟ ନ ଥିବା ଦେଖି ସେ ଶୋ କେସ୍ ଯାଞ୍ଚ କରିବାରୁ ସେଥିରେ ୧୫୦ ଗ୍ରାମ ଓଜନର ସୁନା ଗହଣା ନ ଥିବା ଦେଖିଥିଲେ। ଏହାପରେ କୁଳିଅଣା ଥାନା ପୋଲିସକୁ ଖବର ଦିଆଯାଇଥିଲା। ଥାନା ଅଧିକାରୀ କମଳାକାନ୍ତ ଦାସ ପହଞ୍ଚି ତଦନ୍ତ କରିଥିଲେ। ୧୮ ନମ୍ବର ଜାତୀୟ ରାଜପଥ କଡରେ ଥିବା ମାର୍କେଟ କମ୍ପ୍ଲେକ୍ସ ସ୍ଥିତ ଏହି ଜୁଏଲାରୀ ଦୋକାନରୁ ଲୁଟେରାମାନେ ଅଭିନବ ଉପାୟରେ ସୁନା ଅଳଙ୍କାର ଲୁଟିବା ଘଟଣା ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଦୋକାନରେ ଲାଗିଥିବା ସିସିଟିଭି ଯାଞ୍ଚ ବେଳେ ଏହି ଲୁଟେରାଦ୍ୱୟଙ୍କ ସବୁ କାରନାମା ଜଣାପଡିଛି। ପୋଲିସ ଲୁଟେରାଙ୍କ ଫଟୋ ସିସିଟିଭିରୁ ଉଦ୍ଧାର କରି ଜିଲାର ସବୁ ଥାନାକୁ ପଠାଇ ସେମାନଙ୍କୁ ଧରିବା ଲାଗି ତନାଘନା ଚଳାଇଛି।

ଏସ୍‌ପି ଅଫିସ ସମ୍ମୁଖରେ ଯୁବକଙ୍କ ଆତ୍ମହତ୍ୟା ଉଦ୍ୟମ

ମିଳିଲାନି ଗୃହରକ୍ଷୀ ଚାକିରି

ସୋନପୁର,୨୨।୬(ନି.ପ୍ର.)

ଗୃହରକ୍ଷୀ ଚାକିରି ନ ମିଳିବାରୁ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ମାଣିକପୁର ଗ୍ରାମର ଗୁପ୍ତେଶ୍ୱର ହାତୀ(୩୨) ଶୁକ୍ରବାର ରାତିରେ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ସୁବର୍ଣ୍ଣପୁର ଜିଲା ପୋଲିସ ଅଫିସ ତଥା ଏସ୍‌ପିଙ୍କ ଅଫିସ ସମ୍ମୁଖରେ ଗୁପ୍ତେଶ୍ୱର ନିଜ ସ୍ତ୍ରୀ ଓ ଝିଅଙ୍କ ଉପସ୍ଥିତିରେ କୀଟନାଶକ ପିଇ ଦେଇଥିଲେ। ଏହି ସମୟରେ ଏସ୍‌ପି ଦେବୀପ୍ରସାଦ ଦାଶ କାର୍ଯ୍ୟାଳୟରେ ଅନୁପସ୍ଥିତ ଥିଲେ। ସୂଚନା ପାଇ ସୋନପୁର ଥାନା ପୋଲିସ ପିସିଆର ଭ୍ୟାନ୍‌ରେ ଗୁପ୍ତେଶ୍ୱରଙ୍କୁ ଆଣି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛି। ସେ ଚିକିତ୍ସାଧୀନ ଥିଲେ ହେଁ ବିପଦମୁକ୍ତ ଥିବା ଡାକ୍ତର ପ୍ରକାଶ କରିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ୨୦୦୬ରେ ଗୁପ୍ତେଶ୍ୱର ଗୃହରକ୍ଷୀ ଭାବେ କାର୍ଯ୍ୟ କରୁଥିଲେ। କୌଣସି କାରଣରୁ ୨୦୦୭ରେ ତାଙ୍କୁ ଛଟେଇ କରାଯାଇଥିଲା। ପୁନଃ ନିଯୁକ୍ତି ପାଇଁ ସେ ତତ୍କାଳୀନ ଏସ୍‌ପିଙ୍କଠାରୁ ଆରମ୍ଭ କରି ଡିଆଇଜି ଏପରି କି ପୋଲିସ ଡିଜିଙ୍କୁ ଭେଟିଥିଲେ। ଜିଲାରେ ଗୃହରକ୍ଷୀ ପଦବୀ ପାଇଁ ଚୟନ ସମୟରେ ଅଗ୍ରାଧିକାର ଦିଆଯିବ ବୋଲି ତାଙ୍କୁ ସେତେବେଳେ ମୌଖିକ ପ୍ରତିଶ୍ରୁତି ମିଳିଥିଲା। ଗୁପ୍ତେଶ୍ୱର ଦିନମଜୁରିଆ ଭାବେ କାମ କରି ନିଜ ପରିବାରର ଗୁଜୁରାଣ ମେଣ୍ଟାଉଥିଲେ। ଗତ ଡିସେମ୍ବରରେ ଖାଲି ଥିବା ଜିଲାର ୪୫ଟି ଗୃହରକ୍ଷୀ ପଦବୀରେ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଫେବୃୟାରୀରେ ଆବେଦନକାରୀଙ୍କ ଶାରୀରିକ ପରୀକ୍ଷା ଓ ସାକ୍ଷାତକାର ନିଆଯାଇଥିଲା। ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଆଶାୟୀଙ୍କୁ ନିକଟରେ ନିଯୁକ୍ତି ଦିଆଯାଇଛି । ତାଲିକାରେ ଗୁପ୍ତେଶ୍ୱରଙ୍କ ନାମ ନ ଥିବାରୁ ସେ ନିରାଶ ହୋଇ ପଡିଥିଲେ। ସେ ଯୋଗ୍ୟ ପ୍ରାର୍ଥୀ, ତାଙ୍କୁ ଅଣଦେଖା କରାଯାଇଥିବା ସେ ଅଭିଯୋଗ କରିଥିଲେ। ଏସ୍‌ପିଙ୍କୁ ମଧ୍ୟ ଏଥିପାଇଁ ସାକ୍ଷାତ୍ କରିଥିଲେ। ଶୁକ୍ରବାର ବାଇକ୍‌ରେ ନିଜ ସ୍ତ୍ରୀ ରଶ୍ମିତା ଓ ଛୋଟ ଝିଅଙ୍କୁ ଧରି ଏସ୍‌ପିଙ୍କ ଅଫିସ ପରିସରକୁ ଆସିଥିଲେ। ହାତରେ ଏକ କୀଟନାଶକ ବୋତଲ ଧରି ବୁଲୁଥିଲେ। କେହି କିଛି ବୁଝିବା ପୂର୍ବରୁ ମାନସିକ ଭାରସାମ୍ୟ ହରାଇ ସେ କୀଟନାଶକ ପିଇ ଦେଇଥିଲେ। ପୋଲିସ ଏହି ଘଟଣାକୁ ସାଧାରଣ ଭାବେ ନେଉଛି। କିନ୍ତୁ କେଉଁ ପରିସ୍ଥିତିରେ ଗୁପ୍ତେଶ୍ୱର ନିଜ ପରିବାର ଲୋକଙ୍କ ଉପସ୍ଥିତିରେ ଆତ୍ମହତ୍ୟା ଉଦ୍ୟମ କରିଥିଲେ ତା'ର ତଦନ୍ତ କରାଯିବାକୁ ସାଧାରଣରେ ଦାବି ହେଉଛି।

- ପାକିସ୍ତାନକୁ ଚେତାଇଲା ଭାରତ

ଆତଙ୍କବାଦ ବିରୋଧରେ ଶକ୍ତ ହୁଅ

ନୂଆଦିଲ୍ଲୀ,୨୨।୬(ପି.ଟି.)

ପାକିସ୍ତାନ ଆତଙ୍କବାଦ ବିରୋଧରେ ଶକ୍ତହୋଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଭାରତ କହିଛି। ଆତଙ୍କବାଦୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବା ଓ ସେମାନଙ୍କୁ ନିଜ ମାଟିରେ ପ୍ରୋତ୍ସାହନ ଦେବା ବନ୍ଦ ନ କଲେ ପରିଣାମ ଭୟାବହ ହେବ ବୋଲି ଭାରତ ଚେତାଇ ଦେଇଛି। ଏଫ୍‌ଏଟିଏଫ୍ (ଫାଇନାନ୍ସିଆଲ ଆକ୍ସନ୍ ଟାସ୍କଫୋର୍ସ)ର ୨୭ ସୂତ୍ରୀ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବା ସହ ସେପ୍ଟେମ୍ବର ମାସ ସୁଦ୍ଧା ନିଜକୁ ଆତଙ୍କବାଦ ବିରୋଧୀ ଦେଶଭାବେ ପ୍ରମାଣିତ କରିବାକୁ ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ରବୀଶ କୁମାର କହିଛନ୍ତି। ଆମେରିକାର ଫ୍ଲୋରିଡାରେ ଏଫ୍‌ଏଟିଏଫ୍‌ର ଶେଷ ହୋଇଥିବା ସପ୍ତାହବ୍ୟାପୀ ବୈଠକରେ ମଧ୍ୟ ପାକିସ୍ତାନକୁ ଚେତାବନୀ ଦିଆଯାଇ ଆତଙ୍କବାଦ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପରାମର୍ଶ ଦିଆଯାଇଥିଲା। ଆମେରିକା, ୟୁ.କେ., ଫ୍ରାନ୍ସ ଭଳି ଦେଶଗୁଡ଼ିକ ଆତଙ୍କବାଦୀ ହାଫିଜ୍ ସୟିଦ, ମାସୁଦ୍ ଆଝାର ବିରୋଧରେ ପାକିସ୍ତାନ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ଓ ଆତଙ୍କବାଦକୁ ପ୍ରୋତ୍ସାହନ ଦେଉଥିବା ଆଦି ପ୍ରସଙ୍ଗ ଉଠାଇଥିଲେ। ଏବେ ପାକିସ୍ତାନକୁ 'ଗ୍ରେ ଲିଷ୍ଟ'ରେ ରଖାଯାଇଥିବାବେଳେ ସେପ୍ଟେମ୍ବର ସୁଦ୍ଧା ଏଲ୍‌ଇଟି, ଜେଇଏମ୍ ଓ ଅନ୍ୟ ଆତଙ୍କବାଦୀ ଗୋଷ୍ଠୀଙ୍କୁ ଆର୍ଥିକ ସହାୟତା ଦେବା ବନ୍ଦ ନ କଲେ ଓ ଆତଙ୍କବାଦ ବିରୋଧରେ କଠୋର ପଦକ୍ଷେପ ନ ନେଲେ ବିଭିନ୍ନ ଆଡୁ ବିରୋଧର ସମ୍ମୁଖୀନ ହେବାକୁ ପଡ଼ିବ ବୋଲି କୁହାଯାଇଛି। ବିଭିନ୍ନ ଅନ୍ତର୍ଜାତୀୟ ସଙ୍ଗଠନରୁ ସହାୟତା ବନ୍ଦ କରାଯିବା ସହ ଆଇଏମ୍‌ଏଫ୍, ଡବ୍ଲ୍ୟୁବି,ଏଡିବି,ଇୟୁ ଆଦିରୁ ପାଉଥିବା ସହଯୋଗ ପାକିସ୍ତାନ ହରାଇବ ବୋଲି କୁହାଯାଇଛି।

ରବୀଶ କୁମାର

ପାଇଖାନା ଟାଙ୍କିରୁ ହାତୀ ଛୁଆ ଉଦ୍ଧାର

ପରଜଙ୍ଗ, ୨୨।୬(ଡି.ଏନ.ଏ.)

ମା' ସବୁବେଳେ ମା'। ସେ ବନ୍ୟଜନ୍ତୁ ହେଉ କି ମଣିଷ। ମା'ର ମମତା ଆଗରେ ସବୁ କିଛି ଫିକା ଫିକା ଲାଗେ। ଛୁଆ ହାତୀ ଏବଂ ମା' ମଧ୍ୟରେ ଅନାବିଳ ସମ୍ପର୍କର ଏପରି ନମୁନା ଦେଖିବାକୁ ମିଳିଛି ପରଜଙ୍ଗ ବ୍ଲକ ସାଆନ୍ଦା ବିଟ୍ ଅଧୀନ ତଳବେରେଣା ଗ୍ରାମରେ। ଶୌଚାଳୟ ଟାଙ୍କିରେ ଖସିପଡ଼ିଥିବା ଛୁଆ ପାଇଁ ମା' ହାତୀର ବ୍ୟାକୁଳତା ଦେଖିବାକୁ ଅଞ୍ଚଳବାସୀ ଜମାଇଥିଲେ ଭିଡ଼। ଶନିବାର ଭୋର୍ ସମୟରେ ଗ୍ରାମର ପ୍ରମୋଦ ପାଳଙ୍କ ଘର ପଛପଟେ ଥିବା ପାଇଖାନା ଟାଙ୍କିରେ ଏକ ମା'ହାତୀ ଏବଂ ଶାବକ ଖସିପଡ଼ିଥିଲେ। କୌଣସିମତେ ମା' ହାତୀ ବାହାରକୁ ବାହାରିବାରେ ସକ୍ଷମ ହୋଇଥିବାବେଳେ ଟାଙ୍କି ଭିତରେ ଫସି ରହିଥିଲା ଶାବକ। ପରିବାର ଲୋକଙ୍କଠାରୁ ସୂଚନା ପାଇ ବନ କର୍ମଚାରୀ ପହଞ୍ଚି ଟାଙ୍କିର ଗୋଟିଏ ପାର୍ଶ୍ୱକୁ ତାଡ଼ି ଶାବକକୁ ଟେକି ଉଦ୍ଧାର କରିଥିଲେ। ଛୁଆ ଉଦ୍ଧାର ନ ହେବା ଯାଏ ମା' ଟାଙ୍କି ପାଖରେ ଧୀରସ୍ଥିର ହୋଇ ଛିଡ଼ା ହୋଇ ରହିଥିଲା। ସାମାନ୍ୟତମ ହିଂସ୍ର ଆଚରଣ ପ୍ରଦର୍ଶନ କରି ନ ଥିଲା। ଏଥିରୁ ସଙ୍କଟରେ ପଡ଼ିଥିବା ଶାବକ ପାଇଁ ବାରି ହୋଇପଡ଼ିଥିଲା ମା'ର ଦରଦ। ଉଦ୍ଧାର ପରେ ଉଭୟେ ଜଙ୍ଗଲକୁ ପଳାଇଥିଲେ। ରେଞ୍ଜର ହରମୋହନ ନାୟକ, ଫରେଷ୍ଟର ରାମଚନ୍ଦ୍ର ରାଉତ, ହାତୀ ସ୍କ୍ୱାଡ୍ କର୍ମଚାରୀ ଉଦ୍ଧାର କାର୍ଯ୍ୟରେ ସହଯୋଗ କରିଥିଲେ। ତେବେ ଅଞ୍ଚଳରେ ହାତୀପଲ ବିଚରଣ କରୁଥିବାରୁ ଭୟର ବାତାବରଣ ସୃଷ୍ଟି ହୋଇଛି।

- ସୁପ୍ରିମକୋର୍ଟରେ ଗଡୁଛି ୫୮,୬୬୯ ମାମଲା:ପ୍ରଧାନମନ୍ତ୍ରୀଙ୍କୁ ସିଜେଆଇଙ୍କ ପତ୍ର

ବିଚାରପତି ସଂଖ୍ୟା ବଢ଼ାଅ

ନୂଆଦିଲ୍ଲୀ,୨୨।୬(ପି.ଟି.)

ବିଚାରପତିଙ୍କ ସଂଖ୍ୟା ଆବଶ୍ୟକ ତୁଳନାରେ କମ୍ ଥିବାରୁ ମାମଲାଗୁଡ଼ିକ ବିଚାର ନ ହୋଇ ପଡ଼ିରହୁଛି। ତେଣୁ ସୁପ୍ରିମକୋର୍ଟରେ ବିଚାରପତିଙ୍କ ସଂଖ୍ୟା ବୃଦ୍ଧି କରିବା ଲାଗି ଭାରତର ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇ (ସିଜେଆଇ) ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପତ୍ରଲେଖି ଜଣାଇଛନ୍ତି। ଏଥିସହ ହାଇକୋର୍ଟ ବିଚାରପତିଙ୍କ ଅବସର ବୟସ ୬୫କୁ ବୃଦ୍ଧିକରିବା ଲାଗି କହିଛନ୍ତି। ଅଦାଲତରେ ପଡ଼ିରହିଥିବା ମାମଲାଗୁଡ଼ିକର ସମାଧାନ ଲାଗି ସମ୍ବିଧାନର ଧାରା ୧୨୮ ଓ ୨୨୪(କ) ଅନୁଯାୟୀ ଅବସରଗ୍ରହଣ ପରେ ସର୍ବୋଚ୍ଚ ଅଦାଲତ ଓ ହାଇକୋର୍ଟ ବିଚାରପତିଙ୍କୁ ପୁନଃନିଯୁକ୍ତି ଦେବାଲାଗି ସେ ପତ୍ରରେ ଦର୍ଶାଇଛନ୍ତି। ସିଜେଆଇ କହିଛନ୍ତି ଯେ, ସୁପ୍ରିମକୋର୍ଟରେ ଏବେ ୫୮,୬୬୯ ମାମଲା ବିଚାର ନ ହୋଇ ପଡ଼ିରହିଛି। ବିଚାରପତି ଅଭାବରୁ ଏହି ସଂଖ୍ୟା କ୍ରମଶଃ ବଢ଼ିବାରେ ଲାଗିଛି। ଗୁରୁତ୍ୱପୂର୍ଣ୍ଣ ମାମଲାର ବିଚାର ଲାଗି ସାମ୍ବିଧାନିକ ଖଣ୍ଡପୀଠ ମଧ୍ୟ ଗଠନ କରାଯାଇ ପାରୁନାହିଁ।

୩ ଦଶନ୍ଧି ତଳେ ଅର୍ଥାତ୍ ୧୯୮୮ରେ ସୁପ୍ରିମକୋର୍ଟର ବିଚାରପତି ସଂଖ୍ୟା ୧୮ରୁ ୨୬କୁ ବୃଦ୍ଧି ପାଇଥିଲା। ଏହାର ୨ ଦଶନ୍ଧି ପରେ ଅର୍ଥାତ୍ ୨୦୦୯ରେ ଏହା ସିଜେଆଇଙ୍କୁ ମିଶାଇ ୩୧କୁ ବୃଦ୍ଧି ପାଇଥିଲା। ବିଚାରପତିଙ୍କ ସଂଖ୍ୟା ବୃଦ୍ଧି କରା ନ ଗଲେ ପଡ଼ିରହିଥିବା ମାମଲା ସଂଖ୍ୟା ଲମ୍ବି ଚାଲିବ। ତେଣୁ ଦ୍ରୁତ ପଦକ୍ଷେପ ଗ୍ରହଣ କରାଯାଇ ସମସ୍ୟାର ସମାଧାନ କରିବାକୁ ଜଷ୍ଟିସ୍ ଗୋଗୋଇ ପ୍ରଧାନମନ୍ତ୍ରୀଙ୍କୁ ପତ୍ରଲେଖି ଜଣାଇଛନ୍ତି। ଏହାସହ ସମ୍ବିଧାନ ସଂଶୋଧନ କରାଯାଇ ହାଇକୋର୍ଟ ବିଚାରପତିଙ୍କ ଅବସର ବୟସସୀମା ୬୨ରୁ ୬୫କୁ ବୃଦ୍ଧି କରିବା ଲାଗି ସେ କହିଛନ୍ତି। ସରକାରୀ ଅନୁମୋଦନ ଲାଭ କରିଥିବା ବିଚାରପତି ପଦ ମଧ୍ୟରୁ ୩୯୯ (୩୭%) ଏବେ ଖାଲିପଡ଼ିଛି। ଏହି ଖାଲି ପଦଗୁଡ଼ିକୁ ତୁରନ୍ତ ପୂରଣ କରିବାର ଆବଶ୍ୟକତା ରହିଛି ବୋଲି ଜଷ୍ଟିସ୍ ଗୋଗୋଇ ଦର୍ଶାଇଛନ୍ତି।

ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇ

ଭାଜପା ପ୍ରତିନିଧିଙ୍କ ଗସ୍ତ ପରେ ଭାଟପଡ଼ାରେ ପୁଣି ସଂଘର୍ଷ

୩ ଆହତ, ପୋଲିସର ଲାଠିଚାର୍ଜ

କୋଲକାତା,୨୨।୬(ପି.ଟି.)

ପଶ୍ଚିମବଙ୍ଗର ଉତ୍ତର ୨୪ ପ୍ରଗଣା ଜିଲାର ଭାଟପଡ଼ାରେ ଶନିବାର ପୁଣି ସଂଘର୍ଷ ଘଟିଛି। ଭାଜପାର ୩ ଜଣିଆ ପ୍ରତିନିଧିମଣ୍ଡଳୀ ଏହି ହିଂସାକାଣ୍ଡ ଅଞ୍ଚଳ ଗସ୍ତକରି ଫେରିବା ପରେ ହିଂସାକାଣ୍ଡ ଆରମ୍ଭ ହୋଇଥିଲା। ଭାଜପା ଓ ଟିଏମ୍‌ସି କର୍ମୀଙ୍କ ମଧ୍ୟରେ ଗୋଷ୍ଠୀ ସଂଘର୍ଷ ହେବା ସହ ପରିସ୍ଥିତି ଅଣାୟତ୍ତ ହୋଇପଡ଼ିଥିଲା। ଉଭୟ ପକ୍ଷ ଟେକାପଥର ଓ ଦେଶୀ ବୋମାମାଡ଼ କରିଥିବା ଜଣାପଡ଼ିଛି। ସେଠାରେ ଲାଗିଥିବା ୧୪୪ ଧାରା ଉଲ୍ଲଂଘନ କରାଯିବାରୁ ପୋଲିସ ଶେଷରେ ଉତ୍ତ୍ୟକ୍ତଙ୍କ ଉପରେ ଲାଠିଚାର୍ଜ କରିବାକୁ ବାଧ୍ୟ ହୋଇଥିଲା। ସଂଘର୍ଷରେ ୩ଜଣ ଆହତ ହୋଇଥିବାବେଳେ ଏବେ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଛି। ପ୍ରକାଶଥାଉ କି, ଗତ ସପ୍ତାହରେ ଭାଜପା-ଟିଏମ୍‌ସି ସମର୍ଥକଙ୍କ ମଧ୍ୟରେ ସଂଘର୍ଷ ଘଟି ପୋଲିସ ଗୁଳିରେ ୨ ଜଣଙ୍କ ମୃତ୍ୟୁ ହୋଇଥିଲା। ଭାଟପଡ଼ା ଟିଏମ୍‌ସିର ଗଡ଼ଭାବେ ପରିଚିତ ଥିବାବେଳେ ନିର୍ବାଚନ ପରଠାରୁ ଏଠାରେ ଦୁଇଗୋଷ୍ଠୀ ମଧ୍ୟରେ ସଂଘର୍ଷ ଲାଗିରହିଛି। ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ଏମ୍‌ପି ଏସ୍.ଏସ୍. ଆଲୁୱାଲିଆଙ୍କ ନେତୃତ୍ୱରେ ଭାଜପା ପ୍ରତିନିଧିମଣ୍ଡଳୀ ଶନିବାର ଭାଟପଡ଼ା ଗସ୍ତକରି ପରିସ୍ଥିତିର ସମୀକ୍ଷା କରିଥିଲେ। ମୃତ ୨ ଭାଜପା କର୍ମୀଙ୍କ ପରିବାରବର୍ଗ, ସ୍ଥାନୀୟ ଲୋକଙ୍କ ସହ ସେମାନେ କଥାବାର୍ତ୍ତା ହୋଇ ଫେରିଥିଲେ। ଏ ସମ୍ପର୍କରେ ସେମାନେ ଦଳର ଅଧ୍ୟକ୍ଷ ତଥା ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହଙ୍କୁ ରିପୋର୍ଟ ଦେବେ। ହେଲେ ଭାଜପା ପ୍ରତିନିଧିଙ୍କ ଏହି ଗସ୍ତ ଅଞ୍ଚଳରେ ଉତ୍ତେଜନା ବୃଦ୍ଧିକରିବ ବୋଲି ଟିଏମ୍‌ସି ସାଧାରଣ ସଚିବ ପାର୍ଥ ଚାଟାର୍ଜୀ କହିଛନ୍ତି। ସେପଟେ ଭାଜପା ପକ୍ଷରୁ ଏହି ଘଟଣାର ସିବିଆଇ ତଦନ୍ତ ଲାଗି ଦାବି କରାଯାଇଛି।

ପଶ୍ଚିମବଙ୍ଗର ଭାଟପଡ଼ାରେ ଭାଜପା-ଟିଏମ୍‌ସି କର୍ମୀଙ୍କ ମଧ୍ୟରେ ଧସ୍ତାଧସ୍ତି ।

ଏମ୍‌ସ ପିଜି ଏଣ୍ଟ୍ରାନ୍ସ: ସର୍ବଭାରତୀୟ ର୍‍ୟାଙ୍କରେ ରଞ୍ଜନ ଦ୍ୱିତୀୟ

ଜଳେଶ୍ୱର, ୨୨।୬(ଡି.ଏନ.ଏ.): ଏମ୍‌ସ ପିଜି ଏଣ୍ଟ୍ରାନ୍ସରେ ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ମହମ୍ମଦ ନଗରପାଟଣା ଗ୍ରାମର ଡା.ରଞ୍ଜନ କୁମାର ସାହୁ ସର୍ବଭାରତୀୟ ର୍‍ୟାଙ୍କରେ ଦ୍ୱିତୀୟ ସ୍ଥାନ ଅଧିକାର କରି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ରଞ୍ଜନ ଭୁବନେଶ୍ୱରସ୍ଥିତ ଏମ୍‌ସରେ ଏମବିବିଏସ୍ ପାଠ୍ୟକ୍ରମ ଶେଷ କରିବା ପରେ ପିଜି ପାଇଁ ଏଣ୍ଟ୍ରାନ୍ସ ଦେଇଥିଲେ। ତାଙ୍କର ଏହି ସଫଳତା ପାଇଁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି। ପୋଷ୍ଟମାଷ୍ଟର ଭାବେ କାର୍ଯ୍ୟରତ ତାଙ୍କ ବାପା ସୂର୍ଯ୍ୟମୋହନ ସାହୁ ପୁଅର ସଫଳତା ପାଇଁ ଗର୍ବିତ ବୋଲି କହିଛନ୍ତି। ଡା.ରଞ୍ଜନ କୁହନ୍ତି ସେ ମେଡିସିନ ବିଭାଗରେ ପିଜି କରିବେ ଓ ଓଡ଼ିଶାବାସୀଙ୍କୁ ଅତ୍ୟାଧୁନିକ ସେବା ଯୋଗାଇଦେବା ତାଙ୍କର ଲକ୍ଷ୍ୟ।

ବିପଦରେ ପଡ଼ି ଘାଣ୍ଟି ହେଲେ ଓ କ୍ଷତି ସହିଲେ ଲୋକ ବିଜ୍ଞ ଆଉ ନମ୍ର ହୁଏ।
- ବେଞ୍ଜାମିନ୍ ଫ୍ରାଙ୍କଲିନ୍

ଏଇ ସପ୍ତାହର କାର୍ଯ୍ୟକ୍ରମ

୨୩।୬।୨୦୧୯(ରବିବାର)

ଭୁବନେଶ୍ୱର

- ଶ୍ରୀ ଶ୍ରୀ ବାବା ଆଖଣ୍ଡଳମଣି ବ୍ରାହ୍ମଣ ସମିତି ପକ୍ଷରୁ ସାମୂହିକ ବ୍ରତୋପନୟନ, ଶୈଳଶ୍ରୀ ବିହାର, ଫେଜ-୨, ସକାଳ ୭ଟା।
- ରୋଟାରୀ କ୍ଲବ ପକ୍ଷରୁ ରୋଟାରୀ ଓଡ଼ିଶା ଟାଲେଣ୍ଟ, ସୂଚନା ଭବନ, ସକାଳ ୮ଟା ୩୦ରୁ ରାତ୍ର ୧୦ଟା।
- ଗୁରୁକୁଳ ଗୀତାଞ୍ଜଳି ପକ୍ଷରୁ ଶାସ୍ତ୍ରୀୟ ସଙ୍ଗୀତ ଆସର, ଗୀତଗୋବିନ୍ଦ ସଦନ, ସକାଳ ୯ଟା।
- ଇଣ୍ଡିଆ ଇଣ୍ଟରନ୍ୟାଶନାଲ ଡ୍ୟାନ୍ସ ଫେଷ୍ଟିଭାଲ, ଭଞ୍ଜକଳା ମଣ୍ଡପ, ପୂର୍ବାହ୍ନ ୧୦ଟାରୁ ରାତି ୯ଟା।
- ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା) ପକ୍ଷରୁ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଓ କର୍ମଶାଳା, ଇଉ୍କଳ ଅଡିଟୋରିୟମ, ପୂର୍ବାହ୍ନ ୧୦ଟା ୩୦।
- ବିଜୁ ପଟ୍ଟନାୟକ ସ୍ମୃତି ଫଟୋ ଗ୍ୟାଲେରି ଲୋକାର୍ପଣ ଉତ୍ସବ, ଅଶୋକ ନଗର, ଭିଏ-୧୨/୧, ୟୁନିଟ-୨, ପୂର୍ବାହ୍ନ ୧୧ଟା।
- ଶୈଳବାଳା ସାହିତ୍ୟ ସଂସଦ ପକ୍ଷରୁ କବିତା ପାଠ ଓ ସାହିତ୍ୟ ସମାରୋହ, ଜୟଦୁର୍ଗା ନଗର, ୟୁନିଟ-୩, ଅପରାହ୍ନ ୪ଟା।
- ନୃତ୍ୟାନୁଷ୍ଠାନ ନୃତ୍ୟ ଉପାସନ ପୀଠର ୯ମ ବାର୍ଷିକ ଉତ୍ସବ, ରବୀନ୍ଦ୍ର ମଣ୍ଡପ, ଅପରାହ୍ନ ୪ଟା।
- ସାହିତ୍ୟିକ ଅଚ୍ୟୁତାନନ୍ଦ ପତିଙ୍କ ୯୩ତମ ଜନ୍ମୋତ୍ସବ ଅବସରରେ ଆଲୋଚନାଚକ୍ର ଓ ସମ୍ବର୍ଦ୍ଧନା ସଭା, କଳିଙ୍ଗ ବୁଦ୍ଧ ବିହାର, ୟୁନିଟ-୯, ଅପରାହ୍ନ ୫ଟା।

ବାଲିଅନ୍ତା

- ଭାଗବତ ପ୍ରବଚନ ଯଜ୍ଞ ମହୋତ୍ସବ, ମା' ଉତ୍ତରମୁଖୀ ପୀଠ, ଭୁବନପୁର, ରାତି ୭ଟା।

ପୁରୀ

- ଚିତ କ୍ୟାନୀ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ସ୍ୱାସ୍ଥ୍ୟ ସେବା ଶିବିର, ଅରଖକୁଦ, ପୂର୍ବାହ୍ନ ୧୦ଟା।

କଟକ

- କବିକରୁଣାକର ଦାସ ସାହିତ୍ୟ ପ୍ରତିଷ୍ଠାନର ତୃତୀୟ ବାର୍ଷିକ ଉତ୍ସବ, ରେଡକ୍ରସ ଭବନ, ଜିଲାପାଳଙ୍କ କାର୍ଯ୍ୟାଳୟ ସାମ୍ନା, ପୂର୍ବାହ୍ନ ୧୦ଟା ।
- ଆଦର୍ଶ ପ୍ରତିଭା ବିକାଶ ପରିଷଦର ବାର୍ଷିକ ଉତ୍ସବ ଓ ସ୍ମରଣିକା 'ଆଦର୍ଶ' ପତ୍ରିକା ଉନ୍ମୋଚନ, କ୍ଲବ ଘର, ଚାଉଳିଆଗଞ୍ଜ ଖେଳ ପଡ଼ିଆ, ପୂର୍ବାହ୍ନ ୧୦ଟା ।
- ମାରୱାଡ଼ି ଯୁବ ମଞ୍ଚ ଓ କମିଶନରେଟ ପୋଲିସ ଏବଂ ଦି ଆର୍ଟ ଅଫ ଲିଭିଂ ମିଳିତ ଆନୁକୂଲ୍ୟରେ ମେଗା ରକ୍ତଦାନ ଶିବିର, ତେରାପନ୍ଥି ଭବନ, କାଠଗଡ଼ା ସାହି, ପୂର୍ବାହ୍ନ ୧୧ଟା
- ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ସାରସ୍ୱତ ସାଧକ ବିକ୍ରମ ଦେବ ବର୍ମାଙ୍କ ତୈଳଚିତ୍ର ଉନ୍ମୋଚନ ଉତ୍ସବ, ଶତାବ୍ଦୀ ଭବନ, ସନ୍ଧ୍ୟା ୬ଟା ।

୨୪।୬।୨୦୧୯(ସୋମବାର)

ଭୁବନେଶ୍ୱର

- ଇଣ୍ଡିଆ ଇଣ୍ଟରନ୍ୟାଶନାଲ ଡ୍ୟାନ୍ସ ଫେଷ୍ଟିଭାଲ, ଭଞ୍ଜକଳା ମଣ୍ଡପ, ପୂର୍ବାହ୍ନ ୧୦ଟାରୁ ରାତି ୯ଟା।
- ଶିକ୍ଷାସନ୍ଧାନ ପକ୍ଷରୁ ରାଜ୍ୟସ୍ତରୀୟ ପରାମର୍ଶ ସଭା, ରୋଟାରୀ ଭବନ, ପୂର୍ବାହ୍ନ ୧୧ଟା।

ବାଲିଅନ୍ତା

- ଭାଗବତ ପ୍ରବଚନ ଯଜ୍ଞ ମହୋତ୍ସବ, ମା' ଉତ୍ତରମୁଖୀ ପୀଠ, ଭୁବନପୁର, ରାତି ୭ଟା।

୨୫।୬।୨୦୧୯(ମଙ୍ଗଳବାର)

ଖୋର୍ଦ୍ଧା

- ଦିବ୍ୟ ଇଣ୍ଟରନ୍ୟାଶନାଲ ସ୍କୁଲରେ ପ୍ରତିମୂର୍ତ୍ତି ଉନ୍ମୋଚନ ଉତ୍ସବ, ବାଘମାରୀ, ସକାଳ ୯ଟା।

ବାଲିଅନ୍ତା

- ଭାଗବତ ପ୍ରବଚନ ଯଜ୍ଞ ମହୋତ୍ସବ, ମା' ଉତ୍ତରମୁଖୀ ପୀଠ, ଭୁବନପୁର, ରାତି ୭ଟା।

୨୬।୬।୨୦୧୯(ବୁଧବାର)

ବାଲିଅନ୍ତା

- ଭାଗବତ ପ୍ରବଚନ ଯଜ୍ଞ ମହୋତ୍ସବ, ମା' ଉତ୍ତରମୁଖୀ ପୀଠ, ଭୁବନପୁର, ରାତି ୭ଟା।

୨୭।୬।୨୦୧୯(ଗୁରୁବାର)

ବାଲିଅନ୍ତା

- ଭାଗବତ ପ୍ରବଚନ ଯଜ୍ଞ ମହୋତ୍ସବ, ମା' ଉତ୍ତରମୁଖୀ ପୀଠ, ଭୁବନପୁର, ରାତି ୭ଟା।

୨୮।୬।୨୦୧୯(ଶୁକ୍ରବାର)

ବାଲିଅନ୍ତା

- ଭାଗବତ ପ୍ରବଚନ ଯଜ୍ଞ ମହୋତ୍ସବ, ମା' ଉତ୍ତରମୁଖୀ ପୀଠ, ଭୁବନପୁର, ରାତି ୭ଟା।

୨୯।୬।୨୦୧୯(ଶନିବାର)

ଭୁବନେଶ୍ୱର

- ରୋଟାରୀ କ୍ଲବ ପକ୍ଷରୁ ରୋଟାରୀ ଓଡ଼ିଶା ଟାଲେଣ୍ଟର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ, ଉତ୍କଳ ରଙ୍ଗମଞ୍ଚ, ସନ୍ଧ୍ୟା ୬ଟା ୩୦।

ବାଲିଅନ୍ତା

- ଭାଗବତ ପ୍ରବଚନ ଯଜ୍ଞ ମହୋତ୍ସବ, ମା' ଉତ୍ତରମୁଖୀ ପୀଠ, ଭୁବନପୁର, ରାତି ୭ଟା।

ଭୁବନେଶ୍ୱର କାର୍ଯ୍ୟାଳୟରେ ପାସ୍‌ପୋର୍ଟ କେଳେଙ୍କାରୀ

ନକଲି ପାସ୍‌ପୋର୍ଟରେ ସୌଦି ପଳାଇଛନ୍ତି ସନ୍ଦିଗ୍ଧ

ଭୁବନେଶ୍ୱର, ୨୨।୬(ବ୍ୟୁରୋ)

- ରିନ୍ୟୁ ପାଇଁ ଅଫିସ ଦୌଡ଼ୁଛନ୍ତି ଅସଲି ପାସ୍‌ପୋର୍ଟଧାରୀ
- ସୌଦି ଆରବ ଦୂତାବାସକୁ ଚିଠି ଲେଖି ଚୁପ୍ ବସିଛନ୍ତି କର୍ତ୍ତୃପକ୍ଷ
- ଅଣ୍ଡରୱାର୍ଲ୍ଡ ଡନ୍ ଦାଉଦ୍‌ଙ୍କ ଲିଙ୍କ୍ ସନ୍ଦେହ



ଅସଲି ନମ୍ବରରେ ନକଲି ପାସ୍‌ପୋର୍ଟ। ଭୁବନେଶ୍ୱର ପାସ୍‌ପୋର୍ଟ ଅଫିସରେ ହୋଇଛି ଏଭଳି କେଳେଙ୍କାରୀ। ଉକ୍ତ ନକଲି ପାସ୍‌ପୋର୍ଟରେ ଉତ୍ତର ପ୍ରଦେଶର ଜଣେ ମୁସଲିମ୍ ବ୍ୟକ୍ତି ସୌଦି ଆରବ ପଳାଇଥିବାବେଳେ ଅସଲ ପାସ୍‌ପୋର୍ଟଧାରୀ ଭୁବନେଶ୍ୱରର ବିମ୍ବାଧର ସାହୁ ରିନ୍ୟୁ ପାଇଁ ବାରମ୍ବାର ପାସ୍‌ପୋର୍ଟ ଅଫିସ୍ ଦୌଡ଼ୁଛନ୍ତି। ତାଙ୍କ ପାସ୍‌ପୋର୍ଟ ନମ୍ବରରେ ଅନ୍ୟ ଏକ ପାସ୍‌ପୋର୍ଟ ଇସ୍ୟୁ ହୋଇଛି। ଉକ୍ତ ପାସ୍‌ପୋର୍ଟ ହାତେଇଥିବା ବ୍ୟକ୍ତି ଜଣକ ସୌଦି ଆରବ ଚାଲିଯାଇଛନ୍ତି। ଏ ସଂକ୍ରାନ୍ତରେ ସୌଦି ଦୂତାବାସକୁ ଚିଠି କରାଯାଇଥିଲେ ମଧ୍ୟ କୌଣସି ଉତ୍ତର ଆସି ନ ଥିବା ପାସ୍‌ପୋର୍ଟ କାର୍ଯ୍ୟାଳୟ ପକ୍ଷରୁ କୁହାଯାଉଥିବା ବିମ୍ବାଧର କହିଛନ୍ତି। ଏହି ଘଟଣା ଏବେ ପଦାକୁ ଆସିବା ପରେ ଭୁବନେଶ୍ୱର ଅଫିସରେ ହୋଇଥିବା ପାସ୍‌ପୋର୍ଟ ଜାଲିଆତି ସହ ଅଣ୍ଡରୱାର୍ଲ୍ଡ ଡନ୍ ଦାଉଦ ଇବ୍ରାହିମ୍‌ଙ୍କ ସମ୍ପୃକ୍ତି ଥିବା ସନ୍ଦେହ କରାଯାଉଛି।

ମିଳିଥିବା ସୂଚନାନୁସାରେ, ପୁରୁଣା ଭୁବନେଶ୍ୱର ଦୁଲ୍ଲାଦେଇ ରୋଡ୍‌ର ପ୍ଲଟ୍ ନଂ.୨୮ରେ ପରିବାର ସହ ରହୁଛନ୍ତି ବିମ୍ବାଧର ସାହୁ। ବିମ୍ବାଧର ୧୯୮୬ରେ ଅଏଲ ଓଡିଶାରେ ମ୍ୟାନେଜର ଭାବେ ଚାକିରି କରୁଥିଲେ। ସେ ଅଫିସ କାର୍ଯ୍ୟରେ ବିଦେଶ ଯିବା ପାଇଁ ଭୁବନେଶ୍ୱର ପାସ୍‌ପୋର୍ସ ଅଫିସରେ ଆବେଦନ କରିବା ପରେ ତାଙ୍କୁ ପାସ୍‌ପୋର୍ଟ (ନଂ-ଭି୩୨୫୩୬୦)ମିଳିଥିଲା। ପରେ ଅଫିସ ପକ୍ଷରୁ ତାଙ୍କର ବିଦେଶ ଯିବା କାର୍ଯ୍ୟକ୍ରମ ବାତିଲ ହୋଇଯାଇଥିଲା। ୧୯୯୧ରେ ସେ ଉକ୍ତ ପାସ୍‌ପୋର୍ଟକୁ ରିନ୍ୟୁ କରିଥିଲେ। ୧୯୯୫ ମୁମ୍ବାଇ ବୋମା ବିସ୍ଫୋରଣ ଘଟଣାରେ ଅଣ୍ଡରୱାର୍ଲ୍ଡ ଡନ୍ ଦାଉଦଙ୍କ ସମ୍ପୃକ୍ତି ଥିବା ଓ ସେ ଜାଲ୍ ପାସ୍‌ପୋର୍ଟରେ ଦେଶ ବାହାରକୁ ଚାଲିଯାଇଥିବା ଜଣାପଡ଼ିଥିଲା। ଏହାପରେ ଦେଶରେ ପାସ୍‌ପୋର୍ଟ କେଳେଙ୍କାରୀ ପଦାକୁ ଆସିଥିଲା। ସେତେବେଳେ ଭୁବନେଶ୍ୱର ପାସପୋର୍ଟ ଅଫିସରେ ମଧ୍ୟ ବ୍ୟାପକ ଜାଲିଆତି ହୋଇଥିବା ଜଣାପଡିବା ପରେ ଖୋଳତାଡ଼ ଆରମ୍ଭ ହୋଇଥିଲା। ସେହି ସମୟରେ ବିମ୍ବାଧରଙ୍କ ପାସପୋର୍ଟକୁ ଜାଲିଆତି କରି ସମାନ ନମ୍ବରରେ ଉତ୍ତର ପ୍ରଦେଶର ଜଣେ ମୁସଲିମ୍ ବ୍ୟକ୍ତି ପାସ୍‌ପୋର୍ଟ ହାତେଇ ସୌଦି ଆରବ ଚାଲିଯାଇଥିବା ତଦନ୍ତରୁ ଜଣାପଡିଥିଲା। ଏନେଇ ଜାତୀୟ ତଦନ୍ତକାରୀ ସଂସ୍ଥା ଏନ୍‌ଆଇଏ ଜାଣିବା ପରେ ଭୁବନେଶ୍ୱର ସମେତ ଦେଶର ବିଭିନ୍ନ ପାସ୍‌ପୋର୍ଟ କାର୍ଯ୍ୟାଳୟର ଏକାଧିକ ଅଧିକାରୀଙ୍କୁ ନିଲମ୍ବିତ କରାଯାଇଥିଲା। ଏପର୍ଯ୍ୟନ୍ତ ଉକ୍ତ ନକଲି ପାସ୍‌ପୋର୍ଟଧାରୀଙ୍କୁ ଠାବ କରାଯାଇପାରି ନ ଥିବାବେଳେ ବିମ୍ବାଧରଙ୍କ ପାସ୍‌ପୋର୍ଟ ମଧ୍ୟ ରିନ୍ୟୁ ହୋଇପାରୁନି।

ଏ ସମ୍ପର୍କରେ ବିମ୍ବାଧର କୁହନ୍ତି, ପାସ୍‌ପୋର୍ଟ ରିନ୍ୟୁ ହୋଇପାରୁ ନ ଥିବାରୁ ଲଣ୍ଡନରେ ରହୁଥିବା ଝିଅ ପାଖକୁ ଯାଇପାରୁନୁ। ଗତ ମାର୍ଚ୍ଚ ୧୮ରେ ପାସ୍‌ପୋର୍ଟ ରିନ୍ୟୁ ପାଇଁ ପୁଣି ଆବେଦନ କରିଥିଲି। ୧୫ଦିନ ଭିତରେ ସ୍ତ୍ରୀଙ୍କର ପାସ୍‌ପୋର୍ଟ ରିନ୍ୟୁ ହୋଇଥିଲେ ମଧ୍ୟ ତାଙ୍କର ହୋଇପାରିନି। ପାସ୍‌ପୋର୍ଟ କର୍ତ୍ତୃପକ୍ଷଙ୍କ କହିବାନୁସାରେ ଅରିଜିନାଲ ପାସ୍‌ପୋର୍ଟ ନେଇ ଦେଖାଇଥିଲି। ଯାଞ୍ଚ କରାଯିବା ପରେ ସମାନ କଥା କୁହାଯାଉଛି। ତାଙ୍କ ନମ୍ବରରେ ଅନ୍ୟ ଜଣେ ପାସ୍‌ପୋର୍ଟ ନେଇଥିବାରୁ ମାର୍ଚ୍ଚ ୨୯ରେ ସୌଦି ଆରବ ଦୂତାବାସକୁ କର୍ତ୍ତୃପକ୍ଷ ମେଲ୍ କରିଛନ୍ତି। ଇତିମଧ୍ୟରେ ୩ ମାସ ବିତିଯାଇଥିଲେ ମଧ୍ୟ ମେଲ୍‌ର କିଛି ଉତ୍ତର ଆସୁନି କି ବିମ୍ବାଧରଙ୍କ ପାସ୍‌ପୋର୍ଟ ରିନ୍ୟୁ ହୋଇପାରୁନି। ତାଙ୍କ ନମ୍ବରରେ ନକଲି ପାସ୍‌ପୋର୍ଟ ହାତେଇଥିବା ବ୍ୟକ୍ତି ଯଦି କୌଣସି ଆତଙ୍କବାଦୀ କିମ୍ବା ଅନ୍ତର୍ଜାତୀୟ ଅପରାଧୀ ହୋଇଥାନ୍ତି, କିଛି ବି ଘଟଣା ଘଟିଲେ ସେ ଫସିଯିବେ ବୋଲି ଆଶଙ୍କା କରି ଭୟଭୀତ ଅବସ୍ଥାରେ ରହିଛନ୍ତି ବିମ୍ବାଧର। ଏନେଇ ସେ ବୈଦେଶିକ ବ୍ୟାପାର ମନ୍ତ୍ରୀଙ୍କୁ ଜଣାଇବେ ବୋଲି କହିଛନ୍ତି। ଏ ସଂକ୍ରାନ୍ତରେ ଭୁବନେଶ୍ୱର ପାସ୍‌ପୋର୍ଟ କାର୍ଯ୍ୟାଳୟ ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ କୌଣସି ଅଧିକାରୀ କିଛି ବି କହିବାକୁ ମନା କରିଥିଲେ।

କିମ୍‌ସ ଡାକ୍ତରଙ୍କୁ 'ବେଷ୍ଟ କ୍ଲିନିକାଲ କେସ୍' ପୁରସ୍କାର

ଭୁବନେଶ୍ୱର, ୨୨।୬(ବ୍ୟୁରୋ)

କିମ୍‌ସର ଖ୍ୟାତିସମ୍ପନ୍ନ ହୃଦ୍‌ଶଲ୍ୟ ବିଶେଷଜ୍ଞ ଡା. ଅନୁପମ ଜେନାଙ୍କୁ ଶନିବାର କୋରିଆ ହାର୍ଟ ରିଦିମ୍ ସୋସାଇଟି ପକ୍ଷରୁ 'ବେଷ୍ଟ କ୍ଲିନିକାଲ କେସ୍' ପୁରସ୍କାର ପ୍ରଦାନ କରାଯାଇଛି। ଏକ ବିରଳ ହୃଦ୍‌ଅସ୍ତ୍ରୋପଚାର ପାଇଁ ଡା. ଜେନାଙ୍କୁ ଏହି ପୁରସ୍କାର ମିଳିଛି। ହାର୍ଟ ରିଦିମ୍ ସୋସାଇଟିର ୧୧ତମ ବାର୍ଷିକ ବୈଜ୍ଞାନିକ ଅଧିବେଶନରେ ସୋସାଇଟିର ସଭାପତି ଟୁଂ ହ୍ୱାନ୍ କ୍ୱାକ୍ ଏବଂ ଟ୍ରଷ୍ଟି ବୋର୍ଡର ଅଧ୍ୟକ୍ଷ ୟୋଂ ସିଓଗ୍ ଓଙ୍କ ଉପସ୍ଥିତିରେ ଡା. ଜେନାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା। ଡା. ଜେନା ଓ ତାଙ୍କ ଟିମ୍ ହୃଦ୍‌ଘାତ ହୋଇଥିବା ଜଣେ ୬୫ବର୍ଷୀୟ ବ୍ୟକ୍ତିଙ୍କର ଏଣ୍ଟିରିଅର ୱାଲ ଏମ୍‌ଆଇ ଓ ପୋଷ୍ଟ ଆଇସିଡି ଇମ୍ପ୍ଲାଣ୍ଟେଶନ କରିଥିଲେ। ରୋଗୀ ଜଣଙ୍କୁ ଭିଟି ଷ୍ଟର୍ମ ଏବଂ ବାରମ୍ବାର ଆଇସିଡି ସକ୍ ଦିଆଯାଇଥିଲା। ଡା. ଜେନା ଏବଂ ଟିମ୍ ରୋଗୀଙ୍କଠାରେ ସଫଳତାର ସହ ଭିଟି ଆବ୍ଲେଶନ କରାଇଥିଲେ। ଏଭଳି ଜଟିଳ ଅସ୍ତ୍ରୋପଚାରକୁ ବିରଳ ବିବେଚନା କରାଯାଇ ତାଙ୍କୁ 'ବେଷ୍ଟ କ୍ଲିନିକାଲ କେସ୍' ପୁରସ୍କାର ପ୍ରଦାନ କରାଯାଇଛି। ଭାରତରୁ କାର୍ଡିଆକ୍ ଇଲେକ୍ଟ୍ରୋଫିଜିଓଲୋଜି କାର୍ଯ୍ୟ ଆନ୍ତର୍ଜାତିକ ସ୍ତରରେ ଖୁବ୍ କମ୍ ସ୍ୱୀକୃତି ପାଉଥିବାବେଳେ ଜଣେ ଓଡ଼ିଆ ଡାକ୍ତରଙ୍କୁ ଏହି ପୁରସ୍କାର ମିଳିବା ଓଡ଼ିଶା ସମେତ ଭାରତ ପାଇଁ ଗୌରବ ଆଣିଦେଇଛି। ଡା. ଜେନାଙ୍କ ଏହି ସଫଳତାରେ କିମ୍‌ସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଖୁସିବ୍ୟକ୍ତ କରିବା ସହ ଶୁଭେଚ୍ଛା ଜଣାଇଛନ୍ତି।

'କଟକ-ଦି ସିଟି ଅଫ୍ ମ୍ୟୁଜିୟମ୍ସ'

ପୁସ୍ତକରେ କଟକର ୯ ସଂଗ୍ରହାଳୟର ଗାଥା

ଭୁବନେଶ୍ୱର, ୨୨।୬(ବ୍ୟୁରୋ)

ମନ୍ତ୍ରୀ ପ୍ରତାପ ଜେନାଙ୍କ ସହ ଅନ୍ୟ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

ସିଲ୍‌ଭର ସିଟି ଭାବେ ପରିଚିତ ହଜାର ବର୍ଷର ପୁରାତନ କଟକ ସହରର ଐତିହ୍ୟ, ସଂସ୍କୃତି, ପରମ୍ପରା, କଳା, ଭାସ୍କର୍ଯ୍ୟ, ସ୍ୱପ୍ନ, ସଂଗ୍ରାମ, ପ୍ରଗତି ଏବଂ ସମୃଦ୍ଧିକୁ କଟକରେ ଅବସ୍ଥିତ ସଂଗ୍ରହାଳୟଗୁଡ଼ିକୁ ପରିଦର୍ଶନ କଲେ ବିସ୍ତୃତ ଭାବେ ଜାଣିହେବ। କଟକ କେବଳ ଏକ ସହର ନୁହେଁ ଏହା ସହିତ ଓଡ଼ିଶାର ଆବେଗ ଏବଂ ସ୍ୱାଭିମାନ ଜଡ଼ିତ। କଟକରେ ଅବସ୍ଥିତ ଐତିହ୍ୟସମ୍ପନ୍ନ ସଂଗ୍ରହାଳୟଗୁଡ଼ିକର ସମସ୍ତ ତଥ୍ୟକୁ ସନ୍ନିବେଶିତ 'କଟକ-ଦି ସିଟି ଅଫ୍ ମ୍ୟୁଜିୟମ୍ସ' ଏକ ଉପାଦେୟ ପୁସ୍ତକ ବୋଲି ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା କହିଛନ୍ତି। ରାଜା ପରିଜାଙ୍କ ଲିଖିତ ଏହି ପୁସ୍ତକକୁ ଶନିବାର ସଚିବାଳୟରେ ମନ୍ତ୍ରୀ ଉନ୍ମୋଚନ କରି କହିଛନ୍ତି, ଏହି ପୁସ୍ତକଟି ପର୍ଯ୍ୟଟକ, ବିଦ୍ୱାନ, ଗବେଷକ, ଛାତ୍ରୀଛାତ୍ର ଏବଂ ସାଧାରଣ ପାଠକଙ୍କ ପାଇଁ ଅତ୍ୟନ୍ତ ଉପଯୋଗୀ ହେବ।

କଟକ ସହରରେ ୯ଟି ସଂଗ୍ରହାଳୟ ରହିଛି। ପ୍ରତ୍ୟେକ ସଂଗ୍ରହାଳୟ ସ୍ୱତନ୍ତ୍ର ଏବଂ ସମଗ୍ର ଭାରତବର୍ଷରେ ଅଦ୍ୱିତୀୟ। କିନ୍ତୁ ସଚେତନତା ଅଭାବରୁ ଅନେକ ଲୋକ ଏହି ସଂଗ୍ରହାଳୟଗୁଡ଼ିକର ବିଶେଷତ୍ୱ ବିଷୟରେ ଅବଗତ ନୁହନ୍ତି। 'କଟକ ଦି ସିଟି ଅଫ୍ ମ୍ୟୁଜିୟମ୍ସ' କଟକର ଏସବୁ ସଂଗ୍ରହାଳୟଗୁଡ଼ିକର ଐତିହ୍ୟ ସଞ୍ଚାଳିତ ତଥ୍ୟ ଓ ସୁଦୃଶ୍ୟ ଫଟୋଚିତ୍ରରେ ପରିପୂର୍ଣ୍ଣ। ଏହି ଭିନ୍ନ ସ୍ୱାଦର ପୁସ୍ତକର ରଚୟିତା ରାଜା ପରିଜା ଓଡ଼ିଶା ସରକାରଙ୍କ ଜଣେ ବରିଷ୍ଠ ପ୍ରଶାସନିକ ଅଧିକାରୀ ଏବଂ ରାଜ୍ୟରେ ଜଣେ ପ୍ରମୁଖ ଫଟୋଗ୍ରାଫର ଭାବେ ସୁପରିଚିତ। ତାଙ୍କ ଦ୍ୱାରା ଉଠାଯାଇଥିବା ଫଟୋଗୁଡ଼ିକ ଗୋଟିଏ କଫି ଟେବୁଲ୍ ବୁକ୍‌ର ପରିପାଟୀକୁ ଅଧିକ ଆକର୍ଷଣୀୟ ଏବଂ ରୁଚିପୂର୍ଣ୍ଣ କରିପାରିଛି। ପୁସ୍ତକରେ ଐତିହାସିକ କଟକ ସହରର ଇତିହାସ ସହିତ ୧୮୧୪ରୁ ଭାରତର ସଂଗ୍ରହାଳୟ ଆନ୍ଦୋଳନର ଗୌରବୋଜ୍ଜ୍ୱଳ ଯାତ୍ରା ଏବଂ ୧୯୦୪ରୁ ଏଯାବତ୍ ଓଡ଼ିଶାର ସଂଗ୍ରହାଳୟ ଐତିହ୍ୟପୂର୍ଣ୍ଣ ଯାତ୍ରାକୁ ସ୍ଥାନିତ କରିଛି। ଏହା ଲେଖକଙ୍କର କଟକର ଐତିହ୍ୟ ଏବଂ ସଂସ୍କୃତି ଉପରେ ଆଧାରିତ ତୃତୀୟ ପୁସ୍ତକ। ପୁସ୍ତକ ଉନ୍ମୋଚନ ଅବସରରେ ରାଜା ପରିଜାଙ୍କ ସମେତ ବହୁ ବରିଷ୍ଠ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ।

ଭୁବନେଶ୍ୱର ବରମୁଣ୍ଡାସ୍ଥିତ ବିଜ୍ଞାପନ୍ ସଂସ୍ଥା କାର୍ଯ୍ୟାଳୟରେ 'ବିଜ୍ଞାପନ୍'ସ କ୍ୟାରିୟର ଗାଇଡ୍-୨୦୧୯କୁ ସମ୍ପାଦକ ଦିଲ୍ଲୀପ ମିଶ୍ର, ପ୍ରକାଶିକା ରଶ୍ମିତା ମହାପାତ୍ରଙ୍କ ସମେତ ଅନ୍ୟମାନେ ଉନ୍ମୋଚନ କରୁଛନ୍ତି।

ଶ୍ରୀଜୀଉଙ୍କ ରଥରେ ଲଗାଯିବାକୁ ଥିବା ହଂସପଟାରେ ଚିତ୍ରକାର ରଙ୍ଗ ଦେଉଛନ୍ତି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ ।
ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/main/selfie_list/
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି : metroselfie@gmail.com

ପ୍ରଦୀପ

ପ୍ରକାଶ

ପବିତ୍ର

ବାଦଲ

ଗୀତାଞ୍ଜଳି

ଆର୍ଯ୍ୟନନ୍ଦୀ

ବିଜୟଲକ୍ଷ୍ମୀ

ଜଗନ

୨୮ରେ ରଥଯାତ୍ରା ଶେଷ ସମନ୍ୱୟ ବୈଠକ

ପୁରୀ ଅଫିସ,୨୨।୬: ଆସନ୍ତା ୨୮ତାରିଖରେ ରଥଯାତ୍ରା ଶେଷ ସମନ୍ୱୟ ବୈଠକ ଅନୁଷ୍ଠିତ ହେବ। ବଡଦାଣ୍ଡସ୍ଥିତ ନୀଳାଦ୍ରି ଭକ୍ତ ନିବାସ ସମ୍ମିଳନୀ କକ୍ଷରେ ପୂର୍ବାହ୍ନରେ ହେବାକୁ ଥିବା ଏହି ବୈଠକରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅଧ୍ୟକ୍ଷତା କରିବେ। ପ୍ରତିବର୍ଷ ଶେଷ ରଥ ସମନ୍ୱୟ ବୈଠକରେ ମୁଖ୍ୟମନ୍ତ୍ରୀ ଯୋଗଦେଇ ପ୍ରସ୍ତୁତି ସମ୍ପର୍କରେ ଅବଗତ ହୋଇଥାନ୍ତି। ବିଗତ ଦୁଇବର୍ଷ ହେଲା ବୈଠକ ୩୦ରୁ ୪୫ ମିନିଟ୍ ମଧ୍ୟରେ ଶେଷ ହେଉଛି। କିନ୍ତୁ ଏଥର ବୈଠକ ପାଇଁ ଏକାଧିକ ପ୍ରସଙ୍ଗ ରହିଛି। ବିଶେଷକରି ବାତ୍ୟାରେ କ୍ଷତିଗ୍ରସ୍ତ ପୁରୀ ସହର ଧୀରେ ଧୀରେ ସ୍ୱାଭାବିକ ହେଉଥିବାବେଳେ ରଥଯାତ୍ରା ପାଇଁ ଲକ୍ଷ ଲକ୍ଷ ଭକ୍ତ ଆସିବେ। ସେମାନଙ୍କ ପାଇଁ ସହର କେତେଦୂର ପ୍ରସ୍ତୁତ ହୋଇଛି ସେ ନେଇ ବିଭାଗୀୟ ଅଧିକାରୀମାନେ ମତ ରଖିବେ। ଦେଖିବାକୁ ଗଲେ ଅନେକ ପ୍ରସ୍ତୁତି ପଛୁଆ ରହିଛି। ବିଶେଷକରି ସହରର ପରିମଳ ଏବଂ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ବିଗିଡ଼ି ଯାଇଛି। ପ୍ରତିଦିନ ଝାଡ଼ାବାନ୍ତି ରୋଗୀ ହସ୍ପିଟାଲକୁ ଆସୁଛନ୍ତି। ସହରକୁ ବାଦ୍ ଦେଲେ ଏ ପର୍ଯ୍ୟନ୍ତ ଉପକଣ୍ଠ ସବୁ ଅଞ୍ଚଳକୁ ବିଦ୍ୟୁତ୍ ଯୋଗାଣ ସ୍ୱାଭାବିକ ହୋଇପାରିନି। ଏହିସବୁ ପ୍ରସଙ୍ଗ ଦୃଷ୍ଟିରୁ ରଥଯାତ୍ରା ଶେଷ ସମନ୍ୱୟ ବୈଠକ ପ୍ରଶାସନିକ ଅଧିକାରୀଙ୍କ ଉପରେ ଭାରିପଡ଼ିବ ବୋଲି ଚର୍ଚ୍ଚା ହେଉଛି। ଅନ୍ୟପକ୍ଷରେ ଆସନ୍ତା ୨୬ତାରିଖରେ ରଥଯାତ୍ରା ପ୍ରସ୍ତୁତି ନେଇ ଟାଉନ ଥାନାରେ ମକ୍ ଡ୍ରିଲ୍ ହେବ ବୋଲି ଜଣାପଡ଼ିଛି।

ଅ-ବ୍ୟବସ୍ଥାକୁ ସଜାଡ଼ିଦେଉଥିବା ଶକ୍ତି

ଶ୍ରୀମନ୍ଦିରରେ ଉପାସନାର ବିବିଧତା ଦେଖିବାକୁ ମିଳେ। ବିବିଧତା ମଧ୍ୟରେ ଏକତା ଏବଂ ଏକତା ମଧ୍ୟରେ ବିବିଧତା ରହିବା ସନାତନୀୟ ପରମ୍ପରା। ଆଗମ ଏବଂ ନିଗମ ଆମର ବିବିଧତାର ପ୍ରତୀକ ପୁଣି ଏକତାର। ଶ୍ରୀମନ୍ଦିର ନାଟ ମନ୍ଦିରର ଦକ୍ଷିଣ ପଟର ବାହାର ପଟକୁ ଲାଗିରହିଛି ଦେବୀ ମନ୍ଦିରଟିଏ। ଦେବୀ ଇନ୍ଦ୍ରାଣୀ ଭାବରେ ସେ ପରିଚିତା। ଭିତରବେଢା ଓ ବାହାର ବେଢାରେ ଅନେକ ଦେବୀ ପୂଜା ପାଉଛନ୍ତି, ମାତ୍ର ମୂଳ ମନ୍ଦିର ସଂଯୁକ୍ତ ନାଟ ମନ୍ଦିରର କାନ୍ଥକୁ ଲାଗି ରହିଥିବା ମନ୍ଦିରରେ ଇନ୍ଦ୍ରାଣୀ ବିରାଜିତା।

ଶ୍ରୀବକ୍ରେଶ୍ୱର ମହାଦେବ ମଧ୍ୟ ଏହି ମନ୍ଦିରରେ ପୂଜା ପାଉଛନ୍ତି। ଅନୁସନ୍ଧାନରୁ ଜଣାଯାଏ ଏହି ମନ୍ଦିରର ମୁହଁ ପ୍ରଥମେ ପୂର୍ବ ଦିଗକୁ ଥିଲା। କେବଳ ଶ୍ରୀବକ୍ରେଶ୍ୱର ପୂଜା ପାଉଥିଲେ। ମା' ଇନ୍ଦ୍ରାଣୀ ହେଉଛନ୍ତି ରୋଷଆଡ଼ ଦେବୀ। ସେ ଦେବୀ ମହାବଜ୍ରେଶ୍ୱରୀ ରୂପରେ ପ୍ରାଚୀନ ରୋଷଶାଳାରେ ଥିଲେ। ସୂଚନାଯୋଗ୍ୟ, ମହାବଜ୍ରେଶ୍ୱର (ମହାକାଳ) ଓ ମହାବଜ୍ରେଶ୍ୱରୀଙ୍କର ଏକ ସ୍ୱତନ୍ତ୍ର ପୂଜା ଓଡ଼ିଶାର ଘରେ ଘରେ ପ୍ରାଚୀନ କାଳରୁ ପ୍ରଚଳିତ। ଶାମ୍ବଦଶମୀ ଦିନ ରାତିରେ ଘଡ଼ଘଡ଼ିଆ ତରକାରି ଓ ଚକୁଳି ପିଠା ତାଙ୍କୁ ଅର୍ପଣ କରାଯାଏ। ଏହି ପରମ୍ପରା ବଜ୍ର-ମହାକାଳ ପୂଜା ଭାବରେ ପ୍ରସିଦ୍ଧ। ମହାବଜ୍ରେଶ୍ୱରୀ ମୁଖ୍ୟତଃ ମହାକାଳୀ ନୁହନ୍ତି, କିନ୍ତୁ ମହାକାଳଙ୍କ ସହିତ ସେ

ଐତିହ୍ୟ ପୃଷ୍ଠାରୁ...

ଉପାସିତ ହୁଅନ୍ତି। ମହାକାଳ ହେଉଛନ୍ତି ଆମ ପରମ୍ପରାରେ ଶ୍ରୀଜଗନ୍ନାଥ। ଐତିହ୍ୟ ରହିଛି ଶ୍ରୀମନ୍ଦିରରେ ସବୁ ଅ-ବ୍ୟବସ୍ଥାକୁ ସୁବ୍ୟବସ୍ଥିତ କରାଇଥାନ୍ତି ମହାବଜ୍ରେଶ୍ୱରୀ। ମହାକାଳ ଦାରୁବ୍ରହ୍ମଙ୍କ ପୀଠରେ ସେ ହିଁ ରୋଷଆଡ଼େ ରହି ଉପାସନାକୁ ସୁବ୍ୟବସ୍ଥିତ କରୁଥିଲେ। ପ୍ରାଚୀନ ରୋଷଶାଳ ବର୍ତ୍ତମାନର ଶ୍ରୀସତ୍ୟନାରାୟଣଙ୍କ ମନ୍ଦିରକୁ ଲାଗି ରହିଥିଲା। ମେଘମାଳିଆ ସୁଆରଙ୍କ ପ୍ରସଙ୍ଗ ପରେ ଦେବୀ ବିଶେଷ ଭାବରେ ଚର୍ଚ୍ଚାକୁ ଆସିଥିଲେ। ପରେ ରୋଷଶାଳ ଘୁଞ୍ଚିଯାଇଛି। ଦେବୀ ସ୍ଥାନାନ୍ତରିତ ହୋଇ ଆସିଛନ୍ତି ଶ୍ରୀବକ୍ରେଶ୍ୱର ମହାଦେବଙ୍କ ମନ୍ଦିରକୁ। ୫ଫୁଟ ଉଚ୍ଚତାର ସିଂହାସନରେ ୨ଫୁଟ ୮ଇଞ୍ଚ ଉଚ୍ଚତା ବିଶିଷ୍ଟ ଦେବୀ ଦୁଇଭୁଜା। ବିସ୍ମୟକର କଥା ଦେବୀଙ୍କ ହାତରେ ଆୟୁଧ ନାହିଁ। ସମ୍ଭାବନା ହୁଏ, ମୋଗଲ ସୁବାଦାରମାନଙ୍କର ଶ୍ରୀମନ୍ଦିର ଆକ୍ରମଣ ବେଳେ କୌଣସି ମୂଲ୍ୟବାନ ଧାତୁର ଆୟୁଧ ଦେଖି ସେମାନେ ନେଇଯାଇଛନ୍ତି। ୩୬୫ ଦିନ ବଡ଼ା, ଲଡ୍ଡୁ ଓ ପଖାଳ ମହାପ୍ରସାଦ ଦେବୀଙ୍କୁ ସମର୍ପଣ ହେଉଅଛି। ଶାରଦୀୟ ଷୋଳପୂଜାବେଳେ ଦେବୀଙ୍କ ପାଇଁ ମାଣିକ ତେଲ (ରାଶି ତେଲ) ଖଞ୍ଜା ହୋଇଛି। ଚଣ୍ଡୀପାଠ ପାଇଁ ଦେବୀଙ୍କ ପାଖରେ ବ୍ରାହ୍ମଣ ପୂଜକ ଖଞ୍ଜା ନ ଥିବାବେଳେ ପ୍ରାଚୀନ କାଳରୁ ଶ୍ରୀଜୟକୃଷ୍ଣଙ୍କ ପୂଜାପଣ୍ଡାଙ୍କ ପରିବାର ଦେବୀଙ୍କ ଉପାସନା କଥା ବୁଝାଶୁଝା କରୁଛନ୍ତି। ଦେବୀଙ୍କୁ ନେଇ ରହିଛି ବହୁ ରୋଚକ ଐତିହ୍ୟ। ଓଡ଼ିଶାରେ ପ୍ରାୟ ସ୍ଥାନରେ ଇନ୍ଦ୍ରାଣୀଙ୍କ ପୂଜା ପ୍ରଚଳିତ ନ ଥିବାବେଳେ ଶ୍ରୀମନ୍ଦିରରେ ଏହାଙ୍କର ପୂଜା ରହସ୍ୟମୟ ମନେହୁଏ।

- ଡ. ସୁରେନ୍ଦ୍ର କୁମାର ମିଶ୍ର



ଚିତ୍ରଶିଳ୍ପୀ ନାରାୟଣ ମହାରଣାଙ୍କ ଦ୍ୱାରା ଅଙ୍କିତ ଶ୍ରୀମନ୍ଦିରରେ ବିଜେ କରିଥିବା ଦେବୀ ଇନ୍ଦ୍ରାଣୀଙ୍କ ରେଖାଚିତ୍ର।

ଅଣସର ସମୟର ନିଷିଦ୍ଧ ନିୟମ

ବିବାହିତ ଝିଅ ବାପଘରକୁ ଆସନ୍ତି ନାହିଁ

ପୁରୀ ଅଫିସ,୨୨।୬

ସରିଛି ସ୍ନାନଯାତ୍ରା। ଜ୍ୱରରେ ପୀଡ଼ିତ ମହାପ୍ରଭୁଙ୍କର ଅଣସର ଘରେ ଚାଲିଛି ଗୁପ୍ତସେବା। ଚତୁର୍ଦ୍ଧାବିଗ୍ରହଙ୍କ ସେବାରେ ଗୋଷ୍ଠୀଗତ ଭାବେ ଲାଗିପଡ଼ିଛନ୍ତି ଦଇତାପତି ସେବକ। ବେଶ୍ ନିଷ୍ଠା ଓ ଏକାଗ୍ରତାର ସହ ରହୁଛନ୍ତି। ଏହି ଅଣସର ସମୟରେ ଦଇତାପତି ପରିବାରର ବିବାହିତ ଝିଅମାନେ ବାପଘରକୁ ଆସନ୍ତି ନାହିଁ। ଠାକୁର ଅଣସରରେ ଥିବାବେଳେ ଏଭଳି କିଛି ନିୟମ ପାଳନ କରନ୍ତି ଦଇତାପତି ପରିବାର।

ଏ ସମ୍ପର୍କରେ ସୁଭଦ୍ରାଙ୍କ ବାଡ଼ଗ୍ରାହୀ ତଥା ବରିଷ୍ଠ ଦଇତାପତି ସେବକ ରାମଚନ୍ଦ୍ର ଦାସ ମହାପାତ୍ର କହିଛନ୍ତି, ଅଣସର ୧୫ଦିନ ପର୍ଯ୍ୟନ୍ତ ପ୍ରତ୍ୟେକ ଦଇତାପତି ପରିବାର ଶୁଦ୍ଧପୂତ ଭାବେ ରୁହନ୍ତି। ପବିତ୍ର ସ୍ନାନପୂର୍ଣ୍ଣିମା ପୂର୍ବରୁ ଘର, ପୋଷାକପତ୍ର ଇତ୍ୟାଦି ସଫା କରାଯାଏ। ରୋଷେଇ ଘର, ଠାକୁରଘର ଭଲ ଭାବେ ଧୁଆ ହୋଇ ଧଉଳା ଯାଏ। ସ୍ନାନପୂର୍ଣ୍ଣିମା ଦିନ ସ୍ନାନ ଜଳ ଆସିବା ପରେ ବଡ଼ବଡ଼ିଆଙ୍କୁ ଲାଗି କରାଯାଏ। ଏହି ସ୍ନାନ ଜଳ ମାଟିହାଣ୍ଡିରେ ପଡ଼ିବା ପରେ ହବିଷାନ୍ନ ତିଆରି ହୁଏ। ଦଇତାପତି ପରିବାରର ସ୍ତ୍ରୀ ଲୋକମାନେ ପାଟଶାଢି ପରିଧାନ କରି କାଠଚୁଲିରେ ହବିଷାନ୍ନ ତିଆରି କରିଥାନ୍ତି। ବର୍ତ୍ତମାନ ସମସ୍ତଙ୍କ ଘରେ କାଠଚୁଲି ନ ଥିଲେ ବି ଅଧିକାଂଶ ପରିବାର କାଠଚୁଲିରେ ହବିଷାନ୍ନ ପ୍ରସ୍ତୁତ କରନ୍ତି, ଯାହାର କାଠଚୁଲି ନାହିଁ ସେମାନେ ନୂଆ ଗ୍ୟାସ୍ ଚୁଲାରେ ହବିଷାନ୍ନ ତିଆରି କରନ୍ତି। ଶ୍ରୀମନ୍ଦିରରେ ଯେଉଁଭଳି ପାରମ୍ପରିକ ଭାବେ ବିଭିନ୍ନ ପରିବା ପଡ଼ି ଡାଲମା ଏବଂ ଅନ୍ନ ତିଆରି ହୁଏ ସେହିପରି ଡାଲମା, ଅନ୍ନ ପ୍ରତ୍ୟେକ ପରିବାରରେ ପ୍ରସ୍ତୁତ କରାଯାଏ। ଯିଏ ଯେଉଁଆଡେ ଯାଆନ୍ତି ସୂର୍ଯ୍ୟାସ୍ତ ପୂର୍ବରୁ ଫେରି ହବିଷାନ୍ନ ସେବନ କରନ୍ତି। ଦଇତାପତି ପରିବାରର ସମସ୍ତ ସଦସ୍ୟ ଅର୍ଥାତ୍ ପିଲାଙ୍କଠାରୁ ବୟସ୍କ ପର୍ଯ୍ୟନ୍ତ ସମସ୍ତେ ଦିନକୁ ଗୋଟିଏ ଥର ହବିଷାନ୍ନ ଖାଆନ୍ତି। କେହି ବାହାରେ କିଛି ବି ଖାଦ୍ୟ ଗ୍ରହଣ କରନ୍ତି ନାହିଁ କି ପାଣି ମଧ୍ୟ ପିଅନ୍ତି ନାହିଁ। କୌଣସି ପରିବାରର ଯଦି କେହି ବାହାରେ ଚାକିରି କରୁଥିବେ ତେବେ ଏହି ୧୫ ଦିନ ଛୁଟି ଆଣି ଘରକୁ ଆସନ୍ତି। ଶୁଦ୍ଧପୂତ ଭାବେ ପରିବାର ସଦସ୍ୟଙ୍କ ସହ ରହି ସମସ୍ତ ନୀତି ନିୟମ ପାଳନ କରିଥାନ୍ତି। ତେବେ ଏହି ସମୟରେ ବିବାହିତ ଝିଅମାନେ ବାପଘରକୁ ଆସନ୍ତି ନାହିଁ। ସେହିପରି ବନ୍ଧୁବାନ୍ଧବ ମଧ୍ୟ ଆସି ନ ଥାନ୍ତି। ଭିକାରିଙ୍କୁ ବି ଭିକ୍ଷା ଦିଆଯାଇ ନ ଥାଏ। ଅଣସର ୧୫ଦିନ ମହାପ୍ରଭୁ ଖଟ, ପଲଙ୍କ, ଗଦି, ମାଣ୍ଡି କିଛି ବି ବ୍ୟବହାର କରୁ ନ ଥିବାରୁ ଦଇତା ପରିବାରରେ ମଧ୍ୟ ଏହା ବ୍ୟବହାର ହୋଇ ନ ଥାଏ। ମୋଟାମୋଟି ସମସ୍ତେ ବିଳାସ ବ୍ୟସନରୁ ଦୂରେଇ ରହିବାକୁ ଚେଷ୍ଟା କରିଥାନ୍ତି। ଏପରି କି ଏହି ସମୟରେ ଦଇତାପତି ପରିବାର ସଦସ୍ୟମାନେ ସୁନା ଅଳଙ୍କାର ପ୍ରାୟ ପିନ୍ଧନ୍ତି ନାହିଁ ବୋଲି ଦଇତାପତି ସେବକ ଦାସମହାପାତ୍ର କହିଛନ୍ତି।

ରଥଯାତ୍ରା ସିଧା ପ୍ରସାରଣ ଆଲୋଚନା

ସବୁ ଚ୍ୟାନେଲ ଦେବେ ଅର୍ଥରାଶି

ପୁରୀ ଅଫିସ,୨୨।୬

ରଥଯାତ୍ରା ସିଧା ପ୍ରସାରଣ ପ୍ରସଙ୍ଗ ନେଇ ଶନିବାର ବିଭିନ୍ନ ଟିଭି ଚ୍ୟାନେଲ ପ୍ରତିନିଧି ଓ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ମଧ୍ୟରେ ଆଲୋଚନା ହୋଇଛି। ଏହି ଆଲୋଚନା କିନ୍ତୁ ସବୁ ଚ୍ୟାନେଲ ପ୍ରତିନିଧିଙ୍କୁ ଏକାଠି ବସାଇ କରାଯାଇ ନ ଥିଲା। ଜଣ ଜଣ କରି ଟିଭି ଚ୍ୟାନେଲ ପ୍ରତିନିଧିଙ୍କ ସହ ଆଲୋଚନା କରିଥିଲେ ମୁଖ୍ୟ ପ୍ରଶାସକ। କୌଣସି ଚ୍ୟାନେଲକୁ ସିଧା ପ୍ରସାରଣରୁ ବାଦ୍ ଦିଆଯିବ ନାହିଁ, ସମସ୍ତଙ୍କୁ ପ୍ରସାରଣର ସୁଯୋଗ ମିଳିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଥିଲା। ହେଲେ ଏଥିପାଇଁ ସବୁ ଚ୍ୟାନେଲକୁ ଶ୍ରୀମନ୍ଦିର ପାଣ୍ଠିକୁ ଅର୍ଥ ଦେବାକୁ ପଡ଼ିବ। ଚ୍ୟାନେଲଗୁଡ଼ିକୁ ଭିନ୍ନ ଭିନ୍ନ ପରିମାଣର ଅର୍ଥରାଶି ଦେବା ପାଇଁ କୁହାଯାଇଛି। ଅନ୍ୟପକ୍ଷରେ ଭାଷ୍ୟକାରଙ୍କ ପାଇଁ ଲକ୍ଷ୍ମଣରେଖା ଟାଣିଛି ମନ୍ଦିର ପ୍ରଶାସନ। ମହାପ୍ରଭୁଙ୍କ ରଥଯାତ୍ରା, ଐତିହ୍ୟ, ପରମ୍ପରା କହିବାବେଳେ ଭାଷ୍ୟକାରମାନେ ଯେପରି ଠିକ୍ ତଥ୍ୟ ଉପସ୍ଥାପନ କରିବେ ସେଥିପାଇଁ ଚ୍ୟାନେଲ ପ୍ରତିନିଧିଙ୍କୁ କୁହାଯାଇଛି। ସେମାନେ ଆଣୁଥିବା ଭାଷ୍ୟକାରଙ୍କୁ ଏ ବାବଦରେ ଅବଗତ କରାଇବାକୁ ମନ୍ଦିର ପ୍ରଶାସକ କହିଛନ୍ତି।

ରଥଯାତ୍ରା ସିଧା ପ୍ରସାରଣ ପାଇଁ ମନ୍ଦିର ପ୍ରଶାସନ ପ୍ରଥମେ ବିଡ଼ିଂ ଆହ୍ୱାନ କରି ପରେ ଏଥିରୁ ଓହରି ଯାଇଥିଲା। ତେବେ ସର୍ବାଧିକ ଟଙ୍କାର ବିଡର ଥିବା ଚ୍ୟାନେଲକୁ ସବୁଠୁ ଅଧିକ ଅର୍ଥରାଶି ଦେବାକୁ କୁହାଯାଇଛି। ବିଭିନ୍ନ ଚ୍ୟାନେଲକୁ ଭିନ୍ନ ଭିନ୍ନ ଅର୍ଥରାଶି ଦେବାକୁ କୁହାଯାଇଛି। ଯେଉଁ ଚ୍ୟାନେଲ ଅନ୍ୟଠାରୁ ଫିଡ୍ ନେବେ ସେମାନଙ୍କୁ ମଧ୍ୟ ଅର୍ଥରାଶି ଦେବାକୁ କହିଛି ମନ୍ଦିର ପ୍ରଶାସନ। ଫଳରେ ସମ୍ପୃକ୍ତ ଚ୍ୟାନେଲଗୁଡ଼ିକ ଉପରେ ଦୁଇଆଡୁ ବୋଝ ପଡୁଛି। ଯାହାଠୁ ଫିଡ୍ ଆଣିବେ ତାକୁ ଏବଂ ଶ୍ରୀମନ୍ଦିର ପ୍ରଶାସନକୁ ଅର୍ଥରାଶି ଦେବାକୁ ହେବ। ସେହିପରି ରଥଯାତ୍ରା ସମୟରେ ବିଭିନ୍ନ ଚ୍ୟାନେଲ ଭାଷ୍ୟକାରଙ୍କୁ ଡାକିଥାନ୍ତି। କିନ୍ତୁ ଅଧିକାଂଶ ଭାଷ୍ୟକାର ରଥଯାତ୍ରା ଏବଂ ଜଗନ୍ନାଥ ସଂସ୍କୃତି, ପରମ୍ପରା ସମ୍ପର୍କରେ କହିବାବେଳେ ଭୁଲ୍ ସୂଚନା ବି ଦେଉଛନ୍ତି। ଏମିତି କି ଅନେକ ମନଗଢା କାହାଣୀ ବି କହୁଛନ୍ତି। ତେଣୁ ଏ ଦିଗରେ ସଚେତନ ହେବାକୁ ଚ୍ୟାନେଲ ପ୍ରତିନିଧିମାନଙ୍କୁ କୁହାଯାଇଛି। ମହାପ୍ରଭୁଙ୍କ ରୀତିନୀତି, ଐତିହ୍ୟ, ପରମ୍ପରା ଲୋକଙ୍କ ପାଖରେ ଯେପରି ଠିକ୍ ଭାବେ ପହଞ୍ଚିବ ଏ ନେଇ ଭାଷ୍ୟକାରଙ୍କୁ ଅବଗତ କରାଇବା ପାଇଁ ପରାମର୍ଶ ଦିଆଯାଇଛି। ସବୁ ଚ୍ୟାନେଲକୁ ଭାଷ୍ୟକାରଙ୍କ ତାଲିକା ଦେବାକୁ କୁହାଯାଇଥିବାବେଳେ କେତେକ ଚ୍ୟାନେଲ ସେମାନଙ୍କ ତାଲିକା ପ୍ରଦାନ କରିସାରିଥିବା ସୂଚନା ମିଳିଛି।

ଶ୍ରୀଗୁଣ୍ଡିଚା ମନ୍ଦିର ନେବ ନୂଆ ରୂପ

ପୁରୀ ଅଫିସ, ୨୨।୬

ପୁରୀ ଶରଧାବାଲିରେ ଅବସ୍ଥିତ ଶ୍ରୀଗୁଣ୍ଡିଚା ମନ୍ଦିର। ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରାରେ ଚତୁର୍ଦ୍ଧାବିଗ୍ରହ ଏଠାକୁ ନବଦିନାତ୍ମକ ଯାତ୍ରାରେ ଯାଇଥାନ୍ତି। ଏହି ମନ୍ଦିରକୁ ଗୁଣ୍ଡିଚା ମଣ୍ଡପ, ଯଜ୍ଞବେଦି, ମହାବେଦି, ରାସମଣ୍ଡପ ଆଦି ବିଭିନ୍ନ ନାମରେ ଅଭିହିତ କରାଯାଏ। ଶ୍ରୀଗୁଣ୍ଡିଚା ମନ୍ଦିରର ଯେଉଁ ସିଂହାସନରେ ଦାରୁଦିଅଁ ବିଜେ କରନ୍ତି ତାକୁ ଆଡ଼ପ ମଣ୍ଡପ କୁହାଯାଏ। ଗୁଣ୍ଡିଚା ମନ୍ଦିର ହେଉଛି ମହାପ୍ରଭୁଙ୍କ ଆବିର୍ଭାବ ସ୍ଥଳ। ବର୍ଷତମାମ୍ ଶ୍ରଦ୍ଧାଳୁ ଏହି ମନ୍ଦିରକୁ ଆସିଥାନ୍ତି। ତେଣୁ ଏହା ପରିସରରେ ମହାପ୍ରଭୁଙ୍କ ଆବିର୍ଭାବ ପ୍ରସଙ୍ଗ ସ୍ଥାନିତ କରିବାକୁ ଶ୍ରୀମନ୍ଦିର ପରିଚାଳନା କମିଟି ନିଷ୍ପତ୍ତି ନେଇଛି। ଗୁଣ୍ଡିଚା ମନ୍ଦିରର ବାହାର ପ୍ରାଚୀରରେ ଐତିହାସିକ ଓ ଭିତରବେଢା କାନ୍ଥଗୁଡ଼ିକରେ ପଟଚିତ୍ର ଶୈଳୀରେ ମହାପ୍ରଭୁଙ୍କ ଆବିର୍ଭାବ ପ୍ରସଙ୍ଗ ରହିବ ବୋଲି ସ୍ଥିର ହୋଇଛି। ଫଳରେ ମନ୍ଦିରକୁ ବୁଲି ଆସୁଥିବା ଭକ୍ତମାନେ ଦାରୁବିଗ୍ରହଙ୍କ ଆବିର୍ଭାବ କଥା ଜାଣିପାରିବେ।

ଗତ ମାସରେ ଅନୁଷ୍ଠିତ ପରିଚାଳନା କମିଟି ବୈଠକରେ ଗୁଣ୍ଡିଚା ମନ୍ଦିର ମରାମତି ପ୍ରସଙ୍ଗ ଉଠିଥିଲା। ବାତ୍ୟାରେ କ୍ଷତିଗ୍ରସ୍ତ ହୋଇଥିବାରୁ କାମ କେତେଦୂର ଯାଇଛି ସେ ନେଇ ସଦସ୍ୟମାନେ ଆଲୋଚନା କରିଥିଲେ। ଗୁଣ୍ଡିଚା ମନ୍ଦିର ଭିତରବେଢା ବାରଣ୍ଡାଗୁଡ଼ିକର ସ୍ଥାୟୀ ପାର୍ଟିଶନ କାମ ଚାଲିଥିବା ମୁଖ୍ୟ ପ୍ରଶାସକ କମିଟିକୁ ଅବଗତ କରାଇଥିଲେ। ଗଜପତି ମହାରାଜା କହିଥିଲେ, ଗୁଣ୍ଡିଚା ମନ୍ଦିର ଉନ୍ନୟନ କାମ ପରିଚାଳନା କମିଟି ଦ୍ୱାରା ମାଷ୍ଟର ପ୍ଲାନ ଅନୁମୋଦିତ ଅନୁଯାୟୀ ହେବା ଦରକାର। ଶ୍ରୀଗୁଣ୍ଡିଚା ମନ୍ଦିର ହେଉଛି ମହାପ୍ରଭୁଙ୍କର ଅତି ପବିତ୍ର ଆବିର୍ଭାବ ସ୍ଥଳ। ପରିଚାଳନା କମିଟି ଦ୍ୱାରା ଅନୁମୋଦିତ ମାଷ୍ଟରପ୍ଲାନ ଅନୁସାରେ ବାହାର ପ୍ରାଚୀରରେ ଐତିହାସିକ ଏବଂ ଭିତରବେଢା କାନ୍ଥଗୁଡ଼ିକରେ ପଟଚିତ୍ର ଶୈଳୀରେ ମହାପ୍ରଭୁଙ୍କ ଆବିର୍ଭାବ ପ୍ରସଙ୍ଗ ରହିବ। ତେଣୁ ବର୍ତ୍ତମାନ ପାର୍ଟିଶନ ହେଉ କିମ୍ବା ଯାହା ବି କାମ ହେଉଛି ତାହା ଅସ୍ଥାୟୀ ଭାବେ କରାଯାଉ। ନୀଳାଦ୍ରିବିଜେ ପରେ ଗୁରୁତ୍ୱ ଦିଆଯାଇ ସ୍କନ୍ଦପୁରାଣ ଆଧାରରେ ମାଷ୍ଟରପ୍ଲାନ ଅନୁଯାୟୀ କାମ କରାଯାଉ। ଏଥିରେ ସମସ୍ତ ସଦସ୍ୟ ଏକମତ ହୋଇଛନ୍ତି। ତେଣୁ ଆଗକୁ ଗୁଣ୍ଡିଚା ମନ୍ଦିର ପ୍ରାଚୀର ଓ କାନ୍ଥରେ ମହାପ୍ରଭୁଙ୍କ ଆବିର୍ଭାବ ପ୍ରସଙ୍ଗ ଦେଖିହେବ ବୋଲି କୁହାଯାଉଛି।

କିମ୍ବଦନ୍ତୀ ଅନୁଯାୟୀ, ଜାରା ଶବର ଶରରେ ଦ୍ୱାରିକାଧିପତି ଶ୍ରୀକୃଷ୍ଣ ପ୍ରାଣ ଛାଡ଼ିଥିଲେ। ଶେଷତମ ଆତ୍ମୀୟ ଭାବେ ପାଣ୍ଡବଗଣ ସଖା ଶ୍ରୀକୃଷ୍ଣଙ୍କ ଶରୀରକୁ ଦାହ କରିବା ପାଇଁ ଚେଷ୍ଟା କରି ବିଫଳ ହେଲେ। କାରଣ ଅଗ୍ନିର ଦାହିକା ଶକ୍ତି ନିକଟରେ ପୂର୍ଣ୍ଣବ୍ରହ୍ମ ସ୍ୱରୂପ ଶ୍ରୀକୃଷ୍ଣଙ୍କ ଶରୀରକୁ ପଞ୍ଚଭୂତରେ ବିଲୀନ କରିବାର ସାମର୍ଥ୍ୟ ନ ଥିଲା। ଶୂନ୍ୟବାଣୀ ହେଲା ଶ୍ରୀକୃଷ୍ଣଙ୍କ ନାଭିକମଳ ଅଗ୍ନିରେ ଭସ୍ମ ହେବ ନାହିଁ, ତୁମ୍ଭେମାନେ ତାହାକୁ ମହୋଦଧିରେ ବିସର୍ଜନ କରିଦିଅ। ପାଣ୍ଡବମାନେ ତାହା ହିଁ କଲେ। ଶ୍ରୀକୃଷ୍ଣଙ୍କ ଅର୍ଦ୍ଧଦଗ୍ଧ ପିଣ୍ଡ ଦାରୁ ରୂପରେ ବାଙ୍କୀ ମୁହାଣରେ ଆବିର୍ଭାବ ହେଲା। ସମୁଦ୍ରରେ ଭାସୁଥିବା ସେହି ଦାରୁକୁ ଆଣି ରାଜା ଇନ୍ଦ୍ରଦ୍ୟୁମ୍ନ ଶ୍ରୀଗୁଣ୍ଡିଚା ମନ୍ଦିରରେ ରଖିଥିଲେ। ସ୍ୱୟଂ ମହାପ୍ରଭୁ ଜଣେ ବୃଦ୍ଧ ବେଶରେ ଆସି ସେହି ଦାରୁରେ ମୂର୍ତ୍ତି ପ୍ରସ୍ତୁତ କଲେ। ସର୍ତ୍ତ ଥିଲା ମୂର୍ତ୍ତି ସମ୍ପୂର୍ଣ୍ଣ ନ ହେବା ଯାଏ ଦ୍ୱାର ଖୋଲାଯିବ ନାହିଁ। ରାଣୀଙ୍କ କଥାରେ ୧୫ଦିନ ପରେ ଦ୍ୱାର ଖୋଲିଦିଆଗଲା। ମୂର୍ତ୍ତି ନିର୍ମାଣ କରୁଥିବା ବୃଦ୍ଧ ଉଭାନ ହୋଇଗଲେ। କେବଳ ଅଧାଗଢା ମୂର୍ତ୍ତି ରହିଗଲା। ଏହି ଅଧାଗଢା ଦାରୁଦିଅଁଙ୍କୁ ଶ୍ରୀମନ୍ଦିରରେ ପ୍ରତିଷ୍ଠା କରାଗଲା। ସେହି ସମୟରେ ମହାପ୍ରଭୁ କହିଥିଲେ, ହେ ରାଜା ବର୍ଷକୁ ଥରେ ମୋତେ ଜନ୍ମଭୂମିକୁ ଆଣିବ। ସେଥିପାଇଁ ମହାପ୍ରଭୁ ଗୁଣ୍ଡିଚା ଘରକୁ ବୁଲିଯାନ୍ତି ଓ ବାହୁଡ଼ିଆନ୍ତି। ଶ୍ରୀଗୁଣ୍ଡିଚା ମନ୍ଦିର ହେଉଛି ଦାରୁବିଗ୍ରହଙ୍କ ଆବିର୍ଭାବ ସ୍ଥଳ।

କାନ୍ଥ, ପ୍ରାଚୀର କହିବ ମହାପ୍ରଭୁଙ୍କ ଆବିର୍ଭାବ କଥା



ଶ୍ରୀଗୁଣ୍ଡିଚା ମନ୍ଦିର ପାଚେରି ରଙ୍ଗ କରାଯାଉଛି।

'ମହାପ୍ରଭୁଙ୍କ ସେବା ଲାଗି ଜ୍ୱର ଭଲ ହୋଇଯାଇଥିଲା'

ମୋ ଅନୁଭୂତିରୁ...

ବଡ଼ ଓଡ଼ିଆ ମଠର ମହନ୍ତ ଅଧିକାରୀ ବଂଶୀଧର ଦାସ ଗୋସ୍ୱାମୀ।

ମହାପ୍ରଭୁଙ୍କ ଅଣସର ଗୁପ୍ତ ନୀତି ପାଇଁ ପରମ୍ପରା ମୁତାବକ ବଡ଼ ଓଡ଼ିଆ ମଠ ଫୁଲୁରି ତେଲ ଯୋଗାଇ ଦେଉଛି। ମହାପ୍ରଭୁଙ୍କ ଏହି ଅନନ୍ୟ ସେବା କରିଆସୁଥିବା ବଡ଼ ଓଡ଼ିଆ ମଠର ମହନ୍ତ ଅଧିକାରୀ ବଂଶୀଧର ଦାସ ଗୋସ୍ୱାମୀ ଅନେକ ଅନୁଭୂତି ସାଉଣ୍ଟିଛନ୍ତି। ଏକ ଅଭୁଲା ଅନୁଭୂତି ସମ୍ପର୍କରେ ସେ କହିଛନ୍ତି, ୨୦୦୭ ମସିହା ରଥଯାତ୍ରା ସମୟର କଥା। ତିନିରଥ ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଲାଗିଲା। ଏହାପରେ ମଠ ପକ୍ଷରୁ ଯାହା ବିଧି ଥିଲା ତାହା ସମ୍ପନ୍ନ କରି ରଥଯାତ୍ରା ପରଦିନ ରାତି ପ୍ରାୟ ୧୨ଟାରେ ଅନ୍ୟ ମଠ ମହନ୍ତଙ୍କ ସହ ମୁଁ ଫେରୁଥାଏ। ପ୍ରବଳ ବର୍ଷା ଯୋଗୁ ବଡ଼ଦାଣ୍ଡରେ ଆଣ୍ଠୁଏ ଉଚ୍ଚର ପାଣି ଜମିଥାଏ। ରାତିରେ ସେହି ପାଣିରେ ଚାଲି ଚାଲି ଆସୁଥାଏ। ମଝିରେ ଅସରାଏ ବର୍ଷା ବି ହେଲା। ହେଲେ କେଉଁଠି ଆଶ୍ରୟ ନ ନେଇ ସେହି ବର୍ଷାରେ ଓଦା ହୋଇ ମଠରେ ପହଞ୍ଚିଲି। ସକାଳକୁ ପ୍ରବଳ ଜ୍ୱର। ଆଉ ଦୁଇଦିନ ପରେ ହେରାପଞ୍ଚମୀ। ଆସନ୍ତାବର୍ଷ ପାଇଁ ଫୁଲୁରି ତେଲ ଲାଗି ସାମଗ୍ରୀ ପ୍ରସ୍ତୁତ କରାଯାଇ ମାଟିତଳେ ପୋତାଯିବ। ଏହି କଥା ଭାବୁଥାଏ। ହେଲେ ଜ୍ୱର ବଢୁଥାଏ ସିନା କମୁ ନ ଥାଏ। ହେରାପଞ୍ଚମୀ ଦିନ ସକାଳୁ ଜ୍ୱର ଏତେମାତ୍ରାରେ ଥିଲା ଯେ, ଉଠିବା ପାଇଁ ଆଦୌ ଇଚ୍ଛା ହେଉ ନ ଥାଏ। ସକାଳୁ ଜଣେ ଡାକ୍ତର ମଠରେ ପହଞ୍ଚିଲେ। ସେ ଜ୍ୱର ମାପି କିଛି ଔଷଧପତ୍ର ଦେଇ ବସିଥାନ୍ତି। ମୁଁ ମୁହଁ ତଳକୁ କରି ଶୋଇଥାଏ। ସେଇଠି ମହାପ୍ରଭୁଙ୍କୁ ସ୍ମରଣ କଲି। ପ୍ରଭୁ, ମୋତେ ଗୋଟିଏ ସେବା କରିବାର ସୁଯୋଗ ଦେଲ। ହେଲେ ଆଜି ଏମିତି ଅବସ୍ଥା ଯେ ସେହି ସେବା କରିବା ମୋ ପକ୍ଷେ ସମ୍ଭବ ହେଉନି। ଯାହା କରୁଛ କର, ମାତ୍ର ୨ଘଣ୍ଟା ପାଇଁ ମୋତେ ଟିକେ ସୁସ୍ଥ କରିଦିଅ। ଫୁଲୁରି ତେଲ ପ୍ରସ୍ତୁତି ବିଧି ସରିବା ପରେ ବରଂ ଦେହ ଖରାପ ହେଉ। ଯଦି କିଛି କର୍ମଫଳ ଅଛି ମୁଁ ଭୋଗିବାକୁ ପ୍ରସ୍ତୁତ ବୋଲି ଏମିତି ମନେ ମନେ ଠାକୁରଙ୍କୁ ଡାକୁଥାଏ। ଏହାପରେ ଯାହା ଘଟିଲା ଆଜି କହିବା ବେଳକୁ ଦେହ ଶୀତେଇ ଯାଉଛି। ହଠାତ୍ ମୁଁ କିଛି ଜାଣିପାରିଲିନି। ହେଲେ ଅନୁଭବ କଲି ଜଣେ ତ୍ରିପଣ୍ଡ କଳା (ସୁନ୍ଦର ଚେହେରା), ବୟସ୍କ ବ୍ୟକ୍ତି ମୋ' ମୁଣ୍ଡଠାରୁ ପିଠି ପର୍ଯ୍ୟନ୍ତ ହାତ ମାରିଦେଲେ। କହିଲେ କିଛି ହେବନି, ଯଦି ମୋ' ପାଖରେ ତୁ ସମ୍ପୂର୍ଣ୍ଣ ସମର୍ପିତ ତେବେ ମୋ' ଉପରେ କ'ଣ ଭରସା ନାହିଁ? ମୋ' ସେବା କରିବା ପାଇଁ ତତେ ଆଣିଛି ପରା। ତୁ ସେହି ସେବା କରିବୁ, ଏତିକି କହି ପୁଣି ଆଉଁଷି ଦେଇ କେଉଁଆଡେ ଚାଲିଗଲେ। ହଠାତ୍ ମୋ' ନିଦ ଭାଙ୍ଗିଗଲା। ଘର ଆଲୋକିତ ହୋଇଗଲା ଆଉ ଚନ୍ଦନ, କର୍ପୂର, କସ୍ତୁରୀ ମହମହ ହୋଇ ବାସିଲା। ଡାକ୍ତର ବି ସେଇଠି ବସିଛନ୍ତି। ସେ ବି କହିଲେ କଣ ଗୋଟିଏ ବାସ୍ନା ହେଲା। ଏହାପରେ ଉଠିବସିଲି। କହିଲି ଗାଧୋଇବି। ଡାକ୍ତର କହିଲେ ଜ୍ୱର ଏତେ ଅଛି, ଗାଧୋଇବ କଣ? କହିଲି, ନା କିଛି ନାହିଁ। ସେତେବେଳକୁ ଜ୍ୱର ସମ୍ପୂର୍ଣ୍ଣ ଛାଡ଼ିଯାଇଥିଲା। ସମସ୍ତେ ଆଶ୍ଚର୍ଯ୍ୟ ହୋଇଗଲେ। ଏହାପରେ ଗାଧୋଇ ଫୁଲୁରି ତେଲ ପ୍ରସ୍ତୁତିର ସବୁ କର୍ମ ଶେଷ କରିବାର ପ୍ରାୟ ଘଣ୍ଟାଏ ପରେ ପୁଣି ଯେଉଁ ଜ୍ୱରକୁ ସେହି ଜ୍ୱର। ଧୀରେ ଧୀରେ ପ୍ରାୟ ୩ଦିନ ପରେ ପୁଣି ସମ୍ପୂର୍ଣ୍ଣ ସୁସ୍ଥ ହେଲି। ଏହା କେବଳ ମହାପ୍ରଭୁଙ୍କ ଇଚ୍ଛା ବୋଲି ମହନ୍ତ ଅଧିକାରୀ କହିଛନ୍ତି।

ପ୍ରଥମ ଭୂଇଁ ଖଞ୍ଜା କାମ ଆରମ୍ଭ

ପୁରୀ ଅଫିସ,୨୨।୬

ଶ୍ରୀନଅର ସମ୍ମୁଖରେ ଚାଲିଛି ରଥକାମ। ଶନିବାର ସୁଦ୍ଧା ତିନିରଥର ଯୋଖା କାମ ସରିଛି। ଦଣ୍ଡା, ଅଖ ଓ ଗୟଳକୁ ଯୋଖା ଧରି ରଖିଥାଏ। ଅନ୍ୟପଟେ ଶନିବାରଠାରୁ ପ୍ରଥମ ଭୂଇଁ ଖଞ୍ଜା କାମ ଆରମ୍ଭ ହୋଇଛି। ପ୍ରଥମ ଭୂଇଁରେ ୪ଟି ଚଉତା ଏବଂ ୨ଟି ଓରା ମୋଟ ୬ଟି

ରଥଖଳାରୁ...

କାଠକୁ ଖଞ୍ଜାଯାଇଥାଏ। ଚଉତାରେ ବିନ୍ଧ କାମ ସରିଛି। ଏହି ବିନ୍ଧରେ ୧୬ଟି ପାଖୁଡ଼ା ଲାଗିଥାଏ। ୧୪ ନାହାକା କାଠ ହଣା ଚାଲିଛି। ବର୍ତ୍ତମାନ ସୁଦ୍ଧା ତିନିରଥର ୬ଟି ଲେଖାଏ ନାହାକା କାମ ଶେଷ ହୋଇଛି। ସେହିପରି ତାଳଧ୍ୱଜ ରଥର ଶୋଧ କାମ ସରିଛି। ରଥର ବାହାରକୁ ବାହାରିଥିବା ବଳକା ଅଂଶ କଟାଯିବାକୁ ଶୋଧ ବୋଲି କୁହାଯାଏ। ନନ୍ଦିଘୋଷ ଓ ଦର୍ପଦଳନ ରଥର ରବିବାର ଶୋଧ କରାଯିବ ବୋଲି ମହାରଣା ସେବକ ନାରାୟଣ ମହାରଣା କହିଛନ୍ତି। ତିନିରଥର ୨୦ଫୁଟିଆ ଧଉରା ଚାର ପରଛା କାଠ ପ୍ରସ୍ତୁତି ସରିଛି। ଏଥିରେ ଘୋଡ଼ା ଲାଗିଥାଏ। ତାଳଧ୍ୱଜ ରଥର ରୂପକାର ପଞ୍ଚାନନ ମହାପାତ୍ର କହିଛନ୍ତି, ରଥରେ ପଟାଗୁଜ ଚାଲିଛି। ପଟାଗୁଜରେ ନର ବିରାଳ, ସିଂହ ବିରାଳ ଓ ଗଜ ବିରାଳ କରାଯାଏ। ପ୍ରଥମେ ଖଡ଼ିରେ ଗାରେଇ ସେଥିରେ ଖୋଦେଇ କରାଯାଏ। ନାଟଗୋଡ଼ ଓ ସିଂହାସନ କାମ ମଧ୍ୟ ଜାରି ରହିଛି। ଶ୍ରୀମନ୍ଦିର କାର୍ଯ୍ୟାଳୟ ପରିସରରେ ଚିତ୍ରକାର ସେବକ ପାର୍ଶ୍ୱଦେବଦେବୀଙ୍କ ଚିତ୍ର ଅଙ୍କନ କରୁଛନ୍ତି। ତାଳଧ୍ୱଜ ରଥର କମାର ସେବକ ଜଗନ୍ନାଥ ମହାରଣା କହିଛନ୍ତି, ତାଗ କଣ୍ଟା ତିଆରି ଚାଲିଛି। ଏହାର ଲମ୍ବ ୬ରୁ ୭ଇଞ୍ଚ ହେଉଥିବା ବେଳେ ପ୍ରତି ରଥ ଲାଗି ୨୦୮ଟି ଲେଖାଏ କଣ୍ଟା ଆବଶ୍ୟକ ହୋଇଥାଏ।



ଯାହାର ଚିତ୍ତ ସ୍ଥିର ନୁହେଁ, ତା'ଠାରୁ
କେବେ ବିଜ୍ଞତା ଆଶା କରନାହିଁ।
- ଶିଶେରୋ

ସଂକ୍ଷେପରେ

ଭୁଆସୁଣୀ ମନ୍ଦିର ନିକଟରୁ ମୃତଦେହ ଜବତ

କଟକ ଅଫିସ,୨୨।୬: ବିଡ଼ାନାସୀ ଥାନା ଅନ୍ତର୍ଗତ ଭୁଆସୁଣୀ ମନ୍ଦିର ନିକଟରୁ ଶନିବାର ଜଣେ ବ୍ୟକ୍ତିଙ୍କ ମୃତଦେହ ପୋଲିସ ଜବତ କରିଛି। ମୃତଦେହର ବିଭିନ୍ନ ସ୍ଥାନରେ କ୍ଷତଚିହ୍ନ ରହିଥିବାବେଳେ ପୋଲିସ ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ମେଡିକାଲ ପଠାଇଛି। ମୃତକଙ୍କ ପରିଚୟ ମିଳି ନ ଥିବାବେଳେ ବୟସ ୩୫ ବର୍ଷ ହେବ ବୋଲି ବିଡ଼ାନାସୀ ଥାନା ଅଧିକାରୀ ଲକ୍ଷ୍ମୀନାରାୟଣ ତିୱାରୀ କହିଛନ୍ତି। ତିୱାରୀଙ୍କ କହିବା ଅନୁଯାୟୀ, ଶନିବାର ମନ୍ଦିର ପୂଜାରୀ ସେଠାରେ ମୃତଦେହ ପଡ଼ିଥିବା ନେଇ ପୋଲିସକୁ ଜଣାଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିବା ସହ ଘଟଣାର ତଦନ୍ତ କରିଛି। ତେବେ ପ୍ରାଥମିକ ତଦନ୍ତରୁ ଉକ୍ତ ବ୍ୟକ୍ତିଙ୍କ ମାନସିକ ସ୍ଥିତି ଠିକ୍ ନ ଥିବାବେଳେ ସେ କିଛିଦିନ ହେବ ଉକ୍ତ ଅଞ୍ଚଳରେ ବୁଲାବୁଲି କରୁଥିଲେ ବୋଲି ତିୱାରୀ କହିଛନ୍ତି।

ଜଳିଗଲା ନୂଆ କାର

ଭୁବନେଶ୍ୱର, ୨୨।୬(ବ୍ୟୁରୋ): ଚନ୍ଦ୍ରଶେଖରପୁର ଥାନା ନିଳାଦ୍ରିବିହାର ନିକଟରେ ଏକ ଚଳନ୍ତା କାର ଜଳିଯାଇଛି। ଡ୍ରାଇଭର ତ୍ରିନାଥ ସାହୁ ଜଳନ୍ତା କାରରୁ ଡେଇଁପଡିବାରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଉକ୍ତ କାର୍‌ଟି ନିକଟରେ କିଣାଯାଇଥିଲା। ଡ୍ରାଇଭର ତ୍ରିନାଥ କାର୍ ନେଇ ସ୍ଥାନୀୟ ଏକ ଘରୋଇ ହସ୍ପିଟାଲକୁ ଯାଉଥିଲେ। ସେ ଚନ୍ଦ୍ରଶେଖରପୁର ବିଡିଏ କଲୋନୀରୁ ନିଳାଦ୍ରିବିହାର ଯାଉଥିବାବେଳେ ହଠାତ୍ କାର ଇଞ୍ଜିନରୁ ଧୂଆଁ ବାହାରିଥିଲା। ଚାହୁଁ ଚାହୁଁ ଜଳି ଉଠିଥିଲା। ଖବର ପାଇ ଦମକଳ ଗାଡି ଆସି ନିଆଁକୁ ଆୟତ୍ତ କରିଥିଲା। ସେତେବେଳକୁ କାରଟି ସମ୍ପୂର୍ଣ୍ଣ ଜଳିଯାଇଥିଲା। ବ୍ୟାଟେରି ସର୍ଟସର୍କିଟ ଯୋଗୁ କାର୍‌ରେ ନିଆଁ ଲାଗିଯାଇଥିବା ଅନୁମାନ କରାଯାଉଛି।

୩ ଦିନ ଧରି ଅନ୍ଧାରରେ ୧୦୦ରୁ ଊର୍ଦ୍ଧ୍ୱ ଗାଁ

ଗୋପ, ୨୨।୬(ଡି.ଏନ୍.ଏ.): ବିଦ୍ୟୁତ୍ ବିଭାଗ କର୍ମଚାରୀମାନେ ୩ ଦିନ ଧରି ଫଲ୍ଟ ଖୋଜୁଥିବାବେଳେ ୧୦୦ରୁ ଊର୍ଦ୍ଧ୍ୱ ଗାଁ ଅନ୍ଧାରରେ ରହିଛି। ଉପଭୋକ୍ତାମାନେ ଅନ୍ଧାରରେ ଥିବାରୁ ସେମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ୨୦ ତାରିଖ ରାତି ୯ଟାରେ ହଠାତ୍ ବିଦ୍ୟୁତ୍ ସରବରାହ ବନ୍ଦ ହୋଇଯିବା ପରେ ଶନିବାର ସନ୍ଧ୍ୟା ଶୁଦ୍ଧା ବିଦ୍ୟୁତ୍ ଆସିପାରି ନାହିଁ। ବିଦ୍ୟୁତ୍ ସେବା ବନ୍ଦ ଯୋଗୁ ଗୋପ, ଗଣେଶ୍ୱରପୁର, ନାଗପୁର, କୁଶୁପୁର, ହେଲାରୀ, ଜମରା, ଖଡ଼ିଶ, ତରଙ୍ଗିରା, ଏରବଙ୍ଗ, ବେଦପୁର, ଗୋଲପୁର, ସୁବର୍ଣ୍ଣପୁର ଆଦି ଗାଁ ଏବେ ଅନ୍ଧାରରେ ରହିଛନ୍ତି। ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ନୀଳାଞ୍ଚଳ ପାତ୍ରଙ୍କୁ ପଚାରିବାରେ ଉପର ମୁଣ୍ଡରୁ ଖରାପ ଅଛି। ଶୀଘ୍ର ବିଦ୍ୟୁତ୍ ସେବା ଯୋଗାଇ ଦିଆଯିବ ବୋଲି କହିଥିଲେ।

ସଂସ୍କୃତରେ ୨୯ ଛାତ୍ରୀଛାତ୍ର ଫେଲ

ପି.ଏନ୍. କଲେଜ ଖୋର୍ଦ୍ଧା

- ଯୁକ୍ତ ୨ କଳା ପରୀକ୍ଷାରେ ଅନୁପସ୍ଥିତ ଦର୍ଶାଯାଇଛି
- ପରୀକ୍ଷା ପରିଚାଳନାର ସ୍ୱଚ୍ଛତା ଉପରେ ଉଠିଲା ପ୍ରଶ୍ନ
- ପୁନଃ ମୂଲ୍ୟାୟନ ପାଇଁ ଅଧକ୍ଷଙ୍କୁ ସ୍ମାରକପତ୍ର

ଖୋର୍ଦ୍ଧା ଅଫିସ,୨୨।୬

ଖୋର୍ଦ୍ଧା ପି.ଏନ୍. କଲେଜ ଯୁକ୍ତ ୨ ଇଚ୍ଛାଧୀନ ସଂସ୍କୃତ ବିଷୟରେ ୨୯ ଛାତ୍ରୀଛାତ୍ରଙ୍କୁ ପରୀକ୍ଷାରେ ଫେଲ କରି ଦିଆଯାଇଛି। ସେମାନଙ୍କୁ ଅନୁପସ୍ଥିତ ଦର୍ଶାଯାଇ ଫେଲ୍ କରାଯିବା ପରେ କାଉନ୍‌ସିଲ୍ କର୍ତ୍ତୃପକ୍ଷଙ୍କ ସଂସ୍କାରମୂଳକ ପଦକ୍ଷେପ ପ୍ରହସନ ପାଲଟିଛି। ତ୍ରୁଟି ନ ଥାଇ ୨୯ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଅନ୍ଧକାରକୁ ଠେଲି ଦିଆଯିବା ପରେ ପରୀକ୍ଷା ପରିଚାଳନାର ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଫେଲ ଛାତ୍ରୀଛାତ୍ର ଶନିବାର କଲେଜ ଅଧକ୍ଷାଙ୍କୁ ଭେଟି ସେମାନଙ୍କ କ୍ଷେତ୍ରରେ ହୋଇଥିବା ତ୍ରୁଟିକୁ ସୁଧାରି ପୁନଃ ମୂଲ୍ୟାୟନ କରିବାର ବ୍ୟବସ୍ଥା କରିବାକୁ ଅନୁରୋଧ କରିବା ସହ ସ୍ମାରକପତ୍ର ଦେଇଛନ୍ତି।

ଅଭିଯୋଗ ଅନୁସାରେ, ପି.ଏନ୍. କଲେଜରେ ୨୯ ଛାତ୍ରୀଛାତ୍ର ଇଚ୍ଛାଧୀନ ସଂସ୍କୃତରେ ପରୀକ୍ଷା ଦେଇଥିଲେ। ତେବେ ପରୀକ୍ଷାରେ ଅନୁପସ୍ଥିତ ଦର୍ଶାଯାଇ ସମସ୍ତ ପରୀକ୍ଷାର୍ଥୀଙ୍କୁ ଫେଲ କରି ଦିଆଯାଇଛି। ଶୁକ୍ରବାର ପରୀକ୍ଷା ଫଳ ପ୍ରକାଶ ପାଇବା ପରେ ଛାତ୍ରୀଛାତ୍ର ଫେଲ ହୋଇଥିବା ନଜରକୁ ଆସିଛି। ଛାତ୍ରୀଛାତ୍ରମାନେ ପରୀକ୍ଷା ଦେଇଛନ୍ତି କି ନାହିଁ କଲେଜ ଓ କାଉନ୍‌ସିଲରେ ଅନେକ ଦସ୍ତାବିଜ୍ ରହିଛି। ପରୀକ୍ଷା ଉପସ୍ଥାନ ସମ୍ବନ୍ଧୀୟ ପ୍ରୋଫର୍ମା ଆଇଆଇଆଇରେ ପରୀକ୍ଷା ଦେଇଥିବା ଛାତ୍ରୀଛାତ୍ରମାନେ ଦସ୍ତଖତ କରିଥାନ୍ତି। ପରୀକ୍ଷା ଶେଷ ପରେ ଉକ୍ତ ପ୍ରୋଫର୍ମା ଆଇଆଇଆଇ କାଉନସିଲରେ କଲେଜ କର୍ତ୍ତୃପକ୍ଷ ଡିପୋଜିଟ କରିଥାନ୍ତି। ଏହାସହ ପ୍ରତ୍ୟେକ ଦିନ ପରୀକ୍ଷାର ଉତ୍ତରଖାତା ମୂଲ୍ୟାଙ୍କନ କରାଯାଉଥିବା କେନ୍ଦ୍ରକୁ ଯିବା ସହ କାଉନ୍‌ସିଲ ପାଖକୁ ଏହାର ଏକ ମେମୋ ପଠାଯାଇଥାଏ। ଯେଉଁଥିରେ ସେହି ସିଟିଙ୍ଗରେ ଦେଇଥିବା ପରୀକ୍ଷାର୍ଥୀଙ୍କର ରୋଲ ନମ୍ବର ମଧ ଉଲ୍ଲେଖ ରହିଥାଏ। ଏତଦ୍‌ବ୍ୟତୀତ ଚଳିତବର୍ଷ ନୂଆକରି କାର୍ଯ୍ୟକାରୀ ହୋଇଥିବା ସିସିଟିଭି ଫୁଟେଜରୁ ମଧ ପରୀକ୍ଷାର୍ଥୀଙ୍କର ଉପସ୍ଥାନକୁ ଯାଞ୍ଚ କରାଯାଇ ପାରିବ। ଏହିସବୁ ଦସ୍ତାବିଜ୍ ଯାଞ୍ଚ କଲେ ଫେଲ ହୋଇଥିବା ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି କି ନାହିଁ ତାହା ପ୍ରମାଣିତ ହୋଇଯିବ। ବାସ୍ତବରେ କେଉଁଠି ତ୍ରୁଟି ରହିଛି ତାହା ସହଜରେ ଜଣାପଡିବ। ତେବେ କାଉନ୍‌ସିଲ କର୍ତ୍ତୃପକ୍ଷ ପି.ଏନ୍. କଲେଜର ଯେଉଁ ୨୯ ଜଣ ଛାତ୍ରୀଛାତ୍ରଙ୍କୁ ପରୀକ୍ଷାରେ ଅନୁପସ୍ଥିତ ଦର୍ଶାଇ ଫେଲ୍ କରିଛନ୍ତି ସେମାନଙ୍କର ଦସ୍ତାବିଜ୍‌କୁ ଯାଞ୍ଚ କରାଯାଇ ଫଳ ବାହାର କରାଯାଇଛି କି ନାହିଁ। ଯଦି କରାଯାଇଛି ତେବେ ଏଭଳି ତ୍ରୁଟି କେବେ ହୋଇ ନ ଥାନ୍ତା ବୋଲି ଛାତ୍ରୀଛାତ୍ରମାନେ କହୁଛନ୍ତି। ପ୍ରକାଶଥାଉ କି, ପି.ଏନ୍. କଲେଜରେ ପଢୁଥିବା ଛାତ୍ରୀଛାତ୍ରଙ୍କ ପରୀକ୍ଷା ଫଳ ସବୁବେଳେ ଭଲ ହୋଇଥାଏ। ପରୀକ୍ଷାର୍ଥୀ ଈପ୍‌ସିତା ସାହୁ ଓ ତୁଷାରକାନ୍ତ ଜେନା କୁହନ୍ତି, ପରୀକ୍ଷା ଦେଇ ବି ଅନୁପସ୍ଥିତ ଦର୍ଶାଯାଇ ଫେଲ୍ କରି ଦିଆଯାଇଛି। ତ୍ରୁଟି ଯାହାର ହେଉ ନା କାହିଁକି ଆମେ ଦଣ୍ଡ ପାଇଲୁ। ତୁରନ୍ତ ପୁନଃ ମୂଲ୍ୟାୟନ କରାଯାଇ ପରୀକ୍ଷାର୍ଥୀଙ୍କୁ ଉଚିତ୍ ନ୍ୟାୟ ମିଳୁ। ପି.ଏନ୍. କଲେଜର ଅଧକ୍ଷା ସୌଦାମିନୀ ଦାଶ କୁହନ୍ତି, ଉତ୍ତରଖାତା କାଉନ୍‌ସିଲକୁ କଲେଜ ପଠାଇଥିଲା। ପରେ ମୂଲ୍ୟାଙ୍କନ ପାଇଁ କାଉନ୍‌ସିଲ କେନ୍ଦୁଝର ଜିଲାର ଢ଼େଙ୍କିକୋଟ କଲେଜକୁ ପଠା ଯାଇଥିଲା। ଏହାପରେ ଢ଼େଙ୍କିକୋଟ କଲେଜ କର୍ତ୍ତୃପକ୍ଷ ନାଁ କାଉନ୍‌ସିଲଙ୍କର ତ୍ରୁଟି ରହିଲା ଜଣାପଡିନି। ତେବେ ତ୍ରୁଟି ସମ୍ପର୍କରେ କାଉନସିଲକୁ ଅବଗତ କରାଯାଇଛି। ଖୁବ୍‌ଶୀଘ୍ର ରେଜଲ୍ଟ ପୁଣି ବାହାରିବ ବୋଲି ସେ କହିଛନ୍ତି।

ଅଧକ୍ଷଙ୍କୁ ସ୍ମାରକପତ୍ର ଦେବାକୁ ଆସିଥିବା ଛାତ୍ରୀଛାତ୍ର।

ଗାଡ଼ି ଧକ୍କାରେ ବାଇକ ଚାଳକଙ୍କ ମୃତ୍ୟୁ

ସାକ୍ଷୀଗୋପାଳ, ୨୨।୬(ଡି.ଏନ୍.ଏ.)

ଭୁବନେଶ୍ୱର-ପୁରୀ ୩୧୬ ନଂ ଜାତୀୟ ରାଜପଥର ସାକ୍ଷୀଗୋପାଳ ଉଆଁସଡିହ ଗ୍ରାମ ନିକଟରେ ଶନିବାର ଏକ ଗାଡ଼ି ଧକ୍କାରେ ମଙ୍ଗୁଳି ନାୟକ (୫୦)ଙ୍କର ମୃତ୍ୟୁ ଘଟିଛି। ତାଙ୍କ ଘର ସ୍ଥାନୀୟ ବେଣାକେରା ଗ୍ରାମରେ। ସେ ଶନିବାର ମଧ୍ୟାହ୍ନରେ ବାଇକରେ ସାତଶଙ୍ଖରୁ ଘରକୁ ଫେରୁଥିବା ବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇ ଗୁରୁତର ହୋଇଥିଲେ। ତାଙ୍କୁ ପ୍ରଥମେ ସାକ୍ଷୀଗୋପାଳ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା କରାଯାଇ ପରେ ପୁରୀ ସ୍ଥାନାନ୍ତର କରାଯାଇଥିଲା। ମାତ୍ର ପୁରୀ ଡାକ୍ତରଖାନାରେ ପହଞ୍ଚିବା ପୂର୍ବରୁ ତାଙ୍କର ମୃତ୍ୟୁ ଘଟିଥିଲା। ପୁରୀରୁ ଝାଡଖଣ୍ଡ ଫେରୁଥିବା ଏକ ଗାଡ଼ି ସାକ୍ଷୀଗୋପାଳ ଓଭରବ୍ରିଜ୍‌ରୁ ହଠାତ ଡାହାଣ ପାର୍ଶ୍ୱକୁ ମାଡିଆସି ରୋଡ ଡିଭାଇଡର ଅତିକ୍ରମ କରି ବାଇକ ଚାଳକଙ୍କୁ ଧକ୍କା ଦେଇଥିଲା ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ସତ୍ୟବାଦୀ ଥାନା ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡି ଦୁଇଟିକୁ ଜବତ କରିଛି।

ଭୁବନେଶ୍ୱର ଭଞ୍ଜକଳା ମଣ୍ଡପରେ ଶନିବାର ଅନୁଷ୍ଠିତ ଇଣ୍ଡିଆ ଇଣ୍ଟରନ୍ୟାଶନାଲ ଡ୍ୟାନ୍ସ ଫେଷ୍ଟିଭାଲରେ ଭୋପାଳର ଅମିତା ଖେର୍ ଓ ସାଥୀ କଳାକାରଙ୍କ ଦ୍ୱାରା ପରିବେଷିତ କଥକ ନୃତ୍ୟ।

ଜେଲ ଗଲେ ଅଫିନ୍ ହେଲ୍‌ଥୱାର୍ଲ୍ଡ ମାଲିକ

୨୦ଲକ୍ଷ ୪୩ ହଜାର ଟଙ୍କା ଠକେଇ

ନିଆଳି,୨୨।୬(ଡି.ଏନ୍.ଏ.)

କ୍ଷୀର ପାଉଡର ଦେବାକୁ କହି ୨୦ଲକ୍ଷ ୪୩ ହଜାର ଟଙ୍କା ଠକେଇ ଅଭିଯୋଗରେ ନିଆଳି ପୋଲିସ ଦିଲ୍ଲୀସ୍ଥିତ ଅଫିନ୍ ହେଲ୍‌ଥୱାର୍ଲ୍ଡ ମାଲିକ ବଳଦେବ ଭୁଇଁଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଥିଲା। ଜାମିନ୍ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ୍ ପଠାଇ ଦିଆଯାଇଥିବା ପୋଲିସ କହିଛି। ସୂଚନା ଅନୁଯାୟୀ, ନିଆଳି ଥାନା ଅନ୍ତର୍ଗତ ନୂଆଗାଁ ଗ୍ରାମର କ୍ଷୀର ପାଉଡର ବ୍ୟବସାୟୀ ସୁକାନ୍ତ କୁମାର ସାହୁ କ୍ଷୀର ପାଉଡର ଆଣିବା ପାଇଁ ଦିଲ୍ଲୀର ଅଫିନ୍ ହେଲ୍‌ଥୱାର୍ଲ୍ଡର ମାଲିକ ଭୁଇଁଙ୍କ ଆକାଉଣ୍ଟକୁ ୨୦ଲକ୍ଷ ୪୩ ହଜାର ଟଙ୍କା ରିୟଲ ଟାଇମ୍ ଗ୍ରସ୍ ସିଷ୍ଟମରେ ପଠାଇଥିଲେ। ମାତ୍ର ଭୁଇ ମାଲ୍ ପଠାଇବା ପରିବର୍ତ୍ତେ ଏକ ଜାଲ୍ ୱେ ବିଲ୍ ପ୍ରସ୍ତୁତ କରିବା ସହ ଏକ ଜାଲ୍ ଟ୍ରକ୍‌ର କାଗଜପତ୍ର ତିଆରି କରି ମାଲ୍ ପଠାଇଛି ବୋଲି କ୍ଷୀର ପାଉଡର ବ୍ୟବସାୟୀ ସାହୁଙ୍କୁ ଜଣାଇଥିଲେ। ନିର୍ଦ୍ଦିଷ୍ଟ ସମୟରେ କ୍ଷୀର ପାଉଡର ନ ପହଞ୍ଚିବାରୁ ଏ ସମ୍ପର୍କରେ ଭୁଇଁଙ୍କୁ ଜଣାଇଥିଲେ। ଭୁଇ କିଛିଦିନ ଅପେକ୍ଷା କରିବା ପରେ ତାଙ୍କୁ ସୁକାନ୍ତଙ୍କୁ ଟଙ୍କା ଫେରସ୍ତ କରିବା ପାଇଁ ପ୍ରତିଶ୍ରୁତି ଦେବା ପରେ ଦୁଇଟି ଚେକ୍ ଦେଇଥିଲେ। ସୁକାନ୍ତ ଉକ୍ତ ଚେକ୍‌କୁ ବ୍ୟାଙ୍କରେ ଡିପୋଜିଟ୍ କଲା ପରେ ଚେକ୍ ବାଉନ୍ସ ହୋଇଥିଲା। ପରେ ସୁକାନ୍ତ ନିଆଳି ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା(ନଂ. ୭୭/୧୯) ରୁଜୁ କରିଥିଲା। ଏଏସ୍‌ଆଇ ନିରଞ୍ଜନ ସାହୁ ଓ କନଷ୍ଟେବଳ ସଞ୍ଜୀବ କୁମାର ଜେନା ଜୁନ୍ ୨୦ରେ ଦିଲ୍ଲୀରେ ପହଞ୍ଚିଥିଲେ। ସେଠାରେ ଥିବା କ୍ଷୀର ପାଉଡର କମ୍ପାନୀ ମାଲିକ ଭୁଇଙ୍କୁ ଗିରଫ କରି ଦିଲ୍ଲୀର ମେଟ୍ରୋ ପଲିଟାନ୍ ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ ହାଜର କରାଇ ନିଆଳି ଥାନାକୁ ଆଣିଥିଲେ। ଶନିବାର ଅଭିଯୁକ୍ତ ଭୁଇଁଙ୍କୁ ନିଆଳିସ୍ଥିତ ଜେଏମ୍‌ଏଫ୍‌ସି କୋର୍ଟରେ ହାଜର କରାଇବା ପରେ ଜାମିନ୍ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ୍ ପଠାଇ ଦିଆଯାଇଛି।

■ ୫ମ ଦିନରେ ଅଣସର ଦର୍ଶନ

ପାଗ ଖରାପ ସତ୍ତ୍ୱେ ବଢୁଛି ଶ୍ରଦ୍ଧାଳୁଙ୍କ ଭିଡ଼

ବ୍ରହ୍ମଗିରି, ୨୨।୬(ଡି.ଏନ୍.ଏ.)

ବ୍ରହ୍ମଗିରି ଅଲାରନାଥ ପୀଠରେ ଅଣସର ଦର୍ଶନ ଶନିବାର ପଞ୍ଚମ ଦିନରେ ପହଞ୍ଚିଛି। ମେଘୁଆ ପାଗ ଯୋଗୁ ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସିଥିବା ଶ୍ରଦ୍ଧାଳୁଙ୍କୁ ଟିକେ ଆଶ୍ୱସ୍ତି ମିଳିଥିବା ଦେଖିବାକୁ ମିଳିଛି। ଶ୍ରଦ୍ଧାଳୁମାନେ ଧାଡିରେ ଯାଇ ସ୍ୱାଭାବିକ ଭାବେ ଶ୍ରୀଜୀଉଙ୍କ ଦର୍ଶନ କରିଛନ୍ତି। ଏହି ଦର୍ଶନ ପରେ ଅଲାରନାଥଙ୍କ ଖିରି ପ୍ରସାଦ ପାଇ ଭକ୍ତମାନେ ଆନନ୍ଦ ଲାଭ କରିଥିଲେ।

ଭୋର ୪ଟାରୁ ମନ୍ଦିର ଦ୍ୱାର ଖୋଲାଯାଇ ୪ଟା ୧୫ରେ ମଙ୍ଗଳ ଆଳତି, ୪ଟା ୩୦ରେ ଅବକାଶ, ୫ଟାରେ ମହାପ୍ରଭୁଙ୍କ ଅଣସର ବେଶ ଓ ଚନ୍ଦନ ତୁଳସୀ ଲାଗି, ୫ଟା ୩୦ରେ ବଲ୍ଲଭ ଧୂପ ଓ ସକାଳ ୬ଟାରେ ସର୍ବସାଧାରଣ ଦର୍ଶନ ହୋଇଥିଲା। ସକାଳ ଧୂପ, ଦ୍ୱିପ୍ରହର ଧୂପରେ କେବଳ ଖିରି ପ୍ରସାଦ ଭୋଗ ହୋଇ ଦିନ ୨ଟା ୩୦ରେ ପହଡ ପଡିଥିଲା। ପୁନଃ ୨ଟା ୪୫ରେ ଚିଆଁ ପହଡ ନୀତି ହୋଇ ସର୍ବସାଧାରଣ ଦର୍ଶନ ହୋଇଥିଲା। ସନ୍ଧ୍ୟା ୭ଟା ୧୦ରେ ସନ୍ଧ୍ୟା ଆଳତି, ରାତି ୮ଟାରେ ମଇଲମ, ୮ଟା ୩୦ରେ ସର୍ବସାଧାରଣ ଦର୍ଶନ, ରାତି ୧୦ଟା ୨୦ରେ ସନ୍ଧ୍ୟା ଧୂପ, ଅନ୍ୟାନ୍ୟ ନୀତି ବଢି ରାତି ୧୦ଟା ୫୦ରେ ବଡସିଂହାର ବେଶ ହେବା ପରେ ୧୨ଟାରେ ପହଡ ହୋଇଥିଲା। ଶନିବାର ପୀଠରେ ସୁନ୍ଦରାକାଣ୍ଡ ଆୟୋଜିତ ହୋଇଥିଲା। ଏହି ସୁନ୍ଦରାକାଣ୍ଡ ପରିବେଷଣ ଭକ୍ତ ଓ ଭଗବାନଙ୍କୁ ଗୋଟିଏ ସୂତ୍ରରେ ବାନ୍ଧିରଖିବାରେ ମାଧ୍ୟମ ପାଲଟିଥିଲା। ସନ୍ଥ ବାବା ତୁଳସୀ ଦାସ ମହାରାଜଙ୍କ ଦ୍ୱାରା ଏହି ସୁନ୍ଦରାକାଣ୍ଡ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ମଙ୍ଗୁଳି ମାଝି, ସୁଶାନ୍ତ ମାଝି ପ୍ରମୁଖ ପରିଚାଳନା କରିଥିଲେ।

ପରିବର୍ତ୍ତନ ହେଲାନି ମନ୍ଦିରର ଛିଣ୍ଡାବାନା

ମହାପ୍ରଭୁ ଅଲାରନାଥ ପୀଠରେ ଚାଲିଛି ଅଣସର ଦର୍ଶନ। ଏହି ପୀଠରେ ଅଣସର ୧୪ ଦିନ ଶ୍ରୀମନ୍ଦିରର ସମସ୍ତ ନୀତିକାନ୍ତି ହୋଇଥାଏ। ଏଠାରେ ଏକ ବଡ ବ୍ୟତିକ୍ରମ ଦେଖିବାକୁ ମିଳିଛି। ମନ୍ଦିରର ବାନା ପବନରେ ଛିଣ୍ଡିଯାଇଥିଲେ ବି ଏହାକୁ ପରିବର୍ତ୍ତନ କରାଯାଇନାହିଁ। ଶ୍ରୀମନ୍ଦିର ପରମ୍ପରା ଅନୁଯାୟୀ ନେତ ପରିବର୍ତ୍ତନ ନ ହେଲେ ଠାକୁରଙ୍କୁ ଭୋଗ ଲାଗିହୋଇପାରିବ ନାହିଁ । ଏ ନେଇ ବଡ ଦେଉଳରେ ପ୍ରତିଦିନ ନେତ ପରିବର୍ତ୍ତନର ପରମ୍ପରା ରହିଛି। ଅଲାରନାଥ ପୀଠରେ ୧୪ ଦିନ ଧରି ଶ୍ରୀମନ୍ଦିରର ପରମ୍ପରା ଚାଲୁଥିବା ସେବାୟତମାନେ ଦାବି କରୁଥିବା ସମୟରେ ଏହି ଛିଣ୍ଡା ବାନା ପରିବର୍ତ୍ତନ ନ ହେବା ମନ୍ଦିର ପରିଚାଳନା କମିଟି ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଅଣସର ପାଇଁ ମନ୍ଦିର ପରିଚାଳନା କମିଟିର ଲକ୍ଷଲକ୍ଷ ଟଙ୍କା ଖର୍ଚ୍ଚ ହେଉଥିବା ବେଳେ କାହିଁକି ବାନା ପରିବର୍ତ୍ତନ ହେଉନି ବୋଲି ଯୁଧିଷ୍ଠିର ବାରିକ ପ୍ରଶ୍ନ କରିଛନ୍ତି। ଏ ସମ୍ପର୍କରେ ମନ୍ଦିରର ବରିଷ୍ଠ ସେବକ ନାରାୟଣ ପୂଜା ପଣ୍ଡାଙ୍କୁ ପଚାରିବାରେ ସେ କୁହନ୍ତି, ତୁରନ୍ତ ଆମେ ଏ ବାନା ପରିବର୍ତ୍ତନ କରିବୁ। ସେହିପରି ଅଣସର ଦାୟିତ୍ୱରେ ଥିବା ମନ୍ଦିର ପରିଚାଳନା କମିଟିର ସଦସ୍ୟ ସୁଧାକର ଦଳାଇଙ୍କୁ ପଚାରିବାରେ ସେ କୁହନ୍ତି, ବର୍ଷା ଯୋଗୁ କେହି ମନ୍ଦିର ଉପରକୁ ଉଠିବାକୁ ରାଜି ହେଉନାହାନ୍ତି। ଶନିବାର ପାଗ ପରିବର୍ତ୍ତନ ହୋଇଛି, ଶୀଘ୍ର ବାନା ପରିବର୍ତ୍ତନ କରାଯିବ।

'ବିଶ୍ୱ ବଜାରରେ ପହଞ୍ଚୁ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଉତ୍ପାଦ'

ୱାର୍ଲ୍ଡ ଟ୍ରେଡ ସେଣ୍ଟରର ବିଶ୍ୱ ବାଣିଜ୍ୟ ଦିବସ

ଭୁବନେଶ୍ୱର,୨୨।୬

ଖାଦ୍ୟ ସାମଗ୍ରୀ ଯୋଗାଣ ଦ୍ୱାରା ଅନ୍ତର୍ଜାତୀୟ ସ୍ତରରେ ବିଭିନ୍ନ ଦେଶକୁ ନିୟନ୍ତ୍ରଣ କରାଯାଇ ପାରିବ। ଆମେରିକା, ଚାଇନା କିମ୍ବା ଅନ୍ୟ ଯେକୌଣସି ଦେଶ ହେଉ ପଛେ ଏଭଳି ପଦକ୍ଷେପ ଦ୍ୱାରା ଘରୋଇ ବଜାର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିବ। ରାଜ୍ୟର ସ୍ୱୟଂସହାୟକ ଗୋଷ୍ଠୀଗୁଡିକ ପ୍ରସ୍ତୁତ କରୁଥିବା ସାମଗ୍ରୀ ଚାଇନାର ସାଂଘାଇ ଏବଂ ଅନ୍ୟ ଅନ୍ତର୍ଜାତୀୟ ସହରଗୁଡିକରେ ପହଞ୍ଚିବାର ଆବଶ୍ୟକତା ରହିଛି। ଏ ଦିଗରେ ଶିଳ୍ପ ସଂସ୍ଥାଗୁଡିକ ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ରଖି କାର୍ଯ୍ୟ କରିବା ଉଚିତ। ଏଭଳି ସ୍ଥିତିରେ ବିଶ୍ୱକୁ ଏକ ବଜାର ଭାବେ ବିଚାର ନ କରି ପରିବାର ସଦୃଶ ଦେଖିବା, ଗୁଣାତ୍ମକ ସାମଗ୍ରୀ ଓ ପ୍ରଡକ୍ଟରେ ଉଦ୍ଭାବନ ଉପରେ କାର୍ଯ୍ୟ କରିବାର ସମୟ ଆସିଛି ବୋଲି ରାଜ୍ୟପାଳ ଗଣେଷୀ ଲାଲ କହିଛନ୍ତି। ଶନିବାର ସ୍ଥାନୀୟ ଏକ ହୋଟେଲରେ ୱାର୍ଲ୍ଡ ଟ୍ରେଡ ସେଣ୍ଟର(ଡବ୍ଲ୍ୟୁଟିସି) ଭୁବନେଶ୍ୱର ପକ୍ଷରୁ ବିଶ୍ୱ ବାଣିଜ୍ୟ ଦିବସ ପାଳନ ଅବସରରେ ଯୋଗ ଦେଇ ରାଜ୍ୟପାଳ କହିଛନ୍ତି ଯେ, ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଉତ୍ପାଦ ଅନ୍ତର୍ଜାତୀୟ ବଜାରରେ ଉପଲବ୍ଧ କରାଇବା ଦିଗରେ ଡବ୍ଲ୍ୟୁଟିସି ପଦକ୍ଷେପ ନେଉ।

କ୍ଷୁଦ୍ର ବାଣିଜ୍ୟଗୁଡିକ ଲାଗି ଉତ୍ତମ ପରିବେଶ ସୃଷ୍ଟି ଦିଗରେ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ନେଉଥିବା ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ର ଏହି ଅବସରରେ ସୂଚନା ଦେଇଛନ୍ତି। ସିଙ୍ଗଲ ୱିଣ୍ଡୋ କ୍ଲିୟରାନ୍ସ ସିଷ୍ଟମ, ପ୍ରାକୃତିକ ସମ୍ପଦ ଠାରୁ ଦକ୍ଷତା ବିକାଶ ପର୍ଯ୍ୟନ୍ତ ବିଭିନ୍ନ ପ୍ରସଙ୍ଗରେ ଓଡ଼ିଶା ବର୍ତ୍ତମାନ ଉନ୍ନତ ସ୍ଥିତିରେ ରହିଛି। ଏଥି ଲାଗି ରାଜ୍ୟ ଏକ ରପ୍ତାନି ଯୋଗ୍ୟ ସ୍ଥାନ ହୋଇ ପାରିଥିବା ମିଶ୍ର ମତ ଦେଇଛନ୍ତି। ଭାରତ ଏବଂ ଓଡିଶା ଲାଗି ରହିଥିବା ଅନ୍ତର୍ଜାତୀୟ ବାଣିଜ୍ୟ ସୁଯୋଗ ଉପରେ କାର୍ଯ୍ୟକ୍ରମରେ ଗୁରୁତ୍ୱାରୋପ କରାଯାଇଥିଲା। ଏଥିରେ ଡବ୍ଲ୍ୟୁଟିସି ଭୁବନେଶ୍ୱରର ଅଧ୍ୟକ୍ଷ କ୍ୟାପଟେନ ସୋମେଶ ବାତ୍ରା, ଇପିକଲ୍ ଏମ୍‌ଡି ନୀତିନ ଜାୱଲେ, ଏମ୍‌ଏସ୍‌ଏମ୍‌ଇ ବିଭାଗ ସ୍ୱତନ୍ତ୍ର ସଚିବ ଏଲ୍.ଏନ୍.ଗୁପ୍ତା,ଡବ୍ଲ୍ୟୁଟିସି ଭୁବନେଶ୍ୱରର ବରିଷ୍ଠ ନିର୍ଦ୍ଦେଶକ ରୂପା ନାୟକ ଏବଂ ସହକାରୀ ନିର୍ଦ୍ଦେଶକ ନିମେଶିଖା ନଟରାଜନ ପ୍ରମୁଖ ଉପସ୍ଥିତ ଥିଲେ।

ରାଜ୍ୟପାଳ ଗଣେଷୀ ଲାଲ ଓ ଅନ୍ୟ ଅତିଥି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରୁଛନ୍ତି।

■ ଜାତୀୟସ୍ତରୀୟ ଓଡ଼ିଶୀ, ଶାସ୍ତ୍ରୀୟ ନୃତ୍ୟ ମହୋତ୍ସବ ଉଦ୍‌ଘାଟିତ

ଓଡ଼ିଶୀ ହେଉଛି ଓଡ଼ିଶାର ପରିଚୟ

ପୁରୀ ଅଫିସ, ୨୨।୬

ଓଡ଼ିଶାର କଳା, ସଂସ୍କୃତି ବିଶ୍ୱରେ ଉତ୍କର୍ଷତା ଲାଭ କରିଛି। ଓଡ଼ିଶୀ ହେଉଛି ଓଡ଼ିଶାର ପରିଚୟ। ଶ୍ରୀଜଗନ୍ନାଥ ସଂସ୍କୃତି ସହିତ ଏହା ଜଡ଼ିତ। ଶ୍ରୀକ୍ଷେତ୍ର ହେଉଛି କଳା ଓ ସଂସ୍କୃତିର ସହର ବୋଲି ନବ ପ୍ରତିଭା ପକ୍ଷରୁ ଶନିବାର ସଂସ୍କୃତି ଭବନରେ ଆୟୋଜିତ ଜାତୀୟସ୍ତରୀୟ ଓଡ଼ିଶୀ ଏବଂ ଶାସ୍ତ୍ରୀୟ ନୃତ୍ୟ ମହୋତ୍ସବର ଉଦ୍‌ଘାଟନୀ ସନ୍ଧ୍ୟାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଏହି ମହୋତ୍ସବରେ ଅନୁଷ୍ଠାନର ସଭାପତି ତଥା ପୂର୍ବତନ ନଗରପାଳ ସୁରେନ୍ଦ୍ରନାଥ ଦାଶ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ପୂର୍ବତନ ବାଚସ୍ପତି ମହେଶ୍ୱର ମହାନ୍ତି ଓ ମୁଖ୍ୟବକ୍ତା ଭାବେ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରର ଅଧ୍ୟାପକ ସଚ୍ଚିଦାନନ୍ଦ ଦାସ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଏସ୍‌ପିଏମ୍‌ଡିଏ ଇଣ୍ଟରନ୍ୟାଶନାଲର ଆମ୍ବାସାଡର ଡ. ଅବଦୁଲ ରଶିଦ ଖାନ୍, ବରିଷ୍ଠ ସେବାୟତ ଗୌରଶଙ୍କର ସିଂହାରୀ, ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ଅଧ୍ୟାପକ ନିମକାନ୍ତ ରାଉତରାୟ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବରିଷ୍ଠ ଖବରଦାତା ଜଗନ୍ନାଥ ବସ୍ତିଆ ଓ ଶରତ ଚନ୍ଦ୍ର ପାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ଅପରାହ୍ନ ୩ଟାରେ ଓଡ଼ିଶୀ ଓ ଶାସ୍ତ୍ରୀୟ ନୃତ୍ୟ ମହୋତ୍ସବ ଉଦ୍‌ଘାଟିତ ହୋଇଥିଲା। ଏହାକୁ ବର୍ଷୀୟାନ ଗୁରୁ ପାଗଳ ସ୍ୱାଇଁ, ଗୁରୁ ବୈକୁଣ୍ଠନନ୍ଦ ଏବଂ ସାମାଜିକ କର୍ମୀ ଚକ୍ରଧର ମହାପାତ୍ର ଉଦ୍‌ଘାଟନ କରିଥିଲେ। ନବପ୍ରତିଭା ଅନୁଷ୍ଠାନର ନିର୍ଦ୍ଦେଶକ ଗୁରୁ ଅଶୋକ ଦାସଙ୍କ ନିର୍ଦ୍ଦେଶନାରେ ଅନୁଷ୍ଠାନର କଳାକାରମାନେ ଗୋଟିଏ ପରେ ଗୋଟିଏ ପାରମ୍ପରିକ ଓଡ଼ିଶୀ ନୃତ୍ୟ ପରିବେଷଣ କରି ଦର୍ଶକଙ୍କୁ ବିମୋହିତ କରିଥିଲେ। ପ୍ରଥମ ସନ୍ଧ୍ୟାରେ ଭୁବନେଶ୍ୱରର ଜ୍ୟୋତିର୍ମୟୀ ମହାପାତ୍ର, ରାଉରକେଲାର କୃପାଂଶୀ କର, ଯାଜପୁରର ସ୍ମୃତି ସ୍ମରଣିକା ବେହେରା, ଲୋପାମୁଦ୍ରା ବିନ୍ଧାଣୀ, ମୟୂରଭଞ୍ଜର ଅର୍ପିତା ଦେ, ସାକ୍ଷୀଗୋପାଳର ରାଜେଶ ସାହୁ, ପୁରୀର ଆଦ୍ୟାଶା ତ୍ରିପାଠୀ, ଅନିମା ମହାନ୍ତି, ସଙ୍ଗୀତା ମହାପାତ୍ର, ନୈନା ପ୍ରିୟଦର୍ଶିନୀ, ସବନମ୍ ପ୍ରଧାନୀ, ଦେବାଂଶୀ ଦାଶ, ମୟୂରୀ ପଟ୍ଟନାୟକ, ସ୍ମୃତି ଜଗଦେବ ରାୟ ପ୍ରମୁଖ ଏକକ ଅଭିନୟ ଏବଂ ଛତ୍ରପୁରର ଦିବାକର ବିଶୋଇ ଓ ସମୀର ବେହେରା ରଣପା ନୃତ୍ୟ ପରିବେଷଣ କରି ଦର୍ଶକଙ୍କ ମନ ମୋହିଥିଲେ। ଅନୁଷ୍ଠାନ ପକ୍ଷରୁ ଜୁନିୟର ବର୍ଗରେ ଶ୍ୟାମ ନାଗର, ସବ୍‌ଜୁନିୟର ବର୍ଗରେ ଦୀପମ୍ ଜ୍ୟୋତି ଦଳଗତ ଭାବେ 'କିଏ ଲୋ ସଜନୀ' ପରିବେଷଣ କରିଥିଲେ। ଶେଷରେ ଅନୁଷ୍ଠାନର କଳାକାରଙ୍କ ପରିବେଷିତ ଡ୍ୟାନ୍ସ ଡ୍ରାମା 'ଶ୍ରୀକୃଷ୍ଣ' ଆକର୍ଷଣ ସାଜିଥିଲା। ସୁରଜିତ ମହାପାତ୍ର ମଞ୍ଚ ସଂଯୋଜନା କରିଥିବା ବେଳେ ସୁରେନ୍ଦ୍ର ନାୟକ ଓ ନୃତ୍ୟଗୁରୁ ବବିତା ଦାଶ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

କଳାକାରମାନେ ଡ୍ୟାନ୍ସ ଡ୍ରାମା 'ଶ୍ରୀକୃଷ୍ଣ' ପରିବେଷଣ କରୁଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୨୩ ଜୁନ୍, ୨୦୧୯



ସତ୍ୟ ଓ ଆଲୋକ ଦୁଇଟି ଯାକ ସମାନ। ଦୁହିଁଙ୍କର ପଥ ଗୋଟିଏ ସରଳରେଖାରେ ହିଁ ଗତି କରେ ।
-ଆବ୍ରାହମ ଲିଙ୍କନ

ସଂକ୍ଷେପରେ

ଟ୍ରେନରେ କଟି ବୃଦ୍ଧ ମୃତ

ପୁରୁଣା ଭୁବନେଶ୍ୱର,୨୨।୬(ଡି.ଏନ୍.ଏ.): ଏୟାରପୋର୍ଟ ଥାନା ଅଧୀନ ପଳାଶପଲ୍ଲୀ ଟ୍ରେନ ଲାଇନରେ କଟି ଶନିବାର ଅପରାହ୍ନରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ପୋଲିସ ସୂଚନା ମୁତାବକ, ପଳାଶପଲ୍ଲୀ ଟ୍ରେନ ଲାଇନରେ ଅପରାହ୍ନରେ ଏକ ମୃତଦେହ ପଡିଥିବାର ସ୍ଥାନୀୟଲୋକେ ଦେଖିଥିଲେ। ପରେ ରେଲୱେ ପୋଲିସକୁ ଖବର ଦେଇଥିଲେ। ଖବରପାଇ ଜିଆର୍‌ପି ପୋଲିସ ପହଞ୍ଚି ଖଣ୍ଡବିଖଣ୍ଡିତ ଶରୀରର କିଛି ଅଳ୍ପ ଦୂରରେ ଗୋଟିଏ ସାଇକେଲ ପଡିଥିବା ଦେଖି ଉଦ୍ଧାର କରିଥିଲେ। ପରେ ପୋଲିସ ମୃତଦେହକୁ ଜବତ କରିବାସହ କ୍ୟାପିଟାଲ ହସ୍ପିଟାଲର ଶବ ସଂରକ୍ଷଣ ଗୃହରେ ମହଜୁଦ ରଖିଛି। ତେବେ ବୃଦ୍ଧଙ୍କ ବୟସ ୬୦ବର୍ଷ ବୋଲି ଜଣାପଡୁଥିବା ବେଳେ ପରିଚୟ ମଧ ମିଳିପାରି ନାହିଁ।

ସୁନାଚେନ ଲୁଟ୍ ଅଭିଯୋଗରେ ୪ ଗିରଫ

କଟକ ରୋଡ,୨୨।୬(ଡି.ଏନ୍.ଏ.): ସୁନା ଚେନ ଲୁଟ୍ ଅଭିଯୋଗରେ ଶନିବାର ବଡ଼ଗଡ଼ ପୋଲିସ ୪ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ଏହି ଥାନା ଅଧୀନ ମହିଁଷାଖାଲ ବସ୍ତିରେ ରହୁଥିବା ଜିତେନ୍ଦ୍ର ପ୍ରଧାନ, ଡି. ରାଜା ଓ ବଡ଼ଗଡ଼ ହରିଜନ ସାହିର କରଣ ନାୟକ ଓ ଗଦାଧର ନାୟକ। ଏମାନଙ୍କଠାରୁ ୨୩ଗ୍ରାମ ଓଜନର ୨ଟି ସୁନା ଚେନ ଓ ଗୋଟିଏ ଲାପଟପ ଜବତ ହୋଇଛି। ପୋଲିସ ସୂଚନା ଅନୁଯାୟୀ, ଗତ ୨୧ତାରିଖ ସନ୍ଧ୍ୟା ପ୍ରାୟ ୭ଟାରେ ବିଜେବି ନଗରରେ ରହୁଥିବା ଶିଖା ନାୟକ କଳ୍ପନା ପଟକୁ ଆସୁଥିବା ବେଳେ ଅଭିଯୁକ୍ତମାନେ ତାଙ୍କୁ ଶ୍ରୀଦେବୀ ଛକ ନିକଟରେ ଅଟକାଇ ସୁନା ଚେନ ଲୁଟି ନେଇଥିଲେ। ଏ ନେଇ ଶିଖାଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା(ନଂ. ୧୪୪/୧୯)ରୁଜୁ କରି ତଦନ୍ତ ଚଳାଇଥିଲା। ତଦନ୍ତ ସମୟରେ ଜିତେନ୍ଦ୍ରଙ୍କ ସମ୍ପୃକ୍ତି ଜଣାପଡିବା ପରେ ପୋଲିସ ତାଙ୍କୁ ଥାନାକୁ ଆଣି ପଚରାଉଚରା ପରେ ଅନ୍ୟ ଅଭିଯୁକ୍ତଙ୍କ ସୁରାକ ପାଇଥିଲା। ପରବର୍ତ୍ତୀ ସମୟରେ ସମସ୍ତ ଲୁଟେରାଙ୍କୁ ଗିରଫ କରାଯାଇଥିଲା। ପୂର୍ବରୁ ଗିରଫ ଅଭିଯୁକ୍ତଙ୍କ ନାମରେ ବଡ଼ଗଡ଼ ଓ ଲକ୍ଷ୍ମୀସାଗର ଥାନାରେ ମାମଲା ରହିଥିବା ପୋଲିସ କହିଛି। ସୂଚନାଥାଉ କି, ଗତ ଏପ୍ରିଲ ୫ତାରିଖରେ ଜଣେ ମହିଳା ବଡଗଡରୁ କଳ୍ପନା ଛକ ଯାଉଥିବା ବେଳେ ଶ୍ରୀଦେବୀ ଛକ ନିକଟରେ ୨ଲୁଟେରା ତାଙ୍କଠାରୁ ସୁନା ଚେନ ଛଡାଇ ନେଇ ଫେରାର ହେଉଥିବା ବେଳେ ଲୋକେ ଉଭୟଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ।

ବାତ୍ୟା ବିପନ୍ନଙ୍କୁ ସହାୟତା

ଭୁବନେଶ୍ୱର,୨୨।୬: ଫନୀ ବାତ୍ୟାରେ ଭୁବନେଶ୍ୱର ଭିଏସ୍ଏସ୍ ନଗରସ୍ଥିତ ହନୁମାନ ବସ୍ତି, ଗୋଜବାୟାଣୀ ବସ୍ତି, ତ୍ରିନାଥ ବସ୍ତିରେ ବହୁ ପରିମାଣରେ କ୍ଷୟକ୍ଷତି ହୋଇଥିଲା। ଏସବୁ ବସ୍ତିରେ କ୍ୟାଟରପିଲର ଓ ଗେନୱେଲ୍ କୋମୋ ସେଲ୍ସ ଲିମିଟେଡ୍‌ର ମିଳିତ ଆନୁକୂଲ୍ୟରେ ବାତ୍ୟା ବିପନ୍ନଙ୍କୁ ଚୂଡା, ଚିନି ଓ ପାଣି ବୋତଲ ବଣ୍ଟନ କରାଯାଇଥିଲା। ସାମାଜିକକର୍ମୀ ତଥା ଆଇନଜୀବୀ ଅନୁପମ ମହାନ୍ତିଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କମ୍ପାନୀର ଅଧିକାରୀ ଫନୀଭୂଷଣ ମିଶ୍ର ଓ ବିଶ୍ୱଜିତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଉଦ୍‌ଘାଟିତ

ନରାଜ,୨୨।୬(ଡି.ଏନ୍.ଏ.): ବାରଙ୍ଗ ବ୍ଲକର ଓଡ଼ିଶା ଆଦର୍ଶ ବିଦ୍ୟାଳୟକୁ ଶୁକ୍ରବାର ଗୋଡିସାହି ନୋଡାଲ ଉଚ୍ଚ ବିଦ୍ୟାଳୟରେ ବାରଙ୍ଗ ମଣ୍ଡଳ ଶିକ୍ଷା ଅଧିକାରୀ ତଥା ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ନରେନ୍ଦ୍ର କୁମାର ବେହେରାଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଗୋଡିସାହି ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଜ୍ୟୋତ୍ସ୍ନାମୟୀ ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ପ୍ରଧାନଶିକ୍ଷକ ବେହେରା ଆଦର୍ଶ ବିଦ୍ୟାଳୟ ଗଠନର ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ପ୍ରାରମ୍ଭରେ ଗୋଡିସାହି କ୍ଲଷ୍ଟରର ସିଆରସିସି ରବୀନ୍ଦ୍ର କୁମାର ସୋରେନ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ବେଲଗଛିଆ କ୍ଲଷ୍ଟରର ସିଆରସିସି ନାରାୟଣ ବେହେରା ଧନ୍ୟବାଦ ଦେଇଥିଲେ। ପ୍ରଥମ ଦିନରେ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ପୁଷ୍ପ ତିଳକରେ ସ୍ୱାଗତ କରିବାସହ ପାଠପଢା ଆରମ୍ଭ କରାଯାଇଥିଲା

■ ଏନ୍‌ଏଚ୍‌ଏଆଇ, ଆର୍‌ଟିଓ ଅଧିକାରୀଙ୍କ ସହ ପୋଲିସ କମିଶନରଙ୍କ ବୈଠକ

କଟକ, ଭୁବନେଶ୍ୱରରେ ୧୬ ବ୍ଲାକ୍ ସ୍ପଟ୍ ଚିହ୍ନଟ

ଭୁବନେଶ୍ୱର, ୨୨।୬(ବ୍ୟୁରୋ)

କଟକ ଓ ଭୁବନେଶ୍ୱର ଦେଇ ଯାଇଥିବା ଜାତୀୟ ରାଜପଥ ଓଭରବ୍ରିଜ୍‌ରେ ବାରମ୍ବାର ଦୁର୍ଘଟଣା ଘଟୁଛି। ଗତକିଛିଦିନ ଧରି ବହୁ ଜୀବନ ଯିବା ପରେ କମିଶନରେଟ ପୋଲିସ ଓ ପ୍ରଶାସନର ଚେତା ପଶିଛି। ଓଭରବ୍ରିଜ ଉପରେ ଦୁର୍ଘଟଣା ରୋକିବାକୁ ତତ୍ପର ପ୍ରକାଶ ପାଇଛି। ଖଣ୍ଡଗିରିରୁ ରସୁଲଗଡ ପର୍ଯ୍ୟନ୍ତ ଓଭରବ୍ରିଜ୍‌ରେ ବିନା ହେଲ୍‌ମେଟ୍‌ରେ ବାଇକ୍‌ରେ ଯିବାକୁ ବାରଣ କରାଯାଇଥିବାବେଳେ ଯାଞ୍ଚ ସହ ପଦକ୍ଷେପ ନିଆଯାଉଛି। ବ୍ଲାକ୍ ସ୍ପଟ୍ ଚିହ୍ନଟ କରିବା ସହ ସେଠାରେ କିଭଳି ଦୁର୍ଘଟଣାକୁ ଏଡାଇ ହେବ ତାହା ଉପରେ ଗୁରୁତ୍ୱ ଦିଆଯାଉଛି। ଶନିବାର କମିଶନରେଟ ପୋଲିସ ମୁଖ୍ୟାଳୟରେ କମିଶନର ସତ୍ୟଜିତ୍ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା। ବୈଠକରେ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ (ଏନ୍‌ଏଚ୍‌ଏଆଇ) ଅଧିକାରୀ ଦେବପ୍ରସାଦ ସାହୁ, ଭୁବନେଶ୍ୱର ଆରଟିଓ-୧ ପ୍ରଦୀପ କୁମାର ମହାନ୍ତି, ଆରଟିଓ-୨ ସଞ୍ଜୟ ବେହେରା, କଟକ ଆର୍‌ଟିଓ ଦୀପ୍ତିରଞ୍ଜନ ପାତ୍ର ଏବଂ

ବୈଠକରେ ଉପସ୍ଥିତ କମିଶନର ସତ୍ୟଜିତ୍ ମହାନ୍ତି ଓ ଅନ୍ୟ ଅଧିକାରୀ।

ଓଭରବ୍ରିଜ୍ ଉପରେ ଦୁର୍ଘଟଣା ରୋକିବାକୁ ତତ୍ପରତା

ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ଏନେଇ ଆଲୋଚନା କରିଥିଲେ। କଟକ-ଭୁବନେଶ୍ୱରରେ ୧୬ଟି ବ୍ଲାକ୍ ସ୍ପଟ୍ ଚିହ୍ନଟ କରାଯାଇଛି। ରାଜଧାନୀର ପିତାପଲ୍ଲୀରୁ ନଖରା ପର୍ଯ୍ୟନ୍ତ ୧୨ଟି ଓ କଟକରେ ୪ଟି ବ୍ଲାକ୍ ସ୍ପଟ୍ ରହିଥିବା ସୂଚନା ଦିଆଯାଇଛି। ଏସବୁ ବ୍ଲାକ୍ ସ୍ପଟ୍‌ରେ ରୋଡ୍ ଇଞ୍ଜିନିୟରିଂ ସମସ୍ୟା ଥିବା ଜଣାପଡିଛି। ସେସବୁ ସ୍ଥାନରେ ଏନ୍‌ଏଚ୍‌ଏଆଇ ପକ୍ଷରୁ ବ୍ଲାକ୍ ସ୍ପଟ୍ ସଂକ୍ରାନ୍ତରେ ସୂଚନା ଫଳକ ଲଗାଯିବ। ସେଠାରେ ନିୟମିତ ଭାବେ ଇଣ୍ଟରସେପ୍ଟର ଭ୍ୟାନ୍ ରହିବା ସହ ଅଟୋମେଟିକ ସ୍ପିଡ଼ର ରିଡ୍‌ସ ଲଗାଯାଇ ଦ୍ରୁତଗତି ଉପରେ ଲଗାମ ଲଗାଯିବ। ରାଜଧାନୀରେ ଚିହ୍ନଟ ବ୍ଲାକ୍ ସ୍ପଟ୍ ସ୍ଥାନଗୁଡିକର ରିପୋର୍ଟ କମିଶନରେଟ ପୋଲିସ ଏନ୍‌ଏଚଏଆଇକୁ ଦେବ। ଏନ୍‌ଏଚ୍‌ଏଆଇ ପକ୍ଷରୁ ସେଠାରେ ଥିବା ଇଞ୍ଜିନିୟରିଂ ତ୍ରୁଟିକୁ ସୁଧାରିବାକୁ ଚେଷ୍ଟା କରିବେ। ଏଥିସହ ଲୋକଙ୍କୁ ସଚେତନ କରିବା ପାଇଁ ସୂଚନା ଫଳକ, ବାରିକେଡ କିମ୍ବା ଅନ୍ୟ ବ୍ୟବସ୍ଥା କରାଯିବ। ଅନ୍ୟପକ୍ଷରେ ଜାତୀୟ ରାଜପଥକୁ ସିଧାସଳଖ ସଂଯୋଗ କରୁଥିବା ରାସ୍ତାରେ ହମ୍ପସ କିମ୍ବା ଦ୍ରୁତଗତି ରୋକିବାକୁ କୌଣସି ବ୍ୟବସ୍ଥା ନାହିଁ। ଫଳରେ ସେସବୁ ସ୍ଥାନରେ ଅଧିକାଂଶ ସମୟରେ ଦୁର୍ଘଟଣା ଘଟୁଛି। ତେଣୁ ରାସ୍ତା ସଂଯୋଗ ସ୍ଥଳରେ କିପରି ଗାଡ଼ିର ଦ୍ରୁତ ଗତି ଓ ଦୁର୍ଘଟଣାକୁ ରୋକିହେବ ସେନେଇ ଆଲୋଚନା ହୋଇଥିଲା। ସେହିଭଳି କମିଶନରେଟ ପୋଲିସ ପକ୍ଷରୁ ହେଲମେଟ୍ ଓ ଅନ୍ୟାନ୍ୟ ଯାଞ୍ଚ କଡାକଡି କରାଯିବ। ଯେଉଁମାନେ ମଦ କିମ୍ବା ମଦ୍ୟପ ଡ୍ରାଇଭରଙ୍କ ଉପରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଆବଶ୍ୟକ ପଡ଼ିଲେ ଆର୍‌ଟିଓ ସେମାନଙ୍କ ଡ୍ରାଇଭିଂ ଲାଇସେନ୍ସକୁ ରଦ୍ଦ କରିବ। ଏହାସହ ବ୍ଲାକ ସ୍ପଟ ଚିହ୍ନଟ ସ୍ଥାନରେ ସିସିଟିଭି ଲଗାଇବା ପାଇଁ ମଧ ବୈଠକରେ ଆଲୋଚନା ହୋଇଥିଲା। ଆଗକୁ ପୁଣି ବୈଠକ ବସି ସମସ୍ୟା ସମାଧାନର ଅନ୍ୟ କୌଣସି ବାଟ ବାହାର କରାଯିବାକୁ ନିଷ୍ପତ୍ତି ହୋଇଥିବା ପୋଲିସ କମିଶନ ମହାନ୍ତି କହିଛନ୍ତି। ଉକ୍ତ ବୈଠକରେ ଅତିରିକ୍ତ ପୋଲିସ କମିଶନର ସଞ୍ଜୟ ସିଂ, ଭୁବନେଶ୍ୱର ଡିସିପି ଅନୁପ କୁମାର ସାହୁ, କଟକ ଅତିରିକ୍ତ ଡିସିପି ବିଜୟ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

■ ପ୍ରଗତିସାଥୀଙ୍କ ଦ୍ୱିତୀୟ ପର୍ଯ୍ୟାୟ ପ୍ରଶିକ୍ଷଣ

ସାମିଲ ହେଲେ ୭୬ ବସ୍ତିର ଯୁବବର୍ଗ

ତାଲିମ ଶିବିରରେ ଉପସ୍ଥିତ ଯୁବତୀଯୁବକ।

ଭୁବନେଶ୍ୱର,୨୨।୬(ବ୍ୟୁରୋ)

ଭୁବନେଶ୍ୱର ବସ୍ତି ଅଞ୍ଚଳରେ ରହୁଥିବା ଯୁବବର୍ଗଙ୍କୁ ସାମାଜିକ ସ୍ତରରେ ଉନ୍ନତର କରିବା ଲାଗି ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡ (ବିଏସ୍‌ସିଏଲ୍) ପକ୍ଷରୁ 'ସୋସିଆଲି ସ୍ମାର୍ଟ ପ୍ରୋଜେକ୍ଟ'କୁ ହାତକୁ ନିଆଯାଇଛି। ପ୍ରଥମେ ଭୁବନେଶ୍ୱର ଟାଉନ ଡିଷ୍ଟ୍ରିକ୍ଟ ସେଣ୍ଟର (ବିଟିଡିସି)ରେ ଥିବା ୨୪ଟି ବସ୍ତିର ଯୁବବର୍ଗଙ୍କୁ ସୋସିଆଲି ସ୍ମାର୍ଟ ପ୍ରକଳ୍ପରେ ସାମିଲ କରାଯାଇଥିଲା। ଏବେ ବିଏସ୍‌ସିଏଲ ପକ୍ଷରୁ ଦ୍ୱିତୀୟ ପର୍ଯ୍ୟାୟରେ ଆଉ ୭୬ଟି ବସ୍ତିରୁ କିଛି ଯୁବବର୍ଗଙ୍କୁ ନେଇ ପ୍ରଗତିସାଥୀର ପୁଣି ଏକ ତାଲିମ ଶିବିରର ଆୟୋଜନ କରାଯାଇଛି। ଶନିବାର ପ୍ରଥମଦିନରେ ୩୭ଜଣ ଯୁବତୀଯୁବକ ଏଥିରେ ଯୋଗ ଦେଇଛନ୍ତି। ପ୍ରଥମ ପର୍ଯ୍ୟାୟରେ ତାଲିମ ପାଇଥିବା ପ୍ରଗତିସାଥୀଙ୍କ ସଫଳ ହେବାରୁ ଦ୍ୱିତୀୟ ପର୍ଯ୍ୟାୟ ତାଲିମ ଶିବିରର ଆୟୋଜନ କରାଯାଇଛି। ୨୪ଜଣ ପ୍ରଗତିସାଥୀରୁ ଆରମ୍ଭ ହୋଇଥିବା ଏହି ପ୍ରକଳ୍ପ ଏବେ ୧୦୦ଜଣରେ ପହଞ୍ଚିଲାଣି। ଦ୍ୱିତୀୟ ପର୍ଯ୍ୟାୟରେ ମୋଟ ୩ଦିନ ତାଲିମ ଶିବିର ହେବାକୁ ଥିବାବେଳେ ସିଓ୍ୱାଇଏସ୍‌ଡିରେ ଆସନ୍ତା ଦୁଇଦିନ ଧରି ଏହି ଶିବିର ଜାରି ରହିବ। ବସ୍ତିବାସିନ୍ଦାମାନଙ୍କୁ ସାମାଜିକ ଭାବେ ଉନ୍ନତ ଓ ବିକଶିତ କରିବା ଲାଗି ବିଏସ୍‌ସିଏଲ ପକ୍ଷରୁ ଏହି କାର୍ଯ୍ୟ ହାତକୁ ନିଆଯାଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ଏହି ପ୍ରଗତିସାଥୀମାନେ ବସ୍ତିରେ ବହୁ ସଚେତନାମୂଳକ କାର୍ଯ୍ୟ କରିଆସୁଛନ୍ତି।

■ ବିନୋଦ କାନୁନ୍‌ଗୋ ରାଜ୍ୟସ୍ତରୀୟ ଶ୍ରାଦ୍ଧୋତ୍ସବ

ବିବେକର ଆହ୍ୱାନରେ ସେ ଥିଲେ ଜ୍ଞାନମନସ୍କ

ଭୁବନେଶ୍ୱର, ୨୨।୬(ବ୍ୟୁରୋ)

ସ୍କୁଲ ଜୀବନରୁ ସ୍ୱାଧୀନତା ସଂଗ୍ରାମର ଡାକରାରେ ସତ୍ୟାଗ୍ରହୀ ପାଲଟି ଥିବା ବିନୋଦ କାନୁନ୍‌ଗୋ ପରବର୍ତ୍ତୀ ସମୟରେ ବିବେକର ଆହ୍ୱାନରେ ଜ୍ଞାନମନସ୍କ ହୋଇଥିଲେ। ଜଣେ ସୁପ୍ରସିଦ୍ଧ ଲେଖକ, ସ୍ୱାଧୀନତା ସଂଗ୍ରାମୀ, ଗାନ୍ଧୀବାଦୀ, ଉତ୍ତମ ଶିକ୍ଷକ, ସମାଜ ସଂସ୍କାରକ ଓ ଜ୍ଞାନମଣ୍ଡଳର ପ୍ରଣେତା ଭାବେ ପଦ୍ମଶ୍ରୀ ବିନୋଦ ସ୍ମରଣୀୟ ରହିବେ ବୋଲି ରାଜ୍ୟସ୍ତରୀୟ ଶ୍ରାଦ୍ଧୋତ୍ସବରେ ଅତିଥିମାନେ କହିଛନ୍ତି। ଓଡ଼ିଶା ସାହିତ୍ୟ ଏକାଡେମୀ ଆନୁକୂଲ୍ୟରେ ଶନିବାର ସନ୍ଧ୍ୟାରେ ପାନ୍ଥନିବାସରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ କଥାକାର ଓ ସ୍ତମ୍ଭକାର ଡ. ଗୌରହରି ଦାସ

ଶ୍ରାଦ୍ଧ ଉତ୍ସବରେ ଯୋଗ ଦେଇଥିବା ଅତିଥିବୃନ୍ଦ।

ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ବିନୋଦ ଜଣେ ସତ୍ୟାଗ୍ରହୀ ହେବାକୁ ଇଚ୍ଛା କରିଥିବାବେଳେ ନିଜ ମା'ଙ୍କୁ ଆପଣା ବିବେକର ଆହ୍ୱାନ ଶୁଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟବକ୍ତା ଭାବେ ଗାଳ୍ପିକ, ନାଟ୍ୟକାର ତଥା ଅନୁବାଦକ ସୀତେଶ ତ୍ରିପାଠୀ ଯୋଗଦେଇଥିଲେ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅତିରିକ୍ତ ଶାସନ ସଚିବ ତଥା ନିର୍ଦ୍ଦେଶକ ବିଜୟ କୁମାର ନାୟକ, ଏକାଡେମୀର ସଭାପତି ବିଶିଷ୍ଟ ନାଟ୍ୟକାର ତଥା କବି ହରିହର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଡ. ଜୟନ୍ତୀ ରଥ ସ୍ୱାଗତ ଭାଷଣ ସମେତ ଶ୍ରାଦ୍ଧୋତ୍ସବ ପାଳନର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଶେଷରେ ସଞ୍ଜୟ ଛୁଆଳସିଂହ ଧନ୍ୟବାଦ ଦେଇଥିଲେ।

୯ ମହଲାରୁ ଡେଇଁ ଆତ୍ମହତ୍ୟା

ଭୁବନେଶ୍ୱର,୨୨।୬(ବ୍ୟୁରୋ)

ଇନ୍‌ଫୋସିଟି ଥାନା ଅନ୍ତର୍ଗତ ରଘୁନାଥପୁର ବ୍ରିଜ୍ ନିକଟ ମଣି ତିରୁମାଲା ଆପାର୍ଟମେଣ୍ଟର ୯ ମହଲା ବାଲ୍‌କୋନିରୁ ଡେଇଁ ଜଣେ ବ୍ୟକ୍ତି ଆତ୍ମହତ୍ୟା କରିଛନ୍ତି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲକୁ ପଠାଇଦେଇଛି। ମୃତ ଯୁବକ ହେଲେ ଅନ୍ତର୍ଯ୍ୟାମୀ ସାହୁ(୪୮)। ସେ ମାନସିକ ରୋଗରେ ଆକ୍ରାନ୍ତ ହୋଇ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ଗତ ଦୁଇଦିନ ତଳେ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିବାରୁ ଡାକ୍ତର ତାଙ୍କୁ ଡିସ୍‌ଚାର୍ଜ କରି ଘରକୁ ପଠାଇ ଦେଇଥିଲେ। ସେ ତିରୁମାଲା ଆପାର୍ଟମେଣ୍ଟରେ ରହୁଥିବା ଭାଇଙ୍କ ଘରେ ଥିଲେ। ତାଙ୍କୁ ଗାଁକୁ ନେବା ପାଇଁ ପରିବାର ଲୋକେ ପ୍ରସ୍ତୁତ ହେଉଥିଲେ। ହେଲେ ସନ୍ଧ୍ୟାରେ ସେ ୯ ମହଲାରୁ ତଳକୁ ଡେଇଁ ପଡିଥିଲେ। ତାଙ୍କର ମୁଣ୍ଡ, ଛାତି ଫାଟିଯିବା ସହ ହାତ ଓ ଗୋଡ଼ ଭାଙ୍ଗି ଯାଇଥିଲା। ଘଟଣା ସ୍ଥଳରେ ହିଁ ପ୍ରାଣବାୟୁ ଉଡ଼ିଯାଇଥିଲା।

'ଓଡ଼ିଶାର ପରିଚୟ, ସୁନାମ ବୃଦ୍ଧି ପାଇଁ ତତ୍ପର ହୁଅ'

ଭୁବନେଶ୍ୱର, ୨୨।୬(ବ୍ୟୁରୋ)

ସୂଚନା ଓ ଲୋକସମ୍ପର୍କ ବିଭାଗ ପ୍ରଶାସନ ଏବଂ ଜନସାଧାରଣଙ୍କ ମଧ୍ୟରେ ସମନ୍ୱୟ ରକ୍ଷାପୂର୍ବକ ଏହାର କାର୍ଯ୍ୟକ୍ରମକୁ ସକ୍ରିୟ କରିବା ନିମନ୍ତେ ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ ଶନିବାର ପରାମର୍ଶ ଦେଇଛନ୍ତି। ଓଡ଼ିଶାର ପ୍ରମୁଖ ପରିଚିତ, ପ୍ରତିଷ୍ଠା, ବିକାଶଧାରାର ଚିତ୍ର ରାଜ୍ୟ ଓ ରାଜ୍ୟ ବାହାରେ ବ୍ୟାପକ ଭାବେ ପ୍ରଚାର ଏବଂ ପ୍ରସାରିତ କରିବାକୁ ଆଭିମୁଖ୍ୟ ଗ୍ରହଣ କରି ବିଭାଗ କ୍ରିୟାଶୀଳ ହେବ ବୋଲି ମନ୍ତ୍ରୀ ଆଶା ପ୍ରକଟ କରିଛନ୍ତି। ଅପରାହ୍ନରେ ଗୀତଗୋବିନ୍ଦ ସଦନରେ ମନ୍ତ୍ରୀ ବିଭାଗୀୟ କାର୍ଯ୍ୟକ୍ରମ ଉପରେ ସମୀକ୍ଷା ବିଭାଗର ପଦାଧିକାରୀ ତଥା କର୍ମଚାରୀମାନେ ଓଡ଼ିଶାର ପରିଚୟ ଓ ସୁନାମ ବୃଦ୍ଧି ନିମନ୍ତେ ତତ୍ପର ହେବା ଆବଶ୍ୟକ। ବୈଠକ ଆରମ୍ଭରେ ବିଭାଗର କମିଶନର ତଥା ଶାସନ ସଚିବ ସଞ୍ଜୟ କୁମାର ସିଂହ କହିଥିଲେ, ବିଭାଗରେ ଖୁବ୍‌ଶୀଘ୍ର ଅଡିଓ-ଭିଡିଓ ଅଭିଲେଖାଗାର ପ୍ରତିଷ୍ଠା ପାଇଁ ଉଦ୍ୟମ ଆରମ୍ଭ ହେଉଛି। ଏହି ଅବସରରେ ମନ୍ତ୍ରୀଙ୍କୁ ଗଣମାଧ୍ୟମ-ସମନ୍ୱୟ, ସମ୍ବାଦ ପରିବେଷଣ, ଉତ୍ସବ-ଅନୁଷ୍ଠାନ ପାଳନ, ନିୟମିତ ପ୍ରକାଶନ, ବିଶେଷ ଉତ୍ସବ ପରିଚାଳନା, ଭିଭିଆଇପି ପରିଦର୍ଶନ ସମୟରେ ଶୃଙ୍ଖଳା ଓ ମିଡିଆ କାର୍ଯ୍ୟାନୁଷ୍ଠାନ, ସାମ୍ବାଦିକ କଲ୍ୟାଣ, କ୍ଷେତ୍ର ପ୍ରଚାର, ବାଣିଜ୍ୟମେଳାରେ ଅଂଶଗ୍ରହଣ, ଛାପା ଓ ଇଲେକ୍ଟ୍ରୋନିକ୍ ଗଣମାଧ୍ୟମରେ ତଥ୍ୟ-ବିବରଣୀ-ବିଜ୍ଞାପନ ପ୍ରଚାର ପ୍ରସାର ଉପରେ ମନ୍ତ୍ରୀ ଦାସଙ୍କୁ ଅବଗତ କରାଯାଇଥିଲା। ବୈଠକରେ ବିଭାଗୀୟ ନିର୍ଦ୍ଦେଶକ ଲକ୍ଷ୍ମୀଧର ମହାନ୍ତି, ଯୁଗ୍ମ ଶାସନ ସଚିବ ଶୁଭେନ୍ଦ୍ର କୁମାର ନାୟକ, ଅତିରିକ୍ତ ନିର୍ଦ୍ଦେଶକ ନିରଞ୍ଜନ ସେଠୀ, ଉପଶାସନ ସଚିବ ଦୁର୍ଗାପ୍ରସାଦ ମହାରଣା, ଦୁର୍ଯ୍ୟୋଧନ ବେହେରା, ଉପନିର୍ଦ୍ଦେଶକ ବିପିନ ବିହାରୀ ବାରିକଙ୍କ ସମେତ ଅନ୍ୟ ପଦାଧିକାରୀ ଉପସ୍ଥିତ ଥିଲେ।

■ ସହକାରୀ ପ୍ରଫେସରଙ୍କ ଘରୁ ଚୋରି ଘଟଣା

ଧରାପଡ଼ିଲେ ୩ ଅଭିଯୁକ୍ତ, ସୁନା ଗହଣା ଜବତ

ଭୁବନେଶ୍ୱର,୨୨।୬(ବ୍ୟୁରୋ)

ମଞ୍ଚେଶ୍ୱର ଥାନା ଚକେଇଶିଆଣିରେ ରହୁଥିବା ରମାଦେବୀ ମହିଳା ମହାବିଦ୍ୟାଳୟର ସହକାରୀ ପ୍ରଫେସର ଗୋପାଳକୃଷ୍ଣ ଆଚାର୍ଯ୍ୟଙ୍କ ଘରୁ ବଡ଼ଧରଣର ଚୋରି ଘଟଣାରେ ପୋଲିସ ୩ଜଣଙ୍କୁ ଗିରଫ କରିବାରେ ସଫଳ ହୋଇଛି। ସେମାନେ ହେଲେ ଗଞ୍ଜାମ ଜିଲା ଗୋପାଳପୁର ଅଞ୍ଚଳର ସୁଶାନ୍ତ ଗୌଡ଼, ମଞ୍ଚେଶ୍ୱର ପାଣ୍ଡରାରେ ରହୁଥିବା ସୁଧାକର ବେହେରାଓ ଯାଜପୁର ଜିଲା ବିଞ୍ଝାରପୁର ଅଞ୍ଚଳର ଭାଗବତ ସାହୁ। ସେମାନଙ୍କ ନିକଟରୁ ପୋଲିସ ୧୪୦ ଗ୍ରାମର ଚୋରି ସୁନା ଅଳଙ୍କାର, ୩୧୦ ଗ୍ରାମର ରୁପା ଅଳଙ୍କାର, ଗୋଟିଏ ମୋବାଇଲ୍ ଫୋନ ଓ ଗୋଟିଏ ପଲସର ବାଇକକୁ ଜବତ କରିଛି। ଶନିବାର ପୋଲିସ ସେମାନଙ୍କୁ ନଂ.୨୨୪/୧୯ରେ କୋର୍ଟ ଚାଲାଣ କରିଛି।

ପୋଲିସର ସୂଚନାନୁସାରେ, ଗିରଫ ସୁଶାନ୍ତ ହେଉଛନ୍ତି ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ। ତାଙ୍କ ନାମରେ ମଞ୍ଚେଶ୍ୱର ଥାନାରେ ଚୋରି, ଡକାୟତି ଓ ଲୁଟ ଆଦି ଅନେକ ମାମଲା ରହିଛି। ପ୍ରଫେସରଙ୍କ ଘରୁ ଚୋରି ହେବା ପରେ ପୋଲିସର ତା' ଉପରେ ସନ୍ଦେହ ବଢିଥିଲା। ଶୁକ୍ରବାର ରାତିରେ ସୁଶାନ୍ତ ବୁଲୁଥିବାବେଳେ ପୋଲିସ ତାଙ୍କୁ ଉଠାଇ ଆଣି ଥାନାରେ ପଚରାଉଚରା କରିଥିଲା। ସୁଶାନ୍ତ ଓ ପପୁ ନାମକ ଅନ୍ୟ ଜଣେ ଅଭିଯୁକ୍ତ ଗତ ୧୭ ତାରିଖରେ ପ୍ରଫେସରଙ୍କ ଘର ଝରକା ତାଡି ସୁନା ଗହଣା ଲୁଟି ନେଇଥିଲେ। ସେମାନେ ଉକ୍ତ ଚୋରି ସୁନା ଅଳଙ୍କାରକୁ ସୁଧାକର ଓ ଭାଗବତକୁ ବିକ୍ରି କରିଥିଲେ। ତାଙ୍କ ବୟାନ ଆଧାରରେ ସୁଧାକର ଓ ଭାଗବତଙ୍କୁ ପୋଲିସ ଗିରଫ କରିବା ସହ ସେମାନଙ୍କ ନିକଟରୁ ଚୋରି ସୁନାଗହଣା ଜବତ କରିଥିଲା।

ସୂଚନାଯୋଗ୍ୟ, ପ୍ରଫେସର ଆଚାର୍ଯ୍ୟ ଚକେଇଶିଆଣିର ପ୍ଲଟ୍ ନଂ-୧୪୩/୮୯୧୦ରେ ଘର ଭଡ଼ା ନେଇ ରହୁଛନ୍ତି। କୌଣସି କାମରେ ମେ ୩୦ ତାରିଖରେ ଜଗତସିଂହପୁର ମହିରାସ୍ଥିତ ସମ୍ପର୍କୀୟଙ୍କ ଘରକୁ ଯାଇଥିଲେ। ସେ ଭୁବନେଶ୍ୱରକୁ ଗତ ୧୭ ତାରିଖରେ ଫେରିବା ପରେ ଘର ଝରକା ତଡ଼ାଯାଇ ଚୋରି ହୋଇଥିବା ଦେଖିବାକୁ ପାଇଥିଲେ। ଆଲମିରାରୁ ୨୨ଭରି ସୁନା ଓ ରୁପା ଅଳଙ୍କାର, ଗୋଟିଏ ଏଲ୍‌ଇଡି ଟିଭି ଓ ନଗଦ ୫୦ ହଜାର ଟଙ୍କା ଚୋରି ହୋଇଥିବା ନେଇ ଆଚାର୍ଯ୍ୟ ମଞ୍ଚେଶ୍ୱର ଥାନାରେ ଅଭିଯୋଗ କରିଥିଲେ।

ଧୂପକାଠି ମେଶିନ ଦେଲା ଆଇଟିସି

ଭୁବନେଶ୍ୱର, ୨୨।୬(ବ୍ୟୁରୋ)

ଓଡ଼ିଶା ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଅଧୀନରେ ଥିବା ଓଡ଼ିଶା ଗ୍ରାମୀଣ ବିକାଶ ଓ ବିପଣନ ସମିତି (ଓର୍‌ମାସ୍) ତରଫରୁ, ଚିଲିକା ବ୍ଲକ ଅନ୍ତର୍ଗତ ବଡ଼କୂଳ ଗାଁରେ ଶୁକ୍ରବାର ଧୂପକାଠି ମେଶିନ ପ୍ରଦାନ କରାଯାଇଛି। ଭାରତୀୟ ବହୁରାଷ୍ଟ୍ରୀୟ କମ୍ପାନୀ ଆଇଟିସି ପକ୍ଷରୁ, ବଡ଼କୂଳର ଭାଗ୍ୟଲକ୍ଷ୍ମୀ ଅଗରବତୀ ଉତ୍ପାଦକ ଗୋଷ୍ଠୀକୁ ୧୦ଟି ଧୂପକାଠି ତିଆରି ମେଶିନ ପ୍ରଦାନ କରାଯାଇଛି। ଏହି ଅବସରରେ ବଡ଼କୂଳ କ୍ଲବ ଘର ନିକଟରେ ଆୟୋଜିତ ସଭାରେ ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ମୁଖ୍ୟଅତିଥି ଭାବେ ଯୋଗଦେଇ ଓର୍‌ମାସ୍ ଏବଂ କମ୍ପାନୀର ଏହି ଉଦ୍ୟମକୁ ପ୍ରଶଂସା କରିଥିଲେ। ସଭାରେ ଅନ୍ୟମାନଙ୍କ

ମଧ୍ୟରେ ଓର୍‌ମାସ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ମିତିରଞ୍ଜନ ପ୍ରଧାନ, ଓରମାସ୍‌ର ଡେପୁଟି ଡାଇରେକ୍ଟର ମାର୍କେଟିଂ ସୁଜୟ କର ଏବଂ ଆଇଟିସି ଅଧିକାରୀ ଉପସ୍ଥିତ ଥିଲେ। ଓର୍‌ମାସ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଏହି ଅଭିଯାନ ଗ୍ରାମୀଣ ମହିଳାମାନଙ୍କ ଆର୍ଥିକ ସ୍ଥିତିରେ କିଭଳି ଉନ୍ନତି ଆଣି ପାରିବ ସେ ଦିଗରେ ଆଲୋକପାତ କରିଥିଲେ।

ପ୍ରଜାପିତା ବ୍ରହ୍ମ କୁମାରୀ ପକ୍ଷରୁ ଯୋଗ ଶିବିର

ଭୁବନେଶ୍ୱର,୨୨।୬(ବ୍ୟୁରୋ)

ସ୍ଥାନୀୟ ଫରେଷ୍ଟ ପାର୍କରେ ପ୍ରଜାପିତା ବ୍ରହ୍ମକୁମାରୀ ପକ୍ଷରୁ ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ଏକ ଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି। ସକାଳ ୫ଟା ୨୦ରୁ ଅନୁଷ୍ଠିତ ହୋଇଥିବା ଏହି ଶିବିରରେ ଭୁବନେଶ୍ୱରର ସମସ୍ତ ଶାଖାର ବହୁ ସଂଖ୍ୟାର ପ୍ରଜାପିତା ଭଉଣୀଭାଇମାନେ ଏଥିରେ ଯୋଗ ଦେଇଥିଲେ। ପ୍ରଥମେ ବ୍ରହ୍ମକୁମାର ସୁବ୍ରତ ଭାଇ ସମସ୍ତଙ୍କୁ ଯୋଗ କରାଇବା ସହ ଶାରୀରିକ ଯୋଗ ସ୍ୱାସ୍ଥ୍ୟ ପାଇଁ ନିହାତି ଆବଶ୍ୟକ ବୋଲି କହିଥିଲେ। ଓଡ଼ିଶାର ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ବ୍ରହ୍ମକୁମାରୀ ତପସ୍ୱିନୀ, ଦୁର୍ଗେଶ ନନ୍ଦିନୀ, ମଞ୍ଜୁ, ବ୍ରହ୍ମକୁମାର ବିଜୟ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରାଚୀନ ଯୋଗର ମହତ୍ତ୍ୱ ବିଷୟରେ ଆଲୋକପାତ କରାଇଥିଲେ। ବ୍ରହ୍ମକୁମାରୀ ଲିନା କାର୍ଯ୍ୟକ୍ରମରେ ପ୍ରଦୀପ ପ୍ରଜ୍ୱଳନର ବ୍ୟବସ୍ଥା କରିଥିଲେ।

ଚାନ୍ଦା ଆଦାୟ ବାହାନାରେ ଚୋରି, ୪ ଗିରଫ

କଟକ ରୋଡ,୨୨।୬(ଡି.ଏନ୍.ଏ.)

ବିଭିନ୍ନ ଦେବଦେବୀଙ୍କ ନାଁରେ ଚାନ୍ଦା ଆଦାୟ ବାହାନାରେ ରାଜଧାନୀରେ ସକ୍ରିୟ ହୋଇଛନ୍ତି ଚୋରି ଗ୍ୟାଙ୍ଗ। ଅନ୍ୟମନସ୍କତା ସୁଯୋଗରେ ଦୋକାନରୁ ଚୋରି କରି ଚମ୍ପଟ ମାରୁଛନ୍ତି। ଏଭଳି ଏକ ଗ୍ୟାଙ୍ଗର ୪ସଦସ୍ୟଙ୍କୁ ଲକ୍ଷ୍ମୀସାଗର ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ନୟାଗଡ ଜିଲା ଫତେଗଡ଼ ଥାନା ନିମାଇଁ ଗ୍ରାମର ଚିତ୍ତ ନାୟକ, ନୟାଗଡ ଥାନା ନୂଆଗାଁ ଅଞ୍ଚଳର ରାକେଶ ନାୟକ, ପୁରୀ ଜିଲା ସତ୍ୟବାଦୀରେ ରହୁଥିବା ବବଲୁ ନାୟକ ଓ ଖୋର୍ଦ୍ଧା ସଦର ଥାନା ଅଧୀନ ଅରଖପଲ୍ଲୀର ସଞ୍ଜୟ ନାୟକ। ଏମାନଙ୍କଠାରୁ ଚାନ୍ଦା ଆଦାୟ ରସିଦ

୫୦୦ଟଙ୍କା, ରସିଦ୍ ବହି ଜବତ

ବହି ସହ ୫୦୦ଟଙ୍କା ଜବତ ହୋଇଛି। ପୋଲିସ ସୂଚନା ଅନୁଯାୟୀ, ଲକ୍ଷ୍ମୀସାଗର ଥାନା କଟକ ରୋଡରେ ଥିବା ଏକ କାର ଆସେସୋରିଜ ଦୋକାନରେ ସଦାନନ୍ଦ ନାୟକ ପରିଚାଳକ ଭାବେ କାମ କରନ୍ତି। ଗତ ମେ' ୨୦ତାରିଖରେ ଅଭିଯୁକ୍ତମାନେ ସନ୍ଧ୍ୟା ୫ଟାରେ ଏକ ମନ୍ଦିର ପ୍ରତିଷ୍ଠା ପାଇଁ ଉକ୍ତ ଦୋକାନକୁ ଆସିଥିଲେ। ସେଥିମଧ୍ୟରୁ ୨ଯୁବକ ସଦାନନ୍ଦଙ୍କୁ ଆଡୁଆଳ କରିଦେବା ପରେ ଅନ୍ୟମାନେ ଦୋକାନ ଟଙ୍କା ବାକ୍ସରୁ ୮ହଜାର ଟଙ୍କା ନେଇ ପଳାଇଥିଲେ। ରାତିରେ ଟଙ୍କା ଗଣତି ସମୟରେ ଉକ୍ତ ଚୋରି ଟଙ୍କାର ହିସାବ ମିଳି ନ ଥିଲା। କର୍ମଚାରୀଙ୍କ ପକ୍ଷରୁ ଦୋକାନରେ ଲଗାଯାଇଥିବା ସିସି ଟିଭି କ୍ୟାମେରା ଯାଞ୍ଚ ପରେ ଯୁବକମାନଙ୍କ ଚୋରିର ଦୃଶ୍ୟ କଏଦ ହୋଇଥିଲା। ଏ ନେଇ ଗତ ୩ ତାରିଖରେ ସଦାନନ୍ଦ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା(ନଂ.୧୪୧/୧୯)ରୁଜୁ କରିବା ସହ ସିସି ଟିଭି ଫୁଟେଜ ସଂଗ୍ରହ କରିଥିଲା। ଅଭିଯୁକ୍ତମାନଙ୍କୁ ଗିରଫ କରିବା ପରେ ସେମାନେ ରାଜଧାନୀର କ୍ୟାପିଟାଲ, ଲିଙ୍ଗରାଜ ଥାନା ଅଞ୍ଚଳରେ ଘଟିଥିବା କେତେକ ଆପରାଧିକ ମାମଲାରେ ସମ୍ପୃକ୍ତି ଥିବା ପୋଲିସ ଜାଣିବାକୁ ପାଇଛି। ଅନ୍ୟପକ୍ଷରେ କଟକ ରୋଡରେ ବହୁ ସଂଖ୍ୟକ ବ୍ୟବସାୟ ପ୍ରତିଷ୍ଠାନ ରହିଛି। ତେଣୁ ଚାନ୍ଦା ଆଦାୟ ବାହାନାରେ ପ୍ରାୟତଃ ଖରାବେଳେ ଦୋକାନରୁ ଚୋରି କରନ୍ତି ବୋଲି ଥାନା ଅଧିକାରୀ ଦୟାନିଧି ନାୟକ କହିଛନ୍ତି।

ଅନ୍‌ଲାଇନ୍ ରିଭ୍ୟୁ

ବର୍ତ୍ତମାନ ବ୍ୟବହାର କରିବା ପୂର୍ବରୁ କୌଣସି ଜିନିଷ ବିଷୟରେ ଜାଣିବାରେ ଉପଭୋକ୍ତାଙ୍କୁ ବେଶ୍ ସାହାଯ୍ୟ କରୁଛି ଅନ୍‌ଲାଇନ୍ ରିଭ୍ୟୁ। ତେବେ ଏହା କେତେ ଭରସା ଯୋଗ୍ୟ ତାହା ପ୍ରଶ୍ନବାଚୀ...

ବର୍ତ୍ତମାନ ଅଧିକାଂଶ ବିଭିନ୍ନ କାର୍ଯ୍ୟ ଲାଗି ଇଣ୍ଟରନେଟ୍ ବ୍ୟବହାର କରୁଛନ୍ତି। ଏମିତିକି କୌଣସି ନୂଆ ଆପ୍ଲିକେଶନ, ପ୍ରଡକ୍ଟ ବ୍ୟବହାର କରିବା ହେଉ ଅବା କିଛି ନୂଆ ସାମଗ୍ରୀ କିଣିବା ପୂର୍ବରୁ ଏହା ବିଷୟରେ ଜାଣିବା ଲାଗି ମଧ୍ୟ ସାହାଯ୍ୟ ନେଉଛନ୍ତି ଇଣ୍ଟରନେଟ୍‌ର। ଅର୍ଥାତ୍ ବର୍ତ୍ତମାନ ଛୋଟ ବଡ଼ ପ୍ରାୟ ସବୁକିଛିର ସବିଶେଷ ତଥ୍ୟ ସହିତ ଅନ୍‌ଲାଇନ୍ ରିଭ୍ୟୁ ଜରିଆରେ ଏହା ଦ୍ୱାରା ବ୍ୟବହୃତ କେତେ ଉପକୃତ ଅବା କେଉଁ କାରଣକୁ ନେଇ ଅସନ୍ତୁଷ୍ଟ ସେ ସମ୍ପର୍କରେ ସହଜରେ ଜାଣି ହେଉଛି।

ଏକ ସର୍ଭେ ରିପୋର୍ଟ ମୁତାବକ, ଇଣ୍ଟରନେଟ୍ ଉପଭୋକ୍ତାଙ୍କ ମଧ୍ୟରୁ ପ୍ରାୟ ୯୧% ଅନ୍‌ଲାଇନ୍ ରିଭ୍ୟୁ ଚେକ୍ କରିଥାଆନ୍ତି। ସେମାନଙ୍କ ମଧ୍ୟରୁ ୮୪% ଏହା ଉପରେ ବିଶ୍ୱାସ କରୁଥିବା ବେଳେ ୬୮% ଏହା ଅନୁସାରେ ନିଷ୍ପତ୍ତି ନେଉଥିବା ଜଣାପଡିଛି।

ଜାଣିରଖନ୍ତୁ...

❖ ଅନ୍‌ଲାଇନ୍ ରିଭ୍ୟୁରେ ଖୁବ୍ ଭଲ ଭଲ କମେଣ୍ଟ୍ସ ଦେଖି କିଣିଥିବା ବିଭିନ୍ନ ପ୍ରଡକ୍ଟ ବାସ୍ତବରେ ଖରାପ ପଡୁଥିବାର ଅଭିଯୋଗ ଅନେକଙ୍କଠାରୁ ଶୁଣିବାକୁ ମିଳେ। ତେଣୁ କେବଳ ପଜିଟିଭ୍ କମେଣ୍ଟ୍ସ ପଢ଼ି ଖୁସି ହୋଇଯିବା ପରିବର୍ତ୍ତେ ନେଗେଟିଭ୍ କମେଣ୍ଟ୍ସ ବି ପଢ଼ନ୍ତୁ। ଏହା ଦ୍ୱାରା କିଛି ଉପଭୋକ୍ତାଙ୍କ ଅସନ୍ତୁଷ୍ଟିର କାରଣ ଜାଣିବା ଦ୍ୱାରା ହୁଏତ ଆପଣଙ୍କୁ ଏହାକୁ ବ୍ୟବହାର କରିବାର ନିଷ୍ପତ୍ତି ନେବା ସହଜ ହେବ।

❖ ଅନେକ କମ୍ପାନୀ ବିଭିନ୍ନ ୱେବ୍‌ସାଇଟ୍‌ରେ ନିଜ ପ୍ରଡକ୍ଟଗୁଡିକର ପ୍ରମୋଶନ ପାଇଁ ରିଭ୍ୟୁରେ ଖୁବ୍ ଭଲ ଭଲ କମେଣ୍ଟ୍ସ ଦେବା ଲାଗି ଫ୍ରିଲାନ୍ସ ରାଇଟର୍‌ମାନଙ୍କୁ ଟଙ୍କା ଦେଇଥାଆନ୍ତି। କେବଳ ଏତିକି ନୁହେଁ, ଏହାକୁ ୫ ଷ୍ଟାର୍ ରେଟିଂ ଦେବା ଲାଗି ମଧ୍ୟ କହିଥାଆନ୍ତି, ଯାହାକୁ ଦେଖି ଅନେକେ ଭ୍ରମରେ ପଡ଼ିଥାଆନ୍ତି।

❖ କେବଳ ଏତିକି ନୁହେଁ, ଅନେକ କମ୍ପାନୀ ନିଜ ପ୍ରଡକ୍ଟ ବିଷୟରେ ଭଲ କମେଣ୍ଟ୍ସ ଦେବା ବଦଳରେ ଗିଫ୍ଟ, ରିୱାର୍ଡ, ଫ୍ରି ପ୍ରଡକ୍ଟ ଆଦି ଅଫର ମଧ୍ୟ କରିଥାଆନ୍ତି।

❖ ଠିକ୍ ସେହିପରି ଅନେକ କଷ୍ଟମର ଅଯଥାରେ ନେଗେଟିଭ୍ କମେଣ୍ଟ ମଧ୍ୟ ଦେଇଥାଆନ୍ତି। ଉଦାହରଣ ସ୍ୱରୂପ ଜଣେ ନନ୍‌ଭେଜ୍ ଖାଉଥିବା ବ୍ୟକ୍ତିଙ୍କୁ ଗୋଟିଏ ଭେଜ୍ ରେଷ୍ଟୁରାଣ୍ଟର ଖାଦ୍ୟ ପସନ୍ଦ ନ ଆସିବା ଦ୍ୱାରା ସେ ଏହାକୁ କୌଣସି ରେଟିଂ ପଏଣ୍ଟ ନ ଦେଇ କମେଣ୍ଟରେ ଏହି ରେଷ୍ଟୁରାଣ୍ଟର ଖାଦ୍ୟ ଭଲ ନୁହେଁ ବୋଲି ଲେଖିପାରନ୍ତି। ତେଣୁ ଅନ୍‌ଲାଇନ୍ ରିଭ୍ୟୁ ଚେକ୍ କରିବାର ବେଷ୍ଟ ଉପାୟ ହେଉଛି ସର୍ବଦା ଅତିକମ୍‌ରେ ୩୦ ଯୁଜର ରିଭ୍ୟୁ ଥିଲେ ହିଁ ଏହା ବିଶ୍ୱାସଯୋଗ୍ୟ। ଅଧିକ ସଂଖ୍ୟାରେ କମେଣ୍ଟ ପଢିବା ଦ୍ୱାରା ଏକ ସାମାନ୍ୟ ଧାରଣା ଆସିପାରିବ।

ବିଶ୍ୱରୂପା

ଓମ୍‌କାର

କ'ଣ କରନ୍ତି ଏମାନେ...

ବିଶ୍ୱରୂପା ସାହୁ (ଯୁକ୍ତ ୨, ସୁଦର୍ଶନ ମହାବିଦ୍ୟାଳୟ, କଟକ)– ପୂର୍ବରୁ ମୋବାଇଲ୍‌ରେ ନୂଆ ଆପ୍ଲିକେଶନଟିଏ ଇନ୍‌ଷ୍ଟଲ୍ କରି ଅନେକ ଥର ବାଲାନ୍ସ କଟିଯିବା କିମ୍ବା ଅଯଥା ଆଡ୍ ଆସିବା ଭଳି ସମସ୍ୟା ଉପୁଜିଛି। ହେଲେ ବର୍ତ୍ତମାନ ଇନ୍‌ଷ୍ଟଲ୍ କରିବା ପୂର୍ବରୁ ପ୍ରଥମେ ଏହି ଆପ୍‌ର ଅନ୍‌ଲାଇନ୍ ରିଭ୍ୟୁ ଚେକ୍ କରିନେଉଛି। ସେହିପରି ଇ–ଶପିଂ କରିବା ସମୟରେ ମଧ୍ୟ ଅନ୍‌ଲାଇନ୍ ରିଭ୍ୟୁ ପଢ଼ି ଠିକ୍ ଜିନିଷ ବାଛିବାରେ ବେଶ୍ ସୁବିଧା ହେଉଛି।

ଓମ୍‌କାର ଆନନ୍ଦ ମିଶ୍ର (ଭୁବନେଶ୍ୱର)– ଇଣ୍ଟରନେଟ୍‌ରେ ଯାହା ରିଭ୍ୟୁ ଆସୁଛି, ତାହା ସମ୍ପୂର୍ଣ୍ଣ ସତ ବୋଲି ମୁଁ ବିଶ୍ୱାସ କରେନି। କାରଣ ଅନେକ କମ୍ପାନୀ ନିଜ ପ୍ରଡକ୍ଟ ପ୍ରମୋଶନ୍ ଲାଗି ଭଲ ଭଲ କମେଣ୍ଟ ଲେଖେଇ ଦେଇ ପାରନ୍ତି। ତଥାପି ମଧ୍ୟ କୌଣସି ଜିନିଷ ବିଷୟରେ ଜାଣିବାର ହେଲେ ଇଣ୍ଟରନେଟ୍‌ରେ ଏହାର ରିଭ୍ୟୁ ଦେଖେ, ବିଶେଷ କରି ନେଗେଟିଭ୍ କମେଣ୍ଟରେ ଉପଭୋକ୍ତା ଅସନ୍ତୁଷ୍ଟର କାରଣ କ'ଣ ଲେଖିଛନ୍ତି ପଢ଼େ, ଯଦ୍ୱାରା ନିଷ୍ପତ୍ତି ନେବାରେ ସୁବିଧା ହୁଏ। ମୋବାଇଲ୍ ଫୋନ୍ କିମ୍ବା ଅନ୍ୟ ଇଲେକ୍ଟ୍ରୋନିକ ସାମଗ୍ରୀ କିଣିବା ବେଳେ ଏହା ଭଲ କାମରେ ଆସେ।

ଏ ସପ୍ତାହର ପ୍ରଶ୍ନ

୧– ନିକଟରେ..... ଦେଶ ଶାନ୍ତି ପାଇଁ ଗାନ୍ଧୀ ସାଇକେଲ ର୍ୟାଲିର ଆୟୋଜନ କରିଥିଲେ ?

୨– ୧୦ମ ଇଣ୍ଡିଆନ୍ ଫିଲ୍ମ ଫେଷ୍ଟିଭାଲ ଅଫ୍ ମେଲବର୍ଣ୍ଣରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ଭାରତୀୟ ଅଭିନେତା..... ?

୩– ମାଲାମ୍ପୁଝା ଡ୍ୟାମ୍ ..... ରାଜ୍ୟରେ ଅବସ୍ଥିତ ?

୪– ଆମ ଦେଶର ..... ରାଜ୍ୟରେ ଧର୍ମସ୍ଥାନ ଏବଂ ସାର୍ବଜନୀନ ସ୍ଥାନରେ ଲାଉଡ୍‌ସ୍ପିକର୍ ବ୍ୟବହାର ଉପରେ କଟକଣା ଲଗାଯାଇଛି ?

୫– ଅଳପ ଲୋକର ବହୁତ ଗୁରୁ ଧଣ୍ଡ ସାପ..... ?

ଗତ ଥରର ଉତ୍ତର

୧ ତାଇୱାନ୍

୫ ମୋହାନା ସିଂ

୩ ଆଶିଷ ରାୟ

୨ ମ୍ୟୁଜିୟମ୍ ଆଜ୍ କଲ୍‌ଚରାଲ୍ ହବ୍‌ସ: ଦି ଫ୍ୟୁଚର ଅଫ୍ ଟ୍ରାଡିଶନ

୪ ହାତୀ

ଉତ୍ତର ଦାତା

କାଜଲ ମହାନ୍ତି
ଭୁବନେଶ୍ୱର

ବିଶ୍ୱ ରଞ୍ଜନ ମହାନ୍ତି
ତାଳଚେର

ସଂକଳ୍ପ ପଣ୍ଡା
ଢେଙ୍କାନାଳ

ସୂଚନା: ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ–ମେଲ୍ ଠିକଣା: dharitriagamiasha @gmail.com

ଟପ୍ ୧୦

ପୃଥିବୀ ପ୍ରସିଦ୍ଧ ପେଣ୍ଟିଂ



୧– ମୋନାଲିସା..... ଲିଓନାର୍ଡୋ ଡା ଭିନ୍ସି
୨– ଦି ଲାଷ୍ଟ ସପର..... ଲିଓନାର୍ଡୋ ଡା ଭିନ୍ସି
୩– ଦି କ୍ରିଏଶନ ଅଫ୍ ଆଦାମ..... ମାଇକେଲଏଞ୍ଜେଲୋ
୪– ଷ୍ଟାରୀ ନାଇଟ୍..... ଭିନ୍‌ସେଣ୍ଟ ଭାନ୍ ଗୋଗ୍
୫– ଦି ସ୍କ୍ରିମ୍..... ଏଡ୍‌ଭାର୍ଡ ମଞ୍ଚ
୬– ଦି ପର୍ସିଷ୍ଟେନ୍ସ ଅଫ୍ ମେମୋରି..... ସାଲ୍‌ଭାଡର ଡଲି
୭– ଗର୍ଲ ୱିଥ୍ ଏ ପର୍ଲ ଇଅରିଂ..... ଜୋହାନ୍ସ ଭରମୀର୍
୮– ଦି ନାଇଟ୍ ୱାଚ୍..... ରେମ୍ବ୍ରାନ୍ତ ଭାନ୍‌ରିନ୍
୯– ସେଲ୍ଫ ପୋଟ୍ରେଟ୍ ୱିଦାଉଟ୍ ବିଅର୍ଡ..... ଭିନ୍‌ସେଣ୍ଟ ଭାନ୍ ଗୋଗ୍
୧୦– ଗିର୍ନିକା..... ପାବ୍ଲୋ ପିକାସୋ ରୀନ୍

ପାଠକଙ୍କ ମତ

– ବାସ୍ତବରେ ଆଉଟ୍‌ଫିଟ୍ ରଙ୍ଗର ମନ ଉପରେ ପ୍ରଭାବ ପଡିଥାଏ। ଏ ପ୍ରସଙ୍ଗକୁ ନେଇ ପ୍ରକାଶିତ ବିଷୟଟି ଖୁବ୍ ମନଛୁଆଁ ହୋଇଥିଲା।

– ରେବତୀ ଖୁଣ୍ଟିଆ, ଜଗତସିଂହପୁର

– ଗୋଟିଏ ବିଦ୍ୟାଳୟର ବାର୍ଷିକ ପଢା ଖର୍ଚ୍ଚ ଯେ ଏତେ ଅଧିକ ହୋଇପାରେ ଟପ୍ ଟେନ୍ ସ୍ତମ୍ଭରୁ ଜାଣି ଆଶ୍ଚର୍ଯ୍ୟ ଲାଗିଲା।

– ସୁମନ୍ ପାତ୍ର, କେନ୍ଦୁଝର

ଯୁ|ଥ|ଆ|ଲ|ର୍ଟ

ଡେସ୍କ ଜବ୍ କରୁଥିଲେ...



ଡେସ୍କଜବ୍‌ରେ ସାଧାରଣତଃ ଗୋଟିଏ ସ୍ଥାନରେ ଦୀର୍ଘସମୟ ବସିବା, ଟାଇପ୍ କରିବା, କମ୍ପ୍ୟୁଟରକୁ ଚାହିଁବା ଇତ୍ୟାଦି ଯୋଗୁ ମେଦ ବହୁଳତା, ଶରୀରରେ ଯନ୍ତ୍ରଣା, ପାଦ ଫୁଲିବା, ଅର୍ଶ ଭଳି ସମସ୍ୟା ଦେଖାଦେଇଥାଏ। କେବଳ ଏତିକି ନୁହେଁ ଅନେକଙ୍କଠାରେ ସବୁଠୁ ଜଟିଳ ସମସ୍ୟା ସାଜିଥାଏ ସ୍ପଣ୍ଡିଲାଇଟିସ୍। ଯାହାକି ବେକ, କାନ୍ଧ, ପିଠିରେ ଅସହ୍ୟ ଯନ୍ତ୍ରଣା ସୃଷ୍ଟି କରିଥାଏ। ଯଦି ଆପଣ ଡେସ୍କ ଜବ୍ କରୁଛନ୍ତି ଏବଂ ଏଭଳି ସମସ୍ୟା ଦେଇ ଗତି କରୁଛନ୍ତି ତେବେ ଏଣୁ ତେଣୁ ମେଡିସିନ୍ ଖାଇବା ପରିବର୍ତ୍ତେ କେତୋଟି ଘରୋଇ ଉପଚାର ଆପଣାଇଲେ ଅଧିକ ଉପକୃତ ହୋଇପାରିବେ। ଜାଣି ରଖନ୍ତୁ ଏ ସମ୍ପର୍କରେ...

ଯୋଗ: ଏହି ରୋଗର ସବୁଠୁ ଅବ୍ୟର୍ଥ ଉପଚାର ହେଉଛି ଯୋଗ। ପ୍ରତିଦିନ ଯୋଗ କରିବା ଦ୍ୱାରା ମେରୁଦଣ୍ଡରେ ଥିବା ଷ୍ଟିଫ୍‌ନେସ୍ କମ୍ ହୋଇଥାଏ। ବିଶେଷ କରି ଶାଲଭାସନ,ବକ୍ରାସନ, ଅର୍ଧଚକ୍ରାସନ, ଧନୁରାସନ, ଶବାସନ ଇତ୍ୟାଦି ବେଶ୍ ଉପକାରୀ। ତେବେ କୌଣସି ଯୋଗ ଟ୍ରେନର, ଫିଜିଓଥେରାପିଷ୍ଟଙ୍କ ପରାମର୍ଶ କ୍ରମେ ଏହାକୁ କରିବା ନିରାପଦ।

ବସିବା ଶୈଳୀ: ଅଫିସରେ ଭୁଲ ବସିବା ଶୈଳୀ ମଧ୍ୟ କେତେକାଂଶରେ ସ୍ପଣ୍ଡିଲାଇଟିସ୍ ପାଇଁ ଦାୟୀ। ତେଣୁ କାମ କରିବା ସମୟରେ ଏକ କମ୍ଫର୍ଟେବଲ୍ ପୋଜିସନ୍‌ରେ ବସନ୍ତୁ। ଯନ୍ତ୍ରଣା ଆରମ୍ଭ ହେବା ମାତ୍ରେ ଗୋଟିଏ ସ୍ଥାନରେ ଦୀର୍ଘ ସମୟ ବସି ନ ରହି କିଛି ସମୟ ପାଇଁ ନିଜ ସିଟ୍‌ରୁ ଉଠି ଚଲାବୁଲା କରନ୍ତୁ। ଜାକି ହୋଇ ବସିବା ବଦଳରେ ଏପରି ବସନ୍ତୁ ଯେପରି ବେକ, ପିଠି, ଅଣ୍ଟା ସିଧା ରହିବ।

ଗରମ ଏବଂ ଥଣ୍ଡା ଉପଚାର: ଯନ୍ତ୍ରଣା ହେଉଥିବା ସ୍ଥାନରେ ଆଇସ୍ ପ୍ୟାକ୍ ଲଗାନ୍ତୁ। ନଚେତ୍ ଆପଣ ହିଟିଂ ପ୍ୟାଡ୍‌ରେ ବି ସେକି ପାରିବେ। ଉଷୁମ ପାଣିରେ ଗାଧୋଇବା ବି କିଛି ମାତ୍ରାରେ ଯନ୍ତ୍ରଣା କମାଇବାରେ ସାହାଯ୍ୟ କରିଥାଏ।

ମସାଜ: ସ୍ପଣ୍ଡିଲାଇଟିସ୍ ଯନ୍ତ୍ରଣା କମାଇବା ଲାଗି ମସାଜ ମଧ୍ୟ ବେଷ୍ଟ ଉପାୟ। ଯେଉଁ ସ୍ଥାନରେ ଯନ୍ତ୍ରଣା ହେଉଛି ସେଠାରେ ଧୀରେ ଧୀରେ ଚାପ ପକାଇ ମସାଜ କରିବା ଦ୍ୱାରା ଷ୍ଟିଫ୍‌ନେସ ଦୂର ହୋଇଥାଏ ଏବଂ ଯନ୍ତ୍ରଣା କମିଥାଏ। ସୋରିଷ ତେଲରେ କିଛି କୋଲା ରସୁଣ ଫୁଟାଇ ପ୍ରଭାବିତ ସ୍ଥାନରେ ମସାଜ କଲେ ଅଧିକ ଉପକୃତ ହେବେ।

ବେକ ଏକ୍ସରସାଇଜ: ଯେହେତୁ ସ୍ପଣ୍ଡିଲାଇଟିସ୍‌ରେ ବେକ ଅଧିକ ପ୍ରଭାବିତ ହୋଇଥାଏ ତେଣୁ ଏଥିରୁ ଉପଶମ ପାଇବା ଲାଗି ଏହାର ଏକ୍ସର ସାଇଜ୍ ସବୁଠୁ ଗୁରୁତ୍ୱପୂର୍ଣ୍ଣ। ବିଭିନ୍ନ ପ୍ରକାରର ନେକ୍ ଷ୍ଟ୍ରେଚ୍ ଏକ୍ସରସାଇଜ୍ ରହିଛି, ଯାହାକୁ ଠିକ୍ ଭାବେ କରିବାର ଶୈଳୀ ଏବଂ ସମୟ ଅବଧି ବିଷୟରେ ଏକ୍ସପର୍ଟଙ୍କଠାରୁ ପରାମର୍ଶ ନେବା ଆବଶ୍ୟକ।

ଶାହିଦଙ୍କୁ ସଫଳ ଅଭିନେତାର ପରିଚୟ ଦେଲା 'କବିର ସିଂ'

ମୁମ୍ବାଇ: ଅଭିନେତା ଶାହିଦ କପୁରଙ୍କ ଅଭିନୀତ 'କବିର ସିଂ' ରିଲିଜର ପ୍ରଥମ ଦିନରେ ହିଁ ୨୦କୋଟି ଟଙ୍କା ଅର୍ଜନ କରିପାରିଛି। ଏହାଦ୍ୱାରା ଶାହିଦ କପୁର ନିଜ କ୍ୟାରିୟରରେ ସବୁଠୁ ବଡ଼ ସଫଳତା ଅର୍ଜନ କରିପାରିଛନ୍ତି। ଫିଲ୍ମ ନିର୍ମାତାଙ୍କ କହିବାନୁଯାୟୀ, କବିର ସିଂ ହେଉଛି ତେଲୁଗୁ ଫିଲ୍ମ 'ଅର୍ଜୁନ ରେଡ୍ଡୀ'ର ରିମେକ୍। ଶୁକ୍ରବାର ଏହା ମୁକ୍ତିଲାଭ କରିଥିବାବେଳେ ୨୦.୨୧ କୋଟି ଅର୍ଜନ କରିପାରିଛି। ସନ୍ଦୀପ ରେଡ୍ଡୀ ଭାଙ୍ଗାଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମ ଚଳିତବର୍ଷର ଅଳ୍ପ କେତେକ ବକ୍ସ ଅଫିସ ହିଟ୍ ଫିଲ୍ମ ସହ ଯୋଡ଼ି ହୋଇପାରିଛି। ବ୍ୟବସାୟିକ ବିଶ୍ଳେଷକ ତରନ୍ ଆଦର୍ଶ ଶନିବାର ଟୁଇଟ୍ କରିଛନ୍ତି, 'କବିର ସିଂ' ପ୍ରଥମ ଦିନରେ ହିଁ ହିଟ୍ ହୋଇଛି। ଏହାଦ୍ୱାରା ଶାହିଦ କପୁରଙ୍କ ସର୍ବୋତ୍ତମ କ୍ୟାରିୟର ଆରମ୍ଭ ହୋଇଛି। ଏହା ମଧ୍ୟ 'ପଦ୍ମାବତ୍'ର ପ୍ରଥମ ଦିନ ରିଲିଜର ଆୟ (୧୯କୋଟି)କୁ ଟପିଯାଇଛି। ୨୦୧୯ରେ 'ଟୋଟାଲ ଧମାଲ୍' (ଅଣଛୁଟିଦିନ ରିଲିଜ)ର ପ୍ରଥମ ଦିନର ଆୟ (୧୬.୫୦ କୋଟି)କୁ ମଧ୍ୟ ଅତିକ୍ରମ କରିଯାଇଛି। ଫିଲ୍ମ ଦେଖିବାକୁ ତରୁଣ ଦର୍ଶକଙ୍କ ମଧ୍ୟରେ ଅହେତୁକ ଆଗ୍ରହ ବୃଦ୍ଧିପାଇଥିବାରୁ ଏତେଟା ସଫଳତା ମିଳିଥିବା ଆଦର୍ଶ ପ୍ରକାଶ କରିଛନ୍ତି। ତାଙ୍କ କହିବାନୁଯାୟୀ, ଭାରତର ୩,୧୨୩ ପ୍ରେକ୍ଷାଳୟରେ ଏହା ରିଲିଜ ହୋଇଛି। ମୂଳ ଫିଲ୍ମରେ ଅଭିନେତା ବିଜୟ ଦେବେରକୋଣ୍ଡା ଏବଂ ଅଭିନେତ୍ରୀ ଶାଲିନୀ ପାଣ୍ଡେ ଅଭିନୟ କରିଥିବାବେଳେ ଏହାର ହିନ୍ଦୀ ରିମେକ୍‌ରେ ଅଭିନୟ କରିଛନ୍ତି ଶାହିଦ ଏବଂ କିୟାରା ଆଡଭାନୀ। 'କବିର ସିଂ'ରେ କବିର (ଶାହିଦ) ଜଣେ ଶେଷବର୍ଷ ମେଡିକାଲ ଛାତ୍ର। ସେ ତାଙ୍କ ଜୁନିୟର ଛାତ୍ରୀ ପ୍ରୀତି (କିୟାରା)ଙ୍କ ପ୍ରେମରେ ପଡ଼ିଯାଇଛନ୍ତି। ଉକ୍ତ ଫିଲ୍ମକୁ ମିଳିତ ଭାବେ ପ୍ରସ୍ତୁତ କରିଛନ୍ତି ଭୂଷଣ କୁମାର, ମୁରାଦ ଖେତାନି, କ୍ରିଷନ୍ କୁମାର ଏବଂ ଅଶ୍ୱିନ୍ ଭାର୍ଦେ।

ଦୀପିକାଙ୍କୁ ପରିଚୟପତ୍ର ମାଗିଲେ ଏୟାରପୋର୍ଟ ସିକ୍ୟୁରିଟି

ମୁମ୍ବାଇ: ବିମାନବନ୍ଦର ପ୍ରବେଶପଥରେ ଜଣେ ନିରାପତ୍ତା କର୍ମଚାରୀ ବଲିଉଡ ଅଭିନେତ୍ରୀ ଦୀପିକା ପାଦୁକୋନ୍‌ଙ୍କୁ ପରିଚୟ ପତ୍ର ଦେଖାଇବାକୁ କହି ଧାର୍ଯ୍ୟ ବିଧି ବ୍ୟବସ୍ଥାର ଅନୁସରଣ କରିଥିବା ପ୍ରମାଣିତ ହୋଇଛି। ଏ ସମ୍ପର୍କିତ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଦୀପିକା ବିମାନ ବନ୍ଦରରେ ପ୍ରବେଶ କରୁଥିବା ବେଳେ ଜଣେ ନିରାପତ୍ତା କର୍ମଚାରୀ ତାଙ୍କୁ ଅଟକାଇ ପରିଚୟପତ୍ର ଦେଖାଇବାକୁ କହିଥିଲେ। ଦୀପିକା ମଧ୍ୟ କାଳବିଳମ୍ବ ନ କରି ନିଜ ବ୍ୟାଗ୍‌ରୁ ପରିଚୟପତ୍ର ବାହାର କରି ସମ୍ପୃକ୍ତ କର୍ମଚାରୀଙ୍କୁ ଦେଖାଇଥିଲେ। ଦୀପିକାଙ୍କର ଏପରି ସକାରାତ୍ମକ ଆଚରଣ ଦେଖି ଅନେକ ସୋସିଆଲ ମିଡିଆ ବ୍ୟବହାରକାରୀ ତାଙ୍କ ପାଖକୁ ଚାଲି ଆସିଥିଲେ। ଏହି ଦୃଶ୍ୟ ଦେଖି ଜଣେ ବ୍ୟକ୍ତି ଇନ୍‌ଷ୍ଟାଗ୍ରାମ୍‌ରେ ପୋଷ୍ଟ କରିଛନ୍ତି, 'ଦୀପିକା ଆଇଡି ଦେଖାଉଥିବାର ଦୃଶ୍ୟ ପସନ୍ଦ ଲାଗିଲା।' ଆଉ ଜଣେ ସୋସିଆଲ ମିଡିଆ ବ୍ୟବହାରକାରୀ ଲେଖିଛନ୍ତି, 'ଉଭୟ ନିରାପତ୍ତା କର୍ମଚାରୀ ଏବଂ ଦୀପିକା ପାଦୁକୋନ୍ ନୀତିନିୟମ ଅନୁଯାୟୀ କାର୍ଯ୍ୟ କରିଛନ୍ତି।' ଦୀପିକା ବର୍ତ୍ତମାନ ମେଘ୍ନା ଗୁଲ୍‌ଜାରଙ୍କ 'ଛପକ୍' ଶୁଟିଂରେ ବ୍ୟସ୍ତ ଅଛନ୍ତି। ବାହାଘର ପରେ ପ୍ରଥମଥର ପାଇଁ ତାଙ୍କୁ ସ୍ୱାମୀ ରଣବୀର ସିଂଙ୍କ ସହିତ '୮୩' ଫିଲ୍ମରେ ଦେଖିବାକୁ ମିଳିବ।

ପ୍ୟାକ୍ସ ପରିସରରେ ଚାଷୀ ଆଖି ବୁଜିଲେ

ବରଗଡ଼ ଅଫିସ/ବରପାଲି, ୨୨।୬(ଡି.ଏନ.ଏ.)

ବରଗଡ଼ର ଜିଲା ବରପାଲି ବ୍ଲକ ଅନ୍ତର୍ଗତ ଆଗଲପୁର ପ୍ରାଥମିକ କୃଷି ସମବାୟ ସମିତି(ପ୍ୟାକ୍ସ) ପରିସରରେ ଶନିବାର ଜଣେ ଚାଷୀଙ୍କ ଆକସ୍ମିକ ମୃତ୍ୟୁ ଘଟିଛି। ମୃତ ଚାଷୀ ହେଲେ ବର୍ଲାବାହାଲ ଗ୍ରାମର ଝରା ବଗାର(୭୦)। ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି। ବରପାଲି ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଇଛି। ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ପୋଲିସ କହିଛି। ଏ ନେଇ ବରପାଲି ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୭/୧୯) ରୁଜୁ ହୋଇଛି।

■କାଗଜାତ୍ ପାଇଁ ଧାଁ ଦୌଡ଼ କରିଥିଲେ
■ଚିନ୍ତାରେ ହୃଦ୍‌ଘାତଜନିତ ମୃତ୍ୟୁ ଆଶଙ୍କା

ମିଳିଥିବା ସୂଚନା ଅନୁଯାୟୀ, ଚାଷୀ ଝରା ଶନିବାର ସକାଳେ ଏକ କୁକୁଡ଼ା ଧରି ଆଗଲପୁର ବଜାରକୁ ବିକିବାକୁ ଯାଇଥିଲେ। ସେଠାରେ ତାହା ବିକିସାରିବା ପରେ ଆଗଲପୁର ପ୍ରାଥମିକ କୃଷି ସମବାୟ ସମିତିକୁ କୃଷିଋଣ ସମ୍ପର୍କିତ କାଗଜାତ୍ ପାଇଁ ଆସିଥିଲେ। ସେଠାରେ ସେ ହଠାତ୍ ଅସୁସ୍ଥ ହୋଇ ତଳେ ପଡ଼ି ଯାଇଥିଲେ। ସେତେବେଳେ ଆଗଲପୁର ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତରଙ୍କୁ ଫୋନରେ ଡକାଯାଇଥିଲା। ମାତ୍ର ପ୍ରାୟ ଅଧଘଣ୍ଟା ବିଳମ୍ବରେ ଡାକ୍ତର ସେଠାରେ ପହଞ୍ଚିଥିଲେ। ସେତେବେଳକୁ ଝରାଙ୍କ ମୃତ୍ୟୁ ହୋଇ ସାରିଥିବା ତାଙ୍କ ପୁଅ ଅର୍ଜୁନ କହିଛନ୍ତି। ସେ ଆହୁରି ଅଭିଯୋଗ କରିଛନ୍ତି, ତାଙ୍କ ବାପା ଗତ ୪ରୁ୫ଦିନ ହେଲା, କାଗଜାତ୍ ପାଇଁ ଉକ୍ତ ସମିତିକୁ ଆସୁଥିଲେ। ମାତ୍ର ବିଭିନ୍ନ ଆଳ ଦେଖାଇ ସମିତିର ଅଧିକାରୀମାନେ ତାଙ୍କୁ ସେଠାରୁ ଫେରାଇ ଦେଉଥିଲେ। ସମବାୟ ସମିତିର ଅବହେଳା ଯୋଗୁ ମାନସିକ ଚାପରେ ରହି ତାଙ୍କ ବାପାଙ୍କ ମୃତ୍ୟୁ ହୋଇଥିବା ଅର୍ଜୁନ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଆଗଲପୁର ପ୍ରାଥମିକ ସମବାୟ ସମିତିର ସମ୍ପାଦକ ଚୂଡ଼ାମଣି ବିଶ୍ୱାଳଙ୍କୁ ପଚାରିବାରୁ ସେ କହିଥିଲେ, ସମିତିରେ ମୃତଚାଷୀଙ୍କ ୨୪ହଜାର ଟଙ୍କା କୃଷିଋଣ ବକେୟା ରହିଛି। ସେ କୃଷିଋଣ ପାଇଁ କାଗଜାତ୍ ନବୀକରଣ କରିବାକୁ ଆସିଥିବାବେଳେ ସମିତି ବାହାରେ ତାଙ୍କର ମୃତ୍ୟୁ ହୋଇଛି। ସେହିପରି ବରପାଲି ତହସିଲଦାର ଯୁଧିଷ୍ଠିର ମେହେରଙ୍କୁ ପଚାରିବାରୁ ସେ ଘଟଣାର ତଦନ୍ତ କରି ଫେରିଛନ୍ତି ଏବଂ ମୃତକଙ୍କ ପରିବାର ଲୋକଙ୍କୁ ଜିଲା ରେଡ଼କ୍ରସ ପାଣ୍ଠିରୁ ୧୦ହଜାର ଟଙ୍କା ଦିଆଯିବ ବୋଲି କହିଥିଲେ। ଚାଷୀଙ୍କ ମୃତ୍ୟୁ ପରେ ଆଗଲପୁର ପ୍ରାଥମିକ କୃଷି ସମବାୟ ସମିତି ଏବଂ ଡାକ୍ତରଖାନାରେ ଉତ୍ତେଜନା ପ୍ରକାଶ ପାଇଥିଲା। ସମବାୟ ସମିତିରେ ଚାଷୀଙ୍କୁ ହଇରାଣ ହରକତ ବନ୍ଦ କରିବା ଏବଂ ଆଗଲପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ନିୟମିତ ଡାକ୍ତର ଉପସ୍ଥିତ ରହିବାକୁ ସ୍ଥାନୀୟ ଲୋକେ ଦାବି କରିଥିଲେ। ଏହା ସହିତ ମୃତଚାଷୀଙ୍କ ପରିବାର ଲୋକଙ୍କୁ କ୍ଷତିପୂରଣ ପ୍ରଦାନ ସହିତ ପରିବାରର ଜଣକୁ ଚାକିରି ଦେବା ପାଇଁ ଦାବି କରି ଗ୍ରାମବାସୀ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

ଶୌଚାଳୟରୁ ମହିଳାଙ୍କ ମୃତଦେହ ଉଦ୍ଧାର

ସେମିଳିଗୁଡ଼ା/ସୁନାବେଡ଼ା,୨୨।୬(ସ୍ୱ.ପ୍ର.)

ଚଳିତ ବିଶ୍ୱକପ୍‌ରେ ଭାରତ ଶନିବାର ଆଫଗାନିସ୍ତାନ ବିପକ୍ଷରେ ଏକ ସଂଘର୍ଷପୂର୍ଣ୍ଣ ବିଜୟ ହାସଲ କରିଛି। ସ୍ଥାନୀୟ ରୋଜ୍ ବାଉଲ ଗ୍ରାଉଣ୍ଡରେ ଖେଳାଯାଇଥିବା ଟୁର୍ନାମେଣ୍ଟର ୨୮ତମ ମ୍ୟାଚ୍‌ରେ ଭାରତ ୧୧ ରନ୍‌ରେ ଆଫଗାନିସ୍ତାନକୁ ପରାସ୍ତ କରିଛି। ମ୍ୟାଚ୍‌ର ଅନ୍ତିମ ଓଭରର ତୃତୀୟ, ଚତୁର୍ଥ ଓ ପଞ୍ଚମ ବଲ୍‌ରେ ଉଇକେଟ ନେଇ ଦ୍ରୁତ ବୋଲର ମହମ୍ମଦ ସାମି ହ୍ୟାଟ୍ରିକ୍ ଅର୍ଜନ କରିବା ସହ ଭାରତର ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି। ଟସ୍ ଜିତି ଭାରତ ପ୍ରଥମେ ବ୍ୟାଟିଂ କରି ୮ ଉଇକେଟ ହରାଇ ୨୨୪ ରନ୍ ସଂଗ୍ରହ କରିଥିଲା। ଜବାବରେ ଆଫଗାନିସ୍ତାନ ୪୯.୫ ଓଭରରେ ୨୧୩ ରନ୍ କରି ଅଲଆଉଟ ହେବା ସହ ପରାସ୍ତ ହୋଇଛି। ଏଥିସହିତ ଭାରତ ୫ଟି ମ୍ୟାଚ୍ ଖେଳି ୪ ବିଜୟ ଓ ଗୋଟିଏ ବିନା ଫଳାଫଳ ସହ ୯ ପଏଣ୍ଟ ହାସଲ କରି ତାଲିକାର ତୃତୀୟ ସ୍ଥାନକୁ ଉଠିଛି। ଅନ୍ୟପଟେ ଆଫଗାନିସ୍ତାନ ୬ଟି ମ୍ୟାଚ୍ ଖେଳି ସବୁଥିରେ ପରାଜୟ ବରଣ କରି ପଏଣ୍ଟ ତାଲିକାରେ ଖାତା ଖୋଲି ନ ପାରି ତାଲିକାର ଅନ୍ତିମ ତଥା ଦଶମ ସ୍ଥାନରେ ରହିଛି। କଞ୍ଜୁସ ବୋଲିଂ କରି ୨ ଉଇକେଟ ଅକ୍ତିଆର କରିଥିବା ଯଶପ୍ରୀତ ବୁମ୍‌ରା ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

ବିଜୟ ହାସଲ ପରେ ବିରାଟ କୋହଲି, ହାର୍ଦ୍ଦିକ ପାଣ୍ଡ୍ୟା ଓ ମହେନ୍ଦ୍ର ସିଂ ଧୋନୀ।

ବିଶ୍ୱକପ୍‌ରେ ଭାରତର କମ୍ ବ୍ୟବଧାନ (ରନ୍)ରେ ବିଜୟ

ରନ୍	ପ୍ରତିପକ୍ଷ	ମସିହା
୧୧	ଆଫଗାନିସ୍ତାନ	୨୦୧୯
୧୬	ନ୍ୟୁଜିଲାଣ୍ଡ	୧୯୮୭
୨୯	ପାକିସ୍ତାନ	୨୦୧୧
୩୧	ଜିମ୍ବାୱେ	୧୯୮୩
୩୪	ୱେଷ୍ଟଇଣ୍ଡିଜ	୧୯୮୩

ବିଶ୍ୱକପ୍‌ରେ ସର୍ବାଧିକ ବିଜୟୀ ହୋଇଥିବା ଦେଶ

ଦେଶ	ଖେଳିଛି	ଜିତିଛି
ଅଷ୍ଟ୍ରେଲିଆ	୯୦	୬୭
ନ୍ୟୁଜିଲାଣ୍ଡ	୮୩	୫୨
ଭାରତ	୭୯	୫୦
ଇଂଲଣ୍ଡ	୭୮	୪୫
ୱେଷ୍ଟଇଣ୍ଡିଜ	୭୬	୪୨

ବିଶ୍ୱକପ୍ ଲିଗ୍ ପର୍ଯ୍ୟାୟରେ ସର୍ବାଧିକ ଲଗାତର ମ୍ୟାଚ୍ ଜିତିଥିବା ଦେଶ

ଦେଶ	ମ୍ୟାଚ୍ ସଂଖ୍ୟା	ସମୟ
ଅଷ୍ଟ୍ରେଲିଆ	୧୩	୧୯୯୯ରୁ ୨୦୧୧
ଭାରତ	୧୧	୨୦୧୧ରୁ ୨୦୧୯
ନ୍ୟୁଜିଲାଣ୍ଡ	୧୦	୨୦୧୫ରୁ ୨୦୧୯
ଦକ୍ଷିଣ ଆଫ୍ରିକା	୧୦	୧୯୯୨ରୁ ୧୯୯୯

ପଏଣ୍ଟ ଟେବୁଲ

ଟିମ୍	ମ୍ୟାଚ୍	ବିଜୟ	ପରାଜୟ	ଟାଇ	ବିନା ଫଳାଫଳ	ପଏଣ୍ଟ	ରନ୍‌ରେଟ୍
ନ୍ୟୁଜିଲାଣ୍ଡ	୬	୫	୦	୦	୧	୧୧	+୦.୧୧୮
ଅଷ୍ଟ୍ରେଲିଆ	୬	୫	୧	୦	୦	୧୦	+୦.୮୪୯
ଭାରତ	**୫**	**୪**	**୦**	**୦**	**୧**	**୯**	**+୦.୮୦୯**
ଇଂଲଣ୍ଡ	୬	୪	୨	୦	୦	୮	+୧.୪୫୭
ଶ୍ରୀଲଙ୍କା	୬	୨	୨	୦	୨	୬	-୧.୧୧୯
ବାଂଲାଦେଶ	୬	୨	୩	୦	୧	୫	+୦.୧୩୮
ୱେଷ୍ଟଇଣ୍ଡିଜ	୬	୧	୪	୦	୧	୩	+୦.୧୯୦
ଦକ୍ଷିଣ ଆଫ୍ରିକା	୬	୧	୪	୦	୧	୩	-୦.୧୯୩
ପାକିସ୍ତାନ	୫	୧	୩	୦	୧	୩	-୧.୯୩୩
ଆଫଗାନିସ୍ତାନ	୬	୦	୬	୦	୦	୦	-୧.୬୧୨

ମାମୁଲି ବ୍ୟାଟିଂ କରିଥିବା ଭାରତୀୟ ଦଳ ଏହି ମ୍ୟାଚ୍‌ରୁ ଶିକ୍ଷା ଲାଭ କରିଥିବ।

୨୨୫ ରନ୍ ଛୋଟିଆ ବିଜୟ ଲକ୍ଷ୍ୟର ପିଛାକରି ଆଫଗାନିସ୍ତାନ ଭଲ ଆରମ୍ଭ କରିଥିଲା। ବିଜୟ ହାସଲ ପାଇଁ ଭାରତକୁ ନାକେଦମ୍ ହେବାକୁ ପଡ଼ିଥିଲା। ଦଳ ତରଫରୁ ମହମ୍ମଦ ନବୀ ୫୨, ରହମତ ଶାହ ୩୬, ଗୁଲବଦିନ ନାଇବ ୨୭, ନାଜିବୁଲ୍ଲା ଜଦ୍ରାନ ୨୧, ହଜରତୁଲ୍ଲା ଜାଜାଇ ୧୦, ରସିଦ ଖାଁ ୧୪ ରନ୍ କରି ଆଉଟ ହୋଇଥିଲେ। ନବୀ ୫୫ଟି ବଲ୍‌ର ସମ୍ମୁଖୀନ ହୋଇ ୪ ଚୌକା ଓ ଗୋଟିଏ ଛକା ସହ ୫୨ ରନ୍‌ର ଅର୍ଦ୍ଧଶତକୀୟ ପାଳି ଖେଳି ଭାରତୀୟ ଶିବିରରେ ଆତଙ୍କ ଖେଳାଇ ଦେଇଥିଲେ। ନବୀ ଆଉଟ ହେବା ଟର୍ନିଂ ପଏଣ୍ଟ ସାବ୍ୟସ୍ତ ହୋଇଥିଲା। ବୋଲିଂରେ ଭାରତ ତରଫରୁ ସାମି ସର୍ବାଧିକ ୪, ଯଶପ୍ରୀତ ବୁମ୍‌ରା, ୟୁଜ୍‌ବେନ୍ଦ୍ର ଚହଲ ଓ ହାର୍ଦ୍ଦିକ ପାଣ୍ଡ୍ୟା ଦୁଇଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

ଟସ୍ ଜିତି ଭାରତ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ତେବେ ଏହି ନିଷ୍ପତ୍ତି ବୁମେରାଂ ସାବ୍ୟସ୍ତ ହୋଇଥିଲା। ଆଶା କରାଯାଉଥିଲା କି ଭାରତ ବଡ଼ ସ୍କୋର ହାସଲ କରିବ। ଭାରତର ମିଡଲ ଅର୍ଡର ସାଂଘାତିକ ଭାବେ ବିଫଳ ହୋଇଥିଲା। କିନ୍ତୁ ଆଫଗାନିସ୍ତାନ ସ୍ପିନରମାନେ ନିୟମିତ ଅନ୍ତରରେ ଉଇକେଟ ହାସଲ କରିବା ସହ ଭାରତୀୟ ବ୍ୟାଟ୍ସମ୍ୟାନଙ୍କୁ ବାନ୍ଧି ରଖିବାରେ ସଫଳ ହୋଇଥିଲେ। ଯାହାଫଳରେ ଭାରତ ବଡ଼ ସ୍କୋର ହାସଲ କରିପାରି ନ ଥିଲା। ଭାରତ ଆରମ୍ଭରୁ ଇନ୍‌ଫର୍ମ ଓପ୍‌ନର ରୋହିତ ଶର୍ମାଙ୍କୁ ହରାଇଥିଲା। ମାତ୍ର ୧ ରନ୍ କରିଥିବା ବେଳେ ରୋହିତ ମୁଜିବ ଉର ରହମାନଙ୍କ ବଲ୍‌ରେ କ୍ଲିନ୍‌ବୋଲ୍ଡ ହୋଇଥିଲେ। ଏହାପରେ ଦ୍ୱିତୀୟ ଉଇକେଟରେ ଅନ୍ୟତମ ଓପ୍‌ନର ଲୋକେଶ ରାହୁଲ ଓ ଅଧିନାୟକ ବିରାଟ କୋହଲି ୫୭ ରନ୍ ସଂଗ୍ରହ କରିଥିଲେ। ତେବେ ବେପରୁଆ ଭାବେ ମହମ୍ମଦ ନବୀଙ୍କ ବଲ୍‌କୁ ରିଭର୍ସ ସୁଇପ୍ ଖେଳି ଶର୍ଟ ଥାର୍ଡ ମ୍ୟାନ୍‌ରେ ରାହୁଲ ହଜରତୁଲ୍ଲା ଜାଜାଇଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ୪ ନମ୍ବରରେ ବ୍ୟାଟିଂ କରିବାକୁ ଆସିଥିବା ବିଜୟ ଶଙ୍କର ୨୯ ରନ କରିଥିବା ବେଳେ ରହମତ ଶାହଙ୍କ ବଲ୍‌ରେ ସୁଇପ୍ କରିବାକୁ ଯାଇ ଏଲ୍‌ବିଡବ୍ଲ୍ୟୁ ହୋଇଥିଲେ। ୬୩ ବଲରୁ ୫ ଚୌକା ସହ ୬୭ ରନ୍ କରି କ୍ରିଜ୍‌ରେ ଜମିଆସୁଥିବା ବେଳେ କୋହଲି ନବୀଙ୍କ ବଲ୍‌ରେ ପଏଣ୍ଟ ଉପରକୁ ଖେଳିବାକୁ ଯାଇଥିଲେ। ତେବେ ଅତିରିକ୍ତ ବାଉନ୍ସ ଯୋଗୁ ସେ ପଏଣ୍ଟରେ ରହମତଙ୍କ ହାତରେ ଧରାପଡ଼ିଥିଲେ। ତୃତୀୟ ଉଇକେଟରେ କୋହଲି ଓ ଶଙ୍କର ୫୮ ରନ୍ ସଂଗ୍ରହ କରିଥିଲେ। କୋହଲି ଆଉଟ୍ ହେବା ପରେ ଭାରତ ମୁମେଣ୍ଟମ୍ ବା ଗତି ହରାଇଥିଲା। ଅଭିଜ୍ଞ ମହେନ୍ଦ୍ର ସିଂ ଧୋନୀ ମନ୍ଥର ବ୍ୟାଟିଂ କରି ୫୨ଟି ବଲ ଖେଳି ୩ଟି ଚୌକା ସହ ମାତ୍ର ୨୮ ରନ୍ କରିଥିବା ବେଳେ ତାରକା ସ୍ପିନର ରସିଦ ଖାଁ ବଲ୍‌ରେ ଷ୍ଟମ୍ପ ଆଉଟ ହୋଇଥିଲେ। ମିଡଲ ଅର୍ଡର ବ୍ୟାଟ୍ସମ୍ୟାନ କେଦାର ଯାଦବ ବେଶ୍ ଲଢ଼େଇ କରିଥିଲେ ଓ ୬୮ଟି ବଲ୍‌ର ସମ୍ମୁଖୀନ ହୋଇ ୩ ଚୌକା ଓ ୧ ଛକା ସହ ୫୨ ରନ୍‌ର ଅର୍ଦ୍ଧଶତକୀୟ ପାଳି ଖେଳି ଗୁଲବଦିନ ନାଇବଙ୍କ ବଲ୍‌ରେ ବଦଳ ଖେଳାଳି ନୁର ଅଲି ଜଦ୍ରାନଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ପଞ୍ଚମ ଉଇକେଟରେ ଧୋନୀ ଓ କେଦାର ୫୭ ରନ୍ ସଂଗ୍ରହ କରିଥିଲେ। ତେବେ ଏହା ଯଥେଷ୍ଟ ହୋଇ ନ ଥିଲା। ଏହାପରେ ହାର୍ଦ୍ଦିକ ପାଣ୍ଡ୍ୟା ୭, ମହମ୍ମଦ ସାମି ୧ ରନ୍ କରି ଆଉଟ ହୋଇଥିବା ବେଳେ କୁଲଦୀପ ଯାଦବ ଓ ଯଶପୀତ ବୁମ୍‌ରା ୧ ରନ୍ ଲେଖାଏ କରି ଅପରାଜିତ ରହିଥିଲେ। ଆଫଗାନିସ୍ତାନ ବୋଲରମାନେ ଦୃଷ୍ଟାନ୍ତମୂଳକ ବୋଲିଂ କରିଥିଲେ। ଭାରତୀୟ ବ୍ୟାଟ୍ସମ୍ୟାନ୍‌ମାନେ ୧୫୨ଟି ଡଟ୍ ବଲ୍ ଦେଇଥିଲେ। ଅର୍ଥାତ ୨୫.୨ ଓଭରରେ ଭାରତ କୌଣସି ରନ୍ ସଂଗ୍ରହ କରି ନ ଥିଲା। ଗତ ମ୍ୟାଚ୍‌ରେ ଆଫଗାନିସ୍ତାନ ଇଂଲଣ୍ଡ ବିପକ୍ଷରେ ବେଶ୍ ମହଙ୍ଗା ସାବ୍ୟସ୍ତ ହୋଇଥିଲା ଓ ୨୫ଟି ଛକା ଦେଇଥିଲା। ମିଡଲ ଓଭରରେ ଧୋନୀ ଷ୍ଟ୍ରାଇକ୍ ରୋଟେଟ୍ କରିବାରେ ବିଫଳ ହୋଇଥିଲେ। ସବୁଠାରୁ ବଡ଼ କଥା ହେଉଛି, ଆଫଗାନିସ୍ତାନର ୩ ସ୍ପିନରଙ୍କ ବିପକ୍ଷରେ ଭାରତୀୟ ବ୍ୟାଟ୍ସମ୍ୟାନ କୌଣସି ରିସ୍କ ନେବାକୁ କୁଣ୍ଠାବୋଧ କରିଥିଲେ। ଏପରି କି ଫୁଲଟସ୍ ବଲ୍‌ଗୁଡିକୁ ଧୋନୀ ଓ କେଦାର ଡିଫେନ୍ସ କରିଥିବା ଦେଖାଯାଇଥିଲା। ଆଶ୍ଚର୍ଯ୍ୟର କଥା ହେଉଛି ଯେ, ଏହି ମ୍ୟାଚ୍ ପୂର୍ବରୁ ଭାରତ ତା'ର ୩ଟି ମ୍ୟାଚ୍‌ରେ ୧୪ଟି ଉଇକେଟ ହରାଇଥିଲେ ମଧ୍ୟ ସ୍ପିନରଙ୍କୁ ଉଇକେଟ ଦେଇ ନ ଥିଲେ। ବୋଲିଂରେ ଆଫଗାନିସ୍ତାନ ତରଫରୁ ନାଇବ ଓ ନବୀ ଦୁଇଟି ଲେଖାଏ, ରହମାନ, ଅଫତାବ ଆଲମ, ରସିଦ ଓ ରହମତ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।


ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଯଶପ୍ରୀତ୍ ବୁମ୍‌ରା ଏକ ରିଟର୍ନ କ୍ୟାଚ୍ ନେଉଛନ୍ତି।

ଚେତନ ଶର୍ମାଙ୍କ ପରେ ସାମି

ବିଶ୍ୱକପ୍‌ରେ ହ୍ୟାଟ୍ରିକ ଉଇକେଟ ହାସଲ କରିବାରେ ମହମ୍ମଦ ସାମି ଭାରତର ଦ୍ୱିତୀୟ ବୋଲର ସାବ୍ୟସ୍ତ ହୋଇଛନ୍ତି। ପୂର୍ବରୁ ଚେତନ ଶର୍ମା ୧୯୮୭ ବିଶ୍ୱକପ୍‌ରେ ନାଗପୁରରେ ନ୍ୟୁଜିଲାଣ୍ଡ ବିପକ୍ଷରେ ହ୍ୟାଟ୍ରିକ ଅର୍ଜନ କରିଥିଲେ। ଶନିବାର ଆଫଗାନିସ୍ତାନ ବିପକ୍ଷରେ ସାମି ଅନ୍ତିମ ଓଭରର ତୃତୀୟ ବଲ୍‌ରେ ମହମ୍ମଦ ନବୀ, ଚତୁର୍ଥ ବଲ୍‌ରେ ଅଫତାବ ଆଲମ ଓ ପଞ୍ଚମ ବଲ୍‌ରେ ମୁଜିବ-ଉର- ରହମାନଙ୍କୁ ଆଉଟ କରି ହ୍ୟାଟ୍ରିକ ଅର୍ଜନ କରିଛନ୍ତି। ଚେତନ ଓ ସାମିଙ୍କ ସମେତ ଏପର୍ଯ୍ୟନ୍ତ ମୋଟ ଉପରେ ବିଶ୍ୱକପ୍‌ରେ ୯ଜଣ ବୋଲର ହ୍ୟାଟ୍ରିକ ଅର୍ଜନ କରିଛନ୍ତି। ସେମାନେ ହେଲେ ପାକିସ୍ତାନର ସାକଲିନ ମୁସ୍ତାକ, ଶ୍ରୀଲଙ୍କାର ଚାମିଣ୍ଡା ଭାସ, ଅଷ୍ଟ୍ରେଲିଆର ବ୍ରେଟ୍ ଲି, ଶ୍ରୀଲଙ୍କାର ଲସିଥ ମାଲିଙ୍ଗା, ୱେଷ୍ଟଇଣ୍ଡିଜର କେମର ରୋଚ, ଲସିଥ ମାଲିଙ୍ଗା, ଇଂଲଣ୍ଡର ଷ୍ଟିଭେନ ଫିନ୍ ଓ ଦକ୍ଷିଣ ଆଫ୍ରିକାର ଜେପି ଡୁମିନି। ତେବେ ମାଲିଙ୍ଗା ବିଶ୍ୱକପ୍‌ରେ ଦୁଇଥର ହ୍ୟାଟ୍ରିକ ଅର୍ଜନ କରିସାରିଛନ୍ତି। ମୋଟ୍ ଉପରେ ବିଶ୍ୱକପ୍‌ରେ ବୋଲରମାନେ ୧୦ଥର ହ୍ୟାଟ୍ରିକ୍ ଉଇକେଟ ହାସଲ କରିଛନ୍ତି।

ବିଶ୍ୱକପ୍‌ରେ ହ୍ୟାଟ୍ରିକ

ଖେଳାଳି	ଦେଶ	ପ୍ରତିପକ୍ଷ	ବର୍ଷ
ଚେତନ ଶର୍ମା	ଭାରତ	ନ୍ୟୁଜିଲାଣ୍ଡ	୧୯୮୭
ସାକଲିନ ମୁସ୍ତାକ	ପାକିସ୍ତାନ	ଜିମ୍ବାୱେ	୧୯୯୯
ଚାମିଣ୍ଡା ଭାସ	ଶ୍ରୀଲଙ୍କା	ବାଂଲାଦେଶ	୨୦୦୩
ବ୍ରେଟ୍ ଲି	ଅଷ୍ଟ୍ରେଲିଆ	କେନିଆ	୨୦୦୩
ଲସିଥ୍ ମାଲିଙ୍ଗା	ଶ୍ରୀଲଙ୍କା	ଦକ୍ଷିଣ ଆଫ୍ରିକା	୨୦୦୭
କେମାର ରୋଚ୍	ୱେଷ୍ଟଇଣ୍ଡିଜ	ନେଦରଲାଣ୍ଡ୍ସ	୨୦୧୧
ଲସିଥ୍ ମାଲିଙ୍ଗା	ଶ୍ରୀଲଙ୍କା	କେନିଆ	୨୦୧୧
ଷ୍ଟିଭେନ୍ ଫିନ୍	ଇଂଲଣ୍ଡ	ଅଷ୍ଟ୍ରେଲିଆ	୨୦୧୫
ଜେପି ଡୁମିନି	ଦକ୍ଷିଣ ଆଫ୍ରିକା	ଶ୍ରୀଲଙ୍କା	୨୦୧୫
ମହମ୍ମଦ ସାମି	ଭାରତ	ଆଫଗାନିସ୍ତାନ	୨୦୧୯

ବିଜୟରେ ଅର୍ଦ୍ଧଶତକ

ଆଇସିସି ବିଶ୍ୱକପ୍‌ରେ ଭାରତ ଏହାର ୫୦ତମ ମ୍ୟାଚ୍ ବିଜୟ ଲାଭ କରିଛି। ଶନିବାର ଆଫଗାନିସ୍ତାନକୁ ରୋମାଞ୍ଚକ ଭାବେ ୧୧ ରନରେ ପରାସ୍ତ କରି ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଭାରତ ଏହି କୃତୀତ୍ୱ ହାସଲ କରିଛି। ୧୯୭୫ ମସିହାରୁ ବିଶ୍ୱକପ୍ ଆରମ୍ଭ ହୋଇଥିବାବେଳେ ଭାରତ ଆଜି ପର୍ଯ୍ୟନ୍ତ ୭୯ ମ୍ୟାଚ୍ ଖେଳି ୫୦ରେ ବିଜୟୀ ହୋଇ ଏହି ତାଲିକାର ୩ୟ ସ୍ଥାନରେ ରହିଛି। ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ଯଥାକ୍ରମେ ୬୭ ଓ ୫୨ ମ୍ୟାଚ୍ ଜିତି ତାଲିକାରେ କ୍ରମାନ୍ୱୟରେ ପ୍ରଥମ ଓ ୨ ସ୍ଥାନରେ ରହିଛନ୍ତି।

ସ୍କୋର ବୋର୍ଡ

ଭାରତ ଇନିଂସ

ରାହୁଲ-କ-ଜାଜାଇ-ବୋ-ନବି-୩୦
ରୋହିତ-ବୋ-ମୁଜିବ୍-୧
କୋହଲି-କ-ରହମତ-ବୋ-ନବି-୬୭
ବିଜୟ ଶଙ୍କର-ଏଲବିଡବ୍ଲ୍ୟୁ-ରହମତ-୨୯
ଧୋନୀ-ଷ୍ଟମ୍ପ-ଇକ୍ରାମ ଅଲି-ବୋ-ରସିଦ-୨୮
କେଦାର- କ-ଜାଦ୍ରାନ (ବଦଳ)-ବୋ ନାଇବ-୫୨
ହାର୍ଦ୍ଦିକ-କ-ଇକ୍ରାମ ଅଲି-ବୋ-ଅଫ୍‌ତାବ-୭
ସାମି-ବୋ-ନାଇବ-୧
କୁଲଦୀପ-ନଟଆଉଟ-୧
ଯଶପ୍ରୀତ୍-ନଟଆଉଟ-୧
ଅତିରିକ୍ତ-୭
ମୋଟ (୫୦ ଓଭର, ୮ଉଇକେଟ) ୨୨୪।
ଉଇକେଟ ପତନ: ୧/୭, ୨/୬୪, ୩/୧୨୨, ୪/୧୩୫, ୫/୧୯୨, ୬/୨୧୭, ୭/୨୨୨, ୮/୨୨୩।
ବୋଲିଂ (ଆଫଗାନିସ୍ତାନ)
ମୁଜିବୁର୍ ୧୦-୦-୨୬-୧
ଅଫତାବ ୭-୧-୫୪-୧
ଗୁଲବଦିନ ୯-୦-୫୧-୨
ମହମ୍ମଦ ନବି ୯-୦-୩୩-୨
ରସିଦ ଖାଁ ୧୦-୦-୩୮-୧
ରହମତ ୫-୦-୨୨-୧

ଆଫଗାନିସ୍ତାନ ଇନିଂସ

ଜାଜାଇ-ବୋ-ସାମି-୧୦
ନାଇବ୍-କ-ଶଙ୍କର-ବୋ-ହାର୍ଦ୍ଦିକ-୨୭
ରହମତ୍-କ-ଚହଲ-ବୋ-ବୁମ୍‌ରା-୩୬
ହସ୍‌ମାତୁଲ୍ଲା-କ ଆଣ୍ଡ୍ ବୋ ବୁମ୍‌ରା-୨୧
ଅସ୍‌ଗର-ବୋ-ଚହଲ-୮
ନବି-କ-ହାର୍ଦ୍ଦିକ-ବୋ-ସାମି-୫୨
ଜାଦ୍ରାନ-କ-ଚହଲ-ବୋ-ପାଣ୍ଡ୍ୟା-୨୧
ରସିଦ-ଷ୍ଟମ୍ପ-ଧୋନୀ-ବୋ-ଚହଲ-୧୪
ଇକ୍ରାମ ଅଲି-ନଟଆଉଟ-୭
ଅଫତାବ-ବୋ-ସାମି-୦
ମୁଜିବୁର୍-ବୋ-ସାମି-୦
ଅତିରିକ୍ତ-୧୭
ମୋଟ (୪୯.୫ ଓଭର, ଅଲଆଉଟ)- ୨୧୩।
ଉଇକେଟ ପତନ: ୧/୨୦, ୨/୬୪, ୩/୧୦୬, ୪/୧୦୬, ୫/୧୩୦, ୬/୧୬୬, ୭/୧୯୦, ୮/୨୧୩, ୯/୨୧୩,୧୦/୨୧୩।
ବୋଲିଂ (ଭାରତ)
ମହମ୍ମଦ ସାମି ୯.୫-୧-୪୦-୪
ଯଶପ୍ରୀତ ବୁମ୍‌ରା ୧୦-୧-୩୯-୨
ଚହଲ ୧୦-୦-୩୬-୨
ପାଣ୍ଡ୍ୟା ୧୦-୧-୫୧-୨
କୁଲଦୀପ ୧୦-୦-୩୯-୦

ବ୍ରାଥ୍‌ୱେଟ୍‌ଙ୍କ ସାହସିକ ଇନିଂସ ବୃଥା

ମାଞ୍ଚେଷ୍ଟର, ୨୨।୬ (ପି.ଟି.)

ବିଶ୍ୱକପ୍‌ରେ ଶନିବାର ଖେଳାଯାଇଥିବା ଦ୍ୱିତୀୟ ମ୍ୟାଚ୍‌ରେ ଅଧିନାୟକ କେନ୍ ୱିଲିୟମସନଙ୍କ କ୍ୟାରିୟର ଶ୍ରେଷ୍ଠ ୧୪୮ ରନ ସହାୟତାରେ ନ୍ୟୁଜିଲାଣ୍ଡ ୫ ରନରେ ୱେଷ୍ଟଇଣ୍ଡିଜକୁ ହରାଇ ଦେଇଛି। ଏହି ରୋମାଞ୍ଚକ ମ୍ୟାଚରେ କାର୍ଲୋସ ବ୍ରାଥୱେଟଙ୍କ ୧୦୧ ରନର ସାହସିକ ଇନିଂସ ସତ୍ତ୍ୱେ ୨୯୨ରନର ବିଜୟ ଲକ୍ଷ୍ୟକୁ ପିଛା କରି ୱେଷ୍ଟଇଣ୍ଡିଜ ୪୯ ଓଭରରେ ୨୮୬ ରନ କରିଥିଲା। କ୍ରିସ୍ ଗେଲ୍ ୮୭ ଓ ସିମରନ ହେଟମେର ୫୪ ରନ କରିଥିଲେ। ପୂର୍ବରୁ ନ୍ୟୁଜିଲାଣ୍ଡ ନିର୍ଦ୍ଧାରିତ ୫୦ ଓଭରରେ ୮ ଉଇକେଟ ବିନିମୟରେ ୨୯୧ ରନ କରିଥିଲା। ୱିଲିୟମସନ ଶନିବାର ତାଙ୍କ ଶତକୀୟ ଇନିଂସରେ ୧୪ ଚୌକା ଓ ଗୋଟିଏ ଛକା ଲଗାଇଥିଲେ। ଅନ୍ୟତମ ସଫଳ ବ୍ୟାଟ୍ସମ୍ୟାନ ରସ୍ ଟେଲର ୬୯ ରନ କରିଥିଲେ। ୱେଷ୍ଟଇଣ୍ଡିଜ ପକ୍ଷରୁ ଶେଲଡନ କୋଟ୍ରେଲ ୫୬ରନ ବିନିମୟରେ ୪ଟି ଉଇକେଟ ଅକ୍ତିଆର କରିଥିଲେ।

ସଂକ୍ଷିପ୍ତ ସ୍କୋର

ନ୍ୟୁଜିଲାଣ୍ଡ : ୫୦ ଓଭରରେ ୨୯୧/୮ (ୱିଲିୟମସନ-୧୪୮, ଟେଲର-୬୯, କୋଟ୍ରେଲ-୪/୫୬, ବ୍ରାଥୱେଟ୍-୨/୫୮)। ୱେଷ୍ଟଇଣ୍ଡିଜ: ୪୯ ଓଭରରେ ୨୮୬/ଅଲଆଉଟ (ବ୍ରାଥୱେଟ୍-୧୦୧, ଗେଲ୍-୮୭,ହେଟମେର୍-୫୪; ଟ୍ରେଣ୍ଟ ବୋଲ୍ଟ-୪/୩୦, ଲୋକିଫର୍ଗୁସନ-୩/୫୯)।

କେନ୍ ୱିଲିୟମସନ

ଆଜିର ମ୍ୟାଚ୍
ପାକିସ୍ତାନ
ବନାମ
ଦକ୍ଷିଣ ଆଫ୍ରିକା
ସ୍ଥାନ: ଲଣ୍ଡନ
ସମୟ ଅପରାହ୍ନ ୩ଟା
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

ସୁଯୋଗ ସୃଷ୍ଟି କରିଛି ଶ୍ରୀଲଙ୍କାର ବିଜୟ

କୁମାର ସଙ୍ଗକାରା

ବିଶ୍ୱକପ୍‌ରେ ଶ୍ରେଷ୍ଠ ୪ଟି ଦଳର ପ୍ରଭାବ ଦେଖିବାକୁ ମିଳିଛି। ପୁଣି ବର୍ଷା ଓ ଖରାପ ପାଗ ମଧ୍ୟ ଟୁର୍ନାମେଣ୍ଟକୁ ନକାରାତ୍ମକ ଭାବେ ପ୍ରଭାବିତ କରିଛି। ତେବେ ଏତିକି ବେଳେ ଶ୍ରୀଲଙ୍କା ପୂର୍ବ ବିଫଳତାକୁ ପଛରେ ପକାଇ ଜବରଦସ୍ତ ପ୍ରଦର୍ଶନ କରି ଆୟୋଜକ ତଥା ଫେଭରାଇଟ ଇଂଲଣ୍ଡ ଦଳକୁ ହରାଇ ଦମ୍‌ଦାର ପ୍ରତ୍ୟାବର୍ତ୍ତନ କରିଛି। ଫଳରେ ସାରା ଟୁର୍ନାମେଣ୍ଟ ଏବେ ଖାଲା ହୋଇଯାଇଛି ଓ ଶ୍ରୀଲଙ୍କା ସମେତ ଅନ୍ୟ ଦଳଗୁଡିକ ପାଇଁ ସୁଯୋଗ ସୃଷ୍ଟି ହୋଇଛି।

ଶୁକ୍ରବାର ହେଡିଂଲେରେ ଶ୍ରୀଲଙ୍କା ଇଂଲଣ୍ଡକୁ ହରାଇବ ବୋଲି କେହି ଆଶା କରି ନ ଥିବେ। ଇଂଲଣ୍ଡ ଦଳରେ ପ୍ରାୟ ସବୁ ଖେଳାଳି ଅଭିଜ୍ଞ ଓ ମ୍ୟାଚ୍ ୱିନର। ଏହି ଦଳ ବେଶ୍ ସନ୍ତୁଳିତ। ଗତ ୪ ବର୍ଷ ଧରି ଇଂଲଣ୍ଡ ପୂରା ଯୋଜନାବଦ୍ଧ ଭାବେ ଏକ ଶକ୍ତିଶାଳୀ ଦଳ ଗଢିବାର ପ୍ରକ୍ରିୟା ଆରମ୍ଭ କରିଆସିଛି। ତେଣୁ ଏଭଳି ଏକ ଦଳକୁ ହରାଇ ଶ୍ରୀଲଙ୍କା ଏକ ବିପର୍ଯ୍ୟୟ ଘଟାଇଛି କହିଲେ ଭୁଲ ହେବନାହିଁ। ଅନ୍ୟପଟେ ବିଶ୍ୱକପ୍ ଆରମ୍ଭରୁ ଶ୍ରୀଲଙ୍କା ସବୁ ଦୃଷ୍ଟିକୋଣରୁ ସଂଘର୍ଷ କରୁଥିବା ଲକ୍ଷ୍ୟ କରାଯାଇଛି। ଟସ୍ ଜିତିବା ଶ୍ରୀଲଙ୍କା ପାଇଁ କାମ ଦେଇଥିଲା। ଶୁଖିଲା ପିଚ୍‌ରେ ବଲ୍ ମନ୍ଥର ହୋଇଥିଲା ଓ ଟର୍ନ ମଧ୍ୟ କରିଥିଲା, ଯାହା ଶ୍ରୀଲଙ୍କା ସପକ୍ଷରେ ଯାଇଥିଲା। ୨୮୦ରନ ଲଢୁଆ ସ୍କୋର ବୋଲି ବିବେଚନା କରାଯାଉଥିବା ବେଳେ ଶ୍ରୀଲଙ୍କା ୨୩୨ ରନ କରି ମଧ୍ୟ ବିଜୟୀ ହୋଇଥିଲା। ଟୁର୍ନାମେଣ୍ଟରେ ପ୍ରଥମ ମ୍ୟାଚ୍ ଖେଳିଥିଲେ ମଧ୍ୟ ଅଭିଷ୍କା ଫର୍ନାଣ୍ଡୋ ଦମ୍‌ଦାର ବ୍ୟାଟିଂ କରିଥିଲେ। ଦିମୁଥ କରୁଣାରତ୍ନେ ଓ କୁଶାଲ ପେରେରା ସଅଳ ଆଉଟ ହୋଇଥିଲେ ମଧ୍ୟ ଅଭିଷ୍କା ଲଢୁଆ ବ୍ୟାଟିଂ ପ୍ରଦର୍ଶନ କରିଥିଲେ। ଫର୍ନାଣ୍ଡୋ ଏକ କ୍ୱାଲିଟି ବ୍ୟାଟ୍ସମ୍ୟାନ ଭଳି ଖେଳିଥିଲେ। ମିଡଲ ଅର୍ଡର ପୁଣି ସଂଘର୍ଷ କରିଥିଲେ ମଧ୍ୟ କୁଶାଲ ମେଣ୍ଡିସ୍ ଭଲ ଖେଳିଥିଲେ। ଦଳର ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ବୋଲି ଆଞ୍ଜେଲୋ ମାଥ୍ୟୁସ ପ୍ରମାଣ କରିଥିଲେ। ଦମ୍‌ଦାର ଇନିଂସ ଖେଳି ସେ ଶେଷପର୍ଯ୍ୟନ୍ତ ଅପରାଜିତ ରହିଥିଲେ।

ବୋଲିଂରେ ଅଭିଜ୍ଞ ଲସିଥ ମାଲିଙ୍ଗା ଆଶା ଅନୁରୂପ ପ୍ରଦର୍ଶନ କରି ସ୍ୱଳ୍ପ ରନ ବ୍ୟୟ କରିବା ସହ ମୂଲ୍ୟବାନ ଉଇକେଟମାନ ଅକ୍ତିଆର କରି ଶ୍ରୀଲଙ୍କା ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ମାଲିଙ୍ଗାଙ୍କୁ ଅନ୍ୟ ବୋଲରମାନେ ମଧ୍ୟ ସହାୟତା ପ୍ରଦାନ କରିଥିଲେ, ନ ହେଲେ ବିଜୟୀ ହେବା କଷ୍ଟକର ହୋଇଥାନ୍ତା। ଶ୍ରୀଲଙ୍କାର ବିଜୟ ପରେ ଟୁର୍ନାମେଣ୍ଟ ଖୋଲା ହୋଇଛି। ଏବେ ଶ୍ରୀଲଙ୍କା ଓ ବାଂଲାଦେଶ ପାଇଁ ସୁଯୋଗ ସୃଷ୍ଟି ହୋଇଛି। ଯଦି ଏହି ଦୁଇ ଦଳ ସେମାନଙ୍କର ଅନ୍ତିମ ୩ଟି ମ୍ୟାଚ୍‌ରେ ବିଜୟୀ ହୁଅନ୍ତି ତେବେ ସେମିଫାଇନାଲକୁ ଉଠିବାର ସମ୍ଭାବନା ରହିଛି।

ଭାରତ ଏକ ସନ୍ତୁଳିତ ଦଳ ହୋଇଥିଲେ ମଧ୍ୟ ତାରକା ଓପନର ଶିଖର ଧାୱନ ଇଞ୍ଜୁରି କାରଣରୁ ବିଶ୍ୱକପ୍‌ରୁ ବାଦ୍ ପଡିବା ସମସ୍ତଙ୍କୁ ନିରାଶ କରିଛି। ବୋଲିଂ, ବ୍ୟାଟିଂ ଓ ଫିଲ୍ଡିଂରେ ଭାରତର ପ୍ରଦର୍ଶନ ଦୃଷ୍ଟାନ୍ତମୂଳକ ହୋଇପାରିଛି। ଯୁବ ଉଇକେଟକିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତଙ୍କୁ ଦଳରେ ସାମିଲ କରାଯାଇଛି। ତେବେ ସେ ଖେଳିବେ କି ନା ଜାଣିନାହିଁ। କିନ୍ତୁ ଯଦି ସେ ଖେଳନ୍ତି ତାହେଲେ ତାଙ୍କ ଖେଳ ଦେଖିବି।

-(ଗେମ୍‌ପ୍ଲାନ)

ସଂକ୍ଷେପରେ

ଜିମ୍ବାୱେ କ୍ରିକେଟ ବୋର୍ଡ ବାସନ୍ଦ

ହରାରେ,୨୨।୬ (ଏପି): ଦୁର୍ନୀତି ଅଭିଯୋଗ ଆସିବା ପରେ ଦେଶରେ କ୍ରୀଡ଼ା ପରିଚାଳନା କରୁଥିବା ସରକାରୀ ସଂସ୍ଥା ପକ୍ଷରୁ ଜିମ୍ବାୱେ କ୍ରିକେଟ୍ (ଜେଡ୍‌ସି) ବୋର୍ଡକୁ ବାସନ୍ଦ କରାଯାଇଛି। ସ୍ପୋର୍ଟ୍ସ ଓ ରିକ୍ରିଏଶନ କମିଶନ (ଏସ୍‌ଆରସି)ର ନିର୍ଦ୍ଦେଶକୁ ଅବହେଳା କରିଥିବାରୁ ଜେଡ୍‌ସିକୁ ଏଭଳି ସ୍ଥିତିର ସମ୍ମୁଖୀନ ହେବାକୁ ପଡ଼ିଛି। ଦୁର୍ନୀତି ଅଭିଯୋଗର ତଦନ୍ତ ନ ହେବା ପର୍ଯ୍ୟନ୍ତ ଜେଡ୍‌ସିକୁ ସଭାପତି ପଦ ଲାଗି କୌଣସି ନିର୍ବାଚନ ନ କରିବାକୁ ଏସ୍‌ଆରସି ପକ୍ଷରୁ ଗତ ସପ୍ତାହରେ କୁହାଯାଇଥିଲା। ହେଲେ ଏହି ନିର୍ଦ୍ଦେଶକୁ ଅବହେଳା କରି ଜିମ୍ବାୱେ କ୍ରିକେଟର ଅଧକ୍ଷ ପଦ ଲାଗି ନିର୍ବାଚନ ହୋଇଥିଲା, ଯେଉଁଥିରେ ମୁକୁଲାନି ଆଗାମୀ ୪ ବର୍ଷ ଲାଗି ପୁନଃ ନିର୍ବାଚିତ ହୋଇଥିଲେ। ଏଥିଯୋଗୁ ବୋର୍ଡର କାର୍ଯ୍ୟକାରୀ ମ୍ୟାନେଜିଂ ଡିରେକ୍ଟର ଗିଭମୋର ମାକୋନିଙ୍କୁ ବିଦା କରାଯାଇଛି।

ସେମିରେ ଫେଡ୍‌ରର

ହାଲେ (ଜର୍ମାନୀ),୨୨।୬(ଏଏଫ୍‌ପି): ରୋଜର ଫେଡ୍‌ରର ଏକ ତିନି ସେଟ୍ ବିଶିଷ୍ଟ ମ୍ୟାଚ୍‌କୁ ଜିତି ଏଠାରେ ଚାଲିଥିବା ହାଲେ ଓପନ ଏଟିପି ଟୁର୍ନାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ସେ ୬-୩, ୪-୬, ୬-୪ ସେଟ୍‌ରେ ରବର୍ଟୋ ବୌତିସ୍ତା ଅଗୁତଙ୍କୁ ହରାଇ ଦେଇଛନ୍ତି। ବିଶ୍ୱର ୩ୟ ର୍ୟାଙ୍କଧାରୀ ଫେଡ୍‌ରର ୧୫ ଥର ଏହି ଟୁର୍ନାମେଣ୍ଟର ସେମିଫାଇନାଲରେ ସ୍ଥାନ ପାଇଛନ୍ତି। ଚଳିତ ଥର ସେ ୧୦ମ ଟାଇଟଲ ହାତେଇବାକୁ ଲକ୍ଷ୍ୟ ରଖିଛନ୍ତି। ସୁଇଜରଲାଣ୍ଡ କିମ୍ବଦନ୍ତୀ ଖେଳାଳି ପରବର୍ତ୍ତୀ ମ୍ୟାଚ୍‌ରେ ପିଏରେ ହୁଗୁସ ହର୍ବର୍ଟଙ୍କୁ ଭେଟିବେ। ଅନ୍ୟ ଏକ ମ୍ୟାଚ୍‌ରେ ବିଶ୍ୱର ୫ମ ର୍ୟାଙ୍କ ଆଲେକ୍ସଜାଣ୍ଡର ଜେଭରେଭ ୬-୩, ୧-୬, ୧-୬(୩/୭) ସେଟ୍‌ରେ ଡେଭିଡ ଗଫିନଙ୍କଠାରୁ ପରାସ୍ତ ହୋଇଛନ୍ତି।

ଟୋକିଓ ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟରେ ଭାରତ

ହିରୋଶିମା,୨୨।୬(ପି.ଟି.)

ଭାରତୀୟ ମହିଳା ହକି ଦଳ ୨୦୨୦ ଟୋକିଓ ଅଲିମ୍ପିକ୍ ଯୋଗ୍ୟତା ପର୍ଯ୍ୟାୟ ଫାଇନାଲ ରାଉଣ୍ଡରେ ପ୍ରବେଶ କରିବାରେ ସଫଳ ହୋଇଛି। ଶନିବାର ଏଠାରେ ଖେଳାଯାଇଥିବା ମହିଳା ଏଫ୍‌ଆଇଏଚ୍ ସିରିଜ୍ ଫାଇନାଲ୍ସର ସେମିଫାଇନାଲରେ ବିଶ୍ୱ ମାନ୍ୟତାର ୯ମ ସ୍ଥାନରେ ରହିଥିବା ଭାରତୀୟ ଦଳ ୪-୨ ଗୋଲ ବ୍ୟବଧାନରେ ନିମ୍ନ ର୍ୟାଙ୍କପ୍ରାପ୍ତ ଚିଲିକୁ ହରାଇ ଦେଇଛି। ବିଜୟୀ ଦଳ ଲାଗି ଗୁରଜିତ କୌର ଡବଲ୍ ଗୋଲ ଦେଇଥିବାବେଳେ ଅଧିନାୟିକା ରାଣୀ ରାମ୍‌ପାଲ ଓ ନବନୀତ କୌର ଗୋଟିଏ ଲେଖାଏ ଗୋଲସ୍କୋର କରିଥିଲେ।

ମ୍ୟାଚ୍ ଆରମ୍ଭରୁ ଚିଲି ଦଳ ପ୍ରତିପକ୍ଷ ଭାରତକୁ ଚକ୍‌ମା ଦେବାରେ ସଫଳ ହୋଇଥିଲା। ମ୍ୟାଚ୍‌ର ୧୮ତମ ମିନିଟ୍‌ରେ ଚିଲିର କାରୋଲିନା ଗାରିକ ଏକ ଗୋଲସ୍କୋର କରି ଦଳକୁ ୧-୦ ଗୋଲରେ ଅଗ୍ରଣୀ ଦେଇଥିଲେ। କିନ୍ତୁ ଏହାର ୪ ମିନିଟ୍ ପରେ ଗୁରଜିତ କୌର (୨୨ତମ ମିନିଟ)ଙ୍କ ଗୋଲ ବଳରେ ମ୍ୟାଚ୍ ୧-୧ ବରାବର ସ୍ଥିତିକୁ ଆସିଥିଲା। ପ୍ରଥମାର୍ଦ୍ଧ ସୁଦ୍ଧା ଏହି ସ୍କୋର ଲାଇନ ସ୍ଥିର ରହିଥିଲା। ତୃତୀୟ କ୍ୱାର୍ଟରରେ ଭାରତ ଦଳ ଦୁଇଟି ଗୋଲ ସ୍କୋର କରିଥିଲା।

ବିଜୟ ହାସଲ ପରେ ଉଲ୍ଲସିତ ଭାରତୀୟ ମହିଳା ହକି ଦଳ।

୨୦୨୨ ରାଜ୍ୟଗୋଷ୍ଠୀ କ୍ରୀଡ଼ାରୁ ଓହରିପାରେ ଆଇଓଏ

ନୂଆଦିଲ୍ଲୀ, ୨୨।୬: ୨୦୨୨ରେ ବର୍ମିଂହାମଠାରେ ହେବାକୁ ଥିବା ରାଜ୍ୟଗୋଷ୍ଠୀ କ୍ରୀଡ଼ାରୁ ଭାରତୀୟ ଅଲିମ୍ପିକ୍ ଆସୋସିଏଶନ (ଆଇଓଏ) ଓହରି ଯାଇପାରେ। ପ୍ରତିଯୋଗିତାର ଇଭେଣ୍ଟ ତାଲିକାରେ ଶୁଟିଂ ଓ ଆର୍ଚେରୀ (ରିକର୍ଭ) ସାମିଲ ହେଉନାହିଁ। ଏହାକୁ ବିରୋଧ କରି ଆଇଓଏ ସାଧାରଣ ସମ୍ପାଦକ ରାଜୀବ ମେହେଟା ଓହରିବାକୁ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ଗୋଟିଏ ମାସ ମଧ୍ୟରେ ନିଷ୍ପତ୍ତି କରାଯିବ ବୋଲି ଦିଲ୍ଲୀଠାରେ ଅନୁଷ୍ଠିତ ଆଇଓଏର କାର୍ଯ୍ୟକାରୀ କମିଟି (ଇସି)ରେ ମେହେଟା କହିଛନ୍ତି। ଆମେ ଏହାକୁ ବହୁତ ଗୁରୁତ୍ୱ ଦେଉଛୁ। ଶୁଟିଂରେ ଆମେ ସବୁଠୁ ଅଧିକ ପଦକ ପାଉ। ଏହି କ୍ରୀଡ଼ାର ଲମ୍ବା ଇତିହାସ ରହିଛି। ଇଭେଣ୍ଟକୁ ବାଦ୍ ଦିଆଯିବା ନିଷ୍ପତ୍ତି ନିଆଯାଇ ସାରିଛି ଓ ବଦଳାଇ ହେବ ନାହିଁ। କିନ୍ତୁ ଏହାକୁ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଫେଡେରେଶନ (ସିଜିଏଫ୍)ର ସଦସ୍ୟମାନେ ସ୍ପଷ୍ଟ କରିନାହାନ୍ତି ବୋଲି ମେହେଟା ଲଣ୍ଡନରୁ ଫୋନ ଯୋଗେ କହିଛନ୍ତି। ସିଜିଏଫ୍ ଏକ୍‌ଜିକ୍ୟୁଟିଭ ବୋର୍ଡରେ ୨୦୨୨ ସଂସ୍କରଣରୁ ଶୁଟିଂ ଓ ଆର୍ଚେରୀକୁ ବାଦ୍ ଦେଇ ମହିଳା ଟି୨୦ କ୍ରିକେଟ, ପାରା ଟେବୁଲ ଟେନିସ ଓ ବିଚ୍ ଭଲିବଲ ଇଭେଣ୍ଟ ଆୟୋଜନ କରିବାକୁ ପ୍ରସ୍ତାବ ଦିଆଯାଇଛି। ଏହାକୁ ୭୧ ସଦସ୍ୟଙ୍କ ମଧ୍ୟରୁ ୫୧ ପ୍ରତିଶତ ଅର୍ଥାତ ୩୬ ସଦସ୍ୟଙ୍କ ସମର୍ଥନ ଦରକାର, ଯାହାକି ଏବେ ଔପଚାରିକ ମାତ୍ର।

ମହିଳା ଏଫ୍‌ଆଇଏଚ୍ ହକି ସିରିଜ ଫାଇନାଲ୍ସ

ନବନୀତ କୌର ୩୧ତମ ଏବଂ ଗୁରଜିତ ୩୭ତମ ମିନିଟ୍‌ରେ ଦଳ ପାଇଁ ୩ୟ ତଥା ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ଦେଇଥିଲେ। ମାନୁଏଲା ଉରୋଜ (୪୩ତମ ମିନିଟ୍) ଚିଲି ଲାଗି ଏକ ଗୋଲ ପରିଶୋଧ କରିଥିଲେ। ଫଳରେ ୩ୟ କ୍ୱାର୍ଟର ଶେଷ ସୁଦ୍ଧା ଭାରତ ୩-୨ ଗୋଲରେ ଆଗୁଆ ରହିଥିଲା। ଏହାପରେ ଅନ୍ତିମ ତଥା ୪ର୍ଥ କ୍ୱାର୍ଟରରେ ଭାରତୀୟ ଅଧିନାୟିକା ରାଣୀ (୫୭ତମ)ଙ୍କ ଗୋଲ ଦକ୍ଷିଣ ଆମେରିକୀୟ ଦଳ ଚିଲିଠାରୁ ମ୍ୟାଚ୍ ଛଡ଼ାଇ ନେଇଥିଲା। ଏହି ବିଜୟକୁ ଦଳୀୟ ଖେଳାଳି ଲାଲରେସିଆମିଙ୍କ ବାପାଙ୍କ ଲାଗି ଉତ୍ସର୍ଗ କରିଥିବା ଅଧିନାୟିକା ରାଣୀ କହିଛନ୍ତି। ଲାଲରେସିଆମିଙ୍କ ବାପାଙ୍କ ନିକଟରେ ପରଲୋକ ଘଟିଥିଲା। ଭାରତୀୟ ଦଳ ରବିବାର ଅନୁଷ୍ଠିତ ହେବାକୁ ଥିବା ଫାଇନାଲରେ ଆୟୋଜକ ଜାପାନ ସହ ମୁକାବିଲା କରିବ। ପ୍ରତିଯୋଗିତାର ଦ୍ୱିତୀୟ ସେମିଫାଇନାଲରେ ରୁଷିଆକୁ ପେନାଲ୍ଟି ଶୁଟ୍‌ଆଉଟ୍ (୩-୧)ରେ ହରାଇ ଦେଇଛି ଜାପାନ। ଧାର୍ଯ୍ୟ ସମୟ ସୁଦ୍ଧା ଉଭୟ ଦଳ ୧-୧ ଗୋଲର ବରାବର ସ୍ଥିତିରେ ଥିଲେ।

ଫିଚର ଫର୍ମୁଲା-୩ ରେସ୍ ଜିତିଲେ ଦାରୁବାଲା

ଲି କ୍ୟସ୍‌ଲେଟ୍ (ଫ୍ରାନ୍ସ), ୨୨।୬ (ପି.ଟି.): ଭାରତର ଭବିଷ୍ୟତ ଫର୍ମୁଲା-୧ ଡ୍ରାଇଭର ବୋଲି କୁହାଯାଉଥିବା ଜେହାନ ଦାରୁବାଲା ଏଫ୍‌ଆଇଏ ଫର୍ମୁଲା-୩ ଚାମ୍ପିୟନଶିପ୍‌ରେ ଦ୍ୱିତୀୟ ଥର ଟାଇଟଲ ବିଜୟୀ ହୋଇଛନ୍ତି। ମୁମ୍ବାଇର ଏହି ଡ୍ରାଇଭର ପ୍ରଥମ ଥର ଚାମ୍ପିୟନଶିପ୍‌ରେ ଫିଚର ରେସ୍ ଜିତିଛନ୍ତି। ଶନିବାର ସେ ଜେକ୍ ହ୍ୟୁଗ୍ସଙ୍କ ପଛକୁ ଗ୍ରୀଡ୍‌ର ଦ୍ୱିତୀୟ ସ୍ଥାନରୁ ରେସ୍ ଆରମ୍ଭ କରିଥିଲେ। ବର୍ତ୍ତମାନ ଫର୍ମୁଲା-୩ ହେଉଛି ଫର୍ମୁଲା-୧ର ସପୋର୍ଟ ସିରିଜ। ଫ୍ରେଞ୍ଚ ଗ୍ରାଁପି ରବିବାର ହେବାର କାର୍ଯ୍ୟକ୍ରମ ରହିଛି।

ଏସିଆ ରଗ୍‌ବୀ ମହିଳା ଚାମ୍ପିୟନଶିପ୍ : ବ୍ରୋଞ୍ଜ ପଦକ ବିଜୟୀ ଭାରତୀୟ ଦଳ।

କୋପା ଆମେରିକା: କ୍ୱାର୍ଟରରେ ଚିଲି

ସାଲ୍‌ଭାଡର (ବ୍ରାଜିଲ), ୨୨।୬ (ଏଏଫ୍‌ପି): ଆଲେକ୍ସିସ ସାଞ୍ଚେଜଙ୍କ ଗୋଲ ବଳରେ ଚିଲି ୨-୧ ଗୋଲରେ ଇକ୍ୱେଡରକୁ ହରାଇ ଦେଇଛି। ବିଜୟ ସହ ଚଳିତ କୋପା ଆମେରିକା ଫୁଟ୍‌ବଲ ଟୁର୍ନାମେଣ୍ଟର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ପୂର୍ବତନ ଚାମ୍ପିୟନ ଚିଲି ପାଇଁ ମ୍ୟାଚ୍‌ର ୮ମ ମିନିଟ୍‌ରେ ଜୋସ ଫୁଏଞ୍ଜାଲିଡା ପ୍ରଥମ ଗୋଲ ଦେଇଥିଲେ। ହେଲେ ଇନ୍ନର ଭାଲେନସିଆଙ୍କ ଗୋଲ ଯୋଗୁ ଇକ୍ୱେଡର ମ୍ୟାଚ୍‌କୁ ବରାବର କରିଥିଲେ। ଏହାପରେ ୩୦ ବର୍ଷୀୟ ସାଞ୍ଚେଜ ୫୧ତମ ମିନିଟ୍‌ରେ ଗୋଲ ସ୍କୋର କରି ଦଳକୁ ୨-୧ ବ୍ୟବଧାନର ଅଗ୍ରଣୀ ଆଣି ଦେଇଥିଲେ। ଏଥିଯୋଗୁ କଲମ୍ବିଆ ଭଳି ଚିଲି ମାତ୍ର ଦୁଇଟି ମ୍ୟାଚ୍ ଖେଳି ନକ୍‌ଆଉଟ୍ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି। ଗ୍ରୁପ୍ ସି'ରେ ଥିବା ଚିଲି ଦଳ ତା'ର ଅନ୍ତିମ ଲିଗ୍ ମ୍ୟାଚ୍‌ରେ ଉରୁଗୁଏକୁ ଭେଟିବ। ଅନ୍ୟପକ୍ଷରେ ଇକ୍ୱେଡରକୁ ପରବର୍ତ୍ତୀ ରାଉଣ୍ଡରେ ପ୍ରବେଶ କରିବାକୁ ହେଲେ ରବିବାର ଖେଳାଯିବାକୁ ଥିବା ମ୍ୟାଚ୍‌ରେ ଜାପାନକୁ ନିଶ୍ଚିତ ହରାଇବାକୁ ପଡ଼ିବ।

ଡୋପ୍ ଟେଷ୍ଟରେ ବିଫଳ ସଞ୍ଜୀବନୀ ସସ୍‌ପେଣ୍ଡ

ନୂଆଦିଲ୍ଲୀ, ୨୨।୬ (ପି.ଟି.)

ଗତବର୍ଷ ଡୋପ୍ ଟେଷ୍ଟରେ ବିଫଳ ହୋଇଥିବାରୁ ଭାରତର ଲଙ୍ଗ୍ ଡିଷ୍ଟାନ୍ସ ଧାବିକା ସଞ୍ଜିବନୀ ଯାଦବଙ୍କୁ ସାମୟିକ ସସ୍‌ପେଣ୍ଡ କରାଯାଇଛି। ଗତବର୍ଷ ନଭେମ୍ବରରେ ଜାତୀୟ ଆନ୍ତଃ ରାଜ୍ୟ ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ଡୋପ୍ ଟେଷ୍ଟ ହୋଇଥିଲା। ସଞ୍ଜୀବନୀଙ୍କଠାରୁ ସଂଗ୍ରହ କରାଯାଇଥିବା ସାମ୍ପଲରୁ ନିଷିଦ୍ଧ ଦ୍ରବ୍ୟ ପ୍ରୋବେନଏସିଡ୍‌ର ମାତ୍ରା ଠାବ କରାଯାଇଥିଲା। ପ୍ରଥମେ ସ୍ଥାନୀୟ ନ୍ୟାଶନାଲ ଡୋପ୍ ଟେଷ୍ଟିଂ ଲାବରେଟୋରିରେ ତାଙ୍କ ସାମ୍ପଲର ଯେଉଁ ପରୀକ୍ଷା ହୋଇଥିଲା, ତାହା ନେଗେଟିଭ୍ ଆସିଥିଲା। ମାତ୍ର ପରେ ଏହି ସାମ୍ପଲର ଯେତେବେଳେ ୱାର୍ଲ୍ଡ ଆଣ୍ଟି-ଡୋପିଂ ଏଜେନ୍ସି (ୱାଡା)ର ମଣ୍ଟ୍ରିଲସ୍ଥିତ ଲାବରେଟୋରିରେ ପରୀକ୍ଷା ହେଲା ସେଥିରେ ପଜିଟିଭ ଆସିଥିଲା। ପୂର୍ବରୁ ନ୍ୟାଶନାଲ ଡୋପ୍ ଟେଷ୍ଟିଂ ଲାବରେଟୋରି ଫଳାଫଳକୁ ଭିତ୍ତିକରି ନ୍ୟାଶନାଲ ଆଣ୍ଟି ଡୋପିଂ ଏଜେନ୍ସି (ନାଡା) ସଞ୍ଜୀବନୀଙ୍କୁ ସସ୍‌ପେଣ୍ଡ କରି ନ ଥିଲା। ଯାହା ଫଳରେ ଏହି ଆଥଲେଟ ଜଣକ ଚଳିତ ବର୍ଷ ପ୍ରାରମ୍ଭରେ ଫେଡେରେଶନ କପ୍‌ରେ ଅଂଶଗ୍ରହଣ କରି ୧୦,୦୦୦ ମିଟର ରେସ୍ ଜିତିଥିଲେ। ପରେ ଏପ୍ରିଲରେ ଦୋହାଠାରେ ଅନୁଷ୍ଠିତ ଏସିଆନ ଚାମ୍ପିୟନଶିପ୍‌ରେ ମଧ୍ୟ ସେ ଭାଗ ନେଇଥିଲେ। ସେଠାରେ ୩୨:୪୪.୯୬ ଟାଇମିଂରେ ଏକ ବ୍ରୋଞ୍ଜ ଜିତିଥିଲେ। ପରେ ଏହି ମାମଲାର ନିରପେକ୍ଷ ତଦନ୍ତ ପାଇ ଇଣ୍ଟରନ୍ୟାଶନାଲ ଆଥଲେଟିକ୍ସ ଫେଡେରେଶନ ଆଥଲେଟିକ୍ସ ଇଣ୍ଟିଗ୍ରିଟି ୟୁନିଟ୍ (ଏଆଇୟୁ) ଗଠନ କରିଥିଲା। ଏଆଇୟୁ ବୁଧବାର ୨୨ ବର୍ଷୀୟା ସଞ୍ଜୀବନୀଙ୍କୁ ଦୋଷୀ ସାବ୍ୟସ୍ତ କରିଛି। ତେଣୁ ତାଙ୍କୁ ଦୁରନ୍ତ ସାମୟିକ ସସ୍‌ପେଣ୍ଡ କରାଯାଇଛି।

ସଞ୍ଜୀବନୀ ଯାଦବ

ଭାରତକୁ ଐତିହାସିକ ବିଜୟ ଦେଲେ ଓଡ଼ିଆ ଝିଅ ସୁମିତ୍ରା

ନୂଆଦିଲ୍ଲୀ, ୨୨।୬

ଫିଲିପାଇନ୍ସର କଲମ୍ବାସ୍ଥିତ ସାଉଥର୍ନ ପ୍ଲେନ୍ସ ସ୍ପୋର୍ଟ୍ସ ଫିଲ୍ଡଠାରେ ଅନୁଷ୍ଠିତ ଏସିଆ ରଗ୍‌ବୀ ମହିଳା ଚାମ୍ପିୟନଶିପ୍ (ଡିଭିଜନ-୧)ପ୍ରତିଯୋଗିତାରେ ଭାରତୀୟ ଦଳ ଐତିହାସିକ ବିଜୟ ଲାଭ କରିଛି। ଶନିବାର ୩ୟ ଓ ୪ର୍ଥ ସ୍ଥାନ ପାଇଁ ଅନୁଷ୍ଠିତ ମ୍ୟାଚ୍‌ରେ ଭାରତୀୟ ଦଳ ୨୧-୧୯ ସ୍କୋରରେ ସିଙ୍ଗାପୁରକୁ ପରାସ୍ତ କରିଛି। ଏଥିସହ ଭାରତୀୟ ମହିଳା ଦଳ ଅନ୍ତର୍ଜାତୀୟ ୧୫ଏସ୍ ପ୍ରତିଯୋଗିତାରେ ଏହାର ସର୍ବପ୍ରଥମ ବିଜୟ ହାସଲ କରିବାର ସୌଭାଗ୍ୟ ଲାଭ କରିଛି। ତୃତୀୟ ସ୍ଥାନରେ ଅଭିଯାନ ଶେଷ କରିଥିବା ଭାରତ ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ରହିଛି। ଭାରତର ଏହି ବିଜୟରେ ଓଡ଼ିଆ ଝିଅ ଯାଜପୁରର ସୁମିତ୍ରା ନାୟକ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଅନ୍ତିମ କ୍ଷଣରେ ସେ ପେନାଲ୍ଟିରୁ ସ୍କୋର କରିବାରେ ସଫଳ ହୋଇଥିଲେ। ଏହି ଐତିହାସିକ ବିଜୟ ପରେ ଖୁସିରେ ଆତ୍ମହରା ହୋଇ ଭାରତୀୟ ଖେଳାଳିମାନେ କାନ୍ଦି ପକାଇଥିବାର ଦେଖିବାକୁ ମିଳିଥିଲା। ଉଲ୍ଲେଖଯୋଗ୍ୟ, ୨୬ ଜଣିଆ ଭାରତୀୟ ଦଳରେ ଓଡ଼ିଶାର ୭ଜଣ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ମୀରାରାଣୀ ହେମ୍ବ୍ରମ, ରଜନୀ ଶବର, ଲକ୍ଷ୍ମୀପ୍ରିୟା ସାହୁ, ପାର୍ବତୀ କିସ୍କୁ, ହୁପି ମାଝି, ସୁମିତ୍ରା ନାୟକ ଓ ଶୁଭଲକ୍ଷ୍ମୀ ବାରିକ। ଗତ ଜୁନ୍ ୨ରୁ କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଭାରତୀୟ ଦଳର କ୍ୟାମ୍ପ୍ ଚାଲିଥିଲା। ଯେଉଁଥିରୁ ୨୬ଜଣ ଖେଳାଳିଙ୍କୁ ଫିଲିପାଇନ୍ସରେ ଜୁନ୍ ୧୯ରୁ ଆରମ୍ଭ ହୋଇଥିବା ଏହି ସମ୍ମାନଜନକ ପ୍ରତିଯୋଗିତା ଲାଗି ମନୋନୀତ କରାଯାଇଥିଲା।

କମନୱେଲଥ୍ ଟିଟି: କ୍ରୀଡ଼ା ସଚିବଙ୍କ ସ୍ଥିତି ଅନୁଧ୍ୟାନ

କଟକ ଅଫିସ,୨୨।୬

କମନୱେଲଥ ଟେବୁଲ ଟେନିସ (ଟିଟି) ଚାମ୍ପିୟନଶିପ୍‌ର ୨୦୧୯ ସଂସ୍କରଣ ଜୁଲାଇ ୧୭ରୁ ୨୨ ତାରିଖ ପର୍ଯ୍ୟନ୍ତ କଟକର ଜବାହରଲାଲ ନେହେରୁ ଇନଡୋର ଷ୍ଟାଡିୟମରେ ହେବ। ବିଶ୍ୱ ଟେବୁଲ ଟେନିସ କ୍ରୀଡ଼ାର ମହାକୁମ୍ଭ ଭାବେ ପରିଚିତ ଏହି ଅନ୍ତର୍ଜାତୀୟସ୍ତରୀୟ ଟୁର୍ନାମେଣ୍ଟ ଓଡ଼ିଶାରେ ପ୍ରଥମଥର ନିମନ୍ତେ ଆୟୋଜନ ହେଉଛି। ଟୁର୍ନାମେଣ୍ଟରେ ବିଶ୍ୱର ୧୬ ଦେଶ ଅଂଶଗ୍ରହଣ କରିବେ। ବର୍ତ୍ତମାନ ସୁଦ୍ଧା ୧୪ଟି ଦେଶ ଭାଗ ନେବା ନେଇ ନିଶ୍ଚିତ ହୋଇଥିବାବେଳେ ଆଉ ଦୁଇଟି ଦେଶ ଖୁବଶୀଘ୍ର ବୃତ୍ତାନ୍ତ ନିଷ୍ପତ୍ତି ଜଣାଇବେ। ଅନ୍ୟପକ୍ଷରେ ରାଜ୍ୟ କ୍ରୀଡ଼ା ବିଭାଗ ସଚିବ ବିଶାଲ କୁମାର ଦେବ ଶନିବାର ଇନ୍‌ଡୋର ଷ୍ଟାଡିୟମର ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏହି ଅବସରରେ କଟକ ଜିଲାପାଳ ଅରବିନ୍ଦ ଅଗ୍ରୱାଲଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀବୃନ୍ଦ ମଧ୍ୟ ଉପସ୍ଥିତ ରହିଥିଲେ। ଟୁର୍ନାମେଣ୍ଟକୁ ସଫଳତାର ସହ ଆୟୋଜନ କରିବାକୁ ସମସ୍ତ ପ୍ରକାର ପ୍ରସ୍ତୁତି ଠିକ ଢଙ୍ଗରେ ଚାଲିଛି ବୋଲି ସଚିବ ମତ ଦେଇଥିଲେ। ସୂଚନା ଥାଉ କି, ଗତ ଜାନୁୟାରୀରେ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ୮୦ତମ ସିନିୟର ଆନ୍ତଃ ରାଜ୍ୟ ତଥା ଜାତୀୟ ଟେବୁଲ ଟେନିସ ଚାମ୍ପିୟନଶିପ୍ ସଫଳପୂର୍ଣ୍ଣ ଭାବେ ଆୟୋଜିତ ହୋଇଥିଲା। ଏଥିଯୋଗୁ ଓଡ଼ିଶା ଟେବୁଲ ଟେନିସ ଆସୋସିଏଶନକୁ କମନୱେଲଥ ଗେମ୍ସ ପରି ଏକ ବଡ଼ ଅନ୍ତର୍ଜାତୀୟ ପ୍ରତିଯୋଗିତା ଆୟୋଜନ କରିବାର ସୁଯୋଗ ମିଳିଥିଲା। ଟୁର୍ନାମେଣ୍ଟର ଉଦ୍‌ଯାପନୀ ଉତ୍ସବରେ ଟେବୁଲ ଟେନିସ ଫେଡେରେଶନ ଅଫ୍ ଇଣ୍ଡିଆର ସାଧାରଣ ସମ୍ପାଦକ ଏମ.ପି. ସିଂ ଯୋଗଦେଇ ସେତେବେଳେ ଏହି ଘୋଷଣା କରିଥିଲେ।

ଇନ୍‌ଡୋର ଷ୍ଟାଡ଼ିୟମ୍ ପରିଭ୍ରମଣ ଅବସରରେ କ୍ରୀଡ଼ା ସଚିବ ବିଶାଲ ଦେବ (ଡାହାଣ), କଟକ ଜିଲାପାଳ ଅରବିନ୍ଦ ଅଗ୍ରୱାଲ (ମଝି)ଙ୍କ ସହ ଅନ୍ୟ ଅଧିକାରୀ।

ଭୁବନେଶ୍ୱରରେ ଖେଳାଳିମାନଙ୍କ ରହଣି ବ୍ୟବସ୍ଥା ହୋଇଥିବା ବେଳେ କଟକ ପାଲଟିବ ପ୍ରତିଯୋଗିତା ସ୍ଥଳ। ଜୁଲାଇ ପହିଲା ପୂର୍ବରୁ ସମସ୍ତ ପ୍ରସ୍ତୁତି ବୃତ୍ତାନ୍ତ ପର୍ଯ୍ୟାୟରେ ପହଞ୍ଚିଥିବ ବୋଲି ରାଜ୍ୟ ସଂଘ ସମ୍ପାଦକ ରବୀନ୍ଦ୍ର କୁମାର ପରିଡ଼ା ସୂଚନା ଦେଇଛନ୍ତି। ଏ ନେଇ ପ୍ରସ୍ତୁତିପର୍ବ ଏବେ ଜୋରଦାର ଚାଲିଛି ବୋଲି ସମ୍ପାଦକ କହିଛନ୍ତି। ତେବେ ସାମୁଦ୍ରିକ ଝଡ଼ ଫନୀ ଯୋଗୁ କ୍ଷତିଗ୍ରସ୍ତ ହୋଇଥିବା ଜବାହରଲାଲ ନେହେରୁ ଇନଡୋର ଷ୍ଟାଡିୟମର ମରାମତି କାର୍ଯ୍ୟ ଏବେ ଯାଏଁ ସମ୍ପନ୍ନ ହୋଇନାହିଁ। ଏହାକୁ ଶେଷ କରିବାକୁ ପ୍ରାଥମିକତା ଦିଆଯାଉଛି ବୋଲି ରବୀନ୍ଦ୍ର କହିଛନ୍ତି। ବାରବାଟୀ ଷ୍ଟାଡିୟମ ପରିସରରେ ଥିବା ସଚିନ ତେନ୍ଦୁଲକର ଇନ୍‌ଡୋର ହଲକୁ ଖେଳାଳିମାନଙ୍କ ଅଭ୍ୟାସ କୋର୍ଟ ଭାବେ ବ୍ୟବହାର କରାଯିବ ବୋଲି ସେ ଏହି ଅବସରରେ କହିଛନ୍ତି।

- ଜୁଲାଇ ପହିଲା ପୂର୍ବରୁ ପ୍ରସ୍ତୁତି ଶେଷ ହେବ
- ଆସିବେ ୧୬ ଦେଶର ଖେଳାଳି
- ସଚିନ ତେନ୍ଦୁଲକର ଇନଡୋର ହଲ ହେବ ଅଭ୍ୟାସ କୋର୍ଟ

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ରବିବାର, ଜୁନ୍ ୨୩/୨୦୧୯ Bhubaneswar, Sunday, June 23/2019

ଟ୍ୱିନ୍‌ସିଟିରେ ବଢ଼ିଚାଲିଛି ବେଆଇନ ନିଶା ବେପାର

୪ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ବ୍ରାଉନ୍‌ସୁଗାର ଜବତ

କଟକ ଅଫିସ/ ଭୁବନେଶ୍ୱର, ୨୨।୬(ବ୍ୟୁରୋ)/ କଟକରୋଡ୍ (ଡି.ଏନ୍.ଏ.)

- ଦୁଇଟି ସ୍ଥାନରୁ ମିଳିଲା ୪୭ ଗ୍ରାମ୍ ବ୍ରାଉନସୁଗାର, ୨ ଗିରଫ
- ଉଦ୍ୟୁକ୍ତ ଲୋକେ ଜଣେ ଯୁବକଙ୍କୁ ଧରି ପୋଲିସ ଜିମା ଦେଲେ

କଟକ ଓ ଭୁବନେଶ୍ୱରରେ ବଢ଼ି ଚାଲିଛି ବେଆଇନ ନିଶା କାରବାର। ବିଶେଷକରି ନିଷେଧ ବ୍ରାଉନସୁଗାର ବେପାର ଖୁଲମ୍‌ଖୁଲା ଚାଲୁଛି। ବିଭିନ୍ନ ବସ୍ତି ଓ କଲୋନୀରେ ଏହି ବେପାର ଚାଲିଥିବାବେଳେ ପାନ ଦୋକାନରେ ମଧ୍ୟ ବ୍ରାଉନସୁଗାର ମିଳୁଛି। ଅବକାରୀ ବିଭାଗ ଓ ପୋଲିସ ପକ୍ଷରୁ ବିଭିନ୍ନ ସମୟରେ ଚଢ଼ାଉ କରାଯାଉଛି। ବେପାରୀଙ୍କୁ ଗିରଫ କରାଯିବା ସହ ବ୍ରାଉନସୁଗାର ଜବତ କରାଯାଉଛି। ହେଲେ ବେଆଇନ ବ୍ରାଉନସୁଗାର ବେପାର ବନ୍ଦ ହୋଇପାରୁନି। ଘଟଣାକ୍ରମରେ କଟକ ଓ ଭୁବନେଶ୍ୱର ଟ୍ୱିନ୍‌ସିଟିର ଏକାଧିକ ସ୍ଥାନରେ ଚଢ଼ାଉ କରାଯାଇ ଦୁଇଟି ସ୍ଥାନରୁ ୪୭ ଗ୍ରାମ୍ ଓଜନର ବ୍ରାଉନସୁଗାର ଜବତ କରାଯାଇଛି। ଏହାର ବଜାର ମୂଲ୍ୟ ପ୍ରାୟ ୪ଲକ୍ଷ ଟଙ୍କା ହେବ। ପୃଥକ ଏହି ଦୁଇ ଘଟଣାରେ ସମ୍ପୃକ୍ତ ଦୁଇଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଭୁବନେଶ୍ୱର ସାଲିଆସାହି ବାଜପେୟୀ ନଗରରେ ରହୁଥିବା ପବିତ୍ର ଭୋଳ (୨୬) ଓ କଟକ ମାଲଗୋଦାମ ଥାନା ଅନ୍ତର୍ଗତ ଯୋବ୍ରା ଅଞ୍ଚଳର ଗଗନ ନାୟକ(୪୫)।

ସୂଚନାନୁସାରେ, ଭୁବନେଶ୍ୱର ସାଲିଆସାହି ବାଜପେୟୀ ନଗରରେ ପବିତ୍ର ଦୀର୍ଘବର୍ଷ ହେବ ବ୍ରାଉନସୁଗାର ବେପାର ଚଳାଇଥିଲେ। ଏନେଇ ଖବର ମିଳିବା ପରେ ପୋଲିସ ତାଙ୍କ ଉପରେ ନଜର ରଖିଥିଲା। ଶନିବାର ଅପରାହ୍ନରେ ସେ ବସ୍ତିରେ ଜଣଙ୍କୁ ବ୍ରାଉନ ସୁଗାର ବିକ୍ରି କରିବା ପାଇଁ ଅପେକ୍ଷା କରିଥିବାବେଳେ ନୟାପଲ୍ଲୀ ଥାନା ପୋଲିସ ଓ କ୍ୟୁଏଟି ମିଳିତ ଭାବେ ଚଢ଼ାଉ କରି ତାଙ୍କୁ ଗିରଫ କରିଥିଲା। ପବିତ୍ରଙ୍କଠାରୁ ୨୧ ଗ୍ରାମ ବ୍ରାଉନସୁଗାର ସହ ଗୋଟିଏ ମୋବାଇଲ ଫୋନ୍ ଓ ଏକ ବାଇକ ପୋଲିସ କରିଛି। କେସ୍ ନଂ.୨୮୯/୧୯ ଏନ୍‌ଡିପିଏସ୍ ଆକ୍ଟ ୨୧(ବି) ଲଗାଇ ତାଙ୍କୁ କୋର୍ଟ ଚାଲାଣ କରିଛି। ତେବେ ପବିତ୍ରଙ୍କୁ ପଚରାଉଚରା ବେଳେ ସେ ବାଲେଶ୍ୱରରୁ ବ୍ରାଉନସୁଗାର ଆଣି ସାଲିଆସାହିରେ ବ୍ୟବସାୟ କରୁଥିବା କହିଛନ୍ତି। ପୂର୍ବରୁ ତାଙ୍କ ନାମରେ ନୟାପଲ୍ଲୀ ଥାନାରେ ଏକାଧିକ ମାମଲା ରହିଥିବା ପୋଲିସ ସୂଚନା ଦେଇଛି।

ସେହିଭଳି କେନ୍ଦ୍ରାଞ୍ଚଳ ଅବକାରୀ ଗୋଇନ୍ଦା ବିଭାଗ ପକ୍ଷରୁ ଶନିବାର କଟକସ୍ଥିତ ବୋଷ ଇଞ୍ଜିନିୟରିଂ ସ୍କୁଲ ପଛପଟ ଅଞ୍ଚଳରେ ଚଢାଉ କରାଯାଇ ୨୬ ଗ୍ରାମ ଓଜନର ବ୍ରାଉନସୁଗାର ଜବତ କରାଯାଇଛି। ଏହି ଘଟଣାରେ ମାଲଗୋଦାମ ଥାନା ଅନ୍ତର୍ଗତ ଯୋବ୍ରା ଅଞ୍ଚଳର ଗଗନ ନାୟକ(୪୫)ଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ବୋଷ ଇଞ୍ଜିନିୟରିଂ ସ୍କୁଲ ପଛପଟେ ନିଶାସକ୍ତଙ୍କ ଭିଡ଼ ଜମୁଥିବାବେଳେ ବ୍ରାଉନସୁଗାର କାରବାର ହେଉଥିବା ନେଇ ଗୋଇନ୍ଦା ବିଭାଗ ପାଖରେ ସୂଚନା ଥିଲା। ତେବେ ଶନିବାର ଅପରାହ୍ନ ୧ଟାରେ ଇନ୍ସପେକ୍ଟର ଜଗଦୀଶ ଚନ୍ଦ୍ର ସାମଲଙ୍କ ନେତୃତ୍ୱରେ ଏକ ଟିମ୍ ସେଠାରେ ଚଢାଉ କରି ଗଗନଙ୍କୁ ଗିରଫ କରିଥିଲା। ଯାଞ୍ଚ କରିବାରୁ ତାଙ୍କଠାରୁ ବ୍ରାଉନସୁଗାର ମିଳିଥିଲା। ପଚରାଉଚରା ବେଳେ ଗଗନ ଖୋର୍ଦ୍ଧାରୁ ବ୍ରାଉନସୁଗାର ଆଣି ଏଠାରେ ବିକ୍ରି କରୁଥିବା ନେଇ ସ୍ୱୀକାର କରିଥିବା ଜଗଦୀଶ କହିଛନ୍ତି।

ଅନ୍ୟପକ୍ଷରେ ଭୁବନେଶ୍ୱର ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ପୁରୁଣା ଷ୍ଟେଶନ ବଜାର ଅଞ୍ଚଳରେ ବହୁ ବର୍ଷ ହେବ ବ୍ରାଉନସୁଗାର କାରବାର ଚାଲିଛି। ପୋଲିସ କୌଣସି ପଦକ୍ଷେପ ନେଉ ନ ଥିବାରୁ ବିଭିନ୍ନ ସମୟରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଉଛି। ଶନିବାର ରାତି ପ୍ରାୟ ୧୦ଟାରେ ଉଦ୍ୟୁକ୍ତ ଲୋକେ ଜଣେ ବ୍ରାଉନସୁଗାର ବେପାରୀଙ୍କୁ ଧରି ପୋଲିସକୁ ହସ୍ତାନ୍ତର କରିଥିଲେ। ସମ୍ପୃକ୍ତ ଯୁବକ ହଳଦୀପଡ଼ିଆ ବସ୍ତିରୁ ସରିଫ ନାମକ ଜଣେ ଯୁବକଙ୍କଠାରୁ ବ୍ରାଉନସୁଗାର ଆଣି ବିକୁଥିବା ଲୋକେ କହିଛନ୍ତି। ହେଲେ ଲକ୍ଷ୍ମୀସାଗର ଥାନା ଅଧିକାରୀ ଦୟାନିଧି ନାୟକଙ୍କୁ ଏ ସମ୍ପର୍କରେ ପଚାରିବାରୁ ସେ ମୋବାଇଲ୍ ଚୋରି ଅଭିଯୋଗରେ ଜଣେ ଯୁବକଙ୍କୁ ଥାନାରେ ଅଟକ ରଖାଯାଇଥିବା କହିଛନ୍ତି। ଫଳରେ ଲୋକେ ପୋଲିସର କାର୍ଯ୍ୟଧାରାକୁ ନେଇ ସନ୍ଦେହ କରୁଛନ୍ତି।

admission@asbm.ac.in ASBM® Bhubaneswar www.asbm.ac.in
Admission Last Date Extended to 30.6.2019 for CHSE Results
ADMISSION 2019
13th Batch | BBA (Hons.)
Recognised by Govt. of Odisha & Affiliated to Utkal University
Globally Accredited B-School Environment | In-Campus Hostels for Boys & Girls | College Bus for Day Scholars | International Immersion Programme
Toll Free: 1800 3456 5855 ☎ 0674 2744881 | 2744882 | 9040884628

୧୧୩ ରେ ୧୩୦ ସ୍କୁଲ ମିଶ୍ରଣ ପ୍ରକ୍ରିୟା ଆରମ୍ଭ

୧୦ରୁ କମ ଛାତ୍ରୀଛାତ୍ର ୧୧ ସ୍କୁଲରେ ତାଲା ଝୁଲିଲା

ଖୋର୍ଦ୍ଧା ଅଫିସ,୨୨।୬

ଖୋର୍ଦ୍ଧା ଜିଲାରେ ୧୦ରୁ କମ୍ ଛାତ୍ରୀଛାତ୍ର ଥିବା ୧୧ଟି ସ୍କୁଲ ବନ୍ଦ ହୋଇଯାଇଛି। ଏହି ସ୍କୁଲର ଛାତ୍ରୀଛାତ୍ର ଓ ଶିକ୍ଷକ ନିକଟସ୍ଥ ସ୍କୁଲରେ ସାମିଲ ହୋଇଛନ୍ତି। ଅନ୍ୟପକ୍ଷେ ୧ କିମି ଭିତରେ ଗୋଟିଏ ପ୍ରାଥମିକ ବିଦ୍ୟାଳୟ, ୩ କିମି ଭିତରେ ୧ଟି ଏମ୍‌ଇ ସ୍କୁଲ(ଅପର ପ୍ରାଇମେରୀ) ଓ ୫ କିମି ଭିତରେ ଗୋଟିଏ ହାଇସ୍କୁଲ ରହିବା ଉଦ୍ଦେଶ୍ୟରେ ୧୧୩ ସ୍କୁଲରେ ୧୩୦ ସ୍କୁଲ ମିଶ୍ରଣ ହେବାକୁ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ଜିଲାର କେତେଗୋଟି ସ୍କୁଲ ମିଶି ସାରିଲାଣି। ତାଲା ଝୁଲିବା ଓ ସ୍କୁଲ ମିଶ୍ରଣ ପ୍ରକ୍ରିୟାକୁ ସ୍ଥାନୀୟ ବାସିନ୍ଦା ବିରୋଧ କରୁଥିବା ଦେଖିବାକୁ ମିଳିଛି। ନିକଟରେ ବୋଲଗଡ ବ୍ଲକ ବାରବାଟୀ ଗାଁର ବାସିନ୍ଦା ସ୍କୁଲ ମିଶ୍ରଣ ପ୍ରକ୍ରିୟାକୁ ବିରୋଧ କରି ଜିଲାପାଳଙ୍କୁ ଭେଟି ସ୍କୁଲ ଚାଲୁ ରଖିବାକୁ ନିବେଦନ କରିଥିଲେ। ୧୦ରୁ କମ୍ ଛାତ୍ରୀଛାତ୍ର ଥିବା ବାଲିଅନ୍ତା ବ୍ଲକର ବାଲିଆମାଳା ଭଜନୀ ପ୍ରାଥମିକ ସ୍କୁଲ, ଭୁବନେଶ୍ୱର ବ୍ଲକର ପାଣ୍ଡିଆପଡା ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ, ବେଗୁନିଆ ବ୍ଲକର ମଶାଣିଆ ପ୍ରାଥମିକ ବିଦ୍ୟାଳୟ, ଖୁଣ୍ଟୁବନ୍ଧ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ, ଖୋର୍ଦ୍ଧା ବ୍ଲକର ଲେଖନପୁର ପ୍ରାଥମିକ ବିଦ୍ୟାଳୟରେ ତାଲା ଝୁଲିଲାଣି। ସେହିଭଳି ବାଣପୁର ବ୍ଲକର ସରକାରୀ ବାଗୁଡା, ଭୁଜିଆରାମପୁର, ଖୁଣ୍ଟପଲ୍ଲୀ ଓ ଖୋଲସାହି ପ୍ରାଥମିକ ବିଦ୍ୟାଳୟ, ନେହେରୁ ସରକାରୀ ପ୍ରାଥମିକ ବିଦ୍ୟାଳୟ ସାଳପଡିହା ହରିଜନସାହି, ସରକାରୀ ଅପର ପ୍ରାଇମେରୀ ସ୍କୁଲ ଦୀକ୍ଷିତପଡାରେ ଅନୁରୂପ ଭାବେ ତାଲା ଝୁଲୁଛି। ଅପରପକ୍ଷେ ଜିଲାରେ ବାଲିଅନ୍ତା ବ୍ଲକରେ ୩ଟି ଲିଡ୍ ସ୍କୁଲରେ ୩ଟି, ବାଲିପାଟଣା ବ୍ଲକରେ ୭ଟି ଲିଡ୍ ସ୍କୁଲରେ ୭ଟି, ଭୁବନେଶ୍ୱର ବ୍ଲକରେ ୧୦ଟି ଲିଡ୍ ସ୍କୁଲରେ ୧୧ଟି, ବିଏମ୍‌ସିରେ ୧୨ଟି ଲିଡ୍ ସ୍କୁଲରେ ୧୪ଟି, ଜଟଣୀ ବ୍ଲକରେ ୯ଟି ଲିଡ୍ ସ୍କୁଲରେ ୧୦ଟି ସ୍କୁଲ ମିଶିବା ପ୍ରକିୟା ଚାଲୁ ରହିଛି। ସେହିଭଳି ଖୋର୍ଦ୍ଧା ବ୍ଲକରେ ୧୧ଟି ଲିଡ୍ ସ୍କୁଲରେ ୧୩ଟି, ବୋଲଗଡ ବ୍ଲକରେ ୨୩ଟି ଲିଡ୍ ସ୍କୁଲରେ ୩୨ଟି, ବେଗୁନିଆ ବ୍ଲକରେ ୧୯ଟି ଲିଡ୍ ସ୍କୁଲରେ ୨୦ଟି, ଟାଙ୍ଗୀ ବ୍ଲକରେ ୨ଟି ଲିଡ୍ ସ୍କୁଲରେ ୨ଟି, ଚିଲିକା ବ୍ଲକରେ ୯ଟି ଲିଡ୍ ସ୍କୁଲରେ ୧୦ଟି, ବାଣପୁର ବ୍ଲକରେ ୮ଟି ଲିଡ୍ ସ୍କୁଲରେ ୮ଟି ସ୍କୁଲ ମିଶିବା ପ୍ରକ୍ରିୟା ଅନୁରୂପ ଭାବେ ଚାଲୁ ରହିଛି।

କାହାଣୀରେ ଖଣ୍ଡଗିରି-ଉଦୟଗିରିର ଇତିହାସ ଜାଣିଲେ ଅଷ୍ଟ୍ରେଲିଆ ଛାତ୍ରୀଛାତ୍ର

ଭୁବନେଶ୍ୱର, ୨୨।୬(ବ୍ୟୁରୋ)

ଐତିହ୍ୟ ପଦଯାତ୍ରାରେ ଅଷ୍ଟ୍ରେଲିଆର ଛାତ୍ରୀଛାତ୍ର। ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଏହି ବିଦେଶୀ ଛାତ୍ରୀଛାତ୍ର ୭୩ତମ ହେରିଟେଜ୍ ଟ୍ରେଲ୍‌ର ମଜା ନେବା ସହ କାହାଣୀରେ ଖଣ୍ଡଗିରି-ଉଦୟଗିରି ପାହାଡ଼ର ଇତିହାସ ଜାଣିବାକୁ ପାଇଥିଲେ। ଏହି ପଦଯାତ୍ରାକୁ ସେମାନେ ଅସାଧାରଣ ଓ ବହୁତ ସୁନ୍ଦର ବୋଲି କହିଥିଲେ। ସେମାନଙ୍କ ସହ ଅନ୍ୟ ପର୍ଯ୍ୟଟକମାନେ ମଧ୍ୟ ସାମିଲ ଥିଲେ।

ସୂଚନାଯୋଗ୍ୟ, ଶନିବାର ସକାଳ ୬ଟା ୩୦ରେ ପ୍ରଥମେ ଉଦୟଗିରି ପାହାଡରୁ ଆରମ୍ଭ ହୋଇଥିଲା ଏହି ପଦଯାତ୍ରା। ଉଦୟଗିରି ପାହାଡ଼ ଓ ରାଜା ଖାରବେଳଙ୍କ ବିଷୟରେ ସେମାନଙ୍କୁ ଅବଗତ କରାଯାଇଥିଲା। ଏଥିସହ ଇତିହାସରେ ଲିପିବଦ୍ଧ କଳିଙ୍ଗର ବିଭିନ୍ନ ଗାଥା, ବୀର କଳିଙ୍ଗ ରାଜାଙ୍କ ଇତିହାସ ଜାଣିବାକୁ ପାଇଥିଲେ। ଅଷ୍ଟ୍ରେଲିଆର ଛାତ୍ରୀ ଲିସା କହିଛନ୍ତି, ଏହି ପଦଯାତ୍ରା ଅତ୍ୟନ୍ତ ଚିତ୍ତାକର୍ଷକ ଥିଲା। କାହାଣୀ କହୁଥିବା ଢଙ୍ଗଟି ମତେ ବହୁତ ଭଲ ଲାଗିଲା। ପୂରା ପାହାଡଟି ବହୁତ ସୌନ୍ଦର୍ଯ୍ୟମୟ ହୋଇଥିବାବେଳେ ଏଠାରେ ତାହାର କାହାଣୀ ଶୁଣିବାକୁ ଆହୁରି ବେଶି ଭଲ ଲାଗିଲା ବୋଲି ସେ କହିଛନ୍ତି। ସେହିପରି ଆଉ ଜଣେ ଛାତ୍ରୀ ଇରେନା କହିଛନ୍ତି, ଏହି ପଦଯାତ୍ରାଟି ବହୁତ ଅନ୍ତର୍ଦୃଷ୍ଟୀୟ ଓ ବିଜ୍ଞାନଜନିତ ତଥ୍ୟ ପ୍ରଦାନ କରିଛି। ଭୁବନେଶ୍ୱରର ଶ୍ରୀଜତ ମିଶ୍ର କୁହନ୍ତି, ମୁଁ ଭୁବନେଶ୍ୱରରେ ଗତ ୪୦ ବର୍ଷ ହେବ ରହୁଛି କିନ୍ତୁ ଖଣ୍ଡଗିରି-ଉଦୟଗିରି ପାହାଡ଼ ବିଷୟରେ ଏତେ କିଛି ଜାଣି ନ ଥିଲି। ଐତିହ୍ୟ ଟ୍ରେଲରେ ସାମିଲ ହୋଇ ବହୁତ କଥା ଜାଣିଲି।

ଉଲ୍ଲେଖଯୋଗ୍ୟ, ରାଜ୍ୟ ପର୍ଯ୍ୟଟନ ବିଭାଗ, ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଓ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଏହି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏଥିରେ ପର୍ଯ୍ୟଟକ, ସ୍ଥାନୀୟ ବାସିନ୍ଦା ଓ ଛାତ୍ରୀଛାତ୍ର ଭୁବନେଶ୍ୱରରେ ଥିବା ବିଭିନ୍ନ ଐତିହ୍ୟ ସମ୍ପର୍କରେ ଜାଣିବାର ସୁଯୋଗ ପାଉଛନ୍ତି। ରବିବାର ପୁରୁଣା ଭୁବନେଶ୍ୱରର ମନ୍ଦିରଗୁଡ଼ିକରେ ଐତିହ୍ୟ ପଦଯାତ୍ରା ଅନୁଷ୍ଠିତ ହେବ ଓ ଅପରାହ୍ନରେ କଳାଭୂମିଠାରେ ପର୍ଯ୍ୟଟକମାନେ ସଂଗ୍ରହାଳୟ ବୁଲି ଦେଖିବା ସହ କାହାଣୀ ଶୁଣିବାର ମଜାନେବେ।

ଗୁରାଣ୍ଡି ଶାବକ ଜନ୍ମ

ନରାଜ,୨୨।୬(ଡି.ଏନ୍.ଏ.)

ପ୍ରାଣୀ ଉଦ୍ୟାନ ନନ୍ଦନକାନନ ମଧ୍ୟରେ ଥିବା କ୍ଷୁଦ୍ର ତୃଣଭୋଜି ପାର୍କର ୩୭ ନଂ ଖୁଆଡରେ ଶନିବାର ଏକ ଗୁରାଣ୍ଡି ଶାବକ ଜନ୍ମ ଦେଇଛି। ଜନ୍ମ ଦେବା ପରେ ମା ଓ ଶାବକ ସୁସ୍ଥ ଅଛନ୍ତି। ଫଳରେ ଏହି ପ୍ରଜାତିର ସଂଖ୍ୟା ୯କୁ ବୃଦ୍ଧି ପାଇଛି। ଏହି ପ୍ରଜାତିଟି ନନ୍ଦନକାନନକୁ ଆସିବାପରଠାରୁ ଏମାନଙ୍କ ସଂଖ୍ୟା ବୃଦ୍ଧି ହୋଇ ଖୁଆଡଟିରେ ରହିବାକୁ ଅସୁବିଧା ହେଉଛି। ଫଳରେ ସେମାନେ ଠିକ ଭାବେ ବିଚରଣ ହୋଇପାରୁ ନାହାନ୍ତି। ସେଥିପାଇଁ ସେମାନଙ୍କ ସ୍ଥାନକୁ ବୃଦ୍ଧି କରିବା ଜରୁରୀ ହୋଇପଡିଛି।



ଏଟିଏମ୍ କାର୍ଡ ବଦଳାଇ ୩୫ ହଜାର ଟଙ୍କା ଠକେଇ

କଟକ ଅଫିସ, ୨୨।୬: ଜଣେ ବ୍ୟକ୍ତିଙ୍କ ଏଟିଏମ୍ କାର୍ଡରୁ ୩୫ ହଜାର ଟଙ୍କା ଠକେଇ ହୋଇଥିବା ପୁରୀଘାଟ ଥାନାରେ ଶନିବାର ଅଭିଯୋଗ ହୋଇଛି। ଠକେଇର ଶିକାର ହୋଇଛନ୍ତି ପୁରୀଘାଟ ଅଞ୍ଚଳର ସ୍ୱପ୍ନାରାଣୀ ନାୟକ। ଏ ନେଇ ସେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୧୨୨/୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ଅନୁଯାୟୀ, ପୁରୀଘାଟ ଥାନା ଅନ୍ତର୍ଗତ ଚୌଧୁରୀ ବଜାର ଅଞ୍ଚଳରେ ଥିବା ଏକ ଏଟିଏମ୍‌କୁ ସ୍ୱପ୍ନାରାଣୀ ଶନିବାର ଟଙ୍କା ଉଠାଇବାକୁ ଯାଇଥଲେ। ଏହି ସମୟରେ ଭୁଲ୍ ବଶତଃ ତାଙ୍କ ଏଟିଏମ୍ କାର୍ଡ ତଳେ ପଡିଯାଇଥିଲା। ହେଲେ କ୍ଷଣିକ ମଧ୍ୟରେ ସେଠାରେ ଉପସ୍ଥିତ ଥିବା ଜଣେ ଦୁର୍ବୃତ୍ତ କୌଶଳକ୍ରମେ ତାଙ୍କ କାର୍ଡକୁ ତଳୁ ଉଠାଇ ନେଇ ଅନ୍ୟ ଏକ କାର୍ଡ ତାଙ୍କୁ ଦେଇଥିଲେ। ଏହାର ୧୦ ମିନିଟ୍ ପରେ ତାଙ୍କ ଏକାଉଣ୍ଟରୁ ୩୫ ହଜାର ଟଙ୍କା ଉଠାଯାଇଥିବା ନେଇ ମୋବାଇଲକୁ ମେସେଜ ଆସିଥିଲା। ପରେ ସେ ତାଙ୍କ ଏଟିଏମ୍ କାର୍ଡ ଦେଖିବାରୁ ତାହା ଅନ୍ୟ ଜଣଙ୍କର ଥିବା ଜାଣିବାକୁ ପାଇଥିଲେ।

3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ସତ୍ୟ ଓ ଆଲୋକ ଦୁଇଟି ଯାକ ସମାନ। ଦୁହିଁଙ୍କର ପଥ ଗୋଟିଏ ସରଳରେଖାରେ ହିଁ ଗତି କରେ।

- ଆବ୍ରାହମ ଲିଙ୍କନ

ସଂକ୍ଷେପରେ

+୨ କଳାରେ କଟକ ସଦର ଅଞ୍ଚଳ କଲେଜର ସଫଳତା

କଟକ ସଦର,୨୨।୬(ଡି.ଏନ୍.ଏ.): ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ +୨ କଳା ପରୀକ୍ଷା କଟକ ସଦର ବ୍ଲକର ୩ଟି କଲେଜରେ ପାସ୍ ହାର ସନ୍ତୋଷଜନକ ରହିଛି। ୪୨ମୌଜା ଅନ୍ତର୍ଗତ ସୁଦର୍ଶନ ମହାବିଦ୍ୟାଳୟର ୧୦୮ଛାତ୍ରୀଛାତ୍ର ପାସ କରିଥିବା ବେଳେ ୫ଜଣ ପ୍ରଥମ ଶ୍ରେଣୀରେ ଓ ଦ୍ୱିତୀୟ ଶ୍ରେଣୀରେ ୧୫ଜଣ ରହିଛନ୍ତି। ସେହିପରି କନ୍ଦରପୁର କଲେଜରେ ୧୭୪ଜଣ ପାସ କରିଥିବା ବେଳେ ୧୫ଜଣ ପ୍ରଥମ ଶ୍ରେଣୀରେ ଓ ଦ୍ୱିତୀୟ ଶ୍ରେଣୀରେ ୨୩ଜଣ ରହିଛନ୍ତି। କିଶୋରନଗର କଲେଜରେ ୨୫ଜଣ ପ୍ରଥମ ଶ୍ରେଣୀ, ୨୦ଜଣ ଦ୍ୱିତୀୟ ଶ୍ରେଣୀରେ ପାସ୍ କରିଥିବା ବେଳେ ମୋଟ ୧୪୪ଜଣ ପାସ କରିଛନ୍ତି। ସୁଦର୍ଶନ ମହାବିଦ୍ୟାଳୟର ପାସ୍ ହାର ୭୧%, କନ୍ଦରପୁର କଲେଜର ୬୯%, କିଶୋରନଗର କଲେଜର ୬୦% ହୋଇଛି।

ରାସ୍ତା ମରାମତି ଦାବିରେ ଚାଲିଥିବା ଧାରଣା ପ୍ରତ୍ୟାହୃତ

ନିଆଳି,୨୨।୬(ଡି.ଏନ୍.ଏ.): ନିଆଳି ହାଟ ନରିଶୋ ରାସ୍ତା ମରାମତି ପାଇଁ ଗତ ୪ଦିନ ଧରି ନିଆଳି ହାଟ ନିକଟରେ ଚାଲିଥିବା ଧାରଣା ଶନିବାର ପ୍ରତ୍ୟାହୃତ ହେବା ସହ ରାସ୍ତା କାମ ଆରମ୍ଭ ହୋଇଛି। ନିଆଳି ହାଟ ନିକଟରେ ରାସ୍ତାରେ ଖରାଦିନେ ଆଣ୍ଠୁଏ ଲେଖାଏ ନର୍ଦ୍ଦମା ପାଣି ଜମା ହୋଇଥାଏ। ଫଳରେ ରାସ୍ତା ଦେଇ ଯାତାୟାତ କରୁଥିବା ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୁଅନ୍ତି। ଏ ସମ୍ପର୍କରେ ପ୍ରଶାସନ ନିକଟରେ ଅଭିଯୋଗ କଲେ ମଧ କୌଣସି ସୁଫଳ ମିଳି ନ ଥିଲା। ଗତ ୧୮ତାରିଖରୁ ଯୁବ ସାମାଜିକ କର୍ମୀ ଅକ୍ଷୟ ସେନାପତି ନିଆଳି ହାଟ ନିକଟରେ ଉକ୍ତ ରାସ୍ତାର ମରାମତି ଦାବି କରି ଧାରଣା ଦେଇଥିଲେ। ଏହି ଧାରଣାକୁ ସମର୍ଥନ ଜଣାଇ ଅଞ୍ଚଳର ବହୁ ବରିଷ୍ଠ ନାଗରିକ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ଗ୍ରାମବାସୀ ସାମିଲ୍ ହୋଇଥିଲେ। ଶନିବାର ଅପରାହ୍ନରେ ନିଆଳି ବିଡିଓ ଦାୟିତ୍ୱରେ ଥିବା ତହସିଲଦାର ରଞ୍ଜନ କୁମାର ଜେନା, ଭୁବନେଶ୍ୱର-୧ ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ଯନ୍ତ୍ରୀ ସାହେବ କୁମାର ସାହୁ ଆନ୍ଦୋଳନସ୍ଥଳରେ ପହଞ୍ଚି ଏହି ରାସ୍ତା କାମ ଶେଷ କରିବା ସହ ଆଜି କାର୍ଯ୍ୟ ଆରମ୍ଭ ହେବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଏହି ଆଲୋଚନାରେ ବରିଷ୍ଠ ନାଗରିକ ନଟବର ଷଡଙ୍ଗୀ, ରାଜେନ୍ଦ୍ର ପ୍ରସାଦ ସାହୁ, ଡ.ଚିତ୍ତରଞ୍ଜନ ମିଶ୍ର, ବାଲିପାଟଣା ବ୍ଲକ ଉପାଧ୍ୟକ୍ଷ କୈଳାସ ଚନ୍ଦ୍ର ସ୍ୱାଇଁ, ଓକିଲ ସଂଘ ସାଧାରଣ ସମ୍ପାଦକ ମହାପାତ୍ର ଧରଣୀଧର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

ମହାସିଂହପୁର ହାଇସ୍କୁଲ ପୁରାତନ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ

ସାଲେପୁର,୨୨।୬(ଡି.ଏନ.ଏ.): ସାଲେପୁର ବ୍ଲକ ସଉରୀ ପଞ୍ଚାୟତସ୍ଥିତ ମହାସିଂହପୁର ହାଇସ୍କୁଲ ୨୦୦୫ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ଏକ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ୟାଚ୍‌ର ବହୁ ଛାତ୍ରୀଛାତ୍ର ଯୋଗଦେଇ ନିଜ ନିଜ ମଧ୍ୟରେ ଭାବର ଆଦାନ ପ୍ରଦାନ କରିଥିଲେ। ଆୟୋଜିତ ସଭାରେ ମୁଖ୍ୟଅତିଥିଭାବେ ପ୍ରଧାନଶିକ୍ଷକ ଅରୁଣ କୁମାର ବଳ, ସମ୍ମାନିତ ଅତିଥି ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ନିରୁପମା ସାମଲ ଯୋଗଦେଇ ପିଲାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଛାତ୍ରୀଛାତ୍ରଙ୍କ ପକ୍ଷରୁ ଅତିଥିଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ବଳରାମ ଦାଶ, ଯାଦବ ସେଠୀ, ମନୋଜ ସାହୁ, ମନୋଜ ବେହେରା, ସଞ୍ଜୟ ସାହୁ, ୟୁସୁଫ୍ ଅଲ୍ଲୀ, ମାସୁକ୍ ଅଲ୍ଲୀ ବେଗ୍, କେଶବ ଚନ୍ଦ୍ର ପୂଜାରୀ, ରଞ୍ଜନ ସ୍ୱାଇଁ, ଜସ୍ମିନ୍, ନିହାରୀକା ସ୍ୱାଇଁ, ନିରୁପମା ଜେନା ପ୍ରମୁଖ ପରିଚାଳନା କରିଥିଲେ।

■ ଜିଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ

ନଦୀବନ୍ଧ ସୁଦୃଢ଼ୀକରଣ ଉପରେ ଗୁରୁତ୍ୱ

କଟକ ଅଫିସ, ୨୨।୬

ଜିଲାପାଳଙ୍କ କନ୍‌ଫରେନ୍ସ ହଲ୍‌ରେ ଅନୁଷ୍ଠିତ ବୈଠକରେ ଜିଲାପାଳ, ଏମ୍‌ପି, ମନ୍ତ୍ରୀ, ବିଧାୟକ ଓ ଅନ୍ୟ ପ୍ରଶାସନିକ ଅଧିକାରୀ ଉପସ୍ଥିତ।

ମୌସୁମୀକୁ ମୁକାବିଲା କରିବା ପାଇଁ ଶନିବାର ଅପରାହ୍ନରେ ଜିଲାପାଳଙ୍କ କନ୍‌ଫରେନ୍ସ ହଲ୍‌ରେ ଜିଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଅରବିନ୍ଦ ଅଗ୍ରୱାଲ ଅଧ୍ୟକ୍ଷତା କରି ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ନିମନ୍ତେ ଆଗୁଆ ପଦକ୍ଷେପ ବିଷୟରେ ବିଷଦ୍ ଭାବେ ଆଲୋଚନା କରିଥିଲେ। ବୈଠକରେ ମନ୍ତ୍ରୀ, ଏମ୍‌ପି, ବିଧାୟକ ଓ ଜିଲା ପରିଷଦ ସଭାପତି ଉପସ୍ଥିତ ଥିଲେ। ଚଳିତବର୍ଷ ମୌସୁମୀ ବର୍ଷା ଓ ସମ୍ଭାବ୍ୟ ବନ୍ୟାକୁ ଦୃଷ୍ଟିରେ ରଖି ବିଭାଗୀୟ ଅଧିକାରୀମାନେ ସତର୍କତାର ସହିତ କାର୍ଯ୍ୟ ପରିଚାଳନା କରିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ଯେଉଁଠାରେ ନଦୀବନ୍ଧ ଦୁର୍ବଳ ରହିଛି ସେଠାକୁ ନିର୍ବାହୀ ଯନ୍ତ୍ରୀମାନେ ପରିଦର୍ଶନ କରି ପଦକ୍ଷେପ ନେବାକୁ ବୈଠକରେ ମତପ୍ରକାଶ ପାଇଥିଲା। ଏଥିସହ ନଦୀବନ୍ଧଗୁଡ଼ିକର ମରାମତି ଏବଂ ସୁଦୃଢ଼ୀକରଣ କରିବା ଉପରେ ମନ୍ତ୍ରୀ ଓ ବିଧାୟକମାନେ ମତ ଦେଇଥିଲେ। ଏ ସମ୍ପର୍କିତ ପ୍ରସ୍ତାବ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କୁ ଦେବା ପାଇଁ ମନ୍ତ୍ରୀ ଓ ଏମ୍‌ପି ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପ୍ରକାଶଥାଉ କି ମହାନଦୀ ଉତ୍ତର ଡିଭିଜନ ଅଧୀନରେ ଥିବା ମହାନଦୀ, ବିରୁପା, ଚିତ୍ରୋତ୍ପଳାର ୬ଟି, ପ୍ରାଚୀ ଜଳସେଚନ ଡିଭିଜନରେ ୪ଟି ଦୁର୍ବଳ ଓ କ୍ଷତି ସମ୍ଭାବ୍ୟ ଆଡିବନ୍ଧ ଚିହ୍ନଟ କରାଯାଇଛି। ବିଭାଗୀୟ ନିର୍ବାହୀଯନ୍ତ୍ରୀମାନେ ସ୍ଥାନୀୟ ବିଧାୟକମାନଙ୍କ ସହିତ ପରାମର୍ଶ କରି

> ■ଦୁର୍ବଳ ନଦୀବନ୍ଧ ପରିଦର୍ଶନ କରିବେ ନିର୍ବାହୀ ଯନ୍ତ୍ରୀ
>
> ■ସ୍ଥାନୀୟ ବିଧାୟକଙ୍କ ପରାମର୍ଶ କ୍ରମେ ପଦକ୍ଷେପ ନେବେ

ଆବଶ୍ୟକ ମରାମତି ପାଇଁ ପଦକ୍ଷେପ ନେବାକୁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ ଏମ୍‌ପି ଭର୍ତ୍ତୃହରି ମହତାବ ପରାମର୍ଶ ଦେଇଥିଲେ। ଗାନ୍ଧୀପଲି, ନେହେରୁପଲିଠାରୁ ଭଦୀମୂଳ ପର୍ଯ୍ୟନ୍ତ ନଦୀବନ୍ଧ ସୁଦୃଢ଼ୀକରଣ, ଜଳ ନିଷ୍କାସନ ପାଇଁ ଖାନ୍‌ନଗରଠାରେ ନୂତନ ଭାବେ ନିର୍ମିତ ୩ଟି ସ୍ଲୁଇସ ଗେଟ୍‌କୁ କାର୍ଯ୍ୟକ୍ଷମ କରିବା, ବର୍ଷାଜଳ ସଂରକ୍ଷଣ କରି ତାର ଉପଯୋଗ କରିବା ଆଦି ବିଷୟରେ ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ପ୍ରଧାନପଡାରୁ ଶଂଖମୁହିଁ ନଦୀବନ୍ଧ ଉନ୍ନତିକରଣ, ଦିଗିସାହୀ, ଚମ୍ପତି ମହାନଦୀ ନଦୀବନ୍ଧର ସୁଦୃଢ଼ୀକରଣ ଉପରେ ଗୁରୁତ୍ୱ ଦେଇଥିଲେ।

ବୈଠକରେ ଫନୀ ବତ୍ୟାରେ ହୋଇଥିବା କ୍ଷୟକ୍ଷତି ସମ୍ପର୍କରେ ପଞ୍ଚାୟତିରାଜ, ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା କହିଥିଲେ, ସହରାଞ୍ଚଳରେ ବିପର୍ଯ୍ୟୟ ସମୟରେ ଯେପରି ପାନୀୟଜଳର ଅଭାବ ନ ଦେଖାଯାଏ ସେଥିପାଇଁ ସମସ୍ତ ଜଳଯୋଗାଣ ପଏଣ୍ଟରେ ଜେନେରେଟର ବ୍ୟବସ୍ଥା କରାଯିବାକୁ ସରକାର ସ୍ଥିର କରିଛନ୍ତି। ରିଂ ବନ୍ଧକୁ ପ୍ରଶସ୍ତ କରାଯାଇ ସେଠାରେ ଗୃହ ନିର୍ମାଣ ପ୍ରକଳ୍ପ କରାଯିବା ସହିତ ଅନ୍ୟାନ୍ୟ ଯୋଜନା କରାଯାଉଛି ବୋଲି ମନ୍ତ୍ରୀ ଜେନା କହିଥିଲେ। ସେହିପରି କଟକ ସହର ଏବଂ ଗ୍ରାମାଞ୍ଚଳରେ ବୃକ୍ଷରୋପଣ ପାଇଁ ଉଭୟ ମନ୍ତ୍ରୀ ଓ ଏମ୍‌ପି ଗୁରୁତ୍ୱାରୋପ କରିଥିଲେ। ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ବିଧାୟକ ଦେବୀ ପ୍ରସାଦ ମିଶ୍ର ଓ ଚନ୍ଦ୍ରସାରଥି ବେହେରା ଫନୀରେ କ୍ଷତିଗ୍ରସ୍ତ ହୋଇଥିବା ଲୋକମାନଙ୍କୁ ଘରଭଙ୍ଗା ସାହାଯ୍ୟ ପ୍ରଦାନ, ପାନୀୟଜଳ ଯୋଗାଣ, ବିଦ୍ୟୁତ ମରାମତି ସମ୍ପର୍କରେ ଜିଲାପାଳଙ୍କୁ ଜଣାଇଥିଲେ। ଏଥିସହିତ ଜିଲାରେ ଫନୀ ପ୍ରଭାବରେ କ୍ଷତିଗ୍ରସ୍ତ ହୋଇଥିବା ବିଦ୍ୟାଳୟ ଗୃହର ମରାମତି କାର୍ଯ୍ୟ ତୁରନ୍ତ କରାଯିବାକୁ ଜିଲାପାଳଙ୍କ ଦୃଷ୍ଟି ଅକର୍ଷଣ କରାଯାଇଥିଲା।

ଏହି ବୈଠକରେ ଜଗତ୍‌ସିଂହପୁର ଏମ୍‌ପି ରାଜଶ୍ରୀ ମଲ୍ଲିକ, ନିଆଳି ବିଧାୟକ ଡ. ପ୍ରମୋଦ ମଲ୍ଲିକ, ଜିଲା ପରିଷଦ ସଭାପତି ଜ୍ୟୋତିରେଖା ନାୟକ, ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟ, ଶ୍ରୀକାନ୍ତ ତରାଇ, ଜିଲା ଆପାତକାଳୀନ ଅଧିକାରୀ ଅନିତା ପାତ୍ରଙ୍କ ସମେତ ଜିଲାର ସମସ୍ତ ଉପ ଜିଲାପାଳ, ବିଭାଗୀୟ ଅଧିକାରୀ, ବିଡିଓ, ତହସିଲଦାର ଉପସ୍ଥିତ ଥିଲେ। ଶେଷରେ ଉପସ୍ଥିତ ମନ୍ତ୍ରୀ, ଏମ୍‌ପି ଓ ବିଧାୟକମାନେ ଜିଲାପାଳ ଅରବିନ୍ଦ ଅଗ୍ରୱାଲ, ପିଡି ଡିଆରଡିଏ ସରୋଜକାନ୍ତ ମହାନ୍ତି ଓ ସଦର ଉପଜିଲାପାଳ ସୁକାନ୍ତ କୁମାର ପ୍ରଧାନଙ୍କ ବଦଳି ହୋଇଥିବା ପରିପ୍ରେକ୍ଷୀରେ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ।

ବର୍ଜ୍ୟବସ୍ତୁ ପରିଚାଳନା ତାଲିମ ଶିବିର ଉଦ୍‌ଯାପିତ

ବର୍ଜ୍ୟବସ୍ତୁ ପରିଚାଳନା ଶିବିରରେ ଯୋଗଦେଇଥିବା ଅତିଥି।

ଆଠଗଡ଼,୨୨।୬(ସ୍ୱ.ପ୍ର.)

ଆଠଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦରେ କାର୍ଯ୍ୟରତ ସଫେଇ କର୍ମଚାରୀ ଓ ଅନ୍ୟ କର୍ମଚାରୀଙ୍କୁ ଦୁଇଟି ପର୍ଯ୍ୟାୟରେ ଦିଆଯାଉଥିବା ବର୍ଜ୍ୟବସ୍ତୁ ପରିଚାଳନା ସମ୍ପର୍କିତ ତାଲିମ ଶିବିର ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏହାପରେ ଶିବିରରେ କର୍ମଚାରୀଙ୍କୁ ପ୍ରମାଣ ପତ୍ର ସହ ଆବଶ୍ୟକ ସଂରଯାମ ଯୋଗାଇ ଦିଆଯାଇଛି। ପରିଷଦ ଅଞ୍ଚଳର ବର୍ଜ୍ୟବସ୍ତୁ ଗୁଡ଼ିକୁ ନିର୍ଦ୍ଦିଷ୍ଟ ସ୍ଥାନରେ ପକାଯିବା ସହ ବର୍ଜ୍ୟବସ୍ତୁ ଦ୍ୱାରା ଯେପରି ପରିବେଶ ପ୍ରଦୂଷିତ ନ ହେବ ସେ ନେଇ ସ୍ୱତନ୍ତ୍ର ତାଲିମ ପ୍ରଦାନ କରାଯାଇଥିଲା। ଚଳିତ ମାସ ୧୦ ତାରିଖରେ ପ୍ରଥମ ପର୍ଯ୍ୟାୟରେ ପ୍ରାୟ ୬୦ ଜଣ କର୍ମଚାରୀଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। ଦ୍ୱିତୀୟ ପର୍ଯ୍ୟାୟ ଶନିବାର ପୁନର୍ବାର ତାଲିମ ପ୍ରଦାନ କରାଯାଇଥିଲା। ଏଥିରେ ୫୩ ଜଣ ସଫେଇ କର୍ମଚାରୀଙ୍କ ସମେତ ବର୍ଜ୍ୟବସ୍ତୁ ପରିବହନ କାର୍ଯ୍ୟରେ ନିୟୋଜିତ କର୍ମଚାରୀଙ୍କୁ ମଧ ତାଲିମ ପ୍ରଦାନ କରାଯାଇଥିଲା। ପୂର୍ବାହ୍ନରେ ବିଜ୍ଞାପିତ ଅଞ୍ଚଳ ପରିଷଦ ନିର୍ବାହୀ ଅଧିକାରୀ ସତ୍ୟରଞ୍ଜନ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ସହରାଞ୍ଚଳ ବିକାଶ ପ୍ରକଳ୍ପ ନିର୍ଦ୍ଦେଶିକା ସୁମିତା ସରକାର ମୁଖ୍ୟଅତିଥିଭାବେ ଯୋଗ ଦେଇଥିଲେ। ପରିମଳ ବିଶେଷଜ୍ଞ ଅକ୍ଷୟ କୁମାର ମିଶ୍ର, ପୀୟୁଷ ସାହୁ, ପରିମଳ ପରିଚାଳିକା ଦେବସ୍ମିତା ମହାନ୍ତି ପ୍ରମୁଖ ତାଲିମ ପ୍ରଦାନ କରିଥିଲେ। ପରିଷଦ କର୍ମଚାରୀ ନିରଞ୍ଜନ ଦାସ, ପ୍ରଭାତ ବାରିକ, ଶୁଷାନ୍ତ କବେହେରା, ଦିଲୀପ ବାରିକ, ପ୍ରକାଶ ମହାପାତ୍ର ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ଆସନ୍ତା ୨୯ରେ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ ବୋଲି ନିର୍ବାହୀ ଅଧିକାରୀ ପଣ୍ଡା କହିଛନ୍ତି।

ଯୁକ୍ତ ୨ କଳା, ବାଣିଜ୍ୟ ପରୀକ୍ଷା ଫଳ
ଅଂଶୁପାର ହରିହର, ରାଣୀ ଶୁକଦେଈର ରଶ୍ମିବାଳା କଲେଜ ଟପ୍ପର

ବାଙ୍କୀ,୨୨।୬(ବି.ପ୍ର.)

ଯୁକ୍ତ ୨ କଳା ଓ ବାଣିଜ୍ୟ ପରୀକ୍ଷା ଫଳ ଶୁକ୍ରବାର ପ୍ରକାଶ ପାଇଛି। ଏଥିରେ ବାଙ୍କୀ ଅଂଶୁପା ମହାବିଦ୍ୟାଳୟର ପାସ୍ ହାର ୬୭ ପ୍ରତିଶତ ହୋଇଛି। କଳା ବିଭାଗରେ ପରୀକ୍ଷା ଦେଇଥିବା ୧୫୧ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୦୧ଜଣ କୃତକାର୍ଯ୍ୟ ହୋଇଥିବା ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଦୀପ କୁମାର ବେଉରା ସୂଚନା ଦେଇଛନ୍ତି। କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୫ଜଣ ୧ମ ଶ୍ରେଣୀରେ,୧୪ ଜଣ ୨ୟ ଶ୍ରେଣୀ ଓ ୮୨ଜଣ ୩ୟ ଶ୍ରେଣୀରେ ପାସ୍ କରିଛନ୍ତି। ଛାତ୍ର ହରିହର ମହାନ୍ତି ସର୍ବାଧିକ ୪୨୮ନମ୍ବର ରଖି ମହାବିଦ୍ୟାଳୟ ଟପ୍ପର ହୋଇଛନ୍ତି। ସେହିପରି ରାଣୀ ଶୁକଦେଈ ମହିଳା ମହାବିଦ୍ୟାଳୟର +୨ କଳାରେ ଚଳିତ ବର୍ଷ ପାସ୍ ହାର ୭୧.୪% ହୋଇଛି। ଯୁକ୍ତ ୨ କଳାରେ ୧୭୫ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୧୨୫ଜଣ ଛାତ୍ରୀ ପାସ୍ କରିଛନ୍ତି। ୧ମ ଶ୍ରେଣୀରେ ୧୧, ୨ୟ ଶ୍ରେଣୀରେ ୧୯, ୩ୟ ଶ୍ରେଣୀରେ ୯୫ଜଣ ପାସ୍ କରି ମହାବିଦ୍ୟାଳୟ ପାଇଁ ଗୌରବ ଆଣିଥିବା ବରିଷ୍ଠ ଅଧ୍ୟାପିକା ବନାନୀ ପଟ୍ଟନାୟକ କହିଛନ୍ତି। ଛାତ୍ରୀ ରଶ୍ମିବାଳା ଦଳେଇ ସର୍ବାଧିକ ୪୩୮ ନମ୍ବର ରଖି ମହାବିଦ୍ୟାଳୟ ଟପ୍ପର ହୋଇଛନ୍ତି। ପରୀକ୍ଷା ଫଳ ପ୍ରକାଶିତ ହେବା ପରେ ଦୁଇ ମହାବିଦ୍ୟାଳୟ ବିଦ୍ୟାର୍ଥୀ ବେଶ୍ ଉତ୍ସାହିତ ଅଛନ୍ତି।

ବନପାଳଙ୍କୁ ଗାଳିଗୁଲଜ ଘଟଣାରେ ଜଣେ ଗିରଫ

ଟିଗିରିଆ,୨୨।୬(ଡି.ଏନ.ଏ.)

ଟିଗିରିଆ ବନପାଳଙ୍କୁ ଅଶାଳୀନ ଭାଷାରେ ଗାଳିଗୁଲଜ ଓ ଟଣାଓଟରା କରିବା ଘଟଣାରେ ଶନିବାର ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଟିଗିରିଆ ଥାନା ହରିଡ଼ାପଶି ଗ୍ରାମର ଦୀନବନ୍ଧୁ ପରିଡ଼ା(୪୮)। ଦୀନବନ୍ଧୁ ଘରେ ଥିବା ଖବର ପାଇ ପୋଲିସ ଚଢ଼ାଉ କରି ତାଙ୍କୁ ଗିରଫ କରିଥିଲା। ଏହି ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଥାନା ଅଧିକାରୀ ରବୀନ୍ଦ୍ର କୁମାର ଭୁଜବଳ ସୂଚନା ଦେଇଛନ୍ତି।

ସୂଚନା ଅନୁସାରେ, ଗତ ୧୫ ତାରିଖ ସକାଳେ ହରିଡ଼ାପଶି ଗ୍ରାମର ଶରତ ବେହେରା (କାଳିଆ) ନିକଟସ୍ଥ ଏକ ନାଳକୁ ଶୌଚ ପାଇଁ ଯାଇଥିବା ବେଳେ ହାତୀ ଆକ୍ରମଣର ଶିକାର ହୋଇଥିଲେ। ହାତୀ ତାଙ୍କୁ ଦଳି ଦୁଇଖଣ୍ଡ କରି ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହାକୁ ନେଇ ବନବିଭାଗ ଉପରେ ସ୍ଥାନୀୟ ଲୋକେ ଉତ୍ତେଜିତ ହୋଇଥିଲେ। ଏହି ସମୟରେ ଟିଗିରିଆ ବନପାଳ ସୁଚରିତା ସାମନ୍ତରାୟ ଏବଂ ଆଠଗଡ଼ ବନାଞ୍ଚଳ ଅଧିକାରୀ ରବୀନ୍ଦ୍ର କୁମାର ନାୟକ ଅନ୍ୟ ବନକର୍ମଚାରୀଙ୍କ ସହ ଘଟଣାସ୍ଥଳକୁ ତଦନ୍ତ କରିବାକୁ ଯାଇଥିଲେ। ଏମାନଙ୍କୁ ଦେଖି ସେଠାରେ କେତେଜଣ ଲୋକ ଅଶାଳୀନଭାଷାରେ ଗାଳିଗୁଲଜ କରିବା ସହ ଅଧିକାରୀମାନଙ୍କୁ ଟଣାଓଟରା କରିଥିଲେ। ଏପରି କି ଜଙ୍ଗଲ ଜନ୍ତୁ ଓ ଅଧିକାରୀମାନଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ବନପାଳ ସାମନ୍ତରାୟ ଏ ନେଇ ଥାନାରେ ଅଭିଯୋଗ କରିଥିଲେ। ଏତଲାକୁ ଭିତ୍ତିକରି ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଏହି ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ଅଭିଯୁକ୍ତମାନେ ଏବେ ଫେରାର ଅଛନ୍ତି।

ନରସିଂହପୁର ଓକିଲ ସଂଘ ବୈଠକ

ନରସିଂହପୁର,୨୨।୬(ଡି.ଏନ.ଏ.)

ନରସିଂହପୁର ଓକିଲ ସଂଘର ଏକ ବୈଠକ ଶନିବାର କୋର୍ଟ ପରିସରରେ ଥିବା ସଂଘ ଗ୍ରନ୍ଥାଳୟ ଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘ ସଭାପତି ସରୋଜ ସାହୁ ଅଧ୍ୟକ୍ଷତା କରିଥିଲେ। ବୈଠକରେ ନରସିଂହପୁର ତହସିଲ କାର୍ଯ୍ୟାଳୟରେ ମନମୁଖୀ କାର୍ଯ୍ୟ ହେଉଥିବାରୁ ତାହାର ନିନ୍ଦା କରାଯାଇଥିଲା। ଏପରି କି ବାରମ୍ବାର ତହସିଲଦାର ରାଜକିଶୋର ଜେନାଙ୍କୁ ଏ ନେଇ ଅବଗତ କରାଯାଇଥିଲେ ମଧ କାର୍ଯ୍ୟାନୁଷ୍ଠାନ ହେଉ ନ ଥିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଦୀର୍ଘ ସମୟଧରି ତହସିଲଦାର ଅନୁପସ୍ଥିତ ରହୁଥିବାରୁ ତହସିଲର କର୍ମଚାରୀମାନେ ମଧ ଅନୁପସ୍ଥିତ ରହୁଥିବା ନେଇ ଜିଲାପାଳ ଓ ସ୍ଥାନୀୟ ବିଧାୟକଙ୍କ ସମେତ ବିଭିନ୍ନ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଅଭିଯୋଗ କରାଯାଇଥିବା କୁହାଯାଇଥିଲା। ଉକ୍ତ ସମସ୍ୟା ଗୁଡ଼ିକ ୭ ଦିନ ମଧ୍ୟରେ ସମାଧାନ କରା ନ ଗଲେ ସଂଘ ଓ ଜନ ସାଧାରଣ ମିଳିତ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦିଆଯାଇଥିଲା। ବୈଠକରେ ସଂଘ ସମ୍ପାଦକ ବିଭୂଦତ୍ତ ମିଶ୍ର, ବରିଷ୍ଠ ଆଇନଜୀବୀ ପ୍ରଫୁଲ୍ଲ ପଣ୍ଡା, ଲଳିତ କେଶରୀ ବିଶ୍ୱାଳ, ଶ୍ରୀକାନ୍ତ ମିଶ୍ର, ଅଶୋକ କୁମାର ଶତପଥୀ ଓ ପୀତବାସ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ତହସିଲଦାରଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

କ୍ରୋମ ଚୋରି, ୨ ଗିରଫ

ଖୁଣ୍ଟୁଣୀ,୨୨।୬(ଡି.ଏନ୍.ଏ.): କ୍ରୋମ ଚୋରି ଅଭିଯୋଗରେ ଶନିବାର ଖୁଣ୍ଟୁଣୀ ପୋଲିସ ୨ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଖୁଣ୍ଟୁଣୀ ଥାନା ବ୍ରହ୍ମପୁର ଗ୍ରାମର ବିଶ୍ୱଜିତ୍ ମଲ୍ଲିକ ଓ ଜଗମୋହନପୁର ଗ୍ରାମର ସୌମ୍ୟରଞ୍ଜନ ନାୟକ। ଅନନ୍ତପୁରସ୍ଥିତ ଏକ କାରଖାନାରୁ କ୍ରୋମ ଧରି ଆସୁଥିବାବେଳେ ଧରାପଡ଼ିଥିଲେ।

ଦୁର୍ଘଟଣାରେ ଯୁବକ ଗୁରୁତର

ଚୌଦ୍ୱାର,୨୨।୬(ଡି.ଏନ୍.ଏ.)

ଚୌଦ୍ୱାର ଥାନା ସମ୍ମୁଖରେ ଶନିବାର ଏକ ସଡ଼କ ଦୁର୍ଘଟଣାରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ସେ ହେଲେ ଯାଜପୁର ଜିଲା ବରୀ ଅଞ୍ଚଳର ଅବନିସ୍ କୁମାର ସିଂ(୩୦)। ଅବନିସ ଏକ ବାଇକ୍(ଓଡି ୦୫ଏଫ ୩୪୩୫) ରେ ଆଠଗଡ଼ ପଟୁ କଟକ ଅଭିମୁଖେ ଯାଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଏକ ମାର୍ସଲ (ଓଆର ୦୬ସି ୪୨୨୨) ସହିତ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଅବନିସ୍ ବାଇକ୍‌ରୁ ଛିଟିକି ପଡି ଗୁରୁତର ହୋଇଥିଲେ। ପୋଲିସ ପହଞ୍ଚି ଅବନିସଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ କଟକ ବଡ ଡାକ୍ତରଖାନାକୁ ପଠାଇଥିଲା। ଏହା ସହ ଦୁର୍ଘଟଣାଗ୍ରସ୍ତ ୨ଗାଡିକୁ ଜବତ କରି ଥାନାକୁ ଆଣିଥିବା ଜଣାପଡିଛି।

କଥାସମ୍ରାଟ ସୁରେନ୍ଦ୍ର ମହାନ୍ତିଙ୍କ ଜୟନ୍ତୀ

ସାଲେପୁର,୨୨।୬(ଡି.ଏନ.ଏ.)

ସାଲେପୁର ସାରସ୍ୱତ ସମାରୋହ ସମିତି ପକ୍ଷରୁ କଥାସମ୍ରାଟ ସୁରେନ୍ଦ୍ର ମହାନ୍ତିଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ସାଲେପୁର ହାଇସ୍କୁଲ୍ ଅଡିଟୋରିୟମ୍ ହଲ୍‌ରେ ଆୟୋଜିତ ସଭାରେ ସାରସ୍ୱତ ସମାରୋହ ସମିତି ସଭାପତି ଅକ୍ଷୟ କୁମାର ଦାଶ ପୌରୋହିତ୍ୟ କରିଥିଲେ। ସାଲେପୁର ହାଇସ୍କୁଲ ପ୍ରଧାନଶିକ୍ଷୟିତ୍ରୀ ଲକ୍ଷେହୀରା ଲାବଣ୍ୟବତୀ ବେହେରା ଉଦ୍‌ଘାଟକଭାବେ ଯୋଗ ଦେଇଥିଲେ। ମୁଖ୍ୟଅତିଥିଭାବେ ବିଶିଷ୍ଟ କବି ବିଶେଶ୍ୱର ମହାନ୍ତି, ମୁଖ୍ୟବକ୍ତା ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଜ୍ୟୋସ୍ନାରାଣୀ ନାୟକ ପ୍ରମୁଖ ଯୋଗଦେଇ କଥା ସମ୍ରାଟଙ୍କ ସାହିତ୍ୟ ଜୀବନୀ ସମ୍ପର୍କରେ ଆଲୋକପାତ କରିଥିଲେ। ସାରସ୍ୱତ ସମାରୋହ ସମିତି ସମ୍ପାଦକ ବିଷ୍ଣୁଚରଣ ମିଶ୍ର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶେଷରେ ଅଧ୍ୟାପକ ବିବେକାନନ୍ଦ ସିଂ ଧନ୍ୟବାଦ ଦେଇଥିଲେ।

ସୁରେନ୍ଦ୍ର ମହାନ୍ତି ଜୟନ୍ତୀ ପାଳନ ଉତ୍ସବରେ ମଞ୍ଚାସୀନ ଅତିଥି।

■ ବଡ଼ମ୍ବାରେ ସବ୍‌ଜଜ୍ କୋର୍ଟ ପ୍ରତିଷ୍ଠା ପ୍ରସଙ୍ଗ

୩୮ ଦିନରେ ଓକିଲ ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ

ବଡମ୍ବା,୨୨।୬(ଡି.ଏନ.ଏ.)



ସବ୍‌ଜଜ୍ କୋର୍ଟ ପ୍ରତିଷ୍ଠା ପାଇଁ ଚିହ୍ନଟ କରାଯାଇଥିବା ସ୍ଥାନକୁ ବୁଲି ଦେଖୁଛନ୍ତି ଜିଲା ଦୌରାଜଜ୍, ସିଭିଲ୍ ରେଜିଷ୍ଟ୍ରାର ଓ ଅନ୍ୟମାନେ।

ବଡ଼ମ୍ବାରେ ସବ୍‌ଜଜ୍ କୋର୍ଟ ପ୍ରତିଷ୍ଠା, ବଡ଼ମ୍ବାକୁ ରାଜସ୍ୱ ଉପଖଣ୍ଡ ମାନ୍ୟତା, କୋର୍ଟ ପାଇଁ ନୂତନ ଜମି ପ୍ରଦାନ ସମେତ ମାଣିଆବନ୍ଧ ଫାଣ୍ଡିକୁ ଥାନା ମାନ୍ୟତା ପ୍ରଦାନ ଦାବିରେ ସ୍ଥାନୀୟ ଓକିଲ ସଂଘ ପକ୍ଷରୁ କୋର୍ଟରେ ତାଲା ପକାଯାଇ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରହିଛି। ଏହି ଆନ୍ଦୋଳନ ଶନିବାର ୩୮ ଦିନରେ ପହଞ୍ଚିଛି। ଅନ୍ୟପକ୍ଷରେ କଟକ ଜିଲା ଦୌରାଜଜ୍ ବାଳକୃଷ୍ଣ ମହାପାତ୍ର ଓ କଟକ ସିଭିଲ୍ କୋର୍ଟ ରେଜିଷ୍ଟ୍ରାର ବିଭୁପ୍ରସାଦ ପଣ୍ଡା ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଶନିବାର ବଡ଼ମ୍ବା କୋର୍ଟ ପରିଦର୍ଶନ କରିଛନ୍ତି। ଏହି ପରିଦର୍ଶନ ସମୟରେ ସେମାନେ ସବ୍‌ଜଜ୍ କୋର୍ଟ ପ୍ରତିଷ୍ଠା ପାଇଁ ଭିତ୍ତିଭୂମି ଓ ଅନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ଉପରେ ପଚାରି ବୁଝିଥିଲେ। ଏପରି କି ବଡ଼ମ୍ବାରେ ଥିବା ଜେଏମ୍ଏଫ୍‌ସି କୋର୍ଟ ପରିସର, ଏଠାରେ ଚାଲୁଥିବା ସବଜଜ୍‌କୋର୍ଟ (ସର୍କିଟ୍) କାର୍ଯ୍ୟାଳୟ ଓ କୋର୍ଟ ପ୍ରତିଷ୍ଠା ପାଇଁ ସରକାରଙ୍କ ତରଫରୁ ପ୍ରଦାନ କରାଯିବାକୁ ଥିବା ନୂତନ ସ୍ଥାନକୁ ଅଧିକାରୀମାନେ ବୁଲି ଦେଖି ସନ୍ତୋଷ ପ୍ରକାଶ କରିଥିଲେ। ସବ୍‌ଜଜ୍ କୋର୍ଟ ପ୍ରତିଷ୍ଠା ପାଇଁ ଦୌରାଜଜ୍ କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ବଡ଼ମ୍ବା ତହସିଲଦାର ଅନୀଲ କୁମାର ପଟ୍ଟନାୟକ ମଧ ନିଜେ ପରିଦର୍ଶନ କରି ଜମିର ଚିହ୍ନଟ କାର୍ଯ୍ୟ କରିଥିବା ଜଣାଯାଇଛି। ଉପରୋକ୍ତ ପ୍ରସଙ୍ଗକୁ ନେଇ ଜିଲା ଦୌରାଜଜ୍ ଓ ସିଭିଲ୍ କୋର୍ଟ ରେଜିଷ୍ଟ୍ରାର ଆନ୍ଦୋଳନରତ ଓକିଲଙ୍କ ନିକଟରେ ପହଞ୍ଚି ଆଲୋଚନା କରିଥିବାରୁ ସଂଘର ମନୋବଳ ଦୃଢ ହୋଇଛି। ଏପରି କି ଏଠାରେ ସବ୍‌ଜଜ୍ କୋର୍ଟ ନିଶ୍ଚୟ ପ୍ରତିଷ୍ଠା ହେବ ବୋଲି

> ■କୋର୍ଟରେ ଝୁଲୁଛି ତାଲା
>
> ■କଟକ ଜିଲା ଦୌରା ଜଜ୍ ଓ ସିଭିଲ୍ କୋର୍ଟ ରେଜିଷ୍ଟ୍ରାରଙ୍କ କୋର୍ଟ ପରିଦର୍ଶନ

ସଂଘ ସଦସ୍ୟ ଓ ବଡମ୍ବାବାସୀଙ୍କ ମନରେ ଆଶା ସଂଚାର ହୋଇଛି। ଏହି ପରିଦର୍ଶନ ସମୟରେ ବଡମ୍ବା ଆଡିସିନାଲ୍ ସିଭିଲ୍ ଜଜ୍ (ଜୁନିୟର) ଡିଭିଜନ୍ ତଥା ଜେଏମ୍ଏଫ୍‌ସି. ରେଖାରାଣୀ ପଣ୍ଡା, ଓକିଲ ସଂଘ ସଭାପତି କୈଳାସଚନ୍ଦ୍ର ଜେନା, ଉପସଭାପତି ମାୟାଧର ମଲିକ୍, ହରିହର ବଳବନ୍ତରାୟ, ସନ୍ତୋଷ ପଟ୍ଟନାୟକ, ସୂର୍ଯ୍ୟନାରାୟଣ ମିଶ୍ର, ବିଧୁଭୂଷଣ ମହାନ୍ତି, ସମ୍ପାଦକ ପରେଶ ମହାନ୍ତି, ପ୍ରଶାନ୍ତ ନାୟକ, ଅମୂଲ୍ୟ ପାଣିଗ୍ରାହୀ, ଅମୀୟ ପାଣିଗ୍ରାହୀ, ଦୁର୍ଗାପ୍ରସାଦ ସାହୁଙ୍କ ସମେତ କର୍ମକର୍ତ୍ତା ଉପସ୍ଥିତ ଥିଲେ। ପରେ ଜିଲା ଦୌରାଜଜ୍ ଓ ସିଭିଲ କୋର୍ଟ ରେଜିଷ୍ଟ୍ରାର ବଡମ୍ବା ଉପକାରାଗାର ପରିଦର୍ଶନ କରିଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୨୩ ଜୁନ୍, ୨୦୧୯

ସତ୍ୟ ଓ ଆଲୋକ ଦୁଇଟି ଯାକ ସମାନ। ଦୁହିଁଙ୍କର ପଥ ଗୋଟିଏ ସରଳରେଖାରେ ହିଁ ଗତି କରେ ।
-ଆବ୍ରାହମ ଲିଙ୍କନ

ସଂକ୍ଷେପରେ

କ୍ରୋମ ଚୋରି ଅଭିଯୋଗରେ ୨ ଗିରଫ

ଖୁଣ୍ଟୁଣୀ,୨୨।୬(ଡି.ଏନ୍.ଏ.): କାରଖାନା ଭିତରୁ କ୍ରୋମ ଚୋରି କରିବା ଅଭିଯୋଗରେ ଶନିବାର ଖୁଣ୍ଟୁଣୀ ପୋଲିସ ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଖୁଣ୍ଟୁଣୀ ଥାନା ବ୍ରହ୍ମପୁର ଗ୍ରାମର ବିଶ୍ୱଜିତ୍ ମଲ୍ଲିକ ଓ ଜଗମୋହନପୁର ଗ୍ରାମର ସୌମ୍ୟରଞ୍ଜନ ନାୟକ। ପୋଲିସ ସୂଚନା ଅନୁଯାୟୀ, ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ଅନନ୍ତପୁର ଠାରେ ଥିବା ଏକ କାରଖାନାରୁ ଅଭିଯୁକ୍ତମାନେ କ୍ରୋମ ଧରି ଆସୁଥିବା ବେଳେ ପୋଲିସ ସେମାନଙ୍କୁ ଧରିଥିଲା।

ଦୁର୍ଘଟଣାରେ ଯୁବକ ଗୁରୁତର

ଚୌଦ୍ୱାର,୨୨।୬(ଡି.ଏନ୍.ଏ.): ଚୌଦ୍ୱାର ଥାନା ସମ୍ମୁଖରେ ଶନିବାର ଏକ ସଡ଼କ ଦୁର୍ଘଟଣାରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ସେ ହେଲେ ଯାଜପୁର ଜିଲା ବରୀ ଅଞ୍ଚଳର ଅବନିସ୍ କୁମାର ସିଂ(୩୦)। ଅବନିସ ଏକ ବାଇକ୍(ଓଡି ୦୫ଏଫ ୩୪୩୫) ରେ ଆଠଗଡ଼ ପଟୁ କଟକ ଅଭିମୁଖେ ଯାଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଏକ ମାର୍ସଲ (ଓଆର ୦୬ସି ୪୨୨୨) ସହିତ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଅବନିସ୍ ବାଇକ୍‌ରୁ ଛିଟିକି ପଡି ଗୁରୁତର ହୋଇଥିଲେ। ପୋଲିସ ପହଞ୍ଚି ଅବନିସଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ କଟକ ବଡ ଡାକ୍ତରଖାନାକୁ ପଠାଇଥିଲା। ଏହା ସହ ଦୁର୍ଘଟଣାଗ୍ରସ୍ତ ୨ଗାଡିକୁ ଜବତ କରି ଥାନାକୁ ଆଣିଥିବା ଜଣାପଡିଛି।

ରକ୍ତଦାନ ଶିବିର

କଟକ ଅଫିସ,୨୨।୬- କଟକ ବକ୍ସିବଜାରସ୍ଥିତ ୱାଇଏମ୍‌ସିଏ କାର୍ଯ୍ୟାଳୟରେ ଶନିବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏହାକୁ କଟକ ଏମ୍‌ପି ଭର୍ତ୍ତୃହରି ମହତାବ ଉଦ୍‌ଘାଟନ କରିଥିଲେ। ଏଥିରେ ମୋଟ ୧୫୮ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଶିବିରରେ ରେଡ୍‌କ୍ରସ ବ୍ଲଡ୍ ବ୍ୟାଙ୍କର ଡ. କନକଲତା ଦେବୀ, ୱାଇଏମ୍‌ସିଏର ସଭାପତି ଡ. ରାଜବଲଭ ମହାନ୍ତି, ଯିହୋବାଯିରି ମିଶନର ସଭାପତି ଯୋସେଫ ପ୍ରଧାନଙ୍କ ସହ ଅନୁଷ୍ଠାନର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

ଜରୁରୀ ପରିସ୍ଥିତି ରାଜବନ୍ଦୀ ଅଭିଯାନ ପାଳିବ କଳାଦିବସ

କଟକ ଅଫିସ,୨୨।୬: ଜରୁରୀ ପରିସ୍ଥିତି ରାଜବନ୍ଦୀ ଅଭିଯାନ ପକ୍ଷରୁ ପ୍ରତିବର୍ଷ ଭଳି ୧୯୭୫ ଜୁନ ୨୬ରେ ଜାରି ଜରୁରୀ ପରିସ୍ଥିତିକୁ କଳାଦିବସ ଭାବେ ପାଳନ କରିବ। ଏଥିପାଇଁ ଜୁନ ୨୬ରେ ଭୁବନେଶ୍ୱର ଲୋହିଆ ଏକାଡେମୀରେ ଅପରାହ୍ନ ୨ଟାରୁ ୬ଟା ପର୍ଯ୍ୟନ୍ତ ସଭାପତି ରାଜେନ୍ଦ୍ର ପ୍ରସାଦ ସିଂଙ୍କ ଅଧକ୍ଷତାରେ ଗଣତନ୍ତ୍ର ସୁରକ୍ଷା ସମ୍ପର୍କରେ ଆଲୋଚନା ସଭା ଅନୁଷ୍ଠିତ ହେବ। ଏହି ସଭାକୁ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ରାଜ୍ୟର ନୂଆ ସରକାର ପ୍ରଥମ କ୍ୟାବିନେଟ୍ ବୈଠକରେ ଜରୁରୀ ପରିସ୍ଥିତି ବେଳର ରାଜବନ୍ଦୀମାନଙ୍କୁ ପେନ୍‌ସନ ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ପ୍ରଦାନ କରିବାର ନିର୍ବାଚନ ଇସ୍ତାହାର ପ୍ରତିଶ୍ରୁତି କାର୍ଯ୍ୟକାରୀ କରିବାକୁ ନେଇଥିବା ନିଷ୍ପତ୍ତି ସମ୍ପର୍କରେ ଆଲୋଚନା ହେବ। ଏହି ସଭାରେ ଜରୁରୀ ପରିସ୍ଥିତି ବେଳର ସମସ୍ତ ରାଜବନ୍ଦୀ ନିଜ ନିଜ ପରିବାର ସହିତ ଯୋଗଦେବା ପାଇଁ ସାଧାରଣ ସମ୍ପାଦକ ରମେଶ ଅଲିବେସାନ୍ତ ନିବେଦନ କରିଛନ୍ତି।

ଅରୁଣୋଦୟ ମାର୍କେଟରୁ ବାଇକ ଚୋରି

କଟକ ଅଫିସ,୨୨।୬- ବାଦାମବାଡ଼ି ଥାନା ଅନ୍ତର୍ଗତ ଅରୁଣୋଦୟ ମାର୍କେଟରୁ ଏକ ବାଇକ୍ (ଓଡି୦୫ଡବ୍ଲ୍ୟୁ-୯୯୫୨) ବାଇକ ଚୋରି ହୋଇଛି। ଏ ନେଇ ବାଇକ୍‌ର ମାଲିକ ରାଣୀହାଟ ଅଞ୍ଚଳର ମନୋଜ କୁମାର ସାହୁ ବାଦାମବାଡ଼ି ଥାନାରେ ଶନିବାର ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ଅନୁଯାୟୀ, ମନୋଜ ଗତ ଶୁକ୍ରବାର ତାଙ୍କ ବାପାଙ୍କ ସହିତ ଅରୁଣୋଦୟ ମାର୍କେଟ ଆସିଥିଲେ। ସେଠାରେ ବାଇକ ରଖି ଜିନିଷପତ୍ର କିଣିବାକୁ ଯାଇଥିଲେ। ଦୁଇ ଘଣ୍ଟା ପରେ ଫେରି ଦେଖିବାରୁ ତାଙ୍କ ବାଇକ୍ ନ ଥିଲା। ସ୍ଥାନୀୟ ଅଞ୍ଚଳରେ ପଚରାଉଚରା କରିଥିଲେ ମଧ କେହି ବାଇକ ବିଷୟରେ ଜାଣି ନ ଥିବା କହିଥିଲେ।

■ ଜିଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ

ନଦୀବନ୍ଧ ସୁଦୃଢ଼ୀକରଣ ଉପରେ ଗୁରୁତ୍ୱ

କଟକ ଅଫିସ, ୨୨।୬

ବୈଠକରେ ଜିଲାପାଳ, ମନ୍ତ୍ରୀ, ଏମ୍‌ପି, ବିଧାୟକ ଓ ଜିଲା ପରିଷଦ ସଭାପତି।

■ ଦୁର୍ବଳ ନଦୀବନ୍ଧ ପରିଦର୍ଶନ କରିବେ ନିର୍ବାହୀ ଯନ୍ତ୍ରୀ

■ ସ୍ଥାନୀୟ ବିଧାୟକଙ୍କ ପରାମର୍ଶ କ୍ରମେ ପଦକ୍ଷେପ ନେବେ

ମୌସୁମୀକୁ ମୁକାବିଲା କରିବା ପାଇଁ ଶନିବାର ଅପରାହ୍ନରେ ଜିଲାପାଳଙ୍କ କନ୍‌ଫରେନ୍ସ ହଲ୍‌ରେ ଜିଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଅରବିନ୍ଦ ଅଗ୍ରୱାଲ ଅଧକ୍ଷତା କରି ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ନିମନ୍ତେ ଆଗୁଆ ପଦକ୍ଷେପ ବିଷୟରେ ବିଷଦ୍ ଭାବେ ଆଲୋଚନା କରିଥିଲେ । ବୈଠକରେ ମନ୍ତ୍ରୀ, ଏମ୍‌ପି, ବିଧାୟକ ଓ ଜିଲା ପରିଷଦ ସଭାପତି ଉପସ୍ଥିତ ଥିଲେ। ଚଳିତବର୍ଷ ମୌସୁମୀ ବର୍ଷା ଓ ସମ୍ଭାବ୍ୟ ବନ୍ୟାକୁ ଦୃଷ୍ଟିରେ ରଖି ବିଭାଗୀୟ ଅଧିକାରୀମାନେ ସତର୍କତାର ସହିତ କାର୍ଯ୍ୟ ପରିଚାଳନା କରିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ଯେଉଁଠାରେ ନଦୀବନ୍ଧ ଦୁର୍ବଳ ରହିଛି ସେଠାକୁ ନିର୍ବାହୀ ଯନ୍ତ୍ରୀମାନେ ପରିଦର୍ଶନ କରି ପଦକ୍ଷେପ ନେବାକୁ ବୈଠକରେ ମତପ୍ରକାଶ ପାଇଥିଲା। ଏଥିସହ ନଦୀବନ୍ଧଗୁଡିକର ମରାମତି ଏବଂ ସୁଦୃଢ଼ୀକରଣ କରିବା ଉପରେ ମନ୍ତ୍ରୀ ଓ ବିଧାୟକମାନେ ମତ ଦେଇଥିଲେ। ଏ ସମ୍ପର୍କିତ ପ୍ରସ୍ତାବ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କୁ ଦେବା ପାଇଁ ମନ୍ତ୍ରୀ ଓ ଏମ୍‌ପି ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପ୍ରକାଶଥାଉ କି ମହାନଦୀ ଉତ୍ତର ଡିଭିଜନ ଅଧୀନରେ ଥିବା ମହାନଦୀ, ବିରୁପା, ଚିତ୍ରୋତ୍ପଳାର ୬ଟି, ପ୍ରାଚୀ ଜଳସେଚନ ଡିଭିଜନରେ ୪ଟି ଦୁର୍ବଳ ଓ କ୍ଷତି ସମ୍ଭାବ୍ୟ ଆଡିବନ୍ଧ ଚିହ୍ନଟ କରାଯାଇଛି। ବିଭାଗୀୟ ନିର୍ବାହୀଯନ୍ତ୍ରୀମାନେ ସ୍ଥାନୀୟ ବିଧାୟକମାନଙ୍କ ସହିତ ପରାମର୍ଶ କରି ଆବଶ୍ୟକ ମରାମତି ପାଇଁ ପଦକ୍ଷେପ ନେବାକୁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ ଏମ୍‌ପି ଭର୍ତ୍ତୃହରି ମହତାବ ପରାମର୍ଶ ଦେଇଥିଲେ। ଗାନ୍ଧୀପଲି, ନେହେରୁପଲିଠାରୁ ଭଦୀମୂଳ ପର୍ଯ୍ୟନ୍ତ ନଦୀବନ୍ଧ ସୁଦୃଢ଼ୀକରଣ, ଜଳ ନିଷ୍କାସନ ପାଇଁ ଖାନ୍‌ନଗରଠାରେ ନୂତନ ଭାବେ ନିର୍ମିତ ୩ଟି ସ୍ଲୁଇସ ଗେଟ୍‌କୁ କାର୍ଯ୍ୟକ୍ଷମ କରିବା, ବର୍ଷାଜଳ ସଂରକ୍ଷଣ କରି ତାର ଉପଯୋଗ କରିବା ଆଦି ବିଷୟରେ ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ପ୍ରଧାନପଡାରୁ ଶଂଖମୁହଁ ନଦୀବନ୍ଧ ଉନ୍ନତିକରଣ, ଦିଗିସାହୀ, ଚମ୍ପତି ମହାନଦୀ ନଦୀବନ୍ଧର ସୁଦୃଢ଼ୀକରଣ ଉପରେ ଗୁରୁତ୍ୱ ଦେଇଥିଲେ।

ବୈଠକରେ ଫନୀ ବତ୍ୟାରେ ହୋଇଥିବା କ୍ଷୟକ୍ଷତି ସମ୍ପର୍କରେ ପଞ୍ଚାୟତିରାଜ, ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା କହିଥିଲେ, ସହରାଞ୍ଚଳରେ ବିପର୍ଯ୍ୟୟ ସମୟରେ ଯେପରି ପାନୀୟଜଳର ଅଭାବ ନ ଦେଖାଯାଏ ସେଥିପାଇଁ ସମସ୍ତ ଜଳଯୋଗାଣ ପଏଣ୍ଟରେ ଜେନେରେଟର ବ୍ୟବସ୍ଥା କରାଯିବାକୁ ସରକାର ସ୍ଥିର କରିଛନ୍ତି। ରିଂ ବନ୍ଧକୁ ପ୍ରଶସ୍ତ କରାଯାଇ ସେଠାରେ ଗୃହ ନିର୍ମାଣ ପ୍ରକଳ୍ପ କରାଯିବା ସହିତ ଅନ୍ୟାନ୍ୟ ଯୋଜନା କରାଯାଉଛି ବୋଲି ମନ୍ତ୍ରୀ ଜେନା କହିଥିଲେ। ସେହିପରି କଟକ ସହର ଏବଂ ଗ୍ରାମାଞ୍ଚଳରେ ବୃକ୍ଷରୋପଣ ପାଇଁ ଉଭୟ ମନ୍ତ୍ରୀ ଓ ଏମ୍‌ପି ଗୁରୁତ୍ୱାରୋପ କରିଥିଲେ। ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ବିଧାୟକ ଦେବୀ ପ୍ରସାଦ ମିଶ୍ର ଓ ଚନ୍ଦ୍ରସାରଥି ବେହେରା ଫନୀରେ କ୍ଷତିଗ୍ରସ୍ତ ହୋଇଥିବା ଲୋକମାନଙ୍କୁ ଘରଭଙ୍ଗା ସାହାଯ୍ୟ ପ୍ରଦାନ, ପାନୀୟଜଳ ଯୋଗାଣ, ବିଦ୍ୟୁତ ମରାମତି ସମ୍ପର୍କରେ ଜିଲାପାଳଙ୍କୁ ଜଣାଇଥିଲେ। ଏଥିସହିତ ଜିଲାରେ ଫନୀ ପ୍ରଭାବରେ କ୍ଷତିଗ୍ରସ୍ତ ହୋଇଥିବା ବିଦ୍ୟାଳୟ ଗୃହର ମରାମତି କାର୍ଯ୍ୟ ତୁରନ୍ତ କରାଯିବାକୁ ଜିଲାପାଳଙ୍କ ଦୃଷ୍ଟି ଅକର୍ଷଣ କରାଯାଇଥିଲା।

ଏହି ବୈଠକରେ ଜଗତ୍‌ସିଂହପୁର ଏମ୍‌ପି ରାଜଶ୍ରୀ ମଲ୍ଲିକ, ନିଆଳି ବିଧାୟକ ଡ. ପ୍ରମୋଦ ମଲ୍ଲିକ, ଜିଲା ପରିଷଦ ସଭାପତି ଜ୍ୟୋତିରେଖା ନାୟକ, ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟ, ଶ୍ରୀକାନ୍ତ ତରାଇ, ଜିଲା ଆପାତକାଳୀନ ଅଧିକାରୀ ଅନିତା ପାତ୍ରଙ୍କ ସମେତ ଜିଲାର ସମସ୍ତ ଉପ ଜିଲାପାଳ, ବିଭାଗୀୟ ଅଧିକାରୀ, ବିଡିଓ, ତହସିଲଦାର ଉପସ୍ଥିତ ଥିଲେ। ଶେଷରେ ଉପସ୍ଥିତ ମନ୍ତ୍ରୀ, ଏମ୍‌ପି ଓ ବିଧାୟକମାନେ ଜିଲାପାଳ ଅରବିନ୍ଦ ଅଗ୍ରୱାଲ, ସିଡିଆରଡିଏ ସରୋଜକାନ୍ତ ମହାନ୍ତି ଓ ସଦର ଉପଜିଲାପାଳ ସୁକାନ୍ତ କୁମାର ପ୍ରଧାନଙ୍କ ବଦଳି ହୋଇଥିବା ପରିପ୍ରେକ୍ଷୀରେ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ ।

ଏସ୍‌ସିବି ମେଡିକାଲ: କାମରେ ଲାଗୁନି ଜେନେରେଟର, ସୋଲାର ସିଷ୍ଟମ

କଟକ ଅଫିସ, ୨୨।୬

ରାଜ୍ୟର ଅଗ୍ରଣୀ ସରକାରୀ ମେଡିକାଲ କଲେଜରେ ବିଭିନ୍ନ ସମୟରେ ନାନା ସମସ୍ୟା ଦେଖିବାକୁ ମିଳୁଛି। ଲକ୍ଷାଧିକ ଟଙ୍କାର ସାମଗ୍ରୀ ବ୍ୟବହାର ନ ହେବା ଫଳରେ ନଷ୍ଟ ହେଉଛି। ଏସ୍‌ସିବି ମେଡିକାଲ ମାନସିକ ରୋଗ ବିଭାଗର ନୂତନ କୋଠାରେ ଲାଗିଥିବା ୫୦୦ କେଭିଏ ଜେନେରେଟର ଓ ନୂଆକୋଠାର ଛାତ ଉପରେ ଲାଗିଥିବା ସୋଲାର ସିଷ୍ଟମ ଦୀର୍ଘଦିନ ହେବ ଅଚଳ ହୋଇପଡିଛି। ବିଦ୍ୟୁତ୍ ସରବରାହ ବାଧାପ୍ରାପ୍ତ ହେଲେ ଉକ୍ତ କୋଠା ଅନ୍ଧକାରମୟ ହୋଇପଡୁଛି। ଏହାକୁ ନେଇ ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଉକ୍ତ ଜେନେରେଟର ମୂଲ୍ୟ ହାରାହାରି ୬୫ ଲକ୍ଷ ଓ ସୋଲାର ସିଷ୍ଟମ୍‌ର ମୂଲ୍ୟ ୩୦ ଲକ୍ଷ ହେବ ବୋଲି ଜଣାପଡିଛି। ବର୍ତ୍ତମାନ ବର୍ଷା ଆରମ୍ଭ ହୋଇଗଲାଣି। ଏହି ସମୟରେ ପ୍ରତିଦିନ ବିଦ୍ୟୁତ ସରବରାହ ବ୍ୟାଘାତ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ତେଣୁ ଉକ୍ତ ଜେନେରେଟର ଓ ସୋଲାର ସିଷ୍ଟମ୍‌କୁ ମରାମତି କରାଯାଇ କାର୍ଯ୍ୟରେ ଲଗାଗଲେ ମାନସିକ ରୋଗୀମାନେ ଉପକୃତ ହୋଇପାରନ୍ତେ। ଅନ୍ୟପକ୍ଷରେ ବହୁକୋଟି ଟଙ୍କାର ସାମଗ୍ରୀ ରକ୍ଷଣାବେକ୍ଷଣ ଅଭାବରୁ ନଷ୍ଟ ହେଉଛି। ଫଳରେ ଏହାର ତଦାରଖ ଦାୟିତ୍ୱରେ ଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାମାଜିକ କର୍ମୀ ଅଚ୍ୟୁତ କୁମାର ସାହୁ ଅଭିଯୋଗ କରିବା ସହ ଏ ସମ୍ପର୍କରେ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ, କଟକ ଜିଲାପାଳ, ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲର ଅଧିକ୍ଷକଙ୍କୁ ସ୍ମାରକପତ୍ର ଦେଇଛନ୍ତି। ଏଥିସହ ସ୍ୱାସ୍ଥ୍ୟ ସଚିବଙ୍କ ନିକଟକୁ ଏହାର ଏକ ନକଲ ପଠାଇଛନ୍ତି। ଏ ସମ୍ପର୍କରେ ମାନସିକ ସ୍ୱାସ୍ଥ୍ୟ ପ୍ରତିଷ୍ଠାନର ନିର୍ଦ୍ଦେଶକ ପ୍ରଫେସର ଡା. ସାରଦା ସ୍ୱାଇଁ କୁହନ୍ତି, ଜେନେରେଟର ଓ ସୋଲାର ସିଷ୍ଟମ କିଛି ସମସ୍ୟା ରହିଛି। ତୁରନ୍ତ ଏହାକୁ ମରାମତି କରାଯାଇ କାର୍ଯ୍ୟକ୍ରମ କରାଯିବ।

କଟକ ଦୋଳମୁଣ୍ଡାଇ ରଥ ଖଳାରେ ପାର୍ଶ୍ୱ ଦେବତାଙ୍କୁ ରଙ୍ଗ ତୂଳିରେ ଜଣେ ଚିତ୍ରକର ରୂପରେଖ ଦେଉଛନ୍ତି।

ଶ୍ରୀଜୀଉଙ୍କ ନବଯୌବନ ଦର୍ଶନ ଅବ୍ୟବହିତ ପୂର୍ବରୁ କଟକ ବକ୍ସବାଟୀ କେନାଲ ରୋଡଠାରେ ଜଣେ ଚିତ୍ରକର ରଙ୍ଗ ତୂଳୀରେ ନୂତନ ରୂପରେଖ ଦେଉଛନ୍ତି।

ରାସ୍ତା ମରାମତି ଦାବିରେ ଚାଲିଥିବା ଧାରଣା ପ୍ରତ୍ୟାହୃତ

ନିଆଳି,୨୨।୬(ଡି.ଏନ୍.ଏ.)

ନିଆଳି ହାଟ ନରିଶୋ ରାସ୍ତା ମରାମତି ପାଇଁ ଗତ ୪ଦିନ ଧରି ନିଆଳି ହାଟ ନିକଟରେ ଚାଲିଥିବା ଧାରଣା ଶନିବାର ପ୍ରତ୍ୟାହୃତ ହେବା ସହ ରାସ୍ତା କାମ ଆରମ୍ଭ ହୋଇଛି। ନିଆଳି ହାଟ ନିକଟରେ ରାସ୍ତାରେ ଖରାଦିନେ ଆଣ୍ଠୁଏ ଲେଖାଏ ନର୍ଦ୍ଦମା ପାଣି ଜମା ହୋଇଥାଏ। ଫଳରେ ରାସ୍ତା ଦେଇ ଯାତାୟାତ କରୁଥିବା ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୁଅନ୍ତି। ଏ ସମ୍ପର୍କରେ ପ୍ରଶାସନ ନିକଟରେ ଅଭିଯୋଗ କଲେ ମଧ କୌଣସି ସୁଫଳ ମିଳି ନ ଥିଲା। ଗତ ୧୮ତାରିଖିରୁ ଯୁବ ସାମାଜିକ କର୍ମୀ ଅକ୍ଷୟ ସେନାପତି ନିଆଳି ହାଟ ନିକଟରେ ଉକ୍ତ ରାସ୍ତାର ମରାମତି ଦାବି କରି ଧାରଣା ଦେଇଥିଲେ। ଏହି ଧାରଣାକୁ ସମର୍ଥନ ଜଣାଇ ଅଞ୍ଚଳର ବହୁ ବରିଷ୍ଠ ନାଗରିକ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ସାମିଲ୍ ହୋଇଥିଲେ। ଶନିବାର ଅପରାହ୍ନରେ ନିଆଳି ବିଡିଓ ଦାୟିତ୍ୱରେ ଥିବା ତହସିଲଦାର ରଞ୍ଜନ କୁମାର ଜେନା, ଭୁବନେଶ୍ୱର-୧ ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ଯନ୍ତ୍ରୀ ସାହେବ କୁମାର ସାହୁ ଆନ୍ଦୋଳନସ୍ଥଳରେ ପହଞ୍ଚି ଏହି ରାସ୍ତା କାମ ଶେଷ କରିବା ସହ ଆଜି କାର୍ଯ୍ୟ ଆରମ୍ଭ ହେବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଆଲୋଚନାରେ ବରିଷ୍ଠ ନାଗରିକ ନଟବର ଷଡଙ୍ଗୀ, ରାଜେନ୍ଦ୍ର ପ୍ରସାଦ ସାହୁ, ଡ.ଚିତ୍ତରଞ୍ଜନ ମିଶ୍ର, କୈଳାସ ଚନ୍ଦ୍ର ସ୍ୱାଇଁ, ମହାପାତ୍ର ଧରଣୀଧର ପଣ୍ଡା ଉପସ୍ଥିତ ଥିଲେ।

ମାରୱାଡି ସମାଜ ପକ୍ଷରୁ ସମ୍ବର୍ଦ୍ଧନା
ପାଠପଢି ଭଲ ମଣିଷ ହୁଅ

କଟକ ଅଫିସ, ୨୨।୬

କଟକ ମାରୱାଡି ସମାଜ ପକ୍ଷରୁ ସ୍ଥାନୀୟ ସାରଳା ଭବନଠାରେ ସମ୍ବର୍ଦ୍ଧନା ସଭା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୯୦ ପ୍ରତିଶତରୁ ଅଧିକ ମାର୍କ ରଖିଥିବା କଟକର ସବୁ ସ୍କୁଲ ଏବଂ କଲେଜର ୧୮୨ ଜଣ ଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ପୋଲିସ ଆଇଜି ସୌମେନ୍ଦ୍ର ପ୍ରିୟଦର୍ଶୀ କହିଥିଲେ, ଛାତ୍ରୀଛାତ୍ରମାନେ ପାଠ ମନ ଦେଇ ପଢ। ନିଜର କ୍ୟାରିୟର ପାଇଁ କଠିନ ପରିଶ୍ରମ କର। ହେଲେ ସବୁପରେ ଜୀବନରେ ଗୋଟିଏ ଭଲ ମଣିଷ ହେବା ପାଇଁ ଚେଷ୍ଟା କର। ଏହି କାର୍ଯ୍ୟକ୍ରମରେ ମାରୱାଡି ସମାଜର ବହୁ କର୍ମକର୍ତ୍ତାଙ୍କ ସହିତ ସ୍ଥାନୀୟ ଲୋକେ ଯୋଗଦେଇଥିଲେ।

ବିନୋଦ କାନୁନ୍‌ଗୋଙ୍କ ଶ୍ରାଦ୍ଧୋତ୍ସବ

କଟକ ଅଫିସ, ୨୨।୬

ସ୍ୱାଧୀନତା ସଂଗ୍ରାମର ଅମ୍ଳାନ ଯୋଦ୍ଧା ତଥା ଜ୍ଞାନମଣ୍ଡଳର ପ୍ରତିଷ୍ଠାତା ବିନୋଦ କାନୁନ୍‌ଗୋଙ୍କ ଶ୍ରାଦ୍ଧୋତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ସମାଜର ସବୁ ଶ୍ରେଣୀର ବ୍ୟକ୍ତି ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ସତିଚଉରା ସମାଧି ପୀଠରେ ବିନୋଦ କାନୁନଗୋ ସ୍ମୃତି ସଂସଦ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଜ୍ଞାନ ଆହରଣ ଓ ବିତରଣ କ୍ଷେତ୍ରରେ ତାଙ୍କର ଜୀବନବ୍ୟାପୀ ସାଧନା ସମ୍ପର୍କରେ ଆଲୋଚନା କରାଯାଇଥିଲା। ବରିଷ୍ଠ ଖବରଦାତା ଅରୁଣ କୁମାର ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସ୍ମୃତି ଉତ୍ସବରେ ସୁବାସ ସିଂ, ବିଜୟାନନ୍ଦ ସିଂ, ଡା. ରବିରଞ୍ଜନ ସାହୁ, ବାବାଜୀ ଚରଣ ପଟ୍ଟନାୟକ, ରାଜକିଶୋର ଦାସ, ପ୍ରଦୀପ କୁମାର ଦାସ, ଡ. ସତ୍ୟ ରାୟ, ମୀନାକ୍ଷୀ ଦେବୀ, ସସ୍ମିତା ପଟ୍ଟନାୟକ, କସ୍ତୁରୀ ରାଓ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଇନ୍ଦୁମତି ସାହୁ ଗାନ୍ଧୀ ଭଜନ ଗାନ କରିଥିଲେ। ବିନୋଦଙ୍କ ଆତ୍ମଜୀବନୀର ପୁନଃମୁଦ୍ରଣ ପାଇଁ ଅଜୟ ମହାନ୍ତି ପ୍ରସ୍ତାବ ଦେଇଥିଲେ। ସଂସଦର ସଭାପତି ପ୍ରଶାନ୍ତ ଦାସ ସଭା ପରିଚାଳନା କରିଥିଲେ।



ଶ୍ରଦ୍ଧୋତ୍ସବରେ ଯୋଗ ଦେଇଥିବା ବ୍ୟକ୍ତି ବୃନ୍ଦ।

■ ଏନ୍‌ଏଚ୍‌ଏଆଇ, ଆର୍‌ଟିଓ ଅଧିକାରୀଙ୍କ ସହ ପୋଲିସ କମିଶନରଙ୍କ ବୈଠକ

କଟକ, ଭୁବନେଶ୍ୱରରେ ୧୬ ବ୍ଲାକ୍ ସ୍ପଟ୍ ଚିହ୍ନଟ

ଭୁବନେଶ୍ୱର, ୨୨।୬(ବ୍ୟୁରୋ)

କଟକ ଓ ଭୁବନେଶ୍ୱର ଦେଇ ଯାଇଥିବା ଜାତୀୟ ରାଜପଥ ଓଭରବ୍ରିଜ୍‌ରେ ବାରମ୍ବାର ଦୁର୍ଘଟଣା ଘଟୁଛି। ଗତକିଛିଦିନ ଧରିବହୁଜୀବନ ଯିବା ପରେ କମିଶନରେଟ ପୋଲିସ ଓ ପ୍ରଶାସନର ଚେତା ପଶିଛି। ଓଭରବ୍ରିଜ ଉପରେ ଦୁର୍ଘଟଣା ରୋକିବାକୁ ତତ୍ପର ପ୍ରକାଶ ପାଇଛି। ଖଣ୍ଡଗିରିରୁ ରସୁଲଗଡ ପର୍ଯ୍ୟନ୍ତ ଓଭରବ୍ରିଜ୍‌ରେ ବିନା ହେଲ୍‌ମେଟ୍‌ରେ ବାଇକ୍‌ରେ ଯିବାକୁ ବାରଣ କରାଯାଇଥିବାବେଳେ ଯାଞ୍ଚ ସହ ପଦକ୍ଷେପ ନିଆଯାଉଛି। ବ୍ଲାକ୍ ସ୍ପଟ୍ ଚିହ୍ନଟ କରିବା ସହ ସେଠାରେ କିଭଳି ଦୁର୍ଘଟଣାକୁ ଏଡାଇ ହେବ ତାହା ଉପରେ ଗୁରୁତ୍ୱ ଦିଆଯାଉଛି। ଶନିବାର କମିଶନରେଟ ପୋଲିସ ମୁଖ୍ୟାଳୟରେ କମିଶନର ସତ୍ୟଜିତ୍ ମହାନ୍ତିଙ୍କ ଅଧକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା। ବୈଠକରେ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ (ଏନ୍‌ଏଚ୍‌ଏଆଇ) ଅଧିକାରୀ ଦେବପ୍ରସାଦ ସାହୁ, ଭୁବନେଶ୍ୱର ଆରଟିଓ-୧ ପ୍ରଦୀପ କୁମାର ମହାନ୍ତି, ଆରଟିଓ-୨ ସଞ୍ଜୟ ବେହେରା, କଟକ ଆର୍‌ଟିଓ ଦୀପ୍ତିରଞ୍ଜନ ପାତ୍ର ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ଏନେଇ ଆଲୋଚନା କରିଥିଲେ। କଟକ-ଭୁବନେଶ୍ୱରରେ ୧୬ଟି ବ୍ଲାକ୍ ସ୍ପଟ୍ ଚିହ୍ନଟ କରାଯାଇଛି। ରାଜଧାନୀର ପିତାପଲ୍ଲୀରୁ ନଖରା ପର୍ଯ୍ୟନ୍ତ ୧୨ଟି ଓ କଟକରେ ୪ଟି ବ୍ଲାକ୍ ସ୍ପଟ୍ ରହିଥିବା ସୂଚନା ଦିଆଯାଇଛି। ଏସବୁ ବ୍ଲାକ୍ ସ୍ପଟ୍‌ରେ ରୋଡ୍ ଇଞ୍ଜିନିୟରିଂ ସମସ୍ୟା ଥିବା ଜଣାପଡିଛି। ସେସବୁ ସ୍ଥାନରେ ଏନ୍‌ଏଚ୍‌ଏଆଇ ପକ୍ଷରୁ ବ୍ଲାକ୍ ସ୍ପଟ୍ ସଂକ୍ରାନ୍ତରେ ସୂଚନା ଫଳକ ଲଗାଯିବ। ସେଠାରେ ନିୟମିତ ଭାବେ ଇଣ୍ଟରସେପ୍ଟର ଭ୍ୟାନ୍ ରହିବା ସହ ଅଟୋମେଟିକ ସ୍ପିଡ଼ର ରିଡ୍‌ସ ଲଗାଯାଇ ଦ୍ରୁତଗତି ଉପରେ ଲଗାମ ଲଗାଯିବ। ରାଜଧାନୀରେ ଚିହ୍ନଟ ବ୍ଲାକ୍ ସ୍ପଟ୍ ସ୍ଥାନଗୁଡିକର ରିପୋର୍ଟ କମିଶନରେଟ ପୋଲିସ ଏନ୍‌ଏଚଏଆଇକୁ ଦେବ। ଏନ୍‌ଏଚ୍‌ଏଆଇ ପକ୍ଷରୁ ସେଠାରେ ଥିବା ଇଞ୍ଜିନିୟରିଂ ତ୍ରୁଟିକୁ ସୁଧାରିବାକୁ ଚେଷ୍ଟା କରିବେ। ଏଥିସହ ଲୋକଙ୍କୁ ସଚେତନ କରିବା ପାଇଁ ସୂଚନା ଫଳକ, ବାରିକେଡ କିମ୍ବା ଅନ୍ୟ ବ୍ୟବସ୍ଥା କରାଯିବ। ଅନ୍ୟପକ୍ଷରେ ଜାତୀୟ ରାଜପଥକୁ ସିଧାସଳଖ ସଂଯୋଗ କରୁଥିବା ରାସ୍ତାରେ ହମ୍ପସ କିମ୍ବା ଦ୍ରୁତଗତି ରୋକିବାକୁ କୌଣସି ବ୍ୟବସ୍ଥା ନାହିଁ। ଫଳରେ ସେସବୁ ସ୍ଥାନରେ ଅଧିକାଂଶ ସମୟରେ ଦୁର୍ଘଟଣା ଘଟୁଛି। ତେଣୁ ରାସ୍ତା ସଂଯୋଗ ସ୍ଥଳରେ କିପରି ଗାଡ଼ିର ଦ୍ରୁତ ଗତି ଓ ଦୁର୍ଘଟଣାକୁ ରୋକିହେବ ସେନେଇ ଆଲୋଚନା ହୋଇଥିଲା। ସେହିଭଳି କମିଶନରେଟ ପୋଲିସ ପକ୍ଷରୁ ହେଲମେଟ୍ ଓ ଅନ୍ୟାନ୍ୟ ଯାଞ୍ଚ କଡାକଡି କରାଯିବ। ଯେଉଁମାନେ ମଦ କିମ୍ବା ମଦ୍ୟପ ଡ୍ରାଇଭରଙ୍କ ଉପରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ଓଭରବ୍ରିଜ୍ ଉପରେ ଦୁର୍ଘଟଣା ରୋକିବାକୁ ତତ୍ପରତା

ଆବଶ୍ୟକ ପଡ଼ିଲେ ଆର୍‌ଟିଓ ସେମାନଙ୍କ ଡ୍ରାଇଭିଂ ଲାଇସେନ୍ସକୁ ରଦ୍ଦ କରିବ। ଏହାସହ ବ୍ଲାକ ସ୍ପଟ ଚିହ୍ନଟ ସ୍ଥାନରେ ସିସିଟିଭି ଲଗାଇବା ପାଇଁ ମଧ ବୈଠକରେ ଆଲୋଚନା ହୋଇଥିଲା। ଆଗକୁ ପୁଣି ବୈଠକ ବସି ସମସ୍ୟା ସମାଧାନର ଅନ୍ୟ କୌଣସି ବାଟ ବାହାର କରାଯିବାକୁ ନିଷ୍ପତ୍ତି ହୋଇଥିବା ପୋଲିସ କମିଶନ ମହାନ୍ତି କହିଛନ୍ତି। ଉକ୍ତ ବୈଠକରେ ଅତିରିକ୍ତ ପୋଲିସ କମିଶନର ସଞ୍ଜୟ ସିଂ, ଭୁବନେଶ୍ୱର ଡିସିପି ଅନୁପ କୁମାର ସାହୁ, କଟକ ଅତିରିକ୍ତ ଡିସିପି ବିଜୟ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

ସତ୍ୟ ଓ ଆଲୋକ ଦୁଇଟି ଯାକ ସମାନ। ଦୁହିଁଙ୍କର ପଥ ଗୋଟିଏ ସରଳରେଖାରେ ହିଁ ଗତି କରେ।

- ଆବ୍ରାହମ ଲିଙ୍କନ

ସଂକ୍ଷେପରେ

ରାସ୍ତା ଉପରେ ଘର ନିର୍ମାଣକୁ ବିରୋଧ, ଉତ୍ତେଜନା

ଖୋର୍ଦ୍ଧା ଅଫିସ,୨୨।୬: ରାସ୍ତା ଉପରେ ଘର ନିର୍ମାଣକୁ ନେଇ ଖୋର୍ଦ୍ଧା ଜିଲା ଜଙ୍କିଆ ଥାନାର ରମାବିଲରେ ଶନିବାର ଉତ୍ତେଜନା ଦେଖାଦେଇଛି। ରାସ୍ତା ନିର୍ମାଣ କରିବା ପ୍ରକ୍ରିୟା ଆରମ୍ଭ ହେବା ପରେ ଗାଁ ଲୋକ ବିରୋଧ କରିଥିଲେ। ଏହାପରେ ରାସ୍ତାକୁ ନିଜ ଜମି ବୋଲି ଦାବି କରୁଥିବା ଜଣେ ଲୋକ ପ୍ରତିନିଧି ଜେସିବି ଦ୍ୱାରା ରାସ୍ତା ଖୋଳି ଦେଇଛନ୍ତି। ଏ ସମ୍ପର୍କରେ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଜେସିବିକୁ ଆଣି ଥାନାରେ ରଖି ବିବାଦକୁ ସାମୟିକ ଭାବେ ସମାଧାନ କରିଛି।

୯ ମହଲାରୁ ଡେଇଁ ଆତ୍ମହତ୍ୟା

ଭୁବନେଶ୍ୱର,୨୨।୬(ବ୍ୟୁରୋ) - ଇନ୍‌ଫୋସିଟି ଥାନା ଅନ୍ତର୍ଗତ ରଘୁନାଥପୁର ବ୍ରିଜ୍ ନିକଟ ମଣି ତିରୁମାଲା ଆପାର୍ଟମେଣ୍ଟର ୯ ମହଲା ବାଲ୍‌କୋନିରୁ ଡେଇଁ ଜଣେ ବ୍ୟକ୍ତି ଆତ୍ମହତ୍ୟା କରିଛନ୍ତି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲକୁ ପଠାଇଦେଇଛି। ମୃତ ଯୁବକ ହେଲେ ଅନ୍ତର୍ଯ୍ୟାମୀ ସାହୁ(୪୮)। ସେ ମାନସିକ ରୋଗରେ ଆକ୍ରାନ୍ତ ହୋଇ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ଗତ ଦୁଇଦିନ ତଳେ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିବାରୁ ଡାକ୍ତର ତାଙ୍କୁ ଡିସ୍‌ଚାର୍ଜ କରି ଘରକୁ ପଠାଇ ଦେଇଥିଲେ। ସେ ତିରୁମାଲା ଆପାର୍ଟମେଣ୍ଟରେ ରହୁଥିବା ଭାଇଙ୍କ ଘରେ ଥିଲେ। ତାଙ୍କୁ ଗାଁକୁ ନେବା ପାଇଁ ପରିବାର ଲୋକେ ପ୍ରସ୍ତୁତ ହେଉଥିଲେ। ହେଲେ ସନ୍ଧ୍ୟାରେ ସେ ୯ ମହଲାରୁ ତଳକୁ ଡେଇଁ ପଡିଥିଲେ। ତାଙ୍କର ମୁଣ୍ଡ, ଛାତି ଫାଟିଯିବା ସହ ହାତ ଓ ଗୋଡ଼ ଭାଙ୍ଗି ଯାଇଥିଲା। ଘଟଣା ସ୍ଥଳରେ ହିଁ ପ୍ରାଣବାୟୁ ଉଡ଼ିଯାଇଥିଲା।

ମନ୍ଦିରରୁ ଚୋରି

ଟାଙ୍ଗୀ (ଖୋର୍ଦ୍ଧା), ୨୨।୬ (ଡି.ଏନ.ଏ.)- ଟାଙ୍ଗୀର ପ୍ରସିଦ୍ଧ ଠାକୁର ଶ୍ରୀ ଶ୍ରୀ ବଳରାମଦେବଙ୍କ ମନ୍ଦିରରୁ ଶୁକ୍ରବାର ବିଳମ୍ବିତ ରାତ୍ରିରେ ଚୋରି ହୋଇଛି। କୌଣସି ଦୁର୍ବୃତ୍ତ ମନ୍ଦିରର ତାଲା ଭାଙ୍ଗି ଠାକୁରଙ୍କ ଆଖି,ଅର୍ଦ୍ଧଚନ୍ଦ୍ର, ତ୍ରିଶୂଳ, ଘଣ୍ଟି ଇତ୍ୟାଦି ଚୋରି କରି ନେଇ ଯାଇଥିବା ଥାନାରେ ଅଭିଯୋଗ ହୋଇଛି। ମନ୍ଦିରର ପୂଜକ ସକାଳୁ ଆସି ମନ୍ଦିରରେ ତାଲା ଭଙ୍ଗା ଯାଇଥିବା ଓ ଚୋରି ହୋଇଥିବା ଦେଖିବାକୁ ପାଇଲେ। ଏ ନେଇ ଟାଙ୍ଗୀ ଥାନାରେ ଅଭିଯୋଗ କରିବା ପରେ ଥାନା ଅଧିକାରୀ ସରୋଜ କୁମାର ଉପାଧ୍ୟାୟ ଘଟଣାସ୍ଥଳକୁ ଯାଇ ତଦନ୍ତ ଚଳାଇଥିବା ଜଣାପଡିଛି।

ଯୁକ୍ତ ୨ ପରୀକ୍ଷା ଫଳ: ଟାଙ୍ଗୀରେ ସନ୍ତୋଷଜନକ

ଟାଙ୍ଗୀ (ଖୋର୍ଦ୍ଧା), ୨୨।୬ (ଡି.ଏନ.ଏ.)- ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ ୨ ପରୀକ୍ଷା ଫଳ ଶୁକ୍ରବାର ପ୍ରକାଶ ପାଇଛି। ଏଥିରେ ସ୍ଥାନୀୟ ଟାଙ୍ଗୀ ଦୁର୍ଗାଚରଣ ଚିଲିକା ଜୁନିୟର କଲେଜର ଫଳ ସନ୍ତୋଷଜନକ ହୋଇଛି। ୨୨୦ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୯ଜଣ, ଦ୍ୱିତୀୟ ଶ୍ରେଣୀରେ ୨୦, ତୃତୀୟ ଶ୍ରେଣୀରେ ୧୩୪ ଜଣ ପାସ କରିବା ଦ୍ୱାରା କେଲେଜର ୭୪ ପ୍ରତିଶତ ଫଳ ହୋଇଥିବା ଜଣାପଡିଛି। ସେହିପରି କୁହୁଡି ଜନତା ଜୁନିୟର କଲେଜର ୨୪୨ ଜଣଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୨୩, ଦ୍ୱିତୀୟ ଶ୍ରେଣୀରେ ୨୦, ତୃତୀୟ ଶ୍ରେଣୀରେ ୧୩୦ ଜଣ ପାସ କରିଥିବାରୁ କଲେଜର ୭୧ ପ୍ରତିଶତ ଫଳ ହୋଇଛି।

■ କୋଚିଆଖାଲରେ ପ୍ରଧାନମନ୍ତ୍ରୀ ଆବାସରେ ଚଞ୍ଚକତା ଘଟଣା

ଦୁର୍ନୀତି ଲୁଚାଇବାକୁ ପ୍ରଶାସନର ଚେଷ୍ଟା

ଖୋର୍ଦ୍ଧା ଅଫିସ,୨୨।୬

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଦେଉଳି ପଞ୍ଚାୟତ କୋଚିଆଖାଲ (କୁରୁମ) ଗାଁରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଚଞ୍ଚକତା ଘଟଣାର ଗୁମର ଧୀରେ ଧୀରେ ଖୋଲୁଛି। ଅନ୍ୟ ଲୋକଙ୍କ ଘର ଦେଖାଇ ବିଲ୍ ପାସ୍ ଘଟଣା ସମ୍ପର୍କରେ ଶୁକ୍ରବାର 'ଧରିତ୍ରୀ' ଶିରୋନାମାରେ ଖବର ପ୍ରକାଶ ପାଇବା ପରେ ଦୁର୍ନୀତି ଲୁଚାଇବାକୁ ପ୍ରଶାସନ ଚେଷ୍ଟା ଚଳାଇଛି। ଅନ୍ୟପକ୍ଷେ ଏ ସମ୍ପର୍କରେ ଅଭିଯୋଗ ହେବା ପରେ ଖୋର୍ଦ୍ଧା ପିଡି ଡିଆରଡିଏ ସରୋଜ ମିଶ୍ର ଏହାର ତଦନ୍ତ ପାଇଁ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଅଭିଯୋଗକୁ ତଦନ୍ତ ରିପୋର୍ଟରେ ମିଥ୍ୟା ପ୍ରମାଣିତ କରିବାକୁ ପ୍ରଶାସନିକ ଅଧିକାରୀମାନେ ଲାଗି ପଡିଥିବା ଅଭିଯୋଗ ହୋଇଛି। ତଦନ୍ତ ବଦଳିରେ କାର୍ଯ୍ୟାଦେଶ ପାଇଥିବା ବ୍ୟକ୍ତି ବର୍ଷାରେ ଘର କାମ ତରବରିଆ ଭାବେ ଆରମ୍ଭ କରିଛନ୍ତି।

କୋଚିଆଖାଲର ସଦାଶିବ ବେହେରାଙ୍କ ଅଭିଯୋଗ ଅନୁଯାୟୀ, ମୋର ଏକ ଘର ନିଜସ୍ୱ ଅର୍ଥରେ ଛାତ ପତନ ପର୍ଯ୍ୟନ୍ତ ହୋଇଛି। ତେବେ ମୋ ଘରର ଫଟୋକୁ ସ୍ଥାନୀୟ ଜିଆରଏସ୍ ଉଠାଉଥିବା ଦେଖି ପ୍ରତିବାଦ କରିଥିଲି। ମୋ ପ୍ରତିବାଦ ଦେଖି ମୋତେ ୧୦ ହଜାର ଟଙ୍କା ଲାଞ୍ଚ ଯଚାଗଲା। ଏପରିକି ମୋ ନାଁରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ନିର୍ମାଣ କାର୍ଯ୍ୟାଦେଶ ଆସିଛି ବୋଲି କୁହାଗଲା। ଏସବୁ ପ୍ରଲୋଭନରେ ନ ପଡି ଅନିୟମିତତାର ଗୁମରକୁ ଖୋଜିଲି। ଏଭଳିସ୍ଥଳେ ମୋ ଘରର ଫଟୋଚିତ୍ର ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଜଣେ ହିତାଧିକାରୀଙ୍କ ଫାଇଲରେ ଦେଖି ଚକିତ ହୋଇପଡିଥିଲି। ଘଟଣାର ଯାଞ୍ଚ କରୁ କରୁ ମୋ ଗାଁର ଜଣେ ବ୍ୟକ୍ତି ଏହି ଅନିୟମିତତା କରିଥିବା ଜାଣିବାକୁ ପାଇଥିଲି। ମୋ ଘରକୁ ଦେଖାଇ ବ୍ୟକ୍ତି ଜଣକ ପ୍ରଥମ କିସ୍ତିରେ ୨୦ ହଜାର, ୨ୟ କିସ୍ତିରେ ୩୦ ହଜାର ଓ ତୃତୀୟ କିସ୍ତିରେ ୪୦ ହଜାର ଏପରି ମୋଟରେ ୯୦ ହଜାର ଟଙ୍କା ନେଇ ସାରିଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୧ ଲକ୍ଷ ୨୦ ହଜାର ଟଙ୍କା ଅନୁଦାନ ମିଳୁଛି। ଅନିୟମିତତା ମୁଁ ନ ଧରିଥିଲେ ଫାଇନାଲ ବିଲ୍ ହୋଇ ସାରନ୍ତାଣି। ତେବେ ଅନୟମିତତା ଜାଣିବା ପରେ ପ୍ରଥମେ ବେଗୁନିଆ ବିଡିଓଙ୍କୁ ଅବଗତ କରାଇଥିଲି। ହେଲେ ବିଡିଓ ଅଭିଯୋଗ ଶୁଣି ତଦନ୍ତ ନ କରାଇ ମୋ ଉପରେ ବିରକ୍ତ ହୋଇଥିଲେ। ମୁଁ ପରେ ଗତ ୭ ତାରିଖରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଅନିୟମିତତା ସମ୍ପର୍କରେ ଖୋର୍ଦ୍ଧା ଜିଲାପାଳ, ପିଡି ଡିଆରଡିଏ, ପଞ୍ଚାୟତିରାଜ ସଚିବ, ପଞ୍ଚାୟତିରାଜ ମନ୍ତ୍ରୀଙ୍କୁ ଅବଗତ କରାଇଲି। ୧୮ ତାରିଖରେ ଏହାର ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ତେବେ ଅନିୟମିତତାର ତଦନ୍ତ କରାଯାଉନି। ବରଂ ଦୋଷ ଲୁଚାଇବାକୁ ଉଦ୍ୟମ ଚାଲିଛି। ତଦନ୍ତ ପୂର୍ବରୁ ଟଙ୍କା ନେଇଥିବା ବ୍ୟକ୍ତିଙ୍କୁ ତରବରିଆ ଭାବେ ଘର ନିର୍ମାଣ କରିବାକୁ ବିଡିଓ ଆସି କହି ଯାଇଥିଲେ। ଏ ନେଇ ଜିଆରଏସ୍ ସାଗର ପାହାଡ ସିଂଙ୍କ ଫୋନ ନଂ. ୮୨୧୭ ୨୬୨୪୧୩ କୁ ଏକାଧିକବାର ଫୋନ କରାଯାଇଥିଲେ ମଧ୍ୟ କିଛି ସୂଚନା ମିଳି ନ ଥିଲା। ଏ ସଂକ୍ରାନ୍ତରେ ବେଗୁନିଆ ବିଡିଓ ରବିନାରାୟଣ ମାଝିଙ୍କୁ ପଚାରିବାରେ କୋଚିଆଖାଲରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଦୁର୍ନୀତି ହୋଇନାହିଁ। ତେବେ ଘର ନ ଥାଇ ୩ଟି କିସ୍ତିରେ ୯୦ ହଜାର ଟଙ୍କା ଉଠାଣ ହେବା ସମ୍ପର୍କରେ କହିବା ପରେ ଘର ହୋଇଛି, ସେ ନିଜେ ଯାଇ ତଦନ୍ତ କରିଛନ୍ତି ବୋଲି କହିଥିଲେ। ତେବେ ଦୁର୍ନୀତିକୁ ଚାପିବାକୁ ଯେଉଁ ତରବରିଆ ଘର ନିର୍ମାଣ ଚାଲିଛି ସେହି ଘର ପାଇଁ ୯୦ ହଜାର ଟଙ୍କା ମଞ୍ଜୁର କରାଇବା ନେଇ ପଚାରିବାରୁ ଠିକ୍ ଉତ୍ତର ଦେଇ ନ ପାରି ଫୋନ କାଟି ଦେଇଥିଲେ। ପିଡି ଡିଆରଡିଏ ସରୋଜ ମିଶ୍ରଙ୍କୁ ପଚାରିବାରୁ କୋଚିଆଖାଲ ପ୍ରଧାନମନ୍ତ୍ରୀ ଆଭାସ ଯୋଜନା ଦୁର୍ନୀତି ଅଭିଯୋଗ ମିଳିଛି। ଏହାର ତଦନ୍ତ ଚାଲିଛି। ତଦନ୍ତ ରିପୋର୍ଟ ପାଇବା ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

ତଦନ୍ତ ବଦଳରେ ତରବରିଆ ଘର ନିର୍ମାଣକୁ ସୁଯୋଗ



ତିନି କିସ୍ତି ଟଙ୍କା ନେବା ପରେ ଜଣେ ବ୍ୟକ୍ତି ପ୍ରଧାନମନ୍ତ୍ରୀ ଆବାସ ନିର୍ମାଣ ଆରମ୍ଭ କରିଛନ୍ତି ।

■ ଓଭରବ୍ରିଜ୍ ଉପରେ ଦୁର୍ଘଟଣା ରୋକିବାକୁ ତତ୍ପରତା

ରାଜଧାନୀରେ ୧୨, କଟକରେ ୪ ବ୍ଲାକ୍ ସ୍ପଟ୍ ଚିହ୍ନଟ

ଭୁବନେଶ୍ୱର, ୨୨।୬(ବ୍ୟୁରୋ)

କଟକ, ଭୁବନେଶ୍ୱର ଦେଇ ଯାଇଥିବା ଜାତୀୟ ରାଜପଥ ଓଭରବ୍ରିଜ୍‌ରେ ବାରମ୍ବାରରେ ଦୁର୍ଘଟଣା ଘଟୁଛି। କିଛିଦିନ ଧରି ବହୁ ଜୀବନ ଯିବା ପରେ କମିଶନରେଟ ପୋଲିସ ଓ ପ୍ରଶାସନର ଚେତା ପଶିଛି। ଓଭରବ୍ରିଜ ଉପରେ ଦୁର୍ଘଟଣା ରୋକିବାକୁ ତତ୍ପର ପ୍ରକାଶ ପାଇଛି। ଖଣ୍ଡଗିରିରୁ ରସୁଲଗଡ ପର୍ଯ୍ୟନ୍ତ ଓଭରବ୍ରିଜ୍‌ରେ ବିନା ହେଲ୍‌ମେଟ୍‌ରେ ବାଇକ୍‌ରେ ଯିବାକୁ ବାରଣ କରାଯାଇଛି। ଯାଞ୍ଚ ସହ ପଦକ୍ଷେପ ନିଆଯାଉଛି। ବ୍ଲାକ୍ ସ୍ପଟ୍ ଚିହ୍ନଟ କରିବା ସହ ସେଠାରେ କିଭଳି ଦୁର୍ଘଟଣାକୁ ଏଡାଇ ହେବ ତାହା ଉପରେ ଗୁରୁତ୍ୱ ଦିଆଯାଉଛି। ଶନିବାର କମିଶନରେଟ ପୋଲିସ ମୁଖ୍ୟାଳୟରେ କମିଶନର ସତ୍ୟଜିତ୍ ମହାନ୍ତି ଅଧ୍ୟକ୍ଷତାରେ ବୈଠକ ବସିଥିଲା। ଏଥିରେ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ (ଏନ୍‌ଏଚ୍‌ଏଆଇ) ଅଧିକାରୀ ଦେବପ୍ରସାଦ ସାହୁ, ଭୁବନେଶ୍ୱର ଆରଟିଓ-୧ ପ୍ରଦୀପ କୁମାର ମହାନ୍ତି, ଆରଟିଓ-୨ ସଞ୍ଜୟ ବେହେରା, କଟକ ଆର୍‌ଟିଓ ଦିପ୍ତିରଞ୍ଜନ ପାତ୍ର ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। କଟକ-ଭୁବନେଶ୍ୱରରେ ୧୬ ବ୍ଲାକ୍ ସ୍ପଟ୍ ଚିହ୍ନଟ କରାଯାଇଛି। ରାଜଧାନୀର ପିତାପଲ୍ଲୀରୁ ନଖରା ପର୍ଯ୍ୟନ୍ତ ୧୨ଟି ଓ କଟକରେ ୪ଟି ବ୍ଲାକ୍ ସ୍ପଟ୍ ରହିଥିବା ସୂଚନା ଦିଆଯାଇଛି। ଏସବୁ ବ୍ଲାକ୍ ସ୍ପଟ୍‌ରେ ରୋଡ୍ ଇଞ୍ଜିନିୟରିଂ ସମସ୍ୟା ଥିବା ଜଣାପଡିଛି। ସେସବୁ ସ୍ଥାନରେ ଏନ୍‌ଏଚ୍‌ଏଆଇ ପକ୍ଷରୁ ବ୍ଲାକ୍ ସ୍ପଟ୍ ସଂକ୍ରାନ୍ତରେ ସୂଚନା ଫଳକ ଲଗାଇବ। ସେଠାରେ ନିୟମିତ ଭାବେ ଇଣ୍ଟରସେପ୍ଟର ଭ୍ୟାନ୍ ରହିବା ସହ ଅଟୋମେଟିକ ସ୍ପିଡର ରିଡ୍‌ସ ଲଗାଯାଇ ଦ୍ରୁତଗତି ଉପରେ ଲଗାମ ଲଗାଯିବ। ରାଜଧାନୀରେ ଚିହ୍ନଟ ବ୍ଲାକ୍ ସ୍ପଟ୍ ସ୍ଥାନରେ ରିପୋର୍ଟ କମିଶନରେଟ ପୋଲିସ ଏନ୍‌ଏଚଏଆଇକୁ ଦେବ। ଏନ୍‌ଏଚ୍‌ଏଆଇ ପକ୍ଷରୁ ସେଠାରେ ଥିବା ଇଞ୍ଜିନିୟରିଂ ତ୍ରୁଟିକୁ ସୁଧାରିବାକୁ ଚେଷ୍ଟା କରିବେ। ଜାତୀୟ ରାଜପଥକୁ ସିଧାସଳଖ ସଂଯୋଗ କରୁଥିବା ରାସ୍ତାରେ କୌଣସି ହମ୍ପ୍‌ସ କିମ୍ବା ଦ୍ରୁତଗତି ରୋକିବାକୁ ବ୍ୟବସ୍ଥା ନାହିଁ। ତେଣୁ ରାସ୍ତା ସଂଯୋଗ ସ୍ଥଳରେ କିପରି ଗାଡ଼ିର ଦ୍ରୁତଗତି ଓ ଦୁର୍ଘଟଣାକୁ ରୋକିହେବ ସେନେଇ ଆଲୋଚନା ହୋଇଥିଲା। ସେହିଭଳି କମିଶନରେଟ ପୋଲିସ ପକ୍ଷରୁ ହେଲମେଟ୍ ଓ ଅନ୍ୟ ଯାଞ୍ଚ କଡାକଡି କରାଯିବ। ଯେଉଁମାନେ ମଦ ପିଉଛନ୍ତି। ଡ୍ରାଇଭରଙ୍କ ଉପରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଆବଶ୍ୟକ ପଡ଼ିଲେ ଆର୍‌ଟିଓ ସେମାନଙ୍କ ଡ୍ରାଇଭିଂ ଲାଇସେନ୍ସକୁ ରଦ୍ଦ କରିବ। ଏହାସହ ବ୍ଲାକ ସ୍ପଟ ଚିହ୍ନଟ ସ୍ଥାନରେ ସିସିଟିଭି ଲଗାଇବା ପାଇଁ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା। ଆଜୁ ପୁଣି ବୈଠକ ବସି ସମସ୍ୟା ସମାଧାନର ଅନ୍ୟ କୌଣସି ବାଟ ବାହାର କରାଯିବାକୁ ନିଷ୍ପତ୍ତି ହୋଇଥିବା ପୋଲିସ କମିଶନ ମହାନ୍ତି କହିଛନ୍ତି।

ଏନ୍‌ଏଚ୍‌ଏଆଇ, ଆର୍‌ଟିଓ ଅଧିକାରୀଙ୍କ ସହ ପୋଲିସ କମିଶନରଙ୍କ ବୈଠକ

■ ଧୂପକାଠି ମେଶିନ ଦେଲା ଆଇଟିସି

ସ୍ୱାବଲମ୍ବୀ ହେବେ ମହିଳା

ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବ ଧୂପକାଠି ତିଆରି ମେଶିନ ଦେଖୁଛନ୍ତି ।

ଭୁବନେଶ୍ୱର, ୨୨।୬(ବ୍ୟୁରୋ)

ଓଡ଼ିଶା ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଅଧୀନରେ ଥିବା ଓଡ଼ିଶା ଗ୍ରାମୀଣ ବିକାଶ ଓ ବିପଣନ ସମିତି (ଓର୍‌ମାସ୍) ତରଫରୁ, ଚିଲିକା ବ୍ଲକ ଅନ୍ତର୍ଗତ ବଡ଼କୂଳ ଗାଁରେ ଶୁକ୍ରବାର ଧୂପକାଠି ମେଶିନ ପ୍ରଦାନ କରାଯାଇଛି। ଭାରତୀୟ ବହୁରାଷ୍ଟ୍ରୀୟ କମ୍ପାନୀ ଆଇଟିସି ପକ୍ଷରୁ, ବଡ଼କୂଳର ଭାଗ୍ୟଲକ୍ଷ୍ମୀ ଅଗରବତୀ ଉତ୍ପାଦକ ଗୋଷ୍ଠୀକୁ ୧୦ଟି ଧୂପକାଠି ତିଆରି ମେଶିନ ପ୍ରଦାନ କରାଯାଇଛି। ଏହି ଅବସରରେ ବଡ଼କୂଳ କ୍ଲବ ଘର ନିକଟରେ ଆୟୋଜିତ ସଭାରେ ବିଧାୟକ ପ୍ରଶାନ୍ତ ଜଗଦେବ ମୁଖ୍ୟଅତିଥି ଭାବେ ଯୋଗଦେଇ ଓର୍‌ମାସ୍ ଏବଂ କମ୍ପାନୀର ଏହି ଉଦ୍ୟମକୁ ପ୍ରଶଂସା କରିଥିଲେ। ଏହା ଦ୍ୱାରା ମହିଳାମାନେ ସ୍ୱାବଲମ୍ବୀ ହେବେ ବୋଲି ସେ କହିଛନ୍ତି। ସଭାରେ ଅନ୍ୟମାନଙ୍କ ମଧ୍ୟରେ ଓର୍‌ମାସ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ମୃତିରଞ୍ଜନ ପ୍ରଧାନ, ଓରମାସ୍‌ର ଡେପୁଟି ଡାଇରେକ୍ଟର ମାର୍କେଟିଂ ସୁଜୟ କର ଏବଂ ଆଇଟିସି ଅଧିକାରୀ ଉପସ୍ଥିତ ଥିଲେ। ଓର୍‌ମାସ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଏହି ଅଭିଯାନ ଗ୍ରାମୀଣ ମହିଳାମାନଙ୍କ ଆର୍ଥିକ ସ୍ଥିତିରେ କିଭଳି ଉନ୍ନତି ଆଣି ପାରିବ ସେ ଦିଗରେ ଆଲୋକପାତ କରିଥିଲେ।

ସିଡିଏମ୍‌ଓଙ୍କ ଡ୍ରାଇଭରଙ୍କୁ ଆକ୍ରମଣ ଘଟଣାରେ ଜଣେ ଗିରଫ

ଖୋର୍ଦ୍ଧା ଅଫିସ,୨୨।୬

ସିଡିଏମ୍‌ଓଙ୍କ ଡ୍ରାଇଭର ସତ୍ୟବାଦୀ ସେଠୀଙ୍କୁ ଆକ୍ରମଣ ଘଟଣାରେ ଖୋର୍ଦ୍ଧା ଆଦର୍ଶ ଥାନା ପୋଲିସ ଖୋର୍ଦ୍ଧାର ରାଜୀବ ଲୋଚନ ଷଡଙ୍ଗୀଙ୍କୁ ଗିରଫ କରିଛି। ଥାନାରେ ଅଭିଯୋଗ ହେବା ପରେ ପୋଲିସ ଦଫା ୩୪୧, ୨୯୪, ୩୨୩, ୫୦୬, ୩ ଏସିଏସଟି ଆକ୍ଟରେ ନଂ. ୧୭୬/୧୯ରେ ମାମଲା ରୁଜୁ କରି ତଦନ୍ତ କରୁଥିଲା। ସିଡିଏମ୍‌ଓଙ୍କ ଅଫିସ ସମ୍ମୁଖରେ ସରକାରୀ ଜମି ଜବରଦଖଲ ଅଭିଯୋଗ ରାଜୀବଙ୍କ ନାଁରେ ଥିଲା। ଏ ନେଇ ସିଡିଏମ୍‌ଓ ତହସିଲଦାରଙ୍କୁ ଅଭିଯୋଗ କରିଥିଲେ। ଜବରଦଖଲ ଜମିରେ ଘର ନିର୍ମାଣ ଚାଲିଥିବାବେଳେ ଶନିବାର ସିଡିଏମ୍‌ଓ ବିରୋଧ କରିଥିଲେ। ସିଡିଏମ୍‌ଓଙ୍କ ଡ୍ରାଇଭର ବୁଝାଶୁଝା କରିବା ପରେ ରାଜୀବ ତାଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ତେବେ ରାଜୀବ ଅଭିଯୋଗକୁ ଖଣ୍ଡନ କରି କହିଛନ୍ତି ଜାତିଆଣ ଆକ୍ଷେପର ଦଫା ଲଗାଇ ସ୍ୱାସ୍ଥ୍ୟ ବିଭାଗ ରାଗ ସୁଝାଇଛି। ଥାନାରେ ହୋଇଥିବା ଅଭିଯୋଗ ଉପରେ ସତ୍ୟତା ନାହିଁ ବୋଲି ସେ କହିଥିଲେ।

ରେଲ୍‌ୱେ ପୋଖରୀରେ ମାଛଚାଷ ପ୍ରସ୍ତାବ

ଟାଙ୍ଗୀ(ଖୋର୍ଦ୍ଧା),୨୨।୬(ଡି.ଏନ୍.ଏ.)

ପୂର୍ବତଟ ରେଳପଥ କାଲୁପଡ଼ାଘାଟ ଷ୍ଟେଶନସ୍ଥିତ ୫ ବୃହତ, ଗଭୀର ପୋଖରୀରେ ମାଛଚାଷ ପାଇଁ ଟାଙ୍ଗୀ ବ୍ଲକ ସାମ୍ବାଦିକ ସଂଘ ତରଫରୁ ରେଳ କର୍ତ୍ତୃପକ୍ଷଙ୍କୁ ଲିଖିତ ପ୍ରସ୍ତାବ ଦିଆଯାଇଛି। ସୂଚନାଯୋଗ୍ୟ, ବେଙ୍ଗଲ-ନାଗପୁର ରେଳପଥ ଅଧୀନ ଏହି ଷ୍ଟେଶନ ନିକଟରେ ପୋଖରୀ ଖନନ କରାଯାଇ ଅତୀତରେ ରେଳଗାଡ଼ିଗୁଡ଼ିକୁ ପାଣି ଯୋଗାଇ ଦିଆଯାଉଥିଲା। ଦୀର୍ଘ ବର୍ଷ ପର୍ଯ୍ୟନ୍ତ ରେଳଗାଡ଼ିଗୁଡ଼ିକୁ ଏଠାରୁ ପାଣି ଯୋଗାଇ ଦିଆଯାଉଥିଲେ ସୁଦ୍ଧା ସମ୍ପ୍ରତି ଅତ୍ୟାଧୁନିକ ବୈଷୟିକ ଜ୍ଞାନକୌଶଳର ପ୍ରୟୋଗ ଯୋଗୁ ପୂର୍ବଭଳି ଆଉ ପାଣି ବ୍ୟବହାର କରାଗଲା ନାହିଁ। ତେଣୁ ପୋଖରୀଗୁଡ଼ିକ ବର୍ତ୍ତମାନ କେବଳ ଏକ ବୃହତ ଜମି ଅଧିକାର କରିଥିବା ଖାଲୁଆ ତଥା ପ୍ରଦୂଷିତ ଅଞ୍ଚଳରେ ପରିଣତ ହେବାର ଆଶଙ୍କା ପ୍ରକାଶ ପାଇଛି । ଏଗୁଡ଼ିକୁ ପୁନରୁଦ୍ଧାର କରି ମାଛଚାଷ ଉପଯୋଗୀ ଜଳାଶୟରେ ପରିଣତ କରିବା ପାଇଁ ସଂଘ ପକ୍ଷରୁ ପୂର୍ବତଟ ରେଳ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ରେଳବାଇ କର୍ତ୍ତୃପକ୍ଷ ନିଜସ୍ୱ ଅର୍ଥରେ ପଙ୍କୋଦ୍ଧାର କରି ଟେଣ୍ଡର ମାଧ୍ୟମରେ ନିଲାମ ଦ୍ୱାରା ମାଛ ଚାଷ ପାଇଁ ଲିଜ୍ ଦେବା ପାଇଁ ସଂଘ ପ୍ରସ୍ତାବ ଦେଇଛି। ନଚେତ ନିଲାମଧାରୀଙ୍କୁ ଦୀର୍ଘବର୍ଷ ପର୍ଯ୍ୟନ୍ତ ଲିଜ୍ ଦେଲେ ଲିଜ୍‌ଧାରୀ ନିଜସ୍ୱ ଖର୍ଚ୍ଚରେ ପୋଖରୀ ଖନନ କରି ମାଛଚାଷ କରିପାରନ୍ତି । ଏଥିରୁ ଆଦାୟ ରାଜସ୍ୱ ଷ୍ଟେଶନର ବିକାଶମୂଳକ କାର୍ଯ୍ୟରେ ବିନିଯୋଗ ହୋଇପାରିଥାନ୍ତା ବୋଲି ସଂଘ ଦର୍ଶାଇଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଅନୁକୂଳ, ସକାରାତ୍ମକ ପଦକ୍ଷେପ ଗ୍ରହଣ କରିବା ନେଇ ସଂଘ ଆଶା ପ୍ରକଟ କରିଛି।

ପୋତି ହୋଇପଡ଼ିଥିବା ପୋଖରୀ।

ବଡ଼ପାରିରେ ପାନୀୟ ଜଳ କାର୍ଯ୍ୟ ଆରମ୍ଭ

ଟାଙ୍ଗୀ (ଖୋର୍ଦ୍ଧା), ୨୨।୬ (ଡି.ଏନ.ଏ.)

ରାଜ୍ୟ ସରକାରଙ୍କ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ସଂସ୍ଥାର ଉଚ୍ଚ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶକ୍ରମେ ଟାଙ୍ଗୀ ବ୍ଲକ୍ ଅନ୍ତର୍ଗତ ବଡପାରିରେ ପାନୀୟ ଜଳଯୋଗାଣର ପ୍ରାରମ୍ଭିକ କାର୍ଯ୍ୟ ଆରମ୍ଭ ହୋଇଛି। ବଡପାରି ସିଭିଲ ସୋସାଇଟିର କର୍ମକର୍ତ୍ତାମାନେ ଏହି ପଦସ୍ଥ ଅଧିକାରୀଙ୍କୁ ସାକ୍ଷାତ କରିବା ପରେ ସଂସ୍ଥାର ନିର୍ବାହୀଯନ୍ତ୍ରୀ ବଡପାରି ଗ୍ରାମ ପରିଦର୍ଶନ କରିଥିଲେ । ଭିତ୍ତିଭୂମି ଦେଖିବା ପରେ ଜଳଉତ୍ସ ଥିବା ବାଲିଆଚତରା ନିକଟରେ ୨ଟି ବୋରିଂ ପଏଣ୍ଟ ଖନନ କରାଯାଇଛି । ଗୋଟିଏ ୫୦୦ ଫୁଟ ଓ ଅନ୍ୟଟି ୫୨୦ ଫୁଟ ଗଭୀର ହୋଇଥିବା ବେଳେ ଏଥିରୁ ଭଲପାଣି ବାହାରୁଥିବାରୁ ସେଠାରେ ଉପସ୍ଥିତ ଥିବା କନିଷ୍ଠଯନ୍ତ୍ରୀ ଓ ସିଭିଲ ସୋସାଇଟିର ସଭ୍ୟମାନେ ସନ୍ତୋଷ ପ୍ରକାଶ କରିଥିଲେ । ଏହାପରେ ପାଇପ ବିଛା କାମ ଆରମ୍ଭ ହୋଇ ମା ଭଗବତୀ ମନ୍ଦିର ପରିସରରେ ଏକ ଓଭରହେଡ ପାଣି ଟାଙ୍କି କରାଯାଇ ଗ୍ରାମର ସମସ୍ତ ବାସିନ୍ଦାଙ୍କୁ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ହେବ ବୋଲି ଜଣାପଡିଛି ।

ଚାନ୍ଦା ଆଦାୟ ବାହାନାରେ ଚୋରି, ୪ ଗିରଫ

କଟକ ରୋଡ,୨୨।୬(ଡି.ଏନ୍.ଏ.)

ବିଭିନ୍ନ ଦେବଦେବୀଙ୍କ ନାଁରେ ଚାନ୍ଦା ଆଦାୟ ବାହାନାରେ ରାଜଧାନୀରେ ସକ୍ରିୟ ହୋଇଛନ୍ତି ଚୋରି ଗ୍ୟାଙ୍ଗ। ଅନ୍ୟମନସ୍କତା ସୁଯୋଗରେ ଦୋକାନରୁ ଚୋରି କରି ଚମ୍ପଟ ମାରୁଛନ୍ତି। ଏଭଳି ଏକ ଗ୍ୟାଙ୍ଗର ୪ସଦସ୍ୟଙ୍କୁ ଲକ୍ଷ୍ମୀସାଗର ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ନୟାଗଡ ଜିଲା ଫତେଗଡ଼ ଥାନା ନିମାଇଁ ଗ୍ରାମର ଚିତ୍ତ ନାୟକ, ନୟାଗଡ ଥାନା ନୂଆଗାଁ ଅଞ୍ଚଳର ରାକେଶ ନାୟକ, ପୁରୀ ଜିଲା ସତ୍ୟବାଦୀରେ ରହୁଥିବା ବବଲୁ ନାୟକ ଓ ଖୋର୍ଦ୍ଧା ସଦର ଥାନା ଅଧୀନ ଅରଖପଲ୍ଲୀର ସଞ୍ଜୟ ନାୟକ। ଏମାନଙ୍କଠାରୁ ଚାନ୍ଦା ଆଦାୟ ରସିଦ ବହି ସହ ୫୦୦ଟଙ୍କା ଜବତ ହୋଇଛି। ପୋଲିସ ସୂଚନା ଅନୁଯାୟୀ, ଲକ୍ଷ୍ମୀସାଗର ଥାନା କଟକ ରୋଡରେ ଥିବା ଏକ କାର ଆସେସୋରିଜ ଦୋକାନରେ ସଦାନନ୍ଦ ନାୟକ ପରିଚାଳକ ଭାବେ କାମ କରନ୍ତି। ଗତ ମେ' ୨୦ତାରିଖରେ ଅଭିଯୁକ୍ତମାନେ ସନ୍ଧ୍ୟା ୫ଟାରେ ଏକ ମନ୍ଦିର ପ୍ରତିଷ୍ଠା ପାଇଁ ଉକ୍ତ ଦୋକାନକୁ ଆସିଥିଲେ। ସେଥିମଧ୍ୟରୁ ୨ଯୁବକ ସଦାନନ୍ଦଙ୍କୁ ଆଡୁଆଳ କରିଦେବା ପରେ ଅନ୍ୟମାନେ ଦୋକାନ ଟଙ୍କା ବାକ୍ସରୁ ୮ହଜାର ଟଙ୍କା ନେଇ ପଳାଇଥିଲେ। ରାତିରେ ଟଙ୍କା ଗଣତି ସମୟରେ ଉକ୍ତ ଚୋରି ଟଙ୍କାର ହିସାବ ମିଳି ନ ଥିଲା। କର୍ମଚାରୀଙ୍କ ପକ୍ଷରୁ ଦୋକାନରେ ଲଗାଯାଇଥିବା ସିସି ଟିଭି କ୍ୟାମେରା ଯାଞ୍ଚ ପରେ ଯୁବକମାନଙ୍କ ଚୋରିର ଦୃଶ୍ୟ କଏଦ ହୋଇଥିଲା। ଏ ନେଇ ଗତ ୩ ତାରିଖରେ ସଦାନନ୍ଦ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା(ନଂ.୧୪୧/୧୯)ରୁଜୁ କରିବା ସହ ସିସି ଟିଭି ଫୁଟେଜ ସଂଗ୍ରହ କରିଥିଲା। ଅଭିଯୁକ୍ତମାନଙ୍କୁ ଗିରଫ କରିବା ପରେ ସେମାନେ ରାଜଧାନୀର କ୍ୟାପିଟାଲ, ଲିଙ୍ଗରାଜ ଥାନା ଅଞ୍ଚଳରେ ଘଟିଥିବା କେତେକ ଆପରାଧିକ ମାମଲାରେ ସମ୍ପୃକ୍ତି ଥିବା ପୋଲିସ ଜାଣିବାକୁ ପାଇଛି। ଅନ୍ୟପକ୍ଷରେ କଟକ ରୋଡରେ ବହୁ ସଂଖ୍ୟକ ବ୍ୟବସାୟ ପ୍ରତିଷ୍ଠାନ ରହିଛି। ତେଣୁ ଚାନ୍ଦା ଆଦାୟ ବାହାନାରେ ପ୍ରାୟତଃ ଖରାବେଳେ ଦୋକାନରୁ ଚୋରି କରନ୍ତି ବୋଲି ଥାନା ଅଧିକାରୀ ଦୟାନିଧି ନାୟକ କହିଛନ୍ତି।

୫୦୦ଟଙ୍କା ଓ ରସିଦ୍ ବହି ଜବତ



ଜବତ ହୋଇଥିବା ଟଙ୍କା ଓ ରସିଦ ବହି ।

■ ବେଗୁନିଆ ବ୍ଲକରେ ଆରୋଗ୍ୟ କେନ୍ଦ୍ର

ଉଦ୍‌ଘାଟନ ପରେ ମିଳୁନି ଉନ୍ନତମାନର ସେବା

ବେଗୁନିଆ,୨୨।୬ (ଡି.ଏନ.ଏ.)

ରୋଗୀମାନଙ୍କ ହିତ ପାଇଁ ଜାତୀୟ ସ୍ୱାସ୍ଥ୍ୟ ମିଶନ ପକ୍ଷରୁ ଜାନୁୟାରୀରେ ୨୪ ଘଣ୍ଟିଆ ଉନ୍ନତ ସ୍ୱାସ୍ଥ୍ୟସେବା ପାଇଁ ୫ଟି ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ବେଗୁନିଆ ବ୍ଲକ ଅଞ୍ଚଳରେ ଉଦ୍‌ଘାଟନ କରାଯାଇଥିଲା। ଏହାର ଆଭିମୁଖ୍ୟ ହେଲା ରୋଗୀ ଆଉ ଦୂରଦୂରାନ୍ତକୁ ଯିବେ ନାହିଁ କି ରାସ୍ତା ଘାଟରେ ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖୀନ ହେବେନି। ତେବେ ଏହି ଉନ୍ନତ ସେବା ବେଗୁନିଆ ବ୍ଲକରେ ଫେଲ ମାରିଛି। ଉଦ୍‌ଘାଟନ ପରେ ସବୁଠି ଅବ୍ୟବସ୍ଥା ଦେଖାଦେଇଛି। ଉଦ୍‌ଘାଟନକୁ ୬ ମାସ ବିତିଯାଇଥିଲେ ମଧ୍ୟ କୌଣସି ସ୍ଥାନରେ ଏଯାଏ ନୂତନ ଫଳକ ଲାଗିଲା ନାହିଁ କି ଆବଶ୍ୟକ ସରଞ୍ଜାମ ଯୋଗାଇ ଦିଆଯାଇନାହିଁ। ତେବେ ସରକାରଙ୍କର ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପ୍ରହସନ ବୋଲି ଏଠି ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ଗାଁ ଗହଳିରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପିଏଚସି (ନିୟୁ) ଗୁଡିକରେ ବିଗତ ଦିନ ହେଲା ରୋଗୀଙ୍କୁ ମିଳୁ ନ ଥିଲା ଉନ୍ନତମାନର ସ୍ୱାସ୍ଥ୍ୟସେବା। କେଉଁଠି ଡାକ୍ତର ପଦବୀ ଖାଲି ପଡିଥାଏ ତ ଆଉ କେଉଁଠାରେ ଡାକ୍ତର ଥାଇ ମଧ୍ୟ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିୟମିତ ଆସୁ ନ ଥିଲେ। ଫଳରେ ରୋଗୀ ସେବା ଭୁଶୁଡି ପଡିଥିଲା। ଏହାର ସ୍ଥାୟୀ ସମାଧାନ ପାଇଁ ସରକାରଙ୍କ ପକ୍ଷରୁ ସ୍ୱାସ୍ଥ୍ୟ ମିଶନ ଆନୁକୂଲ୍ୟରେ ପ୍ରତି ପିଏଚସି (ନିୟୁ)ର ନାମ ପରିବର୍ତ୍ତନ କରାଇ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର କରା ଯାଇଥିଲା। ତେବେ ଏହି ବ୍ଲକ ଅଧୀନରେ ଥିବା ୧୦ଟି ପିଏଚସି (ନିୟୁ) ମଧ୍ୟରୁ ସିକୋ, ପରିଛଳ, ବାଘମାରୀ, ବେଗୁନିଆ ଓ ପୋଡାଡିହ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରକୁ ନୂତନ ଭାବେ ଉଦ୍‌ଘାଟନ କରାଯାଇଥିଲା। ପୂର୍ବତନ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ତନ୍ମୟ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅତିରିକ୍ତ ଜିଲା ପରିବାର କଲ୍ୟାଣ ଅଧିକାରୀ ସୁରେନ୍ଦ୍ର ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ତେବେ ନୂତନ ଭାବେ ଉଦ୍‌ଘାଟନ ହୋଇଥିବା ଏହି କେନ୍ଦ୍ରଗୁଡିକରେ ବିଭାଗୀୟ ନିୟମାନୁସାରେ କର୍ମଚାରୀ ରହଣୀ ଗୃହ, ଷ୍ଟାଫ ନର୍ସ, ଫିଜିଓଥେରାପିଷ୍ଟ, ମାଇନର ସର୍ଜରୀ, ଡେଲିଭରି ରୁମ୍ ଓ ଆବଶ୍ୟକ ସରଞ୍ଜାମର ଦରକାର ପଡୁଥିବା ବେଳେ ଏଯାଏ ତାହା ପୂରଣ କରାଯାଇନାହିଁ। ଏଥିସହ ନୂତନ ଏହି ୫ଟି କେନ୍ଦ୍ରଗୁଡିକର ନାମକରଣ ପରିବର୍ତ୍ତନ କରାଯାଇନାହିଁ। ଏଥିଯୋଗୁ ରୋଗୀମାନେ ପୂର୍ବଭଳି ନାନା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି।

ନୂତନ ଫଳକ କି ଆବଶ୍ୟକ ସରଞ୍ଜାମ ନାହିଁ

ବେଗୁନିଆ ସରକାରୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ନାମ ପରିବର୍ତ୍ତନ ହୋଇ ଆରୋଗ୍ୟ କେନ୍ଦ୍ର ଲେଖାଯାଇନାହିଁ।



"ସତ୍ୟ ଓ ଆଲୋକ ଦୁଇଟି ଯାକ ସମାନ। ଦୁହିଁଙ୍କର ପଥ ଗୋଟିଏ ସରଳରେଖାରେ ହିଁ ଗତି କରେ।
- ଆବ୍ରାହମ ଲିଙ୍କନ

ସଂକ୍ଷେପରେ

ସ୍କୁଲ ଜବରଦଖଲ ଘଟଣା
ବିପନ୍ନଙ୍କୁ ବାତ୍ୟା ଆଶ୍ରୟସ୍ଥଳୀରେ ଛାଡ଼ିଲା ପୋଲିସ

ଗୋପ, ୨୨।୬(ଡି.ଏନ୍.ଏ.): ଫନୀ ପରେ ଏକ ମାସରୁ ଊର୍ଦ୍ଧ୍ୱ ଧରି ସ୍କୁଲ ଘରେ ପରିବାର ସହ ରହିଥିବା ବିପନ୍ନଙ୍କ ପରିବାରକୁ ସ୍ଥାନୀୟ ପୋଲିସ ବହୁ ବୁଝାସୁଝା କରିବା ପରେ ବାତ୍ୟା ଆଶ୍ରୟସ୍ଥଳୀରେ ଛାଡ଼ିଥିବା ଜଣାପଡ଼ିଛି। ବିପନ୍ନ ସ୍କୁଲ ଗୃହ ଛାଡ଼ିବା ପରେ ଶନିବାର ସ୍ୱାଭାବିକ ଭାବରେ ସ୍କୁଲରେ ପାଠପଢ଼ା ହୋଇଥିବା ବ୍ଲକ୍ ଶିକ୍ଷାଧିକାରୀ ବସନ୍ତ କୁମାର ମିଶ୍ର ସୂଚନା ଦେଇଛନ୍ତି।

ସାମୁଦ୍ରିକ ଝଡ଼ ଫନୀ ପରେ ସର୍ବସ୍ୱ ହରାଇଥିବା ଗୋପ ବ୍ଲକ୍ ଅଧୀନ ବେଣୀପୁର ଗ୍ରାମର କୈଳାସ ଦାସ ପରିବାର ସହ ବେଣୀପୁର ସ୍କୁଲରେ ରହିଥିଲେ। ସ୍ୱାଭାବିକ ଅବସ୍ଥା ଫେରିବା ପରେ ସ୍କୁଲରେ ଥିବା ବିପନ୍ନମାନେ ନିଜ ଘରକୁ ପଳାଇ ଯାଇଥିବାବେଳେ କୈଳାସଙ୍କ ଘରଦ୍ୱାର ଭାଙ୍ଗି ଯାଇଥିବାରୁ ସେ ସ୍କୁଲରେ ରହିଥିଲେ। ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ୨୧ ତାରିଖରେ ସ୍କୁଲ ଖୋଲିବା ପରେ ଏହି ବିପନ୍ନଙ୍କୁ ସ୍କୁଲ ଛାଡ଼ିବା ପାଇଁ କୁହାଯାଇଥିଲେ ମଧ ସେ ସ୍କୁଲ ଛାଡ଼ି ନ ଥିଲେ। ଶୁକ୍ରବାର ପାଠପଢ଼ାରେ ଅସୁବିଧା ହେବାରୁ ବ୍ଲକ ଶିକ୍ଷାଧିକାରୀ ମିଶ୍ରଙ୍କ ଅଭିଯୋଗ ଅନୁସାରେ ଗୋପ ପୋଲିସ ଘଟଣାସ୍ଥଳରେ ପହଞ୍ଚି ବିପନ୍ନଙ୍କୁ ବୁଝାସୁଝା କରିଥିଲେ ମଧ ଫଳ କିଛି ମିଳି ନ ଥିଲା। ଶନିବାର ସକାଳୁ ଗୋପ ଥାନାଧିକାରୀ ଦିଲ୍ଲୀପ୍ କୁମାର ସ୍ୱାଇଁ ସ୍କୁଲରେ ପହଞ୍ଚି ବିପନ୍ନ କୈଳାସଙ୍କୁ ବୁଝାସୁଝା କରିବା ସହ ଏହି ଥାନା ଅଧୀନ ଗଳଦରୀ ବାତ୍ୟା ଆଶ୍ରୟସ୍ଥଳୀରେ ଛାଡ଼ିଥିଲେ। ବିପନ୍ନ ସ୍କୁଲ ଛାଡ଼ିବା ପରେ ଛାତ୍ରୀଛାତ୍ରମାନେ ସ୍ୱାଭାବିକ ଭାବେ ପାଠ ପଢୁଥିବା ଜଣାପଡ଼ିଛି। ଏ ସମ୍ପର୍କରେ ବିଡିଓ ଦୀପ୍ତିରାଣୀ ଦାସଙ୍କୁ ପଚାରିବାରେ ସରକାରଙ୍କ ନିୟମ ଅନୁସାରେ ବିପନ୍ନ କୈଳାସଙ୍କର ଫନୀରେ ଭାଙ୍ଗି ଯାଇଥିବା ଘର ତଦନ୍ତ କରାଯାଇଛି। ତଦନ୍ତ ଅନୁସାରେ ବିପନ୍ନଙ୍କୁ ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି ସେ କହିଥିଲେ।

ବୃଦ୍ଧାଙ୍କୁ ଅସଦାଚରଣ: ଅଭିଯୁକ୍ତ ଗିରଫ
ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିରେ ଥାନା ଘେରାଉ

ପୁରୀ ଅଫିସ,୨୨।୬: ପୁରୀ ସଦର ଥାନା ଅଞ୍ଚଳରେ ଜଣେ ବୃଦ୍ଧା(୭୦)ଙ୍କୁ ଅସଦାଚରଣ କରାଯାଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ଅଭିଯୁକ୍ତ ତଳଜଙ୍ଗର ରାମଚନ୍ଦ୍ର ସାହୁଙ୍କୁ ଶନିବାର ପୋଲିସ ଗିରଫ କରିଛି। ଅନ୍ୟପକ୍ଷରେ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିରେ ଶତାଧିକ ମହିଳା ସଦର ଥାନା ଘେରାଉ କରିଥିଲେ। ଅଭିଯୋଗ ଅନୁଯାୟୀ, ଶୁକ୍ରବାର ଭୋର ସମୟରେ ବୃଦ୍ଧା ଜଣଙ୍କ ଫୁଲ ତୋଳିବାକୁ ବାହାରିଥିଲେ। ଏହି ସମୟରେ ଅଭିଯୁକ୍ତ ରାମଚନ୍ଦ୍ର ତାଙ୍କୁ ଅସଦାଚରଣ କରିବା ସହ ମରଣାନ୍ତକ ଆକ୍ରମଣ କରିଥିବା ନେଇ ସେ ଥାନାରେ ଅଭିଯୋଗ କରିଥିଲେ। ଏହାପରେ ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଛି। ପୂର୍ବରୁ ଏକ ଅସଦାଚରଣ ଘଟଣାରେ ରାମଚନ୍ଦ୍ରଙ୍କ ମୁହଁରେ କଳା ବୋଳି, ଜୋତାମାଳ ପିନ୍ଧାଇ ତାଙ୍କୁ ଗ୍ରାମରୁ ବିତାଡ଼ିତ କରାଯାଇଥିଲା ବୋଲି ଗ୍ରାମବାସୀ କହିଛନ୍ତି। ସାମାଜିକ କର୍ମୀ ମମତା ପତି, ଭବାନୀ ମିଶ୍ର, ଗୀତା ସିଂ ପ୍ରମୁଖ କହିଛନ୍ତି, ଅଭିଯୁକ୍ତ ରାମଚନ୍ଦ୍ରଙ୍କ ଯୋଗୁ ଗ୍ରାମରେ ମହିଳାମାନେ ସୁରକ୍ଷିତ ନୁହନ୍ତି। ତାଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ସେମାନେ ଦାବି କରିଛନ୍ତି।

■ କୋଚିଆଖାଲରେ ପ୍ରଧାନମନ୍ତ୍ରୀ ଆବାସରେ ଚଞ୍ଚକତା ଘଟଣା

ଦୁର୍ନୀତି ଲୁଚାଇବାକୁ ପ୍ରଶାସନର ଚେଷ୍ଟା

ତଦନ୍ତ ବଦଳରେ ତରବରିଆ ଘର ନିର୍ମାଣକୁ ସୁଯୋଗ

ଖୋର୍ଦ୍ଧା ଅଫିସ,୨୨।୬

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଦେଉଳି ପଞ୍ଚାୟତ କୋଚିଆଖାଲ (କୁରୁମ) ଗାଁରେ ପ୍ରଧାନମନ୍ତ୍ରୀ ଆବାସ ଚଞ୍ଚକତା ଘଟଣାର ଗୁମର ଧୀରେ ଧୀରେ ଖୋଲୁଛି। ଅନ୍ୟ ଲୋକଙ୍କ ଘର ଦେଖାଇ ବିଲ୍ ପାସ୍ ଘଟଣା ସମ୍ପର୍କରେ ଶୁକ୍ରବାର 'ଧରିତ୍ରୀ' ଶିରୋନାମାରେ ଖବର ପ୍ରକାଶ ପାଇବା ପରେ ଦୁର୍ନୀତି ଲୁଚାଇବାକୁ ପ୍ରଶାସନ ଚେଷ୍ଟା ଚଳାଇଛି। ଅନ୍ୟପକ୍ଷେ ଏ ସମ୍ପର୍କରେ ଅଭିଯୋଗ ହେବା ପରେ ଖୋର୍ଦ୍ଧା ପିଡି ଡିଆରଡିଏ ସରୋଜ ମିଶ୍ର ଏହାର ତଦନ୍ତ ପାଇଁ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଅଭିଯୋଗକୁ ତଦନ୍ତ ରିପୋର୍ଟରେ ମିଥ୍ୟା ପ୍ରମାଣିତ କରିବାକୁ ପ୍ରଶାସନିକ ଅଧିକାରୀମାନେ ଲାଗି ପଡିଥିବା ଅଭିଯୋଗ ହୋଇଛି। ତଦନ୍ତ ବଦଳିରେ କାର୍ଯ୍ୟାଦେଶ ପାଇଥିବା ବ୍ୟକ୍ତି ବର୍ଷାରେ ଘର କାମ ତରବରିଆ ଭାବେ ଆରମ୍ଭ କରିଛନ୍ତି।

କୋଚିଆଖାଲର ସଦାଶିବ ବେହେରାଙ୍କ ଅଭିଯୋଗ ଅନୁଯାୟୀ, ମୋର ଏକ ଘର ନିଜସ୍ୱ ଅର୍ଥରେ ଛାତ ପତନ ପର୍ଯ୍ୟନ୍ତ ହୋଇଛି। ତେବେ ମୋ ଘରର ଫଟୋକୁ ସ୍ଥାନୀୟ ଜିଆରଏସ୍

ଜଣେ ବ୍ୟକ୍ତି ୩ କିସ୍ତି ଟଙ୍କା ନେବାପରେ ଘର ନିର୍ମାଣ ଆରମ୍ଭ କରିଛନ୍ତି।

ଉଠାଉଥିବା ଦେଖି ପ୍ରତିବାଦ କରିଥିଲି। ମୋ ପ୍ରତିବାଦ ଦେଖି ମୋତେ ୧୦ ହଜାର ଟଙ୍କା ଲାଞ୍ଚ ଯଚାଗଲା। ଏପରିକି ମୋ ନାଁରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ନିର୍ମାଣ କାର୍ଯ୍ୟାଦେଶ ଆସିଛି ବୋଲି କୁହାଗଲା। ଏସବୁ ପ୍ରଲୋଭନରେ ନ ପଡି ଅନିୟମିତତାର ଗୁମରକୁ ଖୋଜିଲି। ଏଭଳିସ୍ଥଳେ ମୋ ଘରର ଫଟୋଚିତ୍ର ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଜଣେ ହିତାଧିକାରୀଙ୍କ ଫାଇଲରେ ଦେଖି ଚକିତ ହୋଇପଡିଥିଲି। ଘଟଣାର ଯାଞ୍ଚ କରୁ କରୁ ମୋ ଗାଁର ଜଣେ ବ୍ୟକ୍ତି ଏହି ଅନିୟମିତତା କରିଥିବା ଜାଣିବାକୁ ପାଇଥିଲି। ମୋ ଘରକୁ ଦେଖାଇ ବ୍ୟକ୍ତି ଜଣକ ପ୍ରଥମ କିସ୍ତିରେ ୨୦ ହଜାର, ୨ୟ କିସ୍ତିରେ ୩୦ ହଜାର ଓ ତୃତୀୟ କିସ୍ତିରେ ୪୦ ହଜାର ଏପରି ମୋଟରେ ୯୦ ହଜାର ଟଙ୍କା ନେଇ ସାରିଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୧ ଲକ୍ଷ ୨୦ ହଜାର ଟଙ୍କା ଅନୁଦାନ ମିଳୁଛି। ଅନିୟମିତତା ମୁଁ ନ ଧରିଥିଲେ ଫାଇନାଲ ବିଲ୍ ହୋଇ ସାରନ୍ତାଣି। ତେବେ ଅନିୟମିତତା ଜାଣିବା ପରେ ପ୍ରଥମେ ବେଗୁନିଆ ବିଡିଓଙ୍କୁ ଅବଗତ କରାଇଥିଲି। ହେଲେ ବିଡିଓ ଅଭିଯୋଗ ଶୁଣି ତଦନ୍ତ ନ କରାଇ ମୋ ଉପରେ ବିରକ୍ତ ହୋଇଥିଲେ। ମୁଁ ପରେ ଗତ ୭ ତାରିଖରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଅନିୟମିତତା ସମ୍ପର୍କରେ ଖୋର୍ଦ୍ଧା ଜିଲାପାଳ, ପିଡି ଡିଆରଡିଏ, ପଞ୍ଚାୟତିରାଜ ସଚିବ, ପଞ୍ଚାୟତିରାଜ ମନ୍ତ୍ରୀଙ୍କୁ ଅବଗତ କରାଇଲି। ୧୮ ତାରିଖରେ ଏହାର ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ତେବେ ଅନିୟମିତତାର ତଦନ୍ତ କରାଯାଉନି। ବରଂ ଦୋଷ ଲୁଚାଇବାକୁ ଉଦ୍ୟମ ଚାଲିଛି। ତଦନ୍ତ ପୂର୍ବରୁ ଟଙ୍କା ନେଇଥିବା ବ୍ୟକ୍ତିଙ୍କୁ ତରବରିଆ ଭାବେ ଘର ନିର୍ମାଣ କରିବାକୁ ବିଡିଓ ଆସି କହି ଯାଇଥିଲେ। ଏ ନେଇ ଜିଆରଏସ୍ ସାଗର ପାହାଡ ସିଂଙ୍କ ଫୋନ ନଂ.୮୨୧୭ ୨୬୬୪୧୩ କୁ ଏକାଧିକବାର ଫୋନ କରାଯାଇଥିଲେ ମଧ କିଛି ସୂଚନା ମିଳି ନ ଥିଲା। ଏ ସଂକ୍ରାନ୍ତରେ ବେଗୁନିଆ ବିଡିଓ ରବିନାରାୟଣ ମାଝିଙ୍କୁ ପଚାରିବାରେ କୋଚିଆଖାଲରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଦୁର୍ନୀତି ହୋଇନାହିଁ। ତେବେ ଘର ନ ଥାଇ ୩ଟି କିସ୍ତିରେ ୯୦ ହଜାର ଟଙ୍କା ଉଠାଣ ହେବା ସମ୍ପର୍କରେ କହିବା ପରେ ଘର ହୋଇଛି, ସେ ନିଜେ ଯାଇ ତଦନ୍ତ କରିଛନ୍ତି ବୋଲି କହିଥିଲେ। ତେବେ ଦୁର୍ନୀତିକୁ ଚାପିବାକୁ ଯେଉଁ ତରବରିଆ ଘର ନିର୍ମାଣ ଚାଲିଛି ସେହି ଘର ପାଇଁ ୯୦ ହଜାର ଟଙ୍କା ମଞ୍ଜୁର କରାଇବା ନେଇ ପଚାରିବାରୁ ଠିକ୍ ଉତ୍ତର ଦେଇ ନ ପାରି ଫୋନ କାଟି ଦେଇଥିଲେ। ପିଡି ଡିଆରଡିଏ ସରୋଜ ମିଶ୍ରଙ୍କୁ ପଚାରିବାରୁ କୋଚିଆଖାଲ ପ୍ରଧାନମନ୍ତ୍ରୀ ଆଭାସ ଯୋଜନା ଦୁର୍ନୀତି ଅଭିଯୋଗ ମିଳିଛି। ଏହାର ତଦନ୍ତ ଚାଲିଛି। ତଦନ୍ତ ରିପୋର୍ଟ ପାଇବା ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

■ ଓଡ଼ିଶା ଇକୋ ଟୁରିଜମ୍ ଫାଉଣ୍ଡେଶନର ପ୍ରୟାସ

ଧରାଶାୟୀ ଗଛ ମୁଣ୍ଡ ଟେକିଲା

ଫାଉଣ୍ଡେଶନ ପକ୍ଷରୁ ସଳଖ କରାଯାଇଥିବା ଗଛ।

ପୁରୀ ଅଫିସ,୨୨।୬:

ବାତ୍ୟାରେ ପୁରୀ ଜିଲାରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ବହୁ ଘର ମାଟିରେ ମିଶିଥିବା ବେଳେ ଲକ୍ଷାଧିକ ଗଛ ଭାଙ୍ଗିଛି। ସେହିପରି ଅନେକ ଗଛ ଧରାଶାୟୀ ହୋଇଥିବାବେଳେ ଆଉ କେତେକ ଅଧା ନଇଁଛି। ଜଙ୍ଗଲ ବିଭାଗ ପକ୍ଷରୁ ନଇଁପଡ଼ିଥିବା ଗଛକୁ ସଳଖ କରାଯାଉଛି। ଓଡ଼ିଶା ଇକୋ ଟୁରିଜମ୍ ଫାଉଣ୍ଡେଶନ ମଧ ନିଜସ୍ୱ ଉଦ୍ୟମରେ ଧରାଶାୟୀ ହୋଇଥିବା ଗଛକୁ ଠିଆ କରିବା ପାଇଁ ପ୍ରୟାସ ଚଳାଇଛି। ଶନିବାର ପୁରୀ-କୋଣାର୍କ ରାସ୍ତାର ଭୂଦାନ ଛକଠାରେ ରାସ୍ତାକଡ଼ରେ ପଡ଼ିରହିଥିବା ଏକ ବରଗଛକୁ ଓଡ଼ିଶା ଇକୋ ଟୁରିଜମ୍ ଫାଉଣ୍ଡେଶନର ସଦସ୍ୟମାନେ ଉଠାଇବାରେ ସଫଳ ହୋଇଛନ୍ତି। ପରେ ଏହାର ମୂଳରେ ମାଟି ଓ ପାଣି ଦେଇଛନ୍ତି। ବାତ୍ୟାରେ ପ୍ରାୟ ୪୦ ବର୍ଷର ଏହି ପୁରାତନ ଗଛର ଡାଳ ଭାଙ୍ଗି ଯାଇଥିଲା। ଗଛଟି ରାସ୍ତା କଡ଼ରେ ପଡିଥିଲା। ମାତ୍ର ଏଥିରେ ପତ୍ର କଅଁଳିବା ପରେ ଫାଉଣ୍ଡେଶନ ପକ୍ଷରୁ ଏହି ଗଛକୁ ସଳଖିବାକୁ ଉଦ୍ୟମ କରାଯାଇଥିଲା। ଶୁକ୍ରବାର ଗୋଟିଏ ଜେସିବି ଥିବାରୁ ସଦସ୍ୟମାନେ ଏଥିରେ ସଫଳ ହୋଇ ନ ଥିଲେ। ଶନିବାର ୨ଟି ଜେସିବି ନେଇ ପ୍ରାୟ ୪ଘଣ୍ଟା ପରିଶ୍ରମ କରି ଗଛଟିକୁ ସଳଖିବାରେ ସକ୍ଷମ ହୋଇଥିଲେ ବୋଲି ଫାଉଣ୍ଡେଶନର ଯୁଗବ୍ରତ କର କହିଛନ୍ତି। ଆଗକୁ ଏହି କାର୍ଯ୍ୟ ଜାରି ରହିବ ବୋଲି ସେ କହିଛନ୍ତି। ଏହି କାର୍ଯ୍ୟରେ ଧନଞ୍ଜୟ ମଲ୍ଲିକ, ଉମା ରାଉତରାୟ, ବ୍ରହ୍ମାନନ୍ଦ ସାହୁ, ପ୍ରମୋଦ ଆଚାର୍ଯ୍ୟ ପ୍ରମୁଖ ସାମିଲ ଥିଲେ। ପୁରୀ ମ୍ୟୁନିସିପାଲିଟିର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଦେବଦତ୍ତ ଷଡ଼ଙ୍ଗୀ ଫାଉଣ୍ଡେଶନକୁ ଏହି କାର୍ଯ୍ୟରେ ସହଯୋଗ କରିଥିଲେ।

■ ଜିଲାସ୍ତରୀୟ ଯୁବ ସମ୍ମିଳନୀ

'ବିବେକାନନ୍ଦ ଯୁବ ସମାଜର ପ୍ରତୀକ'

କୋଣାର୍କ, ୨୨।୬(ଡି.ଏନ୍.ଏ.)

ଭାରତସରକାରଙ୍କ କ୍ରୀଡ଼ା ଓ ଯୁବବ୍ୟାପାର ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ ନେହେରୁ ଯୁବକେନ୍ଦ୍ର ପକ୍ଷରୁ ଏକ ଜିଲାସ୍ତରୀୟ ଯୁବ ସମ୍ମିଳନୀ କୋଣାର୍କସ୍ଥିତ ଭେଙ୍କେଟେଶ୍ୱର ବିଦ୍ୟାଳୟ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ମୁଖ୍ୟଚିକିତ୍ସାଧିକାରୀ ଡ. ବ୍ରଜମୋହନ ସିଂ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଯୁବ ସମାଜ ମାନସିକ ଭାରସାମ୍ୟ ରକ୍ଷାକରି ସାମାଜିକ କ୍ଷେତ୍ରରେ କାର୍ଯ୍ୟ କରିବା ପାଇଁ ସଂଗଠିତ ହେବାକୁ ଆହ୍ୱାନ ଦେବା ସହ ବିବେକାନନ୍ଦ ଯୁବସମାଜର ପ୍ରତୀକ ବୋଲି ଡ. ସିଂ କହିଥିଲେ। ବସନ୍ତ ମଞ୍ଜରୀ ପାଠାଗାରର ସମ୍ପାଦକ ରାମକୃଷ୍ଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ

ସମ୍ମିଳନୀରେ ମଞ୍ଚାସୀନ ଅତିଥିବୃନ୍ଦ।

ମଧ୍ୟରେ ସରିତା ମହାପାତ୍ର, ନବୋଦୟ ବିଦ୍ୟାଳୟର ଅଧ୍ୟକ୍ଷ ଡି.ମାଲେଶ୍ୱର ରାଓ, ଭେଙ୍କେଟେଶ୍ୱର ବିଦ୍ୟାଳୟର ପ୍ରତିଷ୍ଠାତା ଗୁଣନିଧି ମୁଦୁଲି, ନେହେରୁ ଯୁବକେନ୍ଦ୍ର ପୁରୀର ଜିଲା ସଂଯୋଜକ ଜୟଶଙ୍କର ଯୋଶି, ଅଗ୍ନିଶମ ଅଧିକାରୀ ବିଚିତ୍ର ଚୌଧୁରୀ, ପ୍ରବାସୀ ଭାରତୀୟ ରାଜ ସିଂ, ଏଫଆଇଡିଆର୍‌ର ଅଧ୍ୟକ୍ଷ ଚାରୁଦତ୍ତ ପ୍ରାଣିଗ୍ରାହୀ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ରୁଶଭ ସିଂଙ୍କୁ 'ଯୁବପ୍ରତିଭା' ସମ୍ମାନରେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଦିଲୀପ ଜେନା, ଶୁଭ୍ରାଂଶୁ ସେଠୀ, ସୁନୀଲ ନାୟକ, ମାନସ କୁମାର ମୁଦୁଲି, ଦିଲୀପ କୁମାର ନାୟକ, ଜସଶ୍ରୀ ରାୟ ପ୍ରମୁଖ ପରିଚାଳନା କରିଥିଲେ। ଶେଷରେ ଆରପିଡିଓର ସମ୍ପାଦକ ଭାଗୀରଥି ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

ଚନ୍ଦ୍ରଭାଗାଠାରେ ବାତ୍ୟା ବିପନ୍ନଙ୍କୁ ରିଲିଫ ବଣ୍ଟନ

କୋଣାର୍କ, ୨୨।୬(ଡି.ଏନ୍.ଏ.)

ଚନ୍ଦ୍ରଭାଗା ବଜାରଠାରେ ପୁରୀ ଜିଲା କେନ୍ଦ୍ରୀୟ ମସ୍ୟ ସମବାୟ ମହାସଂଘ ଆନୁକୂଲ୍ୟରେ ରାମକୃଷ୍ଣ ମିଶନ ପୁରୀ ସହଯୋଗରେ କୋଣାର୍କ ଏନ୍ଏସି ୮ନଂ ୱାର୍ଡ ଚନ୍ଦ୍ରଭାଗା ନୋଳିଆ ସାହିରେ ଶନିବାର ବାତ୍ୟା ବିପନ୍ନଙ୍କୁ ରିଲିଫ ବଣ୍ଟନ କରାଯାଇଛି। କେନ୍ଦ୍ରୀୟ ମସ୍ୟ ସମବାୟ ମହାସଂଘର ସଭାପତି ମଧୁସୂଦନ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଏହି ବସ୍ତିର ପ୍ରାୟ ୧୩ଶହ ବଡ଼ ବିପନ୍ନଙ୍କୁ ଶାଢ଼ି, ଲୁଙ୍ଗି, ଗାମୁଛା ଓ ମଶାରି ଆଦି ସାମଗ୍ରୀ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ରାମକୃଷ୍ଣ ମିଶନର ସ୍ୱାମୀ ଅପ୍ତେଶ୍ୱରାନନ୍ଦ, ସ୍ୱାମୀ ଯୋଗପୂର୍ଣ୍ଣା ନନ୍ଦ, ସ୍ୱାମୀ କ୍ରିଷ୍ଟରୂପା ନନ୍ଦ, ବ୍ରହ୍ମଚାରୀ ରାକେଶ, ବିଦ୍ୟାଧର ଜେନା, ସୁଶାନ୍ତ ନାୟକ,ପ୍ରଭାକର ପ୍ରଧାନ, ତ୍ରିଲୋଚନ ସାହୁ, ପ୍ରିୟରଞ୍ଜନ ରଥ ଓ ସୁନୀଲ କୁମାର ନାୟକ ପ୍ରମୁଖ ସହଯୋଗ କରିଥିଲେ।

'ଓଡ଼ିଶାର ପରିଚୟ, ସୁନାମ ବୃଦ୍ଧି ପାଇଁ ତତ୍ପର ହୁଅ'

ଭୁବନେଶ୍ୱର, ୨୨।୬(ବ୍ୟୁରୋ)

ସୂଚନା ଓ ଲୋକସମ୍ପର୍କ ବିଭାଗ ପ୍ରଶାସନ ଏବଂ ଜନସାଧାରଣଙ୍କ ମଧ୍ୟରେ ସମନ୍ୱୟ ରକ୍ଷାପୂର୍ବକ ଏହାର କାର୍ଯ୍ୟକ୍ରମକୁ ସକ୍ରିୟ କରିବା ନିମନ୍ତେ ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ ଶନିବାର ପରାମର୍ଶ ଦେଇଛନ୍ତି। ଓଡ଼ିଶାର ପ୍ରମୁଖ ପରିଚିତ, ପ୍ରତିଷ୍ଠା, ବିକାଶଧାରାର ଚିତ୍ର ରାଜ୍ୟ ଓ ରାଜ୍ୟ ବାହାରେ ବ୍ୟାପକ ଭାବେ ପ୍ରଚାର ଏବଂ ପ୍ରସାରିତ କରିବାକୁ ଆଭିମୁଖ୍ୟ ଗ୍ରହଣ କରି ବିଭାଗ କ୍ରିୟାଶୀଳ ହେବ ବୋଲି ମନ୍ତ୍ରୀ ଆଶା ପ୍ରକଟ କରିଛନ୍ତି। ଅପରାହ୍ନରେ ଗୀତଗୋବିନ୍ଦ ସଦନରେ ମନ୍ତ୍ରୀ ବିଭାଗୀୟ କାର୍ଯ୍ୟକ୍ରମ ଉପରେ ସମୀକ୍ଷା ବିଭାଗର ପଦାଧିକାରୀ ତଥା କର୍ମଚାରୀମାନେ ଓଡ଼ିଶାର ପରିଚୟ ଓ ସୁନାମ ବୃଦ୍ଧି ନିମନ୍ତେ ତତ୍ପର ହେବା ଆବଶ୍ୟକ। ବୈଠକ ଆରମ୍ଭରେ ବିଭାଗର କମିଶନର ତଥା ଶାସନ ସଚିବ ସଞ୍ଜୟ କୁମାର ସିଂହ କହିଥିଲେ, ବିଭାଗରେ ଖୁବ୍‌ଶୀଘ୍ର ଅଡିଓ-ଭିଡିଓ ଅଭିଲେଖାଗାର ପ୍ରତିଷ୍ଠା ପାଇଁ ଉଦ୍ୟମ ଆରମ୍ଭ ହେଉଛି। ଏହି ଅବସରରେ ମନ୍ତ୍ରୀଙ୍କୁ ଗଣମାଧ୍ୟମ-ସମନ୍ୱୟ, ସମ୍ବାଦ ପରିବେଷଣ, ଉତ୍ସବ-ଅନୁଷ୍ଠାନ ପାଳନ, ନିୟମିତ ପ୍ରକାଶନ, ବିଶେଷ ଉତ୍ସବ ପରିଚାଳନା, ଭିଭିଆଇପି ପରିଦର୍ଶନ ସମୟରେ ଶୃଙ୍ଖଳା ଓ ମିଡିଆ କାର୍ଯ୍ୟାନୁଷ୍ଠାନ, ସାମ୍ବାଦିକ କଲ୍ୟାଣ, କ୍ଷେତ୍ର ପ୍ରଚାର, ବାଣିଜ୍ୟମେଳାରେ ଅଂଶଗ୍ରହଣ, ଛାପା ଓ ଇଲେକ୍ଟ୍ରୋନିକ୍ ଗଣମାଧ୍ୟମରେ ତଥ୍ୟ-ବିବରଣୀ-ବିଜ୍ଞାପନ ପ୍ରଚାର ପ୍ରସାର ଉପରେ ମନ୍ତ୍ରୀ ଦାସଙ୍କୁ ଅବଗତ କରାଯାଇଥିଲା। ବୈଠକରେ ବିଭାଗୀୟ ନିର୍ଦ୍ଦେଶକ ଲକ୍ଷ୍ମୀଧର ମହାନ୍ତି, ଯୁଗ୍ମ ଶାସନ ସଚିବ ଶୁଭେନ୍ଦ୍ର କୁମାର ନାୟକ, ଅତିରିକ୍ତ ନିର୍ଦ୍ଦେଶକ ନିରଞ୍ଜନ ସେଠୀ, ଉପଶାସନ ସଚିବ ଦୁର୍ଗାପ୍ରସାଦ ମହାରଣା, ଦୁର୍ଯ୍ୟୋଧନ ବେହେରା, ଉପନିର୍ଦ୍ଦେଶକ ବିପିନ ବିହାରୀ ବାରିକଙ୍କ ସମେତ ଅନ୍ୟ ପଦାଧିକାରୀ ଉପସ୍ଥିତ ଥିଲେ।

ଗଛ ମୂଳେ ବଡ଼ ଠାକୁରଙ୍କ ବିଗ୍ରହ

ପୁରୀ ଅଫିସ, ୨୨।୬:

ବାତ୍ୟା ଫନୀ କାହାକୁ ଛାଡ଼ିନି। ଅନେକଙ୍କୁ ବେଘର କରିଦେଇଥିବାବେଳେ ଆଉ କାହାର ପରିଜନଙ୍କୁ ଛଡ଼ାଇ ନେଇଛି। ଏ ପର୍ଯ୍ୟନ୍ତ ବାତ୍ୟାର ବିଭୀଷିକା ବିଭିନ୍ନ ସ୍ଥାନରେ ସ୍ପଷ୍ଟ ବାରି ହୋଇପଡୁଛି। କେଉଁଠି ଭଙ୍ଗାଘର ସେମିତି ପଡ଼ିରହିଛି ତ ଆଉ କେଉଁଠି ବଡ଼ ବଡ଼ ଗଛ ଧରାଶାୟୀ ହୋଇରହିଛି। ବାତ୍ୟାର ଦେଢ ମାସ ପରେ ଆଉ ଏକ ଚିତ୍ର ପଦାକୁ ଆସିଛି। ଗଛ ମୂଳେ ପଡିଛନ୍ତି ବଡ଼ଠାକୁର। ଶୁଣିବାକୁ ବୋଧହୁଏ ଏହା ଅନେକଙ୍କୁ ଅଡୁଆ ଲାଗିପାରେ। ହେଲେ ପୁରୀ ସହରସ୍ଥ ଗାନ୍ଧୀପାର୍କ ପରିସରରେ ଥିବା ଏକ ଗଛ ମୂଳେ ବଡ଼ଠାକୁର ବଳଭଦ୍ରଙ୍କ ଦାରୁବିଗ୍ରହ ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଥିବା ଶନିବାର ଦେଖିବାକୁ ମିଳିଛି। ଏହି ମୂର୍ତ୍ତିର ଗୋଟିଏ ହାତ ନ ଥିବାବେଳେ ଆଉ ଗୋଟିଏ ହାତ ଭାଙ୍ଗିଯାଇଛି। ଫନୀର ତାଣ୍ଡବରେ ଏହି ମୂର୍ତ୍ତି କେଉଁଆଡୁ ଉଡ଼ିଆସି ପାର୍କରେ ପଡ଼ିଥିବା ଅନୁମାନ କରାଯାଉଛି।

ବାରଙ୍ଗରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଉଦ୍‌ଘାଟିତ

ନରାଜ,୨୧।୬(ଡି.ଏନ୍.ଏ.)

ବାରଙ୍ଗ ବ୍ଲକର ଓଡ଼ିଶା ଆଦର୍ଶ ବିଦ୍ୟାଳୟକୁ ଶୁକ୍ରବାର ଗୋଡିସାହି ନୋଡାଲ ଉଚ୍ଚ ବିଦ୍ୟାଳୟରେ ବାରଙ୍ଗ ମଣ୍ଡଳ ଶିକ୍ଷା ଅଧିକାରୀ ତଥା ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ନରେନ୍ଦ୍ର କୁମାର ବେହେରାଙ୍କ କରକମଳରେଉଦ୍‌ଘାଟିତ ହୋଇଯାଇଛି। ଗୋଡିସାହି ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋସ୍ନାମୟୀ ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ପ୍ରଧାନଶିକ୍ଷକ ବେହେରା ଆଦର୍ଶ ବିଦ୍ୟାଳୟ ଗଠନର ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଗଠନରେ ଉଭୟ ଶିକ୍ଷକ ଓ ଅଭିଭାବକମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ସଚେତନ କରାଇଥିଲେ।

ଧୂପକାଠି ମେଶିନ ଦେଲା ଆଇଟିସି

ଭୁବନେଶ୍ୱର, ୨୨।୬(ବ୍ୟୁରୋ)

ଓଡ଼ିଶା ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଅଧୀନରେ ଥିବା ଓଡ଼ିଶା ଗ୍ରାମୀଣ ବିକାଶ ଓ ବିପଣନ ସମିତି (ଓର୍ମାସ୍) ତରଫରୁ, ଚିଲିକା ବ୍ଲକ ଅନ୍ତର୍ଗତ ବଡ଼କୂଳ ଗାଁରେ ଶୁକ୍ରବାର ଧୂପକାଠି ମେଶିନ ପ୍ରଦାନ କରାଯାଇଛି। ଭାରତୀୟ ବହୁରାଷ୍ଟ୍ରୀୟ କମ୍ପାନୀ ଆଇଟିସି ପକ୍ଷରୁ, ବଡ଼କୂଳର ଭାଗ୍ୟଲକ୍ଷ୍ମୀ ଅଗରବତୀ ଉତ୍ପାଦକ ଗୋଷ୍ଠୀକୁ ୧୦ଟି ଧୂପକାଠି ତିଆରି ମେଶିନ ପ୍ରଦାନ କରାଯାଇଛି। ଏହି ଅବସରରେ ବଡ଼କୂଳ କ୍ଲବ ଘର ନିକଟରେ ଆୟୋଜିତ ସଭାରେ ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ମୁଖ୍ୟଅତିଥି ଭାବେ ଯୋଗଦେଇ ଓର୍ମାସ୍ ଏବଂ କମ୍ପାନୀର ଏହି ଉଦ୍ୟମକୁ ପ୍ରଶଂସା କରିଥିଲେ। ସଭାରେ ଅନ୍ୟମାନଙ୍କ

ଆଇଟିସି ପକ୍ଷରୁ ଦିଆଯାଇଥିବା ଧୂପକାଠି ମେଶିନକୁ ଅତିଥି ଦେଖୁଛନ୍ତି।

ମଧ୍ୟରେ ଓର୍ମାସ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ମୃତିରଞ୍ଜନ ପ୍ରଧାନ, ଓରମାସ୍‌ର ଡେପୁଟି ଡାଇରେକ୍ଟର ମାର୍କେଟିଂ ସୁଜୟ କର ଏବଂ ଆଇଟିସି ଅଧିକାରୀ ଉପସ୍ଥିତ ଥିଲେ। ଓର୍ମାସ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଏହି ଅଭିଯାନ ଗ୍ରାମୀଣ ମହିଳାମାନଙ୍କ ଆର୍ଥିକ ସ୍ଥିତିରେ କିଭଳି ଉନ୍ନତି ଆଣି ପାରିବ ସେ ଦିଗରେ ଆଲୋକପାତ କରିଥିଲେ।

■ ବିନୋଦ କାନୁନ୍‌ଗୋ ରାଜ୍ୟସ୍ତରୀୟ ଶ୍ରାଦ୍ଧୋତ୍ସବ

ବିବେକର ଆହ୍ୱାନରେ ସେ ଥିଲେ ଜ୍ଞାନମନସ୍କ

ଭୁବନେଶ୍ୱର, ୨୨।୬(ବ୍ୟୁରୋ)

ସ୍କୁଲ ଜୀବନରୁ ସ୍ୱାଧୀନତା ସଂଗ୍ରାମର ଡାକରାରେ ସତ୍ୟାଗ୍ରହୀ ପାଲଟିଥିବା ବିନୋଦ କାନୁନ୍‌ଗୋ ପରବର୍ତ୍ତୀ ସମୟରେ ବିବେକର ଆହ୍ୱାନରେ ଜ୍ଞାନମନସ୍କ ହୋଇଥିଲେ। ଜଣେ ସୁପ୍ରସିଦ୍ଧ ଲେଖକ, ସ୍ୱାଧୀନତାସଂଗ୍ରାମୀ, ଗାନ୍ଧୀବାଦୀ, ଉତ୍ତମ ଶିକ୍ଷକ, ସମାଜ ସଂସ୍କାରକ ଓ ଜ୍ଞାନମଣ୍ଡଳର ପ୍ରଣେତା ଭାବେ ପଦ୍ମଶ୍ରୀ ବିନୋଦ ସ୍ମରଣୀୟ ରହିବେ ବୋଲି ରାଜ୍ୟସ୍ତରୀୟ ଶ୍ରାଦ୍ଧୋତ୍ସବରେ ଅତିଥିମାନେ କହିଛନ୍ତି। ଓଡ଼ିଶା ସାହିତ୍ୟ ଏକାଡେମୀ ଆନୁକୂଲ୍ୟରେ ଶନିବାର ପାନ୍ଥନିବାସରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କଥାକାର ଓ ସ୍ତମ୍ଭକାର ଡ. ଗୌରହରି ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଗାଳ୍ପିକ, ନାଟ୍ୟକାର ତଥା ଅନୁବାଦକ ସୀତେଶ ତ୍ରିପାଠୀ ଯୋଗଦେଇଥିଲେ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅତିରିକ୍ତ ଶାସନ ସଚିବ ତଥା ନିର୍ଦ୍ଦେଶକ ବିଜୟ କୁମାର ନାୟକ, ଏକାଡେମୀର ସଭାପତି ନାଟ୍ୟକାର ତଥା କବି ହରିହର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଡ. ଜୟନ୍ତୀ ରଥ ସ୍ୱାଗତ ଭାଷଣ ସମେତ ଶ୍ରାଦ୍ଧୋତ୍ସବ ପାଳନର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଶେଷରେ ସଞ୍ଜୟ ଛୁଆଳସିଂହ ଧନ୍ୟବାଦ ଦେଇଥିଲେ।

■ ଜବରଦଖଲ, ବେଆଇନ ନିର୍ମାଣ କାଳ

ବର୍ଷାରେ ବୁଡ଼ିବ ବୈତାଳ ମନ୍ଦିର

ପୁରୁଣା ଭୁବନେଶ୍ୱର,୨୨।୬(ଡି.ଏନ.ଏ.)

ବର୍ଷ ଋତୁ ଆରମ୍ଭ ହୋଇଯାଇଛି। ବର୍ଷା ପାଇଁ ଜୀବଜଗତ ଆନନ୍ଦିତ ହୋଇଥିବାବେଳେ ମନ୍ଦିର ମାଳିନୀ ଭୁବନେଶ୍ୱର ସହରରେ ଥିବା ମନ୍ଦିରଗୁଡ଼ିକର ରକ୍ଷଣାବେକ୍ଷଣ ଚିନ୍ତା ବିଭାଗକୁ ଘାରିଛି। ତେବେ କେନ୍ଦ୍ରୀୟ ପ୍ରତ୍ନତତ୍ତ୍ୱ କି ରାଜ୍ୟ ପର୍ଯ୍ୟଟନ ବିଭାଗ କିମ୍ବା ବିଏମ୍‌ସିର ଅଧିକାରୀଙ୍କର ମୁଣ୍ଡ ବିନ୍ଧାର କାରଣ ପାଲଟିଛି। ସେଥିମଧ୍ୟରେ ଏକାମ୍ର କ୍ଷେତ୍ରର ଅନେକ ମଠ ମନ୍ଦିର ଶତା ହରାଇବାକୁ ବସିଥିବା ବେଳେ ତ୍ରୟୋଦଶ ଶତାବ୍ଦୀର ବୈତାଳ ମନ୍ଦିର ଏହାର ଏକ ଜ୍ୱଳନ୍ତ ଉଦାହରଣ। ମନ୍ଦିର ଚାରି ପାର୍ଶ୍ୱରେ ଜନବସତି ଗଢି ଉଠିବା, ମନ୍ଦିରରୁ ଜଳ ନିଷ୍କାସନ ପଥ ଅବରୋଧ କରିଯିବା ଦ୍ୱାରା ଏହି ମନ୍ଦିର ସମ୍ପ୍ରତି ବର୍ଷାଦିନେ ଜଳାର୍ଣ୍ଣବ ହୋଇପଡୁଛି। ତେଣୁ ମନ୍ଦିର ଚାରି ପାର୍ଶ୍ୱରେ ଦୀର୍ଘଦିନ ଧରି ପାଣି ବୁଡ଼ି ରହିବା ଦ୍ୱାରା ବିଭିନ୍ନ ପାର୍ଶ୍ୱ ଦେବଦେବୀ, ଜୀବଜନ୍ତୁ, ଦେବତା, ବାହାନଗୁଡିକର ପଥର ପ୍ରତିକୃତି ନଷ୍ଟ ହେବାକୁ ଲାଗିଲାଣି। ସେହିଭଳି ମନ୍ଦିର ଭିତରେ ପୂଜା ପାଉଥିବା ମା' ଅଷ୍ଟଭୂଜା, ମା' ଚାମୁଣ୍ଡାଙ୍କ ପ୍ରତିମୂର୍ତ୍ତି ମଧ ଧ୍ୱଂସ ହେବା ଅବସ୍ଥାରେ। ଏଭଳି ସମସ୍ୟା ବିଗତ ୧୫ ବର୍ଷ ପୂର୍ବରୁ ଦେଖା ଦେଇଥିଲେ ହେଁ କର୍ତ୍ତୃପକ୍ଷ ହାଲକା ଭାବେ ଗ୍ରହଣ କରି ନିଷ୍କାସିତ ପଥ ଅବରୋଧ କରୁଥିବା ଜବରଦଖଲକାରୀଙ୍କ ପ୍ରତି କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବାରୁ ଏଭଳି ସମସ୍ୟା ପ୍ରତିବର୍ଷ ଦେଖାଦେଉଛି। ଇତିମଧ୍ୟରେ ମନ୍ଦିରଠାରୁ ୨୦୦ ମିଟର ଦୂରରେ କୌଣସି ବେଆଇନ

କୋଠା ନିର୍ମାଣ ନ ହେବାକୁ ଏଏସ୍ଆଇର ଗାଇଡ଼ ଲାଇନ ଥିବାବେଳେ ଏଠାରେ କିନ୍ତୁ ସମ୍ପୂର୍ଣ୍ଣ ବ୍ୟତିକ୍ରମ ଦେଖାଦେଇଛି। ୧୫୦ ମିଟର ଦୂରତାରେ ମନ୍ଦିର ଚାରିପଟୁ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ମନ୍ଦିରକୁ ଲୁକାୟିତ କରି ରଖିଛି। ତେଣୁ ଜବରଦଖଲକାରୀଙ୍କୁ କୌଣସି ବିଭାଗୀୟ ଅଧିକାରୀମାନେ ନିଜ କାର୍ଯ୍ୟକାଳ ମଧ୍ୟରେ ପ୍ରୋତ୍ସାହନ ଦେବା ଗୋଟିଏ ମୂଳ କାରଣ ଅଟେ। ପରବର୍ତ୍ତୀ ସମୟରେ ଏହି ଜବରଦଖଲକୁ ଭାଙ୍ଗିବା ନେଇ ନୂତନ ଅଧିକାରୀଙ୍କ ସମୟ ସରି ଯାଇଥାଏ। ମୋଟ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ନ ହେବାରୁ ଏହି ଅଞ୍ଚଳରେ ଥିବା ଅନେକ ଐତିହ୍ୟ ମଠ, ମନ୍ଦିର ଏବେ ଲୋକଲୋଚନରୁ ଦୂରେଇ ଯିବାକୁ ବସୁଛି। ତେଣୁ ବିଭାଗୀୟ ଅଧିକାରୀମାନେ ଏଥିପ୍ରତି ଦୃଷ୍ଟିଦେଇ ଜବରଦଖଲକାରୀଙ୍କୁ ହଟାଇ ପାରିଲେ ଏଭଳି ଐତିହ୍ୟ ମନ୍ଦିରଗୁଡିକର କୀର୍ତ୍ତିରାଜି ବଞ୍ଚି ରହିବା ସହ ମନ୍ଦିରର ସୁରକ୍ଷା ଏବଂ ଅସ୍ତିତ୍ୱ ବଜାୟ ରହିବ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି।